ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା,
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
୨୦୧୬-୨୦୧୮ ଅନୁଯାୟୀ ଲିଖିତ
ପତ୍ର ମାଧ୍ୟମ ଶିକ୍ଷା (+୨) କଳା, ଦ୍ୱିତୀୟ ବର୍ଷ

# ଭାରତ ଇତିହାସ

(ଦ୍ୱାଦଶ ଶ୍ରେଣୀ)

୨୦୧୬-୨୦୧୮

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା,ଭୁବନେଶ୍ୱର

**COUNCIL OF HIGHER SECONDARY EDUCATION
ODISHA,BHUBANESWAR-2017**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା,
ଦ୍ୱାରା ଅନୁମୋଦିତ ନୂତନ ପାଠ୍ୟକ୍ରମ
୨୦୧୬-୨୦୧୮ ଅନୁଯାୟୀ ଲିଖିତ
ପତ୍ର ମାଧ୍ୟମ ଶିକ୍ଷା (+୨) କଳା, ଦ୍ୱିତୀୟ ବର୍ଷ

# ଭାରତ ଇତିହାସ

(ଦ୍ୱାଦଶ ଶ୍ରେଣୀ)

୨୦୧୬-୨୦୧୮


ଲେଖକ ମଣ୍ଡଳୀ

ଡକ୍ଟର ଫଣିନ୍ଦ୍ରମ ଦେଓ
ଅବସରପ୍ରାପ୍ତ ଅଧ୍ୟକ୍ଷ
ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ
ଖଡିଆଳ, ନୂଆପଡା

ଶ୍ରୀ ଲକ୍ଷ୍ମୀଧର ରାଉତ
ଅବସରପ୍ରାପ୍ତ ଅଧ୍ୟକ୍ଷ
ବଣାଇଗଡ ମହାବିଦ୍ୟାଳୟ
ବଣାଇଗଡ, ସୁନ୍ଦରଗଡ



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, ଭୁବନେଶ୍ୱର

COUNCIL OF HIGHER SECONDARY EDUCATION
ODISHA, BHUBANESWAR-2017

# ମୁଖବନ୍ଧ

୨୦୧୬-୧୮ ଶିକ୍ଷାବର୍ଷ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭାରତ ଇତିହାସ ପାଠ୍ୟକ୍ରମର ପୁର୍ନଗଠନ କରିଛନ୍ତି । ଏହା ଉଭୟ ନିୟମିତ ଓ ପତ୍ର ମାଧମରେ ଶିକ୍ଷା ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ । ଏହି ପରିପ୍ରେକ୍ଷୀରେ ପତ୍ର ମାଧମରେ ଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଷଦ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶନର ବ୍ୟବସ୍ଥା କରିଛନ୍ତି । ଯେହେତୁ ଏହି ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଦାନ ବ୍ୟବସ୍ଥାରେ ଅଂଶଗ୍ରହଣ କରି ପାରୁନାହାନ୍ତି, ତେଣୁ ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅତି ସହଜ, ଓ ବୋଧଗମ୍ୟ ଭାଷାରେ ଏହି ପୁସ୍ତକଟି ରାଜ୍ୟର ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ବିଶେଷ କରି ପରିଷଦ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ସଂକ୍ଷିପ୍ତ, ଅତି ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତର ବିଶିଷ୍ଟ ପ୍ରଶ୍ନାବଳୀର ପ୍ରଶ୍ନ ଉତ୍ତର ନିଶ୍ଚିତ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।

**ଅମରେନ୍ଦ୍ର ପଟ୍ଟନାୟକ**
ଅଧ୍ୟକ୍ଷ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଭୁବନେଶ୍ୱର

# ମୁଖଶାଳା

ଭାରତ ଇତିହାସରେ ବିଭିନ୍ନ ତଥ୍ୟାବଳୀର ବିଚାର କରି ବିଗତ ଦିନର ଚିତ୍ର ଉପସ୍ଥାପନ କରାଯାଇଛି । ତଥ୍ୟମାନଙ୍କ ସଂଗ୍ରହ ଓ ବିଶ୍ଳେଷଣ କରି ଅତୀତର ପୁନର୍ଗଠନ ହୋଇଛି । ଇତିହାସକାର, ଗବେଷକ, ପ୍ରତ୍ନତତ୍ତ୍ୱବିତ୍ ଏବଂ ଲିପି ତତ୍ତ୍ୱବିତ୍‌ମାନଙ୍କ ପ୍ରଚେଷ୍ଟାରେ ଭାରତ ତଥା ଓଡିଶା ଇତିହାସ ଋଦ୍ଧିମନ୍ତ ହୋଇଛି । ତଥାପି ଅନେକ ଦିଗ ଉପରେ ଆଲୋକପାତ ପାଇଁ ଅହରହ ଚେଷ୍ଟା ଚାଲିଛି । ପ୍ରତିଦିନ ନୂତନ ତଥ୍ୟ ଉନ୍ମୋଚିତ ହୋଇ ବ୍ୟାଖ୍ୟା ଚାଲିଛି ।

ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡର ଦୂରନିରନ୍ତର ଶିକ୍ଷାର କଳା ବିଦ୍ୟାର୍ଥୀମାନଙ୍କ ପାଇଁ ଭାରତର ଇତିହାସ ପ୍ରଣୟନ କରିବା ଆମ୍ଭମାନଙ୍କ ପକ୍ଷେ ଏକ ଗୌରବର କଥା । ୨୦୧୬-୧୮ ଉଚ୍ଚ ମାଧ୍ୟମିକ ବୋର୍ଡର ନୂତନ ସିଲାବସ ଅନୁସାରେ ଏ ପୁସ୍ତକ ରଚନା କରାଯାଇଛି । ପ୍ରତ୍ୟେକ ଅଧ୍ୟାୟକୁ ଉପସ୍ଥାପନାରେ ମୁଖ୍ୟ ପ୍ରସଙ୍ଗକୁ ଗୁରୁତ୍ୱ ଦିଆହୋଇଛି । ପ୍ରତ୍ୟେକ ଅଧ୍ୟାୟ ଶେଷରେ ସାରାଂଶ ଓ ପ୍ରଶ୍ନାବଳୀ ସ୍ଥାନିତ ହୋଇଛି ।

ଏ ପୁସ୍ତକ ରଚନା ପାଇଁ ବହୁ ଇତିହାସ ସମ୍ପର୍କିତ ପାଠ୍ୟପୁସ୍ତକର ସାହାଯ୍ୟ ନିଆଯାଇଛି ଏବଂ ସେଥିପାଇଁ ଲେଖକମଣ୍ଡଳୀ ସେହି ପାଠ୍ୟ ପୁସ୍ତକମାନଙ୍କର ଲେଖକ ଲେଖିକାମାନଙ୍କ ନିକଟରେ କୃତଜ୍ଞ । ପୁସ୍ତକରେ କେତେକ ମୁଦ୍ରଣ ତ୍ରୁଟି ରହିଥାଇପାରେ । ସେ ନିମନ୍ତେ ପାଠକ ପାଠିକାଙ୍କଠାରୁ କ୍ଷମା ଆଶା କରୁଛୁ । ପୁସ୍ତକରେ ଥିବା ତ୍ରୁଟି ପାଇଁ ଲେଖକମଣ୍ଡଳୀ ମୁଖ୍ୟତଃ ଦାୟୀ । ପୁସ୍ତକ ଉପରେ ଗଠନାତ୍ମକ ସମାଲୋଚନା ଲେଖକମଣ୍ଡଳୀ ଆବଶ୍ୟକ କରେ । ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ଏହି ପୁସ୍ତକକୁ ବ୍ୟବହାର କରି ଉପକୃତ ହେଲେ ଲେଖକ ମଣ୍ଡଳୀର ଶ୍ରମ ସାର୍ଥକ ହେବ ।

**ଲେଖକ ମଣ୍ଡଳୀ**

# ବିଷୟ ସୂଚୀ


| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ ଅଧ୍ୟାୟ | ଭାରତ ଇତିହାସ ଉପାଦାନ:<br>ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ ବୈଦେଶିକ ବିବରଣୀ ଓ<br>ଅଭିଲେଖାଗାରୀୟ ତଥ୍ୟ | ୧-୧୦ |
| ଦ୍ୱିତୀୟ ଅଧ୍ୟାୟ | (କ) ଭାରତୀୟ ସଂସ୍କୃତିର ମୂଳଭିତ୍ତି<br>(ଖ)ଋକ ବୈଦିକ ଓ ପରବର୍ତ୍ତୀ ବୈଦିକ ଯୁଗ:<br>ସାମାଜିକ,ଅର୍ଥନୈତିକ ଜୀବନ, ରାଜନୈତିକ ସଙ୍ଗଠନ<br>ଧର୍ମୀୟ ବିଶ୍ୱାସ ଓ ନାରୀର ସ୍ଥିତି | ୧୧-୩୨ |
| ତୃତୀୟ ଅଧ୍ୟାୟ | ପ୍ରାଚୀନ ରାଜ୍ୟ ଗଠନ ଓ ଷୋଡଶ ମହାଜନପଦ | ୩୩-୪୦ |
| ଚତୁର୍ଥ ଅଧ୍ୟାୟ | ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଧର୍ମ ସଂସ୍କାର ଆନ୍ଦୋଳନ<br>ଜୈନ ଧର୍ମ ଓ ବୌଦ୍ଧ ଧର୍ମ | ୪୧-୫୧ |
| ପଞ୍ଚମ ଅଧ୍ୟାୟ | କଳିଙ୍ଗ ଯୁଦ୍ଧ - କାରଣ ଓ ପରିଣାମ, ମୌର୍ଯ୍ୟ ଶାସନ | ୫୨-୫୯ |
| ଷଷ୍ଠ ଅଧ୍ୟାୟ | ଗୁପ୍ତ ଯୁଗର ସାଂସ୍କୃତିକ ଉପଲବ୍ଧି | ୬୦-୬୯ |
| ସପ୍ତମ ଅଧ୍ୟାୟ | ପରିବ୍ରାଜକଙ୍କ ଦୃଷ୍ଟିରେ ଭାରତୀୟ ସମାଜ | ୭୦-୭୯ |
| ଅଷ୍ଟମ ଅଧ୍ୟାୟ | ଦିଲ୍ଲୀରେ ସୁଲତାନୀ ଶାସନ<br>ରାଷ୍ଟ୍ରର ସ୍ୱରୂପ, ସାମାଜିକ ବ୍ୟବସ୍ଥା ଓ ନାରୀର ସ୍ଥିତି | ୮୦-୮୭ |
| ନବମ ଅଧ୍ୟାୟ | ମୋଗଲ ଯୁଗର ସଂସ୍କୃତି: ସାମାଜିକ ବ୍ୟବସ୍ଥା,<br>ନାରୀର ସ୍ଥାନ,କଳା ଓ ସ୍ଥାପତ୍ୟ, ଚିତ୍ରକଳା,<br>ଦିନ୍-ଇ-ଇଲାହୀ | ୮୮-୯୭ |
| ଦଶମ ଅଧ୍ୟାୟ | ସୁଫି ଓ ଭକ୍ତି ଆନ୍ଦୋଳନ:ମତବାଦ<br>ଭାରତୀୟ ସମାଜ ଉପରେ ଏହାର ପ୍ରଭାବ | ୯୮-୧୦୭ |

| ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|
| ଏକାଦଶ ଅଧ୍ୟାୟ | ଭାରତରେ ଇଂରେଜ ଆର୍ଥିକ ନୀତି (୧୭୫୭ ରୁ ୧୮୫୭) | ୧୦୮-୧୧୩ |
| ଦ୍ୱାଦଶ ଅଧ୍ୟାୟ | ଇଂରେଜ ଉପନିବେଶବାଦ ବିରୁଦ୍ଧରେ ବିଦ୍ରୋହ | ୧୧୪-୧୨୮ |
| ତ୍ରୟୋଦଶ ଅଧ୍ୟାୟ | ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମ | ୧୨୯-୧୫୮ |
| ଚତୁର୍ଦ୍ଦଶ ଅଧ୍ୟାୟ | ଔପନିବେଶିକ ନଗର, ନଗରୀକରଣ ଯୋଜନା ଓ ସ୍ଥାପତ୍ୟ | ୧୫୯-୧୬୬ |
| ପଞ୍ଚଦଶ ଅଧ୍ୟାୟ | ଓଡ଼ିଶା ପ୍ରଦେଶ ଗଠନ | ୧୬୭-୧୮୨ |
| ଷୋଡଶ ଅଧ୍ୟାୟ | ଆଧୁନିକ ଓଡ଼ିଶା:ବ୍ୟକ୍ତି ଓ ବିଚାର | ୧୮୩ -୧୯୮ |
| ସପ୍ତଦଶ ଅଧ୍ୟାୟ | ଭାରତୀୟ ସମ୍ବିଧାନର ପ୍ରଣୟନ | ୧୯୯ -୨୧୨ |

## ପ୍ରଥମ ଅଧ୍ୟାୟ

# ଭାରତ ଇତିହାସର ଉପାଦାନ
# Sources of Indian History

## ପ୍ରତ୍ନତାତ୍ତ୍ୱିକ, ସାହିତ୍ୟିକ, ବୈଦେଶିକ ବିବରଣୀ ଓ ଅଭିଲେଖଗାରୀୟ ଉପାଦାନ
## Archaeological, Literary, Foreign Accounts and Archival Sources

ପ୍ରାଚୀନ ଭାରତବର୍ଷର ଇତିହାସ ଖୁବ୍ ଅସ୍ୱଷ୍ଟ ତଥା କୁହେଳିକାପୂର୍ଣ୍ଣ । ପ୍ରଖ୍ୟାତ ଐତିହାସିକ ଏ. ଏଲ୍. ବାସାମଙ୍କ ମତରେ ପ୍ରାଚୀନ ଭାରତ ଇତିହାସର କେତୋଟି ଅଂଶ ଖୁବ୍ ସ୍ୱଷ୍ଟ ଏବଂ ଅନ୍ୟ କେତୋଟି ଅଂଶ ଅଦୃଶ୍ୟ ହୋଇଥିଲେ ମଧ୍ୟ ଏକ ନିୟନ୍ତ୍ରିତ ଭାବନା ଦ୍ୱାରା ଏହାର ପୁନଃନିର୍ମାଣ ସମ୍ଭବ ହୋଇପାରିବ । ଏଥିରୁ ସୂଚିତ ହୁଏ ଯେ, ପ୍ରାଚୀନ ଭାରତବର୍ଷରେ ପ୍ରାଚୀନ ଗ୍ରୀସ୍‌ର ହେରୋଡୋଟସ୍ (Herodotus), ଥୁସିଡାଇସ୍‌ଙ୍କୁ (Thusydides) ଏବଂ ପ୍ରାଚୀନ ରୋମର ପଲିବିଅସ୍ (Polybius) ଟ୍ୟାସିଟସ୍ (Tacitus) ଏବଂ ଲିଭି (Livy) ଙ୍କ ଭଳି ଐତିହାସିକ ନଥିଲେ । ଫଳରେ ପ୍ରାଚୀନ ଭାରତ ଇତିହାସ ଅନ୍ଧକାରାଚ୍ଛନ୍ନ ହୋଇ ରହିଥିଲା । ବ୍ରାହ୍ମଣ ଏବଂ ବୌଦ୍ଧ ପଣ୍ଡିତମାନେ ବିଦ୍ୱାନ ହୋଇଥିଲେ ମଧ୍ୟ ଲୋକମାନଙ୍କର ଜଡ଼ବାଦୀ କାର୍ଯ୍ୟକଳାପ ତଥା ସେମାନଙ୍କ ରାଜନୈତିକ ଅବସ୍ଥାକୁ ଲିପିବଦ୍ଧ କରିବା ପାଇଁ ଇଚ୍ଛା ପ୍ରକାଶ କରି ନଥିଲେ । କିନ୍ତୁ ଏହା ସତ୍ୟ ଯେ ଐତିହାସିକ ତଥ୍ୟର ସାଇତିବା ପାଇଁ ଭାରତୀୟମାନଙ୍କ ନିକଟରେ ସେପରି ଉତ୍କଣ୍ଠା ହୁଏତ ନଥିଲା । କୌଣସି ଜାତି ବା ରାଷ୍ଟ୍ରର ଇତିହାସ ଲେଖିବା ପାଇଁ ଉପାଦାନ ଅପରିହାର୍ଯ୍ୟ । ଏହା ଆମର ଦୁର୍ଭାଗ୍ୟ ଯେ ଆମ ଇତିହାସ ବହୁ ବିଳମ୍ବରେ ଲେଖାଯାଇଛି । ଆଧୁନିକ ଯୁଗରେ ଇତିହାସ ଲିଖନ ପଦ୍ଧତିରେ ପରିବର୍ତ୍ତନ ଘଟିଛି । ପ୍ରାଚୀନ ଭାରତବର୍ଷର ଧାରାବାହିକ ଇତିହାସର ପୁନର୍ନିର୍ମାଣ ପାଇଁ ଆବଶ୍ୟକୀୟ ଉପାଦାନର ଯଥେଷ୍ଟ ଅଭାବ ରହିଛି । ଏହାସତ୍ତ୍ୱେ ମଧ୍ୟ ନିମ୍ନଲିଖିତ ଚାରିଗୋଟି ଉପାଦାନ ପ୍ରାଚୀନ ଭାରତ ଇତିହାସର ପୁନଃନିର୍ମାଣ ପାଇଁ ସହାୟକ ହୋଇପାରିଛି ।

### ୧. ପ୍ରତ୍ନତାତ୍ତ୍ୱିକ ଉପାଦାନ : (Archaeological Sources)

ପ୍ରତ୍ନତାତ୍ତ୍ୱିକ ଉପାଦାନ ହେଲା – ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଭାରତର ବଡ଼ଲାଟ୍ ଲର୍ଡ଼ କର୍ଜନଙ୍କ ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ସୃଷ୍ଟି କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ବିଭାଗଟି ଭାରତୀୟ ପ୍ରତ୍ନତତ୍ତ୍ୱସର୍ଭେ ବିଭାଗ ନାମରେ ନାମିତ ହୋଇ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି । ଏହି ବିଭାଗ ଆନୁକୂଲ୍ୟରେ ଭୂଖନନ ଦ୍ୱାରା ମାଟିତଳୁ ପ୍ରାଚୀନଯୁଗର ଅବଶେଷ ଲୋକଲୋଚନକୁ ଆସିପାରିଛି । ୧୯୨୧-୨୨ ଖ୍ରୀଷ୍ଟାବ୍ଦରେ ହରପ୍ପା ଏବଂ ମହେଞ୍ଜୋଦାରୋଠାରେ ସିନ୍ଧୁ ସଭ୍ୟତାର ଭଗ୍ନାବଶେଷ ଆବିଷ୍କୃତ ହେଲାପରେ ଭାରତ ଇତିହାସର ଲେଖନ ପ୍ରଣାଳୀ (Historiography) ଏକ ନୂତନ ମୋଡ଼ ନେଇଅଛି । ପ୍ରତ୍ନତାତ୍ତ୍ୱିକ ଉପାଦାନକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଇପାରେ ଯଥା : ଅଭିଲେଖ ବା ଖୋଦିତ ଲେଖ, ପ୍ରାଚୀନ କୀର୍ତ୍ତିରାଜି ଏବଂ ଧ୍ୱଂସାବଶେଷ ମୁଦ୍ରା ଏବଂ ପ୍ରତ୍ନତାତ୍ତ୍ୱିକ ଖନନ ।

**କ) ଅଭିଲେଖ ବା ଖୋଦିତ ଲେଖ (Inscriptions)** । ପ୍ରାଚୀନ ଭାରତର ଇତିହାସ ଲେଖିବାପାଇଁ ଶିଳାଲେଖରୁ ଯଥେଷ୍ଟ ତଥ୍ୟ ପ୍ରାପ୍ତ ହୋଇଥାଏ । ଶିଳାଲେଖଗୁଡ଼ିକ ମୁଖ୍ୟତଃ ପଥର, ସ୍ତମ୍ଭ, ମନ୍ଦିର ଗାତ୍ର, ଗୁମ୍ଫା, ତାମ୍ରପଟ୍ଟା ଇତ୍ୟାଦି ଉପରେ ଖୋଦନ କରାଯାଇଥାଏ । ପ୍ରାଚୀନ ଶିଳାଲେଖଗୁଡ଼ିକ ମୁଖ୍ୟତଃ ପାଇଁ, ଖରୋଷ୍ଠି, ପ୍ରାକୃତ, ସଂସ୍କୃତ, ତାମିଲ ଆଦି

ଭାଷାରେ ଲେଖା ହୋଇଥିଲା । ପ୍ରାଚୀନ ତଥ୍ୟଗୁଡ଼ିକ ଅଧ୍ୟୟନ ପାଇଁ ୧୭୮୪ ରେ ଐତିହାସିକ ସାର୍ ଉଇଲିୟମ ଜୋନସ୍ 'ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ' (Asiatic Society of Bengal) ନାମରେ ଏକ ଅନୁଷ୍ଠାନକୁ ଜନ୍ମ ଦେଇଥିଲେ । ୧୮୩୮ ରେ ଜେମସ୍ ପ୍ରିନ୍‌ସେପ୍ ବ୍ରାହ୍ମୀଲିପିର ପଠନ କଲେ । ପରବର୍ତ୍ତୀ ସମୟରେ ବିଭିନ୍ନ ଐତିହାସିକ ଯଥା : ଫର୍ଗୁସନ୍, କନିଙ୍ଗହାମ୍, ମାର୍ଟିମର ହୁଇଲର, ଜନ୍ ମାର୍ଶାଲ, ରାଜେନ୍ଦ୍ର ଲାଲ ମିତ୍ର ଇତ୍ୟାଦି ଶିଳାଲେଖଗୁଡ଼ିକୁ ପଠନ କରିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିଲା । ଶିଳାଲେଖ ପଠନକୁ ଏପିଗ୍ରାଫି (Epigraphy) କୁହାଯାଏ । ସେହିପରି ଆଜ୍ଞାପତ୍ର, ଦାନପତ୍ର ଇତ୍ୟାଦିରୁ ମଧ ବହୁ ଐତିହାସିକ ତଥ୍ୟ ମଳିଥାଏ । ଅଭିଲେଖ ଏବଂ ତାମ୍ରପଟ୍ଟାରୁ ରାଜାମାନଙ୍କର କୃତିତ୍ୱ, ବଂଶାବଳୀ, ପ୍ରଶାସନିକ ବ୍ୟବସ୍ଥା, ଧର୍ମୀୟ ପରମ୍ପରା ଆର୍ଥନୀତିକ ଅବସ୍ଥା ସମ୍ପର୍କରେ ଯଥେଷ୍ଟ ସୂଚନା ମିଳିଥାଏ । ଅଭିଲେଖଗୁଡ଼ିକ ବିଭିନ୍ନ ପ୍ରକାରର ଥିଲା ଯଥା : ପ୍ରଶଂସାବ୍ୟଞ୍ଜକ ଅଭିଲେଖ, ସ୍ମାରକ ଅଭିଲେଖ, ଧର୍ମୀୟ ଅଭିଲେଖ, ଆଜ୍ଞାପତ୍ର ଏବଂ ଦାନପତ୍ର ।

(୧) ମୌର୍ଯ୍ୟସମ୍ରାଟ ଅଶୋକଙ୍କ ୧୪ ଟି ଶିଳାଲେଖ ଏବଂ ୭ଟି ସ୍ତମ୍ଭ ଅନୁଶାସନରୁ ତାଙ୍କ ସାମ୍ରାଜ୍ୟ ବିସ୍ତାର ନୀତି, ଧର୍ମ ଭାବନା, ବୈଦେଶିକ ସମ୍ପର୍କ ଇତ୍ୟାଦି ବିଷୟ ଜଣାପଡ଼େ ।

(୨) ଗ୍ୱାଲିୟର ପ୍ରଶସ୍ତିରୁ ପ୍ରତିହାର ବଂଶର ଶାସକ ଲୋକଙ୍କ ଶାସନ ପଦ୍ଧତି ଜଣାପଡ଼ିଥାଏ ।

(୩) ଐହୋଲ ପ୍ରଶସ୍ତି, ହର୍ଷ ଏବଂ ଚାଲୁକ୍ୟ ରାଜା -୨ୟ ପୁଲକେଶିଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧ ଉପରେ ଆଲୋକପାତ କରେ ।

(୪) ହରିସେନ୍‌ଙ୍କ ଲିଖିତ ଆଲାହାବାଦ ପ୍ରଶସ୍ତିରୁ ସମୁଦ୍ରଗୁପ୍ତଙ୍କ କୃତିତ୍ୱ ଜଣାପଡ଼ିଥାଏ ।

(୫) ହାତୀଗୁମ୍ଫା ଅନୁଶାସନରୁ ଖାରବେଳଙ୍କ କୃତିତ୍ୱ ବିଷୟରେ ଜଣାପଡ଼େ ।

(୬) ନାସିକ ପ୍ରଶସ୍ତିରୁ ସାତବାହନ ବଂଶର ଶାସକ, ଗୌତମୀ ପୁତ୍ର ଶାତକର୍ଣ୍ଣୀଙ୍କ କୃତିତ୍ୱ ଜଣାପଡ଼େ ।

(୭) ଗିର୍‌ନାର ଅଭିଲେଖରୁ ଶକରାଜା ରୁଦ୍ରଦମନ ଶାସନ ପଦ୍ଧତି ଜଣାପଡ଼େ ।

(୮) ତାମ୍ର ଫଳକରୁ ବିଭିନ୍ନ ରାଜାମାନଙ୍କ ଦ୍ୱାରା କରାଯାଇଥିବା ଭୂମି ନ ବିଷୟରେ ସୂଚନା ମିଳେ ।

## (ଖ) ମୁଦ୍ରା (Coins) :

ମୁଦ୍ରା ଅଧ୍ୟୟନ ବିଦ୍ୟାକୁ ମୁଦ୍ରାତତ୍ତ୍ୱ ବା ନୁମିସ୍‌ମାଟିକସ୍ (Numisgmatics) କୁହାଯାଏ । ଇତିହାସ ଲେଖିବାପାଇଁ ମୁଦ୍ରା ଯଥେଷ୍ଟ ତଥ୍ୟ ଯୋଗାଇଥାଏ । ବିଭିନ୍ନ ରାଜବଂଶ ଦ୍ୱାରା ପ୍ରଚ ସ୍ୱର୍ଣ୍ଣ, ରୌପ୍ୟ ଏବଂ ତାମ୍ର ମୁଦ୍ରାଗୁଡ଼ିକରୁ ସମସାମୟିକ ଅର୍ଥନୈତିକ, ରାଜନୈତିକ ଏବଂ ଧାର୍ମିକ ଅବସ୍ଥା ବିଷୟରେ ସୂଚନା ମିଳିଥାଏ । ମୌର୍ଯ୍ୟ ଶାସନ ସମୟରେ, ପ୍ରଚଳିତ ମୁଦ୍ରାର ଉଭୟ ପାଶ୍ୱରେ ବିଭିନ୍ନ ଚିତ୍ର ଅଙ୍କିତ ଥିବାରୁ ତାହାକୁ ଛାପାଯୁକ୍ତ ମୁଦ୍ରା (Punch-marked coin) ନାମରେ ନାମିତ କରାଯାଇଛି । ଇଣ୍ଡୋ-ଗ୍ରୀକ୍ ଶାସକମାନଙ୍କ ପ୍ରଚେଷ୍ଟା ଫଳରେ ଉନ୍ନତମାନର ମୁଦ୍ରା ପ୍ରଚଳନ ସମ୍ଭବପର ହୋଇଥିଲା ।

କୁଶାଣବଂଶୀୟ ଶାସକ କନିଷ୍କ ଉଭୟ ସ୍ୱର୍ଣ୍ଣ ଏବଂ ତାମ୍ର ମୁଦ୍ରା ପ୍ରଚଳନ କରିଥିଲେ । ତାଙ୍କ ପ୍ରଚଳିତ ମୁଦ୍ରାର ଏକ ପାର୍ଶ୍ୱରେ ନିଜର ପ୍ରତିକୃତି ଏବଂ ଅପର ପାର୍ଶ୍ୱରେ କୌଣସି ଦେବଦେବୀଙ୍କ ମୂର୍ତ୍ତି ଅଙ୍କିତ ଥିଲା । ସେହିପରି ଗୁପ୍ତ ରାଜତ୍ୱ ସମୟରେ ପ୍ରଚଳିତ ମୁଦ୍ରାରୁ ରାଜା ସମୁଦ୍ରଗୁପ୍ତ ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ ଥିଲେ ବୋଲି ଜଣାପଡ଼େ । ସେହିପରି ସୁଲତାନୀ ତଥା ମୋଗଲ ଶାସନ ସମୟରେ ପ୍ରଚଳିତ ମୁଦ୍ରାମାନଙ୍କରୁ ସେହି ସମୟର ଆର୍ଥିକ ବ୍ୟବସ୍ଥା ବିଷୟରେ ସୂଚନା ମିଳେ । ସୁତରାଂ,

ପ୍ରାଚୀନ ଭାରତର ଇତିହାସ ଅଧ୍ୟୟନ କରିବା ପାଇଁ ମୁଦ୍ରା ଉପାଦାନ ଯଥେଷ୍ଟ ମାତ୍ରାରେ ସହାୟକ ହୋଇଥାଏ ।

## (ଗ) ପ୍ରାଚୀନ ଅବଶେଷ ଏବଂ କୀର୍ତ୍ତିରାଜି (Ancient remains and monuments)

ପୁରାତନ ଅବଶେଷଗୁଡ଼ିକର ଅଧ୍ୟୟନକୁ ପ୍ରତ୍ନତତ୍ତ୍ୱ କୁହାଯାଏ । ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ମହେଞ୍ଜୋଦାରୋ, ହରପ୍ପା, ରାଜଗୃହ, ପାଟଳିପୁତ୍ର, ନାଳନ୍ଦା, ତକ୍ଷଶୀଳା, ସାଞ୍ଚି, ସାରନାଥ, ମଥୁରା, ଓଡ଼ିଶାର ଲଳିତଗିରି, ରତ୍ନଗିରି, ଖଣ୍ଡଗିରି, ଉଦୟଗିରି ଏବଂ ଶିଶୁପାଳଗଡ଼ରୁ ପ୍ରାଚୀନ ଅବଶେଷ ଆବିଷ୍କୃତ ହୋଇଅଛି । ଉକ୍ତ ସ୍ଥାନମାନଙ୍କରୁ ପ୍ରାପ୍ତ ହୋଇଥିବା ଅସଂଖ୍ୟ ସୌଧ, ସ୍ତୂପ, ପ୍ରାସାଦ, ସ୍ମୃତିସ୍ତମ୍ଭର ଭଗ୍ନାବଶେଷରୁ ତତ୍‌କାଳୀନ ରାଜନୈତିକ, ସାମାଜିକ, ଧାର୍ମିକ ତଥା ଅର୍ଥନୈତିକ ଅବସ୍ଥା ବିଷୟରେ ସୂଚନା ମିଳିଥାଏ ।

ପୁନଶ୍ଚ, ପ୍ରାଚୀନ ଭାରତର ଇତିହାସ ଜାଣିବା ପାଇଁ ପ୍ରାଚୀନ କୀର୍ତ୍ତିରାଜି (Ancient Monuments) ଯଥେଷ୍ଟ ସହାୟକ ହୋଇଥାଏ । କୀର୍ତ୍ତିରାଜି କହିଲେ ମନ୍ଦିର, ତୋରଣ, ଦୁର୍ଗ, ପ୍ରାସାଦ, ଚୈତ, ବିହାର ଆଦିକୁ ବୁଝାଇଥାଏ ।

ପ୍ରାଚୀନ ସ୍ଥାପତ୍ୟକୁ ନେଇ ତତ୍କାଳୀନ ଲୋକମାନଙ୍କ ଚିନ୍ତାଧାରା ତଥା ଭାବନା ଜଣାପଡ଼ିଥାଏ । ହରପ୍ପା ଏବଂ ମହେଞ୍ଜୋଦାରୋରୁ ଆବିଷ୍କୃତ ମୋହର (Seal) ଉପରେ ଅଙ୍କିତ ଚିତ୍ରରୁ ତତ୍‌କାଳୀନ କଳାକୃତି ବିଷୟ ଜଣାପଡ଼େ । ସେହିପରି ମୌର୍ଯ୍ୟ ଶାସନ ସମୟରେ ପାଟଳୀପୁତ୍ର; ସାରନାଥ, ବୁଦ୍ଧଗୟା ଇତ୍ୟାଦି ସ୍ଥାନରେ ନିର୍ମିତ ସ୍ଥାପତ୍ୟରାଜିରୁ ସେ ସମ୍ପର ସ୍ଥପତି ମାନଙ୍କ କଳାକୌଶଳ ଜଣାପଡ଼େ । ତକ୍ଷଶିଳାରୁ ଉଦ୍ଧାର କରାଯାଇଥିା କଳାକୃତିରୁ ପ୍ରସିଦ୍ଧ ଗାନ୍ଧାରକଳା ବିଷୟରେ ସୂଚନା ମିଳେ । ସେହିପରି ଭିତରଗାଓଁ, ଅଜନ୍ତା, ଏଲୋରା, ବାଘ, ଦେଓଗଡ଼, ନାଚକୁଠାର ଇତ୍ୟାଦିଠାରେ ନିର୍ମିତ କୀର୍ତ୍ତିରାଜିକୁ ନେଇ ଗୁପ୍ତବଂଶୀୟ ରାଜାମାନଙ୍କର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଏବଂ ଚିତ୍ରକଳା ପ୍ରତି ଥିବା ଦୁର୍ବଳତା ପ୍ରତୀୟମାନ ହୁଏ ।

ଦକ୍ଷିଣ ଭାରତରେ ପଲ୍ଲବ ଏବଂ ଚୋଳବଂଶର ରାଜାମାନଙ୍କ ପୃଷ୍ଠପୋଷକତାରେ ନିର୍ମିତ କୀର୍ତ୍ତିରାଜି ତଥା ଜୈନ କଳାକୃତି ଏବଂ ସାଞ୍ଚି, ବୁଦ୍ଧଗୟା, ସାରନାଥ, ଧଉଳି ଜଉଗଡ଼ ଇତ୍ୟାଦି ସ୍ଥାନରେ ନିର୍ମିତ ବୌଦ୍ଧ କୀର୍ତ୍ତିରାଜିକୁ ନେଇ ପ୍ରାଚୀନଯୁଗର କଳାନୈପୁଣ୍ୟତାକୁ ଆକଳନ କରାଯାଇଥାଏ । ପୁନଶ୍ଚ ଖଜୁରାହା, କାମରୂପ, ରାଣୀପୁର ଝରିଆଲ ଇତ୍ୟାଦି ସ୍ଥାନରେ ନିର୍ମିତ କୀର୍ତ୍ତିରାଜିକୁ ନେଇ ହିନ୍ଦୁମାନଙ୍କ ଧର୍ମୀୟ ଭାବନା ଜଣାପଡ଼େ ।

ସୁଲତାନୀ ଏବଂ ମୋଗଲଯୁଗରେ ନିର୍ମିତ କାରୁକାର୍ଯ୍ୟ ଯଥା - କୁତବ୍‌ମିନାର, ଫତେପୁର ସିକ୍ରୀ, ଲାଲକିଲ୍ଲା, ତାଜମହଲ; ବିଭିନ୍ନ ସ୍ଥାନରେ ନିର୍ମିତ ସୌଧ, କାରୁକାର୍ଯ୍ୟପୂର୍ଣ୍ଣ ପ୍ରାସାଦ ଇତ୍ୟାଦିକୁ ମଧ୍ୟଯୁଗୀୟ କଳାସ୍ଥାପତ୍ୟର ଶ୍ରେଷ୍ଠ ନିଦର୍ଶନ ରୂପେ ଗ୍ରହଣ କରାଯାଏ ।

**(ଘ) ପ୍ରତ୍ନତାତ୍ତ୍ୱିକ ଖନନ :** ୧୯୨୧-୨୨ ଖ୍ରୀଷ୍ଟାବ୍ଦରେ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ପ୍ରମାଣିତ ହେଲା ଯେ ସିନ୍ଧୁ ସଭ୍ୟତା ହେଉଛି ଭାରତବର୍ଷର ସର୍ବପ୍ରାଚୀନ ସଭ୍ୟତା । ଭୂ-ଖନନ ଫଳରେ ମାଟିତଳୁ ଅସଂଖ୍ୟ ଧାତବ ପଦାର୍ଥ, ଶସ୍ୟକଣିକା, ମୋହର, ଖେଳନା ଏବଂ ବାସଗୃହର ଭଗ୍ନାବଶେଷ ମିଳିଛି । ପୁନଶ୍ଚ ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଯୋଗୁଁ ୮୦୦୦ ବର୍ଷପୂର୍ବେ ଭାରତରେ ପଶୁପାଳନ ଏବଂ କୃଷିକାର୍ଯ୍ୟ ଆରମ୍ଭ ହୋଇଥିବା ଜଣାପଡ଼େ । ସେହିପରି ଖ୍ରୀ.ପୂ.୬୦୦୦ରେ ବେଲୁଚିସ୍ଥାନରେ ଜନବସତି ଗଢ଼ିଉଠିଥିବା ବିଷୟ ଭୂ-ଖନନରୁ ପ୍ରତୀତ ହୁଏ । ପ୍ରତ୍ନତାତ୍ତ୍ୱିକ ଆବିଷ୍କାର ଯୋଗୁଁ ଶିଶୁପାଳଗଡ଼, କୌଶାମ୍ବୀ, ପାଟଳୀପୁତ୍ର, ଉଜ୍ଜୟିନୀ ଇତ୍ୟାଦି ସ୍ଥାନର ଇତିହାସ ପୁନର୍ଗଠନ କରିବା ସମ୍ଭବ ହୋଇପାରିଛି । ଏକଦା ନାଳନ୍ଦା, ରତ୍ନଗିରି ଏବଂ ଉଜ୍ଜୟିନୀ ଶିକ୍ଷାର କେନ୍ଦ୍ରସ୍ଥଳୀ ଥିଲା ବୋଲି ଭୂ-ଖନନ ଦ୍ୱାରା ଲୋକଲୋଚନକୁ ଆସିପାରିଛି । ଆକାଶମାର୍ଗରୁ ଫଟୋଚିତ୍ର (Aerial Photograph) ଗ୍ରହଣ ଏବଂ ଦୁଇ ସଂବେଦୀ ବ୍ୟବସ୍ଥା (Remote Sensing) ଦ୍ୱାରା ପୁରାତନ

ଜନବସତିର ପ୍ରକାରଭେଦ ଶୁଷ୍କ ନଦୀଧାରରର ମାର୍ଗ ଓ ବୃକ୍ଷ ଆଚ୍ଛାଦିତ ଅଂଚଳ ଇତ୍ୟାଦି ଉପରେ ଅନୁଧ୍ୟାନ କରାଯାଇପାରିଛି । ସାମୁଦ୍ରିକ ପ୍ରତ୍ନତତ୍ତ୍ୱ (Marine Archaeology) ଦ୍ୱାରା ଦ୍ୱାରକା, କାମ୍ବେ ଉପକୂଳ ଏବଂ ଅନ୍ୟ ସ୍ଥାନମାନଙ୍କରେ ଜଳ ମଧ୍ୟରେ ଥିବା ଭଗ୍ନାବଶେଷ ଏବଂ ପୂର୍ବରୁ ବ୍ୟବହୃତ ଦ୍ରବ୍ୟମାନ ଆବିଷ୍କାର କରାଯାଇ ପ୍ରାଚୀନ ଭାରତ ଇତିହାସ ଲେଖନ ପ୍ରଣାଳୀକୁ ଉପାଦେୟ କରାଯାଇ ପାରୁଛି । ସୁତରାଂ, ପ୍ରତ୍ନତାତ୍ତ୍ୱିକ ଖନନ ଏବଂ ବୈଜ୍ଞାନିକ କୌଶଳ ଦ୍ୱାରା ବହୁ ଐତିହାସିକ ଦ୍ୱନ୍ଦ୍ୱର ସମାଧାନ ସମ୍ଭବ ହୋଇ ପାରୁଛି ।

## ସାହିତ୍ୟିକ ଉପାଦାନ

## (Literary Source)

ପ୍ରାଚୀନ ଭାରତ ଇତିହାସ ଲେଖିବା ପାଇଁ ସାହିତ୍ୟିକ ଉପାଦାନ ଅତ୍ୟନ୍ତ ଅପରିହାର୍ଯ୍ୟ । ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା : ଧର୍ମୀୟ ସାହିତ୍ୟ ଏବଂ ଲୌକିକ ସାହିତ୍ୟ ।

**ଧର୍ମୀୟ ସାହିତ୍ୟ : (Religious Literature)**

ପ୍ରାଚୀନ ଧର୍ମୀୟ ସାହିତ୍ୟ କହିଲେ ବ୍ରାହ୍ମଣ୍ୟ ହିନ୍ଦୁଧର୍ମ, ଜୈନଧର୍ମ ଏବଂ ବୌଦ୍ଧଧର୍ମକୁ ପାଥେୟ କରି ରଚନା କରାଯାଇଥିବା ଗ୍ରନ୍ଥଗୁଡ଼ିକୁ ବୁଝାଏ । ଏହି ଗ୍ରନ୍ଥଗୁଡ଼ିକରୁ ତତ୍‌କାଳୀନ ଧର୍ମଧାରା, ସାମାଜିକ ଚଳଣି, ପ୍ରଶାସନିକ ବ୍ୟବସ୍ଥା, ସାଂସ୍କୃତିକ ଭାବଧାରା ସମ୍ପର୍କରେ ସୂଚନା ମିଳିଥାଏ ।

**(କ) ବ୍ରାହ୍ମଣ୍ୟ-ହିନ୍ଦୁ ସାହିତ୍ୟ :** ପ୍ରାଚୀନ ଭାରି ଇତିହାସ ଲେଖିବାପାଇଁ ବ୍ରାହ୍ମଣ-ହିନ୍ଦୁ ଧର୍ମ ଉପରେ ଆଧାରିତ ଗ୍ରନ୍ଥମାନଙ୍କରୁ ଯଥେଷ୍ଟ ତଥ୍ୟ ମିଳିଥାଏ ।

**(୧) ବେଦ :** ସର୍ବପୁରାତନ ସାହିତ୍ୟ ଭାବେ ଆଦୃତ ଚାରିଗୋଟି ବେଦ ଯଥା : ଋକ୍, ସାମ୍, ଯଜୁଃ ଏବଂ ଅଥର୍ବ ବେଦରୁ ଆର୍ଯ୍ୟମାନଙ୍କର ରାଜନୈତିକ ସାମାଜିକ ଏବଂ ଧାର୍ମିକ ଅବସ୍ଥା ଜଣାପଡ଼େ । ବିଶେଷକରି ସର୍ବପ୍ରାଚୀନ ବେଦରୂପେ ଗୃହୀତ ଋକ୍‌ବେଦ ରାଜନୈତିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥାଏ ।

**(୨) ବ୍ରାହ୍ମଣ ଏବଂ ଉପନିଷଦ :** ବ୍ରାହ୍ମଣରେ ଗଦ୍ୟ ଶୈଳୀରେ ବୈଦିକ ସ୍ତୋତ୍ର ଉପରେ ଧାରାବାହିକ ବର୍ଣ୍ଣନାତ୍ମକ ମନ୍ତବ୍ୟ ଉଲ୍ଲେଖ ଥିଲାବେଳେ ଉପନିଷଦରେ ଦର୍ଶନ ତଥା ନୀତି ସମ୍ବନ୍ଧୀୟ ବିସ୍ତୃତ ବିବାଣୀ ଉଲ୍ଲେଖ ଅଛି । ବ୍ରାହ୍ମଣ ଏବଂ ଉପନିଷଦକୁ ଆର୍ଯ୍ୟମାନଙ୍କର ସାଂସ୍କୃତିକ ଏବଂ ଧର୍ମୀୟ ଭାବନା ପ୍ରତୀୟମାନ ହୁଏ ।

**(୩) ବେଦାଙ୍ଗ ବା ଉପ-ବେଦ :** ବେଦାଙ୍ଗ ହେଉଛି ବିଜ୍ଞାନ ଏବଂ କଳା ଉପରେ ଆଧାରିତ ଗ୍ରନ୍ଥ । ଷଡ଼ ବେଦାଙ୍ଗ ଯଥା : ଶିକ୍ଷା, କଳ୍ପ, ବ୍ୟାକରଣ, ଛାନ୍ଦ, ନିଯୁକ୍ତ ଏବଂ ଜ୍ୟୋତିଷରୁ ପରବର୍ତ୍ତୀ ଆର୍ଯ୍ୟମାନଙ୍କ ସମ୍ପର୍କରେ ବହୁ ତଥ୍ୟ ମିଳିଥାଏ ।

**(୪) ସୂତ୍ର :** ଚାରିଗୋଟି ସୂତ୍ର ଯଥା କଳ୍ପ, ଶ୍ରଉତ, ଗୃହ ଏବଂ ଧର୍ମସୂତ୍ରରୁ ପ୍ରାଚୀନ ଭାରତବର୍ଷର ଜନସାଧାରଣଙ୍କ ଧର୍ମୀୟ ତଥା ସାମାଜିକ ଅବସ୍ଥା ଜଣାପଡ଼େ ।

**(୫) ପୁରାଣଶାସ୍ତ୍ର :** ପୁରାଣଶାସ୍ତ୍ରମାନଙ୍କରେ ହିନ୍ଦୁମାନଙ୍କ ଜୀବନଶୈଳୀ ଉପରେ ଆଲୋକପାତ କରାଯାଇଛି । ଐତିହାସିକ ଗୁରୁତ୍ୱ ଦୃଷ୍ଟିରୁ ଅଠରଖଣ୍ଡ ପୁରାଣ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରତ୍ୟେକ ପୁରାଣକୁ ୫ ଭାଗରେ ବିଭକ୍ତ କରାଯାଇଛି ଏବଂ ସେଗୁଡ଼ିକ ହେଲା : ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର ଏବଂ ବଂଶାନୁଚରିତ ।

**(ଚ) ମହାପୁରାଣ :** ସଂସ୍କୃତ ଭାଷାରେ ରଚିତ ଦୁଇଗୋଟି ମହାପୁରାଣ ଯଥା : ମହାଭାରତ ଏବଂ ରାମାୟଣ ତତ୍କାଳୀନ ଲୋକମାନଙ୍କ ସମ୍ପର୍କରେ ପ୍ରକୃତ ଚିତ୍ର ପ୍ରଦାନ କରେ । ପୁନଶ୍ଚ, ଏହି ଦୁଇଗୋଟି ମହାପୁରାଣରୁ ସାମାଜିକ ଏବଂ ନୈତିକ ମୂଲ୍ୟବୋଧ, ଧର୍ମୀୟ ଭାବନା ତଥା ଐଶ୍ୱରୀୟ ଶକ୍ତି ସମ୍ପର୍କରେ ସୂଚନା ମିଳିଥାଏ । ପୁନଶ୍ଚ, ଏହି ଦୁଇଗୋଟି ମହାପୁରାଣରୁ ପରବର୍ତ୍ତୀ ବୈଦିକଯୁଗର ଆର୍ଯ୍ୟମାନଙ୍କ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଅବସ୍ଥା ଜଣାପଡ଼େ ।

**(ଖ) ଜୈନ ସାହିତ୍ୟ :** ପ୍ରାଚୀନ ଭାରତବର୍ଷର ଇତିହାସ ଲେଖିବା ନିମନ୍ତେ ଦୁଇଟି ଅମୂଲ୍ୟ ଗ୍ରନ୍ଥ ହେଲା ଅଂଗ ଏବଂ ଉପାଙ୍ଗ । ସେହିପରି ଜୈନଧର୍ମକୁ ନେଇ ରଚିତ ଅନ୍ୟାନ୍ୟ ଗ୍ରନ୍ଥ ଯଥା : କଳ୍ପସୂତ୍ର, ପ୍ରକରଣ ସୂତ୍ର, ମୂଳସୂତ୍ର, ପରିଶିଷ୍ଟ ପର୍ବନରୁ ଯଥେଷ୍ଟ ଉପାଦେୟ ତଥ୍ୟ ମିଳିଥାଏ ।

**(ଗ) ବୌଦ୍ଧ ସାହିତ୍ୟ :** ପ୍ରାଚୀନ ଭାରତବର୍ଷର ଇତିହାସ ଜାଣିବା ପାଇଁ ବୌଦ୍ଧ ସାହିତ୍ୟ ଯଥେଷ୍ଟ ତଥ୍ୟ ଯୋଗାଇଥାଏ । ବୌଦ୍ଧ ସାହିତ୍ୟର ତିନିଗୋଟି ବିଭାଗ ରହିଛି ଯଥା : ଜାତକ, ପିଟକ ଓ ନିକାୟ । ତ୍ରିପିଟକ (ବିନୟ ପିଟକ, ସୂତ୍ର ପିଟକ ଏବଂ ଅଭିଧର୍ମ ପିଟକ)ରେ ବୌଦ୍ଧଧର୍ମର ନୀତି ଉପରେ ଆଲୋକପାତ କରାଯାଇଛି । ସେହିପରି ବୌଦ୍ଧଧର୍ମ ସମ୍ପର୍କିତ ଅନ୍ୟାନ୍ୟ ଗ୍ରନ୍ଥ ଯଥା : ଦୀପବଂଶ, ମହାବଂଶ, ମିଳିନ୍ଦ ପାହ୍ନ, ଅଙ୍ଗୁତର ନିକାୟ, ଲଳିତ ବିସ୍ତାର, ଆର୍ଯ୍ୟମଞ୍ଜୁଶ୍ରୀ ମୂଳକଳ୍ପ ଇତ୍ୟାଦିରୁ ବିଭିନ୍ନ ରାଜବଂଶର ଶାସନ ପଦ୍ଧତି, ସାମାଜିକ ବ୍ୟବସ୍ଥା, ଉପାସନା ପଦ୍ଧତି ଇତ୍ୟାଦି ଜଣାପଡ଼ିଥାଏ ।

**ଲୌକିକ ସାହିତ୍ୟ (Secular Literature) :** ଧର୍ମୀୟ ସାହିତ୍ୟ ଭଳି ଲୌକିକ ସାହିତ୍ୟ ମଧ୍ୟ ପ୍ରାଚୀନ ଭାରତର ଇତିହାସ ଲେଖିବାପାଇଁ ଉପଯୁକ୍ତ ତଥ୍ୟ ଯୋଗାଇଥାଏ । ଏହାର ବିଭିନ୍ନ ବିଭାଗରୁ ଉପାଦେୟ ତଥ୍ୟ ମିଳିଥାଏ ।

**(୧)ସ୍ମୃତିଶାସ୍ତ୍ର :** କେତେଗୁଡ଼ିଏ ସ୍ମୃତିଶାସ୍ତ୍ର ଯଥା : ମନୁସ୍ମୃତି, ପରାଶର ସ୍ମୃତି, ନାରଦ ସ୍ମୃତି, ଯାଜ୍ଞବଲକ୍ୟ ସ୍ମୃତି, ବୃହସ୍ପତି ସ୍ମୃତି ଇତ୍ୟାଦି ଗ୍ରନ୍ଥମାନଙ୍କରୁ ରାଜାମାନଙ୍କ କର୍ତ୍ତବ୍ୟ, ସମ୍ପତ୍ତିଗତ ଅଧିକାର, ପ୍ରଜାଙ୍କର କର୍ତ୍ତବ୍ୟ, ବର୍ଣ୍ଣବ୍ୟବସ୍ଥା ତଥା ସାମାଜିକ ନୀତିନିୟମ ବିଷୟରେ ଜଣାପଡ଼େ ।

**(୨) ବ୍ୟାକରଣ :** ଖ୍ରୀ:ପୂ. ୪ର୍ଥ ଶତକରେ ପାଣିନିଙ୍କ ରଚିତ ଅଷ୍ଟାଧ୍ୟାୟୀ ଏବଂ ଖ୍ରୀ:ପୂ: ୨ୟ ଶତକରେ ପାତଞ୍ଜଳିଙ୍କ ଲିଖିତ ମହାଭାଷ୍ୟରୁ ତତ୍କାଳୀନ ପ୍ରଶାସନିକ ବ୍ୟବସ୍ଥା ସମ୍ପର୍କରେ ସୂଚନା ମିଳେ ।

**(୩)ଅର୍ଥଶାସ୍ତ୍ର :** ପ୍ରାଚୀନ ଭାରତବର୍ଷର ଅନ୍ୟତମ ଦାର୍ଶନିକ କୌଟିଲ୍ୟଙ୍କ ଲିଖିତ 'ଅର୍ଥଶାସ୍ତ୍ର' ମୌର୍ଯ୍ୟଯୁଗର ଶାସନ ନୀତି, ଅର୍ଥ ବ୍ୟବସ୍ଥା, ରାଜାଙ୍କର କର୍ତ୍ତବ୍ୟ ଇତ୍ୟାଦି ଉପରେ ଆଲୋକପାତ କରେ ।

**(୪) ଐତିହାସିକ ପୁସ୍ତକ :** ବିଶାଖା ଦତ୍ତଙ୍କ ଦ୍ୱାରା ରଚିତ ନାଟକ 'ମୁଦ୍ରାରାକ୍ଷସ' ରୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ କ୍ଷମତା ଅଧିକାର ବିଷୟ ଜଣାପଡ଼େ । ତାଙ୍କ ରଚିତ ଅନ୍ୟତମ ନାଟକ, 'ଦେବୀଚନ୍ଦ୍ରଗୁପ୍ତମ୍'ରୁ ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ଦିଗ୍‌ବିଜୟ ବିଷୟ ଜଣାପଡ଼େ । ବିଲ୍‌ହଣଙ୍କ ରଚିତ "ବିକ୍ରମାଙ୍କ ଚରିତ" ରୁ ଚାଲୁକ୍ୟ ବଂଶୀୟ ନରପତି ବିକ୍ରମାଦିତ୍ୟଙ୍କ କୃତିତ୍ୱ ପ୍ରତୀତ ହୁଏ । ସେହିପରି ସନ୍ଧ୍ୟାକର ନନ୍ଦୀଙ୍କ ଲିଖିତ 'ରାମଚରିତ'ରେ ପାଳବଂଶର ଶାସକ ରାମପାଳଙ୍କ କୃତିତ୍ୱ ବର୍ଣ୍ଣିତ ଅଛି । ଏତଦ୍‌ବ୍ୟତୀତ ଜୟସିଂହଙ୍କ 'କୁମାରପାଳ ଚରିତ' ଚାନ୍ଦବରଦାୟୀଙ୍କ 'ପୃଥ୍ୱୀରାଜ ରସୋ' ରୁ ବହୁ ଐତିହାସିକ ତଥ୍ୟ ଉପଲବ୍ଧ ହୁଏ ।

**(୫) କ୍ରମିକ ଇତିବୃତ୍ତି :** କଲହଣଙ୍କ ରଚିତ 'ରାଜତରଙ୍ଗିଣୀ'ରୁ କାଶ୍ମୀରର ରାଜନୈତିକ ଚିତ୍ର ପ୍ରତିଫଳିତ ହୁଏ । ସୋମେଶ୍ୱରଙ୍କ ଲିଖିତ 'ରସମାଳା' ଓ 'କୀର୍ତ୍ତି କୌମୁଦି' ଏବଂ ରାଜଶେଖରଙ୍କ 'ପ୍ରବନ୍ଧ କୋଷ' ରୁ ଗୁଜୁରାଟର ଇତିହାସ ଜଣାପଡ଼େ । ସେହିପରି 'କଟକ ରାଜବଂଶାବଳୀ' ଏବଂ 'ଉତ୍ର ରାଜବଂଶାବଳୀ' ପ୍ରାଚୀନ ଓଡ଼ିଶାର ଇତିହାସ ଲେଖିବା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ ।

**(୬) ବିଭିନ୍ନ ବିଷୟ ଉପରେ ଆଧାରିତ ସାହିତ୍ୟ :** ଆର୍ଯ୍ୟଭଟ୍ଟଙ୍କ 'ଆର୍ଯ୍ୟଭଟ୍ଟିୟମ୍', ବରାହ ମିହିରଙ୍କ 'ବୃହତ୍ ସଂହିତା', ଚରକଙ୍କ 'ଚରକ ସଂହିତା',ପାଲିକପ୍ୟାଙ୍କ 'ହସ୍ତାୟୁର୍ବେଦ', କାଳିଦାସଙ୍କ ନାଟକ ଯଥା 'ଅଭିଜ୍ଞାନ ଶକୁନ୍ତଳା', 'ମାଳବିକାଗ୍ନି ମିତ୍ରମ' 'ବିକ୍ରମୋର୍ବଶୀୟମ୍' ଏବଂ କାବ୍ୟ ଯଥା 'ରଘୁବଂଶମ୍', 'କୁମାରସମ୍ଭବମ୍', 'ଋତୁ ସଂହାର', 'ମେଘଦୂତମ୍',ଦଣ୍ଡୀଙ୍କ 'ଦଶକୁମାର ଚରିତମ୍', ବିଷ୍ଣୁଶର୍ମାଙ୍କ 'ପଂଚତନ୍ତ୍ର', ଶୂଦ୍ରକଙ୍କ 'ମୃଚ୍ଛକଟିକମ୍', ଅମରସିଂଙ୍କ 'ଅମର କୋଷ' ଇତ୍ୟାଦି ପ୍ରାଚୀନ ଭାରତ ଇତିହାସ ଲେଖିବା ପାଇଁ ଯଥେଷ୍ଟ ତଥ୍ୟ ଯୋଗାଇଥାଏ ।

**ସଂଗମ ସାହିତ୍ୟ : (Sangam Literature)**

ସଂଗମ୍ ସାହିତ୍ୟର ଦୁଇଟି ବିଭାଗ ଯଥା : ପିଟିନେନ୍‌କି କାନାକ୍କୁ ଏବଂ ପରୁପରୁ ଅଧ୍ୟୟନରୁ ଦକ୍ଷିଣ ଭାରତର ରାଜନୈତିକ ସ୍ଥିତି ଜଣାପଡ଼େ ।

**ମଧ୍ୟଯୁଗୀୟ ସାହିତ୍ୟ (Mediaval Literature) :** ହାସାନ୍ ନିଜାମୀଙ୍କ ରଚିତ 'ତାଜ-ଉଲ୍ ମାସିର', ଜିଆଉଦ୍ଦୀନ ବରାଣୀଙ୍କୁ ଲିଖିତ 'ତାରିଖ -ଇ-ଫିରୋଜସାହା' ଓ 'ଫତୱା-ଇ-ଜାହାଙ୍ଗୀର' ଅମୀର ଖୁସ୍ରୁଙ୍କ 'ତୋଗଲକ୍ ନାମା', ମିନ୍‌ହାଜ୍ -ଉସ୍-ମିରାଜଙ୍କ 'ତବାକତ୍-ଇ ନାସିର୍', ଆବୁଲ ଫାଜଲଙ୍କ 'ଆଇନ-ଇ-ଆକବରୀ', ଅବଦୁଲ ହମିଦ୍ ଲହୋରୀଙ୍କ 'ବାଦାହାନାମା' ଇତ୍ୟାଦିକରୁ ସୁଲତାନୀ ତଥା ମୋଗଲ ଯୁଗର ପ୍ରଶାସନିକ ହମିଦ୍ ଲହୋରୀଙ୍କ 'ବାଦଶାହାନାମା' ଇତ୍ୟାଦିରୁ ସୁଲତାନୀ ତଥା ମୋଗଲ ଯୁଗର ପ୍ରଶାସନିକ, ସାମାଜିକ ଏବଂ ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ସୂଚନା ମିଳେ ।

## ବୈଦେଶିକ ବିବରଣୀ

## (Foreign Accounts)

ପ୍ରାଚୀନ ଯୁଗରେ ବହୁ ବୈଦେଶିକ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସି ଏବଂ ଭାରତରେ ବହୁବର୍ଷ ଅବସ୍ଥାନ କରି ସେମାନଙ୍କର ଅନୁଭୂତିକୁ ଲେଖା ମାଧ୍ୟମରେ ପ୍ରକାଶ କରିଅଛନ୍ତି । ସେମାନଙ୍କ ଲେଖାରୁ ଅନେକ ଗୁଡ଼ିଏ ଐତିହାସିକ ତଥ୍ୟ ଲୋକଲୋଚନକୁ ଆସିପାରିଛି ।

**(୧) ମେଗାସ୍ଥିନିସ୍ :** ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଶାସନ ସମୟରେ ଗ୍ରୀକ୍‌ଦୂତ ମେଗାସ୍ଥିନିସ୍ ଭାରତ ଭ୍ରମଣରେ ଆସି ଖ୍ରୀ.ପୂ. ୩୦୨ ରୁ ଖ୍ରୀ.ପୂ. ୨୯୮ ପର୍ଯ୍ୟନ୍ତ ରାଜଧାନୀ ପାଟଳିପୁତ୍ରରେ ଅବସ୍ଥାନ କରି 'ଇଣ୍ଡିକା' ନାମରେ ଏକ ପୁସ୍ତକ ରଚନା କରିଥିଲେ । ସମୟକ୍ରମେ, ଏହାର ମୂଳ ଲେଖାଟି ଅଦୃଶ୍ୟ ହୋଇଯାଇଛି । ତେବେ ମୌର୍ଯ୍ୟଯୁଗର ଶାସନ ପଦ୍ଧତି, ସାମାଜିକ ତଥା ଅର୍ଥନୈତିକ ଅବସ୍ଥା ଜାଣିବା ପାଇଁ ଏହା ଏକ ଉପାଦେୟ ତଥ୍ୟାବଳୀ ବୋଲି ସ୍ୱୀକାର କରାଯାଏ ।

**(୨) ଟଲେମୀ (Tolemy) :** ଟଲେମୀଙ୍କ ରଚିତ 'ଭୂଗୋଳ'ରୁ ପ୍ରାଚୀନ ଭାରତବର୍ଷର ପୋତାଶ୍ରୟ ତଥା ବହିର୍ବାଣିଜ୍ୟ ସମ୍ପର୍କୀୟ ତଥ୍ୟ ମିଳିଥାଏ ।

**(୩) ପ୍ଲିନୀ (Pliny) :** ପ୍ଲିନୀଙ୍କ ରଚନାରୁ ପ୍ରାଚୀନ ଭାରତ ତଥା ରୋମ୍ ସାମ୍ରାଜ୍ୟ ମଧ୍ୟରେ ପ୍ରତିଷ୍ଠିତ ବାଣିଜ୍ୟିକ ସମ୍ପର୍କ ବିଷୟରେ ସୂଚନା ମିଳେ ।

**(୪)ଫାହିୟାନ୍ (Fa-hien)** ୪୦୫ ଖ୍ରୀଷ୍ଟାବ୍ଦରେ ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜତ୍ୱ କାଳରେ ଚୀନ୍ ପରିବ୍ରାଜକ ଫାହିୟାନ୍ ଭାରତ ଭ୍ରମଣରେ ଆସି ଭାରତର ବିଭିନ୍ନ ସ୍ଥାନ ଯଥା : ନାଳନ୍ଦା, ରାଜଗୃହ, ବୁଦ୍ଧଗୟା, ପାଟଳିପୁତ୍ର ଆଦି ଭ୍ରମଣ କରିଥିଲେ । ତାଙ୍କ ଲିଖିତ ପୁସ୍ତକ, 'ଫୋ-ବୋ-କି' (Fo-Quo-Ki) ରୁ ଭାରତର ତତ୍‌କାଳୀନ ସାମାଜିକ ଆର୍ଥିକ ତଥା ଧାର୍ମିକ ଅବସ୍ଥା ସମ୍ପର୍କରେ ସୂଚନା ମିଳେ ।

**(୫) ହୁଏନ୍‌ସାଂ (Huien Tsang)**'ତୀର୍ଥଯାତ୍ରୀଙ୍କ ଯୁବରାଜ' (Prince of Pilgrims) ଭାବେ ପରିଚିତ ଚୀନ ପରିବ୍ରାଜକ ହୁଏନ୍‌ସାଂ, ହର୍ଷବର୍ଦ୍ଧନଙ୍କ ଶାସନ କାଳରେ ୬୩୦ ଖ୍ରୀଷ୍ଟାବ୍ଦରୁ ୬୪୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ ୧୪ ବର୍ଷ ଭାରତରେ ଅବସ୍ଥାନ କରି ନାଳନ୍ଦା ବିଶ୍ୱବିଦ୍ୟାଳୟରେ ବୌଦ୍ଧଧର୍ମ ସମ୍ପର୍କରେ ଅଧ୍ୟୟନ କରିଥିଲେ । ତାଙ୍କ ରଚିତ ପୁସ୍ତକ ସି.ୟୁ.କି. (Si ,yu, ki) ରୁ ଭାରତରେ ବୌଦ୍ଧଧର୍ମର ସ୍ଥିତି ସମ୍ପର୍କରେ ଜଣାପଡ଼େ ।

**(୬) ଇତ୍‌-ସିଂ (I-Tsing)** : ଅନ୍ୟତମ ଚୀନ ଦାର୍ଶନିକ ଇତ୍‌-ସିଂଙ୍କ ବିବରଣୀରୁ ଭାରତରେ ବୌଦ୍ଧଧର୍ମର ବିଲୟ ସମ୍ପର୍କିତ କାରଣ ଜଣାପଡ଼େ ।

**ମଧ୍ୟଯୁଗୀୟ ବୈଦେଶିକ ବିବରଣୀ :**

ସୁଲତାନୀ ତଥା ମୋଗଲ ଶାସନ ସମୟରେ ବହୁ ଆରବୀ, ମଧ୍ୟଏସୀୟ ତଥା ଇଉରୋପୀୟ ପର୍ଯ୍ୟଟକ ଭାରତ ଭ୍ରମଣରେ ଆସିଥିଲେ । ସେମାନଙ୍କ ଲେଖାରୁ ତତ୍‌କାଳୀନ ସାମାଜିକ, ରାଜନୈତିକ, ତଥା ଆର୍ଥିକ ଅବସ୍ଥା ବିଷୟରେ ସୂଚନା ମିଳେ । ଆଲବେରୁଣୀଙ୍କ ଲିଖିତ, 'ତାହକିକ୍‌-ଇ-ହିନ୍ଦ୍" ରୁ ମଧ୍ୟଯୁଗୀୟ ଶାସନ ପଦ୍ଧତି ତଥା ସାମାଜିକ ରୀତିନିତି ଜଣାପଡ଼େ । ସେହିପରି ଅନ୍ୟ ବିଦେଶୀ ଭ୍ରମଣକାରୀ ଯଥା : ଆଲବିଲାଦୁରୀ, ହାସାନ୍ ନିଜାମୀ, ଆଲ ମାସୁଦୀ, ଟ୍ରାଭେନିୟର, ବର୍ଣ୍ଣିୟର ଇତ୍ୟାଦିଙ୍କ ଲେଖାରୁ ମଧ୍ୟଯୁଗୀୟ ତଥା ଉପନିବେଶୀୟ ଶାସନ ସମ୍ବନ୍ଧୀୟ ତଥ୍ୟ ଜଣାପଡ଼େ ।

## ଅଭିଲେଖାଗାରୀୟ ଉପାଦାନ (Archival Source)

ଭାରତ ଇତିହାସର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା - ଅଭିଲେଖାଗାରୀୟ ଉପାଦାନ । ଅଭିଲେଖ ଉପାଦାନ କହିଲେ ବିଶେଷତଃ ସରକାରୀ ନିର୍ଦ୍ଦେଶନାମା, ଦଲିଲ୍, ଦସ୍ତାବିଜ, ସମ୍ବାଦପତ୍ର, ପତ୍ରପତ୍ରିକା, ତାଳପତ୍ର ପୋଥି ଇତ୍ୟାଦିକୁ ବୁଝାଇଥାଏ । ଭାରତରେ ଇଂରେଜ ଶାସନ ସମୟର ଅନେକଗୁଡ଼ିଏ ଗୋପନୀୟ କାଗଜପତ୍ର, ଚୁକ୍ତିନାମା, ସରକାରୀ ଘୋଷଣାନାମା ଇତ୍ୟାଦି ତଥା ରାଜ୍ୟ ଅଭିଲେଖାଗାର ବା ସଂଗ୍ରହାଳୟ (**National and State Archievs**) ମାନଙ୍କରେ ସଂରକ୍ଷଣ କରାଯାଇଛି ।

ସରକାରୀ ନଥିପତ୍ର କହିଲେ ସରକାରୀ ଚିଠିପତ୍ର, ନ୍ୟାୟାଳୟ ତଥା ରାଜସ୍ୱ ବିଭାଗର ତଥ୍ୟାବଳୀ, ପୋଲିସ୍ ଫାଇଲ, ଦଲିଲ୍, ଦସ୍ତାବିଜ୍ ଆଦିକୁ ବୁଝାଏ । ସରକାରୀ କାଗଜପତ୍ରରୁ ପ୍ରଶାସନିକ ଅଧିକାରୀମାନଙ୍କ ଦକ୍ଷତା, ଜନମଙ୍ଗଳକାର୍ଯ୍ୟ ସମ୍ପର୍କିତ ଯୋଜନା, ନ୍ୟାୟିକ ବ୍ୟବସ୍ଥା ଇତ୍ୟାଦି ବିଷୟରେ ଉପାଦେୟ ତଥ୍ୟ ମିଳିଥାଏ ।

ବେସରକାରୀ ଏବଂ ବ୍ୟକ୍ତିଗତ ନଥିପତ୍ର ବା ଡାଏରୀ (**Diary**)ରୁ ବିଭିନ୍ନ ସମୟର ପ୍ରଶାସନିକ ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ଜମିଦାର, ରାଜା, ସମାଜସେବୀ ଇତ୍ୟାଦିଙ୍କ ସମ୍ପର୍କରେ ବହୁ ଉପାଦେୟ ତଥ୍ୟ ମିଳିଥାଏ । ପୁନଶ୍ଚ, ବିଭିନ୍ନ ଧର୍ମାନୁଷ୍ଠାନ ଯଥା : ମନ୍ଦିର, ମସ୍‌ଜିଦ୍, ଆଶ୍ରମ, ଗୀର୍ଜା, ଇତ୍ୟାଦିରେ ଲିପିବଦ୍ଧ ହୋଇ ରହିଥିବା ତଥ୍ୟ, ଇତିହାସ ଲେଖିବା ପାଇଁ ସହାୟକ ହୋଇଥାଏ ।

ସମ୍ବାଦପତ୍ର ଏବଂ ପତ୍ରପତ୍ରିକାରେ ପ୍ରକାଶିତ ନୂତନ ତଥ୍ୟ, ଇତିହାସ ଲେଖିବା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ । ନୂତନ ଆବିଷ୍କାରଗୁଡ଼ିକ ସମ୍ବାଦପତ୍ର ମାଧ୍ୟମରେ ଲୋକଲୋଚନକୁ ଆସିବା ଦ୍ୱାରା ଇତିହାସ ଲେଖିବା ସହଜ ହୋଇ ପାରିଛି ।

ସୁତରାଂ, ଭାରତ ଇତିହାସ ଲେଖିବା ପାଇଁ ଉପରୋକ୍ତ ଉପାଦାନଗୁଡ଼ିକ ଅତ୍ୟନ୍ତ ଜରୁରୀ । କିନ୍ତୁ ଐତିହାସିକମାନେ ଗବେଷଣା ମାଧ୍ୟମରେ ବିଭିନ୍ନ ତଥ୍ୟର ସତ୍ୟାସତ୍ୟ ଅନୁସନ୍ଧାନ କରିବା ନିହାତି ଅପରିହାର୍ଯ୍ୟ ॥

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।

(କ)କେଉଁ ଇଂରେଜ ବଡ଼ଲାଟଙ୍କ ଶାସନ ସମୟରେ ପ୍ରତ୍ନତତ୍ତ୍ୱ ବିଭାଗ ସ୍ଥାପନ କରାଯାଇଥିଲା ?

(୧) ଲର୍ଡ଼ ବେଣ୍ଟିକ୍ (୨) ଲର୍ଡ଼ ରିପନ୍

(୩) ଲର୍ଡ଼ କର୍ଜନ୍ (୪) ଲର୍ଡ଼ କ୍ୟାନିଂ

(ଖ) କେଉଁ ଅଭିଲେଖରେ ଖାରବେଳଙ୍କ କୃତିତ୍ୱ ବର୍ଣ୍ଣନା କରାଯାଇଛି ।

(୧) ଆଲ୍ଲାହାବାଦ ଅଭିଲେଖ (୨) ଧଉଳି ଅଭିଲେଖ

(୩) ପ୍ରୟାଗ ଅଭିଲେଖ (୪) ହାତୀଗୁମ୍ଫା ଅଭିଲେଖ

(ଗ) ଆଲ୍ଲାହାବାଦ ସ୍ତମ୍ଭ ଅନୁଶାସନରେ କେଉଁ ରାଜାଙ୍କ ରାଜ୍ୟ ଜୟ ବିଷୟ ଉଲ୍ଲେଖ ଅଛି ?

(୧) ସମୁଦ୍ରଗୁପ୍ତ (୨) ୨ୟ ଚନ୍ଦ୍ରଗୁପ୍ତ

(୩) ସ୍କନ୍ଦଗୁପ୍ତ (୪) କୁମାରଗୁପ୍ତ

(ଘ)କେଉଁ ମୁଦ୍ରାକୁ ଭାରତର ପ୍ରାଚୀନତମ ମୁଦ୍ରା ରୂପେ ସ୍ୱୀକାର କରାଯାଏ ?

(୧) ସ୍ୱର୍ଣ୍ଣମୁଦ୍ରା (୨) ତାମ୍ରମୁଦ୍ରା

(୩) ଛାପାମୁଦ୍ରା (୪) ରୌପ୍ୟମୁଦ୍ରା

(ଙ)ଏପିଗ୍ରାଫର ଅର୍ଥ କ'ଣ ?

(୧) ପ୍ରାଚୀନ ମୁଦ୍ରାର ପଠନ (୨)ଶିଳାଲେଖ ପଠନ

(୩) ସାହିତ୍ୟ ଅଧ୍ୟୟନ (୪) ପ୍ରାଚୀନ କୀର୍ତ୍ତିରାଜି ଅନୁଧ୍ୟାନ

(ଚ) ମୁଦ୍ରା ଅନୁଧ୍ୟାନ ପଦ୍ଧତିକୁ କ'ଣ କୁହାଯାଏ ?

(୧) ଏପିଗ୍ରାଫି (୨) ମୁଦ୍ରାତତ୍ତ୍ୱ

(୩)ଧ୍ୱଂସାବଶେଷର ଅଧ୍ୟୟନ (୪) ଅଭିଲେଖ ପଠନ

(ଛ) କେଉଁ ଅଭିଲେଖ ମାଧ୍ୟମରେ ରାଜାମାନେ ନିଜ ନିଜର ପ୍ରଶଂସା ବ୍ୟକ୍ତ କରୁଥିଲେ ?

(୧)ଧାର୍ମିକ ଅଭିଲେଖ (୨)ଆଜ୍ଞାପତ୍ର

(୩)ପ୍ରଶଂସାବ୍ୟଞ୍ଜନ ଅଭିଲେଖ (୪) ସ୍ମାରକ ଅଭିଲେଖ

(ଜ) 'ପ୍ରୟାଗ ପ୍ରଶସ୍ତି'ର ରଚୟିତା କିଏ ?

(୧) ହରିଶେଣ (୨)ବାଣଭଟ୍ଟ

(୩) କୌଟିଲ୍ୟ (୪) ଭାସ

(ଝ) 'ତାହକିକ୍-ଇ-ହିନ୍ଦ'ର ଲେଖକ କିଏ ?

(୧) ହାସାନ ନିଜାମୀ (୨) ଆଲ୍ ମାସୁଦୀ

(୩) ଆଲ୍ ବେରୁଣୀ (୪) ଆଲ୍ ବିଲାଦୁରୀ

(ଞ) 'ଫୋ-କୋ-କି' କାହାର ସୃଷ୍ଟି ?

(୧) ହୁଏନ୍‌ସାଂ (୨) ଟଲେମି

(୩) ଇଡ୍-ସିଂ (୪) ଫାହିୟାନ୍

(ଟ) ଗିରନାର୍ ପ୍ରସ୍ତର ଅଭିଲେକରୁ କେଉଁ ରାଜାଙ୍କ ସମ୍ପର୍କରେ ଜଣାପଡ଼େ ?

(୧) ଅଶୋକ (୨) ହର୍ଷ

(୩) ଦ୍ୱିତୀୟ ପୁଲକେଶୀ (୪) ରୁଦ୍ରଦମନ

ଉତ୍ତର: (କ) ଲର୍ଡ଼ କର୍ଜନ (ଖ) ହାତୀଗୁମ୍ଫା ଅଭିଲେଖ (ଗ) ସମୁଦ୍ରଗୁପ୍ତ (ଘ) ଛାପାମୁଦ୍ରା (ଙ) ଶିଳଲେଖ ପଠନ (ଚ) ମୁଦ୍ରାତତ୍ତ୍ୱ (ଛ) ପ୍ରଶଂସାବ୍ୟଞ୍ଜନ ଅଭିଲେଖ (ଜ) ହରିଶେଣା) (ଝ) ଆଲବେରୁଣୀ (ଞ) ଫାହିୟାନ୍ (ଟ)ରୁଦ୍ରଦମନ

**୨. ଶୂନ୍ୟସ୍ଥାନ ପୂରଣ କର ।**

(କ) .............. ପ୍ରଶସ୍ତିରୁ ରାଜା ଗୌତମୀ ପୁତ୍ର ସାତକର୍ଣ୍ଣୀଙ୍କ କୃତିତ୍ୱ ଜଣାପଡ଼େ ।

(ଖ) ଦ୍ୱିତୀୟ ପୁଲକେଶୀଙ୍କ କୃତିତ୍ୱ ................ଅଭିଲେଖରୁ ଜଣାପଡ଼େ ।

(ଗ) ................ରାଜବଂଶର ଶାସନ ସମୟରେ ତାଞ୍ଜୋରଠାରେ ସ୍ଥାପତ୍ୟର ବିକାଶ ଘଟିଥିଲା ।

(ଘ) 'ରାମଚରିତ' ର ଲେଖକ ଥିଲେ ................ ।

(ଙ) 'ପୃଥ୍ୱୀରାଜ ରସୋ' .............ଙ୍କ ସୃଷ୍ଟି ।

(ଚ) 'ରାଜତରଙ୍ଗିଣୀ'ର ଲେଖକ ଥିଲେ............ ।

(ଛ)......................ହସ୍ତାର୍ୟୁବେଦ ରଚନା କରିଥିଲେ ।

(ଜ) 'ଅଷ୍ଟାଧ୍ୟାୟମ୍' ର ଲେଖକ ଥିଲେ ............... ।

(ଝ)'ମହାଭାଷ୍ୟ' .............ଙ୍କ ସୃଷ୍ଟି ।

(ଞ) ମୀନହାଜ୍-ଉସ୍-ମିରାଜଙ୍କ ଶାସନ ସମୟରେ ବିଦେଶୀ ପର୍ଯ୍ୟଟକ ............ ଭାରତ ଆସିଥିଲେ ।

**ଉତ୍ତର :** (କ) ନାସିକ ପ୍ରଶସ୍ତି (ଖ) ଐହୋଲ (ଗ) ଚୋଳ (ଘ) ସନ୍ଧ୍ୟାକର ନନ୍ଦୀ (ଙ) ଚାନ୍ଦ ବରଦାଇ (ଚ) କଲହଣ (ଛ) ପାଳକପ୍ୟ (ଜ) ପାଣିନି (ଝ) ପାତଞ୍ଜଳି (ଞ) ତବାକତ୍-ଇ-ନାସିର (ଟ) ଇବନ୍ ବତୁତା

## 'ଖ' ବିଭାଗ

୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।

(କ) ଇତିହାସ ଲେଖିବା ପାଇଁ ଶିଳଲେଖ କିପରି ସହାୟକ ହୋଇଥାଏ ?

(ଖ) ମୁଦ୍ରାବିଜ୍ଞାନ କହିଲେ ତୁମେ କ'ଣ ବୁଝ ?

(ଗ) ଆଜ୍ଞାପତ୍ର କ'ଣ ଏବଂ ତା'ର ଦୁଇଟି ଉଦାହରଣ ଦିଅ ।

(ଘ) ହୁଏନ୍‌ସାଂ କିଏ ? ତାଙ୍କ ରଚିତ ପୁସ୍ତକର ନାମ ଲେଖ ?

(ଙ) ଫାହିଆନ୍ କିଏ ? ସେ କେବେ ଭାରତ ଭ୍ରମଣରେ ଆସିଥିଲେ ?

(ଚ) ସରକାରୀ ନଥିପତ୍ରର ଉପାଦେୟତା ବୁଝାଅ ।

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

(କ) ପ୍ରତ୍ନତାତ୍ତ୍ୱିକ ଭଗ୍ନାବଶେଷ ।

(ଖ) ଲୌକିକ ସାହିତ୍ୟ

(ଗ) ଫାହିୟାନ୍

(ଘ) ହୁଏନ୍‌ସାଂ

(ଙ) ମେଗାସ୍ଥିନିସ୍

(ଚ) ଦଲିଲ୍ ଓ ଦସ୍ତାବିଜ୍

## 'ଗ' ବିଭାଗ

**ଦୀର୍ଘ ପ୍ରଶ୍ନୋତ୍ତର :**

୧. ପ୍ରାଚୀନ ଭାରତ ଇତିହାସର ପ୍ରତ୍ନତାତ୍ତ୍ୱିକ ଉପାଦାନ ଉଲ୍ଲେଖ କର ।

୨. ଭାରତ ଇତିହାସର ସାହିତ୍ୟିକ ଉପାଦାନ ସମ୍ପର୍କରେ ଯାହା ଜାଣ ଲେଖ ।

୩. ଭାରତ ଇତିହାସ ଲେଖିବା ପାଇଁ ବୈଦେଶିକ ବିବରଣୀ କିପରି ସହାୟକ ହୋଇଥାଏ ?

୪. ଭାରତ ଇତିହାସର ଅଭିଲେଖାଗାରୀୟ ଉପାଦାନ ସମ୍ପର୍କରେ ଯାହା ଜାଣ ଲେଖ ?

# ଦ୍ୱିତୀୟ ଅଧ୍ୟାୟ

## ଭାରତୀୟ ସଂସ୍କୃତିର ମୂଳଭିତ୍ତି

## (Foundation of Indian Culture)

**(କ) ହରପ୍ପା ସଂସ୍କୃତି (Harappan Culture) :** ଆବିଷ୍କାର, ଭୌଗୋଳିକ ବିସ୍ତୃତି, ନଗର ପରିକଳ୍ପନା, ନିର୍ମାଣ, କୃଷି, ଗୃହପାଳିତ ପଶୁ, ପ୍ରଯୁକ୍ତି ଓ କାରିଗରୀ, ବାଣିଜ୍ୟ, ବାହ୍ୟ ଅଞ୍ଚଳ ସହିତ ସମ୍ପର୍କ, ଲିପି, ଓଜନ, ମାପ, ଧର୍ମ ବିଶ୍ୱାସ ଏବଂ ମୋହର ।

***(Harappan Culture : Discovery, Geographical Extent, Town Planing, Structures, Agriculture, Domesticationof Animals, Technology and Craft, Trade, Contact with distantlends, Scripts, Weights, Measurement, Religious beliefs, Seals)***

ବିଶ୍ୱର ପ୍ରାଚୀନ ସଭ୍ୟତାଗୁଡ଼ିକ ମଧ୍ୟରେ ସିନ୍ଧୁ ସଭ୍ୟତା ଅନ୍ୟତମ । ଏହି ସଭ୍ୟତାର ଧ୍ୱଂସାବଶେଷ ସର୍ବପ୍ରଥମେ ହରପ୍ପାରୁ ଆବିଷ୍କୃତ ହୋଇଥିବାରୁ ଏହାକୁ ହରପ୍ପା ସଭ୍ୟତା ନାମରେ ନାମିତ କରାଯାଇଛି ।

ବ୍ରୋଞ୍ଜ ଯୁଗରେ ଖ୍ରୀ.ପୂ. ୩୦୦୦ ରୁ ଖ୍ରୀ. ପୂ. ୧୩୦୦ ମଧ୍ୟରେ ଏହି ସଭ୍ୟତା ବିକଶିତ ହୋଇଥିଲା । ମିଶର ଏବଂ ମେସୋପଟାମିଆ ସଭ୍ୟତା ତଥା ସିନ୍ଧୁ ସଭ୍ୟତା ଏକ ସମୟରେ ଗଢ଼ି ଉଠିଥିବା ବିଶ୍ୱାସ କରାଯାଏ । ଭାରତୀୟ ଉପମହାଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ସିନ୍ଧୁ ନଦୀ ଉପତ୍ୟକାରେ ଏହି ସଭ୍ୟତାର ବିସ୍ତାର ଘଟିଥିଲା । ଏହା ହେଉଛି ଏକ ସୁବିସ୍ତୃତ ତଥା ପ୍ରାଚୀନ ସହରୀ ସଭ୍ୟତା । ଆୟତନ ଦୃଷ୍ଟିରୁ ଏହି ସଭ୍ୟତା ଥିଲା ମିଶର୍ ଏବଂ ମେସୋପଟାମିଆ ସଭ୍ୟତାର ଆପାତତଃ ୧୨ ଗୁଣ ।

**ଆବିଷ୍କାର :** ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଜନ୍ ମାର୍ଶାଲଙ୍କ ନେତୃତ୍ୱରେ ଗଠିତ ଏକ ପ୍ରତ୍ନତାତ୍ତ୍ୱିକ ଦଳ ହରପ୍ପା ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କାର କରିଥିଲେ । ୧୯୨୧ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ଜୟାରାମ ସାହାଣୀ ନାମକ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ପ୍ରତ୍ନତାତ୍ତ୍ୱିକ ଖନନ ଦ୍ୱାରା ହରପ୍ପା ସଭ୍ୟତାର ଧ୍ୱଂସାବଶେଷ ଲୋକଲୋଚନକୁ ଆଣିବା ପାଇଁ ସମର୍ଥ ହୋଇଥିଲେ । ୧୯୨୨ ମସିହାରେ ଅନ୍ୟତମ ପ୍ରତ୍ନତତ୍ତ୍ୱବିତ୍ ରାଖାଲ୍ ଦାସ ବାନାର୍ଜୀ ଭୂଖନନ ଦ୍ୱାରା ମହେଞ୍ଜୋଦାରୋ (ମୃତ ନଗରୀ) ରୁ ଏହି ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କାର କରିଥିଲେ ।

**ଭୌଗୋଳିକ ବିସ୍ତୃତି :** ଅବିଭକ୍ତ ଭାରତବର୍ଷର ସିନ୍ଧୁ ପ୍ରଦେଶ ଏବଂ ପଞ୍ଜାବ ଥିଲା ହରପ୍ପା ସଭ୍ୟତାର କେନ୍ଦ୍ରସ୍ଥଳୀ । ସମୟକ୍ରମେ, ଏହି ସଭ୍ୟତା ଅନ୍ୟ ଅଞ୍ଚଳମାନଙ୍କରେ ବିସ୍ତାରଲାଭ କରିଥିଲା । ପଶ୍ଚିମରେ ଆଫଗାନିସ୍ଥାନର ଦକ୍ଷିଣ ବେଲୁଚିସ୍ଥାନଠାରୁ ଆରମ୍ଭ କରି ପୂର୍ବରେ ଉତ୍ତର ପ୍ରଦେଶର ମିରଟ୍ ଜିଲ୍ଲାସ୍ଥିତ ଆଲମଗିରି ପର୍ଯ୍ୟନ୍ତ ଏହି ସଭ୍ୟତା ବିସ୍ତୃତ ଥିଲା । ସେହିପରି ଉତ୍ତରରେ ଏହା ଜାମ୍ମୁସ୍ଥିତ ମଣ୍ଡାଠାରୁ ଆରମ୍ଭ କରି ଦକ୍ଷିଣରେ ଗୁଜୁରାଟ୍‌ର ନର୍ମଦା ନଦୀ ମୁହାଣରେ ଅବସ୍ଥିତ ଭଗତ୍ରଭ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ଭାରତରେ ବିଭିନ୍ନ ପ୍ରଦେଶ ଯଥା : ପଞ୍ଜାବ, ହରିୟାନା, ଗୁଜୁରାଟ, ରାଜସ୍ଥାନ ଏବଂ ପଶ୍ଚିମ ଉତ୍ତର ପ୍ରଦେଶ ତଥା ପାକିସ୍ଥାନର ସିନ୍ଧୁ ପ୍ରଦେଶ ଏବଂ ବେଲୁଚିସ୍ଥାନରେ ସିନ୍ଧୁ ସଭ୍ୟତା ବିସ୍ତାର ଲାଭ କରିଥିଲା । ଏହି ସଭ୍ୟତାର ମୁଖ୍ୟ କେନ୍ଦ୍ରଗୁଡ଼ିକ ହେଲା ଭାରତସ୍ଥିତ ପୂର୍ବ ପଞ୍ଜାବର ରୂପାର, ହରିୟାନାର ବନୱାଲି, ବାଲୁ ,ମିତାଥଲ, ଭଗବାନପୁର ଏବଂ

ରାକ୍ଷିଗଡ଼, ରାଜସ୍ଥାନର କାଳିବଙ୍ଗାନ୍, ଜମ୍ମୁର ମଣ୍ଡା, ଉତ୍ତର ପ୍ରଦେଶର ବଡ଼ଗାଓଁ, ମାନପୁର ଏବଂ ଆଲମଗିର, ଗୁଜୁରାଟର ଲୋଥାଲ, ସୁରକୋଟକା, ରାଙ୍ଗୋଡ଼ି ଏବଂ ଭଗତ୍ରଭ, ମହାରାଷ୍ଟ୍ରର ଦାଇମାବାଦ, ପାକିସ୍ଥାନର ହରପ୍ପା,ମହେଞ୍ଜୋଦାରୋ, ତରକାଇକିଲ୍ଲା, ଗୁମ୍‌ଲା ନିନ୍ଦୋୱାରୀ, ରହମନ୍‌ଧେରୀ ଇତ୍ୟାଦି ତଥା ଆଫଗାନିସ୍ଥାନର ସୋରତୁଘାଇ, ମୁଣ୍ଡିଗକ୍, ରଣଘୁଣ୍ଡାଇ, ପେରିଆନୋଘୁଣ୍ଡାଇ ଇତ୍ୟାଦି ।

**ନଗର ପରିକଳ୍ପନା :** ନଗର ପରିକଳ୍ପନା ଥିଲା ହରପ୍ପା ସଭ୍ୟତାର ମୁଖ୍ୟ ବୈଶିଷ୍ଟ୍ୟ । ସିନ୍ଧୁ ସଭ୍ୟତାର ପ୍ରତ୍ୟେକ ସହରକୁ ୨ ଭାଗରେ ବିଭକ୍ତ କରାଯାଇଥିଲା । ଉଚ୍ଚ ସ୍ଥାନରେ ନିର୍ମିତ ଥିଲା ଶସ୍ୟାଗାର, ସଭା ଏବଂ ବୃହତ୍ ସ୍ନାନାଗାର । ପଶ୍ଚିମ ପଞ୍ଜାବର ରାବୀ ନଦୀ କୂଳସ୍ଥିତ ମଣ୍ଟେଗୋମାରୀ ଜିଲ୍ଲାର ହରପ୍ପା ଏବଂ ସିନ୍ଧୁ ପ୍ରଦେଶର ଲାରକାନା ଜିଲ୍ଲାସ୍ଥିତ ସିନ୍ଧୁ ନଦୀ (Indus) କୂଳରେ ମହେଞ୍ଜୋଦାରୋ ଅବସ୍ଥିତ ଥିଲା । ପ୍ରଶସ୍ତ ରାସ୍ତା ଏବଂ ଜଳ ନିଷ୍କାସନ ବ୍ୟବସ୍ଥା ଥିଲା ହରପ୍ପା ସଭ୍ୟତାର ଅନ୍ୟାନ୍ୟ ବୈଶିଷ୍ଟ୍ୟ ।

(୧) ହରପ୍ପା ସଭ୍ୟତାର ରାସ୍ତାଗୁଡ଼ିକୁ ଯୋଜନାବଦ୍ଧ ଭାବରେ ନିର୍ମାଣ କରାଯାଇଥିଲା । ମୁଖ୍ୟ ରାସ୍ତା ଗୁଡ଼ିକର ଚଉଡ଼ା ଥିଲା ପ୍ରାୟତଃ ୩୦ ଫୁଟ । ନଗର ମଧ୍ୟରେ ଥିବା ରାସ୍ତାଗୁଡ଼ିକ ଥିଲା ଖୁବ୍ ପ୍ରଶସ୍ତ ଏବଂ ପରସ୍ପରକୁ ସମକୋଣରେ ଛେଦ କରୁଥିଲା । ଏହାଦ୍ୱାରା ପ୍ରତ୍ୟେକ ସହର ଅନେକଗୁଡ଼ିଏ ବୃହତ୍ ସମଚତୁଷ୍କୋଣ ସମାନ୍ତରାଳ ରାସ୍ତା ମଧ୍ୟରେ ଥିବା ଘର ସମୂହରେ ବିଭକ୍ତ ହୋଇଥିଲା । ରାସ୍ତାକୁ ସୁଦୃଢ଼ କରିବା ପାଇଁ ପୋଡ଼ା ଇଟା ବ୍ୟବହାର କରାଯାଇଥିଲା । ଭାରିଯାନ ଚଳାଚଳ ପାଇଁ ପ୍ରତ୍ୟେକ ରାସ୍ତାର କୋଣକୁ ଗୋଲାକାର କରାଯାଇଥିଲା ।

(୨) ସହରର ଦୂଷିତ ଜଳ ଏବଂ ଆବର୍ଜନା ନିଷ୍କାସନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତ ନାଳମାନ ନିର୍ମିତ ହୋଇଥିଲା । ନାଳଗୁଡ଼ିକୁ ଆବୃତ୍ତ ରଖାଯାଇଥିଲା । ପ୍ରତ୍ୟେକ ବାସଗୃହରୁ ମଇଳା ଜଳ ନିଷ୍କାସନ ପାଇଁ ଛୋଟ ଛୋଟ ନାଳି ରହିଥିଲା ଏବଂ ସେଗୁଡ଼ିକୁ ମୁଖ୍ୟ ନାଳି ସହିତ ସଂଯୁକ୍ତ କରାଯାଇଥିଲା । ସୁତରାଂ ମଇଳା ଜଳ ନିଷ୍କାସନ ବ୍ୟବସ୍ଥା ଥିଲା ହର୍‌ପପା ସଭ୍ୟତାର ଏକ ବୈଶିଷ୍ଟ୍ୟ ।

(୩) ପ୍ରତ୍ୟେକ ବାସଗୃହରେ ବଡ଼ ବଡ଼ ଅଗଣା ରହିଥିଲା ଏବଂ ସାଧାରଣତଃ ଅଗଣାର ଆବୃତକୋଣରେ ରୋଷେଇ ଘର ରହିଥିଲା ।

(୪) ପୋଡ଼ା ଇଟା ଏବଂ କାଠରେ ବାସଗୃହଗୁଡ଼ିକୁ ନିର୍ମାଣ କରାଯାଇଥିଲା ।

(୫) ପ୍ରତ୍ୟେକ ବାସଗୃହରେ ପ୍ରଶସ୍ତ ଶୟନକକ୍ଷ ସହିତ ସ୍ନାନାଗାର ସଂଲଗ୍ନ ଥିଲା ଏବଂ ମୁକ୍ତ ବାୟୁ ଚଳାଚଳର ମଧ୍ୟ ସୁବିଧା କରାଯାଇଥିଲା ।

(୬) ଗୃହର ମୁଖ୍ୟଦ୍ୱାର ଏବଂ ଝରକା, ମୁଖ୍ୟ ରାସ୍ତା ଆଡ଼କୁ ନ ରହି ବିପରୀତ ପାର୍ଶ୍ୱକୁ ରହିଥିଲା ।

**ନିର୍ମାଣ :** ହରପ୍ପାବାସୀଙ୍କର ସ୍ଥାପତ୍ୟ ପ୍ରତି ଥିବା ଅବଦାନ, ସର୍ବସାଧାରଣଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନିର୍ମାଣ ଯଥା : ବୃହତ୍ ସ୍ନାନାଗାର ଏବଂ ଶସ୍ୟାଗାରରୁ ପ୍ରତୀତ ହୁଏ ।

**ବୃହତ୍ ସ୍ନାନାଗାର (Great Bath) :** ମହେଞ୍ଜୋଦାରୋରୁ ଆବିଷ୍କୃତ ହୋଇଥିବା ଅତି ସୁନ୍ଦର ଏକ ବୃହତ୍ ସ୍ନାନାଗାରର ଦୈର୍ଘ୍ୟ ଥିଲା ୧୮୦ ଫୁଟ ଏବଂ ପ୍ରସ୍ଥ ୧୦୮ ଫୁଟ (୫୫ ୩୩ ମିଟର) । ସ୍ନାନାଗାରର ମଧ୍ୟଭାଗରେ ଥିଲା ଏକ ଜଳାଶୟ, ଯାହାର ଦୈର୍ଘ୍ୟ ହେଲା ୩୯ ଫୁଟ, ପ୍ରସ୍ଥ ୨୮ ଫୁଟ ଏବଂ ଉଚ୍ଚତା ୮ ଫୁଟ(୧୨X ୭ X୩ମି) । ସ୍ନାନାଗାର ମଧ୍ୟକୁ ପ୍ରବେଶ କରିବା ପାଇଁ ପାହାଚମାନ ରହିଥିଲା । ଏହାର ତିନି ପାର୍ଶ୍ୱରେ ବସିବା ପାଇଁ ପ୍ରଶସ୍ତ ଗ୍ୟାଲେରୀ, ଛୋଟ ବଡ଼

କୋଠରି ଏବଂ ବାରଣ୍ଡା ରହିଥିଲା । ସ୍ନାନାଗାରରୁ ଦୂଷିତ ଜଳ ନିଷ୍କାସନ ନିମନ୍ତେ ରାସ୍ତାର ମୁଖ୍ୟ ନାଳି ସହିତ ସଂଯୁକ୍ତ ଏକ ନାଳି ରହିଥିଲା । ଜଳାଶୟଟିକୁ ଜଳପୂର୍ଣ୍ଣ ରଖିବା ନିମନ୍ତେ ତଳ ଦେଶ ତଥା ଚତୁଃପାର୍ଶ୍ୱରେ ଥିବା କାନ୍ଥଗୁଡ଼ିକୁ ପୋଡ଼ା ଇଟା, ପଲସ୍ତରା ଏବଂ ପିଚୁ ତଥା ଖଣିଜ ପଦାର୍ଥ ଦ୍ୱାରା ଶକ୍ତ କରାଯାଇଥିଲା । ପୋଷାକ ବଦଳାଇବା ପାଇଁ ସ୍ୱତନ୍ତ୍ର କୋଠରିର ବ୍ୟବସ୍ଥା ରହିଥିଲା । ଧର୍ମୀୟ ପୂଜାର୍ଚ୍ଚନା ପାଇଁ ବୃହତ ସ୍ନାନାଗାରକୁ ବ୍ୟବହାର କରାଯାଇଥିବା ଅନୁମାନ କରାଯାଏ ।

**ଶସ୍ୟଗାର (Granary)** :ଚାରିଗୋଟି ସ୍ଥାନ ଯଥା : ହରପ୍ପା, ମହେଞ୍ଜୋଦାରୋ, ଲୋଥାଲ ଏବଂ କାଳିବଙ୍ଗା ଠାରେ ଶସ୍ୟାଗାର ଦେଖିବାକୁ ମିଳେ । ମହେଞ୍ଜୋଦାରୋଠାରେ ଥିବା ଶସ୍ୟାଗାରର ଆୟତନ ଥିଲା ୪୫.୭୧ X୧୫. ୨୩ ମିଟର । ହରପ୍ପାରେ ଥିବା ଶସ୍ୟାଗାରର ଆୟତନ ଥିଲା ୧୫.୨୩ ମି X ୬.୦୯ ମିଟର । ଶସ୍ୟାଗାର ମଧ୍ୟରେ ଇଟାରେ ନିର୍ମିତ ଏକ ଆୟତାକାର ଚଟାଣ ରହିଥିଲା । ଚଟାଣରେ ଶସ୍ୟଅମଳ କରାଯାଉଥିଲା । ଶସ୍ୟଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ବାୟୁ ଚଳାଚଳର ଉପଯୁକ୍ତ ବ୍ୟବସ୍ଥା ରହିଥିଲା ।

**କୃଷି :** ହରପ୍ପାବାସୀଙ୍କ ମୁଖ୍ୟ ଜୀବିକା ଥିଲା କୃଷି । ବିଭିନ୍ନ ତଥ୍ୟରୁ ଜଣାପଡ଼େ ଯେ ହରପ୍ପା ସଭ୍ୟତା ଥିଲା ଏକ ସମୃଦ୍ଧ ସଭ୍ୟତା । ସିନ୍ଧୁ, ରାବୀ, ଚେନାବ, ଝେଲମ୍, ସତ୍‌ଲେଜ୍ ଇତ୍ୟାଦି ନଦୀ ଉପତ୍ୟକା ଅତ୍ୟନ୍ତ ଉର୍ବର ହୋଇଥିବାରୁ ହରପ୍ପାବାସୀ ବିଭିନ୍ନ ଶସ୍ୟ ଯଥା : ଧାନ, ଗହମ, ବାର୍ଲି, ବିନ୍‌ସ, ରାଶି, ସୋରିଷ, ବାଜରା ଇତ୍ୟାଦି ଉତ୍ପାଦନ କରୁଥିଲେ । ସେମାନେ କୃଷିକାର୍ଯ୍ୟରେ ଲଙ୍ଗଳ ବ୍ୟବହାର କରିଥିବା ଜଣାପଡ଼େ । ଆବିଷ୍କୃତ ହୋଇଥିବା ଶସ୍ୟାଗାରର ଧ୍ୱଂସାବଶେଷରୁ ଜଣାପଡ଼େ ଯେ ସିନ୍ଧୁ ଅଧିବାସୀ ପ୍ରଚୁର ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ କରି ଶାନ୍ତିରେ ଜୀବନଯାପନ କରୁଥିଲେ ।

**ଗୃହପାଳିତ ପଶୁ :** ହରପ୍ପାବାସୀ କୃଷି ବ୍ୟତୀତ ପଶୁପାଳନକୁ ମଧ୍ୟ ଜୀବିକା ଭାବରେ ଗ୍ରହଣ କରିଥିଲେ । ସେମାନେ ମଇଁଷି, ବୃଷଭ, ବଳଦଇତ୍ୟାଦି ପଶୁଙ୍କୁ କୃଷିକାର୍ଯ୍ୟରେ ନିୟୋଜିତ କରୁଥିଲେ । ସେମାନେ ମେଣ୍ଢା, ଛେଳି, ମଇଁଷି, ଓଟ, ଘୁଷୁରି, ବିଲେଇ ଇତ୍ୟାଦି ପଶୁ ଲାଳନପାଳନ କରୁଥିଲେ । ସେମାନଙ୍କୁ କୁକୁର ଏବଂ ଘୋଡ଼ାର ବ୍ୟବହାର ଜଣା ନଥିଲା । ସେମାନେ ହରିଣ, ସମ୍ବର, ବାରାହା ଇତ୍ୟାଦି ପଶୁଙ୍କୁ ଶିକାର କରି ଖାଦ୍ୟ ରୂପେ ଗ୍ରହଣ କରୁଥିଲେ ।

**ପ୍ରଯୁକ୍ତି ଓ କାରିଗରୀ :** ହସ୍ତଶିଳ୍ପରେ ନିୟୋଜିତ ହେବା ପାଇଁ ହରପ୍ପାବାସୀଙ୍କ ନିକଟରେ ପର୍ଯ୍ୟାପ୍ତ ସମୟ ରହିଥିଲା । ସେମାନେ କୃଷି ଏବଂ ପଶୁପାଳନ ବ୍ୟତୀତ କାରିଗରୀ ଶିଳ୍ପ ଏବଂ ବୈଷୟିକ ଜ୍ଞାନକୁ ଆର୍ଥନୈତିକ ଜୀବିକା ରୂପେ ଆଦରି ନେଇଥିଲେ ।

**(୧) ଧାତବ ଶିଳ୍ପ :** ହରପ୍ପାବାସୀ ବିଭିନ୍ନ ଧାତୁ ଯଥା : ତାମ୍ର, ପିତଳ, ବ୍ରୋଞ୍ଜରୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରସ୍ତୁତ କରୁଥିଲେ । ସେମାନେ ଆତ୍ମରକ୍ଷା ପାଇଁ ବିଭିନ୍ନ ଧାତୁରୁ ପ୍ରସ୍ତୁତ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିଲେ । ସେମାନେ ବ୍ୟବହାର କରୁଥିବା ଛୁରୀ, କ୍ଷୁର, ଛୁଞ୍ଚି, ଦାଆ, ବୋତାମ, ମାଛଧରା କଣ୍ଟା, ଦର୍ପଣ, ପାନିଆ ଇତ୍ୟାଦି ଉପକରଣଗୁଡ଼ିକୁ ତମ୍ବା କିମ୍ବା ବ୍ରୋଞ୍ଜରୁ ପ୍ରସ୍ତୁତ କରାଯାଉଥିଲା । ସମ୍ଭବତଃ ,ସେମାନଙ୍କୁ ଲୁହାର ବ୍ୟବହାର ଜଣା ନଥିଲା ।

ହରପ୍ପାବାସୀ ପଥରକୁ ମସୃଣ କରି ଧାରୁଆ ବ୍ଲେଡ୍ ପ୍ରସ୍ତୁତ କରୁଥିଲେ । ସେମାନେ ସୁନା ରୁପା, ହାତୀଦାନ୍ତ (Ivory) ଏବଂ ମୂଲ୍ୟବାନ ପ୍ରସ୍ତର ଯଥା: ସ୍ୱଚ୍ଛ ପଥର (Agate), ନୀଳ ପଥର (Lapis Lazuli), ଧୂସର ପଥର (Steatite) ରୁ ବିଭିନ୍ନ ଅଳଙ୍କାର ପ୍ରସ୍ତୁତ କରି ପରିଧାନ କରୁଥବଲେ । ସେମାନେ ମଧ୍ୟ ସମୁଦ୍ରରୁ ମିଳୁଥିବା ଶାମୁକାରୁ ବିଭିନ୍ନ ଅଳଙ୍କାର ତିଆରି କରି ପିନ୍ଧୁଥିଲେ ।

**(୨) ବୟନ ଶିଳ୍ପ :** ହରପ୍ପାବାସୀ, କାରିଗରୀ ବିଦ୍ୟାରେ ଖୁବ୍ ନିପୁଣ ଥିଲେ । ସେମାନେ କପା ଏବଂ ରେଶମରୁ ସୂତା ପ୍ରସ୍ତୁତ କରି ବସ୍ତ୍ର ବୟନ କରୁଥିଲେ । ଧ୍ୱଂସାବଶେଷରୁ ପ୍ରାପ୍ତ ବ୍ରୋଞ୍ଜ ଧାତୁରୁ ପ୍ରସ୍ତୁତ ଛୁଞ୍ଚି ଏବଂ ତକଳିରୁ ପ୍ରତୀୟମାନ ହୁଏ

ଯେ ହରପ୍ପାବାସୀଙ୍କୁ ବସ୍ତ୍ର ବୟନ ତଥା ବସ୍ତ୍ର ସିଲେଇ ଜଣାଥିଲା । ବିଭିନ୍ନ ସ୍ଥାନରୁ ଆବିଷ୍କୃତ ହୋଇଥିବା ପ୍ରସ୍ତର ପ୍ରତିମା ତଥା ନର୍ତ୍ତକୀର କେଶବିନ୍ୟାସକୁ ନେଇ ବିଶ୍ୱାସ କରାଯାଏ ଯେ ସେମାନଙ୍କୁ ବସ୍ତ୍ର ପରିଧାନ ବିଷୟ ଜଣାଥିଲା ।

**ମୃଣ୍ମୟ ଶିଳ୍ପ :** ମାଟିତଳୁ ମିଳିଥିବା ବିଭିନ୍ନ ପ୍ରକାରର ମାଟିପାତ୍ର ହରପ୍ପାବାସୀଙ୍କ ଉନ୍ନତ କାରିଗରୀ କୌଶଳର ପରିଚୟ ଦିଏ । ସେମାନେ ବ୍ୟବହାର କରିଥିବା ମାଟିପାତ୍ର ଯଥା : ଥାଳି, ହାଣ୍ଡି, କୁମ୍ଭ, ପିଆଲା ଇତ୍ୟାଦି ଉପରେ ପଶୁପକ୍ଷୀ ତଥା ବୃକ୍ଷରାଜିର ଚିତ୍ର ଅଙ୍କିତ ଥିଲା । ମାଟି ପାତ୍ରର ଆକାର ଥିଲା ଗୋଲାକାର କିମ୍ବା ପେଣ୍ଡୁଭଳି । ମାଟି ପାତ୍ରର ଉପରିଭାଗ ଥିଲା ଅତ୍ୟନ୍ତ ମସୃଣ ।

**ବାଣିଜ୍ୟ ବ୍ୟବସାୟ :** ହରପ୍ପାବାସୀ,ବାଣିଜ୍ୟିକ ବ୍ୟବସ୍ଥାକୁ ଖୁବ୍ ଉନ୍ନତ କରି ପାରିଥିଲେ । ସେମାନେ ଉଭୟ ଆନ୍ତଃବାଣିଜ୍ୟ ଏବଂ ବର୍ହିବାଣିଜ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ।

୧) ହରପ୍ପା, ମହେଞ୍ଜୋଦାରୋ ଏବଂ ଲୋଥାଲ ଥିଲା ଧାତୁ ବିଜ୍ଞାନର କେନ୍ଦ୍ରସ୍ଥଳୀ ।

୨) ଲୋଥାଲ୍ ଏବଂ ଚନହୁଦାରୋରେ ପ୍ରଚୁର ପରିମାଣର ମାଳି ବା କଣ୍ଠି ଆମଦାନୀ ହେଉଥିଲା ।

୩) ଦକ୍ଷିଣ ଭାରତ ଏବଂ ରାଜସ୍ଥାନରୁ ତମ୍ବା ଆମଦାନୀ କରାଯାଉଥିଲା ।

୪) ବେଲୁଚିସ୍ଥାନ ଏବଂ ଉତ୍ତର ପଶ୍ଚିମ-ସୀମାନ୍ତ ଅଞ୍ଚଳରୁ ତମ୍ବା ନିର୍ମିତ ଅସ୍ତ୍ର ଆମଦାନୀ କରାଯାଉଥିଲା ।

୫) ସେମାନେ କର୍ଣ୍ଣାଟକସ୍ଥିତ କୋଲା ଏବଂ କାସ୍ମୀରରୁ ସୁନା ଆଣୁଥିଲେ ।

୬) ଆଫଗାନିସ୍ଥାନ ଏବଂ ଇରାନ୍‌ରୁ ରୂପା ଆମଦାନୀ କରାଯାଉଥିବାର ପ୍ରମାଣ ରହିଛି ।

୭) ଆଫଗାନିସ୍ଥାନର ବାଦାକସାନ ଅଞ୍ଚଳରୁ ନୀଳ (Lapis Lazuli) ଅଣାଯାଉଥିଲା ।

୮) ରାଜସ୍ଥାନର କ୍ଷେତ୍ରାଞ୍ଚଳରେ ଉପଲବ୍ଧ ତମ୍ବା ଏବଂ ଗଣେଶ୍ୱରପୁରର ମାଛକଣ୍ଟା ଏବଂ ତମ୍ବା ନିର୍ମିତ ଧନୁଶର ଖୁବ୍ ଲୋକପ୍ରିୟ ଥିଲା ।

୯) ମହେଞ୍ଜୋଦାରୋରୁ ମିଳିଥିବା ଗୋଲାକୃତି ମୋହର ଥିଲା ବିନିମୟର ମାଧ୍ୟମ ।

୧୦) ସ୍ଥଳପଥରେ ଶଗଡ଼ ପରିବହନର ମାଧ୍ୟମ ଏବଂ ଏହାକୁ ବଳଦ ବା ମଇଁଷିମାନେ ଟାଣୁଥିଲେ । ଦ୍ରବ୍ୟ ପରିବହନରେ ଓଟ, ଗଧ ଏବଂ ବଳଦ ଆଦି ବ୍ୟବହୃତ ହେଉଥିଲେ ।

୧୧) ନଦୀରେ ଡଙ୍ଗା ଏବଂ ନୌକା ସାହାଯ୍ୟରେ ଦ୍ରବ୍ୟ ପରିବହନ କରାଯାଉଥିଲା । ଲୋଥାଲ୍‌ରୁ ମିଳିଥିବା ଜାହାଜର ଚିତ୍ର ତଥା ମୋହର ଉପରେ ଖୋଦିତ ଜାହାଜର ଚିତ୍ରରୁ ନୌବାଣିଜ୍ୟ ବିଷୟରେ ସୂଚନା ମିଳେ ।

**ବାହ୍ୟଅଞ୍ଚଳ ସହିତ ସମ୍ପର୍କ :** ମେସୋପୋଟାମିଆରୁ ପ୍ରାପ୍ତ ତଥ୍ୟରୁ ଜଣାପଡ଼େ ଯେ ଆପାତତଃ ଖ୍ରୀ.ପୂ. ୨୩୫୦ ରେ ମେସୋପଟାମିଆ ସଭ୍ୟତା ଏବଂ ସିନ୍ଧୁ ସଭ୍ୟତା ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଅବ୍ୟାହତ ଥିଲା । ମେସୋପୋଟାମିଆର ନିପୁର, ସୁସା, ଉର୍ ଇତ୍ୟାଦି ସହରରୁ ହରପ୍ପାରେ ପ୍ରସ୍ତୁତ ୨୪ ଗୋଟି ଛବି ମିଳିଅଛି । ପାରସ୍ୟର ପ୍ରାଚୀନ କେନ୍ଦ୍ର ଫାଇଲାକା ଏବଂ ବେହେରିନ୍‌ରେ ହରପ୍ପାବାସୀଙ୍କ ପ୍ରସ୍ତୁତ ଛବି ଦେଖିବାକୁ ମିଳେ । ଏହାବ୍ୟତୀତ ଟେଲ୍ ଆସ୍ ମାର କେନ୍ଦ୍ରରେ ହରପ୍ପାର ସେରାମିକ୍ ମିଳିଅଛି । ଗୁଜୁରାଟରୁ ଆବିଷ୍କୃତ ପୋତାଶ୍ରୟକୁ ନେଇ ହରପ୍ପାବାସୀଙ୍କ ଦରିଆପାରି ଦେଶଗୁଡ଼ିକ ସହିତ ବାଣିଜ୍ୟିକ ସମ୍ପର୍କ ଥିବା ଅନୁମାନ କରାଯାଏ । ଲୋଥାଲ୍ ଥିଲା ନୌବାଣିଜ୍ୟର କେନ୍ଦ୍ରସ୍ଥଳୀ ଏବଂ ସେଠାରୁ ବଣିକମାନେ ବିଭିନ୍ନ ଦ୍ରବ୍ୟ ସହିତ ମେସୋପଟାମିଆ ତଥା ପଶ୍ଚିମ-ଏସୀୟ ଦେଶଗୁଡ଼ିକୁ ଯାତ୍ରା କରୁଥିଲେ । ପଣ୍ୟ ବିନିମୟ ବ୍ୟବସ୍ଥା ଥିଲା ବିନିମୟର ମାଧ୍ୟମ ।

**ଲିପି :** ହରପ୍ପା ସଭ୍ୟତାରେ ଛବିଲିପି ପ୍ରଚଳିତ ଥିଲା । ଆବିଷ୍କୃତ ମୋହରଗୁଡ଼ିକ ଉପରେ ଖୋଦିତ ଥିବା ମିଳିଥିବା ଲିପି ଏବଂ ଲେଖାର ପାଠୋଦ୍ଧାର ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ହରପ୍ପାବାସୀ ପ୍ରାୟତଃ ୨୫୦ ରୁ ୪୦୦ ପର୍ଯ୍ୟନ୍ତ ଛବି ବା ସଂକେତ ବ୍ୟବହାର କରୁଥିଲେ । ମେସୋପଟାମିଆରେ ପ୍ରଚଳିତ କୀଳକ ଲିପି ପରି ହରପ୍ପା ସଭ୍ୟତାର ପ୍ରଚଳିତ ଲିପିଗୁଡ଼ିକ କିଳାପରି ଦେଖାଯାଉଥିଲା । ହରପ୍ପା ସଭ୍ୟତାରେ ପ୍ରଚଳିତ ଲିପି ତାମିଲ ଏବଂ ଦ୍ରାବିଡ଼ ଭାଷାର ସମ୍ପର୍କ ଥିବା ଅନୁମାନ କରାଯାଏ । ଐତିହାସିକ ଏସ. ଆର. ରାଓ କେ.ଟି.ଜେଟଲୀ, ଏଲ.ଏସ୍ ୱାକଙ୍କର ଏବଂ କ. ଶୁରରାୟସ୍ପା ଇତ୍ୟାଦି ହରପ୍ପା ଲିପିର ପାଠୋଦ୍ଧାର କରିବା ପାଇଁ ଚେଷ୍ଟା କରିଛନ୍ତି । ମୋହର, ମାଟିପାତ୍ର, ପିଆଲା, ତାମ୍ରଫଳକ, ଅଳଙ୍କାର ଏବଂ ନାମଫଳକ ଉପରେ ହରପ୍ପା ଲିପି ଖୋଦିତ ଥିବା ଦେଖିବାକୁ ମିଳେ ।

**ଓଜନ ଓ ମାପ :** ପଥରରୁ ପ୍ରସ୍ତୁତ ଓଜନର ମାପକ ପ୍ରଚଳନକୁ ନେଇ ବିଶ୍ୱାସ, କରାଯାଏ ଯେ ହରପ୍ପାବାସୀଙ୍କୁ ମାପ ଓ ଓଜନ ଜଣାଥିଲା ।ବିଭିନ୍ନ ଦ୍ରବ୍ୟର ପରିମାଣର ଓଜନ କରାଯାଇ ମୂଲ୍ୟ ନିର୍ଦ୍ଧାରଣ କରାଯାଉଥିଲା । ଦ୍ୱିଗୁଣ ସଂଖ୍ୟକ ପଦ୍ଧତି ଅନୁସାରେ ମାପ ଏବଂ ଓଜନରୁ ନିୟନ୍ତ୍ରଣ କରାଯାଉଥିଲା । ଯଥା, ୨,୪,୮, ୧୬, ୩୨,୬୪, ଇତ୍ୟାଦି ।

୧ ସଂଖ୍ୟାଥିଲା କ୍ଷୁଦ୍ରତମ ଏକକ ଯାହା ପାଖାପାଖି ୧୪ ଗ୍ରାମ ବୋଲି ଧରାଯାଉଥିଲା । ୧୬କୁ ଶତକ (୧୬୦) ସହସ୍ର (୧୭୦) କରି ଗଣା ଯାଉଥିଲା । ୧୬୦ ଏବଂ ୧୬୦୦ ସଂଖ୍ୟାର ଗୁଣିତକ (Multiple) ୩୨୦,୬୪୦,୧୬୦୦,୩୨୦୦,୪୮୦୦,୬୪୦୦,୮୦୦୦ ଇତ୍ୟାଦି ଓଜନର ପଥର ଖଣ୍ଡମାନ ବିଭିନ୍ନ ସ୍ଥାନରୁ ମିଳିଅଛି । ଦୈର୍ଘ୍ୟ ଜାଣିବା ପାଇଁ ଫୁଟ୍‌କୁ ଏକକ ଭାବରେ ବ୍ୟବହାର କରାଯାଉଥିଲା । ଏକ ଫୁଟ୍‌କୁ ୩୭.୬ ସେ.ମି. ବୋଲି ଧରାଯାଉଥିଲା । ପୁନଶ୍ଚ, ହରପ୍ପାବାସୀ ୧୬ ଛଟାଙ୍କିକୁ ଏକ ସେର ଏବଂ ୧୬ ଅଣାକୁ ଏକ ଟଙ୍କା ହିସାବରେ ଗଣନା କରୁଥିଲେ ।

**ଧର୍ମ ବିଶ୍ୱାସ :** ଭୂ-ଖନନ ଦ୍ୱାରା ଆବିଷ୍କୃତ ମୋହର, ଅସଂଖ୍ୟ ବ୍ରୋଞ୍ଜ ମୂର୍ତ୍ତି ଏବଂ ମାଟିରେ ତିଆରି ମୂର୍ତ୍ତି ହରପ୍ପାବାସୀଙ୍କ ଧର୍ମଭାବନା ବିଷୟରେ ସୂଚନା ପ୍ରଦାନ କରେ । ସେମାନେ ପାଳନ କରିଥିବା ଧର୍ମ ହିନ୍ଦୁଧର୍ମ ଥିଲା ବୋଲି ବିଚାର କରାଯାଏ । ସେମାନଙ୍କୁ ମନ୍ଦିର ନିର୍ମାଣ ବିଷୟ ଜଣା ନଥିଲା ।

୧) **ମାତୃଶକ୍ତି ଉପାସନା :** ହରପ୍ପାବାସୀ ମାତୃଶକ୍ତି ବା ପୃଥିବୀର ଉପାସନା କରୁଥିଲେ । ହରପ୍ପାରୁ ଆବିଷ୍କୃତ ମାଟିରେ ତିଆରି ଅସଂଖ୍ୟ ମୂର୍ତ୍ତି, ମାତୃ ଉପାସନାକୁ ସ୍ପଷ୍ଟ କରାଏ । ସେମାନେ ମାତୃଶକ୍ତିକୁ ଶକ୍ତିର ଉତ୍ସ ରୂପେ ଗ୍ରହଣ କରିଥିଲେ ।

୨) **ପୁରୁଷ ଦେବତାଙ୍କ ଉପାସନା :** ମହେଞ୍ଜୋଦାରୋ ତଥା ଅନ୍ୟ ସ୍ଥାନମାନଙ୍କରୁ ପ୍ରାପ୍ତ ମୋହର ଉପରେ ଆଭରଣ ଭୂଷିତ ଧ୍ୟାନ ମୁଦ୍ରାରେ ଉପବିଷ୍ଟ ଥିବା ଶିଙ୍ଗଯୁକ୍ତ ତ୍ରିମୁଖୀ ପୁରୁଷ ମୂର୍ତ୍ତି ଦେଖିବାକୁ ମିଳେ । ପୁନଶ୍ଚ,ସେ ହସ୍ତୀ, ବ୍ୟାଘ୍ର, ଛେଳି, ମଇଁଷି, ହରିଣ ଆଦି ପଶୁମାନଙ୍କ ଦ୍ୱାରା ପରିବେଷ୍ଟିତ ଥିବା ଦେଖାଯାଏ । ଐତିହାସିକମାନେ ଏହି ଯୋଗାରୂଢ଼ ପୁରୁଷ ଦେବତାଙ୍କୁ "ପଶୁପତି ଶିବ" ବୋଲି ଅଭିହିତ କରିଅଛନ୍ତି ।

୩) **ପ୍ରକୃତି ଏବଂ ଏହାର ସ୍ୱରୂପ :** ହରପ୍ପାବାସୀ ବୃକ୍ଷଲତା, ପଶୁପକ୍ଷୀ ଏବଂ ପ୍ରକୃତିର ବିଭିନ୍ନ ଉପାଦାନ ଯଥା – ଅଗ୍ନି ଏବଂ ଜଳର ଉପାସନା କରୁଥିଲେ । ବିଭିନ୍ନ ସ୍ଥାନରୁ ଆବିଷ୍କୃତ ମୋହର ଉପରେ ବୃଷଭର ଚିତ୍ର ଦେଖିବାକୁ ମିଳେ । ସେମାନେ ଏକ ଶୃଙ୍ଗଥିବା ଘୋଡ଼ାପରି କିମ୍ବଦନ୍ତୀବର୍ଣ୍ଣିତ କାଳ୍ପନିକ ଜନ୍ତୁ ଏବଂ ନାଗ (କୋବ୍ରା)ର ଉପାସନା କରୁଥିଲେ । ଅଶ୍ୱତ୍ଥ ବୃକ୍ଷକୁ ପବିତ୍ର ବୃକ୍ଷ ରୂପେ ପୂଜାର୍ଚ୍ଚନା କରାଯାଉଥିଲା । କାଳିବଙ୍ଗାନ, ଲୋଥାଲ୍ ଓ ବନୱାଲୀରୁ ଆବିଷ୍କୃତ ଅଗ୍ନିବେଦୀକୁ ନେଇ ଅଗ୍ନି ଉପାସନା ଆଦୃତ ଥିବା ଅନୁମାନ କରାଯାଏ ।

୪) ହରପ୍ପାର ବିଭିନ୍ନ ସ୍ଥାନରୁ ମିଳିଥିବା ତାବିଜ୍ ଏବଂ ଢେଉଁରିଆକୁ ନେଇ ବିଶ୍ୱାସ କରାଯାଏ ଯେ ହରପ୍ ପାବାସୀ ଭୂତ, ପ୍ରେତ, ଗୁଣିଗାରେଡ଼ି ଆଦିରେ ବିଶ୍ୱାସ କରୁଥିଲେ ।

୫) ସେମାନେ ମୃତ୍ୟୁ ପରେ ଜୀବନ ଥାଏ ବୋଲି ବିଶ୍ୱାସ କରୁଥିଲେ ।

୬) **ସୂର୍ଯ୍ୟ ଉପାସନା :** ହରପ୍ପାବାସୀ ସୂର୍ଯ୍ୟ ଉପାସନା କରୁଥିବା ଜଣାପଡ଼େ । ହରପ୍ପାରୁ ଆବିଷ୍କୃତ ମୋହର ଉପରେ ଥିବା 'ସ୍ୱସ୍ତିକ' ବା 'ଚକ୍ର' ଚିହ୍ନରୁ ସୂର୍ଯ୍ୟ ଉପାସନା ସମ୍ପର୍କରେ ସୂଚନା ମିଳେ ।

**ମୋହର (Seals) :** ପ୍ରାଚୀନ ଭାରତବର୍ଷର ଇତିହାସକୁ ପୁନଃନିର୍ମାଣ କରିବା ନିମନ୍ତେ ହରପ୍ପା ସଭ୍ୟତାରୁ ମିଳିଥିବା ମୋହର ଐତିହାସିକମାନଙ୍କ ପାଇଁ ବେଶ୍ ସହାୟକ ହୋଇପାରିଛି । ମୋହର ପ୍ରସ୍ତୁତ କରିବା ପାଇଁ ଧୂସର ପଥର (Stealite) ଏବଂ ଚୀନାମାଟି ବ୍ୟବହାର କରାଯାଉଥିଲା । ସେଗୁଡ଼ିକର ଆକୃତି ଥିଲା ଲମ୍ବାଳିଆ ଏବଂ ସମଚତୁଷ୍କୋଣୀୟ । ସମ୍ପତ୍ତିଗତ ମାଲିକାନାକୁ ଚିହ୍ନଟ କରିବା ଥିଲା ମୋହର ପ୍ରଭୃତିର ମୂଳ ଲକ୍ଷ୍ୟ । ମୁଖ୍ୟତଃ, ବାଣିଜ୍ୟ ବ୍ୟବସାୟ ପାଇଁ ମୋହରଗୁଡ଼ିକୁ ବ୍ୟବହାର କରାଯାଇଥିଲା । ମୋହରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ :

୧) ମୋହରମାନଙ୍କରୁ ହରପ୍ପା ବାସୀଙ୍କ ବାଣିଜ୍ୟିକ ଦକ୍ଷତା, ଶାରୀରିକ ବୈଶିଷ୍ଟ୍ୟ, ପୋଷାକ, ଅଳଙ୍କାର ଏବଂ ଧର୍ମଭାବନା ଜଣାପଡ଼ିଥାଏ ।

୨) ମୋହରଗୁଡ଼ିକ ବାହ୍ୟ ସଭ୍ୟତା ସହିତ ସେମାନଙ୍କର ସମ୍ପର୍କକୁ ପ୍ରତୀକ ରୂପେ ବ୍ୟକ୍ତ କରାଏ ।

୩) କେତେଗୁଡ଼ିଏ ମୋହର ଉପରେ ଥିବା ଖୋଦିତ ଅକ୍ଷର, ହରପ୍ପାବାସୀଙ୍କ ଲିପି ଏବଂ ଲେଖା ସମ୍ପର୍କରେ ସୂଚନା ପ୍ରଦାନ କରେ ।

୪) ପୁନଶ୍ଚ, ମୋହରଗୁଡ଼ିକ ଉପରେ ଅଙ୍କିତ ଥିବା ଚିତ୍ରକୁ ନେଇ ସେମାନଙ୍କ କଳାତ୍ମକ ଦକ୍ଷତା ପ୍ରତୀତ ହୁଏ ।

୫) ମୋହର ଉପରେ ଅଙ୍କିତ ଥିବା ଜଣେ ପୁରୁଷ ଦେବତାର ଚିତ୍ରରୁ ଶିବଙ୍କ ଉପାସନାର ଉତ୍ପତ୍ତି ବିଷୟ କଳ୍ପନା କରାଯାଇଥାଏ ।

**ହରପ୍ପା ସଭ୍ୟତାର ପତନ :** ଅପାତତଃ ଖ୍ରୀ.ପୂ. ୧୮୦୦ରେ ହରପ୍ପା ସଭ୍ୟତାର ପତନ ଘଟିଥିବା ଅନୁମାନ କରାଯାଏ । ନିମ୍ନଲିଖିତ କାରଣମାନଙ୍କ ଯୋଗୁଁ ଏହି ସଭ୍ୟତାର ପତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା ।

୧) ପ୍ରାକୃତିକ ବିପର୍ଯ୍ୟୟ ଯଥା ବନ୍ୟା ଏବଂ ଭୂମିକମ୍ପ ।

୨) ଐତିହାସିକ ମାର୍ଟିମର ହୁଇଲରଙ୍କ ମତରେ ଆର୍ଯ୍ୟମାନଙ୍କ ଆକ୍ରମଣ ଏବଂ ସମୟକ୍ରମେ ଘଟିଥିବା ଧ୍ୱଂସଲୀଳା ।

୩) ଜଙ୍ଗଲନାଶ ଯୋଗୁଁ ସୃଷ୍ଟି ହୋଇଥିବା ପରିବେଶୀୟ ଅସମତା ।

୪) ସିନ୍ଧୁ ନଦୀର ଗତି ପରିବର୍ତ୍ତନ ।

୫) ଇଟା, ଅଳଙ୍କାର, ନୌକା ତଥା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରସ୍ତୁତି ନିମନ୍ତେ କାଠର ବହୁଳ ବ୍ୟବହାର । ସୁତରାଂ, ହରପ୍ପା ସଂସ୍କୃତି ଭାରତ ଇତିହାସରେ ଏକ ଅଲିଭା ଚିହ୍ନ ଛାଡ଼ିଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ସଭ୍ୟତାର ବିଭିନ୍ନ ବୈଶିଷ୍ଟ୍ୟ ଯଥା : ବିଶେଷ କାମ ପାଇଁ ଉଦ୍ଦିଷ୍ଟ ଦକ୍ଷତା, ସ୍ଥାପତ୍ୟ ଏବଂ ଭାସ୍କର୍ଯ୍ୟ ଶିଳ୍ପ, କଳାକୃତି, ଯୋଜନାବଦ୍ଧ ସହର ନିର୍ମାଣ, ବାଣିଜ୍ୟିକ ପ୍ରତିଷ୍ଠା ଇତ୍ୟାଦି ଏହାକୁ ଅନ୍ୟ ସମସାମୟିକ ସଭ୍ୟତାଠାରୁ ପୃଥକ୍ କରାଏ । ହରପ୍ପା ସଂସ୍କୃତିର କୌଶଳ ସୂଚିତ କରେ ଯେ ଏକଦା ଆମେ ସହରୀ ସଭ୍ୟତାର ଅନ୍ତର୍ଗତ ଥିଲୁ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

**୧) ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

କ) କେଉଁ ଯୁଗରେ ହରପ୍ପା ସଭ୍ୟତାର ବିକାଶ ଘଟିଥିଲା ?

୧) ଲୌହ ୨)ବ୍ରୋଞ୍ଜ

୩)ତାମ୍ର ୪) ରୌପ୍ୟ

ଖ) କେଉଁ ସହରକୁ 'ମୃତର ନଗରୀ' ରୂପେ ବିବେଚନା କରାଯାଇଛି ?

୧) କାଳିବଙ୍ଗା ୨)ଲୋଥାଲ୍

୩) ମେହେରଗଡ଼ ୪)ମହେଞ୍ଜୋଦାରୋ

ଗ) ଲୋଥାଲ୍ କେଉଁଠାରେ ଅବସ୍ଥିତ ?

୧) ଉତ୍ତର ପ୍ରଦେଶ ୨)ପଞ୍ଜାବ

୨)ଗୁଜୁରାଟ ୪) ରାଜସ୍ଥାନ

ଘ) ବୃହତ୍ ସ୍ନାନାଗାର କେଉଁଠାରେ ଅବସ୍ଥିତ ଥିଲା ?

୧)ହରପ୍ପା ୨) ମେହେରଗଡ

୩) ରୁପାର ୪) ରହମନ୍ ଧେରୀ

ଙ) କେଉଁ ନଦୀକୂଳରେ ହରପ୍ପା ଅବସ୍ଥିତ ?

୧) ସିନ୍ଧୁ ୨) ରାବୀ

୨) ଝେଲମ୍ ୪) ଚେନାବ

ଚ) ହରପ୍ପାବାସୀ କେଉଁ ଲିପି ବ୍ୟବହାର କରୁଥିଲେ ?

୧)ବ୍ରାହ୍ମୀଲିପି ୨)ଦେବନାଗରୀ

୩)କୀଳକ ୪)ଛବିଲିପି

ଛ) ବନୱାଲି କେଉଁଠାରେ ଅବସ୍ଥିତ ?

୧) ଗୁଜୁରାଟ ୨) ପଞ୍ଜାବ

୩) ମହାରାଷ୍ଟ୍ର ୪) ଛବିଲିପି

ଜ) ମୁଣ୍ଡିଗକ୍ କେଉଁଠାରେ ଅବସ୍ଥିତ ?

୧) ପଞ୍ଜାବ ୨) ପାକିସ୍ଥାନ

୩)ଆଫଗାନିସ୍ଥାନ ୪) ଉତ୍ତରପ୍ରଦେଶ

ଝ) କେଉଁମାନେ ସର୍ବପ୍ରଥମେ ପ୍ରକୃତିର ଉପାସନା ଆରମ୍ଭ କରିଥିଲେ ?

୧) ଆର୍ଯ୍ୟମାନେ ୨) ସିନ୍ଧୁ ଅଧିବାସୀ

୩) ସୁମେରୀୟମାନେ ୪) ଚୀନାମାନେ

ଞ) ହାପ୍‌ପାବାସୀଙ୍କୁ କେଉଁ ଧାତୁର ବ୍ୟବହାର ଜଣା ନଥିଲା ?

୧) ତମ୍ବା ୨) ଲୁହା

୩) ଟିଣ ୪) ରୌପ୍ୟ

ଉତ୍ତର : (କ) ବ୍ରୋଞ୍ଜ, (ଖ) ମହେଞ୍ଜୋଦାରୋ (ଗ) ଗୁଜୁରାଟ (ଘ) ହରପ୍‌ପା (ଙ) ସିନ୍ଧୁ (ଚ) ଛବିଲିପି (ଛ) ହରିୟାଣା (ଜ) ଆଫଗାନିସ୍ଥାନ (ଝ) ସିନ୍ଧୁ ଅଧିବାସୀ ( ଞ) ଲୁହା

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ଖ୍ରୀ.ପୂ............ରୁ...........ମଧ୍ୟରେ ହରପ୍‌ପା ସଭ୍ୟତା ବିକଶିତ ହୋଇଥିଲା ।

ଖ) ............ ମସିହାରେ............ ହରପ୍‌ପାଠାରେ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କାର କରିଥିବଲେ ।

ଗ) ............ମସିହାରେ...........ମହେଞ୍ଜୋଦାରୋଠାରେ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କାର କରିଥିଲେ ।

ଘ) .............ଜିଲ୍ଲାର ............ନଦୀ କୂଳରେ ହରପ୍‌ପା ଅବସ୍ଥିତ ।

ଙ) ............ଜିଲ୍ଲାର ...........ନଦୀ କୂଳରେ ମହେଞ୍ଜୋଦାରୋ ଅବସ୍ଥିତ ।

ଚ) ହରପ୍‌ପାବାସୀ ସୂର୍ଯ୍ୟଙ୍କୁ ଉପାସନା କରୁଥିଲେ ବୋଲି .........ଚିହ୍ନରୁ ସୂଚନା ମିଳେ ।

ଛ) ରୁପାର............. ରେ ଅବସ୍ଥିତ ।

ଜ) ହରପ୍‌ପାବାସୀ ପୂଜାର୍ଚ୍ଚନା କରୁଥିବା ପୁରୁଷ ଦେବତାଙ୍କୁ ..............କୁହାଯାଉଥିଲା ।

ଝ) ବୃହତ୍ ସ୍ନାନାଗାର .............ଠାରେ ଅବସ୍ଥିତ ।

ଞ) ହରପ୍‌ପା ସଭ୍ୟତାର ଏକ ପୋତାଶ୍ରୟ............. ଠାରେ ଦେଖିବାକୁ ମିଳେ ।

ଟ) ହରପ୍‌ପା ସଭ୍ୟତାର ମୁଖ୍ୟ ଶିଳ୍ପ ...........ଥିଲା ।

ଠ) ଜାମ୍ମୁର.............ଠାରେ ହରପ୍‌ପା ସଭ୍ୟତାର ନିଦର୍ଶନ ଦେଖିବାକୁ ମିଳେ ।

**ଉତ୍ତର** : (କ) ଖ୍ରୀ.ପୂ. ୩୩୦୦-୧୩୦୦ (ଖ)୧୯୨୧ ରେ ଜୟାରାମ ସାହାଣୀ (ଗ) ୧୯୨୨ ରେ ରାଖାଲ୍ ଦାସ ବାନାର୍ଜୀ (ଘ) ପଶ୍ଚିମ ପଞ୍ଜାବର ମଣ୍ଟେଗୋମାରୀ ଜିଲ୍ଲାରାବୀ ବା ଇରାବତୀ ନଦୀ କୂଳରେ (ଙ) ସିନ୍ଧୁ ପ୍ରଦେଶର ଲାରକାମା ଜିଲ୍ଲା ସିନ୍ଧୁନଦୀ କୂଳରେ (ଚ) ସ୍ୱସ୍ତିକ (ଛ) ଗୁଜୁରାଟ (ଜ) ପଶୁପତି ଶିବ (ଝ) ମହେଞ୍ଜୋଦାରୋ (ଞ)ଲୋଥାଲ (ଟ) ମୃତଶିଳ୍ପ(ଠ) ମଣ୍ଡା

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) କେବେ ଏବଂ କାହା ନେତୃତ୍ୱରେ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷ ଆବିଷ୍କୃତ ହୋଇଥିଲା ?

ଖ) ସିନ୍ଧୁ ସଭ୍ୟତାକୁ କାହିଁକି ହରପ୍ପା ସଭ୍ୟତା ବୋଲି କୁହାଯାଏ ?

ଗ) କେଉଁ କେଉଁ ଅଞ୍ଚଳରେ ହରପ୍ପା ସଭ୍ୟତା ବିସ୍ତାରଲାଭ କରିଥିଲା ?

ଘ) ସିନ୍ଧୁ ଆଦିବାସୀଙ୍କର ମୁଖ୍ୟ ଖାଦ୍ୟ କ'ଣ ଥିଲା ?

ଙ) ହରପ୍ପାବାସୀ କେଉଁ କେଉଁ ଦ୍ରବ୍ୟ ଆମଦାନୀ ଏବଂ ରପ୍ତାନୀ କରୁଥିବାଲେ ?

ଚ) ହରପ୍ପା ସଭ୍ୟତାରେ ପରିବହନ ବ୍ୟବସ୍ଥା କିପରି ଥିଲା ?

**୪.ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ସିନ୍ଧୁ ସଭ୍ୟତାର ପ୍ରତ୍ନତାତ୍ତ୍ୱିକ ଖନନ ପ୍ରକ୍ରିୟା ସମ୍ପର୍କରେ ଉଲ୍ଲେଖ କର ।

ଖ) ସିନ୍ଧୁ ସଭ୍ୟତାର ଭୌଗୋଳିକ ବିସ୍ତୃତି ଉପରେ ଆଲୋକପାତ କର ।

ଗ) ବୃହତ୍ ସ୍ନାନାଗାର ।

ଘ) ଶସ୍ୟାଗାର ।

ଙ) ହରପ୍ପା ସଭ୍ୟତାର ବାଣିଜ୍ୟ ବ୍ୟବସାୟ ।

ଚ) ହରପ୍ପା ସଭ୍ୟତାର ମାପ ଏବଂ ଓଜନ ।

**ଦୀର୍ଘ ପ୍ରଶ୍ନୋତ୍ତର :**

୫. ସିନ୍ଧୁ ସଭ୍ୟତାର ବୈଶିଷ୍ଟ୍ୟମାନ ଆଲୋଚନା କର ।

୬. ସିନ୍ଧୁ ଅଧିବାସୀଙ୍କର ସାମାଜିକ ଜୀବନ କିପରି ଥିଲା ?

୭. ହରପ୍ପା ସଭ୍ୟତାର ନଗର ପରିକଳ୍ପନା ସମ୍ପର୍କରେ ଯାହା ଜାଣ ଲେଖ ।

୮. ସିନ୍ଧୁ ସଭ୍ୟତାର ଅଧିବାସୀଙ୍କ ଧର୍ମୀୟ ଅବସ୍ଥା ଉପରେ ଆଲୋକପାତ କର ।

# ରକ୍‌ବୈଦିକ ଏବଂ ପରବର୍ତ୍ତୀ ବୈଦିକ ଯୁଗ

## (Rig Vedic and Later Vedic Age)

### *ସାମାଜିକ - ଅର୍ଥନୈତିକ ଜୀବନ, ରାଜନୈତିକ ସଂଗଠନ, ଧର୍ମ ବିଶ୍ୱାସ, ନାରୀର ସ୍ଥାନ*

**(Socio-Economic life, Political organisation, Religious Beliebf, Positions of Women)**

ଆର୍ଯ୍ୟମାନଙ୍କ ଆଗମନ ସହିତ ଭାରତ ଇତିହାସରେ ଏକ ନୂତନ ଯୁଗର ସୂତ୍ରପାତ ହୋଇଥିଲା । 'ଆର୍ଯ୍ୟ' ଶବ୍ଦର ଅର୍ଥ-କୁଳୀନ ବା ମହତ୍ ବ୍ୟକ୍ତି । ଆର୍ଯ୍ୟମାନଙ୍କର ପ୍ରାରମ୍ଭିକ ବାସସ୍ଥାନକୁ ନେଇ ଐତିହାସିକମାନେ ଭିନ୍ନଭିନ୍ନ ମତ ପୋଷଣ କରିଛନ୍ତି । ସେମାନେ କେନ୍ଦ୍ର ଏସିଆରେ ବସବାସ କରୁଥିଲେ ବୋଲି କେହିକେହି ମତ ଦିଅନ୍ତି । ଐତିହାସିକ ମ୍ୟାକ୍ସ ମୁଲ୍ଲର ଏବଂ ରୋମିଲା ଥାପରଙ୍କ ମତରେ, ଏକଦା ଆର୍ଯ୍ୟମାନେ ଇଉରେସିଆ (Eurasia) ସ୍ଥିତ ଆଲ୍‌ପସ୍ (Alps) ର ପୂର୍ବଭାଗ, କାସ୍ପିୟାନ୍ ସମୁଦ୍ର ଅଞ୍ଚଳ ଏବଂ ଦକ୍ଷିଣ ଋଷିଆର ସମତଳ ଅଞ୍ଚଳରେ ସ୍ଥାୟୀ ଭାବରେ ବସବାସ କରୁଥିଲେ । କାଳକ୍ରମେ ସେମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ଗ୍ରୀସ୍, ଏସିଆ ମାଇନର ଏବଂ ପରେ ଇରାନ୍ ଏବଂ ଶେଷରେ ଭାରତ ଆଡ଼କୁ ଗମନ କଲେ । ଏତଏବ, ଆର୍ଯ୍ୟମାନେ ଭାରତର ସ୍ଥାୟୀ ବାସିନ୍ଦା ନଥିଲେ, ପରନ୍ତୁ ବାହ୍ୟ ଦେଶମାନଙ୍କରୁ ଆସି ଏଠାରେ ସ୍ଥାୟୀ ବସବାସ ଆରମ୍ଭ କରିଥିଲେ ।

ଋକ୍ ବେଦରେ ଉଲ୍ଲେଖ ଥିବା ସପ୍ତସିନ୍ଧୁର ଅର୍ଥ ହେଲା - 'ସପ୍ତ ନଦୀର ଭୂମି', ସେହି ସାତଗୋଟି ନଦୀ ହେଲା- ସିନ୍ଧୁ , ରାବୀ, ବାୟାସ, ସତ୍‌ଲେଜ୍, ଝେଲମ୍, ଚେନାବ ଏବଂ ସରସ୍ୱତୀ । ଆର୍ଯ୍ୟମାନେ ବହୁବର୍ଷ ଧରି ସପ୍ତସିନ୍ଧୁ ଅଞ୍ଚଳରେ ବସବାସ କରିଥିଲେ । ଏହି ଅଞ୍ଚଳ ଥିଲା ସେମାନଙ୍କର ପ୍ରଥମ ବାସସ୍ଥଳୀ । ସେହି ସମୟରେ ଋକ୍‌ବେଦର ସ୍ତୋତ୍ର ରଚନା କରାଯାଇଥିଲା । ଆର୍ଯ୍ୟମାନେ ଭାରତରେ ପହଞ୍ଚିଲା ପରେ ଏଠାକାର ସ୍ଥାନୀୟ ଅଧିବାସୀ ଦ୍ରାବିଡ଼ମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କରେ ଆସିଲେ । ଋକ୍‌ବେଦରେ ଦ୍ରାବିଡ଼ମାନଙ୍କୁ ଦାସ ବା ଦସ୍ୟୁ ରୂପେ ଚିତ୍ରଣ କରାଯାଇଛି । ପୁନଶ୍ଚ, ଋକ୍‌ବେଦରେ ଦସ୍ୟୁମାନଙ୍କୁ ହତ୍ୟା କରାଯିବା ବିଷୟ ମଧ୍ୟ ଉଲ୍ଲେଖ ଅଛି ।

ବୈଦିକ ଯୁଗକୁ ମୁଖ୍ୟତଃ ୨ ଭାଗରେ ବିଭକ୍ତ କରାଯାଇଛି ଯଥା : ପ୍ରାଚୀନ ବୈଦିକ ଯୁଗ ଏବଂ ପରବର୍ତ୍ତୀ ବେଦିକ ଯୁଗ । ସଂସ୍କୃତ ଶବ୍ଦ "ବିଦ୍" ରୁ 'ବେଦ' ଶବ୍ଦଟି ଆସିଅଛି । ବେଦର ଅର୍ଥ ହେଲା ଜାଣିବା ବା ଜ୍ଞାନ । ଲୋକମାନେ ବଂଶାନୁକ୍ରମିକ ଭାବରେ ଏହାକୁ ଶୁଣିଶୁଣି ମନେରଖୁଥିବା ହେତୁ ଏହାକୁ ଶୃତି କୁହାଯାଏ । ଚାରିଗୋଟି ବେଦକୁ ନେଇ ବୈଦିକ ସାହିତ୍ୟ ଗଠିତ ।

୧) **ଋକ୍‌ବେଦ :** ଋକ୍‌ବେଦ ହେଲା ସର୍ବପ୍ରାଚୀନ ବେଦ । ଏହା ହେଉଛି ବିଶ୍ୱର ପ୍ରାଚୀନତମ ଧର୍ମଗ୍ରନ୍ଥ । ଏଥିରେ ଉଲ୍ଲେଖ ଥିବା ୧୦୨୮ ସ୍ତୋତ୍ରକୁ ୧୦ ଟି ମଣ୍ଡଳରେ ବିଭକ୍ତ କରାଯାଇଛି । ଏହି ସ୍ତୋତ୍ରଗୁଡ଼ିକ ଜ୍ଞାନର ଭଣ୍ଡାର ରୂପେ ଗୃହୀତ । ଋଷିମାନେ ଏହି ସ୍ତୋତ୍ର ଗୁଡ଼ିକୁ ଈଶ୍ୱରଙ୍କୁ ଉତ୍ସର୍ଗ କରିଛନ୍ତି ।

୨) **ଯଜୁର୍ବେଦ :** ଏଥିରେ ୨୦୮୨ ଟି ସ୍ତୋତ୍ର ରହିଛି । ଯଜ୍ଞ ସମୟରେ ଉଚ୍ଚାରଣ କରାଯାଉଥିବା ସ୍ତୋତ୍ର ବା କ୍ରିୟାକର୍ମ ବିଷୟ ଏହି ବେଦରେ ଉଲ୍ଲେଖ ଅଛି ।

୩) **ସାମ୍‌ବେଦ :** ପୁରୋହିତମାନେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦେବା ସମୟରେ ଏଥିରେ ଥିବା ୧୮୭୫ ଟି ସ୍ତୋତ୍ରକୁ ଉଚ୍ଚାରଣ କରିଥାଆନ୍ତି ।

୪) **ଅଥର୍ବବେଦ :** ଅଥର୍ବବେଦରେ ୭୩୧ଟି ସ୍ତୋତ୍ର ରହିଛି । ଏଥିରେ କୁହୁକ, ଯାଦୁବିଦ୍ୟା, କର୍ମ,ଜ୍ଞାନ ଓ ଉପାସନା ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।

ବେଦର ୪ଗୋଟି ବିଭାଗ ରହିଛି ଯଥା - ସଂହିତା (ପଦ୍ୟାକାରରେ ରଚିତ ମନ୍ତ୍ର ଏବଂ ପ୍ରାର୍ଥନା), ବ୍ରାହ୍ମଣ (ଗଦ୍ୟାକାରରେ ଲିଖିତ ପୂଜା ବିଧି) ଆରଣ୍ୟକ ( ବୈଦିକ ଦର୍ଶନ) ଏବଂ ଉପନିଷଦ ବା ବେଦାନ୍ତ (ଆଧାତ୍ମିକ ଏବଂ ବ୍ରହ୍ମ ତତ୍ତ୍ୱ ) । ସଂହିତାରେ ମନ୍ତ୍ର ଏବଂ ପ୍ରାର୍ଥନା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ବ୍ରାହ୍ମଣରେ ବର୍ଣ୍ଣିତ ରହିଛି ଉପାସନା ପଦ୍ଧତି ଏବଂ ପ୍ରାର୍ଥନା । ଆରଣ୍ୟରେ ଉଲ୍ଲେଖ ରହିଛି ଦର୍ଶନ ଏବଂ ଆଧାତ୍ମିକ ଜ୍ଞାନ । ସେହିପରି ଉପନିଷଦ ବା ବେଦାନ୍ତରେ ବ୍ରହ୍ମତତ୍ତ୍ୱ, କର୍ମବାଦ, ପୁନର୍ଜନ୍ମ, ଆଧାତ୍ମିକ ରହସ୍ୟ ଇତ୍ୟାଦି ସ୍ଥାନିତ ହୋଇଛି । ଏତଦ୍ ଭିନ୍ନ ଚାରିଗୋଟି ଉପବେଦ ଯଥା - ଆୟୁର୍ବେଦ, ଧନୁର୍ବେଦ, ଗନ୍ଧର୍ବବେଦ ଏବଂ ଶିଳ୍ପବେଦରେ ଯଥାକ୍ରମେ ଚିକିତ୍ସା ବିଦ୍ୟା, ଯୁଦ୍ଧବିଦ୍ୟା, ସଂଗୀତ ଓ ଶିଳ୍ପ ତଥା କଳାସ୍ଥାପତ୍ୟ ବିଷୟ ଉଲ୍ଲେଖ ଅଛି ।

## ଋକ୍ ବୈଦିକ ଯୁଗ

### (Rig-Vedic Age)

ଆର୍ଯ୍ୟମାନେ ଯେଉଁ ସମୟରେ ଭାରତବର୍ଷ ମଧ୍ୟକୁ ପ୍ରବେଶ କଲେ ଏବଂ ସ୍ଥାୟୀଭାବରେ ବସବାସ ଆରମ୍ଭ କଲେ, ସେହି ସମୟକୁ ପ୍ରାଚୀନ ବୈଦିକ ଯୁଗ ବୋଲି କୁହାଯାଏ । ପ୍ରାଚୀନ ବୈଦିକ ଯୁଗରେ ଋକ୍‌ବେଦ ରଚନା କରାଯାଇଥିଲା । ତେଣୁ, ଏହି ଯୁଗକୁ ଋକ୍‌ବୈଦିକ ଯୁଗ ବୋଲି କୁହାଯାଇଥାଏ । ଖ୍ରୀ.ପୂ. ୧୫୦୦ ରୁ ଖ୍ରୀ.ପୂ ୧୦୦୦ ପର୍ଯ୍ୟନ୍ତ ଋକ୍‌ବେଦିକ ଯୁଗ ଅବ୍ୟାହତ ରହିଥିଲା ।

**ସାମାଜିକ ଜୀବନ (Social Life)**

ଋକ୍ ବୈଦିକ ସମାଜ ଗ୍ରାମ୍ୟ ଜୀବନ ଉପରେ ପର୍ଯ୍ୟବସିତ ଥିଲା ।

**ପରିବାର :** ଋକ୍ ବୈଦିକ ସମାଜର ମୁଖ୍ୟ ଅଂଗ ଥିଲା ପରିବାର । ପରିବାର ଥିଲା ପିତୃକୈନ୍ଦ୍ରିକ । ବୟୋଜ୍ୟେଷ୍ଠ ବ୍ୟକ୍ତି ଥିବଲେ ପରିବାରର ମୁଖ୍ୟ । ତାଙ୍କୁ 'ଗୃହପତି' ବା 'କୁଳପତି' କୁହାଯାଉଥିଲା । ସେ ପରିବାରର ସମସ୍ତ ଦାୟିତ୍ୱ ତୁଲାଉଥିଲେ । ପରିବାରର ଅନ୍ୟ ସମସ୍ତ ସଭ୍ୟମାନଙ୍କୁ ସେ ଖୁବ୍ ଆଦର କରୁଥିଲେ । ପରିବାରର ସମସ୍ତ ସଦସ୍ୟ ତାଙ୍କ ନିର୍ଦ୍ଦେଶକୁ ପାଳନ କରିବା ସହିତ ତାଙ୍କୁ ଉପଯୁକ୍ତ ସମ୍ମାନ ଦେଖାଉଥିଲେ ।

ଋକ୍‌ବୈଦିକ ସମାଜରେ ଯୌଥ ପରିବାର ବ୍ୟବସ୍ଥା ପ୍ରଚଳିତ ଥିଲା । ପରିବାରର ସମସ୍ତ ସଦସ୍ୟ ଖୁବ୍ ଆନନ୍ଦରେ ଜୀବନ ଅତିବାହିତ କରୁଥିଲେ । ସେମାନେ ମଧୁର ସମ୍ପର୍କ ଡୋରିରେ ବାନ୍ଧି ହୋଇ ପରସ୍ପର ପ୍ରତି କର୍ତ୍ତବ୍ୟ କରୁଥିଲେ । ପରିବାରର ସାମୂହିକ ସ୍ୱାର୍ଥ ପ୍ରତି ସମସ୍ତେ ଯତ୍ନବାନ ଥିଲେ ।

**ଖାଦ୍ୟ ଓ ପାନୀୟ :** ଋକ୍‌ବୈଦିକ ଆର୍ଯ୍ୟମାନେ ଉଭୟ ଆମିଷ ଓ ନିରାମିଷ ଦ୍ରବ୍ୟକୁ ଖାଦ୍ୟ ରୂପେ ଗ୍ରହଣ କରୁଥିବଲେ । ଗହମ ଏବଂ ଯବରୁ ପ୍ରସ୍ତୁତ ପିଠା, ଦୁଗ୍ଧଜାତୀୟ ଦ୍ରବ୍ୟ, ବିଭିନ୍ନ ପନିପରିବା, ଫଳମୂଳ ଇତ୍ୟାଦି ଥିଲା ସେମାନଙ୍କର ମୁଖ୍ୟ ଖାଦ୍ୟ । ସେମାନେ ବିଭିନ୍ନ ପଶୁପକ୍ଷୀଙ୍କ ମାଂସ ମଧ୍ୟ ଭକ୍ଷଣ କରୁଥିଲେ ।

ଋକ୍‌ବୈଦିକ ଆର୍ଯ୍ୟମାନେ ନଦୀ, ଝରଣା ତଥା କୂପର ଜଳକୁ ପାନୀୟ ଭାବରେ ଗ୍ରହଣ କରୁଥିଲେ । ନୀଚ ସ୍ତରର ଜନସାଧାରଣ ସୁରା ନାମରେ ଏକ ପ୍ରକାରର ମଦ୍ୟ ପାନ କରୁଥିବା ଅନୁମାନ କରାଯାଏ ।

**ପୋଷାକ ଏବଂ ଅଳଙ୍କାର :** ଋକ୍‌ବୈଦିକ ଆର୍ଯ୍ୟମାନଙ୍କର ପୋଷାକ ପରିଚ୍ଛଦ ଥିଲା ଖୁବ୍ ସରଳ ଏବଂ ନିରାଡମ୍ବର ।

ସେମାନେ ମୁଖ୍ୟତଃ ପଶମ ଏବଂ କାର୍ପାସ ପ୍ରସ୍ତୁତ ବସ୍ତ୍ର ପରିଧାନ କରୁଥିଲେ । ସେମାନେ ମୁଖ୍ୟତଃ ତିନି ପ୍ରକାରର ବସ୍ତ୍ର ପରିଧାନ କାରୁଥିଲେ । ସେଗୁଡ଼ିକ ହେଲା (୧) ନୀବି ବା ନିମ୍ନବାସ (୨) ବାସ ବା ପରିଧାନ (ଶରୀରର ଉପରାଂଶକୁ ଆବୃତ କରୁଥିବା ବସ୍ତ୍ର (୩) ଅଧିବାସ ବା ଉତ୍ତରୀୟ ।

ଉଭୟ ପୁରୁଷ ଏବଂ ନାରୀ ଅଳଙ୍କାର ପ୍ରିୟ ଥିଲେ । ଅଳଙ୍କାରଗୁଡ଼ିକ ମୁଖ୍ୟତଃ ପୋହଳା, ସ୍ୱର୍ଣ୍ଣ ଏବଂ ବିଭିନ୍ନ ଧାତୁରେ ନିର୍ମିତ ହେଉଥିଲା । ସେହି ସମୟର ଅଳଙ୍କାରଗୁଡ଼ିକ ମୁଖ୍ୟ ଥିଲା-କର୍ଣ୍ଣଫୁଲ, ନାକଫୁଲ,କୁଟିର ବା ମଥାମଣି, ବଳା, ପାଉଁଜି, ନିଷ୍କ ବା ଗଳାର ଚେନ୍ । ନାରୀମାନଙ୍କୁ କେଶ ପ୍ରସାଧନ ଜଣା ଥିଲା । ପୁରୁଷମାନେ ଖୁର ସାହାଯ୍ୟରେ ନିଶ ଏବଂ ଦାଢ଼ି କାଟୁଥିଲେ ।

**ଶିକ୍ଷା :** ପ୍ରାଚୀନ ବୈଦିକ ଯୁଗରେ ଗୁରୁକୂଳ ଶିକ୍ଷା ପଦ୍ଧତି ପ୍ରଚଳିତ ଥିଲା । ଶିଷ୍ୟ ବା ବ୍ରହ୍ମଚାରୀମାନେ ଆଚାର୍ଯ୍ୟଙ୍କ ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ଶିଷ୍ୟମାନେ ଗୃହପାଳିତ ପଶୁମାନଙ୍କୁ ଲାଳନପାଳନ କରିବା ସହିତ ଭିକ୍ଷାବୃତ୍ତି, ରନ୍ଧନ ପାଇଁ ଜାଳେଣି ସଂଗ୍ରହ, ବଗିଚାର ରକ୍ଷଣାବେକ୍ଷଣ, ହସ୍ତଶିଳ୍ପ ଏବଂ ଆଶ୍ରମର ଦୈନନ୍ଦିନ କାର୍ଯ୍ୟ ସମ୍ପାଦନ କରୁଥିଲେ । ଗୁରୁ ଥିଲେ ପଥ ପ୍ରଦର୍ଶକ ଏବଂ ଜଣେ ଅନୁକରଣୀୟ ତଥା ପିତୃତୁଲ୍ୟ ବ୍ୟକ୍ତି ଯିଏକି ଶିଷ୍ୟମାନଙ୍କୁ ପିତୃତୁଲ୍ୟ ବ୍ୟବହାର କରୁଥିଲେ ।

ଗୁରୁକୂଳ ଶିକ୍ଷାର ମୂଳ ଉଦ୍ଦେଶ୍ୟ ଥିଲା ଚରିତ୍ରଗଠନ ଏବଂ ନୀତିଶାସ୍ତ୍ର ଅଧ୍ୟୟନ । ସତ୍‌କର୍ମ, ସାଧୁତା, ନମ୍ରତା, ସଦାଚାର, କଠୋର ପରିଶ୍ରମ ଇତ୍ୟାଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଥିଲା । ଶିଷ୍ୟମାନଙ୍କୁ ବ୍ୟାକରଣ, ନୀତିଶାସ୍ତ୍ର, ତର୍କଶାସ୍ତ୍ର, ଗଣିତ, ପୁରାଣଶାସ୍ତ୍ର ଜ୍ୟୋତିଷ ଶାସ୍ତ୍ର, ସାମରିକ ବିଦ୍ୟା, ଆଇନ୍ ବୈଦିକ ସାହିତ୍ୟ ଇତ୍ୟାଦି ବିଷୟରେ ଶିକ୍ଷାଦାନ କରାଯାଉଥିଲା । ଶିକ୍ଷ ସମାପ୍ତି ପରେ ଶିଷ୍ୟମାନେ ଗୁରୁଙ୍କୁ ସ୍ୱେଚ୍ଛାକୃତଭାବରେ ଗୁରୁଦକ୍ଷିଣା ପ୍ରଦାନ କରୁଥିଲେ ।

**ଜାତିପ୍ରଥା :** ପ୍ରାଚୀନ ବୈଦିକ ଯୁଗରେ ଜୀବିକାକୁ ପାଥେୟ କରି ସମାଜ ଚାରିଗୋଟି ଶ୍ରେଣୀରେ ବିଭକ୍ତ ହୋଇଥିଲା । ସମାଜର ସେହି ଚାରିଗୋଟି ଶ୍ରେଣୀ ବା ବର୍ଣ୍ଣ ହେଲା - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏବଂ ଶୂଦ୍ର । ଯେଉଁମାନେ ସମାଜକୁ ଆଧାତ୍ମିକ ବାଣୀ ପ୍ରଦାନ କରିବା ସହିତ ଆଧାତ୍ମିକ ଜୀବନଯାପନ କରୁଥିଲେ ସେମାନଙ୍କୁ ବ୍ରାହ୍ମଣ କୁହାଗଲା । ଯେଉଁମାନେ ସମାଜକୁ ବାହ୍ୟ ଆକ୍ରମଣରୁ ରକ୍ଷା କରିବା ସହିତ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା କଲେ ସେମାନେ କ୍ଷତ୍ରିୟ ଭାବରେ ପରିଚିତ ହେଲେ । ବୈଶ୍ୟମାନେ, ବ୍ୟବସାୟ ବାଣିଜ୍ୟ ଏବଂ କୃଷିକାର୍ଯ୍ୟରେ ନିୟୋଜିତ ରହୁଥିଲେ । ଯେଉଁମାନେ ଉପର ବର୍ଣ୍ଣିତ ତିନିଗୋଟି ଜାତିର ସେବା କାର୍ଯ୍ୟରେ ନିୟୋଜିତ ହେଉଥିଲେ, ସେମାନେ ଶୂଦ୍ର ନାମରେ ପରିଚିତ ହେଲେ । ବଢ଼େଇ, କୁମ୍ଭାର, ସ୍ୱର୍ଣ୍ଣକାର, ମୋଚି, ବାହକ ଇତ୍ୟାଦି ଏହି ଶ୍ରେଣୀର ଅନ୍ତର୍ଭୁକ୍ତ ଥିଲେ । ଉକ୍ତ ବ୍ୟବସ୍ଥା ଧର୍ମନୈତିକ, ରାଜନୈତିକ, ଅର୍ଥନୈତିକ ଏବଂ ଶାରୀରିକ କ୍ଷମତାକୁ ଚାରିଗୋଟି ଭିନ୍ନଭିନ୍ନ ସାମାଜିକ ଶ୍ରେଣୀରେ ବିଭକ୍ତ କଲା । ଏହି ଚାରିଗୋଟି ଶ୍ରେଣୀର ସହଯୋଗ କ୍ରମେ ସାମାଜିକ ପ୍ରଗତି ସମ୍ଭବପର ହୋଇ ପାରୁଥିଲା । ତେବେ, ପ୍ରାଚୀନ ବୈଦିକ ଯୁଗରେ ଜାତିପ୍ରଥା ପ୍ରଚଳିତ ନଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ସ୍ୱାଧୀନ ଭାବରେ ଜୀବନଯାପନ କରୁଥିଲେ ।

**ନାରୀର ସ୍ଥାନ :** ପ୍ରାଚୀନ ବୈଦିକ ଯୁଗରେ ନାରୀମାନଙ୍କର ସ୍ଥାନ ଏବଂ ମର୍ଯ୍ୟାଦା ଖୁବ୍ ଉଚ୍ଚରେ ରହିଥିଲା । ସେମାନଙ୍କର ଶିକ୍ଷା ଗ୍ରହଣ କରିବା ଅଧିକାର ରହିଥିଲା ଏବଂ ପୁରୁଷମାନଙ୍କ ପରି ଉଭୟ ଆଧାତ୍ମିକ ତଥା ବୌଦ୍ଧିକ ବିକାଶ ନିମନ୍ତେ ସେମାନେ ସମାନ ସୁବିଧାସୁଯୋଗ ଉପଭୋଗ କରୁଥିଲେ । ପତି ଚୟନରେ ଝିଅମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଥିଲା । ବିବାହିତା ନାରୀମାନେ ଗୃହକର୍ତ୍ତୀ ରୂପେ ଗୃହର ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ । ସ୍ୱାମୀମାନଙ୍କ ସହିତ ସେମାନେ ଯାଗଯଜ୍ଞ, ସାମାଜିକ ଉତ୍ସବ ଏବଂ ସଭାସମିତିରେ ଅଂଶଗ୍ରହଣ କରି ପାରୁଥିଲେ । ସମାଜରେ ବାଲ୍ୟବିବାହ, ସତୀ, ପରଦା

ଇତ୍ୟାଦି କଳଙ୍କିତ ପ୍ରଥା ପ୍ରଚଳିତ ନ ଥିଲା । ବିଧବାମାନେ ପୁନର୍ବିବାହ କରି ପାରୁଥିଲେ । ସେ ଯୁଗର କେତେଜଣ ବିଦୁଷୀ ଯଥା : ଅପାଳା, ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରା, ଘୋଷା, ସିକତା ଇତ୍ୟାଦି ସ୍ତୋତ୍ର ରଚନା କରିଥିଲେ ।

**ଅବସର ବିନୋଦନ :** ଋକ୍ ବୈଦିକ ଆର୍ଯ୍ୟମାନେ ସରଳ ଏବଂ ଆନନ୍ଦପୂର୍ଣ୍ଣ ଜୀବନଯାପନ କରୁଥିଲେ । ଅବସର ସମୟରେ ସେମାନେ ଆମୋଦ ପ୍ରମୋଦରେ ଲିପ୍ତ ରହୁଥିଲେ । ନୃତ୍ୟ, ଗୀତ, ପଶାଖେଳ, ପଶୁ ଶିକାର, ରଥ ଦୌଡ଼ ଇତ୍ୟାଦି ଥିଲା ଅବସର ବିନୋଦନର ମାଧ୍ୟମ । ନାରୀମାନେ ନୃତ୍ୟ ଏବଂ ସଂଗୀତ ବିଦ୍ୟାରେ ଖୁବ୍ ନିପୁଣା ଥିଲେ ।

**ଅର୍ଥନୈତିକ ଜୀବନ :** ପ୍ରାଚୀନ ବୈଦିକ ଯୁଗର ଅର୍ଥନୀତି ମୁଖ୍ୟତଃ ଗ୍ରାମ୍ୟ ଜୀବନ ଆଧାରିତ ଥିଲା ସମତଳ କ୍ଷେତ୍ର ପ୍ରସ୍ତୁତି, ବୀଜ ସଂରକ୍ଷଣ ଏବଂ ବୃହତ୍ ମାଟି ପାତ୍ରରେ ଶସ୍ୟ ସଂଚୟ ସମ୍ପର୍କରେ ଋକ୍ ବେଦରେ ସୂଚନା ପ୍ରଦାନ କରାଯାଇଛି । ସେମାନେ କାଠ ଲଙ୍ଗଳରେ ଭୂମି କର୍ଷଣ କରୁଥିଲେ । ବୈଦିକ ଶାସ୍ତ୍ରରେ ବିଭିନ୍ନ ଜୀବିକା ବିଷୟରେ ଉଲ୍ଲେଖ ରହିଛି । କୌଣସି ଜୀବିକାକୁ ନୀଚ ବୋଲି ବିବେଚନା କରାଯାଉନଥିଲା ।

**କୃଷି :** ପ୍ରାଚୀନ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କର ମୁଖ୍ୟ ଜୀବିକା ଥିଲା କୃଷି । ପ୍ରତ୍ୟେକ ପରିବାର ଅଧୀନରେ କୃଷିକାର୍ଯ୍ୟ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଭୂମି ରହିଥିଲା । କୂପ, ପୁଷ୍କରିଣୀ, ଝରଣା, ନଦୀ ଇତ୍ୟାଦି ଦ୍ୱାରା ଜଳସେଚନ ସୁବିଧା ଉପଲବ୍ଧ ହୋଇ ପାରୁଥିଲା । ସେମାନେ ଗହମ, ଯବ, ଧାନ, ଆଦି ଦ୍ରବ୍ୟ ଉତ୍ପାଦନ କରୁଥିଲେ । ସେମାନେ କୃଷିକାର୍ଯ୍ୟରେ ବଳଦମାନଙ୍କ ସାହାଯ୍ୟରେ ଟଣାଯାଉଥିବା ଲଙ୍ଗଳ ବ୍ୟବହାର କରୁଥିଲେ । ସେମାନେ ମଧ୍ୟ କେତେକ ତୈଳବୀଜ ଉତ୍ପାଦନ କରୁଥିଲା ।

**ପଶୁପାଳନ :** ଋକ୍‌ବୈଦିକ ଆର୍ଯ୍ୟମାନଙ୍କର ଅନ୍ୟତମ ଜୀବିକା ଥିଲା ପଶୁପାଳନ ।ସେମାନେ ବିଭିନ୍ନ ଗୃହପାଳିତ ପଶୁ ଯଥା : ମଇଁଷି, ଗାଈ, ଅଶ୍ୱ, ମେଷ ଓ ଛେଳି ପାଳନ କରୁଥିଲେ । ନିଜ ନିଜର ପଶୁମାନଙ୍କୁ ଚହ୍ନଟ କରିବା ପାଇଁ ସେମାନଙ୍କ କାନରେ ଚିହ୍ନ ଦିଆଯାଉଥିଲା । ସେମାନଙ୍କ ଆର୍ଥିକ ବିକାଶ ଗୋ-ସମ୍ପଦ ଉପରେ ନିର୍ଭର କରୁଥିଲେ ।

**କାରଗରୀ କୌଶଳ ବା ଶିଳ୍ପ :** ପ୍ରାଚୀନ ବୈଦିକ ଯୁଗରେ ଆର୍ଯ୍ୟମାନଙ୍କର କାରିଗରୀ କୌଶଳ ଥିଲା ଖୁବ୍ ଉଚ୍ଚକୋଟୀର । ଧାତବ ଶିଳ୍ପ, ଚମଡ଼ା ଶିଳ୍ପ, କାଠକାମ, ମୃତ୍ତିକା ଶିଳ୍ପ, ବୟନ ଶିଳ୍ପ ଇତ୍ୟାଦିରେ ସେମାନେ ଖୁବ୍ ନିପୁଣ ଥିଲେ । ସେମାନଙ୍କୁ ରଥ, ଶଗଡ଼, ବୋଇତ ଆଦି ନିର୍ମାଣ ଜଣାଥିଲା । ସେମାନେ ବିଭିନ୍ନ ପ୍ରକାର ଅଳଙ୍କାର ପ୍ରସ୍ତୁତ କରି ବିଦେଶକୁ ପ୍ରେରଣ କରୁଥିଲେ । ସେମାନଙ୍କୁ ମୁଦ୍ରା ପ୍ରସ୍ତୁତ କରିବା ପଦ୍ଧତି ପ୍ରାୟତଃ ଜଣା ନଥିଲା

**ବ୍ୟବସାୟ ବାଣିଜ୍ୟ :** ପ୍ରାଚୀନ ବୈଦିକ ଯୁଗର ଆର୍ଯ୍ୟମାନେ ବହିର୍ବାଣିଜ୍ୟରେ ଲିପ୍ତ ଥିବା ବିଷୟ ବୌଦ୍ଧ ସ୍ତୋତ୍ରରୁ ଜଣାପଡ଼େ । ବାହ୍ୟ ଦେଶମାନଙ୍କୁ କାର୍ପାସ ଏବଂ ପଶମ ବସ୍ତ୍ର ତଥା ଚମଡ଼ା ପ୍ରସ୍ତୁତ ଦ୍ରବ୍ୟ ରପ୍ତାନୀ କରାଯାଉଥିଲା । ଗାଈକୁ ସାଧାରଣ ମୂଲ୍ୟର ଏକକ ରୂପେ ଗ୍ରହଣ କରାଯାଉଥିଲା । 'ପଣି' ନାମରେ ଏକ ବଣିକ ଗୋଷ୍ଠୀ ଖୁବ୍ ପ୍ରଭାବଶାଳୀ ଥିଲେ । ପଣ୍ୟ ବିନିମୟ ବ୍ୟବସ୍ଥା ଦ୍ୱାରା ବାଣିଜ୍ୟ ବ୍ୟବସାୟ ପରିଚାଳିତ ହେଉଥିଲା । ଋକ୍‌ବେଦରୁ ନୌବାଣିଜ୍ୟ ସମ୍ପର୍କରେ ଆଭାସ ମିଳେ ।

**ପରିବହନ :** ଋକ୍ ବୈଦିକ ଆର୍ଯ୍ୟମାନେ ବାଣିଜ୍ୟ ବ୍ୟବସାୟ ଏବଂ ଗମନାଗମନର ସୁବିଧା ପାଇଁ ରାସ୍ତାଘାଟ ନିର୍ମାଣ କରୁଥିଲେ । ରଥ ଏବଂ ଶଗଡ଼ ସାହାର୍ଯ୍ୟରେ କୃଷି ଏବଂ ଶିଳ୍ପଜାତ ଦ୍ରବ୍ୟଗୁଡ଼ିକୁ ସ୍ଥାନାନ୍ତରିତ କରାଯାଉଥିଲା । ଜଳପଥରେ, ବୋଇତ, ଡଙ୍ଗା ଏବଂ ପାଲଟଣା ଜାହାଜ ସାହାଯ୍ୟରେ ବିଭିନ୍ନ ସ୍ଥାନକୁ ଦ୍ରବ୍ୟ ପ୍ରେରଣ କରାଯାଉଥିଲା ।

**ରାଜନୈତିକ ସଂଗଠନ :** ଋକ୍ ବୈଦିକ ଆର୍ଯ୍ୟମାନଙ୍କର ରାଜନୈତିକ ଜୀବନ ଥିଲା ଖୁବ୍ ଉଚ୍ଚକୋଟୀର । ପ୍ରଜାମାନଙ୍କର କଲ୍ୟାଣ ସାଧନ ଥିଲା ଶାସନକର୍ତ୍ତାଙ୍କର ମୂଳ ଲକ୍ଷ୍ୟ ।

**ରାଜନୈତିକ ଅନୁଷ୍ଠାନ :** ପରିବାର ଥିଲା ରାଜନୈତିକ ସଂଗଠନର ମୂଳପିଣ୍ଡ । କେତେଗୁଡ଼ିଏ ପରିବାରକୁ ନେଇ ଏକ ଗ୍ରାମ ଗଠିତ ଥିଲା । ସେହିପରି କେତୋଟି ଗ୍ରାମକୁ ନେଇ ଏକ ବିଶ୍ ଏବଂ କେତୋଟି ବିଶ୍‌କୁ ନେଇ ଏକ ଜନ ବା ଜନପଦ ବା ରାଷ୍ଟ୍ର ଗଠିତ ହୋଇଥିଲା ।

ବୟୋଜ୍ୟେଷ୍ଠ ପୁରୁଷ ଥିଲେ ପରିବାରର ମୁଖ୍ୟ । ତାଙ୍କୁ କୁଳପ କୁହାଯାଉଥିଲା । ଗ୍ରାମର ମୁଖ୍ୟ ଥିଲେ ଗାମଣୀ । ବିଶ୍‌ର ଶାସନ ମୁଖ୍ୟଙ୍କୁ ବିଶ୍‌ପତି କୁହାଯାଉଥିଲା । ସେହିପରି ଜନ ବା ଜନପଦର ମୁଖ୍ୟ ଥିଲେ ରାଜା ବା ରାଜନ୍ । ଋକ୍‌ବେଦରେ ଭାରତ, ଯଦୁ ଏବଂ ପୁରୁ ଇତ୍ୟାଦି ଜନପଦର ନାମ ଉଲ୍ଲେଖ ଅଛି ।

**ରାଜନ :** ରାଜା ଥିଲେ ଜନ ବା ରାଷ୍ଟ୍ରର ସର୍ବୋଚ୍ଚ ଶାସକ । ତାଙ୍କୁ ସମ୍ରାଟ କୁହାଯାଉଥିଲା । ପ୍ରଜାମାନଙ୍କ ମତ ଅନୁସାରେ ସେ ଶାସନ ପରିଚାଳନା କରୁଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ପ୍ରଜାମାନଙ୍କର ଧନଜୀବନ ରକ୍ଷା ଥିଲା ରାଜନଙ୍କ ମୁଖ୍ୟ କର୍ତ୍ତବ୍ୟ । ସେ ମୂଲ୍ୟବାନ ପୋଷାକ ପରିଧାନ କରିବା ସହିତ କାରୁକାର୍ଯ୍ୟପୂର୍ଣ୍ଣ ପ୍ରାସାଦରେ ଅବସ୍ଥାନ କରୁଥିଲେ । ପ୍ରଜାମାନଙ୍କଠାରୁ ରାଜସ୍ୱ ଆଦାୟ, ଯୁଦ୍ଧ ପରିଚାଳନା ଏବଂ ଧର୍ମରକ୍ଷା ଥିଲା ତାଙ୍କର ଦାୟିତ୍ୱ । ରଜାତନ୍ତ୍ର ଥିଲା ବଂଶାନୁକ୍ରମିକ । କେତେକ ପରିସ୍ଥିତିରେ ପ୍ରଜାମାନେ ରାଜାଙ୍କୁ ନିର୍ବାଚିତ କରୁଥିଲେ । ସେ ଉଦାର, ନ୍ୟାୟବନ୍ତ ଏବଂ ସାହସୀ ହେଲା ଆବଶ୍ୟକ ବୋଲି ପ୍ରଜାମାନେ ଆଶା ପୋଷଣ କରୁଥିଲେ ।

**ରାଜକର୍ମଚାରୀ :** ରାଜା ଥିଲେ ଶାସନର କେନ୍ଦ୍ରବିନ୍ଦୁ । ବିଭିନ୍ନ କର୍ମଚାରୀ ଯଥା ପୁରୋହିତ ,ସେନାନୀ, ଗ୍ରାମଣୀ ଏବଂ ରାଜଦୂତ ତାଙ୍କୁ ଶାସନରୂପକ ବ୍ୟବସାୟରେ ସହାୟତା କରୁଥିଲେ । ପୁରୋହିତ ରାଜାଙ୍କୁ ଶାସନ ସମ୍ବନ୍ଧୀୟ ପରାମର୍ଶ ଦେଉଥିଲେ । ଧର୍ମକାର୍ଯ୍ୟ ଏବଂ ରାଜକାର୍ଯ୍ୟ ପରିଚାଳନାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ । ଯୁଦ୍ଧ ସମୟରେ ରାଷ୍ଟ୍ରର ହିତପାଇଁ ସେ ଧର୍ମକାର୍ଯ୍ୟର ଆୟୋଜନ କରୁଥିଲେ ।

ସେନାବାହିନୀର ମୁଖ୍ୟଥିଲେ ସେନାନୀ ବା ସେନାପତି । ସାମରିକ ବିଭାଗର ପରିଚାଳନା ଦାୟିତ୍ୱ ତାଙ୍କଠାରେ ନ୍ୟସ୍ତ ଥିଲା । ସେ ଯୁଦ୍ଧ ପରିଚାଳନା କରୁଥିଲେ । ଦୂତ ନାମକ କର୍ମଚାରୀ ରାଜ୍ୟରେ ଘଟୁଥିବା ବିଭିନ୍ନ ଘଟଣା ସମ୍ପର୍କରେ ରାଜାଙ୍କୁ ସୂଚନା ଦେଉଥିଲେ । ଗ୍ରାମଣୀ, ଗ୍ରାମ୍ୟଶାସନ ତଦାରଖ କରିବା ସହିତ ରାଜସ୍ୱ ଆଦାୟ କରୁଥିଲେ ।

**ସଭା ଓ ସମିତି :** ପ୍ରାଚୀନ ବୈଦିକ ଯୁଗରେ ରାଜାମାନେ ସ୍ୱେଚ୍ଛାଚାରୀ ନଥିଲେ । ପ୍ରଚଳିତ ରୀତି-ନୀତି, ପରମ୍ପରା ଏବଂ ଧର୍ମଶାସ୍ତ୍ର ଅନୁସାରେ ଶାସନ ପରିଚାଳିତ ହେଉଥିଲା । ସଭା, ସମିତି ଓ ବିଧାତା ନାମରେ ତିନିଗୋଟି ପ୍ରତିନିଧିମୂଳକ ଅନୁଷ୍ଠାନ ରାଜାଙ୍କୁ ଶାସନ ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରୁଥିଲେ । ଅଭିଜ୍ଞ ତଥା ବୟସ୍କ ବ୍ୟକ୍ତିମାନଙ୍କୁ ନେଇ ସଭା ଗଠିତ ହୋଇଥିଲାବେଳେ ଜନର ସମସ୍ତ ଅଧିବାସୀଙ୍କୁ ନେଇ ସମିତି ଗଠିତ ହୋଇଥିଲା । ବିଧାତା ଦ୍ୱାରା ସମସ୍ତ ଅର୍ଥନୈତିକ, ଧର୍ମୀୟ, ସାମାଜିକ ତଥା ସାମରିକ କାର୍ଯ୍ୟ ସମ୍ପାଦିତ ହେଉଥିଲା । ନାରୀମାନେ, ସଭା ଏବଂ ବିଧାତାର ଅଧିବେଶନରେ ଅଂଶଗ୍ରହଣ କରି ପାରୁ ନଥିଲେ । ସଭା ଏବଂ ସମିତିର କାର୍ଯ୍ୟ ଥିଲା ସରକାର ଏବଂ ପ୍ରଶାସନକୁ ପରିଚାଳନା କରିବା, ସମ୍ଭ୍ରାନ୍ତ ଗୋଷ୍ଠୀର ସଭ୍ୟଙ୍କ ମଧ୍ୟରୁ ଉପଯୁକ୍ତ ବ୍ୟକ୍ତିଙ୍କୁ ରାଜା ରୂପେ ମନୋନୀତ କରିବା ଇତ୍ୟାଦି । ଅଯୋଗ୍ୟ ଓ ଅତ୍ୟାଚାରୀ ରାଜା ତଥା ରାଜକର୍ମଚାରୀମାନଙ୍କୁ ସମିତି ଦ୍ୱାରା ବହିଷ୍କାର କରାଯାଇ ପାରୁଥିଲା ।

**ବିଚାର ବ୍ୟବସ୍ଥା :** ପ୍ରଚଳିତ ପରମ୍ପରା ଏବଂ ପ୍ରଥା ଅନୁସାରେ ବିଭିନ୍ନ ସମସ୍ୟାର ସମାଧାନ କରାଯାଉଥିଲା । ପ୍ରତ୍ୟେକ ଗ୍ରାମର ଅଧିବାସୀମାନେ ମିଳିତ ବୈଠକରେ ଉପସ୍ଥିତ ହୋଇ ଆଲୋଚନା ମାଧ୍ୟମରେ ସମସ୍ତ ମକଦ୍ଦମାର ବିଚାର କରୁଥିଲେ । ରାଜନ୍ ଥିଲେ ବିଚାର ବିଭାଗର ମୁଖ୍ୟ । ବୟସ୍କବ୍ୟକ୍ତିମାନେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ରାଜାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରୁଥିଲେ । କଠୋର ଦଣ୍ଡ ବ୍ୟବସ୍ଥା ପ୍ରଚଳିତ ଥିଲା । ଚୋରି, ଡ଼କାୟତି, ଠକେଇ ଇତ୍ୟାଦି ଘଟଣା ସମ୍ପର୍କରେ ଋକ୍‌ବେଦରେ ଉଲ୍ଲେଖ ରହିଛି ।

**ସାମରିକ ବ୍ୟବସ୍ଥା :** ସେନାଧକ୍ଷଙ୍କଠାରେ ସେନାବାହିନୀର ଦାୟିତ୍ୱ ନ୍ୟସ୍ତ ଥିଲା । ସେନାବାହିନୀରେ ତିନିଗୋଟି ବିଭାଗ ରହିଥିଲା ଯଥା : ପଦାତିକ, ଅଶ୍ୱାରୋହୀ ଓ ରଥାରୋହୀ । ପଦାତିକ ସୈନ୍ୟଙ୍କୁ ପତ୍ତି ଏବଂ ରଥାରୋହୀ ମାନଙ୍କୁ ରଥୀ କୁହାଯାଉଥିଲା । ଯୁଦ୍ଧକ୍ଷେତ୍ରରେ ସୈନିକମାନେ ଧନୁଶର, ବର୍ଚ୍ଛା, ଖଣ୍ଡା, କୁଠାର ଇତ୍ୟାଦି ଅସ୍ତ୍ର ବ୍ୟବହାର କରୁଥିଲେ । ସେମାନେ ଶିରସ୍ତ୍ରାଣ, ସାଞ୍ଜୁ, ଢାଲ ଇତ୍ୟାଦି ପ୍ରତିରକ୍ଷାମୂଳକ ଅସ୍ତ୍ର ବ୍ୟବହାର କରୁଥିଲେ । ବାହ୍ୟଶତ୍ରୁର ଆକ୍ରମଣକୁ ପ୍ରତିହତ କରିବା ନିମନ୍ତେ ପୁର ବା ଦୁର୍ଗ ନିର୍ମାଣ କରାଯାଇଥିଲା । ପୁରପତି ନାମକ କର୍ମଚାରୀଙ୍କ ଉପରେ ଦୁର୍ଗ ପରିଚାଳନାର ଦାୟିତ୍ୱ ନ୍ୟସ୍ତ ଥିଲା ।

**ଧର୍ମବିଶ୍ୱାସ :** ଆର୍ଯ୍ୟମାନଙ୍କ ଆଧାତ୍ମିକ ଜୀବନ ସମ୍ବନ୍ଧରେ ବୈଦିକ ସାହିତ୍ୟରୁ ଯଥେଷ୍ଟ ସୂଚନା ମିଳେ । ସେମାନଙ୍କ ଧର୍ମଭାବନା ଥିଲା ଖୁବ୍ ସରଳ ଏବଂ ସ୍ୱଚ୍ଛ ।

**ପ୍ରକୃତିର ଉପାସନା :** ଋକ୍ ବୈଦିକ ଆର୍ଯ୍ୟମାନେ ପ୍ରକୃତିର ଉପାସନା କରୁଥିଲେ । ପ୍ରକୃତି ଉପରେ ମାନବ କଲ୍ୟାଣ ନିର୍ଭରଶୀଳ ବୋଲି ସେମାନେ ଅନୁଭବ କରୁଥିଲେ । ସେମାନେ ପ୍ରକୃତିର ବିଭିନ୍ନ ସ୍ୱରୂପକୁ ପରମେଶ୍ୱରଙ୍କ ସୃଷ୍ଟି ବୋଲି ବିବେଚନା କରୁଥିଲେ । ପ୍ରକୃତିର ବିଭିନ୍ନ ଉତ୍ସ ଦେବତାମାନଙ୍କ ସତ୍ତା ସହିତ ସଂଶ୍ଳିଷ୍ଟ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ବର୍ଷା, ବନ୍ୟା, ବାତ୍ୟା, ଆଲୋକ, ଅନ୍ଧକାର ଇତ୍ୟାଦି ବିଭିନ୍ନ ରୂପକୁ ଈଶ୍ୱରଙ୍କ ପରିପ୍ରକାଶ ବୋଲି ସେମାନେ ଭାବୁଥିଲେ । ସେମାନେ ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ଉଷା, ଅଗ୍ନି, ପୃଥିବୀ, ଇନ୍ଦ୍ର ଜଳ ଇତ୍ୟାଦି ଦେବତାଙ୍କର ଆରାଧନା କରୁଥିଲେ । ଇନ୍ଦ୍ର ଥିଲେ ବୃଷ୍ଟି ଓ ଝଡ଼ର ଦେବତା । ଚନ୍ଦ୍ର ଏବଂ ସୂର୍ଯ୍ୟ ଥିଲେ ଆଲୋକର ଦେବତା । ବରୁଣ ଥିଲେ ଜଳର ଦେବତା ।

**ଏକେଶ୍ୱରବାଦ :** ଋକ୍‌ବେଦରେ ଆର୍ଯ୍ୟମାନେ ଏକେଶ୍ୱରବାଦ ସମ୍ବନ୍ଧରେ ସ୍ପଷ୍ଟ ସୂଚନା ରହିଛି । ଆର୍ଯ୍ୟମାନେ ପ୍ରକୃତିର ବିଭିନ୍ନ ଉତ୍ସକୁ ଉପାସନା କରୁଥିଲେ ମଧ୍ୟ ସବୁକିଛି ଏକମାତ୍ର ଈଶ୍ୱରଙ୍କ ଦାନ ବୋଲି ବିଶ୍ୱାସ କରୁଥିଲେ । ଈଶ୍ୱର ଏକ ତଥା ଅଭିନ୍ନ ବୋଲି ସେମାନଙ୍କର ବିଶ୍ୱାସ ଥିଲା । ଋକ୍‌ବେଦରେ ଉଲ୍ଲେଖ ଅଛି ଯେ ଇନ୍ଦ୍ର, ବରୁଣ, ମିତ୍ର, ଅଗ୍ନି, ଯମ, ମାତରିଶ୍ୱାନ ଇତ୍ୟାଦି ଏକମାତ୍ର ଈଶ୍ୱରଙ୍କର ବିଭିନ୍ନ ନାମ ମାତ୍ର ।

**ଉପାସନା ପଦ୍ଧତି :** ଋକ୍ ବୈଦିକ ଆର୍ଯ୍ୟମାନଙ୍କ ପୂଜାପଦ୍ଧତି ଖୁବ୍ ସରଳ ଥିଲା । ସେ ଯୁଗରେ ମୂର୍ତ୍ତିପୂଜା ପ୍ରଚଳିତ ନଥିଲା । ଦେବଦେବୀଙ୍କ ପାଇଁ ମନ୍ଦିର ନିର୍ମାଣ କରାଯାଉ ନଥିଲା । ପ୍ରାର୍ଥନା, ଯୋଗ, ସ୍ତୋତ୍ର ଏବଂ ମନ୍ତ୍ରପାଠ ଦ୍ୱାରା ଦେବଦେବୀଙ୍କୁ ସନ୍ତୁଷ୍ଟ କରାଯାଉଥିଲା । ସ୍ୱର୍ଗୀୟ ମଣ୍ଡଳୀ ଯଥା ଗନ୍ଧର୍ବ, ଅପସରା ଆଦିଙ୍କ ପାଇଁ ପ୍ରାର୍ଥନା ଏବଂ ମନ୍ତ୍ର ଋକ୍‌ବେଦରେ ଉଲ୍ଲେଖ ଅଛି । ପୁନଶ୍ଚ, ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଯଜ୍ଞାନୁଷ୍ଠାନର ଆୟୋଜନ କରାଯାଇ ଅଗ୍ନିରେ ଘୃତ, ଫଳମୂଳ,ଦୁଗ୍ଧ, ଶସ୍ୟ, ସୋମରସ ଆଦି ଆହୁତି ଦିଆଯାଉଥିଲା । ତେବେ, ସେହି ସମୟରେ ପୂଜାବିଧି ଖୁବ୍ ସରଳ ଥିଲା । ଋକ୍ ବୈଦିକ ଆର୍ଯ୍ୟମାନେ କର୍ମବାଦ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ ।

## ପରବର୍ତ୍ତୀ ବୈଦିକ ଯୁଗ

## (Later Vedic Age)

ଯେଉଁ ସମୟରେ ଆର୍ଯ୍ୟମାନେ ଭାରତର ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଆଡ଼କୁ ଅଗ୍ରସର ହୋଇ କ୍ରମଶଃ ଗାଙ୍ଗେୟ ଉପତ୍ୟକାରେ ସ୍ଥାୟୀ ବସବାସ ଆରମ୍ଭ କଲେ, ସେହି ସମୟ ପରବର୍ତ୍ତୀ ବୈଦିକ ଯୁଗ ନାମରେ ଖ୍ୟାତ । ଖ୍ରୀ.ପୂ. ୧୦୦୦ ରୁ ଖ୍ରୀ.ପୂ. ୫୦୦ ପର୍ଯ୍ୟନ୍ତ, ପରବର୍ତ୍ତୀ ବୈଦିକ ଯୁଗ ଅବ୍ୟାହତ ରହିଥିଲା । ଏହି ଯୁଗରେ ଯଜୁଃ, ସାମ୍ ଏବଂ ଅଥର୍ବ ବେଦ ତଥା ବ୍ରାହ୍ମଣ, ଆରଣ୍ୟକ ଓ ଉପନିଷଦ ରଚନା କରାଯାଇଥିଲା ।

**ସାମାଜିକ ଜୀବନ (Social Life)** : ପରବର୍ତ୍ତୀ ବୈଦିକ ଯୁଗରେ ସାମାଜିକ ଅବସ୍ଥା ଖୁବ୍ ଜଟିଳ ହୋଇ ପଡ଼ିଥିଲା ।

**ଚତୁରାଶ୍ରମ (Chatruashrama)** ପରବର୍ତ୍ତୀ ବୈଦିକ ଯୁଗରେ ମାନବର ଆୟୁ ଏକଶତ (୧୦୦) ବର୍ଷବୋଲି ଧାର୍ଯ୍ୟ କରାଯାଇ ଜୀବନକୁ ୪ଗୋଟି ଆଶ୍ରମ ବା ଅବସ୍ଥାରେ ବିଭକ୍ତ କରାଯାଇଥିଲା । ପ୍ରତ୍ୟେକ ଆଶ୍ରମର ସମୟସୀମା ଥିଲା ପଚିଶ (୨୫) ବର୍ଷ । ସେହି ଆଶ୍ରମଗୁଡ଼ିକ ହେଲା : ବ୍ରହ୍ମଚର୍ଯ୍ୟ, ଗ୍ରାହସ୍ଥ୍ୟ, ବାନପ୍ରସ୍ଥ ଏବଂ ସନ୍ନ୍ୟାସ ।

**୧) ବ୍ରହ୍ମଚର୍ଯ୍ୟ (ଜନ୍ମରୁ ୨୫ ବର୍ଷରେ ପଦାର୍ପଣ ପର୍ଯ୍ୟନ୍ତ )** : ବ୍ରହ୍ମଚର୍ଯ୍ୟ ଅବସ୍ଥାରେ ବିଦ୍ୟାର୍ଥୀମାନେ ଗୁରୁଗୃହରେ ଅବସ୍ଥାନ କରି ବିଦ୍ୟା ଅର୍ଜନ କରୁଥିଲେ । ସେମାନଙ୍କୁ ସୁସ୍ଥ ତଥା ନିରାମୟ ଜୀବନଯାପନ କରିବା ସହିତ ଶୃଙ୍ଖଳିତ ହେବାପାଇଁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଉଥିଲା ।

**୨) ଗ୍ରାହସ୍ଥ୍ୟ (୨୫ ରୁ ୫୦ ବର୍ଷ )** : ବିଦ୍ୟାଶିକ୍ଷା ସମାପ୍ତ ପରେ ଛାତ୍ରମାନେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ବିବାହ ବନ୍ଧନରେ ଛନ୍ଦି ହେଉଥିଲେ ଏବଂ ଏଥିସହିତ ଆରମ୍ଭ ହେଉଥିଲା ଗ୍ରାହସ୍ଥ୍ୟ ଜୀବନ । ଏହି ଅବସ୍ଥାରେ ଆର୍ଯ୍ୟମାନେ ନିଜନିଜ ପରିବାର ପାଇଁ କର୍ତ୍ତବ୍ୟ କରିବା ସହିତ ଅନ୍ୟମାନଙ୍କୁ ସହାୟତା ପ୍ରଦାନ କରୁଥିଲେ ।

**୩)ବାନପ୍ରସ୍ଥ ( ୫୦ ରୁ ୭୫ବର୍ଷ)** : ବାନପ୍ରସ୍ଥ ଅବସ୍ଥାରେ ଆର୍ଯ୍ୟମାନେ ସାଂସାରିକ ଜଞ୍ଜାଳରୁ ସାମୟିକ ମୁକ୍ତି ପାଇବା ପାଇଁ ବଣକୁ ଯାଇ ଧ୍ୟାନମଗ୍ନ ରହୁଥିଲେ । ଏହି ଅବସ୍ଥାରେ ସମାଜ ପାଇଁ ପ୍ରତ୍ୟେକ ବ୍ୟକ୍ତି ଜଣେ ଅଭିଜ୍ଞ ତଥା ବିଶ୍ୱସ୍ତ ଉପଦେଷ୍ଟା ଭୂମିକାରେ ଅବତୀର୍ଣ୍ଣ ହେଉଥିଲେ ।

**୪)ସନ୍ୟାସ ବ୍ରତ ( ୭୫ ରୁ ୧୦୦ବର୍ଷ)** : ସନ୍ନ୍ୟାସ ବ୍ରତ ଥିଲା ଜୀବନର ଅନ୍ତିମ ଅବସ୍ଥା । ଏହି ଅବସ୍ଥାରେ ମଣିଷ ପାର୍ଥିବ ମୋହ ଏବଂ ମାୟାଜାଲରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ଆଧ୍ୟାତ୍ମିକ ଜ୍ଞାନ ଅର୍ଜନ କରିବା ସହିତ ମୋକ୍ଷପ୍ରାପ୍ତି ପାଇଁ ଉଦ୍ୟମ କରୁଥିଲା ।

**ଶିକ୍ଷା** : ପରବର୍ତ୍ତୀ ବୈଦିକ ଯୁଗରେ ଶିକ୍ଷାର ମାନ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଥିଲା । ବେଦ, ଉପନିଷଦ, ସାହିତ୍ୟ, ବ୍ୟାକରଣ, ତର୍କଶାସ୍ତ୍ର ଇତ୍ୟାଦିକୁ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲା । ବିଦ୍ୟାଳୟ ପୂର୍ବରୁ ବାଳକମାନଙ୍କ ପାଇଁ ଉପନୟନ ଉତ୍ସବ ପାଳନ କରାଗଲା । ଋକ୍ ବୈଦିକ ଯୁଗପରି ପରବର୍ତ୍ତୀ ବୈଦିକ ଯୁଗରେ ମଧ୍ୟ ଗୁରୁକୂଳ ଶିକ୍ଷା ବ୍ୟବସ୍ଥା ଅନୁସୃତ ଥିଲା । ବାଳକମାନଙ୍କୁ ନୈତିକ ତଥା ଶାରୀରିକ ଶିକ୍ଷା ପ୍ରଦାନ କରାଯାଉଥିଲା ।

**ଜାତିପ୍ରଥା** : ପରବର୍ତ୍ତୀ ବୈଦିକ ଯୁଗରେ ଚାରିଗୋଟି ଜୀବିକା ବଂଶାନୁକ୍ରମିକ ଭାବରେ ପ୍ରଚଳିତ ହୋଇ କ୍ରମଶଃ ଜାତି ପ୍ରଥା ରୂପେ ଆତ୍ମପ୍ରକାଶ କଲା । ସମୟକ୍ରମେ, ଏହି ଜାତିପ୍ରଥା ଅତ୍ୟନ୍ତ କଠୋର ଆକାର ଧାରଣ କଲା । ଋକ୍ ବେଦର ପରବର୍ତ୍ତୀ ଖଣ୍ଡରେ ଉଲ୍ଲେଖ ଅଛି ଯେ ବ୍ରାହ୍ମଣମାନେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ମୁହଁରୁ, କ୍ଷତ୍ରିୟମାନେ ବାହୁରୁ, ବୈଶ୍ୟମାନେ ଜାନୁ (ଜଙ୍ଘ)ରୁ ଏବଂ ଶୁଦ୍ରମାନେ ପାଦରୁ ଜନ୍ମ ନେଲେ । ଋକ୍ ବେଦରେ କୁହାଯାଇଛି :

"ବ୍ରହ୍ମଣୋସ୍ୟ ମୁଖମ୍ ଆସୀଦ୍
ବାହୁ ରାଜନ୍ୟଃ କୃତଃ
ଉରାତଦ୍ ଅସ୍ୟଯଦ୍ ବୈଶ୍ୟଃ
ପାଦଭ୍ୟାମ୍ ଶୁଦ୍ରୋ ଅଜାୟତ୍ ।

(ଋକ୍‌ବେଦ - ଦଶମ ମଣ୍ଡଳ)

ଏହି ମନ୍ତ୍ରର ସାଂକେତିକ ଅର୍ଥ ହେଲା ଯେ, ବ୍ରାହ୍ମଣ ,କ୍ଷତ୍ରିୟ, ବୈଶ୍ୟ ଏବଂ ଶୁଦ୍ରମାନେ ହେଉଛନ୍ତି ଅସମାନ ଜାତି ଏବଂ ସେମାନଙ୍କ ସାମାଜିକ ସ୍ଥିତି ଓ ମର୍ଯ୍ୟାଦା ସମାନ ନୁହେଁ । ବ୍ରାହ୍ମଣମାନଙ୍କୁ ମୁଣ୍ଡ ସହିତ ତୁଳନା କରାଯାଉଥିବାବେଳେ ଶୁଦ୍ରମାନଙ୍କୁ ପାଦ ସହିତ ତୁଳନା କରାଯାଇଛି । ସାମାଜିକ ଜୀବନରେ ବ୍ରାହ୍ମଣମାନେ ଉଚ୍ଚତର ବର୍ଣ୍ଣରୂପେ ପରିଗଣିତ ହେଲେ, କାରଣ ସମାଜର ଅନ୍ୟମାନେ ତାଙ୍କରି ମାଧ୍ୟମରେ ଦେବଦେବୀମାନଙ୍କ ସହିତ କଥାବାର୍ତ୍ତା କରି ପାରୁଥିଲେ । କ୍ଷତ୍ରିୟମାନେ ମଧ୍ୟ ଅଶେଷ ପ୍ରଶାସନିକ କ୍ଷମତାର ଅଧିକାରୀ ହେଲେ । ବୈଶ୍ୟମାନେ ପୂର୍ବପରି ବାଣିଜ୍ୟ ବ୍ୟବସାୟରେ ଲିପ୍ତ ରହିଲେ । ଶୁଦ୍ରମାନଙ୍କର ଅବସ୍ଥା କ୍ରମଶଃ ଅଧିକ ଶୋଚନୀୟ ହୋଇ ପଡ଼ିଲା । ସେମାନେ ଧର୍ମୀୟ କାର୍ଯ୍ୟ ସମ୍ପାଦନା ତଥା ଧର୍ମଶାସ୍ତ୍ର ଅଧ୍ୟୟନରୁ ବଞ୍ଚିତ ହେଲେ । କାଳକ୍ରମେ ବହୁ ଉପଜାତି ସୃଷ୍ଟି ହେବାରୁ ସାମାଜିକ ଜୀବନଚର୍ଯ୍ୟାରେ ଅନେକ ଗୁଡ଼ିଏ ପ୍ରତିବନ୍ଧକ ଦେଖାଦେଲା ।

**ନାରୀର ସୁରକ୍ଷା :** ପରବର୍ତ୍ତୀ ବୈଦିକ ଯୁଗରେ ନାରୀର ସମ୍ମାନ ତଥା ମର୍ଯ୍ୟାଦାରେ ଯଥେଷ୍ଟ ବିଲୟ ଦେଖାଦେଲା । ନାରୀମାନେ ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ ହେଲେ । ବୈବାହିକ ନୀତି ନିୟମରେ ଦୃଢ଼ ପରିବର୍ତ୍ତନ ଘଟିଲା । ନାରୀମାନେ ପତି ଚୟନ କରିବାର ଅଧିକାର ହରାଇ ବସିଲେ । ସମାଜରେ ବାଲ୍ୟବିବାହ, ଯୌତୁକପ୍ରଥା ଏବଂ ସତୀଦାହ ପ୍ରଥା ବହୁଳଭାବରେ ପ୍ରଚଳିତ ହେଲା । ସମାଜରେ ବହୁ ପତ୍ନୀ ଗ୍ରହଣ ବ୍ୟବସ୍ଥା ଆଦୃତ ହେଲା । ବିଧବା ବିବାହକୁ ନିରୁତ୍ସାହିତ କରାଗଲା । ସୁତରାଂ, ପରବର୍ତ୍ତୀ ବୈଦିକ ଯୁଗରେ ନାରୀମାନଙ୍କ ଅବସ୍ଥାରେ ଯଥେଷ୍ଟ ବିଲୟ ଘଟିବାରୁ ସମାଜ କଳୁଷିତ ହୋଇପଡ଼ିଲା ।

**ଅର୍ଥନୈତିକ ଅବସ୍ଥା :** ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟମାନେ ଅର୍ଦ୍ଧ-ଯାଯାବର ଜୀବନକୁ ପ୍ରତ୍ୟାଖ୍ୟାନ କରି ସ୍ଥାୟୀ ଭାବରେ ବସବାସ କଲେ ଏବଂ କୃଷିକୁ ଜୀବିକା ଭାବରେ ଆଦରି ନେଲେ । ପରବର୍ତ୍ତୀ ସମୟରେ ବାଣିଜ୍ୟ ବ୍ୟବସାୟରେ ଯଥେଷ୍ଟ ପ୍ରସାର ଘଟିଲା ।

**କୃଷି :** ପରବର୍ତ୍ତୀ ବୈଦିକ ଯୁଗରେ କୃଷି ଥିଲା ମୁଖ୍ୟ ଜୀବିକା । ଆର୍ଯ୍ୟମାନେ ଧାନ, ବାର୍ଲି, ଗହମ, ରାଶି, ସୋରିଷ ଆଦି ଦ୍ରବ୍ୟ ଉତ୍ପାଦନ କରି ଶାନ୍ତିରେ ଜୀବନ ଅତିବାହିତ କରୁଥିଲେ । ପରବର୍ତ୍ତୀ ବୈଦିକ ଗ୍ରନ୍ଥ ଗୁଡ଼ିକରେ ଉଲ୍ଲେଖ ଅଛି ଯେ, ଲଙ୍ଗଳରେ ଆଠ, ବାର ଏବଂ କୋଡିଏ ଗୋଟି ବଳଦ ଯୋଚା ହେଉଥିଲେ । ଯୋଚା ହେଉଥିବା ଏହି ବଳଦ ସଂଖ୍ୟା ପ୍ରତୀକାତ୍ମକ ପରି ଦୃଷ୍ଟିଗୋଚର ହେଲେ ମଧ୍ୟ ଲଙ୍ଗଳରେ ଚାଷ କରିବା ପଦ୍ଧତି ଏହି ସମୟ ବେଳକୁ ଲୋକପ୍ରିୟ ହୋଇ ସାରିଥିଲା । ଗାଙ୍ଗେୟ ସମତଳ ଭୂମିରେ କୃଷି ଦ୍ୱାରା ଅର୍ଥନୈତିକ କାର୍ଯ୍ୟକଳାପ ନିୟନ୍ତ୍ରିତ ହେଉଥିଲା । କୃଷିକ୍ଷେତ୍ରରେ ଲୌହ ଉପକରଣର ବ୍ୟବହାର ବହୁଳ ଭାବରେ ବୃଦ୍ଧି ପାଇଲା ।

**ପଶୁପାଳନ :** ପରବର୍ତ୍ତୀ ବୈଦିକ ଯୁଗର ଆର୍ଯ୍ୟମାନେ କୃଷି ସହିତ ପଶୁପାଳନକୁ ମଧ୍ୟ ଜୀବିକା ରୂପେ ଗ୍ରହଣ କରିଥିଲେ । ସେମାନେ ଗାଈ, ମଇଁଷି ,ଛେଳି, ମେଣ୍ଢା, ଘୋଡ଼ା ଇତ୍ୟାଦିକୁ ଗୃହପାଳିତ ପଶୁଭାବେ ଲାଳନପାଳନ କରୁଥିଲେ । ପଶୁମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ପରିମାଣର ଚାରଣଭୂମିର ବ୍ୟବସ୍ଥା କରାଯାଇଥିଲା ।

**କୁଟୀରଶିଳ୍ପ :** ଏହି ଯୁଗରେ ଗ୍ରାମ୍ୟ ଶିଳ୍ପର ଯଥେଷ୍ଟ ଉନ୍ନତି ଘଟିଥିଲା । ସ୍ୱର୍ଣ୍ଣକାର, ତନ୍ତୀ, ଚର୍ମକାର, କମାର, କୁମ୍ଭାର, ବାରିକ ଇତ୍ୟାଦି କାରିଗରୀ କୌଶଳରେ ଯଥେଷ୍ଟ ପାରଙ୍ଗମ ଥିଲେ । ସେମାନେ ପ୍ରଚୁର ପରିମାଣର ବସ୍ତ୍ର, ଲୌହ ଦ୍ରବ୍ୟ, ଯୋଚା, ଅସ୍ତ୍ରଶସ୍ତ୍ର ଆଦି ନିର୍ମାଣ କରୁଥିଲେ । ଟିଣ, ସୀସା, ରୁପା, ଲୁହା ଆଦି ଧାତୁ ବହୁଳ ଭାବରେ ବ୍ୟବହୃତ ହେଉଥିଲା । ନାରୀମାନେ ବସ୍ତ୍ର ବୟନ କାର୍ଯ୍ୟରେ ନିୟୋଜିତ ଥିଲେ ।

**ବିନିମୟ ବ୍ୟବସ୍ଥା :** ଏକ ବଣିକ ଗୋଷ୍ଠୀର ଆବିର୍ଭାବ ସମ୍ପର୍କରେ ବେଦରେ ଉଲ୍ଲେଖ ଅଛି । 'ଗଣ' ଏବଂ 'ଶ୍ରେଷ୍ଠୀନ୍'ର

ବର୍ଣ୍ଣନାରୁ ପ୍ରତୀତ ହୁଏ ଯେ ବାଣିଜ୍ୟ ବ୍ୟବସାୟର ପ୍ରସାର ନିମନ୍ତେ ନିଗମ ସୃଷ୍ଟି କରାଯାଇଥିଲା । ବିନିମୟରେ ମାଧ୍ୟମ ଥିଲା ନିଷ୍କ, ଶତମାଣ ଏବଂ କୃଷ୍ଣାଳ ।

**ପରିବହନ :** ବିଭିନ୍ନ ସ୍ଥାନରୁ ଗଧ ଏବଂ ଘୋଡ଼ା ପିଠିରେ ଦ୍ରବ୍ୟ ପ୍ରେରଣ କରାଯାଉଥିଲା । ରଥର ବହୁଳ ବ୍ୟବହାର କରାଯାଉଥିଲା । ନୌବାଣିଜ୍ୟ କ୍ଷେତ୍ରରେ ନୌକା ଏବଂ ଜାହାଜ ବ୍ୟବହୃତ ହେଉଥିଲା । ଓଟ ଏବଂ ହାତୀକୁ ମଧ୍ୟ ଅନେକଗୁଡ଼ିଏ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା । ବିଭିନ୍ନ ଜନପଦ ଯଥା : ମଥୁରା, ଅଯୋଧ୍ୟା, କୁରୁକ୍ଷେତ୍ର , ପ୍ରୟାଗ ଇତ୍ୟାଦି ମଧ୍ୟରେ ଯୋଗାଯୋଗ ସ୍ଥାପନ କରାଯାଇଥିଲା ।

**ରାଜନୈତିକ ସଂଗଠନ :** ପରବର୍ତ୍ତୀ ବୈଦିକ ଯୁଗରେ ବଂଶାନୁକ୍ରମିକ ରାଜତନ୍ତ୍ର ଶାସନ ପ୍ରଚଳିତ ଥିଲା । ଶାସନ ପରିଚାଳନା କ୍ଷେତ୍ରରେ ପ୍ରଜାମାନଙ୍କର ଭୂମିକା ଅନେକାଂଶରେ ହ୍ରାସ ପାଇଥିଲା ।

**ରାଜା ଏବଂ ରାଜକାର୍ଯ୍ୟ :** ପରବର୍ତ୍ତୀ ବୈଦିକ ଯୁଗରେ ରାଜାଙ୍କ କ୍ଷମତାରେ ଯଥେଷ୍ଟ ବୃଦ୍ଧି ଘଟିଥିଲା । ଜନପଦଗୁଡ଼ିକର ପରିସୀମାକୁ ବୃଦ୍ଧି କରାଯାଇ ସେଗୁଡ଼ିକୁ ରାଷ୍ଟ୍ରର ମାନ୍ୟତା ପ୍ରଦାନ କରାଯାଇଥିଲା । ରାଜା ନିଜକୁ 'ଅଧିରାଜ', 'ସମ୍ରାଟ' , 'ଏକରାଟ', "ବିରାଟ" ଆଦି ଉପାଧିରେ ଭୂଷିତ କରୁଥିଲେ । "ସତପଥ ବ୍ରାହ୍ମଣ"ରେ ଉଲ୍ଲେଖ ଅଛି ଯେ ରାଜା ହେଉଛନ୍ତି ପ୍ରଜାପତି (ବ୍ରହ୍ମା)ଙ୍କର ପ୍ରତିନିଧି । ଏଣୁ, ସେ 'ଏକ' ହୋଇ ମଧ୍ୟ ଅନେକଙ୍କୁ ଶାସନ କରନ୍ତି । ରାଜ୍ୟର ଆୟତନ ତଥା ରାଜାଙ୍କର କ୍ଷମତା ବୃଦ୍ଧି ପାଇବା ସହିତ ପ୍ରଶାସନିକ ବ୍ୟବସ୍ଥାର ପରିବର୍ତ୍ତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା । ରାଜା ବିଭିନ୍ନ ଧର୍ମକାର୍ଯ୍ୟ ସମ୍ପାଦନ କରି ସିଂହାସନରେ ନିଜର ସ୍ଥାନକୁ ଦୃଢ଼ିଭୂତ କରୁଥିଲେ । ଶାସନ ବ୍ୟବସାୟର ସୁପରିଚାଳନା ନିମନ୍ତେ ରଥଚାଳକ (ସୂତ), କୋଷାଧ୍ୟକ୍ଷ (ସଂଗ୍ରହିତ୍ରୀ) ଭାଗଦୂତ (ରାଜସ୍ୱ ଆଦାୟକାରୀ), ସଚିବ (ମନ୍ତ୍ରୀ) ଆଦିଙ୍କୁ ନିଯୁକ୍ତ କରାଯାଇଥିଲା । ପ୍ରଜାମାନଙ୍କର ହିତ ସାଧନ ଏବଂ ପ୍ରଚଳିତ ଆଇନ୍‌ର ସୁରକ୍ଷା, ରାଜାଙ୍କର ପରମ କର୍ତ୍ତବ୍ୟ ବୋଲି ବିବେଚନା କରାଗଲା । ରାଜା ଅଶ୍ୱମେଧ ଯଜ୍ଞ ସମ୍ପାଦନ କରି ନିଜ ରାଜ୍ୟ ଉପରେ ଥିବା ପ୍ରଭୁତ୍ୱକୁ ଜାହିର କରିବାକୁ ଲାଗିଲେ ।

**ସଭା ଓ ସମିତି :** ଋକ୍‌ବୈଦିକ ଯୁଗରେ ଗଠିତ ପ୍ରତିନିଧିମୂଳକ ଅନୁଷ୍ଠାନଗୁଡ଼ିକ ପୂର୍ବ କ୍ଷମତାକୁ ହରାଇ ବସିଲେ । 'ବିଧାତା' ନାମକ ଅନୁଷ୍ଠାନକୁ ଉଚ୍ଛେଦ କରାଗଲା । 'ସଭା' ଏବଂ 'ସମିତି' ଦ୍ୱୟର ପୂର୍ବ ଗୁରୁତ୍ୱ ରହିଲା ନାହିଁ । ନାରୀମାନଙ୍କୁ 'ସଭା'ରେ ପ୍ରତିନିଧିତ୍ୱ କରିବା ଅଧିକାରରୁ ବଞ୍ଚିତ କରାଗଲା । ଉକ୍ତ ଅନୁଷ୍ଠାନରେ (ସଭା) ସମ୍ଭ୍ରାନ୍ତ ବ୍ୟକ୍ତି ଏବଂ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଲା । ସୁତରାଂ, ପରବର୍ତ୍ତୀ ବୈଦିକ ଯୁଗରେ ରାଜାଙ୍କ କ୍ଷମତାରେ ବୃଦ୍ଧି ଘଟିବାରୁ ପ୍ରତିନିଧିମୂଳକ ଅନୁଷ୍ଠାନଗୁଡ଼ିକର କ୍ଷମତାରେ ବିଲୟ ଘଟିଥିଲା ।

**ବିଚାର ବ୍ୟବସ୍ଥା :** ରାଜା ଥିଲେ ବିଚାର ବିଭାଗର ମୁଖ୍ୟ । ଗ୍ରାମ୍ୟସ୍ତରର ଛୋଟଛୋଟ ମକଦ୍ଦମାଗୁଡ଼ିକ ଗ୍ରାମିଣଙ୍କ ଦ୍ୱାରା ସମାଧାନ କରା ଯାଉଥିଲା । ନାରୀ ଏବଂ ଶୁଦ୍ରମାନଙ୍କୁ ସମ୍ପତ୍ତିଗତ ଅଧିକାରରୁ ବଞ୍ଚିତ କରାଗଲା । ପୁତ୍ରମାନଙ୍କୁ ପିତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ଭାବରେ ବିବେଚନା କରାଗଲା ।

**ଧର୍ମବିଶ୍ୱାସ :** ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମବିଶ୍ୱାସ କ୍ରମଶଃ ଅଧିକରୁ ଅଧିକ ଜଟିଳ ଆକାର ଧାରଣ କରିଥିଲା । ନୂତନ ଦେବଦେବୀଙ୍କ ଆବିର୍ଭାବ କାରଣରୁ ପ୍ରକୃତିର ଉପାସନାରେ ବିଲୟ ଦେଖାହେଲା ।

**ନୂତନ ଦେବଦେବୀଙ୍କ ଅଭ୍ୟୁଦୟ :** ପରବର୍ତ୍ତୀ ବୈଦିକ ଯୁଗରେ ଇନ୍ଦ୍ର ଏବଂ ବରୁଣ ସେମାନଙ୍କର ପୂର୍ବ ଗୁରୁତ୍ୱକୁ ହରାଇ ବସିଲେ । ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଆଦି ନୂତନ ଦେବତାଙ୍କୁ ଉପାସନା କରାଗଲା । ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା, ବିଷ୍ଣୁଙ୍କୁ ପାଳନକର୍ତ୍ତା ଏବଂ ମହେଶ୍ୱରଙ୍କୁ ସଂହାରକର୍ତ୍ତା ରୂପେ ଆରାଧନା କରାଗଲା । ସୃଷ୍ଟିକର୍ତ୍ତା ଭାବରେ ବ୍ରହ୍ମା ଉଚ୍ଚତମ ସ୍ଥାନର

ଅଧିକାରୀ ହେଲେ । ଏଥିସହିତ କେତେକ ପ୍ରତୀକାତ୍ମକ ବସ୍ତୁକୁ ମଧ୍ୟ ଉପାସନା କରାଗଲା । ସରଳ ଉପାସନା ପଦ୍ଧତି ପୂର୍ବପରି ଆକର୍ଷଣୀୟ ହୋଇ ରହିପାରିଲା ନାହିଁ । ଏହି ଯୁଗରେ କେତେକ ନାରୀଶକ୍ତିର ଉପାସନା କରାଯାଉଥିଲା । ସେମାନେ ହେଲେ ଯଥାକ୍ରମେ :-

(୧) ଉଷା (ପ୍ରତ୍ୟୁଷର ଦେବୀ) (୨) ଅଦିତି (ମାତୃଦେବୀ) (୩) ପୃଥିବୀ (ମୃତ୍ତିକା) (୪) ଆରଣ୍ୟ (ଅରଣ୍ୟର ଦେବୀ) (୫) ଲକ୍ଷ୍ମୀ (ଧନର ଦେବୀ) ଏବଂ (୬) ସରସ୍ୱତୀ (ଜ୍ଞାନର ଦେବୀ)

ଏତଦ୍‌ବ୍ୟତୀତ ଗନ୍ଧର୍ବ, ଅପ୍‌ସରା, କିନ୍ନର ଆଦିଙ୍କର ଆବିର୍ଭାବ ଯୋଗୁଁ ଧର୍ମଧାରା ଏକ ନୂତନ ରୂପରେଖ ଗ୍ରହଣ କଲା ।

**ପୂଜା ପଦ୍ଧତି :** ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମାନୁଷ୍ଠାନଗୁଡ଼ିକ ଜଟିଳ ଏବଂ କ୍ରିୟାବହୁଳ ହୋଇ ପଡ଼ିଥିଲା । ପୂଜା ପଦ୍ଧତି ଜଟିଳ ଆକାର ଧାରଣ କଲା । ପଶୁବଳି ଯଜ୍ଞର ଏକ ପ୍ରଧାନ ଅଂଶ ରୂପେ ପରିଗଣିତ ହେଲା । ଧର୍ମ ଭିତରକୁ କୁସଂସ୍କାର ଏବଂ ଅନ୍ଧବିଶ୍ୱାସ ପ୍ରବେଶ କଲା । ଭୂତ, ପ୍ରେତ, ଡାହାଣୀ, ଚିରୁକୁଣୀ, ପିଶାଚ, ମନ୍ତ୍ରତନ୍ତ୍ର, ଗୁଣିଗାରେଡ଼ି, ବଶୀକରଣ ଇତ୍ୟାଦିର ପ୍ରାଧାନ୍ୟ ବୃଦ୍ଧି ପାଇଲା । ଈଶ୍ୱର ତତ୍ତ୍ୱଜ୍ଞମାନେ ସୃଷ୍ଟି, ଜୀବନ ଏବଂ ମୃତ୍ୟୁ ଆଦି ବିଷୟରେ ଚିନ୍ତା କରିବାକୁ ଲାଗିଲେ । ମନ୍ତ୍ର ଉଚ୍ଚାରଣ, ସ୍ତୋତ୍ର ପଠନ, ପୂଜାପାଠ ଉପରେ ଅଯଥା ଗୁରୁତ୍ୱ ପ୍ରଦାନ କରାଯିବାରୁ ଧର୍ମ ଭାବନା କଳୁଷିତ ହେବାକୁ ଲାଗିଲା । ସୁତରାଂ, ପରବର୍ତ୍ତୀ ବୈଦିକ ଯୁଗରେ ପୂଜାପଦ୍ଧତି ଖୁବ୍ ଜଟିଳ ଆକାର ଧାରଣ କରିବାରୁ ଧର୍ମସଂସ୍କାର ଆନ୍ଦୋଳନର ସୂତ୍ରପାତ ହୋଇଥିଲା ।

**ବ୍ରାହ୍ମଣ ଜାତିର ପ୍ରାଧାନ୍ୟ :** ପରବର୍ତ୍ତୀ ବୈଦିକ ଯୁଗରେ ବ୍ରାହ୍ମଣ ବା ପୁରୋହିତ ଶ୍ରେଣୀର ପ୍ରାଧାନ୍ୟ ଯୋଗୁଁ ଧର୍ମଭାବନା ଜଟିଳ ହୋଇ ପଡ଼ଇଥିଲା । ପୁରୋହିତମାନଙ୍କ ହସ୍ତକ୍ଷେପ ବିନା କୌଣସି ଧର୍ମକାର୍ଯ୍ୟ ସମ୍ପାଦନା ସମ୍ଭବପର ହୋଇପାରିଲା ନାହିଁ । ବ୍ରାହ୍ମଣମାନଙ୍କୁ ସ୍ୱର୍ଣ୍ଣ, ଗୋଧନ, ବସ୍ତ୍ର ତଥା ମୁଦ୍ରା ଆକାରରେ ଦକ୍ଷିଣା ପ୍ରଦାନ କରାଗଲା । ସବୁ ବର୍ଗର ଜନସାଧାରଣ ପାପପୁଣ୍ୟ ଭୟରେ ପୁରୋହିତ ଗୋଷ୍ଠୀର ଉପଦେଶ ପାଳନ କରିବା ପାଇଁ ବାଧ୍ୟହେଲେ ।

**ଉଚ୍ଚତର ଆଦର୍ଶ ଏବଂ ଦର୍ଶନ :** ଜନସାଧାରଣଙ୍କ ଧର୍ମଭାବନାକୁ ନେଇ ବ୍ରାହ୍ମଣମାନଙ୍କ ଦ୍ୱାରା ନୂଆନୂଆ ନିୟମ ସବୁ ପ୍ରଣୟନ କରାଗଲା । ଦେବତାମାନଙ୍କୁ ମନେଇବା ପାଇଁ ଯଜ୍ଞ,ଋଷିମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ତର୍ପଣ ଏବଂ ପିତୃପୁରୁଷଙ୍କୁ ଖୁସି କରାଇବା ପାଇଁ ଶ୍ରାଦ୍ଧ ପାଳନ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଗଲା । ଆତ୍ମାକୁ ପବିତ୍ର କରିବା ପାଇଁ ବିଭିନ୍ନ ନୀତି ପାଳନ କରାଗଲା । ପାପପୁଣ୍ୟର ଭାବନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଗଲା ।

ବ୍ରାହ୍ମଣଗୋଷ୍ଠୀ ଆତ୍ମା ଏବଂ ପରମାତ୍ମା ସମ୍ପର୍କରେ ନୂତନ ତତ୍ତ୍ୱମାନ ସୃଷ୍ଟି କଲେ । 'ଏକ ବ୍ରହ୍ମ ଦ୍ୱିତୀୟ ନାସ୍ତି' ତତ୍ତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରାଗଲା ।

**କର୍ମବାଦ ଏବଂ ମୋକ୍ଷପ୍ରାପ୍ତି :** ପରବର୍ତ୍ତୀ ବୈଦିକ ଯୁଗରେ କର୍ମ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଉତ୍ତମ କର୍ମଦ୍ୱାରା ମୋକ୍ଷ ପ୍ରାପ୍ତି ସମ୍ଭବ ହୁଏ ବୋଲି ବିଶ୍ୱାସ ଜନ୍ମିଲା । ମୃତ୍ୟୁ ପରେ ପରମାତ୍ମା ସହିତ ଆତ୍ମାର ମିଳନ ହୁଏ ବୋଲି ହୃଦ୍‌ବୋଧ ହେଲା । ହୀନକର୍ମ ଯୋଗୁ ମଣିଷକୁ ବାରମ୍ବାର ଜନ୍ମ ନେବାକୁ ପଡ଼ିଥାଏ ବୋଲି କୁହାଗଲା । ପୁନର୍ଜନ୍ମରୁ ମୁକ୍ତି ପାଇବା ପାଇଁ ଜନସାଧାରଣଙ୍କ ମନରେ ବ୍ୟଗ୍ରତା ସୃଷ୍ଟି ହେଲା । ଏହାର ପ୍ରତିକାର ସ୍ୱରୂପ । ପୁରୋହିତମାନେ ବିଭିନ୍ନ କ୍ରିୟାକର୍ମ ସମ୍ପାଦନ ନିମନ୍ତେ ଲୋକମାନଙ୍କୁ ପ୍ରବର୍ତ୍ତାଇଲେ ।

ଅତଏବ, ପରବର୍ତ୍ତୀ ବୈଦିକ ଯୁଗରେ ଧର୍ମ କଳୁଷିତ ହୋଇ ପଡ଼ିବାରୁ ଏକ ଧର୍ମସଂସ୍କାର ଆନ୍ଦୋଳନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା ।

## ଆଦର୍ଶ ପ୍ରଶ୍ନ

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

କ) କେଉଁ ସଂସ୍କୃତ ଶବ୍ଦରୁ ବେଦ ଶବ୍ଦଟି ଆସିଅଛି ?

୧. ଶ୍ରୁତି ୨. ବିଦ୍

୩. ଉପନିଷଦ ୪. ଅରଣ୍ୟକ

ଖ) ସର୍ବପ୍ରାଚୀନ ବେଦର ନାମ କ'ଣ ?

୧)ଋକ୍‌ବେଦ ୨) ସାମବେଦ

୩) ଅଥର୍ବବେଦ ୪) ଯଜୁର୍ବେଦ

ଗ) କେଉଁ ଅଞ୍ଚଳ 'ଆର୍ଯ୍ୟାବର୍ତ୍ତ' ନାମରେ ପରିଚିତ ?

୧)ପୂର୍ବ ଭାରତ ୨)ପଶ୍ଚିମ ଭାରତ

୩) ଉତ୍ତର ଭାରତ ୪) ଦକ୍ଷିଣ ଭାରତ

ଘ) ଋକ୍‌ବୈଦିକ ଯୁଗରେ ଜନର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

୧)ରାଜନ୍ ୨)କୁଳପ

୩)ଗୋପ ୪) ମହାରାଜା

ଙ) ପ୍ରାଚୀନ ବୈଦିକ ଯୁଗରେ କିଏ ସତ୍ୟ ଏବଂ ନୈତିକତାର ଦେବତା ରୂପେ ପରିଚିତ ଥିଲେ ?

୧) ଇନ୍ଦ୍ର ୨)ବରୁଣ

୩) ଅଗ୍ନି ୪) ବାୟୁ

ଚ) କେଉଁ ଆଶ୍ରମରେ ସଂଯମତା ପାଳନ ଉପରେ ଶିକ୍ଷା ପ୍ରଦାନ କରାଯାଉଥିଲା ?

୧) ବ୍ରହ୍ମଚର୍ଯ୍ୟ ୨) ଗାର୍ହସ୍ଥ୍ୟ

୩)ବାନପ୍ରସ୍ଥ ୪)ସନ୍ନ୍ୟାସ

ଛ) ଆର୍ଯ୍ୟମାନେ ସର୍ବପ୍ରଥମେ କେଉଁ ଅଞ୍ଚଳରେ ବସବାସ ଆରମ୍ଭ କରିଥିଲେ ?

୧) ସପ୍ତସିନ୍ଧୁ ୨)ଆର୍ଯ୍ୟାବର୍ତ୍ତ

୩)ବ୍ରହ୍ମାବର୍ତ୍ତ ୪) ଦକ୍ଷିଣାବର୍ତ୍ତ

ଜ) ଋକ୍‌ବୈଦିକ ସମାଜର ମୂଳ ଆଧାର କ'ଣ ଥିଲା ?

୧)ଜନ ୨) ପରିବାର

୩) ଗ୍ରାମ ୪)ଗୋପ

ଝ) ବେଦକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

୧) ଦୁଇ ୨) ତିନି

୩) ଚାରି ୪) ପାଞ୍ଚ

ଞ) ଭୂତପ୍ରେତର ବିଶ୍ବାସ କେଉଁ ବେଦରେ ବର୍ଣ୍ଣିତ ଅଛି ?

୧) ଋକ୍ ବେଦ ୨) ସାମବେଦ

୩) ଯଜୁର୍ବେଦ ୪) ଅଥର୍ବବେଦ

ଟ) ବୈଦିକ ଯୁଗରେ ରାଜସ୍ୱ ଆଦାୟକାରୀଙ୍କୁ କ'ଣ କୁହାଯାଉଥିଲା ?

୧) ସଂଗ୍ରହିତା ୨) ଭଭାଗଦୁଘ

୩)ପୁରୋହିତ ୪) ମମହର୍ଷି

ଠ) ଋକ୍ ବୈଦିକ ଯୁଗରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଅନୁଷ୍ଠାନକୁ କ'ଣ କୁହାଯାଉଥିଲା ?

୧)ସଭା ୨)ସମିତି

୨)ବିଧାତା ୪)ସଂସ୍ଥା

ଉତ୍ତର : (କ) ବିଦ୍ (ଖ)ଋକ୍‌ବେଦ (ଗ)ଉତ୍ତର ଭାରତ (ଘ) ରାଜନ୍ (ଙ) ବରୁଣ (ଚ) ବ୍ରହ୍ମଚର୍ଯ୍ୟ (ଛ) ସପ୍ତସିନ୍ଧୁ (ଜ) ପରିବାର (ଝ) ଚାରି (ଞ) ଅଥର୍ବ ବେଦ (ଟ) ଭାଗଦୁଘ (ଠ) ସଭା

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ବେଦର ଅର୍ଥ ହେଲା............. ।

ଖ)ବେଦର ଅନ୍ୟନାମ .................... ।

ଗ) ........................ଅଞ୍ଚଳକୁ ସପ୍ତସିନ୍ଧୁ ନାମରେ ନାମିତ କରାଯାଇଛି ।

ଘ)ଋକ୍ ବୈଦିକ ଯୁଗରେ ..................ଙ୍କୁ ପଣି କୁହାଯାଉଥିଲା ।

ଙ) ବିଶ୍‌ର ମୁଖ୍ୟଙ୍କୁ ............... କୁହାଯାଉଥିଲା ।

ଚ)ମରୁତ ଥିଲେ ..........................ର ଦେବତା ।

ଛ) ଇନ୍ଦ୍ର ଥିଲେ...............ର ଦେବତା ।

ଜ) ପ୍ରାଚୀନ ବୈଦିକ ଯୁଗରେ ................ନାମରେ ଏକ ସ୍ୱର୍ଣ୍ଣମୁଦ୍ରା ପ୍ରଚଳିତ ହେଉଥିଲା ।

ଝ).............ଯୁଗରେ ଜାତିପ୍ରଥା ଆରମ୍ଭ ହେଲା ।

ଞ)ଋକ୍ ବୈଦିକ ଯୁଗରେ ବିଦ୍ୟାରମ୍ଭ ପୂର୍ବରୁ ............ଉତ୍ସବ ଅନୁଷ୍ଠିତ ହେଉଥିଲା ।

ଟ) ବୈଦିକ ଯୁଗରେ ପ୍ରଜାଙ୍କଠାରୁ ରାଜା ଆଦାୟ କରୁଥିବା କର .............କୁହାଯାଉଥିଲା ।

ଠ) ................ନାମକ କର୍ମଚାରୀ ରାଜାଙ୍କ ଦୈନନ୍ଦିନ କାର୍ଯ୍ୟକ୍ରମ ଲିପିବଦ୍ଧ କରୁଥିଲେ ।

ଡ଼) .............. ଯୁଗରେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର – ତ୍ରିଗୁଣ ଉପାସନା ଆରମ୍ଭ ହେଲା ।

ଢ଼) ............ଯୁଗରେ ନାରୀ ସ୍ୱାଧୀନତା ସଂକୁଚିତ ହେଲା ।

ଣ) .................... ବେଦରେ ପୂଜା ପଦ୍ଧତିର ବ୍ୟାଖ୍ୟା କରାଯାଇଛି ।

**ଉତ୍ତର :** (କ) ଜ୍ଞାନ (ଖ) ଶ୍ରୁତି (ଗ) ଗାଙ୍ଗେୟ ସମତଳଭୂମି (ଘ) ବ୍ୟବସାୟୀ (ଙ) ବିଶ୍‌ପତି (ଚ)ସତ୍ୟ ଏବଂ ନୈତିକତା (ଛ) ବର୍ଷା ଏବଂ ଝଡ଼ (ଜ) ନିଷ୍କ (ଝ) ପରବର୍ତ୍ତୀ ବୈଦିକ ଯୁଗରେ (ଞ) ଉପନୟନ (ଟ) ବଳି (ଠ)ସୂତ (ଡ) ପରବର୍ତ୍ତୀ ବୈଦିକ ଯୁଗ (ଢ଼) ପରବର୍ତ୍ତୀ ବୈଦିକ ଯୁଗ (ଣ) ଯର୍ଜୁଃର୍ବେଦ

## 'ଖ' ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ପ୍ରତ୍ୟେକ ବେଦକୁ କେତେ ଭାଗରେ ବିଭକ୍ତ କରାଯାଇଛି ଏବଂ ସେଗୁଡ଼ିକର ନାମ କ'ଣ ?

ଖ) ଋକ୍ ବୈଦିକ ଆର୍ଯ୍ୟମାନଙ୍କ ପୋଷାକ ପରିଚ୍ଛନ୍ନ ସମ୍ପର୍କରେ ଲେଖ ।

ଗ) ପ୍ରାଚୀନ ବୈଦିକ ଯୁଗରେ ଅର୍ଥନୈତିକ ଅବସ୍ଥା କିପରି ଥିଲା ?

ଘ) ପ୍ରାଚୀନ ବୈଦିକ ଯୁଗରେ ନାରୀର ଅବସ୍ଥା କିପରି ଥିଲା ?

ଙ) ଚତୁରାଶ୍ରମ ସଂପର୍କରେ ଉଲ୍ଲେଖ କର ।

ଚ) ପରବର୍ତ୍ତୀ ବୈଦିକ ଯୁଗରେ ଜାତିପ୍ରଥା କିପରି ଥିଲା ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚଗୋଟି ବାକ୍ୟରେ ସୀମିତ ରଖ ।**

କ) ଚାରିବେଦ ।

ଖ) ଗୁରୁକୁଳ ଆଶ୍ରମ ।

ଗ)ଜାତିପ୍ରଥା ।

ଘ) ଚତୁରାଶ୍ରମ ।

ଙ) ସଭା ଏବଂ ସମିତି ।

## "ଗ" ବିଭାଗ

୫. ପ୍ରାଚୀନ ବୈଦିକ ଯୁଗର ସାମାଜିକ ଅବସ୍ଥା ଉଲ୍ଲେଖ କର ।

୬. ପ୍ରାଚୀନ ବୈଦିକ ଯୁଗର ରାଜନୈତିକ ସଂଗଠନ ଉପରେ ଆଲୋକପାତ କର ।

୭. ଆଦି ବୈଦିକ ଯୁଗର ଅର୍ଥନୈତିକ ଅବସ୍ଥା ଆଲୋଚନା କର ।

୮. ପରବର୍ତ୍ତୀ ବୈଦିକ ଯୁଗର ଅର୍ଥନୈତିକ ଅବସ୍ଥା ବିଶ୍ଳେଷଣ କର ।

୯. ବୈଦିକ ଯୁଗର ଧର୍ମବିଶ୍ୱାସ ଉପରେ ଆଲୋକପାତ କର ।

୧୦. ପରବର୍ତ୍ତୀ ବୈଦିକ ଯୁଗର ରାଜନୈତିକ ସଂଗଠନ ସମ୍ପର୍କରେ ଆଲୋଚନା କର ।

## ତୃତୀୟ ଅଧ୍ୟାୟ

## ପ୍ରାଚୀନତମ ରାଜ୍ୟ ସମୂହ - ଷୋଡ଼ଶ ମହାଜନପଦ (Sixteen Maha Janapadas)

ବିଭିନ୍ନ ଦୃଷ୍ଟିକୋଣରୁ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀକୁ ଏକ ଗୁରୁତ୍ୱପୂର୍ଣ୍ଣ ଯୁଗ ବୋଲି ବିବେଚନା କରାଯାଇଥାଏ । ଏହି ଯୁଗରେ ବୈଦିକ ଧର୍ମ ବ୍ୟବସ୍ଥାକୁ ପବିତ୍ର ରଖିବା ପାଇଁ କେବଳ ବୌଦ୍ଧଧର୍ମ ଏବଂ ଜୈନଧର୍ମ ନାମରେ ଦୁଇଗୋଟି ଧର୍ମସଂସ୍କାର ଆନ୍ଦୋଳନର ଉତ୍‌ଥାନ ଘଟି ନଥିଲା, ପରନ୍ତୁ ଭାରତର ରାଜନୈତିକ ଦିଗ୍‌ବଳୟରେ ମଧ୍ୟ କେତେଗୁଡ଼ିଏ ବିକାଶ ଦେଖିବାକୁ ମିଳିଥିଲା । ପୁନଶ୍ଚ, ଲିଖିତ ଆକାରରେ ଐତିହାସିକ ତଥ୍ୟର ସୁଲଭତା କାରଣରୁ ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରୁ ଭାରତ ଇତିହାସ ଲିପିବଦ୍ଧ ହୋଇ ପାରିଲା ।

ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ସମଗ୍ର ଭାରତବର୍ଷ ଆର୍ଯ୍ୟ ସଂସ୍କୃତି ଏବଂ ସଭ୍ୟତାର ପରିସରଭୁକ୍ତ ହୋଇ ସାରିଥିଲା । ପରବର୍ତ୍ତୀ ବୈଦିକ ଯୁଗରେ ଆର୍ଯ୍ୟ ବସତିସ୍ଥାପନର ସଂପ୍ରସାରଣ ପରିପ୍ରେକ୍ଷୀରେ ଆର୍ଯ୍ୟମାନଙ୍କ ଜୀବନର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତିତ ଦେଖାଦେଲା । ଋକ୍ ବୈଦିକ ଯୁଗରେ ବିଭିନ୍ନ ଜନଜାତିକୁ ନେଇ ଗଢ଼ି ଉଠିଥିବା ରାଜ୍ୟସମୂହର ବିଲୟ ଘଟିଲା ଏବଂ ପରବର୍ତ୍ତୀ ବୈଦିକ ଯୁଗରେ ରାଜ୍ୟ ବା ଜନପଦମାନ ପ୍ରତିଷ୍ଠା କରାଗଲା । ଯୁଦ୍ଧ ଏବଂ ସଂଘର୍ଷକୁ ପାଥେୟ କରି ଜନପଦଗୁଡ଼ିକର ବିସ୍ତାର ପାଇଁ ଉଦ୍ୟମ କରାଯିବାରୁ ଶେଷରେ ଖ୍ରୀ.ପୂ.୬ଷ୍ଠ ଶତାବ୍ଦୀରେ ଷୋଡ଼ଶ ଜନପଦର ଉତ୍‌ଥାନ ଦେଖିବାକୁ ମିଳିଲା ।

**ଐତିହାସିକ ତଥ୍ୟ :** ବୌଦ୍ଧଧର୍ମଗ୍ରନ୍ଥ ଅଂଗୁତ୍ତର ନିକାୟ, ଜୈନଧର୍ମଗ୍ରନ୍ଥ ଭଗବତୀ ସୂତ୍ର, ହିନ୍ଦୁ ପୁରାଣଶାସ୍ତ୍ର ଏବଂ ପାଣିନୀଙ୍କ ରଚିତ ଅଷ୍ଟାଧ୍ୟାୟୀରୁ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ରାଜନୈତିକ ଅବସ୍ଥା ବିଷୟ ଜଣାପଡ଼େ । ଏହି ସମୟରେ ସମଗ୍ର ଉତ୍ତର ଭାରତ ଷୋଡ଼ଷ ଜନପଦରେ ବିଭକ୍ତ ହୋଇଥିଲା । ସମଗ୍ର ଭାରତବର୍ଷ ଉପରେ ରାଜନୈତିକ ଆଧିପତ୍ୟ ବିସ୍ତାରକୁ କେନ୍ଦ୍ର କରି ଜନପଦଗୁଡ଼ିକ ପାରସ୍ପରିକ କଳହ ଏବଂ ଶତ୍ରୁତାରେ ଲିପ୍ତ ରହିଥିଲେ । ଏହି ଷୋହଳଗୋଟି ଜନପଦ ହଜାର ହଜାର ଗ୍ରାମ ତଥା ଅସଂଖ୍ୟ ସହରର ବିଲୟକୁ ପ୍ରତିଧ୍ୱନିତ୍ୱ କଲା । ଏହି ଜନପଦଗୁଡ଼ିକ ଉତ୍ତର -ପଶ୍ଚିମ ପାକିସ୍ତାନରୁ ପୂର୍ବ ବିହାର ପର୍ଯ୍ୟନ୍ତ ତଥା ହିମାଳୟର ତରାଇ ଅଞ୍ଚଳରୁ ଦକ୍ଷିଣରେ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ।

ବୌଦ୍ଧଗ୍ରନ୍ଥ ଅଙ୍ଗୁତ୍ତର ନିକାୟରେ ବୁଦ୍ଧଙ୍କ ସମୟରେ ନିମ୍ନଲିଖିତ ମହାଜନପଦଗୁଡ଼ିକର ଅବସ୍ଥିତି ସମ୍ପର୍କରେ ଉଲ୍ଲେଖ ଅଛି । (୧) କାଶୀ (୨) କୋଶଳ(୩)ଅଂଗ (୪)ମଗଧ (୫) ବଜି (୬) ମଲ୍ଲ (୭)ଚେଦୀ (୮)ବତ୍ସ (୯)କୁରୁ (୧୦)ପାଞ୍ଚାଳ (୧୧) ମତ୍ସ୍ୟ (୧୨)ସୁରସେନ (୧୩) ଅସ୍ମକ (୧୪) ଅବନ୍ତୀ (୧୫) ଗାନ୍ଧାର (୧୬) କମ୍ବୋଜ ।

**୧. କାଶୀ:** କାଶୀ ଥିଲା ଏକ ଶକ୍ତିଶାଳୀ ଜନପଦ ।ବର୍ତ୍ତମାନର ବାରାଣସୀ ଜିଲ୍ଲା ତଥା ତାର ନିକଟବର୍ତ୍ତୀ ଅଞ୍ଚଳକୁ ନେଇ କାଶୀ ଗଠିତ ହୋଇଥିଲା । ଏହାର ରାଜଧାନୀ ବାରାଣସୀ ହେଉଛି ଭାରତର ଅନ୍ୟତମ ପ୍ରମୁଖ ତଥା ପ୍ରାଚୀନ ସହର । ଏହା ବରୁଣ ଏବଂ ଅସୀ (ଗଙ୍ଗା ଏବଂ ଗୋମତୀ) ନଦୀର ସଂଗମ ସ୍ଥଳରେ ଅବସ୍ଥିତ । ଏହା ଥିଲା ଶିକ୍ଷାର ଏକ କେନ୍ଦ୍ରସ୍ଥଳୀ ।

କାର୍ପାସ ବସ୍ତ୍ର ଏବଂ ଘୋଡ଼ା କ୍ରୟବିକ୍ରୟ ପାଇଁ କାଶୀର ଖ୍ୟାତି ରହିଥିଲା । ଆପାତତଃ ଖ୍ରୀ.ପୂ. ୪୫୦ ରେ ବାରାଣସୀର ସ୍ଥାପନା ହୋଇଥିବା ଅନୁମାନ କରାଯାଏ । ବୌଦ୍ଧ ଭିକ୍ଷୁମାନଙ୍କର ଗେରୁଆ ବସ୍ତ୍ର ବା 'କଶାୟ', କାଶୀରେ ହିଁ ପ୍ରସ୍ତୁତ କରାଯାଉଥିଲା । କାଶୀର କେତେଜଣ ଶାସକ କୋଶଳ ତଥା ଅନ୍ୟ କେତେକ ରାଜ୍ୟ ଅଧିକାର କରିଥିବା ଜଣାପଡ଼େ । ବ୍ରହ୍ମଦତ୍ତ ଥିଲେ କାଶୀର ଜଣେ ମହାନ୍ ରାଜା । ଗୌତମବୁଦ୍ଧ ବାରଣାସୀର ସାରନାଥଠାରେ ନିଜର ପ୍ରଥମ ଧର୍ମବାଣୀ ପ୍ରଚାର କରିଥିଲେ । ଭାରତର ପ୍ରମୁଖ ଧର୍ମଗୁଡ଼ିକୁ ବାରାଣସୀ ସହିତ ଯୋଡ଼ାଯାଇଛି । ବୁଦ୍ଧଙ୍କ ସମୟ ସୁଦ୍ଧା କାଶୀ

ଉପରେ କୋଶଳର ଆଧିପତ୍ୟ ପ୍ରତିଷ୍ଠିତ ହୋଇ ସାରିଥିଲା ଏବଂ କାଶୀକୁ ନେଇ ମଗଧ ଏବଂ କୋଶଳ ମଧ୍ୟରେ ଏକ ଯୁଦ୍ଧ ସଂଗଠିତ ହୋଇଥିଲା ।

**୨)କୋଶଳ (ଅଯୋଧ୍ୟା) :** କୋଶଳର ପଶ୍ଚିମରେ ଗୋମତୀ ନଦୀ ପ୍ରବାହିତ । ଏହାର ପୂର୍ବପାର୍ଶ୍ୱରେ ଥିବା ସଦାନୀରା ନଦୀ ଏହାକୁ ବିଦେହଠାରୁ ପୃଥକ କରୁଥିଲା । ଏହାର ଉତ୍ତରରେ ନେପାଳର ପାହାଡ଼ିଆ ଅଞ୍ଚଳ ଅବସ୍ଥିତ ଏବଂ ଏହାର ଦକ୍ଷିଣରେ ସ୍ୟାନଦିକା ନଦୀ ପ୍ରବାହିତ ହେଉଥିଲା । କପିଳବାସ୍ତୁର ଶାକ୍ୟମାନେ କୋଶଳର ନିୟନ୍ତ୍ରଣରେ ରହିଥିଲେ । ବୌଦ୍ଧଗ୍ରନ୍ଥ 'ମଜ୍ଝିମନିକାୟ' ରେ ବୁଦ୍ଧ ନିଜକୁ କପିଳବାସ୍ତୁର ନିବାସୀ ବୋଲି କହିଛନ୍ତି । କୋଶଳର ରାଜା ବିଦୁଧାନ ଶାକ୍ୟବଂଶକୁ ଧ୍ୱଂସ କରିଥିଲେ ବୋଲି ଜଣାପଡ଼େ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ହିରଣ୍ୟନାଭ, ମହାକଶାଳ,ପ୍ରସେନ୍‌ଜିତ୍ ଏବଂ ସୁଦ୍ଧୋଦନ ଏକଦା ଅଯୋଧ୍ୟା, ସାଂକେତ, କପିଳାବାସ୍ତୁ(କୁଶଳବତୀ) ଏବଂ ଶ୍ରୀ ବସ୍ତିରେ ଶାସନ କରୁଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ଶେଷାର୍ଦ୍ଧରେ ପ୍ରସେନ୍‌ଜିତ୍ ଏବଂ ବିଦୁଧାନ ଛୋଟଛୋଟ ବସ୍ତିର ମୁଖିଆଙ୍କୁ ନିଜ ଅଧୀନସ୍ଥ କଲେ । କାଶୀ, କପିଳବାସ୍ତୁର ଶାକ୍ୟ, କେସୁପୁତର କଳମମାନଙ୍କୁ ନିଜ ନିୟନ୍ତ୍ରଣାଧୀନ କରି କୋଶଳ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ ହୋଇଥିଲା । ଶ୍ରାବସ୍ତୀ ଥିଲା ଏହାର ରାଜଧାନୀ ।

କୋଶଳର ଇକ୍ଷଭକ୍ଷୁବଂଶୀୟ ରାଜା ମହାକୋଶଳ ନିଜର କନ୍ୟା କୋଶଳ ଦେବୀଙ୍କୁ, ରାଜା ବିମ୍ବିସାରଙ୍କୁ ଅର୍ପଣ କରି ମଗଧ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିଥିଲେ । ତାଙ୍କ ପୁତ୍ର ପ୍ରସେନ୍‌ଜିତ୍‌ଙ୍କ ଶାସନ ସମୟରେ ମଗଧ ଏବଂ କୋଶଳ ମଧ୍ୟରେ ତୀବ୍ର ଶତ୍ରୁତା ଆରମ୍ଭ ହୋଇଥିଲା । କୋଶଳର ରାଜାମାନେ ଉଭୟ ବ୍ରାହ୍ମଣ୍ୟ ଏବଂ ବୌଦ୍ଧଧର୍ମର ପୃଷ୍ଠପୋଷକ ଥିଲେ । ରାଜା ପ୍ରସେନ୍‌ଜିତ୍ ଥିଲେ ଗୌତମବୁଦ୍ଧଙ୍କ ବନ୍ଧୁ ତଥା ସମସାମୟିକ ।

**୩. ଅଙ୍ଗ :** ଦକ୍ଷିଣ ବିହାରର ଭାଗଲପୁର ଏବଂ ମୁଙ୍ଗେର ଜିଲ୍ଲାଦ୍ୱୟକୁ ନେଇ ଅଙ୍ଗ ଗଠିତ ହୋଇଥିଲା । ସମ୍ଭବତଃ, ଉତ୍ତରରେ ଏହା କୋଶୀନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ଏବଂ ଏଥିରେ ପୂର୍ଣ୍ଣିଆ ଜିଲ୍ଲାର କିଛି ଅଂଶ ସାମିଲ ହୋଇଥିଲା । ଏହା ମଗଧର ପୂର୍ବ ଏବଂ ରାଜମହଲ ପର୍ବତମାଳାର ପଶ୍ଚିମ ଆଡ଼କୁ ଅବସ୍ଥିତ ଥିଲା । ଚମ୍ପା ଥିଲା ଏହି ରାଜ୍ୟର ରାଜଧାନୀ । ଏହା ଗଂଗା ଏବଂ ଚମ୍ପାନଦୀର ସଂଗମସ୍ଥଳରେ ଅବସ୍ଥିତ ଥିଲା । ଖ୍ରୀ.ପୂ. ଷଷ୍ଠ ଶତକରେ ଏହାର ରାଜା ଥିଲେ ବ୍ରହ୍ମଦତ୍ତ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଛଅଗୋଟି ବଡ଼ ନଗର ମଧ୍ୟରୁ ଚମ୍ପା ଥିଲା ଅନ୍ୟତମ । ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଏହା ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀର ମଧ୍ୟଭାଗରେ ମଗଧ ସହିତ ଅଂଗର ମିଶ୍ରଣ ଘଟିଥିଲା । ଭୂଖନନ ଦ୍ୱାରା ଚମ୍ପାରୁ ବହୁ ପରିମାଣରେ ମସୃଣ ମୃତ୍ତ, ପାତ୍ର ମିଳିଅଛି ।

**୪. ମଗଧ :** ଦକ୍ଷିଣ ବିହାରସ୍ଥିତ ପାଟଣା ଏବଂ ଗୟାର ଆଖପାଖ ଅଞ୍ଚଳକୁ ନେଇ ମଗଧ ଗଠିତ ହୋଇଥିଲା । ଏହାର ଉତ୍ତରରେ ସୋଣ ଏବଂ ପଶ୍ଚିମରେ ଗଙ୍ଗାନଦୀ ପ୍ରବାହିତ ହେଉଥିଲା । ପୂର୍ବରେ ଏହା ଛୋଟନାଗପୁରର ପଠା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୁନଶ୍ଚ, ଏହାର ପୂର୍ବରେ ଚମ୍ପା ନଦୀ ପ୍ରବାହିତ ହେଉଥିଲା, ଯାହାକି ମଗଧକୁ ଅଙ୍ଗଠାରୁ ପୃଥକ୍ କରୁଥିଲା । ଏହାର ରାଜଧାନୀ ଥିଲା ଗିରିବ୍ରଜ ବା ରାଜଗୃହ । ରାଜଗୃହ ପାଞ୍ଚଗୋଟି ପାହାଡ଼ ଦ୍ୱାରା ପରିବେଷ୍ଟିତ ଥିବାରୁ, ବାହ୍ୟ ଶତ୍ରୁ ଆକ୍ରମଣରୁ ମୁକ୍ତ ରହିଥିଲା । ରାଜଗୃହର ଚତୁଃପାର୍ଶ୍ୱରେ ନିର୍ମିତ ପ୍ରାଚୀର ଥିଲା ଭାରତ ଇତିହାସରେ ସର୍ବପ୍ରଥମ ଏବଂ ପ୍ରାଚୀନତମ ଦୁର୍ଗ-ପ୍ରାଚୀର । ଖ୍ରୀ.ପୂ. ୫ମ ଶତାବ୍ଦୀରେ ରାଜଗୃହରୁ ପାଟଳିପୁତ୍ରକୁ ରାଜଧାନୀ ସ୍ଥାନାନ୍ତରିତ ହୋଇଥିଲା । ବ୍ରାହ୍ମଣ୍ୟ ଗ୍ରନ୍ଥଗୁଡ଼ିକରେ ମଗଧର ଜନସାଧାରଣ ମିଶ୍ରିତ ତଥା ନୀଚ ଶ୍ରେଣୀଭୁକ୍ତ ଥିଲେ ବୋଲି ଉଲ୍ଲେଖ ରହିଛି । ଅପରପକ୍ଷରେ ଏହା ସତ୍ୟ ଯେ, ଏହି ରାଜ୍ୟରେ ବୌଦ୍ଧଧର୍ମର ବିସ୍ତାର ଘଟିଥିଲା । ବୁଦ୍ଧ, ରାଜଗୃହରେ ଜ୍ଞାନ ଲାଭ କରିବା ସହିତ ବିଭିନ୍ନ ସମୟରେ ଅବସ୍ଥାନ କରୁଥିଲେ । ମଗଧର ସମ୍ରାଟ ବିମ୍ବିସାର ଏବଂ ଅଜାତଶତ୍ରୁ ଥିଲେ ବୁଦ୍ଧଙ୍କର ବନ୍ଧୁ ଏବଂ ଶିଷ୍ୟ ।

ମଗଧର ତରାଇ ଅଞ୍ଚଳ ଥିଲା ଖୁବ୍ ଉର୍ବର ଏବଂ ଶସ୍ୟଶ୍ୟାମଳାରେ ପରିପୂର୍ଣ୍ଣ । ସେହିପରି ଦକ୍ଷିଣ ବିହାରରେ

ପ୍ରଚୁର ଲୁହାପଥର ମହଜୁଦ୍ ଥିଲା । ଗଙ୍ଗା, ଗଣ୍ଡକ ଏବଂ ସୋଣ ନଦୀ ରେସ୍ରୋତା ହୋଇଥିବା କାରଣରୁ ବିଭିନ୍ନ ସ୍ଥାନକୁ ଖୁବ୍ ସହଜରେ ଦ୍ରବ୍ୟ ପ୍ରେରଣ କରାଯାଇ ପାରୁଥିଲା । ଏକଦା, ରାଜା ବିମ୍ବିସାର ୮୦,୦୦୦ ଗ୍ରାମର ମୁଖିଆମାନଙ୍କୁ ଏକ ସଭାରେ ଏକତ୍ରିତ କରାଇ ଶାସନଗତ ପରାମର୍ଶ ପ୍ରଦାନ କରିଥିଲେ । ଅଜାତଶତ୍ରୁ ନିଜ ପିତା ବିମ୍ବିସାରଙ୍କୁ ହତ୍ୟାକରି ମଗଧର ସିଂହାସନ ଆରୋହଣ କରିଥିଲେ । ବଜ୍ଜି ଏବଂ ବୈଶାଳୀ ରାଜ୍ୟ ଦ୍ୱୟକୁ ମଗଧ ସହିତ ମିଶ୍ରଣ କରାଗଲା ପରେ ଏହାର ଶକ୍ତିରେ ବୃଦ୍ଧି ଘଟିଲା ଏବଂ ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ମୌର୍ଯ୍ୟ ଶାସନର ଶିଳାନ୍ୟାସ ସମ୍ଭବପର ହେଲା ।

**୫. ବଜ୍ଜି :** ଗଙ୍ଗା ନଦୀର ଉତ୍ତରପାଶ୍ୱରେ ବଜ୍ଜି ଅବସ୍ଥିତ ଥିଲା । ଏହାର ଆଭିଧାନିକ ଅର୍ଥ ହେଲା ପଶୁପାଳକ ସମୁଦାୟ । ଉତ୍ତରରେ, ଏହା ନେପାଳର ପାର୍ବତ୍ୟାଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଗଣ୍ଡକ ନଦୀ ଏହାକୁ କୋଶଳଠାରୁ ପୃଥକ କରୁଥିଲା ।

ଆଠଗୋଟି ଗଣରାଜ୍ୟକୁ ନେଇ ବଜ୍ଜି ଗଠିତ ଥିଲା । ସେହି ଗଣରାଜ୍ୟଗୁଡ଼ିକ ମଧ୍ୟରେ ମୁଖ୍ୟ ଥିଲେ ବିଦେହ, ଲିଚ୍ଛବୀ, ଜ୍ଞାତୃକ ଇତ୍ୟାଦି । ମିଥିଳା ଥିଲା ବିଦେହର ରାଜଧାନୀ । ଏହାକୁ ନେପାଳର ଜନକପୁର ସହିତ ଚିହ୍ନିତ କରାଯାଏ । ପ୍ରାଚୀନ ଭାରତୀୟ ଗଣସଂଘରେ ସର୍ବାଧିକ ପ୍ରଭାବଶାଳୀ ଲିଚ୍ଛବୀମାନଙ୍କର ରାଜଧାନୀ ଥିଲା ବୈଶାଳୀ । ଜ୍ଞାତୃକମାନେ ବୈଶାଳୀର ଉପ-ନଗର ଗୁଡ଼ିକରେ ବସବାସ କରୁଥିଲେ । ଏହି ଗଣରାଜ୍ୟରେ ଜୈନଧର୍ମର ଚତୁର୍ବିଂଶ ତଥା ଶେଷ ତୀର୍ଥଙ୍କର ମହାବୀର ଜନ୍ମଗ୍ରହଣ କରିଥିଲେ । ସଂଗଠନର ଅନ୍ୟ ସମ୍ପ୍ରଦାୟମାନେ ଥିଲେ – ଉଗ୍ର, ଭୋଗ, କୌରବ ଏବଂ ଅକ୍ଷବାକ । 'ସନ୍ଥାଗାର' ନାମକ ଏକ ସଭାରେ ଗଣରାଜ୍ୟ ଗୁଡ଼ିକ ମଧ୍ୟରେ ଥିବା ଦ୍ୱନ୍ଦ୍ୱକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯାଇଥିଲା । ସେହି ସଭାଟି ୭୭୦୭ ଜଣ ରାଜା, ବହୁ ସଂଖ୍ୟକ ସେନାପତି ଏବଂ ପୁରୋହିତଙ୍କୁ ନେଇ ଗଠିତ ହୋଇଥିଲା । ବୈଶାଳୀ ଥିଲା ଗଣସଂଗଠନର କେନ୍ଦ୍ରସ୍ଥଳୀ । ମଗଧର ସମ୍ରାଟ, ଅଜାତଶତ୍ରୁ ନିଜର ମନ୍ତ୍ରୀ ବସ୍ସକାରଙ୍କ ସହଯୋଗରେ ବିଭିନ୍ନ ସମ୍ପ୍ରଦାୟର ମୁଖିଆମାନଙ୍କ ମଧ୍ୟରେ ଅବିଶ୍ୱାସର ମଞ୍ଜିବୁଣି ଏହି ସଂଗଠନକୁ ଧ୍ୱଂସ କରିଥିଲେ । ସମ୍ରାଟ ବିମ୍ବିସାର, ଲିଚ୍ଛବୀ ବଂଶର ରାଜା ଚେତକଙ୍କ କନ୍ୟା ଚେଲନାଙ୍କୁ ବିବାହ କରି ମିତ୍ରତା ସୂତ୍ରରେ ଆବଦ୍ଧ ହୋଇଥିଲେ । କିନ୍ତୁ, ଅଜାତଶତ୍ରୁ କୂଟନୀତି ପ୍ରୟୋଗ କରି ଲଚ୍ଛବୀମାନଙ୍କ ଉପରେ ଆକ୍ରମଣ କରିଥିଲେ ।

**୬. ମଲ୍ଲ :** ପୁରାତନ ଗ୍ରନ୍ଥଗୁଡ଼ିକରେ ଉଲ୍ଲେଖ ଅଛି ଯେ ମଲ୍ଲମାନେ କ୍ଷତ୍ରୀୟ ବଂଶର ଅନ୍ତର୍ଭୁକ୍ତ ଥିଲେ ଏବଂ ସେମାନଙ୍କୁ ଗଣସଂଘ ବୋଲି କୁହାଯାଉଥିଲା । କାଳକ୍ରମେ, ଏହି ବଂଶଟି ବିଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ ହେଲା । ସେଗୁଡ଼ିକ ମଧ୍ୟରୁ ଦୁଇଗୋଟି ବଂଶର ମୂଳ ବାସସ୍ଥାନ ଥିଲା ପାବା ଏବଂ କୁଶୀନଗର । କୁଶୀନଗରକୁ ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାସ୍ଥିତ 'କୁଷିଆ' କ୍ଷେତ୍ର ସହିତ ଚିହ୍ନିତ କରାଯାଏ । ପାବାର ଅବସ୍ଥିତି ସମ୍ପର୍କରେ କିଛି ଜଣାପଡ଼ିନାହିଁ । ଶକ ରାଜ୍ୟର ଦକ୍ଷିଣ-ପୂର୍ବ ଏବଂ ପୂର୍ବ ପାର୍ଶ୍ୱରେ ମଲ୍ଲ ଅବସ୍ଥିତ ଥିଲା । ମଲ୍ଲମାନେ ୫୦୦୦ ( ପାଞ୍ଚହଜାର) କ୍ଷୁଦ୍ରକ୍ଷୁଦ୍ର ବସ୍ତିର ମୁଖିଆମାନଙ୍କ ଦ୍ୱାରା ଶାସିତ ହେଉଥିଲେ ବୋଲି ଅନୁମାନ କରାଯାଏ । ବୁଦ୍ଧ, କୁଶୀନଗରଠାରେ ମହାପ୍ରୟାଣ ଲାଭ କଲାପରେ ମଲ୍ଲମାନେ ତାଙ୍କର ଅନ୍ତିମ ସଂସ୍କାର କରାଇଥିଲେ ।

**୭. ଚେଦୀ :** ଯମୁନା ନଦୀ କୂଳରେ ଅବସ୍ଥିତ ବୁନ୍ଦେଲଖଣ୍ଡ ସହିତ ଚେଦୀ ରାଜ୍ୟକୁ ଚିହ୍ନିତ କରାଯାଏ । ଚେଦୀ ନାମକ ଜନଜାତିର ନାମାନୁସାରେ ଏହି ରାଜ୍ୟର ନାମକରଣ କରାଯାଇଛି । କୃଷ୍ଣଙ୍କର ଶତ୍ରୁ ଶିଶୁପାଳ ଥିଲେ ଚେଦୀମାନଙ୍କର ରାଜା । ମହାଭାରତରେ ଉଲ୍ଲେଖ ଅଛି ଯେ ଚମ୍ବଲର ଅପରପାର୍ଶ୍ୱରେ ମତ୍ସ୍ୟ, ବନାରସର କାଶୀ ରାଜବଂଶ ଏବଂ ସୋନନଦୀର ଅବବାହିକାରେ ବସବାସ କରିଥିବା କରୁଷମାନଙ୍କ ସହିତ ଚେଦୀମାନଙ୍କର ଘନିଷ୍ଠ ସମ୍ପର୍କ ରହିଥିଲା । ଏହାର ବଂଶଧରମାନେ ଭାରତର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଅନୁମାନ କରାଯାଏ । ଚେଦୀର ରାଜଧାନୀ ଥିଲା ସୋଥିବତୀ (ସୁକ୍ତିମତୀ) ଏବଂ ଏହା ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ ଅବସ୍ଥିତ ଥିଲା । ଏହି ରାଜ୍ୟରେ ଥିବା ମୁଖ୍ୟ ସହରଗୁଡ଼ିକ ହେଲା – ସହଜାତି ଏବଂ ତ୍ରିପୁରୀ ।

**୮. ବତ୍ସ :** କାଶୀର ଉତ୍ତର ପାର୍ଶ୍ୱରେ ବତ୍ସ ଅବସ୍ଥିତ ଥିଲା । ଉତ୍ତର ପ୍ରଦେଶର ଆଲାହାବାଦ ସହିତ ଏହି ରାଜ୍ୟକୁ ଚିହ୍ନିତ କରାଯାଏ । ଯମୁନା ନଦୀ କୂଳରେ ଅବସ୍ଥିତ କୋଶାମ୍ବୀ (ଆଧୁନିକ କୋସମ) ଥିଲା ଏହି ରାଜ୍ୟର ରାଜଧାନୀ । ପୁରାଣରେ ବର୍ଣ୍ଣିତ ଅଛି ଯେ ପାଣ୍ଡବମାନଙ୍କର ବଂଶଜ ନିଚକ୍ଷୁ ହସ୍ତିନାପୁରରୁ ବନ୍ୟାଜଳରେ ଭାସିଯିବା ପରେ କୋଶାମ୍ବୀରେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ଭାସଙ୍କ ରଚିତ ନାଟକ 'ସ୍ୱପ୍ନବାସବଦତ୍ତା'ରୁ ବତ୍ସରେ ଉଦୟନ ନାମକ ଜଣେ ରାଜା ଶାସନ କରିଥିବା ବିଷୟ ଜଣାପଡ଼େ । ଉଦୟନ ଏବଂ ଅବନ୍ତୀର ରାଜକୁମାରୀ ବାସବଦତ୍ତାଙ୍କ ମଧ୍ୟରେ ଗଢ଼ିଉଠିଥିବା ପ୍ରେମକାହାଣୀ ଉପରେ ଏହି ନାଟକଟି ଆଧାରିତ । ପୁନଶ୍ଚ, ଏହି ନାଟକରେ ମଗଧ, ବତ୍ସ ଏବଂ ଅବନ୍ତୀ ମଧ୍ୟରେ ଥିବା ଶତ୍ରୁତାକୁ ଚିତ୍ରଣ କରାଯାଇଛି । ହର୍ଷଙ୍କ ଲିଖିତ 'ରତ୍ନାବଳୀ' ଏବଂ ସୋମଦେବଙ୍କ ରଚିତ ଗଳ୍ପ "କଥା ସରିତ ସାଗର"ରେ ଉଦୟନଙ୍କୁ ନାୟକ ରୂପେ ଉପସ୍ଥାପନ କରାଯାଉଛି ।

**୯. କୁରୁ :** ଆଧୁନିକ ଥାନେଶ୍ୱର (କୁରୁକ୍ଷେତ୍ର), ମିରଟ, ଏବଂ ଦିଲ୍ଲୀକୁ ନେଇ କୁରୁ ଗଠିତ ହୋଇଥିଲା । କୁରୁର ରାଜା ଏବଂ ଯୁଧିଷ୍ଠିରଙ୍କ ପରିବାର ମଧ୍ୟରେ ସୁସମ୍ପର୍କ ରହିଥିଲା । ଅର୍ଥଶାସ୍ତ୍ର ଏବଂ ଅନ୍ୟ ଗ୍ରନ୍ଥମାନଙ୍କରେ କୁରୁର ଜନସାଧାରଣଙ୍କୁ 'ରାଜଶବ୍ଦୋପଜୀବିନହ' ଅର୍ଥାତ୍ ରାଜାଙ୍କର ପଦବୀ ବିଭୂଷିତ ଲୋକଙ୍କର ସଂଜ୍ଞା ପ୍ରଦାନ କରାଯାଇଛି । ହସ୍ତିନାପୁର, ଇନ୍ଦ୍ରପ୍ରସ୍ଥ, ଇଶୁକର ଆଦି ସହରଗୁଡ଼ିକୁ କୁରୁମାନଙ୍କର ରାଜଧାନୀ ରୂପେ ଉଲ୍ଲେଖ କରାଯାଇଛି । ସେମାନଙ୍କର ନିଜସ୍ୱ ଶାସକ ରହିଥିଲେ । ମହାଭାରତରୁ କୁରୁମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ଜଣାପଡ଼ିଥାଏ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ କୌରବ ନାମକ ରାଜା ଏହି ଜନପଦରେ ଶାସନ କରୁଥିଲେ ।

**୧୦. ପାଞ୍ଚାଳ :** ଦିଲ୍ଲୀର ପୂର୍ବ-ଉତ୍ତର ପାର୍ଶ୍ୱରେ ଥିବା ହିମାଳୟ ପାଦଦେଶରୁ ଚମ୍ବଲ ନଦୀ ପର୍ଯ୍ୟନ୍ତ ପାଞ୍ଚାଳ ବିସ୍ତୃତ ଥିଲା । ବର୍ତ୍ତମାନର ବରେଲି, ପଲିଭିତ, ବଦାୟୁଂ, ବୁଲନ୍ଦସହର, ଆଲିଗଡ଼ ଇତ୍ୟାଦିକୁ ନେଇ ପାଞ୍ଚାଳ ଗଠିତ ଥିଲା । ଭାଗିରଥୀ ନଦୀ ଉଭୟ ଉତ୍ତର ଏବଂ ଦକ୍ଷିଣ ପାଞ୍ଚାଳକୁ ପରସ୍ପରଠାରୁ ପୃଥକ କରୁଥିଲା । ଉତ୍ତର ପାଞ୍ଚାଳର ରାଜଧାନୀ ଥିଲା ଉତ୍ତର ପ୍ରଦେଶର ବରେଲି ଜିଲ୍ଲାସ୍ଥିତ ଅହିଛତ୍ର ଏବଂ କାମ୍ପଲ୍ୟ ଥିଲା ଦକ୍ଷିଣ-ପାଞ୍ଚାଳର ରାଜଧାନୀ । କୁରୁ ଏବଂ ପାଞ୍ଚାଳ ରାଜ୍ୟଦ୍ୱୟ ମଧ୍ୟରେ ସୁସମ୍ପର୍କ ଅବ୍ୟାହତ ରହିଥିଲା । ଖ୍ରୀ.ପୂ.୬ଷ୍ଠ ଶତାବ୍ଦୀରେ ଏହା ଏକ ଶକ୍ତିଶାଳୀ ଜନପଦ ନଥିଲା ।

**୧୧. ମତ୍ସ୍ୟ :** ରାଜସ୍ଥାନର ଜୟପୁର, ଭରତପୁର, ଅଲୱାର ଆଦି ଅଞ୍ଚଳକୁ ନେଇ ମତ୍ସ୍ୟ ଗଠିତ ଥିଲା । ପାଣ୍ଡବମାନେ ଅଜ୍ଞାତବାସ ସମୟରେ ଏହି ରାଜ୍ୟରେ ଆତ୍ମଗୋପନ କରିଥିଲେ । ଏହି ରାଜ୍ୟରେ ଥିବା ଚାରଣ ଭୂମି ପଶୁପାଳନ ନିମନ୍ତେ ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା । ମହାଭାରତରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ କୌରବମାନେ ବିରାଟ ରାଜ୍ୟ ଉପରେ ଆକ୍ରମଣ କରି ଗୃହପାଳିତ ପଶୁମାନଙ୍କୁ ବଳପୂର୍ବକ ଭାବରେ ଛଡ଼େଇ ନେଇଥିଲେ । ଏହାର ରାଜଧାନୀ ଥିଲା ବିରାଟନଗର ବା ବର୍ତ୍ତମାନର ବଇରାଟ୍ । ଏହି ରାଜ୍ୟର ସେପରି କୌଣସି ରାଜନୈତିକ ବିଶେଷତ୍ୱ ନଥିଲା । ପରେ, ଏହାକୁ ମଗଧ ସହିତ ମିଶ୍ରଣ କରାଯାଇଥିଲା । ଅଶୋକଙ୍କ ସମୟର କେତୋଟି ଶିଳାଲେଖ ବିରାଟ ନଗରରେ ଦେଖିବାକୁ ମିଳେ ।

**୧୨. ସୁରସେନ :** ଯମୁନା ନଦୀତଟସ୍ଥ ମଥୁରା ଥିଲା ସୁରସେନ୍‌ର ରାଜଧାନୀ । ଏହି ରାଜ୍ୟର ଅଧିବାସୀ (ଯାଦବ ବଂଶ) ଅନ୍ଧକ, ବୃଷନି, ମହାଭୋଜ ଆଦି ଜନଜାତିର ଅନ୍ତର୍ଭୁକ୍ତ ଥିଲେ । ମହାଭାରତ ଏବଂ ଅନ୍ୟ ପୁରାଣ ଶାସ୍ତ୍ରରେ ମଥୁରାର ଶାସକ ବଂଶକୁ ଯଦୁବଂଶ କୁହାଯାଇଛି । ଏଠାରେ ସଂଘୀୟ ଶାସନ ବ୍ୟବସ୍ଥା ପ୍ରଚଳିତ ଥିଲା । ମହାଭାରତର ନାୟକ ଶ୍ରୀକୃଷ୍ଣ ଯାଦବ ରାଜବଂଶ ସହିତ ସମ୍ବନ୍ଧିତ ଥିଲେ । ଦୁଇ ପ୍ରାଚୀନ ଭାରତୀୟ ବାଣିଜ୍ୟ ପଥ ଯଥା : ଉତ୍ତର ପଥ ଓ ଦକ୍ଷିଣ ପଥର ମଧ୍ୟଭାଗରେ ମଥୁରା ଅବସ୍ଥିତ ଥିଲା । ଏହାର କାରଣ ହେଲା - ମଥୁରା ସ୍ଥାନୀୟ କୃଷି ସହିତ ସମ୍ବନ୍ଧିତ ଗାଙ୍ଗେୟ ସମତଳଭୂମି ଏବଂ ବିକ୍ଷିପ୍ତ ଜନସଂଖ୍ୟା ବିଶିଷ୍ଟ ଚାରଣ ଭୂମି (ମାଳବ ପଠା) ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିବା ଆଭ୍ୟନ୍ତରୀଣ ଅଞ୍ଚଳର ମଧ୍ୟଭାଗରେ ଅବସ୍ଥିତ ଥିଲା । ସୁତରାଂ ବିଖଣ୍ଡିତ ରାଜନୈତିକ ସଂରଚନା ଏବଂ ପ୍ରାକୃତିକ ବିବିଧତା କାରଣରୁ

ଏହି ରାଜ୍ୟ ଶକ୍ତିଶାଳୀ ହୋଇ ପାରି ନଥିଲା । ଏହି ରାଜ୍ୟର ଶାସକ ଅବନ୍ତୀପୁତ୍ର ଥିଲେ ବୌଦ୍ଧଧର୍ମର ପୃଷ୍ଠପୋଷକ । ପରେ ଏହି ରାଜ୍ୟଟିକୁ ମଗଧ ସହିତ ମିଶ୍ରଣ କରାଯାଇଥିଲା ।

**୧୩. ଅସ୍ମକ :** ମହାରାଷ୍ଟ୍ରର ଆଧୁନିକ ପୈଠାନ ନିକଟସ୍ଥ ଗୋଦାବରୀ ନଦୀ କୂଳରେ ଅସ୍ମକ ଅବସ୍ଥିତ ଥିଲା । ଏହାର ରାଜଧାନୀ ଥିଲା ପୋତାନା ବା ପୋତାଲି ବା ପୈଠାନ । ପେଠାନ ବା ପୋତାଲିକୁ ପ୍ରାଚୀନ ପ୍ରତିଷ୍ଠାନ ବୋଲି କୁହାଯାଇଥାଏ । ଦକ୍ଷିଣ ପଥା, ପୈଠାନକୁ ଉତ୍ତର ଭାରତର ସହରଗୁଡ଼ିକ ସହିତ ସଂଯୋଗ କରାଯାଇଥିଲା ।

**୧୪. ଅବନ୍ତୀ :** ଅବନ୍ତୀ ଥିଲା ଏକ ଶକ୍ତିଶାଳୀ ଜନପଦ । ଏହା ମଧ୍ୟ ପ୍ରଦେଶରଉଜ୍ଜୟିନୀରୁ ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଉତ୍ତର ଭାରତର ଚାରିଗୋଟି ବୃହତରାଜ୍ୟଗୁଡ଼ିକ ମଧ୍ୟରୁ ଏହି ରାଜ୍ୟ ଥିଲା ଅନ୍ୟତମ । ବେତ୍ରାବତୀ ନଦୀ ଉତ୍ତର ଅବନ୍ତୀକୁ, ଦକ୍ଷିଣ ଅବନ୍ତୀଠାରୁ ପୃଥକ କରୁଥିଲା । ଉଜ୍ଜୟିନୀ ଥିଲା ଉତ୍ତର ଅବନ୍ତୀର ରାଜଧାନୀ ଏବଂ ଦକ୍ଷିଣ ଅବନ୍ତୀର ରାଜଧାନୀ ଥିଲା ମହିସ୍ମତୀ । ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀରେ ଚଣ୍ଡ ପ୍ରଦ୍ୟୋତ ମହାସେନ ଥିଲେ ଅବନ୍ତୀର ରାଜା । ସେ ଥିଲେ ବୁଦ୍ଧଙ୍କର ସମସାମୟିକ । ସେ ଥିଲେ ଅତ୍ୟନ୍ତ ନିଷ୍ଠୁର, ମାତ୍ର ଜଣେ ଶକ୍ତିଶାଳୀ ରାଜା । ନିଜର ନିଷ୍ଠୁର ପ୍ରକୃତି ପାଇଁ ସେ ଚଣ୍ଡ ନାମରେ ପରିଚିତ ଥିଲେ । ବତ୍ସ, କୋଶଳ ଏବଂ ମଗଧ ସହିତ ତାଙ୍କର ଶତ୍ରୁତା ରହିଥିଲା । ସମ୍ଭବତଃ, ସେ ବତ୍ସକୁ ଏକ ଯୁଦ୍ଧରେ ପରାଜିତ କରିଥିଲେ । ଏପରିକି ମଗଧର ରାଜା ଅଜାତଶତ୍ରୁ ମଧ୍ୟ ତାଙ୍କୁ ଭୟ କରୁଥିଲେ । ଖ୍ରୀ.ପୂ. ୪ର୍ଥ ଶତାବ୍ଦୀରେ ମଗଧର ରାଜା ଶିଶୁନାଗ ଅବନ୍ତୀକୁ ନିଜ ସାମ୍ରାଜ୍ୟ ସହିତ ମିଶ୍ରଣ କରିଥିଲେ ।

**୧୫. ଗାନ୍ଧାର :** ଭାରତର ଉତ୍ତର-ପଶ୍ଚିମରେ କାବୁଲ୍ ଏବଂ ରାଓ୍ୱଲପିଣ୍ଡିର ମଧ୍ୟବର୍ତ୍ତୀ ଅଞ୍ଚଳରେ ଗାନ୍ଧାର ଅବସ୍ଥିତ ଥିଲା ଶିକ୍ଷା ଏବଂ ବାଣିଜ୍ୟର ଏକ ପୀଠସ୍ଥଳୀ । ଖ୍ର.ପୂ. ଷଷ୍ଠ ଶତାବ୍ଦୀରେ ଗାନ୍ଧାରର ରାଜା ପୁକୁସତି ଅବନ୍ତୀର ରାଜା ପ୍ରଦ୍ୟୋତଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ସେ ମଗଧର ରାଜା ବିମ୍ବିସାରଙ୍କ ସହିତ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇଥିଲେ । ତକ୍ଷଶିଳାର ଭୂଖନନରୁ ଜଣାପଡେ ଯେ ଖ୍ରୀ.ପୂ. ୧୦୦୦ ସୁଦ୍ଧା ଗାନ୍ଧାରରେ ବସତି ସ୍ଥାପନ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଥିଲା । ଖ୍ରୀ.ପୂ. ୩ୟ ଶତାବ୍ଦୀରେ ମଗଧରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ଉତ୍‌ଥାନ ପର୍ଯ୍ୟନ୍ତ ଗାନ୍ଧାର ନିଜର ସ୍ୱାଧୀନତା ବଜାୟ ରଖିଥିଲା ଏବଂ ପରେ ଏହାକୁ ମଗଧ ସହିତ ମିଶ୍ରଣ କରାଗଲା ।

**୧୬. କାମ୍ବୋଜ :** ଗାନ୍ଧାର ନିକଟସ୍ଥ ବର୍ତ୍ତମାନର ପୁଞ୍ଚ ଏକଦା କାମ୍ବୋଜ ନାମରେ ପରିଚିତ ଥିଲା । ଏହାର ରାଜଧାନୀ ଥିଲା ରାଜପୁର ବା ରାଜୌରୀ । ଖ୍ରୀ.ପୂ. ସପ୍ତମ ଶତାବ୍ଦୀରେ ହିନ୍ଦୁ ଧର୍ମଗ୍ରନ୍ଥଗୁଡ଼ିକରେ କାମ୍ବୋଜର ଲୋକମାନଙ୍କୁ ଅସଭ୍ୟ ବୋଲି ଉଲ୍ଲେଖ କରାଯାଇଛି । ଅର୍ଥଶାସ୍ତ୍ରରେ ସେମାନଙ୍କୁ ବାର୍ତ୍ତାଶାସ୍ତ୍ରୋପଜୀବନ ସଂଘ ଅର୍ଥାତ୍ କୃଷକ, ଗାଈ ଜଗୁଆଳି ଏବଂ ଯୋଦ୍ଧାମାନଙ୍କର ସଂଗଠନ ବୋଲି କୁହାଯାଇଛି । ଖ୍ରୀ.ପୂ. ୫ମ ଶତାବ୍ଦୀରେ ପାରସ୍ୟର ରାଜା ପ୍ରଥମ ଡ଼େରାୟସ୍ କାମ୍ବୋଜକୁ ନିଜର ସାମ୍ରାଜ୍ୟଭୁକ୍ତ କରିଥିଲେ ।

# ଆଦର୍ଶ ପ୍ରଶ୍ନ

## କ ବିଭାଗ

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

କ) କେଉଁ ଧର୍ମଗ୍ରନ୍ଥରେ ଗାନ୍ଧାର ଏବଂ କମ୍ବୋଜର ନାମ ଉଲ୍ଲେଖ କରାଯାଇନାହିଁ ?

୧. ମହାବଂଶ ୨. ଅଙ୍ଗୁତର ନିକାୟ

୩. ମହାବିସ୍ତୁ ୪. ଦୀର୍ଘ ନିକାୟ

ଖ) ବାରାଣସୀ କେଉଁ ନଦୀଦ୍ୱୟର ସଂଗମସ୍ଥଳରେ ଅବସ୍ଥିତ ?

୧.ଗଂଗା ଓ ଯମୁନା ୨. ଗଙ୍ଗା ଓ ଗୋମତୀ

୩. ଯମୁନା ଓ ଚମ୍ପା ୪. ଯମୁନା ଓ ସରସ୍ୱତୀ

ଗ) କେଉଁ ଜନପଦ ଘୋଡ଼ା ଏବଂ କାର୍ପାଶ ବସ୍ତ୍ର କ୍ରୟବିକ୍ରୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା ?

୧. କୋଲକ ୨. ମଗଧ

୩. କାଶୀ ୪. କାମ୍ବୋଜ

ଘ) କାଶୀରେ ଉତ୍ପାଦିତ ବୌଦ୍ଧ ଭିକ୍ଷୁମାନଙ୍କର ଗେରୁଆ ବସ୍ତ୍ରକୁ କ'ଣ କୁହାଯାଉଥିଲା ?

୧. କଶାୟ ୨. ନିଶାୟ

୩. ଧୋତି ୪. ଅଧିବାସ

ଙ) ଭାରତର ପ୍ରମୁଖ ଧର୍ମଗୁଡ଼ିକୁ କେଉଁ ସହର ସହିତ ଯୋଡ଼ାଯାଇଛି ?

୧.ସାରନାଥ ୨. ବାରାଣସୀ

୩. ମଥୁରା ୪. ବୁଦ୍ଧଗୟା

ଚ) ବୁଦ୍ଧଙ୍କର ମିତ୍ର ଥିବା କୋଶଳର ରାଜାଙ୍କ ନାମ କ'ଣ ଥିଲା ?

୧.ମହାକୋଶଳ ୨. ବିଦୁଧାନ

୩. ପ୍ରସେନ୍‌ଜିତ୍ ୪. ହିରଣ୍ୟନାଭ

ଛ) ଚମ୍ପା କେଉଁ ଜନପଦର ରାଜଧାନୀ ଥିଲା ?

୧. ଅଂଗ ୨.ଅବନ୍ତୀ

୩. ଅସୁକ ୪. ବିଦେହ

ଜ) କେଉଁ ସହରଟି ପାଞ୍ଚୋଗୋଟି ପାହାଡ଼ଦ୍ୱାରା ପରିବେଷ୍ଟିତ ?

୧. ବୁଦ୍ଧଗୟା ୨. ବାରାଣସୀ

୩. ରାଜଗୃହ ୪. ପାଟଳିପୁତ୍ର

ଝ) ବଜ୍ଜିର ଅଭିଧାନିକ ଅର୍ଥ କ'ଣ ?

୧. ବ୍ୟବସାୟୀ ସମୁଦାୟ ୨. ପଶୁପାଳକ ସମୁଦାୟ

୩. ମେଷପାଳକ ସମୁଦାୟ ୪. ଗୋପାଳକ ସମୁଦାୟ

ଞ) ଲିଚ୍ଛବୀମାନଙ୍କ ରାଜଧାନୀର ନାମ କ'ଣ ଥିଲା ?

୧. ବୈଶାଳୀ ୨. ମିଥିଳା

୩. ବନାରସ ୪.ରାଜଗୃହ

ଟ) ବାସବଦତ୍ତା କେଉଁ ରାଜ୍ୟର ରାଜକୁମାରୀ ଥିଲେ ?

୧. କୋଶଳ ୨. ଅଂଗ

୩. ଅବନ୍ତୀ ୪. ବସ୍ତ

ଠ) କେଉଁ ଜନପଦର ଲୋକମାନଙ୍କୁ "ରାଜଶବ୍ଦୋପଦୀବିନହ" ବୋଲି କୁହାଯାଏ ?

୧. ବସ୍ତ ୨. କୁରୁ

୩. ମଗଧ ୪. ସୁରସେନ

**ଉତ୍ତର :** (କ) ମହାବସ୍ତୁ (ଖ) ଗଙ୍ଗା ଓ ଗୋମତୀ (ଗ) କାଶୀ (ଘ) କଶାୟ(ଙ) ବାରାଣସୀ (ଚ) ପ୍ରସେନ୍‌ଜିତ୍ (ଛ)ଅଂଗ(ଜ) ରାଜଗୃହ (ଝ) ପଶୁପାଳକ ସମୁଦାୟ (ଞ) ବୈଶାଳୀ (ଟ) ଅବନ୍ତୀ (ଠ) କୁରୁ ।

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ............ରୁ ଭାରତ ଇତିହାସ ଲିପିବଦ୍ଧ କରାଗଲା ।

ଖ) ଉତ୍ତର ଭାରତ ............ ଗୋଟି ଜନପଦରେ ବିଭକ୍ତ ହୋଇଥିଲା ।

ଗ) ଗାନ୍ଧାର ଏବଂ କମ୍ବୋଜ.............. ଅଞ୍ଚଳରେ ଅବସ୍ଥିତ ।

ଘ) ..............ର ରାଜଧାନୀ ଥିଲା ବାରାଣସୀ ।

ଙ) .............ର ରାଜା ଥିଲେ ବ୍ରହ୍ମଦତ୍ତ ।

ଚ) .......................ନଦୀ କୋଶଳକୁ ବିଦେହଠାରୁ ପୃଥକ କରୁଥିଲା ।

ଛ) କପିଳବାସ୍ତୁର ପ୍ରାଚୀନ ନାମ ଥିଲା .............. ।

ଜ) ମହାକୋଶଳ ..............ବଂଶର ନରପତି ଥିଲେ ।

ଝ) .................ଶାକ୍ୟବଂଶକୁ ଧ୍ୱଂସ କରିଥିଲେ ।

ଞ) ମଗଧର ସର୍ବପ୍ରାଚୀନ ରାଜଧାନୀର ନାମ ଥିଲା ............ ।

**ଉତ୍ତର :** (କ) ଖ୍ରୀ.ପୂ. ୬ଷ୍ଠ ଶତାବ୍ଦୀ (ଖ) ୧୬ (ଗ) ଉତ୍ତର ପୂର୍ବ ଭାରତ (ଘ) କାଶୀ (ଙ) ଅଂଗ (ଚ) ସଦାନୀରା (ଛ) କୁଶବତୀ (ଜ) ଇକ୍ଷଭକ୍ଷୁ (ଝ) ବିଦୁଧାନ (ଞ) ଗିରିବ୍ରଜ ।

## ଖ ବିଭାଗ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ବର୍ତ୍ତମାନର କେଉଁ ଅଞ୍ଚଳ ଏକଦା କମ୍ବୋଜ ନାମରେ ପରିଚିତ ଥିଲା ତା'ର ରାଜଧାନୀ ର ନାମ କ'ଣ ଥିଲା ?

ଖ) ପ୍ରଦ୍ୟୋତ କେଉଁ ରାଜ୍ୟର ରାଜା ଥିଲେ ? ତାଙ୍କୁ ଯୁଦ୍ଧରେ ପରାଜିତ କରିଥିବା ଗାନ୍ଧାରର ରାଜାଙ୍କ ନାମ କ'ଣ ଥିଲା ?

ଗ) କେଉଁ କେଉଁ ଅଞ୍ଚଳକୁ ନେଇ ଅବନ୍ତୀ ଗଠିତ ହୋଇଥିଲା ? ଅବନ୍ତୀର 'ଚଣ୍ଡ' ନାମରେ ପରିଚିତ ରାଜାଙ୍କ ନାମ କ'ଣ ଥିଲା ?

ଘ) କେଉଁ ନଦୀ କୂଳରେ ଅସ୍ମକ ଅବସ୍ଥିତ ଥିଲା ? ତା'ର ରାଜଧାନୀର ନାମ କ'ଣ ଥିଲା ?

ଙ) କେଉଁ ନଦୀ ଉଭୟ ଦକ୍ଷିଣ ପାଞ୍ଚାଳ ଏବଂ ଉତ୍ତର ପାଞ୍ଚାଳକୁ ପରସ୍ପରଠାରୁ ପୃଥକ୍ କରୁଥିଲା ? ଉତ୍ତର ପାଞ୍ଚାଳ ଏବଂ ଦକ୍ଷିଣ ପାଞ୍ଚାଳର ରାଜଧାନୀର ନାମ କ'ଣ ଥିଲା ?

ଚ) ଯମୁନା ନଦୀ କୂଳରେ ଥିବା କେଉଁ ସ୍ଥାନ ସହିତ ଚେଦୀକୁ ଚିହ୍ନଟ କରାଯାଇଛି ? ଚେଦୀର ରାଜଧାନୀର ନାମ କ'ଣ ଥିଲା ?

ଛ) ଗଣ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ଦ୍ୱନ୍ଦ୍ୱର ସମାଧାନ କରୁଥିବା ସଭାକୁ କ'ଣ କୁହାଯାଉଥିଲା ? ବିଦେହର ରାଜଧାନୀ ମିଥିଳାକୁ ନେପାଳର କେଉଁ ସହର ସହିତ ଚିହ୍ନିତ କରାଯାଏ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚଗୋଟି ବାକ୍ୟରେ ଦିଅ ।**

କ) ଷୋଡ଼ଶ ଜନପଦର ଉତ୍‌ଥାନ ହେଲା କିପରି ?

ଖ) ଅଙ୍ଗ ରାଜ୍ୟର ଗଠନ ଏବଂ ବିସ୍ତାର ଉପରେ ଏକ ବିବରଣୀ ପ୍ରଦାନ କର ।

ଗ) ବଜ୍ଜିର ଅବସ୍ଥିତି ଉପରେ ଆଲୋକପାତ କର ।

ଘ) ଚେଦୀର ଗଠନ ସମ୍ପର୍କରେ ସଂକ୍ଷେପରେ ଉଲ୍ଲେଖ କର ।

ଙ) ଅବନ୍ତୀର ଗୁରୁତ୍ୱ ଦର୍ଶାଅ ।

**ଦୀର୍ଘତମ ପ୍ରଶ୍ନ :**

## ଗ ବିଭାଗ

୫. କୋଶଳ ଏବଂ ମଗଧ ଜନପଦ ଦ୍ୱୟର ଉତ୍ପତ୍ତି ଏବଂ ପ୍ରସାର ସମ୍ପର୍କରେ ଯାହା ଜାଣ ଲେଖ ।

୬. ଷୋଡ଼ଶ ଜନପଦର ଉତ୍ପତ୍ତି ଏବଂ ବିସ୍ତାର ଉପରେ ଆଲୋକପାତ କର ।

# ଚତୁର୍ଥ ଅଧ୍ୟାୟ

## ଖ୍ରୀ: ପୂ: ଷଷ୍ଠ ଶତାବ୍ଦୀର ଧର୍ମସଂସ୍କାର ଆନ୍ଦୋଳନ
(Religious Reform Movements of Sixth Century B.C)

## (୧) - ଜୈନଧର୍ମ ଓ ବୌଦ୍ଧଧର୍ମ
**(Jainism and Buddhism)**

## ନୀତିବାଣୀର ନିଷ୍ପତ୍ତିମୂଳକ ମୂଲ୍ୟ ନିରୂପଣ ଓ ଭାରତୀୟ ସଂସ୍କୃତି ପ୍ରତି ଅବଦାନ
(A critical evaluation of theTeachings, Contributions to Indian Culture)

**ଖ୍ରୀ:ପୂ: : ଷଷ୍ଠ ଶତାବ୍ଦୀର ଧର୍ମ ସଂସ୍କାର ଆନ୍ଦୋଳନ :**

କ) ବିଶ୍ୱ ଇତିହାସରେ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ ଥିଲା ଆଧ୍ୟାତ୍ମିକ ଅସ୍ଥିରତା ଏବଂ ବୌଦ୍ଧିକ ଭାବପ୍ରବଣତାର ଯୁଗ ।

ଖ) ରୋମିଲା ଥାପରଙ୍କ ମତରେ ସହରୀକରଣ ଏବଂ ବାଣିଜ୍ୟ ବ୍ୟବସାୟର ପ୍ରସାର ଯୋଗୁଁ ଧର୍ମୀୟ ଭାବନାରେ ପରିବର୍ତ୍ତନ ଘଟିଥିଲା ଏବଂ ଏକ ସଂସ୍କାର ଆନ୍ଦୋଳନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା ।

ଗ) ଆର. ସି. ମଜୁମ୍‌ଦାରଙ୍କ ମତରେ ବୈଦିକ ସଂସ୍କୃତିର ପ୍ରାଧାନ୍ୟକୁ ପ୍ରତିହତ କରିବା ପାଇଁ ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀରେ ଧର୍ମସଂସ୍କାର ଆନ୍ଦୋଳନ ନାମରେ ବୌଦ୍ଧଧର୍ମ ଏବଂ ଜୈନଧର୍ମର ଉତ୍‌ଥାନ ଘଟିଥିଲା ।

ଘ) ଖ୍ରୀ:ପୂ:ଷଷ୍ଠ ଶତାବ୍ଦୀରେ ଭାରତରେ ବୁଦ୍ଧ ଏବଂ ମହାବୀର, ଇରାନରେ ଜୋରାଷ୍ଟର ଏବଂ ଚୀନ୍‌ରେ କନ୍ ଫୁସିୟସ୍ ଆଦି ସଂସ୍କାରକମାନେ ନୂତନ ତଥା ଅଧିକ ସୌଜନ୍ୟ ପ୍ରଦର୍ଶନ କରୁଥିବା ଧର୍ମମାନ ପ୍ରଚାର କରିବାକୁ ଲାଗିପଡ଼ିଲେ । ତତ୍‌କାଳୀନ ପ୍ରଚଳିତ ପାରମ୍ପରିକ ଧର୍ମଧାରଣାକୁ ନେଇ ସେମାନେ ପ୍ରଶ୍ନ ଆଗତ କଲେ ।

**ଜୈନଧର୍ମ ଏବଂ ବୌଦ୍ଧଧର୍ମ ଉତ୍‌ଥାନର କାରଣ ସମୂହ :**

୧. ହିନ୍ଦୁକ୍ରିୟାକର୍ମ ସମ୍ପାଦନ କ୍ରମଶଃ ଜଟିଳ ଏବଂ ବ୍ୟୟବହୁଳ ହୋଇ ପଡ଼ିଥିଲା । ଫଳରେ ସାଧାରଣ ଲୋକଙ୍କ ପକ୍ଷରେ ଧର୍ମପାଳନ ସମ୍ଭବପର ହୋଇ ପାରିଲା ନାହିଁ ।

୨. ଧର୍ମପାଳନ କ୍ଷେତ୍ରରେ ବ୍ରାହ୍ମଣମାନଙ୍କର ପ୍ରାଧାନ୍ୟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଲା । ଯଜ୍ଞ ତଥା ଅନ୍ୟାନ୍ୟ କ୍ରିୟାକର୍ମ ସମ୍ପାଦନ ନିମନ୍ତେ ସେମାନେ ସାଧାରଣ ଲୋକଙ୍କ ଉପରେ ଚାପ ପ୍ରୟୋଗ କଲେ । ଫଳରେ, ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ଦୁଇଜଣ କ୍ଷତ୍ରୀୟ ବଂଶୀୟ ରାଜପୁତ୍ର ଯଥା : ବୁଦ୍ଧ ଏବଂ ମହାବୀର ବିରୋଧ କରିବାରୁ ଧର୍ମସଂସ୍କାର ଆନ୍ଦୋଳନର ସୂତ୍ରପାତ ହେଲା ।

୩. ହିନ୍ଦୁ ସମାଜରେ ପ୍ରଚଳିତ କଠୋର ଜାତିପ୍ରଥା ଏବଂ ଧର୍ମକ୍ଷେତ୍ରରେ ପ୍ରଚଳିତ ବଳିପ୍ରଥାର ପରିମାଣ ସ୍ୱରୂପ ଏକ ସଂସ୍କାର ଆନ୍ଦୋଳନର ଉଦ୍ରେକ ଘଟିଥିଲା ।

୪. ଧର୍ମ ପରିଚାଳନାରେ ସଂସ୍କୃତ ଭାଷାର ବହୁଳ ବ୍ୟବହାରକୁ ବିରୋଧ କରି ଧର୍ମସଂସ୍କାର ଆନ୍ଦୋଳନ ଆତ୍ମପ୍ରକାଶ କରିଥିବା ଅନୁମାନ କରାଯାଏ ।

୫. ମଗଧର ରାଜା ବିମ୍ବିସାର ଏବଂ ଅଜାତଶତ୍ରୁଙ୍କ ପୃଷ୍ଠପୋଷକତା ଯୋଗୁଁ ଉଭୟ ଜୈନଧର୍ମ ଏବଂ ବୌଦ୍ଧଧର୍ମର ଉତ୍ଥାନ ଏବଂ ପ୍ରସାର ଅବଶ୍ୟମ୍ଭାବୀ ହୋଇ ପଡ଼ିଥିଲା ।

**ଜୈନଧର୍ମ :**

ଜୈନଧର୍ମର ପ୍ରତିଷ୍ଠାତା ତଥା ପ୍ରଥମ ପ୍ରଚାରକ ଥିଲେ ଋଷଭନାଥ । ଏହି ଧର୍ମର ତ୍ରୟୋବିଂଶ ପ୍ରଚାରକ ବା ତୀର୍ଥଙ୍କର ଥିଲେ ପାର୍ଶ୍ୱନାଥ । ମହାବୀର ଥିଲେ ଏହି ଧର୍ମର ଚତୁର୍ବିଂଶ ତଥା ଶେଷ ତୀର୍ଥଙ୍କର । ତାଙ୍କୁ ଜୈନଧର୍ମର ପ୍ରକୃତ ପ୍ରତିଷ୍ଠାତା ରୂପେ ସ୍ୱୀକାର କରାଯାଇଥାଏ ।

**ମହାବୀରଙ୍କ ବାଲ୍ୟଜୀବନୀ ଏବଂ ଦିବ୍ୟଜ୍ଞାନ ଲାଭ :**

ମହାବୀରଙ୍କ ବାଲ୍ୟନାମ ଥିଲା ବର୍ଦ୍ଧମାନ । ଖ୍ରୀ.ପୂ. ୫୪୦ରେ ବୈଶାଳୀ ନିକଟବର୍ତ୍ତୀ କୁନ୍ଦଗ୍ରାମଠାରେ ସେ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ସିଦ୍ଧାର୍ଥ ଏବଂ ମାତାଙ୍କ ନାମ ତ୍ରିଶଳା । ତାଙ୍କ ପିତା ଥିଲେ ଜ୍ଞାତ୍ରିକ ନାମକ ଏକ କ୍ଷତ୍ରିୟ ବଂଶର ମୁଖିଆ ।

ବାଲ୍ୟକାଳରୁ ହିଁ ମହାବୀରଙ୍କର ଅସ୍ଥାୟୀ ସୁଖସମ୍ଭୋଗ ପ୍ରତି କୌଣସି ଆସକ୍ତି ନଥିଲା । ଯଶୋଦା ନାମ୍ନୀ ଜଣେ ସୁନ୍ଦରୀ ରମଣୀକୁ ସେ ବିବାହ କରିଥବଲେ । ସେ ମଧ୍ୟ ଅନୋଜା ବା ପ୍ରିୟଦର୍ଶନୀ ନାମ୍ନି ଏକ କନ୍ୟା ସନ୍ତାନର ଜନକ ହେବାର ସୌଭାଗ୍ୟ ଲାଭ କରିଥିଲେ । କିନ୍ତୁ ସଂସାର ପ୍ରତି ତାଙ୍କର ସାମାନ୍ୟତମ ମୋହ ନଥିଲା । ୩୦ ବର୍ଷ ବୟସରେ ସେ ସଂସାର ତ୍ୟାଗ କରି ଦୀର୍ଘ ୧୨ବର୍ଷ ଧରି ସତ୍ୟର ଅନ୍ୱେଷଣରେ ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କଲାପରେ ୪୨ବର୍ଷ ବୟସରେ ଜୁମ୍ଭିକ ଗ୍ରାମ ନିକଟବର୍ତ୍ତୀ ରିଜୁପାଳିକା ନଦୀ କୂଳସ୍ଥିତ ଶାଳବୃକ୍ଷ ମୂଳରେ ଧ୍ୟାନମଗ୍ନ ପୂର୍ବକ ଦିବ୍ୟଜ୍ଞାନ ଲାଭ କରିଥିଲେ । ଦିବ୍ୟଜ୍ଞାନ ବା କୈବଲ୍ୟ ପ୍ରାପ୍ତି ପରେ ସେ 'ମହାବୀର', 'କେବଳୀନ' ବା ସର୍ବସ୍ରଷ୍ଟା 'ନଟପୁତ', 'ନିର୍ଗନ୍ଥ', 'ଜୀନ', 'ଜିତେନ୍ଦ୍ରୀୟ' ଆଦି ନାମରେ ପରିଚିତ ହେଲେ । ଦୀର୍ଘ ୩୦ ବର୍ଷ ଧରି ନିଜର ବାଣୀ ପ୍ରଚାର କଲାପରେ, ସେ ୭୨ବର୍ଷ ବୟସରେ ଅର୍ଥାତ୍ ଖ୍ରୀ:ପୂ: ୪୬୮ ରେ ବିହାରର ପାବା ନାମକ ସ୍ଥାନରେ ସେ ଦେହତ୍ୟାଗ କରିଥିଲେ ।

**ଜୈନଧର୍ମର ନୀତି ସମୂହ :** ନିମ୍ନଲିଖିତ ନୀତି ସମୂହ ଉପରେ ଜୈନଧର୍ମ ପର୍ଯ୍ୟବସିତ

**୧. ପଞ୍ଚପ୍ରତିଷ୍ଠା (Five Vows)** : ପାର୍ଶ୍ୱନାଥ ଜୈନଧର୍ମର ଚାରିଗୋଟି ନୀତି ପାଳନ କରିବା ପାଇଁ ଉପଦେଶ ଦେଇଥିଲେ । ସେହି ଚାରିଗୋଟି ନୀତିହେଲା : ସତ୍ୟ, ଅହିଂସା, ଅଚୌର୍ଯ୍ୟ ଏବଂ ଅପରିଗ୍ରହ । ମହାବୀର ଏଥି ସହିତ ଆଉ ଏକ ନୀତି ଯଥା : ବ୍ରହ୍ମଚର୍ଯ୍ୟ (ଆତ୍ମ ସଂଯମ) ଯୋଗ କରିଥିଲେ । ଏହି ପାଞ୍ଚଗୋଟି ନୀତିକୁ ଜୈନଧର୍ମର ପଞ୍ଚପ୍ରତିଜ୍ଞା ବୋଲି କୁହାଯାଇଥାଏ । ପବିତ୍ର ଜୀବନଯାପନ ନିମନ୍ତେ ଏହି ପାଞ୍ଚଗୋଟି ନୀତି ପାଳନ ଅତ୍ୟନ୍ତ ଜରୁରୀ ।

**୨. ତ୍ରିରତ୍ନ (Three Jewels)** : ଚିତ୍ତ ଶୁଦ୍ଧି ନିମନ୍ତେ ନୀତି ପାଳନ ଉପରେ ଜୈନଧର୍ମ ଗୁରୁତ୍ୱ ପ୍ରଦାନ କରିଥାଏ । ସେହି ତିନିଗୋଟି ନୀତି ଯଥା - ସମ୍ୟକ ବିଶ୍ୱାସ (**Right Fath**) ସମ୍ୟକ ଜ୍ଞାନ (**Right Knowledge**) ଏବଂ ସମ୍ୟକ କର୍ମ (**Right conduct**) ତ୍ରିରତ୍ନ ନାମରେ କଥିତ । ଏହି ତିନିଗୋଟି ନୀତି ପାଳନ ଦ୍ୱାରା କର୍ମ ଏବଂ ପୁନର୍ଜନ୍ମରୁ ମୁକ୍ତି ( ଶିଦ୍ଧଶୀଳା )ମିଳିଥାଏ ।

**୩.ନବତତ୍ତ୍ୱ ( Nine Tattavas)** : ଜୈନ ଦର୍ଶନ ନଅଗୋଟି ତତ୍ତ୍ୱ ଉପରେ ଆଧାରିତ । ସେଗୁଡ଼ିକ ହେଲା ଜୀବ (**Living beings**), ଅଜୀବ ବା ଜଡ଼ (**Non -living objects**), ଆସ୍ରବ ବା ଉତ୍ତମ କର୍ମ (**Good deeds**) ବନ୍ଧ ବା କର୍ମର ବନ୍ଧନ (**Bondage of Karma**), ପୁଣ୍ୟ ବା ଉତ୍ତମ ଗୁଣର ଫଳ (**Virtue**) ପାପ (**Sin**) ସମ୍ବର ବା

କର୍ମପଥରେ ଥିବା ସମସ୍ୟା (**hindrances in the way of Karma**),ନିର୍ଜରା ବା ସଂଗଠିତ କର୍ମ ଯୋଗୁଁ ଅବସନ୍ନତା (**Exhaustion of theaccumulated karmas**) ଏବଂ ମୋକ୍ଷ ବା ମୁକ୍ତି (**Salvation**) ।

**୪.ଜୀବ ଏବଂ ଅଜୀବ ତତ୍ତ୍ୱ ( Living and Non-living theory)** : 'ଜୀବ' ଏବଂ 'ଅଜୀବ' ର ସମ୍ମିଶ୍ରଣରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ରଚନା କରାଯାଇଛି । ଜୀବଠାରେ ଆତ୍ମା ବିଦ୍ୟମାନ । ଏଣୁ ଜୀବ ଗତିଶୀଳ । ଜୀବତତ୍ତ୍ୱ ଅନୁସାରେ ମୃତ୍ୟୁପରେ ମଣିଷର୍ ଆତ୍ମା ଉର୍ଦ୍ଧ୍ୱଗାମୀ ହୋଇଥାଏ । କର୍ମଫଳ ଅନୁସାରେ ସେମାନେ ବିଭିନ୍ନ ଭୌତିକ ଶରୀର ଧାରଣ କରିଥାନ୍ତି ।

ଜୈନମାନଙ୍କ ମତରେ ପାଞ୍ଚଗୋଟି ଉପାଦାନ ଯଥା : ଧର୍ମ, ଅଧର୍ମ, କାଳ, ଆକାଶ ଏବଂ ପୁଦ୍‌ଗଳ (ପଦାର୍ଥ) କୁ ନେଇ ଅଜୀବତତ୍ତ୍ୱ ପରିକଳ୍ପନା କରାଯାଇଛି ।

**୫.ଅହିଂସା (Non -Violence)** : ଜୈନଧର୍ମର ମୂଳନୀତି ହେଲା ଅହିଂସା । ଅହିଂସାର ପ୍ରକୃତ ଅର୍ଥ ହେଲା ଜୀବ ହତ୍ୟା ନକରିବା ଏବଂ ଜୀବକୁ ଆଘାତ ନ ଦେବା । ଏହି ଅର୍ଥରେ ପଶୁପକ୍ଷୀ , କୀଟପତଙ୍ଗ, ବୃକ୍ଷଲତା ଆଦିଙ୍କଠାରେ ଆତ୍ମା ବିଦ୍ୟମାନ ଥାଏ । ଅହିଂସା ପାଳନ ଦ୍ୱାରା ମୋକ୍ଷପ୍ରାପ୍ତି ସହଜ ହୋଇଥାଏ ।

**୬. କର୍ମବାଦ (Karmabada)** : ସତ୍‌କର୍ମଦ୍ୱାରା ମଣିଷ ବନ୍ଧନମୁକ୍ତ ହୋଇଥାଏ । ମଣିଷ ନିଜକୁ କର୍ମଠାରୁ ନିବୃତ୍ତ ରଖିବା ସମ୍ଭବ ନୁହେଁ । କିନ୍ତୁ ମୋହ, ମାୟା, କାମନା ଆଦି ବନ୍ଧନରୁ ମୁକ୍ତ ହୋଇପାରିଲେ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ ।

**୭. ମୋକ୍ଷ ବା ନିର୍ବାଣ (Nirvana)** : ଜୈନମାନଙ୍କ ମତରେ କଠୋର ତପସ୍ୟା, ଆତ୍ମ ସଂଯମତା, ମହତ୍ କର୍ମ, ଉପଯୁକ୍ତ ଜ୍ଞାନ ଆହରଣ ଇତ୍ୟାଦି ଦ୍ୱାରା ମଣିଷ ମୋକ୍ଷପ୍ରାପ୍ତିର ମାର୍ଗ ପ୍ରସ୍ତୁତ କରିଥାଏ । ଜନ୍ମ ଏବଂ ମୃତ୍ୟୁରୁ ମୁକ୍ତିଲାଭ କରିବାର ଅନ୍ୟ ନାମ ହେଲା ମୋକ୍ଷ । ମୋକ୍ଷପ୍ରାପ୍ତ ଆତ୍ମାର ପୁନର୍ଜନ୍ମ ହୁଏନାହିଁ । ସୁତରାଂ ଉତ୍ତମ କର୍ମଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବପର ହୋଇଥାଏ ।

**୮. ସ୍ୟାଦବାଦ ବା ଅନେକାନ୍ତରବାଦ (Syadvada)** : ସାଂଖ୍ୟ ଦର୍ଶନ ସହିତ ସ୍ୟାଦବାଦ ଜଡ଼ିତ ଥିବା ଅନୁମାନ କରାଯାଏ । ଏହି ତତ୍ତ୍ୱ ଅନୁସାରେ ସତ୍ୟକୁ ଭିନ୍ନ ଭିନ୍ନ ମାର୍ଗରେ ବିଶ୍ଳେଷଣ କରାଯାଇଥାଏ । ଏହି ନ୍ୟାୟରେ ପ୍ରତ୍ୟେକ ପ୍ରଶ୍ନର ସାତଗୋଟି ସମ୍ଭାବ୍ୟ ଉତ୍ତର ଥାଇପାରେ ଯଥା : (୧) ବସ୍ତୁଟି ଅଛି (୨) ବସ୍ତୁଟି ନାହିଁ (୩) ବସ୍ତୁଟି ଅଛି ଏବଂ ନାହିଁ (୪) ପୂର୍ବରୁ ଜାଣି ହେଉ ନଥିବା ବା ନ ହେଲା ପରି (୫) ପୂର୍ବରୁ ଜାଣି ହେଉଥିବା (୬) ପୂର୍ବରୁ ଜାଣି ହେଉଥିବା ବା ନ ହେଉଥିବା(୭) ଅଛି, ନାହିଁ ଏବଂ ଜାଣି ହେଉନାହିଁ । ଏହି ଅର୍ଥରେ ଆତ୍ମା ଅଛି, ଆତ୍ମା ନାହିଁ ଏବଂ ଯଦି ଆତ୍ମ ଅଛି ତାହା ଅବର୍ଣ୍ଣନୀୟ ।

**୯. ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର** : ଜୈନମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିଥାନ୍ତି । ସେମାନଙ୍କ ମତରେ, ଈଶ୍ୱର କୃପା ଉପରେ ମୋକ୍ଷପ୍ରାପ୍ତି ନିର୍ଭର କରିନଥାଏ । ମନୁଷ୍ୟ ହେଉଛି ନିଜ ଭାଗ୍ୟର ନିର୍ମାତା । କଠୋର ସାଧନା, ଆତ୍ମ-ସଂଯମତା ଏବଂ ପବିତ୍ର କର୍ମଦ୍ୱାରା ପ୍ରତ୍ୟେକ ବ୍ୟକ୍ତି କୁକର୍ମକୁ ଅତିକ୍ରମ କରିବା ପାଇଁ ସମର୍ଥ ହୋଇଥାନ୍ତି ।

**୧୦. ବେଦର ଗୁରୁତ୍ୱକୁ ଅସ୍ୱୀକାର** : ଜୈନମାନେ ବେଦର ପ୍ରାଧାନ୍ୟକୁ ଅସ୍ୱୀକାର କରିବା ସହିତ କ୍ରିୟାକର୍ମ ଅଯୁକ୍ତିକର ବୋଲି କହିଥାନ୍ତି । ସେମାନଙ୍କ ମତରେ, ସମସ୍ତ ଦେବଦେବୀ କେବଳମାତ୍ର କାଳ୍ପନିକ ଏବଂ ସେମାନେ ସମାଜକୁ ବିପଥଗାମୀ କରାଇଥାନ୍ତି । ଏଣୁ ଜୈନମାନେ ବୈଦିକ କ୍ରିୟାକାଣ୍ଡ ଏବଂ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ନିନ୍ଦା କରିଥାନ୍ତି ।

**୧୧.କଠୋର ସନ୍ନ୍ୟାସବ୍ରତ ପାଳନ** : କଠୋର ସାଧନା ହେଉଛି ଜୈନଧର୍ମର ଏକ ନୀତି । ଅର୍ଥାତ୍ କଠୋର ତପସ୍ୟା, ଉପବାସ ଏବଂ ଶରୀର ଉପରେ ଅଶେଷ ନିର୍ଯ୍ୟାତନା ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବପର ହୋଇଥାଏ ।

**୧୨.ସାର୍ବଜନୀନ ଭ୍ରାତୃତ୍ୱ :** ଜୈନମାନେ ଜାତିପ୍ରଥାକୁ ଅସ୍ୱୀକାର କରିବା ସହିତ ମାନବୀୟ ଭ୍ରାତୃତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ସେମାନଙ୍କ ମତରେ, ପ୍ରତ୍ୟେକ ସଜୀବ ପ୍ରତି ଦୟା ପ୍ରଦର୍ଶନ କରିବା ବିଧେୟ ।

କାଳକ୍ରମେ, ଜୈନମାନଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଆରମ୍ଭ ହେବାରୁ ସେମାନେ ଦୁଇଗୋଟି ଗୋଷ୍ଠୀ ଯଥା ଦିଗମ୍ବର ଏବଂ ଶ୍ୱେତାମ୍ବରରେ ବିଭକ୍ତ ହୋଇଥିଲେ ।

## ଭାରତୀୟ ସଂସ୍କୃତି ପ୍ରତି ଜୈନଧର୍ମର ଅବଦାନ

ଜୈନଧର୍ମ ଦ୍ୱାରା ଭାରତୀୟ ସଂସ୍କୃତି ବହୁଳଭାବରେ ପ୍ରଭାବିତ ହୋଇଛି ।

**୧. ସାମାଜିକ ଏବଂ ଧର୍ମୀୟ ପ୍ରଭାବ :** ଜାତିପ୍ରଥା କବଳରୁ ଜନସାଧାରଣଙ୍କୁ ରକ୍ଷା କରିବା ପାଇଁ ଜୈନଧର୍ମ ପ୍ରୟାସ ଆରମ୍ଭ କରିଥିଲା । ମହାବୀର, ଜାତିପ୍ରଥାର ତିରସ୍କାର କରିବା ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଜୈନଧର୍ମର ଦ୍ୱାର ଖୋଲି ଦେଇଥିଲେ । ମାନବଜାତିର ସମାନତାରେ ସେ ବିଶ୍ୱାସ କରୁଥିଲେ । ସେ ମଧ୍ୟ ସବୁ ପ୍ରକାରର ଜଟିଳ କ୍ରିୟାକର୍ମ, ବିଧିସଂଗତ ପଦ୍ଧତି ପାଳନ ଏବଂ ବଳିପ୍ରଥାର ନିନ୍ଦା କରିଥିଲେ ।

**୨. ଭାଷା ଏବଂ ସାହିତ୍ୟ ଉପରେ ପ୍ରଭାବ :** ପ୍ରାରମ୍ଭରେ ଜୈନ ତୀର୍ଥଙ୍କରମାନେ ପ୍ରାକୃତ ଭାଷାରେ ସେମାନଙ୍କର ବାଣୀ ପ୍ରଚାର କରୁଥିଲେ ଏବଂ ତାହା ଥିଲା ସାଧାରଣ ଲୋକଙ୍କର ଭାଷା । ଏହାଦ୍ୱାରା ସେହି ଭାଷା ସାହିତ୍ୟର ଅଭିବୃଦ୍ଧି ଘଟିଥିଲା । ସମୟକ୍ରମେ, ସ୍ଥାନୀୟ ଭାଷାରେ ଜୈନଧର୍ମ ସମ୍ବନ୍ଧୀୟ ଗ୍ରନ୍ଥଗୁଡ଼ିକ ଲେଖାଗଲା । ସୁତରାଂ, ତତ୍କାଳୀନ ରାଜନୈତିକ ଏବଂ ସାମାଜିକ ଅବସ୍ଥା ଜାଣିବା ପାଇଁ ଜୈନଧର୍ମ ସମ୍ବନ୍ଧୀୟ ଗ୍ରନ୍ଥମାନଙ୍କରୁ ଯଥେଷ୍ଟ ସୂଚନା ପ୍ରାପ୍ତ ହୋଇଥାଏ ।

ଜୈନତୀର୍ଥଙ୍କର ମାନେ ୧୪ ପ୍ରକାରର ପ୍ରାଚୀନ ଜ୍ଞାନ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ଆଗମ ସୂତ୍ରରୁ ଆଚରଣ, ସାର୍ବଜନୀନ ଶ୍ରଦ୍ଧା ଏବଂ ବନ୍ଧୁତା ସମ୍ପର୍କରେ ବାସ୍ତବ ସତ୍ୟ ପ୍ରତୀତ ହୋଇଥାଏ । ଅଂଗ, ଉପାଙ୍ଗ, ମୂଳ ସୂତ୍ର ଇତ୍ୟାଦିରୁ ସମସ୍ତଙ୍କ ପ୍ରତି ଉପଯୁକ୍ତ ସମ୍ମାନ, ଆତ୍ମା କର୍ମ, ବିଶ୍ୱ, ସନ୍ନ୍ୟାସବ୍ରତର ବିଧି, ଗୃହସ୍ଥମାନଙ୍କ ପାଇଁ ନିୟମ, ଦୟା, ଅହିଂସା ଏବଂ ଅପରିଗ୍ରହ ବିଷୟ ଜଣାପଡ଼େ ।

**୩. କଳା ଏବଂ ସ୍ଥାପତ୍ୟ :** ଜୈନସନ୍ନ୍ୟାସମାନଙ୍କ ଅବସ୍ଥାନ ନିମନ୍ତେ ଭିକ୍ଷୁଗୃହ ବା ଗୁମ୍ଫା ଗୃହ ନିର୍ମାଣ କରାଯାଇଥିଲା । ଓଡ଼ିଶାର ଖଣ୍ଡଗିରି ଏବଂ ଉଦୟଗିରିର ଜୈନ ଗୁମ୍ଫା ତଥା ରାଜସ୍ଥାନର ମାଉଣ୍ଟ ଆବୁଠାରେ ଥିବା ଦିଲୱାରା ମନ୍ଦିର ଏହାର ଜ୍ୱଳନ୍ତ ଉଦାହରଣ । କର୍ଣ୍ଣାଟକର ଶ୍ରାବଣବେଲ ଗୋଲାଠାରେ ନିର୍ମିତ ଗୋମତେଶ୍ୱର ନାମକ ବାହୁବଳୀଙ୍କ ୧୨୦ ଫୁଟ ଉଚ୍ଚର ବିଶାଳ ମୂର୍ତ୍ତି ଜୈନ ଭାସ୍କର୍ଯ୍ୟଶିଳ୍ପର ଏକ ଶ୍ରେଷ୍ଠ ନିଦର୍ଶନ ଅଟେ । ଜୈନମାନଙ୍କ ଦ୍ୱାରା ନିର୍ମିତ ସ୍ତୂପଗୁଡ଼ିକ ଦ୍ୱାରବନ୍ଧ, ସ୍ତମ୍ଭ, ଛତ୍ର ଏବଂ ମୂର୍ତ୍ତି ଆଦି କରୁକାର୍ଯ୍ୟରେ ପରିପୂର୍ଣ୍ଣ ଥିଲା ।

ଯୋଧପୁର ନିକଟବର୍ତ୍ତୀ ରଣକପୁରଠାରେ ନିର୍ମିତ ଜୈନ ମନ୍ଦିର ଏବଂ ମାଉଣ୍ଟ ଆବୁର ଦିଲୱାର ମନ୍ଦିର ଅଭୂତପୂର୍ବ କାରିଗରୀ କୌଶଳର ପ୍ରମାଣ ଦିଏ । ଗୁଜୁରାଟର ପଲିତନା ମନ୍ଦିର ହେଉଛି ଜୈନମାନଙ୍କର ଶ୍ରେଷ୍ଠ ତୀର୍ଥସ୍ଥଳୀ । ଶତ୍ରୁଞ୍ଜୟ ପାହାଡ଼ ଉପରେ ନିର୍ମିତ ଏହି ମନ୍ଦିରର ବିଶାଳ ପରିସରରେ ୩୦୦୦ରୁ ଊର୍ଦ୍ଧ୍ୱ ମନ୍ଦିର ରହିଛି । ଏଠାରେ ଥିବା ମୁଖ୍ୟ ମନ୍ଦିରଟି ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭନାଥଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି ।

**୪. ରାଜନୈତିକ ପ୍ରଭାବ :** ଜୈନମାନେ ଅହିଂସାକୁ ଜୀବନର ଶ୍ରେଷ୍ଠ ବ୍ରତ ରୂପେ ପାଳନ କରିଥାନ୍ତି । ଆଧୁନିକ ଯୁଗରେ, ଗାନ୍ଧିଜୀଙ୍କ ସମେତ ଅନେକ ଜନନାୟକ ସତ୍ୟ ଏବଂ ଅହିଂସା ନୀତିକୁ ଆଦରି ନେଇଛନ୍ତି । ପୁନଶ୍ଚ, ଆମ ସଂସ୍କୃତିରେ ସତ୍ୟ ଏବଂ ଅହିଂସାର ଯଥେଷ୍ଟ ଗୁରୁତ୍ୱ ମଧ୍ୟ ରହିଛି ।

ଅତଏବ ଜୈନଧର୍ମର ବିଲୟ ଘଟିଥିଲେ ମଧ୍ୟ, ଭାରତୀୟ ସଂସ୍କୃତି ପ୍ରତି ଏହି ଧର୍ମର ଅବଦାନ ବାସ୍ତବରେ ଅତୁଳନୀୟ ।

# ବୌଦ୍ଧଧର୍ମ
# (Buddhism)

ଜୈନ ଧର୍ମପରି ବୌଦ୍ଧଧର୍ମ ଥିଲା ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀର ଅନ୍ୟତମ ଧର୍ମସଂସ୍କାର ଆନ୍ଦୋଳନ । ଏହି ଆନ୍ଦୋଳନର ନେତୃତ୍ୱ ବହନ କରିଥିଲେ ନିଜେ ଗୌତମ ବୁଦ୍ଧ । ହିନ୍ଦୁଧର୍ମ ମଧ୍ୟକୁ ପ୍ରବେଶ କରିଥିବା କୁସଂସ୍କାରଗୁଡ଼ିକର ବିଲୋପ ସାଧନ କରି ତାହାକୁ ନୂତନ ଭାବରେ ପବିତ୍ର କରି ଗଢ଼ି ତୋଳିବା ପାଇଁ ଉଦ୍ୟମ କରିଥିଲେ ।

ବୌଦ୍ଧଧର୍ମକୁ, ଜୈନଧର୍ମ ଏବଂ ହିନ୍ଦୁଧର୍ମ ମଧ୍ୟରେ ସନ୍ତୁଳନର ମାଧ୍ୟମ ବୋଲି ବିଚାର କରାଯାଇଥାଏ । ଏକଦା, ଏହା ଜନସାଧାରଣଙ୍କୁ ନମନୀୟତା ପ୍ରଦାନ କରି ବିଶ୍ୱର ବିଭିନ୍ନ ଦେଶରେ ଲୋକପ୍ରିୟତା ଅର୍ଜନ କରି ପାରିଥିଲା । ସେଥିପାଇଁ ବୁଦ୍ଧଙ୍କୁ 'ଏସିଆର ଆଲୋକ' ବୋଲି କୁହାଯାଏ ।

**୧. ଗୌତମ ବୁଦ୍ଧଙ୍କ ବାଲ୍ୟଜୀବନୀ (Early Life of Gautam Buddha) :** ଗୌତମ ବୁଦ୍ଧଙ୍କ ବାଲ୍ୟ ନାମ ଥିଲା ସିଦ୍ଧାର୍ଥ । ଖ୍ରୀ:ପୂ ୫୬୬ରେ ଆଧୁନିକ ନେପାଳର କପିଳବାସ୍ତୁ ନିକଟବର୍ତ୍ତୀ ଲୁମ୍ବିନୀ ନାମକ ଗ୍ରାମରେ ଶାକ୍ୟ ନାମ୍ନୀ ଏକ କ୍ଷତ୍ରିୟ ବଂଶରେ ସେ ଜନ୍ମଲାଭ କରିଥିଲେ । ତାଙ୍କ ପିତା ସୁଦ୍ଧୋଦନ ଥିଲେ କପିଳବାସ୍ତୁର ଶାସକ । ଗୌତମ ଜନ୍ମ ହେବାର ମାତ୍ର ସାତଦିନ ପରେ ତାଙ୍କ ମାତା ମାୟାଦେବୀଙ୍କର ମୃତ୍ୟୁ ହେବାରୁ ବିମାତା ମହାପ୍ରଜାପତି ଗୌତମୀଙ୍କ ଉପରେ ତାଙ୍କର ଲାଳନପାଳନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ।

ବାଲ୍ୟକାଳରୁ ହିଁ ଅସ୍ଥାୟୀ ସାଂସାରିକ ମୋହମାୟା ପ୍ରତି ତାଙ୍କର କୌଣସି ଆସକ୍ତି ନଥିଲା । ସେ ସଦାସର୍ବଦା ଚିନ୍ତାମଗ୍ନ ରହୁଥିଲେ । ତାଙ୍କ ମନରେ ପରିବର୍ତ୍ତନ ଆଣିବା ପାଇଁ ଶେଷରେ ପିତା ସୁଦ୍ଧୋଦନ ତାଙ୍କୁ ଯଶୋଧାରା ନାମ୍ନୀ ଜଣେ ସୁନ୍ଦରୀ ଝିଅ ସହିତ ବିବାହ ବନ୍ଧନରେ ବାନ୍ଧି ଦେଲେ । ତାଙ୍କୁ ୨୯ ବର୍ଷ ବୟସ ହୋଇଥିବାବେଳେ ସେ ଏକ ପୁତ୍ର ସନ୍ତାନର ଜନକ ହେବାର ସୌଭାଗ୍ୟ ଲାଭ କଲେ । ତାଙ୍କ ପୁତ୍ରର ନାମ ରଖା ଯାଇଥିଲା 'ରାହୁଲ' କିନ୍ତୁ ବୈବାହିକ ସୁଖ ଏବଂ ପୁତ୍ରସନ୍ତାନର ମୋହ ମଧ୍ୟ ତାଙ୍କୁ ସଂସାର ବନ୍ଧନରେ ବାନ୍ଧି ରଖି ପାରିନଥିଲା । ।

**୨. ଚାରିଗୋଟି ଦୃଶ୍ୟ : (Four sights)** ଏକଦା ରଥଚାଳକ ଛନ୍ନାଙ୍କ ସହିତ କପିଳବାସ୍ତୁର ଉପକଣ୍ଠରେ ଭ୍ରମଣ କରୁଥିବା ସମୟରେ ଗୌତମ ଚାରିଗୋଟି ଦୃଶ୍ୟ ଦେଖିଲାପରେ ସଂସାର ପ୍ରତି ଥିବା ସମସ୍ତ ମୋହମାୟା ତୁଟାଇ ଦେଇଥିଲେ । ସେହି ଚାରିଗୋଟି ଦୃଶ୍ୟ ହେଲା : ଜଣେ ବୃଦ୍ଧବ୍ୟକ୍ତି, ଜଣେ ରୋଗାକ୍ରାନ୍ତ ବ୍ୟକ୍ତି, ଏକ ଶ୍ମଶାନଗାମୀ ଶବାଧାର ଏବଂ ଜଣେ ନିର୍ଲିପ୍ତ ସନ୍ନ୍ୟାସୀ । ଜଣେ ବୃଦ୍ଧ ବ୍ୟକ୍ତିଙ୍କର ଶୋଚନୀୟ ଅବସ୍ଥା ଦେଖି ସେ ବିଚଳିତ ହେବା ସହିତ ନିଜର ପରିଣତ ଅବସ୍ଥା ବିଷୟ ଚିନ୍ତାକଲେ । ସେହିପରି ରୋଗାକ୍ରାନ୍ତ ବ୍ୟକ୍ତିଙ୍କର ଯନ୍ତ୍ରଣା ମଧ୍ୟ ତାଙ୍କ ପାଇଁ ଅସହ୍ୟ ବୋଧ ହେଲା । ଶ୍ମଶାନଧାରୀ ଶବକୁ ଦେଖି ମଧ୍ୟ ସେ ନିଜ ବିଷୟରେ ଚିନ୍ତିତ ହୋଇ ପଡ଼ିଲେ । କିନ୍ତୁ ଜଣେ ଶାନ୍ତଚେତା ସନ୍ନ୍ୟାସୀଙ୍କୁ ଦେଖିବାପରେ ସେ ସନ୍ନ୍ୟାସ ଜୀବନ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ପ୍ରଥମ ତିନିଗୋଟି ଦୃଶ୍ୟ ତାଙ୍କୁ ବିଚଳିତ କଲାବେଳେ ୪ର୍ଥ ଦୃଶ୍ୟଟି ତାଙ୍କୁ ଆକର୍ଷିତ କରିଥିଲା ।

**୩. ମହାଭିନିଷ୍କ୍ରମଣ (Great Renounciation) :** ଜରା, ବ୍ୟାଧି ଏବଂ ମୃତ୍ୟୁ ଜୀବନର ବୀରସହଚର ବୋଲି ଉପଲବ୍ଧି କଲାପରେ ଗୌତମ ସଂସାର ତ୍ୟାଗ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ । ସଂସାରର ଅସୀମ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ସନ୍ନ୍ୟାସ ବ୍ରତ ଶ୍ରେଷ୍ଠ ପନ୍ଥା ବୋଲି ତାଙ୍କର ହୃଦ୍‌ବୋଧ ହେଲା । ଏଣୁ, ୨୯ ବର୍ଷ ବୟସରେ ସେ ଚିରଦିନ ପାଇଁ ରାଜପ୍ରସାଦ ତ୍ୟାଗ କରିଥିଲେ । ଏହି ଘଟଣା 'ମହାଭିନିଷ୍କ୍ରମଣ' ନାମରେ କଥିତ ।

**୪. ଜ୍ଞାନପ୍ରାପ୍ତି :** ଉଦ୍ରକ ରାମପୁତ୍ର ଏବଂ ଆଲାର କାଲାମ ନାମକ ଦୁଇଜଣ ପଣ୍ଡିତଙ୍କଠାରୁ ପ୍ରାପ୍ତ କରିଥିବା ଜ୍ଞାନ ତାଙ୍କୁ ସନ୍ତୁଷ୍ଟ କରି ପାରିଲା ନାହିଁ । ଶେଷରେ, ସେ ଉରୁବିଲ୍ୱଠାରେ ନିରଞ୍ଜନା ନଦୀକୂଳରେ ଏକ ଅଶ୍ୱତଥ୍ ବୃକ୍ଷ ମୂଳରେ ଧ୍ୟାନମଗ୍ନ ହୋଇ ଦିବ୍ୟଜ୍ଞାନ ଲାଭ କଲେ । ସେହି ଅଶ୍ୱତଥ୍ ବୃକ୍ଷ "ବୋଧିଦ୍ରୁମ" ନାମରେ ପରିଚିତ ଏବଂ ଉରୁବିଲ୍ୱ 'ବୁଦ୍ଧଗୟା' ନାମରେ ବିଦିତ । ଜ୍ଞାନପ୍ରାପ୍ତି ପରେ ସେ 'ତଥାଗତ' ଶାକ୍ୟମୁନୀ, ବୁଦ୍ଧ ଆଦି ନାମରେ ପରିଚିତ ହେଲେ । ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ଆନନ୍ଦ, ଉପାଳି, ସାରିପୁତ୍ର ଇତ୍ୟାଦି ।

**୫. ଧର୍ମ-ଚକ୍ର-ପ୍ରବର୍ତ୍ତନ (Turning the Wheel of Law) :** ଦିବ୍ୟଜ୍ଞାନ ଲାଭ କଲାପରେ ବୁଦ୍ଧ ସାରନାଥର ମୃଗବିହାରଠାରେ ପାଞ୍ଚଜଣ ବନ୍ଧୁଙ୍କୁ ନିଜର ବାଣୀ ଶୁଣାଇଥିଲେ । ଏହି ଘଟଣା 'ଧର୍ମ-ଚକ୍ର-ପ୍ରବର୍ତ୍ତନ' ନାମରେ କଥିତ ।

**୬. ମହାପରିନିର୍ବାଣ :** ଦୀର୍ଘ ୪୫ ବର୍ଷ ଧରି ଭାରତର ବିଭିନ୍ନ ସ୍ଥାନରେ ନିଜର ବାଣୀ ପ୍ରଚାର କଲାପରେ ୮୦ ବର୍ଷ ବୟସରେ ଖ୍ରୀ:ପୂ: ୪୮୬ ରେ କୁଶୀନଗରଠାରେ ବୁଦ୍ଧ ମହାପରିନିର୍ବାଣ ଲାଭ କରିଥିଲେ । ତାଙ୍କ ବାଣୀକୁ ତ୍ରିପିଟକ ନାମକ ଗ୍ରନ୍ଥରେ ଲିପିବଦ୍ଧ କରାଯାଇଛି ।

**ବୌଦ୍ଧଧର୍ମର ନୀତିବାଣୀ :**

**୧. ଚାରି ଆର୍ଯସତ୍ୟ (Four Noble Truths) :** ବୌଦ୍ଧଧର୍ମ, ଚାରି ଆର୍ଯ୍ୟସତ୍ୟ ବା "ଚତ୍ୱାରୀ ଆର୍ଯ୍ୟ ସତ୍ୟାନୀ' ଉପରେ ପର୍ଯ୍ୟବେସିତ । ସେଗୁଡ଼ିକ ହେଲା (କ) ଜୀବନ ଦୁଃଖପୂର୍ଣ୍ଣ (ଖ) ଦୁଃଖର କାରଣ ହେଲା କାମନା ବା ଆଶା ବା ତୃଷ୍ଣା (ଗ) ଦୁଃଖର ବିନାଶ ବା ନିରୋଧ (ଘ) ଦୁଃଖ ନିରୋଧର ମାର୍ଗ ବା ପନ୍ଥା ।

ଜରା, ବ୍ୟାଧି, ମୃତ୍ୟୁ ଇତ୍ୟାଦି ଦୁଃଖ ଭୋଗକରିବା ପାଇଁ ମଣିଷ ବାଧ୍ୟ ହୋଇଥାଏ । କାମନା ଯୋଗୁଁ ମନୁଷ୍ୟକୁ ବାରମ୍ବାର ଜନ୍ମ ନେବାକୁ ପଡ଼ିଥାଏ । କାମନାର ବିନାଶ ଘଟିଲେ ଦୁଃଖର ବିନାଶ ଘଟେ । ବିଶୁଦ୍ଧ ନୀତିମୟ ଜୀବନଯାପନ ଦ୍ୱାରା ଦୁଃଖର ବିନାଶ ସମ୍ଭବପର ହୋଇଥାଏ ।

**୨. ଆର୍ଯ୍ୟଅଷ୍ଟାଙ୍ଗିକ ମାର୍ଗ (Eight Fold Path) :** ନିମ୍ନଲିଖିତ ଆଠଗୋଟି ମାର୍ଗ ଅନୁସରଣ କଲେ ଦୁଃଖର ବିନାଶ ଘଟିବା ସହିତ ପୁନର୍ଜନ୍ମରୁ ମୁକ୍ତି ମିଳିଥାଏ । ସେଗୁଡ଼ିକ ହେଲା : (କ) ସତ୍‌ବାକ୍ୟ (ଖ) ସତ୍ କର୍ମ (ଗ) ସତ୍ ସ୍ମୃତି (ଘ) ସତ୍ ଉଦ୍ୟମ (ଙ) ସତ୍ ଜୀବିକା (ଚ) ସତ୍ ସମାଧି (ଛ) ସତ୍ ଦୃଷ୍ଟି (ଜ) ସତ୍ ସଂକଳ୍ପ ।

ଉପରୋକ୍ତ ଆଠଗୋଟି ମାର୍ଗକୁ 'ମଧ୍ୟମମାର୍ଗ' ବୋଲି କୁହାଯାଇଥାଏ । ଅସ୍ଥାୟୀ ସୁଖସମ୍ପଦ ପ୍ରତି ଆସକ୍ତ ନ ହୋଇ କଠୋର ତପସ୍ୟା ତଥା ମାଧ୍ୟମ ମାର୍ଗକୁ ଆପଣେଇ ନେବା ପାଇଁ ବୁଦ୍ଧ ଉପଦେଶ ଦେଇଥିଲେ ।

**୩. ଦଶଶୀଳ ନୀତି (Ten Principles) :** ଦଶଗୋଟି ନୀତି ପାଳନ ପୂର୍ବକ ଏକ ପବିତ୍ର ଜୀବନଯାପନ ନିମନ୍ତେ ବୁଦ୍ଧ ପରାମର୍ଶ ଦେଇଥିଲେ । ସେଗୁଡ଼ିକ ହେଲା - (୧) ହିଂସା ନକରିବା (୨) ଅନ୍ୟର ସମ୍ପତ୍ତିକୁ ଲୋଭ ନ କରିବା (୩) ମିଥ୍ୟା ନକହିବା (୪) ଅସଦ୍ ଆଚରଣ ନକରିବା (୫) ମାଦକ ଦ୍ରବ୍ୟ ସେବନ ନକରିବା (୬) ପରନିନ୍ଦା ନକରିବା (୭) ବ୍ୟଭିଚାରରେ ଲିପ୍ତ ନରହିବା (୮) ଅନ୍ୟକୁ ଘୃଣା ନକରିବା (୯) ଅସମୟରେ ଭୋଜନ ନକରିବା (୧୦) ବିଳାସବ୍ୟସନ ପ୍ରତି ଆକୃଷ୍ଟନହେବା ଏବଂ ଅର୍ଥସଞ୍ଚୟ ନ କରିବା ।

**୪. ପୁନର୍ଜନ୍ମ ଏବଂ କର୍ମଫଳ :** ବୁଦ୍ଧଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତି କର୍ମ କରିବା ପାଇଁ ବାଧ୍ୟ ଅଟନ୍ତି । କର୍ମରୁ ନିଜକୁ ନିବୃତ୍ତ କରିବା ସମ୍ଭବ ନୁହେଁ । କର୍ମ ଯୋଗୁଁ ହିଁ ମନୁଷ୍ୟକୁ ବାରମ୍ବାର ଜନ୍ମ ନେବାକୁ ପଡ଼ିଥାଏ । ଉଭୟ ଇହକାଳ ଏବଂ ପରକାଳର ଜୀବନ କେବଳ କର୍ମ ଉପରେ ନିର୍ଭର କରିଥାଏ । ଏଣୁ ନିଃସ୍ୱାର୍ଥପର କର୍ମଦ୍ୱାରା ମଣିଷ ପୁନର୍ଜନ୍ମରୁ ମୁକ୍ତ ହୋଇଥାଏ ।

**୫. ନିର୍ବାଣ : ( Nirvana)** :ନିର୍ବାଣ ବା ମୋକ୍ଷପ୍ରାପ୍ତି ଜୀବନରେ ପରମ ଲକ୍ଷ୍ୟ ବୋଲି ବୁଦ୍ଧ କହିଥିଲେ । ମଣିଷ, ଦୁଃଖ ଏବଂ କାମନାଶୂନ୍ୟ ହେଲେ ତାର ମନରେ ସ୍ଥିରତା ଆସିଥାଏ । ଏହି ଅବସ୍ଥା ମଣିଷକୁ ଜନ୍ମ ଏବଂ ମୃତ୍ୟୁର ବନ୍ଧନରୁ ମୁକ୍ତ କରାଏ । ଏହାଦ୍ୱାରା ମଣିଷ ନିର୍ବାଣ ଲାଭ କରିବା ପାଇଁ ସମର୍ଥ ହୁଏ । ଏଣୁ, ବୁଦ୍ଧଙ୍କ ମତରେ ନିର୍ବାଣପ୍ରାପ୍ତି ଆତ୍ମାର ଜନ୍ମ କିମ୍ବା ମୃତ୍ୟୁ, ଜରା କିମ୍ବା ବ୍ୟାଧି, ଶୋଚନା କିମ୍ବା ଅନୁଶୋଚନା ନଥାଏ ।

**୬. ଅହିଂସା (Non -Violence)** : ପ୍ରତ୍ୟେକ ଜୀବପ୍ରତି ଦୟା ପ୍ରଦର୍ଶନ କରିବା ନିମନ୍ତେ ବୁଦ୍ଧ ଉପଦେଶ ଦେଇଥିଲେ । ସେ ଆତ୍ମାର ପବିତ୍ରତା ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲେ । ମହାବୀରଙ୍କ ପରି ବୁଦ୍ଧ କଠୋର ଅହିଂସା ନୀତି ପାଳନ ଉପରେ ଗୁରୁତ୍ୱ ପ୍ରଦାନ କରୁ ନଥିଲେ ।

**୭. ଜାତିପ୍ରଥାର ବିରୋଧ :** ପରସ୍ପର ମଧ୍ୟରେ ଥିବା ସମସ୍ତ ଦ୍ୱନ୍ଦ୍ୱକୁ ଭୁଲି ଶାନ୍ତିରେ ଜୀବନ ଅତିବାହିତ କରିବା ନିମନ୍ତେ ବୁଦ୍ଧ ଜନସାଧାରଣଙ୍କୁ ଉପଦେଶ ଦେଇଥିଲେ । ହିନ୍ଦୁ ସମାଜରେ ପ୍ରଚଳିତ ଜାତିପ୍ରଥାର ସେ ତୀବ୍ର ନିନ୍ଦା କରିଥିଲେ । ଫଳରେ, ସାମାଜିକ ତାଡ଼ନାର ଶିକାର ହୋଇଥିବା ବହୁହିନ୍ଦୁ, ବୌଦ୍ଧଧର୍ମ ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ ।

**୮. ବେଦକୁ ଅସ୍ୱୀକାର :** ମୋକ୍ଷପ୍ରାପ୍ତି ନିମନ୍ତେ ବେଦ ଏବଂ ଉପନିଷଦ ଅଧ୍ୟୟନ ଅନାବଶ୍ୟକ ବୋଲି ବୁଦ୍ଧ କହିଥିଲେ । ଧର୍ମୀୟ କ୍ରିୟାକର୍ମ, ଯଜ୍ଞ ଏବଂ ବଳିପ୍ରଥା ଆଦିର ସେ ତୀବ୍ର ବିରୋଧ କରିଥିଲେ । ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟକୁ ସେ ଅସ୍ୱୀକାର କରିଥିଲେ ।

**୯. ଈଶ୍ୱରଙ୍କ ସମ୍ପର୍କରେ ନୀରବତା :** ବୁଦ୍ଧ, ଦେବଦେବୀଙ୍କ ଅସ୍ତିତ୍ୱକୁ ସ୍ୱୀକାର କିମ୍ବା ଅସ୍ୱୀକାର କରୁ ନଥିଲେ । ଈଶ୍ୱରଙ୍କ ସ୍ଥିତି ଏବଂ ଅସ୍ଥିତିକୁ ନେଇ ସେ ସଦାସର୍ବଦା ନୀରବ ରହୁଥିଲେ ।

**୧୦. ଚରିତ୍ର ନିର୍ମାଣ ଏବଂ ନୈତିକତା ଉପରେ ଗୁରୁତ୍ୱ :** ବୁଦ୍ଧ ଉତ୍ତମ ଚରିତ୍ର ଗଠନ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସତ୍ୟ, ନିଷ୍ଠା, ଦୟା,ଅନୁକମ୍ପା, ଗୁରୁଜନମାନଙ୍କ ପ୍ରତି ଉପଯୁକ୍ତ ସମ୍ମାନ ଏବଂ ପବିତ୍ର ଜୀବନଯାପନ ଉପରେ ସେ ଅଗ୍ରାଧିକାର ଦେଉଥିଲେ ।

**ବୌଦ୍ଧସଂଘ ଏବଂ ରାଜବଂଶର ପୃଷ୍ଠପୋଷକତା :**

ବୌଦ୍ଧଭିକ୍ଷୁ ଏବଂ ଭିକ୍ଷୁଣୀମାନଙ୍କୁ ନେଇ ବୌଦ୍ଧସଂଘ ଗଠନ କରାଯାଇଥିଲା । ସେମାନେ ବୌଦ୍ଧବିହାରରେ ଅବସ୍ଥାନ ପୂର୍ବକ ପବିତ୍ର ଜୀବନଯାପନ କରୁଥିଲେ ଏବଂ ବୌଦ୍ଧଧର୍ମର ପ୍ରସାରରେ ନିୟୋଜିତ ଥିଲେ ।

ସମ୍ରାଟ ଅଶୋକ, ହର୍ଷବର୍ଦ୍ଧନ ଏବଂ କନିଷ୍କଙ୍କ ପୃଷ୍ଠପୋଷକତା ଯୋଗୁଁ ଏକଦା ବୌଦ୍ଧଧର୍ମ ଏକ ବିଶ୍ୱଧର୍ମ ରୂପେ ପରିଗଣିତ ହୋଇ ପାରିଥିଲା ।

**ବୌଦ୍ଧ ଧର୍ମାବଲମ୍ବୀଙ୍କ ମଧ୍ୟରେ ମତଭେଦ :**

ସମୟକ୍ରମେ, ଚତୁର୍ଥ ବୌଦ୍ଧ ସମ୍ମିଳନୀ ପରେ ବୌଦ୍ଧଧର୍ମାବଲମ୍ବୀଙ୍କ ମଧ୍ୟରେ ମତଭେଦ ତୀବ୍ରତର ହେବାରୁ ଦୁଇଗୋଟି ଗୋଷ୍ଠୀ ସୃଷ୍ଟି ହେଲା । ସେହି ଦୁଇଗୋଟି ଗୋଷ୍ଠୀ ହେଲା - ମହାଯାନ ଏବଂ ହିନଯାନ । ଏହି ବିଭାଜନ କାରଣରୁ ବୌଦ୍ଧଧର୍ମର ବିଲୟ କ୍ରମଶଃ ଅନିବାର୍ଯ୍ୟ ହୋଇ ପଡ଼ିଲା ।

**ଭାରତୀୟ ସଂସ୍କୃତି ପ୍ରତି ବୌଦ୍ଧଧର୍ମର ଅବଦାନ :**

ଭାରତୀୟ ସଂସ୍କୃତି, ଦର୍ଶନ, ଧର୍ମ, ଶିକ୍ଷା, ସାହିତ୍ୟ ଏବଂ କଳା ଓ ସ୍ଥାପତ୍ୟ ଉପରେ ବୌଦ୍ଧଧର୍ମର ପ୍ରଭାବ ବହୁଳ ଭାବରେ ପ୍ରତିଫଳିତ ହୋଇଅଛି ।

**୧. ସାମାଜିକ ଏବଂ ଧର୍ମୀୟ ପ୍ରଭାବ :** ବୌଦ୍ଧଧର୍ମର ନୀତିଗୁଡ଼ିକ ଥିଲା ଖୁବ୍ ସରଳ । ଏଥିରେ ଜଟିଳ କ୍ରିୟାକାଣ୍ଡ, ବଳୀ ପୂଜାପଦ୍ଧତି ଆଦିର ସ୍ଥାନ ନଥିଲା । ହିନ୍ଦୁଧର୍ମରେ ପ୍ରଚଳିତ କୁସଂସ୍କାରକୁ ବିରୋଧ କରି ଏହି ଧର୍ମର ଉତ୍ପତ୍ତି ଘଟିଥିଲା । ବୌଦ୍ଧଧର୍ମର ଅହିଂସା ନୀତି, ପଶୁବଳୀ ପ୍ରଥା ପ୍ରଚଳନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଲା ।

**୨. ଭାଷା ଏବଂ ସାହିତ୍ୟ ଉପରେ ପ୍ରଭାବ :** ପାଲି ଏବଂ ସଂସ୍କୃତ ଭାଷାର ଉତ୍‌ଥାନ ପାଇଁ ବୌଦ୍ଧଧର୍ମର ଅବଦାନ ଥିଲା ଅତୁଳନୀୟ । ତ୍ରିପିଟକ ହେଲା ଏହି ଧର୍ମର ଧର୍ମଗ୍ରନ୍ଥ । ଏହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରାଯାଇଛି, ଯଥା : ବିନୟ ପିଟକ (ଭିକ୍ଷୁ ଏବଂ ଭିକ୍ଷୁଣୀଙ୍କ ଜୀବନ ପାଇଁ ପ୍ରସ୍ତୁତ ନିୟମ), ସୂତପିଟକ (ବୁଦ୍ଧଙ୍କ ବାଣୀ) ଏବଂ ଅଭିଧର୍ମ ପିଟକ ( ବୌଦ୍ଧଧର୍ମର ଭାବାତ୍ମକ ବିଶ୍ଳେଷଣ ) । ସେହିପରି ବୌଦ୍ଧ ଜାତକରେ ବୁଦ୍ଧଙ୍କ ପୂର୍ବ ଜନ୍ମ ସମ୍ପର୍କିତ ଗଳ୍ପ ଉଲ୍ଲେଖ ରହିଛି । ପୁନଶ୍ଚ, ଜାତକରୁ ଭାରତର ତତ୍‌କାଳୀନ ସାମାଜିକ-ରାଜନୈତିକ ଅବସ୍ଥା ପ୍ରତୀତ ହୁଏ । ପାଲି ଏବଂ ସଂସ୍କୃତ ଭାଷାରେ ଲିଖିତ ଗ୍ରନ୍ଥ ଯଥା : ମହାବଂଶ,ଦ୍ୱୀପବଂଶ, ଦିବ୍ୟାବଦାନ, ଦୀର୍ଘ ନିକାୟ, ବୁଦ୍ଧଚରିତ, ମିଳିନ୍ଦ ପାହ୍ନା, ଲଳିତ ବିସ୍ତାର ଇତ୍ୟାଦିରୁ ଏହି ଧର୍ମ ସମ୍ବନ୍ଧୀୟ ଯଥେଷ୍ଟ ତଥ୍ୟ ମିଳିଥାଏ ।

**୩. ଶିକ୍ଷା :** ନାଳନ୍ଦା, ତକ୍ଷଶୀଳା ଏବଂ ବିକ୍ରମଶୀଳଠାରେ ନିର୍ମିତ ତିନିଗୋଟି ବୌଦ୍ଧବିହାରକୁ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରାଯାଇ ସେଠାରେ ତର୍କଶାସ୍ତ୍ର, ଜ୍ୟୋତିର୍ବିଦ୍ୟା, ଦର୍ଶନ, ନିଦାନ ବିଦ୍ୟା, ବୌଦ୍ଧ ଧର୍ମଶାସ୍ତ୍ର ଇତ୍ୟାଦିରେ ଶିକ୍ଷା ପ୍ରଦାନ କରାଯାଇଥିଲା । ଦେଶ ବିଦେଶରୁ ବହୁସଂଖ୍ୟକ ଛାତ୍ରମାନେ ଆସି ସେଠାରେ ଅଧ୍ୟୟନ କରୁଥିଲେ ।

**୪. କଳା ଓ ସ୍ଥାପତ୍ୟ :** ଭାରତର ବିଭିନ୍ନ ସ୍ଥାନ ଯଥା : ବୁଦ୍ଧଗୟା, ସାରନାଥ, ସାଞ୍ଚି, ଭରହୁତ, ଅମରାବତୀ, ଧଉଳି, ଜଉଗଡ଼ ଏବଂ ପୁରୁଷପୁରଠାରେ ଅସଂଖ୍ୟ ଚୈତ୍ୟ, ସ୍ତୂପ, ବିହାର, ସ୍ତମ୍ଭ ଏବଂ ଗୁମ୍ଫା ମନ୍ଦିର ନିର୍ମାଣ କରାଯାଇଥିଲା । ସମ୍ରାଟ ଅଶୋକଙ୍କ ସମୟରେ ନିର୍ମିତ ସାଞ୍ଚି ସ୍ତୂପ, ତୋରଣ ଏବଂ ବାଡ଼ ଦ୍ୱାରା ପରିବେଷ୍ଟିତ ଥିଲା

ଏବଂ ବାଡ଼ରେ ବୁଦ୍ଧଙ୍କ ଜୀବନର ଦୃଶ୍ୟଗୁଡ଼ିକୁ ଖୋଦନ କରାଯାଇଥିଲା । ଭାରତର ବିଭିନ୍ନ ସ୍ଥାନରେ ଚୈତ୍ୟ-ଗୃହ ବା ଉପାସନା କକ୍ଷ ନିର୍ମାଣ କରାଯାଇଥିଲା । ସେଗୁଡ଼ିକ ଇଟା ଏବଂ ପଥରରେ ନିର୍ମିତ ଥିଲା । ବିହାରଗୁଡ଼ିକ ଥିଲା ଭିକ୍ଷୁ ଏବଂ ଭିକ୍ଷୁଣୀମାନଙ୍କର ବାସସ୍ଥଳୀ ।

ଅଜନ୍ତା, ଏଲୋରା, ବାଘ ଇତ୍ୟାଦି ସ୍ଥାନରେ ଥିବା ବୌଦ୍ଧଚିତ୍ରକଳାକୁ ଭାରତୀୟ ସଂସ୍କୃତିର ଅମୂଲ୍ୟ ସମ୍ପଦ ରୂପେ ବିବେଚନା କରାଯାଏ । ଗାନ୍ଧାର କଳା ଏବଂ ମଥୁରାକଳା ଶୈଳୀକୁ ଅନୁକରଣ କରାଯାଇ ଭାରତରେ ଅନେକ ଗୁଡ଼ିଏ କଳାକୃତି ସୃଷ୍ଟି କରାଯାଇ ପାରିଛି ।

**୫. ବାସ୍ତବତାଠାରୁ ନିଷ୍କୃତ ଲାଭର ତତ୍ତ୍ୱ :** ବୁଦ୍ଧଙ୍କ ପ୍ରତି ଆକୃଷ୍ଟ ହୋଇ ବହୁସଂଖ୍ୟକ ଜନସାଧାରଣ ସଂସାରର ମୋହମାୟାକୁ ତୁଚ୍ଛ କରି ନିର୍ବାଣ ଅନ୍ୱେଷଣରେ ସନ୍ନ୍ୟାସ ଜୀବନପ୍ରତି ଆକୃଷ୍ଟ ହୋଇଥିଲେ । ସୁତରାଂ, ବୁଦ୍ଧ ନିଜର ବାଣୀ ପ୍ରଚାର କରିବା ଫଳରେ ଲୋକମାନଙ୍କ ମନରେ ବାସ୍ତବତାରୁ ନିଷ୍କୃତି ଲାଭ କରିବାର ଭାବନା ଉଦ୍ରେକ ହେଲା ।

**୬. ଭାରତ ଇତିହାସ ଉପରେ ପ୍ରଭାବ :** ଭାରତ ଇତିହାସ ଉପରେ ବୌଦ୍ଧଧର୍ମର ପ୍ରଭାବ ବିଶେଷ ଭାବେ ପ୍ରତିଫଳିତ ହୋଇଥିଲା । ସମ୍ରାଟ ଅଶୋକ ବୌଦ୍ଧଧର୍ମର ଅହିଂସାନୀତିରେ ଦୀକ୍ଷିତ ହୋଇ ଯୁଦ୍ଧନୀତିକୁ ପରିହାର କରିଥିଲେ । ଏହା ବିଭିନ୍ନ ରାଜା ଯଥା ଅଶୋକ, କନିଷ୍କ ଏବଂ ହର୍ଷବର୍ଦ୍ଧନଙ୍କ ପୃଷ୍ଠପୋଷକତା ଲାଭ କରି ଚୀନ, ତିବତ, ଶ୍ରୀଲଙ୍କା ତଥା ଦକ୍ଷିଣ -ଏସୀୟ ଦେଶମାନଙ୍କରେ ପ୍ରସାରଲାଭ କରି ପାରିଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ମତରେ - "ଭାରତରେ ବହୁବର୍ଷ ପୂର୍ବେ ବୌଦ୍ଧଧର୍ମର ବିଲୟ ଘଟିଥିଲେ ମଧ୍ୟ ଏହା ଏକଶତ ମାର୍ଗରେ ଭାରତୀୟ ଜୀବନଧାରାକୁ ପ୍ରଭାବିତ କରିପାରିଛି ଏବଂ ପରବର୍ତ୍ତୀ ସମୟରେ ଏହା ହିନ୍ଦୁଧର୍ମ ତଥା ଜାତୀୟ ଜୀବନ ଏବଂ ଭାବନାର ଅଂଶବିଶେଷ ହୋଇ ତିଷ୍ଠି ରହିଛି ।"

## ଆଦର୍ଶ ପ୍ରଶ୍ନାବଳୀ

୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।

କ) ଜୈନଧର୍ମର ଚତୁର୍ବିଂଶ ପ୍ରଚାରକ କିଏ ?

୧. ଋଷଭନାଥ ୨. ପାର୍ଶ୍ୱନାଥ
୩. ହେମଚନ୍ଦ୍ର ୪. ମହାବୀର

ଖ) ମହାବୀର କେଉଁ ବଂଶରେ ଜନ୍ମ ହୋଇଥିଲେ ?

୧. ଶାକ୍ୟ ୨. ଜ୍ଞାତ୍ରିକ
୩. ଲିଚ୍ଛବୀ ୪. ନନ୍ଦ

ଗ) ଓଡ଼ିଶାର କେଉଁଠାରେ ଜୈନମାନଙ୍କର ଗୁମ୍ଫା ଦେଖିବାକୁ ମିଳେ ?

୧.ଧଉଳି ୨.ଜଉଗଡ଼
୩.ଉଦୟଗିରି ୪. ରତ୍ନଗିରି

ଘ) ଗୋମଟେଶ୍ୱର ବାହୁବଳୀଙ୍କ ମୂର୍ତ୍ତି କେଉଁଠାରେ ଦେଖିବାକୁ ମିଳେ ?

୧. ଶ୍ରାବଣବେଲଗୋଲା ୨. ମାଉଣ୍ଟଆବୁ
୩. ପାବା ୪.ସାରନାଥ

ଙ) ଜୈନମାନଙ୍କର ପଲ୍ଲତନା ମନ୍ଦିର କେଉଠାରେ ନିର୍ମିତ ହୋଇଛି /

୧.ବିହାର ୨. ଉତ୍ତର ପ୍ରଦେଶ
୩. ରାଜସ୍ଥାନ ୪. ଗୁଜୁରାଟ

ଚ) ଗୌତମ ବୁଦ୍ଧ କେଉଁ ରାଜବଂଶରେ ଜନ୍ମ ହୋଇଥିଲେ ?

୧.ଶାକ୍ୟ ୨.ଜ୍ଞାତ୍ରକ
୩. ଇକ୍ଷବକ୍ଷୁ ୪. ଶିଶୁନାଗ

ଛ) ବୁଦ୍ଧ ସର୍ବପ୍ରଥମେ କେଉଁଠାରେ ତାଙ୍କର ବାଣୀ ପ୍ରଚାର କରିଥିଲେ ?

୧. ବନାରସ ୨.ସାରନାଥ
୩. ବୁଦ୍ଧଗୟା ୪. ନାଳନ୍ଦା

ଜ) ଗୌତମବୁଦ୍ଧ କେବେ ମହାପ୍ରୟାଣ ଲାଭ କରିଥିଲେ ?

୧.ଖ୍ରୀ:ପୂ: ୪୮୩ ୨. ଖ୍ରୀ: ପୂ:୪୮୫
୩. ଖ୍ରୀ:ପୂ; ୪୮୬ ୪. ଖ୍ରୀ:ପୂ: ୪୮୮

ଝ) କେଉଁ ବୃକ୍ଷ "ବୋଧଦ୍ରୁମ" ନାମରେ ପରିଚିତ ?

୧. ବରଗଛ ୨. ନିମ୍ବଗଛ

୩. ଅଶ୍ୱତଥ୍ ଗଛ ୪. ବେଲଗଛ

ଞ) କିଏ 'ଏସିଆର ଆଲୋକ' ରୂପେ ପରିଚିତ ?

୧. ମହାବୀର ୨. ଗୌତମବୁଦ୍ଧ

୩.ଆନନ୍ଦ ୪. ରାହୁଳ

**ଉତ୍ତର** : (କ) ମହାବୀର (ଖ) ଜ୍ଞାତୃକ (ଗ) ଉଦୟଗିରି (ଘ) ଶ୍ରାବଣ ବେଲଗୋଲା (ଙ) ଗୁଜୁରାଟ (ଚ) ଶାକ୍ୟ (ଛ) ସାରନାଥ (ଜ) ଖ୍ରୀ:ପୂ: ୪୮୬ (ଝ) ଅଶ୍ୱତଥ୍ (ଞ) ଗୌତମ ବୁଦ୍ଧ

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ଜୈନଧର୍ମର ପ୍ରଥମ ତୀର୍ଥଙ୍କରଙ୍କ ନାମ ଥିଲା ............ ।

ଖ) ମହାବୀର ଖ୍ରୀ:ପୂ: .............ରେ ଏବଂ ............ଠାରେ ଜନ୍ମଗ୍ରହଣ କରିଥିଲେ ।

ଗ) ମହାବୀର .............ଠାରେ ଦେହତ୍ୟାଗ କରିଥିଲେ ।

ଘ) ରାଜସ୍ଥାନର ............ଠାରେ ଦିଲୱାରା ମନ୍ଦିର ନିର୍ମାଣ କରାଯାଇଛି ।

ଙ) ଗୌତମବୁଦ୍ଧଙ୍କ ପିତା ଏବଂ ମାତାଙ୍କ ନାମ ଥିଲା ..............ଏବଂ ........... ।

ଚ) ବୁଦ୍ଧ ............. ବର୍ଷ ବୟସରେ ................ଠାରେ ମହାପରିନିର୍ବାଣ ଲାଭ କରିଥିଲେ ।

ଛ) ବୌଦ୍ଧସଂଘର ସଭ୍ୟମାନେ .............ଏବଂ ...............ନାମରେ ପରିଚିତ ଥିଲେ ।

**ଉତ୍ତର :** (କ) ଋଷଭନାଥ (ଖ) ୫୪୦ କୁଣ୍ଡଗ୍ରାମ (ଗ) ପାବା (ଘ) ମାଉଣ୍ଟଆବୁ (ଙ)ସୁଦ୍ଧୋଦନ ମାୟାଦେବୀ (ଚ) ୮୦, କୁଶୀନଗର (ଛ) ଭିକ୍ଷୁ, ଭିକ୍ଷୁଣୀ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ମହାବୀରଙ୍କ ଶିଷ୍ୟମାନେ କାହିଁକି ଜୈନ ନାମରେ ପରିଚିତ ?

ଖ) 'ଧର୍ମଚକ୍ର ପ୍ରବର୍ତ୍ତନ' କହିଲେ ତୁମେ କ'ଣ ବୁଝ ?

ଗ) ମହାବୀର କେତେବର୍ଷ ବୟସରେ ଏବଂ କେଉଁଠାରେ ଦିବ୍ୟଜ୍ଞାନ ଲାଭ କରିଥିଲେ ।

ଘ) କେଉଁ ଚାରିଗୋଟି ଦୃଶ୍ୟ ଦେଖିଲାପରେ ଗୌତମବୁଦ୍ଧ ସଂସାର ତ୍ୟାଗ କରିବା ପାଇଁ ଇଚ୍ଛା କରିଥିଲେ ?

ଙ) କେଉଁ କେଉଁ ସ୍ଥାନରେ ଜୈନ ସ୍ଥାପତ୍ୟ କୃତି ଦେଖିବାକୁ ମିଳେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ଜୈନଧର୍ମର ପଞ୍ଚ ପ୍ରତିଜ୍ଞା ।

ଖ) ସ୍ୟାଦବାଦ

ଗ) ଚାରି ଆର୍ଯ୍ୟସତ୍ୟ

ଘ) ମହାଭିନିଷ୍କ୍ରମଣ

ଙ) ମହାପରିନିର୍ବାଣ

ଚ) ନିର୍ବାଣ

ଛ) ଅହିଂସା

## ଦୀର୍ଘତମ ପ୍ରଶ୍ନ

୫. ଜୈନଧର୍ମର ନୀତିବାଣୀ ଆଲୋଚନା କର ।

୬. ଭାରତୀୟ ସଂସ୍କୃତି ଉପରେ ଜୈନଧର୍ମର ପ୍ରଭାବ ଆଲୋଚନା କର ।

୭. ବୌଦ୍ଧଧର୍ମର ନୀତିବାଣୀ ଆଲୋଚନା କର ।

୮. ଭାରତୀୟ ସଂସ୍କୃତି ଉପରେ ବୌଦ୍ଧଧର୍ମର ପ୍ରଭାବ ସମ୍ପର୍କରେ ଯାହା ଜାଣ ଲେଖ ।

## ପଞ୍ଚମ ଅଧ୍ୟାୟ

# କଳିଙ୍ଗ ଯୁଦ୍ଧ : କାରଣ ଏବଂ ଫଳାଫଳ; ମୌର୍ଯ୍ୟ ଶାସନ ପଦ୍ଧତି ।

# (Kalinga War: Causes and Results: Mauryan Administration)

### କଳିଙ୍ଗ ଯୁଦ୍ଧ

ଖ୍ରୀ:ପୂ: ୨୭୩ ରେ ମୌର୍ଯ୍ୟବଂଶର ଦ୍ୱିତୀୟ ସମ୍ରାଟ ବିନ୍ଦୁସାରଙ୍କ ମୃତ୍ୟୁବେଳକୁ ସମଗ୍ର ଭାରତୀୟ ଉପମହାଦେଶ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ ହୋଇ ସାରିଥିଲା । ଦୂରବର୍ତ୍ତୀ ଦାକ୍ଷିଣାତ୍ୟ ମଧ୍ୟ ମୌର୍ଯ୍ୟ ସାମ୍ରାଜ୍ୟରେ ସାମିଲ ହେବାପାଇଁ ମାର୍ଗ ପ୍ରସ୍ତୁତ ଥିଲା । କେବଳମାତ୍ର ପୂର୍ବ ଉପକୂଳରେ ଅବସ୍ଥିତ କଳିଙ୍ଗ, ମଗଧ ସାମ୍ରାଜ୍ୟର ବିରୋଧୀ ଭାବରେ ଉଭା ହେବା ସହିତ ଅବିଜିତ ରହିଥିଲା । ମଗଧ ସହିତ କଳିଙ୍ଗକୁ ମିଶ୍ରଣ କରିବା ପାଇଁ ବିନ୍ଦୁସାରଙ୍କ ପୁତ୍ର ଅଶୋକ ଉଦ୍ୟମ କରିଥିଲେ ।

**ସମ୍ରାଟ ଅଶୋକ :** ଅଶୋକ ଥିଲେ ମୌର୍ଯ୍ୟବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପୌତ୍ର ତଥା ସମ୍ରାଟ ବିନ୍ଦୁସାରଙ୍କ ପୁତ୍ର । ସେ ଥିଲେ ମୌର୍ଯ୍ୟବଂଶର ତୃତୀୟ ତଥା ଜଣେ ମହାନ୍ ସମ୍ରାଟ । ଖ୍ରୀପୂ: ୨୭୩ ରେ ସେ ମଗଧର ସିଂହାସନ ଆରୋହଣ କରିଥିଲେ ମଧ୍ୟ ଆଭ୍ୟନ୍ତରୀଣ ବିଶୃଙ୍ଖଳା (ଭ୍ରାତୃଯୁଦ୍ଧ) ଯୋଗୁ ଚାରିବର୍ଷ ବିଳମ୍ବରେ ଅର୍ଥାତ୍ ଖ୍ରୀ:ପୂ: ୨୬୯ ରେ ତାଙ୍କର ଅଭିଷେକ ଉତ୍ସବ ପାଳିତ ହୋଇଥିଲା । ସେ 'ଦେବାନାଂପ୍ରିୟ',ପ୍ରିୟଦର୍ଶୀ" ଏବଂ 'ଚକ୍ରବର୍ତ୍ତୀ' ଉପାଧିରେ ବିଭୂଷିତ ଥିଲେ ।

**କଳିଙ୍ଗ ଯୁଦ୍ଧ ( ଖ୍ରୀ:ପୂ: ୨୬୧) :** ଖ୍ରୀ:ପୂ: ୨୬୧ ରେ ସଂଘଟିତ କଳିଙ୍ଗ ଯୁଦ୍ଧ ଥିଲା ଭାରତ ଇତିହାସର ଏକ ପ୍ରମୁଖ ଘଟଣା । ଏକଦା, ନନ୍ଦବଂଶର ପ୍ରତିଷ୍ଠାତା ମହାପଦ୍ମନନ୍ଦ କଳିଙ୍ଗ ଅଧିକାର କରିଥିଲେ । କିନ୍ତୁ ଏହା ପୁନର୍ବାର ସ୍ୱାଧୀନ ହୋଇ ଉଠିଥିଲା । ତେବେ କଳିଙ୍ଗ ଯୁଦ୍ଧର ଆରମ୍ଭ ସହିତ ମଗଧ ସାମ୍ରାଜ୍ୟର ବିସ୍ତାର ନିମନ୍ତେ ପଥ ପରିଷ୍କାର ହେଲା ।

**କାରଣ ସମୂହ :** ନିମ୍ନଲିଖିତ କାରଣମାନ ଯୋଗୁଁ କଳିଙ୍ଗ ଯୁଦ୍ଧ ସଂଘଟିତ ହୋଇଥିବା ବିଶ୍ୱାସ କରାଯାଏ ।

**୧. ରାଜନୈତିକ କାରଣ :** ମୌର୍ଯ୍ୟ ସାମ୍ରାଜ୍ୟର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ମୌର୍ଯ୍ୟ କଳିଙ୍ଗକୁ ନିଜ ସାମ୍ରାଜ୍ୟଭୁକ୍ତ କରି ପାରିନଥିଲେ । ତାଙ୍କ ପୁତ୍ର ବିନ୍ଦୁସାର ନିଜ ଜୀବନକାଳରେ କୌଣସି ଯୁଦ୍ଧରେ ଅବତୀର୍ଣ୍ଣ ହୋଇ ନଥିଲେ । ବିନ୍ଦୁସାରଙ୍କ ପୁତ୍ର ଅଶୋକ, କଳିଙ୍ଗର ସ୍ୱାଧୀନ ଅବସ୍ଥିତିକୁ ସହ୍ୟ କରି ପାରିଲେ ନାହିଁ । କଳିଙ୍ଗକୁ ଅଧିକାର କରି ମଗଧ ସାମ୍ରାଜ୍ୟ ସହିତ ସାମିଲ କରିବା ଏକ ରାଜନୈତିକ ଆବଶ୍ୟକତା ବୋଲି ସେ ଅନୁଭବ କରି କଳିଙ୍ଗ ଆକ୍ରମଣ କଲେ । କଳିଙ୍ଗ ଯୁଦ୍ଧ ଥିଲା ତାଙ୍କ ଜୀବନର ପ୍ରଥମ ଏବଂ ଶେଷ ଯୁଦ୍ଧ ।

**୨. ଅଶୋକଙ୍କ ସାମ୍ରାଜ୍ୟବାଦ ନୀତି :** ବହୁବର୍ଷ ଧରି ଅଶୋକ ଭ୍ରାତୃଯୁଦ୍ଧରେ ଲିପ୍ତ ରହି ଚଣ୍ଡାଶୋକରେ ପରିଣତ ହୋଇଥିଲେ । ଚାଣକ୍ୟଙ୍କ ଅଖଣ୍ଡ ଭାରତବର୍ଷ ଗଠନର ସ୍ୱପ୍ନ ତାଙ୍କୁ ବ୍ୟଥିତ କଲା । ଏଣୁ, ସାମ୍ରାଜ୍ୟବାଦ ସଂକ୍ରାନ୍ତୀୟ ଭାବନାର ବଶବର୍ତ୍ତୀ ହୋଇ ଖ୍ରୀ:ପୂ: ୨୬୧ ରେ ସେ କଳିଙ୍ଗ ଆକ୍ରମଣ କଲେ ।

**୩. ଅର୍ଥନୈତିକ କାରଣ :** ନୌବାଣିଜ୍ୟ କ୍ଷେତ୍ରରେ କଳିଙ୍ଗ ଖୁବ୍ ପ୍ରତିଷ୍ଠା ଅର୍ଜନ କରିଥିଲା । କଳିଙ୍ଗର ଉପକୂଳରେ ଅନେକଗୁଡ଼ିଏ ବନ୍ଦର ଯଥା : ପଲୁର, ପିଥୁଣ୍ଡ, ତାମ୍ରଲିପି, ଇତ୍ୟାଦି ରହିଥିଲା । କଳିଙ୍ଗର ସାଧବ ପୁଅମାନେ ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କ ସହିତ ବାଣିଜ୍ୟ କାରବାର କରି ପ୍ରଚୁର ଧନରତ୍ନ ସହିତ ସ୍ୱଦେଶ ଫେରି ଆସୁଥିଲେ । ଅତଏବ

ନୌବାଣିଜ୍ୟ ଯୋଗୁଁ କଳିଙ୍ଗ ଏକ ବିଭବଶାଳୀ ରାଷ୍ଟ୍ରରେ ପରିଣତ ହୋଇ ପାରିଥିଲା । ଅପରପକ୍ଷରେ ନୌବାଣିଜ୍ୟ କ୍ଷେତ୍ରରେ ମଗଧ ପଛୁଆ ରହିଥିଲା । ଏଣୁ ଅଶୋକ କଳିଙ୍ଗର ଅର୍ଥନୈତିକ ସମୃଦ୍ଧିକୁ ସହ୍ୟ କରି ନପାରି କଳିଙ୍ଗ ଆକ୍ରମଣ କରିଥିବା ବିଶ୍ୱାସ କରାଯାଏ । ଐତିହାସିକ ତାରାନାଥଙ୍କ ମତରେ, କଳିଙ୍ଗର ନାଗମାନଙ୍କ ଦ୍ୱାରା ମଗଧରୁ ଅପହରଣ କରାଯାଇଥିବା ରତ୍ନଖଚିତ ଅଳଙ୍କାର, କଳିଙ୍ଗ ଆକ୍ରମଣ ନିମନ୍ତେ ଅଶୋକଙ୍କୁ ଉତ୍ତେଜିତ କରିଥିଲା ।

**୪. କିମ୍ବଦନ୍ତୀ ଉପରେ ଆଧାରିତ କାରଣ :** ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ କଳିଙ୍ଗର ରାଜକୁମାରୀ କାରୁବାକୀଙ୍କୁ ପତ୍ନୀରୂପେ ପାଇବା ପାଇଁ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ । ଏହି କିମ୍ବଦନ୍ତୀର ଐତିହାସିକ ସତ୍ୟତା ନଥିଲେ ମଧ୍ୟ ଅଶୋକଙ୍କର କାରୁବାକୀ ନାମ୍ନୀ ଜଣେ ସାମ୍ରାଜ୍ଞୀ ଥିବା ବିଷୟ ତାଙ୍କ ଶିଳାଲେଖରୁ ଜଣାପଡ଼େ ।

ଏହା ସତ୍ୟ ଯେ କଳିଙ୍ଗକୁ ମୌର୍ଯ୍ୟ ସାମ୍ରାଜ୍ୟଭୁକ୍ତ କରିବା ଉଦ୍ଦେଶ୍ୟରେ ଅଶୋକ ତାଙ୍କ ଅଭିଷେକ ଉତ୍ସବର ଅଷ୍ଟମବର୍ଷରେ ଅର୍ଥାତ୍ ଖ୍ରୀ:ପୂ: ୨୬୧ରେ କଳିଙ୍ଗ ଆକ୍ରମଣ କରିଥିଲେ ।

**କଳିଙ୍ଗ ଯୁଦ୍ଧର ଫଳାଫଳ :**

ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ବିଜୟୀ ହେବା ସହିତ କଳିଙ୍ଗ ଅଧିକାର କରିବା ପାଇଁ ସମର୍ଥ ହେଲେ ।ଏହି ଯୁଦ୍ଧର ପରିଣତି ଥିଲା ଅତ୍ୟନ୍ତ ହୃଦ୍ରବିଦାରକ । ଅଶୋକଙ୍କ ଶିଳାଲେଖରୁ ଜଣାପଡ଼େ ଯେ ଧଉଳି ପାହାଡ଼ ନିକଟସ୍ଥ ଦୟାନଦୀ କୂଳରେ ସଂଘଟିତ ଏହି ଯୁଦ୍ଧରେ ଏକ ଲକ୍ଷ୍ୟ ଲୋକ ବହୁତ ହେବା ସହିତ ଦେଢ଼ଲକ୍ଷ ଲୋକ ବନ୍ଦି ହୋଇଥିଲେ । ସେହିପରି ଯୁଦ୍ଧ ଯୋଗୁ ଅସଂଖ୍ୟ ଲୋକ ମଧ୍ୟ ଆହତ ହୋଇଥିଲେ ।

କଳିଙ୍ଗ ଯୁଦ୍ଧ ଅଶୋକଙ୍କ ବ୍ୟକ୍ତିଗତ ତଥା ରାଜନୈତିକ ଜୀବନର ଗତିପଥକୁ ବଦଳାଇ ଦେଇଥିଲା ବୋଲି କହିବା ଯୁକ୍ତିଯୁକ୍ତ ହେବ ।

ଯୁଦ୍ଧର କ୍ଷୟକ୍ଷତିକୁ ନେଇ ସମ୍ରାଟ ଅଶୋକ ଦୁଃଖରେ ମର୍ମାହତ ହୋଇଥିଲେ । ଏହି ଯୁଦ୍ଧର କ୍ଷୟକ୍ଷତି ଏବଂ ଧ୍ୱଂସଲୀଳା ସମ୍ବନ୍ଧରେ ଅଶୋକ ତାଙ୍କ ତ୍ରୟୋଦା ଶିଳାଲେଖରେ ଉଲ୍ଲେଖ କରିଛନ୍ତି ।

୧. କଳିଙ୍ଗ ଯୁଦ୍ଧ ଅଶୋକଙ୍କ ଆଖି ଖୋଲି ଦେଇଥିଲା ବୋଲି କୁହାଯାଇଥାଏ । ଏହି ଯୁଦ୍ଧପରେ ସେ 'ଚଣ୍ଡାଶୋକ'ରୁ 'ଧର୍ମାଶୋକ'ରେ ରୂପାନ୍ତରିତ ହେଲେ ।

୨. ଖଣ୍ଡା, ତରବାରୀର ଜୟ ପ୍ରକୃତ ଜୟ ନୁହେଁ, ବରଂ ମଣିଷର ହୃଦୟକୁ ଜୟ କରିବା ପ୍ରକୃତ ଜୟ ବୋଲି ସେ ଅନୁଭବ କଲେ ।

୩. ଯୁଦ୍ଧର ମାର୍ଗକୁ ପରିହାର କରି ଶାନ୍ତିର ମାର୍ଗକୁ ଆଦରି ନେବା ପାଇଁ ସେ ପ୍ରତିଜ୍ଞାବଦ୍ଧ ହେଲେ ।

୪. ବୌଦ୍ଧ ସନ୍ନ୍ୟାସୀ ଉପଗୁପ୍ତଙ୍କଠାରୁ ଦୀକ୍ଷା ଗ୍ରହଣ କରି ସେ ବୌଦ୍ଧଧର୍ମର ପ୍ରଚାର ପ୍ରସାରରେ ନିୟୋଜିତ ହେଲେ ।

୫. ବୌଦ୍ଧଧର୍ମକୁ ରାଷ୍ଟ୍ରୀୟ ଧର୍ମ ରୂପେ ଘୋଷଣା କରି ସେ ପ୍ରଜାମାନଙ୍କର ଶ୍ରଦ୍ଧାଭାଜନ ହେଲେ ।

୬. ଅଶୋକ ନିଜ ରାଜଦରବାରରେ ପଶୁହତ୍ୟାକୁ ନିଷେଧ କଲେ । ସେ ବିହାରଯାତ୍ରା (ଶିକାର) ପରିବର୍ତ୍ତେ ଧର୍ମଯାତ୍ରାର ଆୟୋଜନ କଲେ ।

୭. ବୌଦ୍ଧଧର୍ମକୁ ଏକ ବିଶ୍ୱଧର୍ମରେ ପରିଣତ କରିବା ଉଦ୍ଦେଶ୍ୟ ନେଇ ସେ ବାହ୍ୟ ରାଜ୍ୟମାନଙ୍କୁ ପ୍ରେମ ଏବଂ ଦୟାର ବାର୍ତ୍ତା ପ୍ରେରଣ କଲେ । ସିଂହଳ ଏବଂ ବ୍ରହ୍ମଦେଶରେ ବୌଦ୍ଧଧର୍ମର ପ୍ରସାର ନିମନ୍ତେ ସେ ନିଜର ପୁତ୍ର ମହେନ୍ଦ୍ର,

କନ୍ୟା ସଂଘମିତ୍ରା, ବୌଦ୍ଧଭିକ୍ଷୁ ଯଥା -ଶୋଣ ଏବଂ ଉତ୍ତରାଙ୍କୁ ପ୍ରେରଣ କରିଥିଲେ ।

୮. ପ୍ରଜାମାନଙ୍କ କଲ୍ୟାଣ ପାଇଁ ସେ ନିଜକୁ ଜନହିତକର କାର୍ଯ୍ୟରେ ନିୟୋଜିତ କଲେ । ତାଙ୍କ ଧଉଲି ଅନୁଶାସନରେ ଉଲ୍ଲେଖ ଅଛି ଯେ - "ସମସ୍ତ ପ୍ରଜା ମୋର ପୁତ୍ର-କନ୍ୟା ସଦୃଶ । ଏଣୁ ମୁଁ ସେମାନଙ୍କର ଇହକାଳ ଓ ପରକାଳ ସୁଖ କାମନା କରୁଛି ।

କଳିଙ୍ଗ ଅନୁଶାସନରେ ଅଶୋକ ନିଜର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ଯାଇ ଘୋଷଣା କରିଥିଲେ, ଯେ "କଳିଙ୍ଗରେ ଏପରି ଜନହିତକର କାର୍ଯ୍ୟ ସମ୍ପାଦନ କର ଯଦ୍ୱାରା କି କଳିଙ୍ଗବାସୀ ଯୁଦ୍ଧର ବିଭୀଷିକାକୁ ଭୁଲି ଯାଇପାରିବେ ।

ସୁତରାଂ ଐତିହାସିକ ଏଚ.ଜି.ୱେଲସ୍‌ଙ୍କ ମତରେ "ଅଶୋକ ହେଉଛନ୍ତି ଏକମାତ୍ର ରାଜ୍ୟଲିପ୍ସୁ ନରପତି ଯିଏକି ବିଜୟପରେ ଯୁଦ୍ଧ ଅଭିଯାନ ପରିହାର କରିଥିଲେ ।"

## ମୌର୍ଯ୍ୟ ଶାସନ ବ୍ୟବସ୍ଥା (Mauryan Administration) :

ସମ୍ରାଟ ଅଶୋକଙ୍କ ରାଜତ୍ୱ ସମୟରେ ମୌର୍ଯ୍ୟ ସାମ୍ରାଜ୍ୟ ପୂର୍ବରେ ବ୍ରହ୍ମପୁତ୍ର ନଦୀରୁ ଉତ୍ତର-ପଶ୍ଚିମରେ ହିନ୍ଦୁକୁଶ ପର୍ବତମାଳା ଏବଂ ପଶ୍ଚିମରେ ଆରବ ମହାସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପୁନଶ୍ଚ, ଏହି ସାମ୍ରାଜ୍ୟ, ଉତ୍ତରରେ ହିମାଳୟ ପର୍ବତମାଳାରୁ ଦକ୍ଷିଣରେ ପେନ୍ନାର ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କାବୁଲ, ହେରଟ୍ ଏବଂ କାନ୍ଦାହାର ଏହି ସାମ୍ରାଜ୍ୟର ଅଂଶବିଶେଷ ଥିଲା ।

ଭାରତବର୍ଷର ଅନ୍ୟତମ ମହାନ୍ ଦାର୍ଶନିକ ଚାଣକ୍ୟଙ୍କ ଲିଖିତ "ଅର୍ଥଶାସ୍ତ୍ର", ଗ୍ରୀକ ଦୂତ ମେଘାସ୍ଥିନିସ୍‌ଙ୍କ ରଚିତ 'ଇଣ୍ଡିକା' ଏବଂ ଅଶୋକଙ୍କ ସମୟର ଶିଳାଲେଖରୁ ମୌର୍ଯ୍ୟ ଶାସନପଦ୍ଧତି ସମ୍ବନ୍ଧରେ ଯଥେଷ୍ଟ ସୂଚନା ମିଳେ । ଅଶୋକଙ୍କ ଶିଳାଲେଖ ମୁଖ୍ୟତଃ ବ୍ରାହ୍ମୀଲିପି ଏବଂ ପ୍ରାକୃତ ଭାଷାରେ ଉତ୍କୀର୍ଣ୍ଣ ହୋଇଛି ।

### କେନ୍ଦ୍ର ଶାସନ ବ୍ୟବସ୍ଥା (Central Government) :

ଚାଣକ୍ୟଙ୍କ ପରାମର୍ଶକ୍ରମେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏକ ଉତ୍ତମ କେନ୍ଦ୍ରୀୟଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ । ପରବର୍ତ୍ତୀ ସମୟରେ, ସମ୍ରାଟ ଅଶୋକ ଶାସନ ପରିଚାଳନାରେ କିଛିଟା ପରିବର୍ତ୍ତନ ଆଣିଲେ ।

**୧. ସମ୍ରାଟ (King)** : ରାଜା ଥିଲେ ସମଗ୍ର ଶାସନ ବ୍ୟବସ୍ଥାର କେନ୍ଦ୍ରବିନ୍ଦୁ । ସେ ଥିଲେ ପ୍ରତ୍ୟେକ ଶାସନ ବିଭାଗର ମୁଖ୍ୟ । ମେଘାସ୍ଥିନିସ୍‌ଙ୍କ ମତରେ, ରାଜା ଥିଲେ ଅତ୍ୟନ୍ତ ପରିଶ୍ରମୀ ଏବଂ ରାଜଦରବାରରେ ସେ ଯଥେଷ୍ଟ ସମୟ ଉପସ୍ଥିତ ରହି ଶାସନକାର୍ଯ୍ୟ ସମ୍ପାଦନ କରୁଥିଲେ । ସାମ୍ରାଜ୍ୟର ନିରାପତ୍ତା ରକ୍ଷା, ଆଭ୍ୟନ୍ତରୀଣ ଶାନ୍ତି ଏବଂ ଶୃଙ୍ଖଳା ତଥା ପ୍ରଜାମାନଙ୍କର କଲ୍ୟାଣ ସାଧନ ଥିଲା ରାଜାଙ୍କର ମୁଖ୍ୟ କର୍ତ୍ତବ୍ୟ ।

**୨. ମନ୍ତ୍ରୀ ପରିଷଦ (Council of Ministers)** : ଶାସନ ରୂପକ ବ୍ୟବସାୟର ସୁପରିଚାଳନା ପାଇଁ ଏକ ମନ୍ତ୍ରୀମଣ୍ଡଳ ଗଠନ କରାଯାଇଥିଲା । ଚାଣକ୍ୟଙ୍କ ମତରେ ଯେପରି ଏକ ଯାନକୁ ଗୋଟିଏ ଚକଦ୍ୱାରା ଗତିଶୀଳ କରାଯାଇପାରେ ନାହିଁ, ସେହିପରି ଜଣେ ବ୍ୟକ୍ତିଙ୍କ ଦ୍ୱାରା ସମଗ୍ର ଶାସନକଳ ଚାଲି ପାରେନାହିଁ । ଅର୍ଥାତ୍, ମନ୍ତ୍ରୀମାନେ ଶାସନ ପରିଚାଳନାରେ ରାଜାଙ୍କୁ ସହଯୋଗ କରୁଥିଲେ । ପ୍ରଧାନମନ୍ତ୍ରୀ ଥିଲେ ମନ୍ତ୍ରୀ ପରିଷଦର ମୁଖ୍ୟ ।

ପ୍ରଧାନମନ୍ତ୍ରୀ, ପୁରୋହିତ, ସେନାପତି ଓ ଯୁବରାଜଙ୍କୁ ନେଇ ଏକ ଉପଦେଷ୍ଟାମଣ୍ଡଳୀ ଗଠିତ ହୋଇଥିଲା ।

ବିଭିନ୍ନ ବିଭାଗର ତଦାରଖ କରିବା ପାଇଁ କେତେକ ଉଚ୍ଚପଦସ୍ଥ କର୍ମଚାରୀ ବା ଅଧ୍ୟକ୍ଷ ନିଯୁକ୍ତ ଥିଲେ । ସେମାନେ ହେଲେ - (୧) ସମାହର୍ତ୍ତା (ରାଜସ୍ୱ ବିଭାଗ ମୁଖ୍ୟ)(୨) ସନ୍ନିଧାତ (ରାଜକୋଷ ମୁଖ୍ୟ) (୩) ଦ୍ୱାରିକ (ରାଜଦରବାର

ଫାଟକର ମୁଖ୍ୟ)(୪)ଅର୍ନ୍ତର୍ବେଶିକ (ଅନ୍ତପୁରର ଅଧୀକ୍ଷକ) (୫) ପ୍ରଶସ୍ତି (ବନ୍ଦିଶାଳାର ମୁଖ୍ୟ)(୬) ପ୍ରଦେଷ୍ଟା (ମଣ୍ଡଳର ମୁଖ୍ୟ) (୭) ନାୟକ (ନଗର ପାଳକ) (୮) ପୌର (ରାଜଧାନୀ ତତ୍ତ୍ୱାବଧାରକ) (୯) ବ୍ୟବହାରିକ (ଖଣି ଅଧୀକ୍ଷକ) (୧୦)ମନ୍ତ୍ରୀ ପରିଷଦାଧ୍ୟକ୍ଷ (ମନ୍ତ୍ରୀ ପରିଷଦର ତତ୍ତ୍ୱାବଧାରକ)(୧୧) ଦଣ୍ଡପାଳ (ଆରକ୍ଷୀ ବିଭାଗର ମୁଖ୍ୟ) (୧୨) ଦୁର୍ଗପାଳ (ଗୃହ ପ୍ରତିରକ୍ଷା ମୁଖ୍ୟ) (୧୩) ଅନ୍ତପାଳ (ସୀମାନ୍ତ ପ୍ରତିରକ୍ଷା ବିଭାଗ ମୁଖ୍ୟ ) ଏବଂ (୧୪) ଦୌବାରିକ (ଦ୍ୱାରପାଳ)

ସମ୍ରାଟ ଅଶୋକ ଧର୍ମ ମହାମାତ୍ର ନାମକ ଏକ ନୂତନ କର୍ମଚାରୀ ଗୋଷ୍ଠୀ ସୃଷ୍ଟି କରିଥିଲେ । ସେମାନେ ବୁଲାବୁଲି ଲୋକମାନଙ୍କ ମନରେ ଧର୍ମଭାବ ଜାଗ୍ରତ କରୁଥିଲେ ।

**ପ୍ରଶାସନିକ ବିଭାଗ :** ଉପରୋକ୍ତ କର୍ମଚାରୀମାନଙ୍କ ଠାରେ ନ୍ୟସ୍ତଥିବା ବିଭାଗଗୁଡ଼ିକ ହେଲା : କୋଷ (ରାଜକୋଷ) ଆକାର (ଖଣି); ଲୁହା (ଧାତୁ); ଲବଣ, ସୁବର୍ଣ୍ଣ, କୋଷାଗାର (ଭଣ୍ଡାରଘର); ଆୟୁଧାଗାର (ଅସ୍ତ୍ରଶସ୍ତ୍ର); ପୌତଭ (ମାପ ଏବଂ ଓଜନ); ମାନ (ସମୟ ଗଣନା); ଶୁଳ୍କକ (ବାଣିଜ୍ୟକର) ସୂତ୍ର (ବୟନଶିଳ୍ପ); ସିତା (ରାଜକୀୟ ଭୂମି କର୍ଷଣ); ସୁରା (ମାଦକ ଦ୍ରବ୍ୟ); ସୁନା (ପଶୁହତ୍ୟା); ମୁଦ୍ରା (ଭ୍ରମଣ ପାଇଁ (ଅନୁମତିପତ୍ର); ଭିଭିତା (ଗୋଚରଭୂମି); ଦ୍ୟୁତ (ଜୁଆଖେଳ); ବନ୍ଦିନିଗାର (ଜେଲ) ଗୌ (ଗାଈଗୋରୁ) ନୌ (ଜାହାଜ); ପଟାନ (ବନ୍ଦର); ରଣିକା (ରାଜ ଦରବାରରେ ଅବସ୍ଥାପିତ ମହିଳା); ସମଷ୍ଟ (ବାଣିଜ୍ୟ); ଦେବତା (ଧର୍ମାନୁଷ୍ଠାନ) ଇତ୍ୟାଦି ।

**ପ୍ରାଦେଶିକ ଶାସନ (Provincial Administration):**

ଶାସନଗତ ସୁବିଧା ନିମନ୍ତେ ମୌର୍ଯ୍ୟ ସାମ୍ରାଜ୍ୟକୁ ଚାରିଗୋଟି ପ୍ରଦେଶରେ ବିଭକ୍ତ କରାଯାଉଥିଲା । ସେଗୁଡ଼ିକ ହେଲା : ଗାନ୍ଧାର, ଅବନ୍ତୀ, ଦକ୍ଷିଣ ପଥ ଏବଂ କଳିଙ୍ଗ ।

୧. ମଗଧର ରାଜଧାନୀ ଥିଲା ପାଟଳୀପୁତ୍ର ଏବଂ ସମ୍ରାଟ ନିଜେ ସେଠାକାର ଶାସନ ବ୍ୟବସ୍ଥା ଦେଖାଶୁଣା କରୁଥିଲେ ।

୨. ଗାନ୍ଧାରର ରାଜଧାନୀ ଥିଲା ତକ୍ଷଶିଳା ।

୩.ଉଜ୍ଜୟିନୀ ଥିଲା ଅବନ୍ତୀର ରାଜଧାନୀ ।

୪. ଦକ୍ଷିଣପଥର ରାଜଧାନୀ ଥିଲା ସୁବର୍ଣ୍ଣଗିରି ।

୫. ତୋଶାଳୀ ଥିଲା କଳିଙ୍ଗର ରାଜଧାନୀ ।

ରାଜପୁତ୍ରମାନଙ୍କୁ ପ୍ରାଦେଶିକ ମୁଖ୍ୟ ଭାବରେ ନିଯୁକ୍ତ କରାଯାଉଥିଲା । ପ୍ରଦେଶିକ ମୁଖ୍ୟଙ୍କୁ କୁମାର ବା ଆର୍ଯ୍ୟପୁତ୍ର କୁହାଯାଉଥିଲା । ଅଶୋକଙ୍କ ସମୟରେ ମହାମାତ୍ର ନାମକ କର୍ମଚାରୀମାନେ କୁମାରଙ୍କୁ ଶାସନ ପରିଚାଳନାରେ ସହଯୋଗ କରୁଥିଲେ ।

**ଜିଲ୍ଲା ପ୍ରଶାସନ (District Administration ) :** ପ୍ରତ୍ୟେକ ପ୍ରଦେଶକୁ କେତୋଟି ଜିଲ୍ଲାରେ ବିଭକ୍ତ କରାଯାଇଥିଲା । ଅଶୋକଙ୍କ ସମୟର ଶିଳାଲେଖରୁ ତିନିଜଣ କର୍ମଚାରୀଙ୍କ ଦ୍ୱାରା ଜିଲ୍ଲା ଶାସନ ପରିଚାଳିତ ହୋଇଥିବା ବିଷୟ ଜଣାପଡ଼େ । ସେମାନେ ହେଲେ – ରାଜୁକ, ଯୁକ୍ତ ଏବଂ ପ୍ରାଦେଶିକ ।

୧. ଜିଲ୍ଲା ପ୍ରଶାସନର ମୁଖ୍ୟଙ୍କୁ ପ୍ରାଦେଶିକ କୁହାଯାଉଥିଲା ।

୨. ରାଜୁକ, ଜମିଜମା ମାପ, କରଧାର୍ଯ୍ୟ, ତଥ୍ୟ ଲିପିବଦ୍ଧ ଆଦି ଦାୟିତ୍ୱ ସମ୍ପାଦନ କରୁଥିଲେ ।

୩. ଯୁକ୍ତ, ରାଜସ୍ୱ ଆଦାୟ କରିବା ସହିତ ଆୟବ୍ୟୟର ହିସାବ ରଖୁଥିଲେ । ପାଞ୍ଚରୁ ଦଶ ବା ତତୋଧିକ ଗ୍ରାମକୁ ନେଇ ଏକ ଜିଲ୍ଲା ଗଠିତ ହୋଇଥିଲା ।

**ଗ୍ରାମ୍ୟ ଶାସନ (Village Adminstration):**

୧. ଗ୍ରାମ ଥିଲା ଶାସନ ବ୍ୟବସ୍ଥାର ସର୍ବଶେଷ ସଂସ୍ଥା ।

୨. ଗ୍ରାମର ମୁଖ୍ୟ ଥିଲେ ଗ୍ରାମୀକ । ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ତାଙ୍କୁ ଗ୍ରାମର ଶାସନ ପରିଚାଳନାରେ ସହଯୋଗ କରୁଥିଲେ ।

୩. ଗ୍ରାମଗୁଡ଼ିକ ଯଥେଷ୍ଟ ସ୍ୱାଧୀନତା ଉପଭୋଗ କରୁଥିଲେ । ଗ୍ରାମ ପଞ୍ଚାୟତ ସହାୟତାରେ ଗ୍ରାମୀକଙ୍କ ଦ୍ୱାରା ଗ୍ରାମର ସମସ୍ତ ଦ୍ୱନ୍ଦ୍ୱକୁ ସମାଧାନ କରାଯାଉଥିଲା ।

**ସ୍ୱାୟତ୍ତ ଶାସନ (Municipal Administration) :**

ପ୍ରତ୍ୟେକ ନଗରର ମୁଖ୍ୟଙ୍କୁ ନଗରାଧ୍ୟକ୍ଷ କୁହାଯାଉଥିଲା । ଅର୍ଥଶାସ୍ତ୍ର ଅନୁସାରେ ନଗରକ ଥିଲେ ନଗରର ଅଧ୍ୟକ୍ଷ । ଦୁଇଜଣ ଅଧସ୍ତନ କର୍ମଚାରୀ ଯଥା : ଗୋପ ଏବଂ ସ୍ଥାନିକ ତାଙ୍କୁ ଶାସନ ପରିଚାଳନାରେ ସହଯୋଗ କରୁଥିଲେ ।

ଗ୍ରୀକ୍ ଦୂତ ମେଗାସ୍ଥିନିସ୍‌ଙ୍କ ମତରେ ୩୦ ଜଣ ସଭ୍ୟବିଶିଷ୍ଟ ଏକ କମିଟି ଦ୍ୱାରା ରାଜଧାନୀ ପାଟଳୀପୁତ୍ରର ଶାସନ ପରିଚାଳିତ ହେଉଥିଲା । ପାଞ୍ଚଜଣ ଲେଖାଏଁ କର୍ମଚାରୀଙ୍କୁ ନେଇ ଛଅଗୋଟି କ୍ଷୁଦ୍ର କମିଟି ସୃଷ୍ଟି କରାଯାଇଥିଲା ।

୧. ଶିଳ୍ପୀକ କଳା ସମ୍ବନ୍ଧୀୟ ବିଷୟ ପ୍ରଥମ କମିଟିଠାରେ ନ୍ୟସ୍ତ ଥିଲା ।

୨. ବିଦେଶମାନଙ୍କୁ ସୁବିଧାସୁଯୋଗ ଯୋଗାଇବା ଥିଲା ଦ୍ୱିତୀୟ କମିଟିର କାର୍ଯ୍ୟ ।

୩. ତୃତୀୟ କମିଟି ଜନଗଣନା ନିମନ୍ତେ ଜନ୍ମମୃତ୍ୟୁର ପଞ୍ଜିକରଣ କରୁଥିଲା ।

୪. ବାଣିଜ୍ୟ ବ୍ୟବସାୟ ତଦାରଖ କରିବା ଦାୟିତ୍ୱ ୪ର୍ଥ କମିଟି ଉପରେ ନ୍ୟସ୍ତ କରାଯାଇଥିଲା ।

୫.ଉତ୍ପାଦିତ ଦ୍ରବ୍ୟର ବିକ୍ରି କରିବା ଦାୟିତ୍ୱ ପଞ୍ଚମ କମିଟିଠାରେ ନ୍ୟସ୍ତ ଥିଲା ।

୬.ଷଷ୍ଠ କମିଟି ଦ୍ୱାରା ବିଭିନ୍ନ ଦ୍ରବ୍ୟ ଉପରେ ଧାର୍ଯ୍ୟ କର ଆଦାୟ କରାଯାଇଥିଲା । କର ହାର ଥିଲା ଏକ ଦଶମାଂଶ (୧/୧୦)

**ରାଜସ୍ୱ ବ୍ୟବସ୍ଥା (Revenue System):**

କୌଟିଲ୍ୟ ରାଜକୋଷ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ତାଙ୍କ ମତରେ ସରକାରୀ ସଫଳତା ଆଢୁଆଳରେ ଥବବା ମୁଖ୍ୟ କାରଣ ହେଲା ଆର୍ଥିକ ସ୍ୱଚ୍ଛଳତା । ଜୋରିମାନା ଏବଂ ସୁଧରୁ ମଧ୍ୟ ସାମ୍ରାଜ୍ୟର ଆୟ ଅର୍ଜିତ ହେଉଥିଲା । ଭୂ-ରାଜସ୍ୱ ଥିଲା ଆୟର ମୁଖ୍ୟ ଉତ୍ସ । ଉତ୍ପାଦିତ ଦ୍ରବ୍ୟ ଉପରେ ୧/୨ ରୁ ୧/୪ ପର୍ଯ୍ୟନ୍ତ କରଧାର୍ଯ୍ୟ କରାଯାଉଥିଲା । ଜଳସେଚିତ ଜମି କ୍ଷେତ୍ରରେ ଅଧିକ ପରିମାଣର କର ଧାର୍ଯ୍ୟ କରାଯାଇଥିଲା । ଖଣି, ଜଙ୍ଗଲ, ବିଭିନ୍ନ ଉତ୍ପାଦିତ ଦ୍ରବ୍ୟ, ରାସ୍ତାଘାଟ, ନଦୀପୋଲ ଇତ୍ୟାଦିରୁ ଯଥେଷ୍ଟ ପରିମାଣର ଶୁଳ୍କ ସଂଗୃହୀତ ହେଉଥିଲା । ଏତଦ୍‌ବ୍ୟତୀତ ଜୋରିମାନା ଆକାରରେ ଏବଂ ଅନୁମତି ପତ୍ରପ୍ରଦାନରୁ କିଛି ପରିମାଣର ଅର୍ଥ ସଂଗୃହୀତ ହେଉଥିଲା । ମୁଖ୍ୟତଃ, ଦୁଇ ପ୍ରକାରର କର

ଯଥା : ଭାଗ ଏବଂ ବାଲି ପ୍ରଚଳିତ ଥିଲା । କୃଷିଜାତ ଦ୍ରବ୍ୟ ଏବଂ ପଶୁମାନଙ୍କ ଉପରେ ଧାର୍ଯ୍ୟ କରକୁ ଭାଗ କୁହାଯାଉଥିବାବେଳେ ବାଲି ଥିଲା ମୁଖ୍ୟତଃ ଏକ ଧର୍ମୀୟ କର । ରାଜସ୍ୱରୁ ସଂଗୃହୀତ ଅର୍ଥକୁ ରାସ୍ତା, ଜଳସେଚନ, ଚିକିତ୍ସାଳୟ ଆଦିର ସୁବିଧା ଯୋଗାଣରେ ଖର୍ଚ୍ଚ କରାଯାଇଥିଲା ।

**ଗୁପ୍ତଚର ବ୍ୟବସ୍ଥା (Spy System):**

ଗୁପ୍ତଚର ଏବଂ ସମ୍ବାଦଦାତାଙ୍କ ମଧ୍ୟରେ ଏକ ବିସ୍ତୃତ ସଂଯୋଗ ସ୍ଥାପନ କରାଯାଉଥିଲା । ଶତ୍ରୁ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟକଳାପ ଉପରେ ସେମାନେ କଡ଼ା ନଜର ରଖିବା ସହିତ ସମ୍ରାଟଙ୍କୁ ପ୍ରଶାସନିକ ଅବସ୍ଥା ବିଷୟରେ ଅବଗତ କରାଇଥିଲେ । କୌଟିଲ୍ୟ ସେମାନଙ୍କୁ 'ଗୁରୁଦ୍ବାପୁରୁଷ' ବୋଲି କହୁଥିଲେ । ଦୁଇ ଶ୍ରେଣୀରେ ଗୁପ୍ତଚର ଯଥା : ସ୍ଥାୟୀ ଏବଂ ଭ୍ରାମ୍ୟମାଣ ଗୁପ୍ତଚର ନିଯୁକ୍ତ ଥିଲେ । 'ମହାସାମନ୍ତ୍ୟପର୍ସପ' ନାମକ ଉଚ୍ଚପଦସ୍ଥ କର୍ମଚାରୀଙ୍କ ନିର୍ଦ୍ଦେଶରେ ଗୁପ୍ତଚର ବିଭାଗ ପରିଚାଳିତ ହେଉଥିଲା ଗୁପ୍ତଚରମାନେ ପ୍ରତ୍ୟକ୍ଷ ଭାବରେ ସମ୍ରାଟଙ୍କୁ ଶାସନ ପରିଚାଳନାଜନିତ ସମାଚାର ପ୍ରଦାନ କରୁଥିଲେ । ଗୁପ୍ତଚରମାନଙ୍କର ଗତିବିଧି ଜାଣିବା ପାଇଁ ମଧ୍ୟ ଅନ୍ୟ ଗୁପ୍ତଚରମାନଙ୍କୁ ନିୟୋଜିତ କରାଯାଇଥିଲା ।

**ନ୍ୟାୟପାଳିକା ବ୍ୟବସ୍ଥା (Judicial System) :**

ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣିଲା ପରେ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଥିଲା ରାଜାଙ୍କର କର୍ତ୍ତବ୍ୟ । ମୌର୍ଯ୍ୟ ସାମ୍ରାଜ୍ୟ ଥିଲା ସୁବିସ୍ତୃତ । ଏଣୁ ସମସ୍ତ ସମସ୍ୟା ବୁଝିବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ତେବେ ସେ ଥିଲେ ନ୍ୟାୟପାଳିକା ବିଭାଗର ମୁଖ୍ୟ । ବିଭିନ୍ନ ଅପରାଧ ପାଇଁ ପ୍ରଚଳିତ ନିୟମ ଥିଲା ଅତ୍ୟନ୍ତ କଠୋର ଏବଂ କଠୋର ଦଣ୍ଡ ମଧ୍ୟ ପ୍ରଚଳିତ ଥିଲା । କୌଟିଲ୍ୟ ଦୁଇଟି ନ୍ୟାୟାଳୟ ଯଥା : କଣ୍ଟକ ଶୋଧନ ଏବଂ ଧର୍ମସ୍ଥୀୟ ନାମ ଉଲ୍ଲେଖ କରିଛନ୍ତି ।

୧. ମୃତ୍ୟୁଦଣ୍ଡ ବ୍ୟବସ୍ଥା ପ୍ରଚଳିତ ଥିଲା ।

୨. ଛୋଟଛୋଟ ଅପରାଧ ପାଇଁ ନାସା ଛେଦନ କରାଯିବା ସହିତ ମୁଣ୍ଡବାଳକୁ ଖିଅର କରାଯାଉଥିଲା ।

**ସାମରିକ ଶାସନ (Military Administration) :**

ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଏକ ବିଶାଳ ସେନାବାହିନୀ ଗଠନ କରିଥିଲେ । ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ଏବଂ ରଥାରୋହୀଙ୍କୁ ନେଇ ତାଙ୍କ ସେନାବାହିନୀ ଗଠିତ ଥିଲା । ରୋମର ଐତିହାସିକ ପ୍ଲିନୀଙ୍କ ଲେଖାରୁ ଜଣା ପଡ଼େ ଯେ ୬ଲକ୍ଷ ପଦାତିକ, ୩୦ ହଜାର ଅଶ୍ୱାରୋହୀ ୯ହଜାର ଗଜାରୋହୀ ଏବଂ ଆଠ ହଜାର ରଥାରୋହୀଙ୍କୁ ନେଇ ମୌର୍ଯ୍ୟ ସେନାବାହିନୀ ଗଠିତ ଥିଲା । ସେହି ସମୟରେ ବ୍ୟବହୃତ ହେଉଥିବା ଅସ୍ତ୍ରଶସ୍ତ୍ର ଗୁଡ଼ିକ ଥିଲା ମୁଖ୍ୟତଃ ଧନୁତୀର, ଖଣ୍ଡା, ବର୍ଚ୍ଛା ଏବଂ ଢାଲ । ସୈନିକମାନଙ୍କୁ ମାସିକ ବେତନ ପ୍ରଦାନ କରାଯାଉଥିଲା । ସାମ୍ରାଜ୍ୟର ନିରପତ୍ତା ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଦୁର୍ଗମାନ ନିର୍ମିତ ହୋଇଥିଲା ।

ତିନିଜଣ ସଭ୍ୟ ବିଶିଷ୍ଟ ଏକ ପରିଷଦ ଦ୍ୱାରା ସାମରିକ କାର୍ଯ୍ୟାଳୟଗୁଡ଼ିକୁ ପରିଚାଳନା କରାଯାଉଥିଲା । ପରିଷଦର ପାଞ୍ଚଜଣ ଲେଖାଏଁ ସଭ୍ୟଙ୍କୁ ନେଇ ଛଅଗୋଟି ଗୋଷ୍ଠୀ ଗଠନ କରାଯାଇଥିଲା । ସେହି ଛଅଗୋଟି ଗୋଷ୍ଠୀ ଯଥାକ୍ରମେ - ନୌ-ବାଣିଜ୍ୟ, ପରିବହନ ଏବଂ ରପ୍ତାନୀ, ପଦାତିକ, ଅଶ୍ୱାରୋହୀ, ରଥାରୋହୀ ଏବଂ ଗଜାରୋହୀ ବିଭାଗର ପରିଚାଳନା କରୁଥିଲେ ।

ସୁତରାଂ ,ଐତିହାସିକ ମୋରଲାଣ୍ଡ ଏବଂ ଚାଟାର୍ଜୀଙ୍କ ମତରେ ମୌର୍ଯ୍ୟ ଶାସନ ପଦ୍ଧତି ସୁବିସ୍ତୃତ ଏବଂ ସୁସଂଗଠିତ ଥିଲା । ଅନ୍ୟତମ ଐତିହାସିକ ଆର୍. ସି. ମଜୁମ୍‌ଦାରଙ୍କ ମତରେ ମୌର୍ଯ୍ୟ ଶାସନ ସମୟରେ ପ୍ରଶାସନିକ ଦକ୍ଷତା ସହିତ ଶାନ୍ତି, ସମୃଦ୍ଧି ଏବଂ ଜନସାଧାରଣଙ୍କ ତୃପ୍ତି ପ୍ରତିବିମ୍ବିତ ହୋଇଥିଲା ।

## ଆଦର୍ଶ ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

କ) କେବେ ଅଶୋକଙ୍କ ଅଭିଷେକ ଉତ୍ସବ ପାଳିତ ହୋଇଥିଲା ?

୧. ଖ୍ରୀ:ପୂ: ୨୭୩ ୨. ଖ୍ରୀ:ପୂ: ୨୬୯

୩. ଖ୍ରୀ:ପୂ: ୨୬୬ ୪. ଖ୍ରୀ:ପୂ: ୨୬୧

ଖ) ଅଶୋକ କେବେ କଳିଙ୍ଗ ଆକ୍ରମଣ କରିଥିଲେ ?

୧. ଖ୍ରୀ:ପୂ: ୨୬୧ ୨.ଖ୍ରୀ:ପୂ: ୨୫୯

୩. ଖ୍ରୀ:ପୂ: ୨୫୧ ୪. ଖ୍ରୀ:ପୂ: ୨୩୨

ଗ) କିଏ କହିଥିଲେ, “ସମସ୍ତ ମନୁଷ୍ୟମାନେ ମୋର ସନ୍ତାନ ସଦୃଶ” ।

୧. ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ୨. ବିନ୍ଦୁସାର

୩. ଅଶୋକ ୪. ଚାଣକ୍ୟ

ଘ) କିଏ ଅଶୋକଙ୍କୁ ବୌଦ୍ଧଧର୍ମରେ ଦିକ୍ଷିତ କରିଥିଲେ ?

୧. ଆନନ୍ଦ ୨. ଉପାଳି

୩. ଚାଣକ୍ୟ ୪. ଉପଗୁପ୍ତ

ଙ) ପାଟଳୀପୁତ୍ର ପୌର ପରିଷଦକୁ କେତେ ଭାଗରେ ବିଭକ୍ତ କରାଯାଇଥିଲା ?

୧. ୫ ୨. ୬

୩. ୭ ୪. ୮

ଚ) ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ ରାଜସ୍ୱ ବିଭାଗର ମୁଖ୍ୟଙ୍କୁ କ’ଣ କୁହାଯାଉଥିଲା ?

୧. ପୁରୋହିତ ୨. ସମହର୍ତ୍ତ

୩. ସନ୍ନିଧାତ ୪. ଦ୍ୱାରିକ

ଛ) ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ ଆରକ୍ଷୀ ବିଭାଗର ମୁଖ୍ୟଙ୍କୁ କ’ଣ କୁହାଯାଉଥିଲା ?

୧. ଅନ୍ତପାଳ ୨. ଦୁର୍ଗପାଳ

୩. ଦଣ୍ଡପାଳ ୪. ନାୟକ

ଜ) ଅଶୋକଙ୍କ ଶାସନ ସମୟରେ ତୋଶାଳୀ କେଉଁ ରାଜ୍ୟର ରାଜଧାନୀ ଥିଲା ?

୧. କଳିଙ୍ଗ ୨. ଅବନ୍ତି

୩. ମଗଧ ୪. ଗାନ୍ଧାର

ଝ) ମୌର୍ଯ୍ୟ ଶାସନ ସମୟରେ ଆଦାୟ କରାଯାଉଥିବା ଧର୍ମୀୟ କରର ନାମ କ'ଣ ଥିଲା ?

୧. ଭାଗ ୨. ବାଲି

୩. ଉସର ୪. ହିରଣ୍ୟ

ଞ) ମୌର୍ଯ୍ୟ ଯୁଗରେ ରାଜକୋଷର ମୁଖ୍ୟଙ୍କୁ କ'ଣ କୁହାଯାଉଥିଲା ?

୧.ସନ୍ନିଧାତ ୨.ବ୍ୟବହାରିକ

୩. ନୌବାରିକ ୪. ଅନ୍ତର୍ବେଶିକ

ଉତ୍ତର : (କ) ଖ୍ରୀ:ପୂ: ୨୬୯(ଖ) ଖ୍ରୀ:ପୂ: ୨୬୧ (ଗ) ଅଶୋକ (ଘ) ଉପଗୁପ୍ତ(ଙ) ୬ (ଚ) ସମହର୍ତ୍ତ (ଛ) ଦଣ୍ଡପାଳ (ଜ) କଳିଙ୍ଗ (ଝ) ବାଲି (ଞ) ସନ୍ନିଧାତ

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ସିଂହାସନ ଆରୋହଣର............. ବର୍ଷରେ ଅଶୋକ କଳିଙ୍ଗ ଆକ୍ରମଣ କରିଥିଲେ ।

ଖ) ମୌର୍ଯ୍ୟ ଶାସନ ବ୍ୟବସ୍ଥାରେ............ ଥିଲେ ଶାସନର କେନ୍ଦ୍ରବିନ୍ଦୁ ।

ଗ) .................ଥିଲା ଉଜ୍ଜୟିନୀର ରାଜଧାନୀ ।

ଘ) ମୌର୍ଯ୍ୟ ଶାସନ ସମୟରେ କୃଷି ଉତ୍ପାଦନ ଉପରେ ଧାର୍ଯ୍ୟ କରକୁ .......... କୁହାଯାଉଥିଲା ।

ଙ) ..............ଙ୍କ ନିର୍ଦ୍ଦେଶରେ ଗୁପ୍ତଚର ବିଭାଗ ପରିଚାଳିତ ହେଉଥିଲା ।

ଉତ୍ତର : (କ) ଦ୍ୱାଦଶ (ଖ) ରାଜା (ଗ) ତକ୍ଷଶିଳା (ଘ) ଭାଗ (ଙ)ମହାସାମନ୍ତ୍ୟପର୍ସପ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) କେଉଁମାନଙ୍କୁ ନେଇ ମୌର୍ଯ୍ୟ ସମ୍ରାଟଙ୍କ ପରାମର୍ଶଦାତା ପରିଷଦ ଗଠିତ ହୋଇଥିଲା ?

ଖ) ଭାଗ, କ'ଣ ଏବଂ କେଉଁ ଅନୁପାତରେ ଏହାକୁ ଆଦାୟ କରାଯାଉଥିଲା ?

ଗ) କେଉଁ କେଉଁ ତଥ୍ୟଗୁଡ଼ିକରୁ ମୌର୍ଯ୍ୟ ଶାସନ ପଦ୍ଧତି ଜଣା ପଡ଼ିଯାଏ ?

ଘ) ଅଶୋକଙ୍କ ଅଭିଷେକ ଉତ୍ସବ କାହିଁକି ବିଳମ୍ବିତ ହୋଇଥିଲା ? ସେ କେଉଁ ଉପାଧି ଗ୍ରହଣ କରିଥିଲେ ?

ଙ) ଅଶୋକଙ୍କ ସମୟରେ କେଉଁ କେଉଁ କର୍ମଚାରୀମାନେ ଜିଲ୍ଲା ଶାସନକ୍ଷେତ୍ରରେ ନିୟୋଜିତ ଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ମୌର୍ଯ୍ୟ ବିଚାର ବ୍ୟବସ୍ଥା ।

ଖ) ପାଟଳୀପୁତ୍ରର ପୌର ଶାସନ ।

ଗ) କାରୁବାକୀ କିମ୍ବଦନ୍ତୀ ।

ଘ) ମୌର୍ଯ୍ୟ ଯୁଗର ଗ୍ରାମ୍ୟ ଶାସନ ବ୍ୟବସ୍ଥା ।

ଙ) ମୌର୍ଯ୍ୟ ଶାସନ ସମୟରେ ଗୁପ୍ତଚର ବିଭାଗ ।

**ଦୀର୍ଘତମ ପ୍ରଶ୍ନ**

୫. କଳିଙ୍ଗଯୁଦ୍ଧର କାରଣ ଏବଂ ଫଳାଫଳ ସଂକ୍ଷେପରେ ଉଲ୍ଲେଖ କର ।

୬. ମୌର୍ଯ୍ୟ ଶାସନ ଉପରେ ଆଲୋକପାତ କର ।

**ଷଷ୍ଠ ଅଧ୍ୟାୟ**

# ଗୁପ୍ତଯୁଗର ସାଂସ୍କୃତିକ ଅଭିବୃଦ୍ଧି
# (Cultural Attainments of theGupta Age)
## ସାହିତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଦର୍ଶନ, କଳା ଏବଂ ସ୍ଥାପତ୍ୟ ଓ ଧର୍ମ
## (Literature, Science, Technology, Philosophy, Art and Architecture and Religion)

ଖ୍ରୀ:ପୂ: ୧୮୫ରେ ମୌର୍ଯ୍ୟ ବଂଶର ଶେଷ ସମ୍ରାଟ ବିହଦ୍ରଥଙ୍କୁ ତାଙ୍କର ସେନାପତି ପୁଷ୍ୟମିତ୍ର ସୁଙ୍ଗ ହତ୍ୟା କଲାପରେ ମଗଧରେ ମୌର୍ଯ୍ୟ ଶାସନର ଅବସାନ ଘଟିଥିଲା । ମୌର୍ଯ୍ୟ ଶାସନର ସମାପ୍ତିପରେ ଭାରତରେ କ୍ଷୁଦ୍ରକ୍ଷୁଦ୍ର ରାଜ୍ୟର ଉତ୍‌ଥାନ ଦେଖିବାକୁ ମିଳିଲା । ଶକ, କୁଶାଣ ଆଦି ବିଦେଶୀ ଜାତି ଖୁବ୍ ପ୍ରଭାବଶାଳୀ ହୋଇ ଉଠିଲେ । ଫଳରେ, ଭାରତର ରାଜନୈତିକ ଦିଗ୍‌ବଳୟରେ ଅରାଜକତା ଏବଂ ବିଶୃଙ୍ଖଳାର କଳାବାଦଲ ଘୋଟିଆସିଲା ।

ରାଜନୈତିକ ଏକତା ଏବଂ ଅଖଣ୍ଡତା ସମ୍ପୂର୍ଣ୍ଣରୂପେ ବ୍ୟାହତ ହେଲା । ଧନଜୀବନ ମଧ୍ୟ ବିପନ୍ନ ହୋଇପଡ଼ିଲା । ଶେଷରେ ୩୨୦ ଖ୍ରୀଷ୍ଟାବ୍ଦରେ ଗୁପ୍ତବଂଶର ଉତ୍‌ଥାନ ଫଳରେ ଭାରତରେ ରାଜନୈତିକ ଏକତା ଏବଂ ସ୍ଥିରତା ପ୍ରତିଷ୍ଠା ନିମନ୍ତେ ପଥ ପରିଷ୍କାର ହେଲା ।

ଗୁପ୍ତବଂଶର ରାଜା୨୪୦ ଖ୍ରୀଷ୍ଟାବ୍ଦରୁ ୫୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଶାସନ କରିଥିଲେ । ଗୁପ୍ତ ଶାସନର ପ୍ରତିଷ୍ଠାତା ଥିଲେ ଶ୍ରୀଗୁପ୍ତ । ଏହି ବଂଶର ପ୍ରଥମ ପ୍ରତିଭାଶାଳୀ ଶାସକ ଥିଲେ ପ୍ରଥମ ଚନ୍ଦ୍ରଗୁପ୍ତ ଏବଂ ୩୨୦ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କଲାପରେ ସେ 'ମହାରାଜାଧିରାଜ' ଉପାଧିରେ ବିଭୂଷିତ ହୋଇଥିଲେ । ତାଙ୍କୁ ଗୁପ୍ତ ଶାସନର ପ୍ରକୃତ ପ୍ରତିଷ୍ଠାତା ରୂପେ ବିବେଚନା କରାଯାଇଥାଏ । ଏହି ବଂଶର ଅନ୍ୟ ଦୁଇ ମହାନ୍ ସମ୍ରାଟ ଥିଲେ ସମୁଦ୍ରଗୁପ୍ତ ଏବଂ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବା ବିକ୍ରମାଦିତ୍ୟ ।

**ଉପାଦାନ :** ଚୀନ ପରିବ୍ରାଜକ ଫାହିୟାନ୍‌ଙ୍କ ବିବରଣୀ, କାଳିଦାସଙ୍କ ରଚିତ ନାଟକ ଏବଂ କାବ୍ୟ, ଆଲ୍ଲାହାବାଦ ପ୍ରଶସ୍ତି,ଦେଓଗଡ଼ ମନ୍ଦିର କାନ୍ଥରେ ଥିବା ଖୋଦିତ ଲେଖ, ମୁଦ୍ରା, ମଥୁରା ପ୍ରସ୍ତର ଅନୁଶାସନ, ଜୁନାଗଡ଼ ପ୍ରସ୍ତର ଅଭିଲେଖ, ବିଶାଖାଦତ୍ତଙ୍କ ରଚିତ ନାଟକ 'ମୁଦ୍ରା ରାକ୍ଷସ' ଏବଂ 'ଦେବୀ ଚନ୍ଦ୍ରଗୁପ୍ତମ୍' ଇତ୍ୟାଦିରୁ ଗୁପ୍ତ ଶାସନ ସମ୍ବନ୍ଧରେ ଯଥେଷ୍ଟ ତଥ୍ୟ ପ୍ରାପ୍ତ ହୋଇଛି ।

ସାଂସ୍କୃତିକ ଅଭିବୃଦ୍ଧି : ଗୁପ୍ତ ଯୁଗ ଥିଲା, ଶାନ୍ତି, ପ୍ରଗତି, ସୃଜନ ଶକ୍ତି ଏବଂ ଅଭୂତପୂର୍ବ ସାଂସ୍କୃତିକ ବିକାଶର ଯୁଗ । ସାଂସ୍କୃତିକ ବିକାଶକୁ ପାଥେୟ କରି ଏହି ଯୁଗକୁ ସୁବର୍ଣ୍ଣଯୁଗ ରୂପେ ଚିତ୍ରର କରାଯାଇଛି । ଏହି ଯୁଗରେ ସାମାଜିକ ଶାନ୍ତି, ଅର୍ଥନୈତିକ ପ୍ରଗତି, ବାହ୍ୟ ଆକ୍ରମଣର ଅନୁପସ୍ଥିତି ସହିତ କଳା, ସାହିତ୍ୟ, ଚିତ୍ରକଳା, ସ୍ଥାପତ୍ୟ, ବିଜ୍ଞାନ, ବୈଷୟିକ ବିଦ୍ୟା, ଦର୍ଶନ, ଧର୍ମ ଆଦି କ୍ଷେତ୍ରରେ ନାହିଁ ନଥିବା ବିକାଶ ସାଧିତ ହୋଇଥିଲା ।

ସାମାଜିକ ଅବସ୍ଥା : ଗୁପ୍ତ ସାମ୍ରାଜ୍ୟରେ ସାମାଜିକ ଶାନ୍ତି ପ୍ରତିବିମ୍ବିତ ହୋଇଥିଲା । ଫାହିୟାନ୍‌ଙ୍କ ବିବରଣୀରୁ ପ୍ରତୀତ ହୁଏ ଯେ ଭାରତର ଜନସାଧାରଣ ଥିଲେ ଅତ୍ୟନ୍ତ ସରଳ, ପବିତ୍ର, ଭଦ୍ର ତଥା କଠୋର ପରିଶ୍ରମୀ । ଚୋରି, ଡ଼କାୟତିର ଭୟ ନଥିଲା । ତେଣୁ ଲୋକମାନେ ସୁଖ ସମୃଦ୍ଧି ମଧ୍ୟରେ ଜୀବନ ଅତିବାହିତ କରୁଥିଲେ ।

**ଜାତିପ୍ରଥା :** ସମାଜରେ ପ୍ରଚଳିତ ଜାତିପ୍ରଥା କଠୋର ନଥିଲା । ଜାତିକୁ ଆଧାର କରି ଜୀବିକା ଚୟନ କରାଯାଉ ନଥିଲା । ଦୃଷ୍ଟାନ୍ତ ସ୍ୱରୂପ, ଜଣେ ବ୍ରାହ୍ମଣ, କ୍ଷତ୍ରିୟର କର୍ମ କରିବା ପାଇଁ ସମର୍ଥ ହୋଇପାରୁଥିଲେ । ଚଣ୍ଡାଳମାନେ ଅସ୍ପୃଶ୍ୟ ରୂପେ ପରିଗଣିତ ହେଉଥିଲେ ।

**ନାରୀର ସ୍ଥାନ :** ଯୌଥ ପରିବାର ବ୍ୟବସ୍ଥା ଥିଲା ସମାଜର ଏକ ଅଂଶ । ନାରୀମାନଙ୍କର ସ୍ଥାନ ଖୁବ୍ ଉଚ୍ଚରେ ରହିଥିଲା । ସମାଜରେ ପରଦା ପ୍ରଥା ପ୍ରଚଳିତ ଥିଲା । ପ୍ରାୟତଃ, ଦାସତ୍ୱ ପ୍ରଥା ପ୍ରଚଳିତ ନଥିଲା ।

**ସାଧାରଣ ଅବସ୍ଥା :** ଗୁପ୍ତଯୁଗର ଲୋକମାନେ ଥିଲେ ସାଧାରଣତଃ ନିରାମିଷାଶୀ । ନୀଚ ଜାତିର ଲୋକମାନେ ଆମିଷ ଦ୍ରବ୍ୟ ଭକ୍ଷଣ କରୁଥିଲେ । ମନୋରଂଜନର ସୁବିଧା ଉପଲବ୍ଧ ଥିଲା । ସାମାଜିକ ଶାନ୍ତି ସହିତ ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ପ୍ରଗତି ଥିଲା ଗୁପ୍ତଯୁଗର ବିଶେଷତ୍ୱ ।

**ସଂସ୍କୃତ ସାହିତ୍ୟ (Sanskrit Literature) :** ଗୁପ୍ତଯୁଗରେ ସଂସ୍କୃତ ଭାଷାକୁ ସରକାରୀ ଭାଷାର ମାନ୍ୟତା ପ୍ରଦାନ କରାଯାଇଥିଲା । ଏହି ଭାଷାରେ ସେହି ସମୟର ଅନୁଶାସନଗୁଡ଼ିକ ଉତ୍କୀର୍ଣ୍ଣ ହୋଇଥିଲା । ବହୁ ସଂଖ୍ୟକ ବିଦ୍ୱାନ୍, କବି, ନାଟ୍ୟକାର ଇତ୍ୟାଦି ଗୁପ୍ତ ସମ୍ରାଟମାନଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ଏହାଦ୍ୱାରା ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି ସମ୍ଭବପର ହୋଇପାରିଥିଲା । ନଅଜଣ ବିଶିଷ୍ଟ ପଣ୍ଡିତ ଯଥା : କାଳିଦାସ, ବରାହମିହିର, ବେତାଳଭଟ୍ଟ, ଘଟକର୍ପୁର, ବରୁ୍ ରୁଚି, ଧନ୍ୱନ୍ତରି, କ୍ଷପଣକ, ଶଙ୍କୁ ଏବଂ ଅମର ସିଂ, ଗୁପ୍ତ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବା ବିକ୍ରମାଦିତ୍ୟଙ୍କ ରାଜ ଦରବାର ମଣ୍ଡନ କରିଥିଲେ ।

**୧. କାଳିଦାସ :** ସଂସ୍କୃତ ସାହିତ୍ୟର ଜଣେ ଅଦ୍ୱିତୀୟ ଏବଂ ଅପ୍ରତିଦ୍ୱନ୍ଦ୍ୱୀ କବି ଏବଂ ନାଟ୍ୟକାର ରୂପେ କାଳିଦାସ ସୁପରିଚିତ ଥିଲେ । ତାଙ୍କୁ ସଂସ୍କୃତ ସାହିତ୍ୟର ସେକ୍ସପିଅର ରୂପେ ବିବେଚନା କରାଯାଇଥାଏ । ତାଙ୍କ ରଚିତ ଚାରିଗୋଟି କାବ୍ୟ ହେଲା – 'କୁମାର ସମ୍ଭବମ୍' 'ରଘୁବଂଶମ୍' 'ମେଘଦୂତମ୍' ଏବଂ 'ଋତୁସଂହାର' ।

ମେଘଦୂତ ନାଟକରେ ବିରହୀ ଯକ୍ଷ ତାଙ୍କର ପ୍ରେମିକା ନିକଟକୁ ବାର୍ତ୍ତାବହ ଭାବରେ ଯିବାପାଇଁ ମେଘକୁ ଅନୁରୋଧ କରିଛନ୍ତି । ସେହିପରି, 'କୁମାର ସମ୍ଭବମ୍' ରେ ଶିବଙ୍କ ପୁତ୍ର କୁମାରଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । 'ରଘୁବଂଶମ୍' ରେ ରଘୁକୁଳ ତିଳକ ତଥା ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ରଙ୍କ ସମ୍ପର୍କୀୟ ତଥ୍ୟ ଏବଂ 'ଋତୁସଂହାର' ରେ ଷଡ଼ଋତୁ ବିଷୟ ଉଲ୍ଲେଖ ଅଛି ।

ଜଣେ ନାଟ୍ୟକାର ଭାବେ ମଧ୍ୟ କାଳିଦାସ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ । ସେ ତିନୋଟି ନାଟକ ଯଥା 'ଶକୁନ୍ତଳା' ରାଜା ଦୁଷ୍ମନ୍ତ ଏବଂ ଶକୁନ୍ତଳାଙ୍କ ମିଳନ ଏବଂ ବିଚ୍ଛେଦ ଉପରେ ଆଧାରିତ ।

**୨. ବିଶାଖାଦତ୍ତ :** ଗୁପ୍ତଯୁଗରେ ରଚିତ ତିନିଗୋଟି ନାଟକ ଯଥା : 'ମୁଦ୍ରା ରାକ୍ଷସ', 'ଦେବୀଚନ୍ଦ୍ରଗୁପ୍ତମ୍' ଏବଂ 'ଅଭିସାରିକା ବଞ୍ଚିତମ୍' ଥିଲା ବିଶାଖାଦତ୍ତଙ୍କ ସୃଷ୍ଟି ।

**୩. ଶୁଦ୍ରକ :** ଶୁଦ୍ରକ 'ମୃଚ୍ଛକଟିକମ୍' ନାମରେ ଏକ ନାଟକ ରଚନା କରିଥିଲେ । ଏହା ତତ୍କାଳୀନ ସାମାଜିକ ଏବଂ ଆର୍ଥିକ ଅବସ୍ଥାକୁ ପ୍ରତିବିମ୍ବିତ କରାଇଥାଏ ।

**୪. ବୀରସେନ ଶାବା :** ରାଜା ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ରାଜଦରବାର ମଣ୍ଡନ କରିଥିବା କବି ବୀରସେନ ଶାବା, 'ଉଦୟଗିରି ଅଭିଲେଖ' ରଚନା କରିଥିଲେ ।

**୫. ମାଘ :** ମାଘ, 'ଶିଶୁପାଳବଧମ୍' ନାମକ କାବ୍ୟ ରଚନା କରିଥିଲେ ।

**୬. ଭାରବୀ :** ଭାରବୀ ଥିଲେ 'କିରାତାର୍ଜୁନୀୟମ୍'ର ସ୍ରଷ୍ଟା ।

**୭.ଭଟ୍ଟି :** 'ଭଟ୍ଟିକାବ୍ୟ' ବା 'ରାବଣ ବଧ' ଥିଲା ଭଟ୍ଟିଙ୍କ ସୃଷ୍ଟି ।

**୮. ଭର୍ତ୍ତୃହରିଙ୍କ ରଚିତ ତିନୋଟି କାବ୍ୟ ଥିଲା :** 'ଶୃଙ୍ଗାରଶତକ', 'ନୀତିଶତକ' ଏବଂ 'ବୈରାଗ୍ୟଶତକ'

**୯. ଦଣ୍ଡିନୀ :** ଦଣ୍ଡିନୀଙ୍କ ରଚିତ ଦୁଇଗୋଟି ମୁଖ୍ୟଗ୍ରନ୍ଥ ଥିଲା, 'କାବ୍ୟାଦର୍ଶ' ଏବଂ 'ଦଶକୁମାର ଚରିତ' ।

**୧୦. ବିଷ୍ଣୁଶର୍ମା :** ବିଷ୍ଣୁଶର୍ମାଙ୍କ ଲିଖିତ 'ପଞ୍ଚତନ୍ତ୍ର'ରେ ଜୀବନର ସଫଳତା ପାଇବା ପାଇଁ ପାଞ୍ଚଗୋଟି ମାର୍ଗ ଅନୁସରଣ କରିବା ବିଷୟ ଉଲ୍ଲେଖ ଅଛି ।

**୧୧. ସୁବନ୍ଧୁ :** ସୁବନ୍ଧୁଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି ଥିଲା 'ବାସବଦତ୍ତା' ।

**୧୨. ଗୁଣାଢ୍ୟ :** ଗୁଣାଢ୍ୟ ବୃହତ୍‌କଥା ଲେଖିଥିଲେ ।

**୧୩.ଭାଷ :** ଭାଷ, 'ଉରୁଭଙ୍ଗ' 'ଅଭିଷେକ' ଏବଂ 'ସ୍ୱପ୍ନବାସଦତ୍ତା' ଆଦି ନାଟକ ରଚନା କରିଥିଲେ ।

**୧୪. ମାଘ :** ମାଘ. 'ଶିଶୁପାଳବଧମ୍' ନାମରେ ଏକ କାବ୍ୟ ରଚନା କରିଥିଲେ ।

**୧୫. ଭୌମକ :** ଭୌମକ, ରାବଣାର୍ଜୁନୀୟମ୍' ନାମରେ ଏକ କାବ୍ୟ ରଚନା କରିଥିଲେ ।

**୧୬. ଚନ୍ଦ୍ରଗୋମିନ :** ଚନ୍ଦ୍ରଗୋମିନ୍ ସଂସ୍କୃତ ଭାଷାରେ "ଚନ୍ଦ୍ର ବ୍ୟାକରଣ" ଲେଖିଥିଲେ ।

**୧୭. ଅମର ସିଂ :** ଅମର ସିଂ "ଅମରକୋଷ" ନାମରେ ଏକ ଅଭିଧାନ ଲେଖିଥିଲେ ।

**୧୮. ଭାରତୀୟ ନେପୋଲିୟନ୍ :** ଭାରତୀୟ ନେପୋଲିୟନ୍ ଭାବେ ପରିଚିତ ସମ୍ରାଟ ସମୁଦ୍ରଗୁପ୍ତ ଖୁବ୍ ସଂଗୀତପ୍ରିୟ ଥିଲେ ଏବଂ ସେ 'କବିରାଜ' ନାମରେ ପରିଚିତ ଥିଲେ । ତାଙ୍କ ରାଜଦରବାରରେ ମଣ୍ଡନ କରିଥିବା କବି ହରିସେନ 'ଆଲ୍ଲାହାବାଦ ପ୍ରଶସ୍ତି' ରଚନା କରିଥିଲେ ।

**୧୯. କାମାନ୍ଦକ :** କାମାନ୍ଦକଙ୍କ 'ନୀତିସାର' ରୁ ରାଷ୍ଟ୍ରଶାସନ ସମ୍ବନ୍ଧୀୟ ତଥ୍ୟ ଜଣାପଡ଼େ ।

**୨୦. ବାସାୟନ :** ବାତ୍ସାୟନଙ୍କ ରଚିତ 'କାମସୂତ୍ର' ସମ୍ଭୋଗ କଳା ଉପରେ ଆଧାରିତ ଏକ ଶ୍ରେଷ୍ଠ ଗ୍ରନ୍ଥ । ଗୁପ୍ତଯୁଗରେ ଅନେକଗୁଡ଼ିଏ ପୁରାଣଶାସ୍ତ୍ରର ପୁନର୍ଲିଖନ ନିମନ୍ତେ ଉଦ୍ୟମ କରାଯାଇଥିଲା ।

ଗୁପ୍ତ ଶାସନ କାଳରେ ବିଭିନ୍ନ ସ୍ମୃତିଶାସ୍ତ୍ରର ନାମକରଣ କରାଯାଇଥିଲା ଏବଂ ସେଗୁଡ଼ିକ ହେଲା ଯଥାକ୍ରମେ : ନାରଦ ସ୍ମୃତି, କାତ୍ୟାୟନ ସ୍ମୃତି, ବୃହସ୍ପତି ସ୍ମୃତି ଇତ୍ୟାଦି ।

**ବିଜ୍ଞାନ ଏବଂ ପ୍ରଯୁକ୍ତି :**

ଗୁପ୍ତଯୁଗରେ ବିଜ୍ଞାନ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଯଥେଷ୍ଟ ବିକାଶ ପରିଦୃଷ୍ଟ ହୋଇଥିଲା । ବହୁ ମହାନ୍ ବୈଜ୍ଞାନିକ, ଗଣିତଜ୍ଞ, ଜ୍ୟୋତିର୍ବିଦ୍ ଏବଂ ଚିକିତ୍ସକ ଗୁପ୍ତ ରାଜଦରବାରରେ ମଣ୍ଡନ କରିଥିଲେ ସେମାନେ ହେଲେ, ଯଥାକ୍ରମେ-

**୧. ଆର୍ଯ୍ୟଭଟ୍ଟ :** ଆର୍ଯ୍ୟଭଟ୍ଟ ଥିଲେ ଏକାଧାରରେ ଜଣେ ଗଣିତଜ୍ଞ, ଜ୍ୟୋତିର୍ବିଜ୍ଞାନୀ ଏବଂ ବୈଜ୍ଞାନିକ । ତାଙ୍କ ଲିଖିତ 'ଆର୍ଯ୍ୟଭଟ୍ଟୀୟମ୍' ରେ ପାଟୀଗଣିତ, ବୀଜଗଣିତ, ଜ୍ୟାମିତି ଏବଂ ତ୍ରିକୋଣମିତି ବିଷୟରେ ଉଲ୍ଲେଖ

କରାଯାଇଛି । ସେ ପାଏ ର ପ୍ରକୃତ ମୂଲ୍ୟ ୩.୧୪୧୬ ବୋଲି ଆବିଷ୍କାର କରିଥିଲେ । "ସୂର୍ଯ୍ୟ ଚାରିପଟେ ପୃଥିବୀ ଘୂରୁଥାଏ ବୋଲି ସେ କହିଥିଲେ । 'ସୂର୍ଯ୍ୟପରାଗ' ଏବଂ 'ଚନ୍ଦ୍ରଗ୍ରହଣ'ର ପ୍ରକୃତ କାରଣ ସେ ଦର୍ଶାଇଥିଲେ । ସେ ଶୂନ୍ୟର ବ୍ୟବହାର ଏବଂ ନଅଟି ସଂଖ୍ୟାର ସ୍ଥାନ ମୂଲ୍ୟ ଉପରେ ଦଶମିକ ସଂଖ୍ୟାର ଆବିଷ୍କାର କରିଥିଲେ । ବୃତ୍ତର ଧର୍ମ ଏବଂ ତ୍ରିକୋଣମିତିରେ ଥିବା ସାଇନ୍‌ର ଗୁରୁତ୍ୱକୁ ସେ ବୁଝାଇଥିଲେ । ତାଙ୍କ ରଚିତ ଅନ୍ୟ ଚାରୋଟି ଗ୍ରନ୍ଥ ଥିଲା : 'ବୀଜଗଣିତ' 'ଆର୍ଯ୍ୟ ସିଦ୍ଧାନ୍ତ', 'ସୂର୍ଯ୍ୟସିଦ୍ଧାନ୍ତ' ଏବଂ 'ଦଶଗୀତିକା ସୂତ୍ର' ।

**୨. ବରାହମିହିର :** ଗୁପ୍ତଯୁଗର ଅନ୍ୟତମ ଶ୍ରେଷ୍ଠ ବୈଜ୍ଞାନିକ ଥିଲେ ବରାହମିହିର । ତାଙ୍କ ଲିଖିତ 'ବୃହତ୍ ସଂହିତା'ରେ ଜ୍ୟୋତିର୍ବିଦ୍ୟା, ଗଣିତ, ଉଦ୍ଭିଦ ବିଜ୍ଞାନ ଏବଂ ଭୂଗୋଳ ସମ୍ପର୍କରେ ଆଲୋଚନା କରାଯାଇଛି । ତାଙ୍କ ରଚିତ ଅନ୍ୟ ପୁସ୍ତକଗୁଡ଼ିକ ହେଲା – 'ପଞ୍ଚସିଦ୍ଧାନ୍ତ', 'ବୃହତ୍ ଜାତକ' ଏବଂ 'ଲଘୁଜାତକ' ।

**୩. ବ୍ରହ୍ମଗୁପ୍ତ :** ବ୍ରହ୍ମଗୁପ୍ତ ଥିଲେ ସେ ଯୁଗର ଅନ୍ୟତମ ବୈଜ୍ଞାନିକ । ସେ ଗଣିତ ଶାସ୍ତ୍ର, ଜ୍ୟାମିତି ଏବଂ ବୀଜଗଣିତର ବିଶ୍ଳେଷଣ କରିବା ସହିତ ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତିକଥା କହିଥିଲେ । ତାଙ୍କ ରଚିତ ବିଜ୍ଞାନ ଉପରେ ଆଧାରିତ ତାଙ୍କର ଅନ୍ୟ ଗ୍ରନ୍ଥଗୁଡ଼ିକ ଥିଲା – 'ପଞ୍ଚସିଦ୍ଧାନ୍ତ', 'ବ୍ରହ୍ମ ସିଦ୍ଧାନ୍ତ' ଏବଂ 'ଧ୍ୟାନାଗ୍ରହ' ଇତ୍ୟାଦି ।

**୪. ଭାଗଭଟ୍ଟ :** ଭାଗବଟ୍ଟ ଥିଲେ ଜଣେ ମହାନ୍ ଚିକିତ୍ସକ ଏବଂ ସେ 'ଅଷ୍ଟାଙ୍ଗ ହୃଦୟ ସଂହିତା' ନାମରେ ଦୁଇଗୋଟି ଚିକିତ୍ସାଶାସ୍ତ୍ର ରଚନା କରିଥିଲେ ।

**୫.ଚରକ :** ଚରକ ଏବଂ ଶୁଶ୍ରୁତ ଥିଲେ ଗୁପ୍ତଯୁଗର ଦୁଇଜଣ ମହାନ୍ ଚିକିତ୍ସକ । ଶୁଶ୍ରୁତ, 'ଶୁଶ୍ରୁତ ସଂହିତା' ନାମକ ଗ୍ରନ୍ଥ ଲେଖିଥିଲେ । ସେ ଥିଲେ 'ଶଲ୍ୟ ଚିକିତ୍ସା'ର ଜନକ ।

ସେହିପରି, ଗୁପ୍ତଯୁଗରେ ଧାତୁବିଦ୍ୟା ବିକାଶର ଚରମସୀମାରେ ପହଞ୍ଚି ଥିଲା । ଦିଲ୍ଲୀର କୁତବ୍ ମିନାର ପରିସରରେ ୨୪ ଫୁଟ ଉଚ୍ଚତାବିଶିଷ୍ଟ ଏବଂ ୧୮୦ ମହଣ ଓଜନର 'ମେହେରୌଲୀ' ଲୌହସ୍ତମ୍ଭ ହେଉଛି ଧାତୁବିଦ୍ୟାର ଶ୍ରେଷ୍ଠ ନିଦର୍ଶନ । ଏହା ଖୋଲା ଆକାଶତଳେ ଦୀର୍ଘ ୧୬୦୦ ବର୍ଷ ଧରି ଦଣ୍ଡାୟମାନ ହୋଇଥିଲେ ମଧ୍ୟ ଏଥିରେ କଳଙ୍କି ପରିଦୃଷ୍ଟ ହୋଇ ପାରିନାହିଁ । ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ଶାସନ ସମୟରେ ଏହି ଲୌହସ୍ତମ୍ଭ ନିର୍ମିତ ହୋଇଥିଲା ।

**କଳା ଓ ସ୍ଥାପତ୍ୟ (Art and Architecture) :**

**କଳା :** କଳାତ୍ମକ ଦୃଷ୍ଟିରୁ ଗୁପ୍ତଯୁଗକୁ ସୁବର୍ଣ୍ଣଯୁଗ ବୋଲି କହିବାର ତାତ୍ପର୍ଯ୍ୟ ରହିଛି । ଏହି ଯୁଗର କଳା ବାହ୍ୟ ପ୍ରବାହରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥିଲା । ଏଥିରେ ଭାରତୀୟ ଶୈଳୀ ଅନୁସୃତ ଥିଲା । ଏହି ଯୁଗର ଶିଳ୍ପୀମାନେ ସେମାନଙ୍କର ଭାବାବେଗକୁ କଳା ମାଧ୍ୟମରେ ପରିସ୍ଫୁଟ କରିବାରେ ସକ୍ଷମ ହୋଇଥିଲେ । ସେମାନେ 'ସଚ୍ଚୋଟତାର ପଥ, ସୌନ୍ଦର୍ଯ୍ୟର ପଥ'ଆଦି ଆଦର୍ଶକୁ ଅନୁସରଣ କରିଥିଲେ ।

**ସ୍ଥାପତ୍ୟ :** ଗୁପ୍ତଯୁଗରେ ସ୍ଥାପତ୍ୟର ଯଥେଷ୍ଟ ବିକାଶ ଘଟିଥିଲା । ମନୋରମ ପ୍ରାସାଦ, ମନ୍ଦିର, ସ୍ତମ୍ଭ, ସ୍ତୂପ, ଆଦି ଥିଲା ଗୁପ୍ତଯୁଗୀୟ ସ୍ଥାପତ୍ୟର ଶ୍ରେଷ୍ଠ ନିଦର୍ଶନ ।

**୧. ମନ୍ଦିର ସ୍ଥାପତ୍ୟ :** ଗୁପ୍ତଯୁଗରେ ହିନ୍ଦୁଧର୍ମର ପୁନରୁତ୍‌ଥାନ ଯୋଗୁ ଦେବଦେବୀଙ୍କ ନିମନ୍ତେ କେତୋଟି ମନ୍ଦିର ନିର୍ମାଣ କରାଯାଇଥିଲା । ଗୁପ୍ତଯୁଗର ମନ୍ଦିରଗୁଡ଼ିକୁ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟ (୩୯୧-୫୦୧ ଖ୍ରୀଷ୍ଟାବ୍ଦ) ରେ ନିର୍ମିତ ହୋଇଥିବା ମନ୍ଦିରଗୁଡ଼ିକରେ ଗର୍ଭଗୃହ ଆବୃତ୍ତ, ପ୍ରଦକ୍ଷିଣ ପଥ ଓ ସମତଳ

ଛାତ ରହିଥିଲା । ଦ୍ୱିତୀୟ ପର୍ଯ୍ୟାୟ (୫୦୨ରୁ ୬୦୫)ରେ ନିର୍ମିତ ମନ୍ଦିରଗୁଡ଼ିକରେ ଗର୍ଭଗୃହ ସହିତ ପ୍ରଶସ୍ତ ପ୍ରଦକ୍ଷିଣ ପଥ ରହିଥିଲା । ତୃତୀୟ ପର୍ଯ୍ୟାୟ (୬୦୬ ରୁ ୬୭୦)ରେ ମନ୍ଦିର ନିର୍ମାଣରେ ପୂର୍ଣ୍ଣତା ଅଣାଯାଇଥିଲା ।

କ) ସେହି ଯୁଗର ମନ୍ଦିରଗୁଡ଼ିକ ସୁଉଚ୍ଚ ତଥା ପ୍ରଶସ୍ତ ମଞ୍ଚ ଉପରେ ନିର୍ମିତ ହୋଇଥିଲା ।

ଖ)ମନ୍ଦିରର ଗର୍ଭଗୃହରେ ମୂର୍ତ୍ତିକୁ ସ୍ଥାପନ କରାଯାଇଥିଲା ।

ଗ) ଗର୍ଭ-ଗୃହର ଚତୁଃପାର୍ଶ୍ୱରେ ପ୍ରଦକ୍ଷଣ ପଥ ରହିଥିଲା ଏବଂ ମନ୍ଦିରର ଚାରିକୋଣରେ ଚାରିଗୋଟି ସ୍ତମ୍ଭ ନିର୍ମାଣ କରାଯାଇଥିଲା ।

ଘ) ମନ୍ଦିର କାନ୍ଥର ବାହ୍ୟ ପାର୍ଶ୍ୱରେ କାରୁକାର୍ଯ୍ୟର ଛାପ ନଥିଲା ।

ଙ)ମନ୍ଦିରର ଛାତ ସମତଳ ବିଶିଷ୍ଟ ଥିଲା ଏବଂ ପରବର୍ତ୍ତୀ ସମୟରେ ଗର୍ଭଗୃହ ଉପରେ ଶିଖର ନିର୍ମାଣ କରାଗଲା ।

ଚ) ସେ ଯୁଗରେ ନିର୍ମିତ ହୋଇଥିବା ମୁଖ୍ୟ ମନ୍ଦିରଗୁଡ଼ିକ ହେଲା : ଝାନସୀ ଜିଲ୍ଲାସ୍ଥିତ ଦେଓଗଡ଼ର ଦଶବତାର ମନ୍ଦିର, ମଧ୍ୟପ୍ରଦେଶର ଭୂମରାସ୍ଥିତ ଶିବ ମନ୍ଦିର, ଜବଲପୁର ଜିଲ୍ଲାର ତ୍ରିଗୱାସ୍ଥିତ ବିଷ୍ଣୁମନ୍ଦିର, ଅଜୟଗଡ଼ ନିକଟବର୍ତ୍ତୀ ନାଚନାକୁଠାରର ପାର୍ବତୀ ମନ୍ଦିର, କାନପୁରର ଭିତରଗାଁସ୍ଥିତ ଇଟାନିର୍ମିତ ମନ୍ଦିର, ସାଞ୍ଚିର ଶିବ ମନ୍ଦିର, ଏରାଣର ନୃସିଂହ ମନ୍ଦିର, ରାମଗଡ଼ସ୍ଥିତ ମୁଣ୍ଡେଶ୍ୱରୀ ମନ୍ଦିର, ପଦ୍ମାବତୀର ବିଷ୍ଣୁମନ୍ଦିର ଇତ୍ୟାଦି ଦଶାବତାର ମନ୍ଦିର ଥିଲା ସର୍ବଶ୍ରେଷ୍ଠ ମନ୍ଦିର ।

**୨. ସ୍ତମ୍ଭ :** ଗୁପ୍ତଯୁଗରେ ସ୍ତମ୍ଭ ସ୍ଥାପତ୍ୟର ଶୁଭାରମ୍ଭ ହୋଇଥିଲା । ସ୍ତମ୍ଭ ସ୍ଥାପତ୍ୟକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇଥାଏ । ଯଥା : ପ୍ରଶସ୍ତି ସ୍ତମ୍ଭ, ଗରୁଡ଼ ସ୍ତମ୍ଭ ଏବଂ ସ୍ମାରକୀ ସ୍ତମ୍ଭ । ସମ୍ରାଟ ସମୁଦ୍ରଗୁପ୍ତଙ୍କ ରାଜତ୍ୱ ସମୟରେ ନିର୍ମିତ ପ୍ରୟାଗ ସ୍ତମ୍ଭ ଏବଂ ଦ୍ୱିତୀୟ ଚନ୍ଦ୍ରଗୁପ୍ତଙ୍କ ମେହେରୌଲୀ ଲୌହସ୍ତମ୍ଭ ଥିଲା ସେହି ସମୟର ସ୍ତମ୍ଭ ସ୍ଥାପତ୍ୟର ଶ୍ରେଷ୍ଠ ନିଦର୍ଶନ ।

**୩. ବୌଦ୍ଧ ସ୍ଥାପତ୍ୟ :**

ଗୁପ୍ତଯୁଗରେ ବହୁସଂଖ୍ୟକ ସ୍ତୂପ, ବିହାର ଏବଂ ଚୈତ ନିର୍ମିତ ହୋଇଥିଲା । ସ୍ତୂପଗୁଡ଼ିକୁ ପଥରରେ ନିର୍ମାଣ କରାଯାଇଥିଲାବେଳେ ବିହାରଗୁଡ଼ିକ ଇଟାରେ ନିର୍ମିତ ହୋଇଥିଲା । ସାରନାଥସ୍ଥିତ ଧାମେକ ସ୍ତୂପ ଥିଲା ଖୁବ୍ ଆକର୍ଷଣୀୟ । ବିହାରର ମଧ୍ୟଭାଗରେ ନିର୍ମିତ ବୁଦ୍ଧମୂର୍ତ୍ତୀକୁ ଚୈତଗୃହ କୁହାଯାଉଥିଲା । ନାଳନ୍ଦା, ସାରନାଥ, କୁଶୀନଗର ଆଦି ସ୍ଥାନରେ ଅସଂଖ୍ୟ ଚୈତ ଏବଂ ବିହାର ନିର୍ମାଣ କରାଯାଇଥିଲା । ଅଜନ୍ତା, ଏଲୋରା ଏବଂ ବାଘଠାରେ ଏହି ଯୁଗରେ ନିର୍ମିତ ଅନେକଗୁଡ଼ିଏ ବୌଦ୍ଧଗୁମ୍ଫା ଦେଖିବାକୁ ମିଳେ ।

**ଭାସ୍କର୍ଯ୍ୟ :**

ଗୁପ୍ତଯୁଗରେ ନିର୍ମିତ ବୁଦ୍ଧମୂର୍ତ୍ତୀ ଉତ୍କର୍ଷର ସାଫଲ୍ୟ ପ୍ରତିପାଦନ କରାଏ ।

୧. ଗୁପ୍ତଯୁଗର ଭାସ୍କର୍ଯ୍ୟଶିଳ୍ପ ଉପରେ ଗ୍ରୀକ୍ କଳାର ପ୍ରଭାବ ପରିଦୃଷ୍ଟ ହୁଏନାହିଁ । ପରନ୍ତୁ ଏଥିରେ ଭାରତୀୟ ଶୈଳୀ ଏବଂ ଆଧ୍ୟାତ୍ମିକ ଭାବ ପରିଦୃଷ୍ଟ ହୁଏ । ପୁନଶ୍ଚ, ମୂର୍ତ୍ତିଗୁଡ଼ିକର ମୁଖରେ ଜୀବନ୍ତ ଏବଂ କମନୀୟ ଭାବ ପ୍ରକାଶ କରାଏ । ।

୨. ବହୁ ସଂଖ୍ୟକ ବୁଦ୍ଧ ଏବଂ ବୋଧିସତ୍ୱ ମୂର୍ତ୍ତିରେ ସ୍ଥିରତା ଏବଂ ତୃପ୍ତି ପ୍ରତିବିମ୍ବିତ ହୁଏ । ମୁଖମଣ୍ଡଳରୁ କୋମଳତା

ଏବଂ ପରମାନନ୍ଦର ଆଭାସ ପରିସ୍ଫୁଟ ହୁଏ । ପୁନଶ୍ଚ, ଏହା ଧର୍ମୀୟ ପରିବେଶକୁ ମଧ୍ୟ ପ୍ରତିବିମ୍ବିତ କରାଏ ।

୩. ଭାରତୀୟ ଶିଳ୍ପୀମାନେ ଆଲୋକ ଭେଦ କରିପାରୁଥିବା ବା ସ୍ୱଚ୍ଛ ଢ଼ିଲା ଭାଙ୍ଗ ପଡ଼ିଥିବା ଲୁଗା ଆଡ଼କୁ ଦୃଷ୍ଟି ନିକ୍ଷେପ କରିଥିଲେ ।

୪. ବୁଦ୍ଧଙ୍କ ମୂର୍ତ୍ତିକୁ ବିଭିନ୍ନ ମୁଦ୍ରାରେ ଉପସ୍ଥାପନ କରାଯାଇଥିଲା ।

୫. ଗୁପ୍ତଯୁଗରେ ନିର୍ମିତ ମୂର୍ତ୍ତିର ମସ୍ତକ ଚାରିପଟେ ଚିତ୍ରିତ ଜ୍ୟୋତିର୍ବଳୟ ରହିଥିଲା ।

୬. ବୁଦ୍ଧଙ୍କ ମଥାରେ କେଶ କୁଞ୍ଚିତ ଆକାରରେ ଧାଡ଼ି ହୋଇ ସଜା ହେଲାପରି ଦେଖାଯାଉଥିଲା ।

୭. ସାରନାଥସ୍ଥିତ ଯୋଗାସାନରେ ଉପବିଷ୍ଟ ବୁଦ୍ଧମୂର୍ତ୍ତି, ମଥୁରାର ଦଣ୍ଡାୟମାନ ବୁଦ୍ଧମୂର୍ତ୍ତି ଏବଂ ସୁଲତାନଗଞ୍ଜର ବୁଦ୍ଧଙ୍କ ତାମ୍ରମୂର୍ତ୍ତି ଗୁପ୍ତଯୁଗୀୟ ଭାସ୍କର୍ଯ୍ୟର ଶେଷ୍ଠ ନିଦର୍ଶନ ରୂପେ ବିବେଚିତ ।

୮. ଉଦୟଗିରିର ବରାହ ମୂର୍ତ୍ତି, ଭୂମରାର ଶିବଙ୍କ ଆବାକ୍ଷ ମୂର୍ତ୍ତି, ବେଶନଗରର ଗଂଗା ମୂର୍ତ୍ତି, ଦେବଗଡ଼ର ରାଧାକୃଷ୍ଣ ମୂର୍ତ୍ତି ହିନ୍ଦୁଭାସ୍କର୍ଯ୍ୟର ଗୁଣଗାନ କରେ ।

ସୁତରାଂ, କମନୀୟତା, ସ୍ଥିରତା, ଆଧ୍ୟାତ୍ମିକ ପରିପ୍ରକାଶ, ସ୍ୱଚ୍ଛତା ଇତ୍ୟାଦିକୁ ପାଥେୟ କରି ଗୁପ୍ତଯୁଗରେ ଗଢ଼ି ଉଠିଥିବା ଭାସ୍କର୍ଯ୍ୟଶିଳ୍ପ ଦର୍ଶକଙ୍କ ମନରେ ଭାବପ୍ରବଣତା ଏବଂ ବିସ୍ମୟ ଭାବ ସୃଷ୍ଟି କରିପାରିଛି ।

ଚିତ୍ରକଳା : ମହାରାଷ୍ଟ୍ରସ୍ଥିତ ଅଜନ୍ତା ଗୁମ୍ଫା (୧,୨,୧୬, ୧୭ ଏବଂ ୧୯),ଲାହୋର ଏବଂ ମଧ୍ୟପ୍ରଦେଶର ବାଘ ଠାରେ ଗୁପ୍ତଯୁଗୀୟ ଚିତ୍ରକଳାର ସର୍ବାଧିକ ଚିତ୍ତାକର୍ଷକ ନିଦର୍ଶନ ଦେଖିବାକୁ ମିଳେ ।

**ଗୁପ୍ତଯୁଗୀୟ ଚିତ୍ରକଳାର ବୈଶିଷ୍ଟ୍ୟଗୁଡ଼ିକ ହେଲା :**

୧. ଗୁମ୍ଫା କାନ୍ଥରେ ଜୀବନ୍ତ ଚିତ୍ରମାନ ଅଙ୍କନ କରାଯାଇଥିଲା । ଏଥିରୁ ସୂଚିତ ହୁଏ ଯେ ଚିତ୍ରକାରମାନେ ନୂତନ ତଥା ପଲସ୍ତରା ହୋଇଥିବା ଓଦା କାନ୍ଥ ଉପରେ ବିଭିନ୍ନ ଚିତ୍ର ଅଙ୍କନ କରୁଥିଲେ ।

୨. ବୁଦ୍ଧଙ୍କ ଜୀବନୀ ଏବଂ ଜାତକ ଗଳ୍ପରେ ଥିବା ବିଷୟବସ୍ତୁକୁ ଚିତ୍ର ଆକାରରେ ଲୋକଲୋଚନକୁ ଆଣିବା ପାଇଁ ଚିତ୍ରଶିଳ୍ପୀମାନେ ଯତ୍ନବାନ ଥିଲେ ।

୩. ପୁନଶ୍ଚ, ମଣିଷର ଆବେଗ, ସୁଖଦୁଃଖ, ମିଳନ ବିଚ୍ଛେଦ, ବିରହ ଆଦି ଘଟଣାକୁ ନେଇ ଶିଳ୍ପୀମାନେ ଜୀବନ୍ତ ଚିତ୍ର ପ୍ରସ୍ତୁତ କରିଥିଲେ ।

୪. ଅଜନ୍ତା ଗୁମ୍ଫାର ଗୋଟିଏ ଧାଡ଼ିରେ ଅଙ୍କନ କରାଯାଇଥିବା ଚିତ୍ରଗୁଡ଼ିକ, ଆକୃତି ଏବଂ ପ୍ରଗାଢ଼ତାରେ ଖୁବ୍ ସମୃଦ୍ଧ ଥିଲା । ଶିଳ୍ପୀମାନେ, ମାନବ, ପଶୁପକ୍ଷୀ, ଗୁଳ୍ମ ଆଦି ଆକୃତିକୁ ଚିତ୍ରଣ କରିବାରେ ଖୁବ୍ ନିପୁଣତା ଦେଖାଇଥିଲେ ।

୫. ସେହି ଯୁଗର ଶିଳ୍ପୀମାନେ ଧର୍ମୀୟ ତଥା ଲୌକିକ ଚିତ୍ର ଅଙ୍କନ କରିବାରେ ଖୁବ୍ ପାରଙ୍ଗମ ଥିଲେ । ସେମାନେ ମଧ୍ୟ ରାଜା ଏବଂ ପାରିଷଦବର୍ଗ, ପୁରୋହିତ, କୃଷକ ଏବଂ ଏପରିକି ଭିକାରିମାନଙ୍କର ଛବି ଅଙ୍କନ କରୁଥିଲେ ।

୬. ଅଜନ୍ତାର ୧ ନମ୍ବର ଗୁମ୍ଫାରେ ପରିଦୃଷ୍ଟ ପଦ୍ମପାଣି ଏବଂ ଚକ୍ରପାଣି (ଅବଲୋକିତେଶ୍ୱର) ଚିତ୍ର, ୨ ନମ୍ବର ଗୁମ୍ଫାରେ ବୁଦ୍ଧଙ୍କ ଜନ୍ମ ଆଧାରିତ ଚିତ୍ର, ଷୋହଳ ନମ୍ବର ଗୁମ୍ଫାରେ ମୁମୂର୍ଷ ରାଜକୁମାରୀର ଚିତ୍ର, ସତର ନମ୍ବର ଗୁମ୍ଫାରେ ମାତା ଓ ପୁତ୍ରର ଚିତ୍ର, ଉଣେଇଶ ନମ୍ବର ଗୁମ୍ଫାରେ ବୁଦ୍ଧ ସଂସାର ତ୍ୟାଗ କରୁଥିବାର ଚିତ୍ର ଖୁବ୍ ହୃଦୟଗ୍ରାହୀ ଏବଂ ଆକର୍ଷଣୀୟ ମନେହୁଏ ।

୬. ବାଘଗୁମ୍ଫା (୨,୩,୪,୫ ଏବଂ ୬) ରେ ବୁଦ୍ଧଙ୍କ ଜୀବନ ସମ୍ବନ୍ଧୀୟ ଚିତ୍ର, ନର୍ତ୍ତକୀ, ହାତୀପଟୁଆର ଆଦିର ଦୃଶ୍ୟ ଦେଖିବାକୁ ମିଳେ । ୪ ନମ୍ବର ଗୁମ୍ଫାରେ ପଦ୍ମପାଣିଙ୍କ ଚିତ୍ର ସହିତ ରାଜା,ମହାରାଜାଙ୍କ ସଂସାର ତ୍ୟାଗର ଚିତ୍ର ପରିଦୃଷ୍ଟ ହୁଏ ।

ଅତଏବ, ଧାଡ଼ିକୁ ସଜାଇବାରେ ରମଣୀୟତା, ରଙ୍ଗର ଉତ୍କୃଷ୍ଟତା ଏବଂ ପରିପ୍ରକାଶର ମାଧୁର୍ଯ୍ୟ ଦୃଷ୍ଟିରୁ ଗୁପ୍ତଯୁଗର ଚିତ୍ରକଳା ଥିଲା ଖୁବ୍ ହୃଦୟସ୍ପର୍ଶୀ ।

**ଦର୍ଶନ :** ଗୁପ୍ତଯୁଗରେ ଦର୍ଶନ ବିଭାଗର ଯଥେଷ୍ଟ ଉନ୍ନତି ଘଟିଥିଲା । ସେହି ସମୟର ଦାର୍ଶନିକମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ, ବସୁବନ୍ଧୁ, ଅସଙ୍ଗ, ଦିର୍ନାଗ, ବୁଦ୍ଧଘୋଷ ଇତ୍ୟାଦି ।

୧.ଈଶ୍ୱରକୃଷ୍ଣ 'ସାଂଖ୍ୟ-କାରିକ' ରଚନା କରି ସେଥିରେ ସାଂଖ୍ୟ ଦର୍ଶନର ବିଶ୍ଳେଷଣ କରିଥିଲେ ।

୨. ବୁଦ୍ଧଘୋଷ, ମହାଯାନ ବୌଦ୍ଧଧର୍ମକୁ ଆଧାର କରି 'ଆଠକଥା' ନାମରେ ଏକ ଦର୍ଶନଶାସ୍ତ୍ର ଲେଖିଥିଲେ ।

୩. ବସୁବନ୍ଧୁଙ୍କ ରଚିତ ଗ୍ରନ୍ଥଦ୍ୱୟ ହେଲା, 'ଗାଥା ସଂଗ୍ରହ' ଏବଂ 'ଅଭିଧର୍ମକୋଷ' ।

୪. 'ମହାଯାନ ସୂତ୍ରାଳଙ୍କାର'ର ରଚୟିତା ଥିଲେ ଅସଂଗ ।

୫.ଦିର୍ନାଗ, 'ତର୍କଶାସ୍ତ୍ର' ଏବଂ 'ନ୍ୟାୟପ୍ରବେଶ' ରଚନା କରିଥିଲେ ।

୬.ବାତ୍ସାୟନଙ୍କ ରଚିତ 'ନ୍ୟାୟଭାଷ୍ୟମ୍'ଏବଂ ଦିବାକରଙ୍କ 'ବେଦାନ୍ତ ଦର୍ଶନ' ସମ୍ପର୍କୀୟ ବାଖ୍ୟା ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଥିଲା ।

୭. ଜୈମିନୀ 'ମୀମାଂଶା ସୂତ୍ର' ରଚନା କରିଥିଲେ ।

**ହିନ୍ଦୁଧର୍ମର ପୁନର୍ଜାଗରଣ :** ଗୁପ୍ତଯୁଗକୁ ହିନ୍ଦୁ ନବଜାଗରଣର ଯୁଗ ବୋଲି ଅଭିହିତ କରାଯାଇଛି । ଗୁପ୍ତବଂଶର ସମ୍ରାଟଗଣ ଧର୍ମୀୟ ସହନଶୀଳତା ନୀତି ଅନୁସରଣ କରିଥିଲେ ।

୧. ଗୁପ୍ତବଂଶର ଶାସକମାନେ ଥିଲେ ହିନ୍ଦୁଧର୍ମର ପୃଷ୍ଠପୋଷକ । ସେମାନେ 'ପରମଭାଗବତ' ଉପାଧିରେ ବିଭୂଷିତ ଥିଲେ । ସେମାନେ ହିନ୍ଦୁ ଦେବଦେବୀଙ୍କ ପାଇଁ ମନ୍ଦିର ନିର୍ମାଣ କରାଇବା ସହିତ ହିନ୍ଦୁଶାସ୍ତ୍ର ରଚନା ପାଇଁ ଲେଖକ ଏବଂ କବିମାନଙ୍କୁ ପ୍ରୋତ୍ସାହିତ କରୁଥିଲେ । ଫଳରେ, ହିନ୍ଦିଧର୍ମର ପୁନରୁତ୍‌ଥାନ ସମ୍ଭବପର ହୋଇଥିଲା ।

୨. ଗୁପ୍ତବଂଶର ରାଜାମାନେ ହିନ୍ଦୁଧର୍ମର ପୃଷ୍ଠପୋଷକତା କରିଥିଲେ ମଧ୍ୟ ବୌଦ୍ଧଧର୍ମ ଏବଂ ଜୈନଧର୍ମ ପ୍ରତି ଅସହ୍ୟଭାବ ପ୍ରଦର୍ଶନ କରୁନଥିଲେ । ଫଳରେ, ଉଭୟ ଧର୍ମର ମର୍ଯ୍ୟାଦା ପୂର୍ବପରି ଅକ୍ଷୁର୍ଣ୍ଣ ରହିଥିଲା । ସେମାନେ ସବୁଧର୍ମର ପଣ୍ଡିତମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ପୃଷ୍ଠପୋଷକତା ପ୍ରଦାନ କରୁଥିଲେ । ସୁତରାଂ, ଧର୍ମୀୟ ସହନଶୀଳତା ଏବଂ ଉଦାରତା ଥିଲା ଗୁପ୍ତଯୁଗୀୟ ଶାସନର ବୈଶିଷ୍ଟ୍ୟ ।

**ଶିକ୍ଷା :** କୁମାରଗୁପ୍ତଙ୍କ ଶାସନକାଳରେ ଶୁକ୍ରାଦିତ୍ୟ ନାଳନ୍ଦା ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଉଚ୍ଚଶିକ୍ଷାର ପ୍ରସାର ଘଟାଇଥିଲେ । ଛାତ୍ରଛାତ୍ରୀମାନେ ଦୂରଦୂରାନ୍ତ ସ୍ଥାନମାନଙ୍କରୁ ଆସି ସେଠାରେ ଅଧ୍ୟୟନ କରୁଥିଲେ । ଏହି ବିଶ୍ୱବିଦ୍ୟାଳୟର ମୁଖ୍ୟ ଥିଲେ ଶିଳଭଦ୍ର ।

## ଆଦର୍ଶ ପ୍ରଶ୍ନାବଳୀ

**୧. ପ୍ରତ୍ୟେକ ପ୍ରଶ୍ନରେ ଦିଆଯାଇଥିବା ଚାରିଗୋଟି ବିକଳ୍ପ ମଧ୍ୟରୁ ସଠିକ୍ ଉତ୍ତର ବାଛି ଲେଖ ।**

କ) କେଉଁ ଗୁପ୍ତସମ୍ରାଟଙ୍କ ଶାସନ ସମୟରେ ଫାହିୟାନ୍ ଭାରତ ଭ୍ରମଣରେ ଆସିଥିଲେ ?

୧) ସମୁଦ୍ରଗୁପ୍ତ ୨) କୁମାରଗୁପ୍ତ

୩) ଦ୍ୱିତୀୟ ଚନ୍ଦ୍ରଗୁପ୍ତ ୪) ସ୍କନ୍ଦଗୁପ୍ତ

ଖ) 'ଆଲାହାବାଦ ପ୍ରଶସ୍ତି' ର ରଚୟିତା କିଏ ?

୧. ହରିଶେଣ ୨. ସମୁଦ୍ରଗୁପ୍ତ

୩. ବରାହମିହିର ୪.ଭର୍ତ୍ତୃହରି

ଗ) କିଏ 'ପଞ୍ଚତନ୍ତ୍ର' ରଚନା କରିଥିଲେ ?

୧. ଅମର ସିଂ ୨.ଦଣ୍ଡିନୀ

୩. ବିଷ୍ଣୁଶର୍ମା ୪. ଭଟ୍ଟି

ଘ) କେଉଁଠାରେ ତୁମେ 'ଦଶାବତାର ମନ୍ଦିର' ଦେଖିବାକୁ ପାଅ ?

୧.କାନ୍‌ପୁର ୨. ଭୂମ୍‌ରା

୩. ଦେଓଗଡ଼ ୪. ଅଜନ୍ତା

ଙ) କିଏ 'ସୂର୍ଯ୍ୟପରାଗ' ଏବଂ 'ଚନ୍ଦ୍ରଗ୍ରହଣ'ର କାରଣ ଦର୍ଶାଇଥିଲେ ?

୧. ଆର୍ଯ୍ୟଭଟ୍ଟ ୨. ବାଣଭଟ୍ଟ

୩. ଭାଗଭଟ୍ଟ ୪. ବ୍ରହ୍ମଗୁପ୍ତ

ଚ) 'ଶଲ୍ୟ ଚିକିତ୍ସା'ର ଜନକ ଭାବେ କିଏ ପରିଚିତ ଥିଲେ ?

୧. ପାଲକପ୍ୟ ୨. ବ୍ରହ୍ମଗୁପ୍ତ

୩. ଶୁଶ୍ରୁତ ୪. ଚରକ

ଛ) 'ନ୍ୟାୟ ପ୍ରବେଶ' ର ରଚୟିତା କିଏ ?

୧. ଦିର୍ନାଗ ୨. ବସୁବନ୍ଧୁ

୩. ବୁଦ୍ଧଘୋଷ ୪. ସୁବନ୍ଧୁ

ଜ) 'ଶିଶୁପାଳବଧମ୍' କାହାର ସୃଷ୍ଟି ?

୧. ଭାଷ ୨. ମାଘ

୩. ଗୁଣାତ୍ୟ ୪. ଭୌମିକ

ଝ) 'ବୃହତ୍‌ସହିଂତା'ର ଲେଖକ କିଏ ?

୧. ଆର୍ଯ୍ୟଭଟ୍ଟ ୨. ବରାହମିହିର

୩. ବ୍ରହ୍ମଗୁପ୍ତ ୪. ଚରକ

ଞ) ଅଜନ୍ତାର କେତେ ନମ୍ବର ଗୁମ୍ଫାରେ 'ମାତା ଓ ଶିଶୁ' ଚିତ୍ର ଦେଖିବାକୁ ମିଳେ ?

୧. ୧୦ ୨. ୧୬

୩. ୧୭ ୪. ୧୯

ଉତ୍ତର : (କ) ଦ୍ୱିତୀୟ ଚନ୍ଦ୍ରଗୁପ୍ତ (ଖ) ହରିଶେଣ (ଗ) ବିଷ୍ଣୁଶର୍ମା (ଘ) ଦେଓଗଡ଼ (ଙ) ଆର୍ଯ୍ୟଭଟ୍ଟ (ଚ)ଶୁଶ୍ରୁତ (ଛ) ଦିର୍ନାଗ (ଜ) ମାଘ (ଝ) ବରାହ ମିହିର (ଞ) ୧୭

**୨. ଶୂନ୍ୟସ୍ଥାନ ପୂରଣ କର ।**

କ) ଗୁପ୍ତ ସମ୍ରାଟ ........ 'ଭାରତୀୟ ନେପୋଲିୟନ୍' ରୂପେ ପରିଚିତ ।

ଖ) ............ଗୁପ୍ତଯୁଗର 'ପ୍ରକୃତ ପ୍ରତିଷ୍ଠାତା' ରୂପେ ପରିଚିତ ।

ଗ)............ସଂସ୍କୃତ ସାହିତ୍ୟର 'ସେକ୍ସପିଅର' ରୂପେ ପରିଚିତ ।

ଘ).............. 'ମୃଚ୍ଛକଟିକମ୍' ରଚନା କରିଥବଲେ ।

ଙ) ଉରୁଭଙ୍ଗ ............ଙ୍କ ସୃଷ୍ଟି ।

ଚ) ଗୁପ୍ତଯୁଗରେ ...................ଠାରେ ଏକ ଲୌହସ୍ତମ୍ଭ ନିର୍ମାଣ କରାଯାଇଥିଲା ।

ଉତ୍ତର : (କ) ସମୁଦ୍ରଗୁପ୍ତ (ଖ) ପ୍ରଥମ ଚନ୍ଦ୍ରଗୁପ୍ତ (ଗ) କାଳିଦାସ (ଘ) ଶୁଦ୍ରକ (ଙ) ଭାଷ (ଚ) ମେହେରୌଲୀ

**୩. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୨ଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ବରାହମିହିର କିଏ ଏବଂ ତାଙ୍କ ରଚିତ ଗ୍ରନ୍ଥଗୁଡ଼ିକର ନାମ ଲେଖ ।

ଖ) ବିଶାଖା ଦତ୍ତ କିଏ ? ତାଙ୍କ ରଚିତ ଗ୍ରନ୍ଥର ନାମ ଉଲ୍ଲେଖ କର ।

ଗ)ବସୁବନ୍ଧୁ କିଏ ? ତାଙ୍କ ରଚିତ ଶାସ୍ତ୍ରର ନାମ ଉଲ୍ଲେଖ କର ।

ଘ) କେଉଁ ଗୁପ୍ତ ସମ୍ରାଟଙ୍କ ରାଜଦରବାରରେ 'ନବରତ୍ନ' ସ୍ଥାନ ପାଇଥିଲେ ଏବଂ ସେମାନଙ୍କ ନାମ ଲେଖ ?

ଙ) ଗୁପ୍ତଯୁଗରେ କିଏ ନିଉଟନଙ୍କ ମାଧ୍ୟାକର୍ଷଣ ଶକ୍ତି ବିଷୟରେ କହିଥିଲେ ?

ଚ) କିଏ ନାଳନ୍ଦା ବିଶ୍ୱବିଦ୍ୟାଳୟ ସ୍ଥାପନ କରିଥିଲେ ?

**୪. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫ଗୋଟି ବାକ୍ୟ ମଧ୍ୟରେ ସୀମିତ ରଖ ।**

କ) ଗୁପ୍ତଯୁଗରେ ବ୍ରାହ୍ମଣ୍ୟ ହିନ୍ଦୁଧର୍ମର ପୁନରୁତ୍‌ଥାନ ହେଲା କିପରି ?

ଖ) କାଳିଦାସ

ଗ) ଗୁପ୍ତଯୁଗର ସାମାଜିକ ଅବସ୍ଥା ।

ଘ)ଅଜନ୍ତାର ଚିତ୍ରକଳା

ଙ)ଗୁପ୍ତଯୁଗର ଦର୍ଶନ

ଚ) ଆର୍ଯ୍ୟଭଟ୍ଟ

ଛ)ଗୁପ୍ତଯୁଗ ମନ୍ଦିର ସ୍ଥାପତ୍ୟ

## ଦୀର୍ଘତମ ପ୍ରଶ୍ନ

୫. ଗୁପ୍ତଯୁଗର ସାମାଜିକ ଅବସ୍ଥା ଆଲୋଚନା କର ।

୬. ଗୁପ୍ତଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ସଂଘଟିତ ବିକାଶ ଉପରେ ଆଲୋକପାତ କର ।

୭.ଗୁପ୍ତଯୁଗରେ କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ବିକାଶ ଉପରେ ଏକ ବିବରଣୀ ଦିଅ ।

୮. ଗୁପ୍ତଯୁଗରେ ଦର୍ଶନ ଏବଂ ଧର୍ମ କ୍ଷେତ୍ରରେ ସଂଗଠିତ ବିକାଶ ସଂକ୍ଷେପରେ ଉଲ୍ଲେଖ କର ।

## ସପ୍ତମ ଅଧ୍ୟାୟ

# Perception of Society through The eyes of the Travellers
# (10th to 17th Centuries)
# ସାମାଜିକ ଉପଲବ୍ଧି ପରିବ୍ରାଜକଙ୍କ ଦୃଷ୍ଟିରେ
## ( ଦଶମରୁ ସପ୍ତଦଶ ଶତାବ୍ଦୀ )

ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତ୍ରା, ଗସ୍ତ, ବିଦେଶ ଯାତ୍ରା ଓ ଭ୍ରମଣ ମଣିଷ କରିଥାଏ । ଏ ସମସ୍ତ ସ୍ଥାନାନ୍ତରର ଅନେକ କାରଣ ଅଛି । ତନ୍ମଧ୍ୟରୁ ଜଳବାୟୁ ପରିବର୍ତ୍ତନ, ସାମାଜିକ-ଆର୍ଥିକ-ରାଜନୈତିକ ତଥା ଧାର୍ମିକ କାରଣ ମୁଖ୍ୟ । ସାମାଜିକ, ଆର୍ଥିକ, ଧାର୍ମିକ, ରାଜନୈତିକ, ପ୍ରଶାସନିକ ଓ ପ୍ରାକୃତିକ ଇତ୍ୟାଦି କାରଣ ଯୋଗୁଁ ମଣିଷ ନିଜ ଦେଶ ମଧ୍ୟରେ ତଥା ଅନ୍ୟ ଦେଶକୁ ଯାତ୍ରା କରିଥାଏ । ଯାତ୍ରା କରୁଥିବା ଲୋକଙ୍କ ମଧ୍ୟରୁ କେତେଜଣ ସ୍ୱଚକ୍ଷୁରେ ଦେଖିଥିବା ନୂତନ ସ୍ଥାନର ପ୍ରାକୃତିକ ଦୃଶ୍ୟ, ପରିବେଶ, ମଣିଷ, ପଶୁପକ୍ଷୀ, ସାମାଜିକ ପ୍ରଥା, ଭାଷା, ବିଶ୍ୱାସ, ରାଜନୀତି, ଶାସନ ବ୍ୟବସ୍ଥା, କଳା ସ୍ଥାପତ୍ୟକୁ ଯତ୍ନର ସହ ନିଜ ନିଜର ପସନ୍ଦ ମୁତାବକ ସଂକ୍ଷିପ୍ତ ଟୀକା ଟିପ୍ପଣୀ ତଥା ବିଶଦ ବର୍ଣ୍ଣନା ଲିପିବଦ୍ଧ କରିଥାନ୍ତି । ବର୍ଣ୍ଣନା ବା ବିବରଣୀରେ ସେମାନେ ସେମାନଙ୍କର ଅସାଧାରଣ ଓ ଅସ୍ୱାଭାବିକ ଅନୁଭୂତିକୁ ଗୁରୁତ୍ୱ ଦେଇ ବିଶେଷ ଭାବରେ ସ୍ଥାନ ଦେଇଥାନ୍ତି ।

ଭାରତକୁ ଅନେକ ବିଦେଶୀ ଯାତ୍ରୀ, ପରିବ୍ରାଜକ, ପର୍ଯ୍ୟଟକ ଆସିଛନ୍ତି ସମୟ ସମୟରେ ଓ ସେମାନଙ୍କ ମଧ୍ୟରୁ କେତେକଙ୍କ ଅନୁଭୂତିର ବିବରଣୀ ଉପଲବ୍ଧ ।ସେମାନଙ୍କ ବିବରଣୀରେ ଭାରତର ସମାଜର ଚିତ୍ର, ଧର୍ମଧାରା, ସାହିତ୍ୟ ରାଜଦରବାରର କାର୍ଯ୍ୟ କଳାପ, ଆଦିବାସୀଙ୍କ ସଂସ୍କୃତି, ତୀର୍ଥସ୍ଥାନ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉଲ୍ଲେଖନୀୟ ଦିଗ,ଗ୍ରାମ-ସହର-ନଗରୀର ଦୃଶ୍ୟ ଇତ୍ୟାଦି ସ୍ଥାନ ପାଇଛି । ଅନେକ ବିବରଣୀରେ ତୁଳନାତ୍ମକ ବର୍ଣ୍ଣନା ମଧ୍ୟ ଦେଖିବାକୁ ମିଳେ ।

ସେମାନଙ୍କ ବିବରଣୀ, ଟିପ୍ପଣୀ ଆମର ଜ୍ଞାନ ପରିସରକୁ ବ୍ୟାପକ ଓ ସଂବୃଦ୍ଧ କରିଛି । ଦଶମ ଓ ସପ୍ତଦଶ ଶତାବ୍ଦୀ ମଧରେ ଭାରତକୁ ଅନେକ ବିଦେଶୀ ଆସିଥିଲେ । ସେମାନଙ୍କ ମଧରୁ ଉଜବେଗିସ୍ଥାନ(**Uzbegisthan**)ରୁ ଆସିଥିବା ଅଲ୍ ବିରୁନି ( **Al-Biruni**), ଇଟାଲି ( **Italy**) ର ମାର୍କୋପୋଲୋ, ମୋରୋକ୍କୋ ( **Moroco** ) ର ଇବନ ବତୁତା (**Ibn Batuta**), ସମରକନ୍ଦ ( **Samarkand**) ର ଇସାକ୍ ଅଲ-ସମକରକନ୍ଦି ( **Isaq Al - Samarqandi**), ଋଷିଆ (**Russia**)ର ନିକିତିକ୍ ନିକିତିନି (**Nikitich Nikitini**),ପର୍ତ୍ତୁଗାଲ (**Portugal**) ର ଡୁଆଟି ବରବୋସା (**Duate Barbosa**), ତୁର୍କିସ୍ଥାନ ( **Turkey**) ର ସେଇଦି ଅଲ୍ଲି ରେଇସ୍ (**Seydi Ali Reis**), ସ୍ପେନ (**Spain**) ର ଏନେଟିନିଓ ମନସେରାତେ, (**Antonio Monserrate**)ଫ୍ରାନ୍ସ ( **France**) ର ଜାଁ ବାପଟିସଟ୍ ଟ୍ରାଭେନିୟର (**Jean Baptisted Tavenier**) ଓ ଫ୍ରାନ୍‌କୋଇସ ବରନିୟର (**Francois Bernier**)ଙ୍କ ଭାରତ ଅନୁଭୂତିର ବର୍ଣ୍ଣନା ଆଜି ଉପଲବ୍ଧ ।

ସେମାନଙ୍କ ମଧରୁ ଏକାଦା ଶତାବ୍ଦୀରେ ଆସିଥିବା ଅଲ-ବିରୁନି, ଚତୁର୍ଦ୍ଦଶ ଶତାବ୍ଦୀରେ ଆସିଥିବା ଇବନ୍ ବତୁତା ଏବଂ ସପ୍ତଦଶ ଶତାବ୍ଦୀରେ ଆସିଥିବା ଫ୍ରାନ୍‌କୋଇସ ବରନିୟରଙ୍କ ଭାର ବିବରଣୀ ଉପରେ ଆଲୋକପାତ

କରିବା । ସେମାନେ ଏକ ଭିନ୍ନ ସାମାଜିକ, ସାଂସ୍କୃତିକ ପରିବେଶରୁ ଆସିଥିବାରୁ ଭାରତୀୟ ସମାଜ, ସଂସ୍କୃତିର ଦୈନନ୍ଦିନ କାର୍ଯ୍ୟକଳାପ ତଥା ପ୍ରଥା ଓ ପରମ୍ପରାକୁ ନିଜ ନିଜର ଦୃଷ୍ଟିକୋଣରୁ ନିଜ ନିଜର ଅଭିମତ ଉପସ୍ଥାପନ କରିଛନ୍ତି ତାଙ୍କ ଲେଖାରେ ସାଧାରଣତଃ ଯାହାକୁ ସ୍ଥାନୀୟ ଭାରତୀୟ ଲେଖକମାନେ ନିଜର ଉପସ୍ଥାପନରେ ଗତାନୁଗତିକ ଘଟଣା ବୋଲି ସ୍ଥାନ ଦିଅନ୍ତି ନାହିଁ । ,ସେଥିପାଇଁ ବିଦେଶୀମାନଙ୍କ ଭ୍ରମଣ ବିବରଣୀରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ନିରୀକ୍ଷଣ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଜ୍ଞାନ ପରିସର ସମୃଦ୍ଧିରେ ।

(କ)ଅଲ-ବିରନି : ଖୁଓ୍ୱାରିଜମ ରାଜ୍ୟ ବର୍ତ୍ତମାନର ଉଜ୍‌ବେଗିସ୍ଥାନ ଦଶମ ଶତାବ୍ଦୀରେ ଜ୍ଞାନ ଆହରଣ ପାଇଁ ଏକ ପ୍ରସିଦ୍ଧ କେନ୍ଦ୍ର ଥିଲା । ଅଲବିରୁନି ସେଠାକାର ଉପଲବ୍ଧ ସର୍ବୋତ୍ତମ ଶିକ୍ଷା ଲାଭ କରିଥିଲେ । ସେ ଆରବୀ, ପାର୍ଶୀ, ହିବ୍ରୁ ଓ ସିରିୟାନ ଭାଷାରେ ବିଦ୍ୱାନ ଥିଲେ । ଯଦିଓ ସେ ଗ୍ରୀକ୍‌ଭାଷା ଜାଣିନଥିଲେ ତଥାପି ସେ ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ଓ ଅରିଷ୍ଟୋଟଲଙ୍କ ଲେଖାର ଆରବୀୟ ଅନୁବାଦ ପଢ଼ିଥିଲେ । ତାଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆସିଲା । ୧୦୧୭ ଖ୍ରୀଷ୍ଟାବ୍ଦରେ ଯେତେବେଳେ ଗଜନୀର ସୁଲତାନ ମହମ୍ମଦ ଖୁଓ୍ୱାରିଜମ୍ ରାଜ୍ୟ ଦଖଲ କରି ସେଠାକାର ବିଦ୍ୱାନ ବ୍ୟକ୍ତି ଓ କବିମାନଙ୍କୁ ପଣବନ୍ଦୀ ଭାବରେ ନିଜ ରାଜଧାନୀ ଗଜନୀକୁ ନେଇଗଲେ । ସେ ପଣବନ୍ଦୀ ବିଦ୍ୱାନମାନଙ୍କ ମଧ୍ୟରେ ଅଲ-ବିରୁନି ମଧ୍ୟ ଜଣେ ଥିଲେ ।

ସେ ଗଜନୀ ସହରରେ ପରାଧୀନ ପଣବନ୍ଦୀ ଜୀବନ ଆରମ୍ଭ କଲେ ୧୦୧୭ ମସିହାରେ; କିନ୍ତୁ ଧୀରେ ଧୀରେ ଗଜନୀ ସହରକୁ ଭଲପାଇବା ଆରମ୍ଭ କଲେ ଏବଂ ଜୀବନର ଶେଷନିଶ୍ୱାସ ପର୍ଯ୍ୟନ୍ତ ଗଜନୀକୁ କର୍ମଭୂମି କଲେ । ୧୦୪୩ ଖ୍ରୀଷ୍ଟାବ୍ଦରେ ୭୦ ବର୍ଷ ବୟସରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଗଜନୀରେ ଅବସ୍ଥାନ କରୁଥିବା ସମୟରେ ସେ ଆରବୀୟ ଭାଷାରେ ଅନୁବାଦିତ ଭାରତୀୟ ଗଣିତ ଜ୍ୟୋତିର୍ବିଜ୍ଞାନ ଓ ଚିକିତ୍ସା ଶାସ୍ତ୍ରର ସଂସ୍ପର୍ଶରେ ଆସିଲେ । ସେ ସମୟରେ ଭାରତର ପଞ୍ଜାବ ଅଞ୍ଚଳ ଗଜନୀ ରାଜ୍ୟର ଏକ ଅଂଶ ଥିଲା । ପଞ୍ଜାବ ଅଞ୍ଚଳର ବ୍ରାହ୍ମଣ ପୁରୋହିତ, ବିଜ୍ଞ ଓ ବିଦ୍ୱାନମାନଙ୍କ ସହିତ ଅଲ୍-ବିରୁନି କିଛି ସମୟ କଟାଇଲେ ଏବଂ ସଂସ୍କୃତ ଜ୍ଞାନ ଆହରଣ କରି ଭାରତୀୟ ଧର୍ମ ଓ ଦର୍ଶନ ଅଧ୍ୟୟନ କଲେ । ସେ ପଞ୍ଜାବ ଓ ଉତ୍ତର ଭାରତର ଅନେକ ଅଞ୍ଚଳ ଓ ପ୍ରସିଦ୍ଧ ସ୍ଥାନ ମାନ ଭ୍ରମଣ କରିଥିଲେ ଓ ନିଜର ଅନୁଭୂତିକୁ ଆରବୀୟ ଭାଷାରେ ଏକ ବୃହତ୍ ପୁସ୍ତକ କିତାବ୍-ଉଲ୍-ହିନ୍ଦ୍ (**Kitab-ul-Hind**) ଲେଖାଯାଇଥିଲେ । ଏକାଦଶ ଶତାବ୍ଦୀରେ ରଚିତ ଅଲ-ବିରୁନିଙ୍କ ଭାରତଭ୍ରମଣ ବୃତ୍ତାନ୍ତ ଖ୍ରୀଷ୍ଟାବ୍ଦ ୧୫୦୦ ପର୍ଯ୍ୟନ୍ତ ଭାରତୀୟମାନେ ପଢ଼ିନଥିଲେ ।

**କିତାବ୍-ଉଲ-ହିନ୍ଦ :** - ଭାରତଭ୍ରମଣ ଅନୁଭୂତିକୁ ଅଲ-ବିରୁନି ସରଳ ଆରବୀୟ ଭାଷାରେ ସୁସ୍ପଷ୍ଟ ଭାବରେ ଲେଖିଅଛନ୍ତି । ଅଶୀ ଅଧ୍ୟାୟ ବିଶିଷ୍ଟ ଏହି ବୃହଦ୍‌କାୟ ପୁସ୍ତକରେ ଭାରତୀୟ ଧର୍ମ,ଦର୍ଶନ, ପର୍ବପର୍ବାଣି, ଜ୍ୟୋତିର୍ବିଜ୍ଞାନୀ ରସାୟନଶାସ୍ତ୍ର, ଓଜନ ଓ ମାପ ପ୍ରଣାଳୀ, ସାମାଜିକ ଜୀବନ, ପ୍ରଥା, ପରମ୍ପରା, ବ୍ୟବହାର, ଚିତ୍ରବିଜ୍ଞାନ, ମୂର୍ତ୍ତିକଳା ନିୟମାବଳୀ ଓ ପାଣିପାଗ ଅଧ୍ୟୟନକଳା ସ୍ଥାନ ପାଇଛି ।

ତାଙ୍କର ପ୍ରତ୍ୟେକ ଅଧ୍ୟାୟର ଆରମ୍ଭ କରିଛନ୍ତି ପ୍ରଶ୍ନାବଳୀରୁ ଓ ପ୍ରଶ୍ନାବଳୀ ପରେ ବର୍ଣ୍ଣନା ଆରମ୍ଭ କରିଛନ୍ତି ସଂସ୍କୃତ ପରମ୍ପରାକୁ ଆଧାର କରି । ଶେଷରେ ଭାରତର ସଂସ୍କୃତିକୁ ଅନ୍ୟାନ୍ୟ ସଂସ୍କୃତି ସହିତ ତୁଳନା କରିଛନ୍ତି । ଆଧୁନିକ ବିଜ୍ଞମାନଙ୍କ ମତରେ ଅଲ୍-ବିରୁନିଙ୍କ ଗଣିତ ଜ୍ଞାନ ଅଧ୍ୟାୟଗୁଡ଼ିକୁ ତର୍କପୂର୍ଣ୍ଣ କ୍ରମରେ ଉପସ୍ଥାପନ କରିବାରେ ସାହାଯ୍ୟ କରିଥିଲା । ଅଲ୍‌ବିରୁନି ଭାରତୀୟ ଉପମହାଦେଶର ଉତ୍ତର -ପଶ୍ଚିମ ସୀମାରେ ବସବାସ କରୁଥିବା ଅଧିବାସୀଙ୍କ ଉଦ୍ଦେଶ୍ୟରେ ଆରବୀୟ ଭାଷାରେ ତାଙ୍କର ବୃତ୍ତାନ୍ତ ଲେଖିଥିଲେ । ସେ ଭାରତୀୟ ନୀତିଗ୍ରନ୍ଥ, ଜ୍ୟୋତିର୍ବିଜ୍ଞାନ ଓ ଭେଷଜ ବିଦ୍ୟାର ସଂସ୍କୃତ, ପାଳି ଓ ପ୍ରାକୃତ ଶାସ୍ତ୍ରର ଆରବୀୟ ଭାଷାନ୍ତର ସହିତ ସୁପରିଚିତ ଥିଲେ ।

ଅଲ୍-ବିରୁନି ଲେଖିବା ସମୟରେ ସେ ନିଜର ଲେଖିବାର ସୀମା ଓ ପ୍ରତିବନ୍ଧକ ବିଷୟରେ ସଚେତନ ଥିଲେ । ସେ ତାଙ୍କର ଲେଖାରେ ଉଲ୍ଲେଖ କରିଛନ୍ତି ଯେ ଭାରତୀୟ ସମାଜ, ସଂସ୍କୃତି ଓ ପରମ୍ପରାକୁ ସଠିକ୍, ବୁଝିବା ପାଇଁ ତିନୋଟି ପ୍ରତିବନ୍ଧକ ରହିଛି । ପ୍ରଥମଟି ଭାଷା, ଦ୍ୱିତୀୟଟି ଧର୍ମବିଶ୍ୱାସ ଓ ପରମ୍ପରା । ତୃତୀୟଟି ହେଲା ଏକ ବିରାଟ ଦେଶର ପ୍ରତ୍ୟେକ ଅଞ୍ଚଳରେ ଲୋକଙ୍କ ନିଜ ଅଞ୍ଚଳ ପ୍ରତି ସଂପୂର୍ଣ୍ଣ ମନ ନିବେଶ ଜନିତ ଏକଦେଶଦର୍ଶିତାର ଉପଲବ୍ଧି । ଭାରତର ସଂସ୍କୃତ ଭାଷା ଆରବୀୟ ଓ ପାର୍ଶି ଭାଷାଠାରୁ ଭିନ୍ନ, ସଂସ୍କୃତରେ ଲିଖିତ ମତ ଓ ଧାରଣାକୁ ସଠିକ୍ ରୂପେ ପାର୍ଶି କିମ୍ବା ଆରବୀୟ ଭାଷାରେ ଭାଷାନ୍ତର ଅନୁବାଦ କରିବା ସହଜ ନୁହେଁ । ସେହିପରି ଭାରତୀୟ ଧର୍ମ, ବିଶ୍ୱାସ, ପରମ୍ପରା ଓ ଆଞ୍ଚଳିକ ମନୋଭାବକୁ ସଠିକ୍ ରୂପେ ବୁଝିବା ମଧ୍ୟ କଷ୍ଟସାଧ୍ୟ । ଅଲବେରୁନି ବ୍ରାହ୍ମଣମାନଙ୍କ ସାହାଯ୍ୟ ନେଇଥିଲେ ଓ ତାଙ୍କର ବିବରଣୀରେ ସେ ବିଶଦ ଭାବରେ ବେଦ, ପୁରାଣ ଭାଗବତ ଗୀତା, ପତଞ୍ଜଳିଙ୍କ ଲେଖା ତଥା ମନୁସ୍ମୃତିରୁ ଉଦ୍ଧୃତ କରି ଉପସ୍ଥାପନ କରିଛନ୍ତି । ତାଙ୍କର ସଂସ୍କୃତ ଭାଷା ଜ୍ଞାନ ତାଙ୍କୁ ଭାରତୀୟ ଶାସ୍ତ୍ର ଓ ସମାଜକୁ ଅଧ୍ୟୟନ କରିବା ଓ ବୁଝିବା ପାଇଁ ଅନେକାଂଶରେ ସାହାଯ୍ୟ କରିଥିଲା ।

**ଅଲ-ବିରୁନିଙ୍କ ବର୍ଣ୍ଣନାରେ ଭାରତର ଜାତି ବ୍ୟବସ୍ଥା :-** ଅଲ-ବିରୁନିଙ୍କ ବର୍ଣ୍ଣନାରେ ପାରସ୍ୟ ଦେଶର ସାମାଜିକ ବ୍ୟବସ୍ଥା ଓ ଭାରତୀୟ ସାମାଜିକ ବ୍ୟବସ୍ଥାର ଏକ ତୁଳନାତ୍ମକ ଆଲୋଚନା ଦେଖିବାକୁ ମିଳେ । ତାଙ୍କର ମତରେ ପୁରାତନ ପାରସ୍ୟ ସମାଜରେ ଚାରିବର୍ଗର ଲୋକଙ୍କୁ ସ୍ୱୀକୃତି ମିଳିଥିଲା । ସେମାନେ ହେଲେ ରାଜା, ରାଜକୁମାର ଏବଂ ନାଇଟ (ଯୋଦ୍ଧା, ମଲ୍ଲ) : ଭିକ୍ଷୁ, ସନ୍ନ୍ୟାସୀ, ଅଗ୍ନିଉପାସକ ପୁରୋହିତ ଏବଂ ରାଜନୀତିଜ୍ଞ, ଡାକ୍ତର, ଜ୍ୟୋତିର୍ବିଜ୍ଞାନୀ, ଅନ୍ୟାନ୍ୟ ବୈଜ୍ଞାନିକ ଓ ଶେଷରେ ଚାଷି ଓ କାରିଗର । ସେ ଦର୍ଶାଇବାକୁ ପ୍ରଚେଷ୍ଟା କରିଛନ୍ତି ଯେ ଭାରତର ସାମାଜିକ ବିଭାଜନ ବ୍ୟବସ୍ଥା ଅନନ୍ୟ ନୁହେଁ : ପାରସ୍ୟ ସମାଜରେ ମଧ୍ୟ ଥିଲା ।

ଅଲ-ବିରୁନିଙ୍କ ଜାତିପ୍ରଥାର ବର୍ଣ୍ଣନା ମୁଖ୍ୟତଃ ସଂସ୍କୃତ ଶାସ୍ତ୍ର ଓ ବ୍ରାହ୍ମଣମାନଙ୍କ ମତ ଉପରେ ଆଧାରିତ କିନ୍ତୁ ସେ ବ୍ରାହ୍ମଣବାଦରେ ଥିବା ଚିରକଳୁଷିତ ବା ଚିନ୍ତନ ଅସ୍ପୃଶ୍ୟତା ଚିନ୍ତାଧାରାକୁ ଅଗ୍ରାହ୍ୟ କରିଛନ୍ତି । ବ୍ରାହ୍ମଣବାଦର ଜାତିପ୍ରଥାରେ ଜଣେ ଅସ୍ପୃଶ୍ୟ ହୋଇ ଜନ୍ମ ନେଲେ କିମ୍ବା ଶୁଦ୍ର ହୋଇ ଜନ୍ମ ହେଲେ ସେ ମୃତ୍ୟୁ ପର୍ଯ୍ୟନ୍ତ କଳୁଷିତ ଏବଂ ଏଥିରୁ ମୁକ୍ତ ହୋଇପାରିବ ନାହିଁ । ଏହି ଚିନ୍ତାଧାରାକୁ ସେ ପ୍ରକୃତିର ନିୟମ ବିରୁଦ୍ଧ ବୋଲି ଲେଖିଛନ୍ତି । ତାଙ୍କ ମତରେ ଜଣେ କୌଣସି ନା କୌଣସି କାରଣରୁ କଳୁଷିତ ହୁଏ ବା ଶୁଦ୍ଧତା ହରାଏ । ସେ ଚେଷ୍ଟା କରି ନିଜକୁ ଶୁଦ୍ଧ ଓ କଳୁଷମୁକ୍ତ କରିପାରେ ଯେମିତି ସୂର୍ଯ୍ୟ ବାୟୁମଣ୍ଡଳକୁ ଓ ସମୁଦ୍ରର ଲୁଣପାଣିକୁ ଦୂଷିତ ହେବାରୁ ମୁକ୍ତ କରନ୍ତି । ଏହା ଯଦି ସମ୍ଭବ ନ ହୁଅନ୍ତା ତାହେଲେ ପୃଥିବୀରେ ଜୀବନଯାତ୍ରା ଅସମ୍ଭବ ହୁଅନ୍ତା । ଏ ଦୃଷ୍ଟିରୁ ଜାତି ବ୍ୟବସ୍ଥା ଓ ଚିରଦିନ କଳୁଷିତ ହୋଇରହିବା ଚିନ୍ତାଧାରା ପ୍ରକୃତିର ନିୟମ ବିରୋଧୀ ।

### ଖ) ଇବନ ବତୁତା (Ibn Batuta)

ଇବନ ବତୁତା ଚତୁର୍ଦ୍ଦଶ ଶତାବ୍ଦୀରେ ଆଫ୍ରିକା ମହାଦେଶର ମରକ୍କୋ ରୁ ଆସିଥିଲେ ଭାରତ ଉପମହାଦେଶର ଭ୍ରମଣ ପାଇଁ । ସେ ମରକ୍ କୋର ଟୋଙ୍ଗିୟର (Tangier) ସହରର ପ୍ରତିଷ୍ଠାବାନ ଓ ଶିକ୍ଷିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପରିବାରକୁ ସେ ଅଞ୍ଚଳର ଜନସାଧାରଣ ଇସଲାମୀୟ ଧର୍ମଶାସ୍ତ୍ର ଓ ନୀତିଶାସ୍ତ୍ର ବିଶାରଦ ବୋଲି ସ୍ୱୀକୃତି ଦେଇଥିଲେ । ନିଜ ପରିବାରର ପରମ୍ପରାର ପ୍ରକୃତ ପ୍ରତିନିଧି ରୂପେ ଯୁବବୟସରେ ହିଁ ସେ ପାଣ୍ଡିତ୍ୟପୂର୍ଣ୍ଣ ଶିକ୍ଷାଲାଭ କରିଥିଲେ । ସେ ଭ୍ରମଣ କରିବାକୁ ବହୁତ ପସନ୍ଦ କରୁଥିଲେ । ସେ ବିବେଚନା କରୁଥିଲେ ଯେ ଭ୍ରମଣ ଦ୍ୱାରା ଉପଲବ୍ଧ ଅନୁଭୂତି ପୁସ୍ତକଗତ ଉପଲବ୍ଧ ଜ୍ଞାନଠାରୁ ଉତ୍କୃଷ୍ଟ ଓ ମହତ୍ତ୍ୱପୂର୍ଣ୍ଣ । ସେ ତାଙ୍କର ଜ୍ଞାନର ପରିଧିକୁ ବିସ୍ତାର କରିବା ପାଇଁ ନୂତନ ବିଶ୍ୱ ଓ ମାନବ ସମାଜର ସନ୍ଧାନ, ସଂପର୍କ ଓ ସଂସ୍ପର୍ଶରେ ଆସିବାକୁ

ଦୂରଯାତ୍ରା କରୁଥିଲେ । ସେ ସିରିଆ, ଇରାକ୍, ପାରସ୍ୟ, ସମୁଦ୍ର ଉପକୂଳର ୟେମେନ, ଓମାନ ଏବଂ ଆଫ୍ରିକାର କେତେକ ବାଣିଜ୍ୟିକ ବନ୍ଦରମାନ ଯାତ୍ରା କରିଥିଲେ । ୧୩୩୨-୧୩୩୩ ଖ୍ରୀଷ୍ଟାବ୍ଦରେ ଭାରତ ଭ୍ରମଣରେ ବାହାରିବା ପୂର୍ବରୁ ସେ ତୀର୍ଥଯାତ୍ରାରେ ମକ୍କା ଭ୍ରମଣ କରିଥିଲେ ।

ସେ ସ୍ଥଳପଥରେ ମଧ୍ୟ ଏସିଆ ଦେଇ ୧୩୩୩ ଖ୍ରୀଷ୍ଟାବ୍ଦରେ ସିନ୍ଧ ପ୍ରଦେଶରେ ପହଞ୍ଚିଲେ । ସେ ଶୁଣିଲେ ଯେ ଭାରତର ସୁଲତାନ ମହମ୍ମଦ-ବିନ୍-ତୁଘଲକ କଳା ଓ ସାହିତ୍ୟର ପୃଷ୍ଟପୋଷକ ଭାବରେ ଖ୍ୟାତିସମ୍ପନ୍ନ । ସେଥିରେ ଆକୃଷ୍ଟ ହୋଇ ସେ ଦିଲ୍ଲୀ ଯାତ୍ରା ପାଇଁ ମନସ୍ଥ କଲେ ଓ ମୁଲତାନ ଦେଇ ଦିଲ୍ଲୀରେ ପହଞ୍ଚିଲେ ।

ଇବନ ବତୁତାଙ୍କ ଜ୍ଞାନରେ ମହମ୍ମଦ-ବିନ୍-ତୋଗଲକ୍ ପ୍ରଭାବିତ ହୋଇ ବତୁତାଙ୍କୁ ଦିଲ୍ଲୀ କାଜି ( **Qazi**) ବା ବିଚାରକ ରୂପରେ ନିଯୁକ୍ତି ଦେଲେ । କେତେବର୍ଷ କାଜି ପଦବୀରେ ରହିବା ପାଇଁ ଦୁହିଁଙ୍କ ମଧ୍ୟରେ ମତଭେଦ ହେବାରୁ ମହମ୍ମଦ-ବିନ୍ -ତୋଗଲକ ଇବନ ବତୁତାଙ୍କୁ ପଦରୁ ବହିଷ୍କାର କରି ବନ୍ଦି କଲେ । କିଛି ଦିନ ପରେ ଦୁହିଁଙ୍କ ଭୁଲ ବୁଝାମଣା ଦୂର ହୋଇ ବତୁତାଙ୍କୁ ପୁନଃସ୍ଥାପନ କଲେ ଦିଲ୍ଲୀର କାଜି ରୂପେ । ଶେଷରେ ୧୩୪୨ ଖ୍ରୀଷ୍ଟାବ୍ଦରେ ତାଙ୍କୁ ସୁଲତାନଙ୍କ ଦୂତ ରୂପେ ଚୀନ ଦେଶର ମୋଙ୍ଗଲ ଶାସକଙ୍କ ଦରବାରକୁ ପ୍ରେରଣ କରାଗଲା ।

ନୂତନ ଦାୟିତ୍ୱ ଗ୍ରହଣପୂର୍ବକ ଇବନ ବତୁତା ମଧ୍ୟ ଭାରତ ଦେଇ ମାଲାବାର ସମୁଦ୍ର ଉପକୂଳରେ ପହଞ୍ଚିଲେ ଓ ସେଠାରୁ ସେ ମାଳଦ୍ୱୀପ ପ୍ରସ୍ଥାନ କଲେ । ମାଳଦ୍ୱୀପରେ ୧୮ମାସ କାଜି ରୂପେ ଅବସ୍ଥାପିତ ହୋଇ ଶ୍ରୀଲଙ୍କା ଯାତ୍ରା କଲେ । ମାଳଦ୍ୱୀପ ଓ ମାଲବାର ସମୁଦ୍ରକୂଳରୁ ପ୍ରତ୍ୟାବର୍ତ୍ତନ କରି ଶେଷରେ ଆସାମ ଓ ବଙ୍ଗପ୍ରଦେଶ ଭ୍ରମଣ କରି ତାଙ୍କର ଲକ୍ଷପଥ ଚୀନ ଅଭିମୁଖରେ ଆଗେଇଲେ । ସେ ଗୋଟିଏ ଜାହାଜରେ ସୁମାତ୍ରା ପହଞ୍ଚି ସେଠାରୁ ଅନ୍ୟଏକ ଜାହାଜରେ ଚୀନର ବନ୍ଦର ନଗରୀ ଜେଟୁନ୍ (**Zaytan**) ବର୍ତ୍ତମାନର କ୍ୱାନଝୋଉ (**Quanzhoun**) ପହଞ୍ଚିଲେ । ସେ ଚୀନଦେଶ ବସ୍ତୃତ ଭାବରେ ଭ୍ରମଣ କରି ବେଜିଂ (**Beijing**) ସହରରେ ପହଞ୍ଚିଲେ । ସେ ୧୩୪୭ ମସିହାରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ କଲେ ।

ଇବନ ବତୁତା ତାଙ୍କର ଭ୍ରମଣ ବୃତ୍ତାନ୍ତରେ ଯତ୍ନର ସହ ଲିପିବଦ୍ଧ କରି ଉପସ୍ଥାପନ କରିଛନ୍ତି ନିଜର ନିରୀକ୍ଷଣ । ତାଙ୍କର ନିରୀକ୍ଷଣରେ ବାଦପଡ଼ିନାହିଁ ନୂତନ ସଂସ୍କୃତି, ବିଶ୍ୱାସ, ମୂଲ୍ୟବୋଧ ଓ ଜନମାନବ । ଚତୁର୍ଦ୍ଦଶ ଶତାବ୍ଦୀରେ ଗମନାଗମନ ଅନୁନ୍ନତ ଥିଲା, ବଣଜଙ୍ଗଲ ପାହାଡପର୍ବତ ଘେରା ଅଞ୍ଚଳରେ ଯାତ୍ରା କରିବା ଥିଲା ଦୁଃସାଧ୍ୟ ଓ ବିପଦପୂର୍ଣ୍ଣ । ଏହି, ସମୟରେ ବତୁତା ଥିଲେ ବିଶ୍ୱ ଭ୍ରମଣକାରୀ ।

ଇବନ ବତୁତାଙ୍କ ଭ୍ରମଣ ପୁସ୍ତକ ନାମ ରିହିଲା( **Rihila**) । ସେ ଲେଖିଛନ୍ତି, "ମୁଁ ଏକାକୀ ମୋ ଜନ୍ମସ୍ଥାନ ଟେନଙ୍ଗିର ଛାଡ଼ିଲି ଗୁରୁବାର ଦିନ... ସାଙ୍ଗରେ ନଥିଲେ ଭ୍ରମଣକାରୀ ଦଳ, କିନ୍ତୁ ଥିଲା ମୋ ମନଭିତରେ ଆବେଗରେ ଆନ୍ଦୋଳିତ ହୋଇ ରହିଥିବା ବକ୍ଷସ୍ଥିତ ଅନେକ ଦିନର ଅଭିଳାଷ ଯେ ମୁଁ ଦିନେ ଏ ଗୌରବୋଜ୍ଜ୍ୱଳ ପବିତ୍ରତମ ସ୍ଥାନକୁ ଯାତ୍ରା କରିବି । ତେଣୁ ମୁଁ ମୋର ସଂକଳ୍ପ ଓ ସିଦ୍ଧାନ୍ତକୁ ଦୃଢ଼ତାର ସହ ମନସ୍ଥ କଲି ଓ ମୋର ଅତିପ୍ରିୟ ଆତ୍ମୀୟ ସ୍ତ୍ରୀ ଓ ପୁରୁଷ ଏବଂ ପ୍ରିୟ ପୈତୃକ ବାସସ୍ଥାନକୁ ପରିତ୍ୟାଗ କଲି ଯେପରି ଏକ ପକ୍ଷୀ ପରିତ୍ୟାଗ କରେ ନିଜ ନୀଡ଼କୁ । ସେ ସମୟରେ ମୋ ବୟସ ଥିଲା ବାଇଶି ।"

ବତୁତା ଦୀର୍ଘ ୨୧ ବର୍ଷ ବିଶ୍ୱଭ୍ରମଣ କରି ନିଜ ଜନ୍ମସ୍ଥାନକୁ ଫେରି ଆସିଥିଲେ ୧୩୫୪ ମସିହାରେ । ସେ ନିଜ ଦେଶକୁ ଫେରି ଆସିବା ପରେ ତାଙ୍କ ଦେଶର ରାଜା ଆଦେଶ ଦେଲେ ଯେ ଇବନ ବତୁତାଙ୍କ ଭ୍ରମଣ ଅନୁଭୂତିକୁ ଲିପିବଦ୍ଧ କରାଯାଉ । ସେ ଇବନ ଜୁଜାୟୀ (**Ibn Juzeyy**) ନାମକ ଏକ ବ୍ୟକ୍ତିଙ୍କୁ ନିୟୋଜିତ କଲେ

ବତୁତା ଯାହା କହିବେ ବା ଡାକିବେ ତାକୁ ଲିପିବଦ୍ଧ କରିବା ପାଇଁ । ବତୁତା ତାଙ୍କ ଭ୍ରମଣ ସମ୍ବନ୍ଧରେ ସେହି ସମୟରେ ତାଙ୍କ ସ୍ମୃତିରେ ଥିବା ସ୍ଥାନ, ରାଜା, ରାଜାଙ୍କ ଦରବାର ଓ ଦରବାରୀ ଓ ସାଧୁଙ୍କ ବିଷୟରେ ଯାହା ବର୍ଣ୍ଣନା କଲେ ଇବନ ଜୁଜାୟୀ ତାହାକୁ ଲିପିବଦ୍ଧ କଲେ । ସେହି ଲେଖା ସମସ୍ତଙ୍କ ମନରେ ଅନ୍ୟ ଦେଶ ବିଷୟରେ ଜାଣିବାର ବଳବତୀ ଇଚ୍ଛା ଓ ଆଗ୍ରହ ସୃଷ୍ଟି କରିଥିଲା ।

ଇବନ ବତୁତାଙ୍କ ବିବରଣୀରେ ଅପରିଚିତର ବର୍ଣ୍ଣନା ଆଗ୍ରହ ଉଦ୍ରେକକାରୀ ଥିଲା । ଭାରତର ନଡ଼ିଆ ଓ ପାନ ବିଶେଷ ସ୍ଥାନ ପାଇଥିଲା ତାଙ୍କ ବିବରଣୀରେ ଯାହା ତାଙ୍କ ଦେଶ ପାଇଁ ଥିଲା ଅପରିଚିତ । ତାଙ୍କ ଦେଶରେ ତାଳ ମିଳେ କିନ୍ତୁ ନଡ଼ିଆ ମିଳୁନଥିଲା । ସେ ତାଙ୍କ ବର୍ଣ୍ଣନାରେ ଲେଖିଛନ୍ତି ନଡ଼ିଆଗଛ ତାଳଗଛପରି । ତାଳଗଛରେ ତାଳଫଳେ କିନ୍ତୁ ନଡ଼ିଆ ଗଛରେ କଠିଣ ଆବରଣଯୁକ୍ତ ନଡ଼ିଆ ଫଳେ ଯାହା ନଡ଼ିଆ ଗଛରେ କଠିଣ ଆବରଣ ଯୁକ୍ତ ନଡ଼ିଆ ମଣିଷ ମୁଣ୍ଡ ପରି ଦେଖାଯାଏ । ଦୁଇ ଆଖି ଥିବା ଗୋଟିଏ ମୁହଁପରି ଦୃଶ୍ୟ ହୁଏ ଏବଂ କ । ଥିବା ସମୟରେ ତା ମଧ୍ୟରେ ମସ୍ତିଷ୍କ ପରି ପଦାର୍ଥ ବାହାରେ । ଖୋଳପା ଉପର ତନ୍ତୁମୟ । ବାଳଗୁଚ୍ଛ ପରି ଦେଖାଯାଉଥିବା ଏହି ତନ୍ତୁରୁ ଭାରତୀୟମାନେ ଶକ୍ତ ଦଉଡ଼ି ତିଆରି କରି ନୌକା ଓ ଜାହାଜକୁ ବାନ୍ଧିବାରେ ବ୍ୟବହାର କରନ୍ତି ।

ସେ ପାନ ବିଷୟରେ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ଯେମିତି ଅଙ୍ଗୁରଲତା ଚାଷ କରାଯାଏ ପାନ ମଧ୍ୟ ସେପରି ଚାଷ କରାଯାଏ । ଅଙ୍ଗୁରଲତାରେ ଅଙ୍ଗୁର ଫଳେ କିନ୍ତୁ ପାନଲତା କେବଳ ପତ୍ର ସଂଗ୍ରହ ପାଇଁ ଉଦ୍ଦିଷ୍ଟ । ଗୁଆକୁ କାଟି ଛୋଟଛୋଟ କରି ପାନପତ୍ର ମଧ୍ୟରେ ଗୁଡ଼ାଇ ଚୋବାଇ ଖାଆନ୍ତି ।

ଇବନ ବତୁତାଙ୍କ ବିବରଣୀରେ ଭାରତୀୟ ଉପମହାଦେଶର ସହରମାନଙ୍କ ବର୍ଣ୍ଣନା ସ୍ଥାନ ପାଇଛି । ସେ ଦିଲ୍ଲୀକୁ ବିଶାଳ ତଥା ସର୍ବବୃହତ ସହର, ଜନଗହଳିପୂର୍ଣ୍ଣ ବୋଲି ଆଖ୍ୟା ଦେବା ସଙ୍ଗେସଙ୍ଗେ ଦୌଲତାବାଦକୁ ଦିଲ୍ଲୀର ସମକକ୍ଷ ଏବଂ ଆୟତନରେ ଦିଲ୍ଲୀ ସହିତ ପ୍ରତିଯୋଗୀ ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଭାରତର ସହର ଓ ନଗରୀ ମାନଙ୍କରେ ଅନେକ ଆଗ୍ରହଜାତକାରୀ ସୁବିଧାସୁଯୋଗ ଉପଲବ୍ଧ । ଯେଉଁମାନଙ୍କ ପାଖରେ କିଛି କରି ଆଗକୁ ଯିବାର ଇଚ୍ଛାଶକ୍ତି ଅଛି, ସମ୍ବଳ ଅଛି ଓ କାର୍ଯ୍ୟ କୁଶଳତା ଅଛି ସେମାନଙ୍କ ପାଇଁ ଭାରତର ସହରନଗର ସୁ-ଅବସର ପରିପୂର୍ଣ୍ଣ ।

ତାଙ୍କ ମତରେ ବଜାର କେବଳ ଅର୍ଥନୈତିକ ଆଦାନପ୍ରଦାନ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକଳାପ ଆଦାନପ୍ରଦାନର ମୂଳକେନ୍ଦ୍ର ଥିଲା । ପ୍ରାୟ ସମସ୍ତ ବଜାରସ୍ଥଳରେ ମନ୍ଦିର ଓ ମସଜିଦ୍ ଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ନାଚ,ଗୀତ, ସଙ୍ଗୀତ ପରିବେଷଣ ଓ ଉପସ୍ଥାପନ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରାଯାଇଥିଲା । ଇବନ ବତୁତା ଭାରତୀୟ ଚାଷଜମିକୁ ଉର୍ବର ଓ ଚାଷିମାନେ ଦୁଇ ଫସଲ ଅମଳ କରୁଥିଲେ ବୋଲି ଲେଖିଛନ୍ତି ଓ ଭାରତୀୟ କୃଷିକୁ ବହୁତ ଉତ୍ପାଦନକ୍ଷମ ବୋଲି ପ୍ରଶଂସା କରିଛନ୍ତି । ସେ ଲେଖିଛନ୍ତି ଭାରତ ଉପମହାଦେଶ ଏସିଆ ମହାଦେଶ ସହିତ ବାଣିଜ୍ୟ ବ୍ୟବସାୟ ପାଇଁ ସ୍ଥଳପଥ ସୁଗମ ଓ ବିସ୍ତାରିତ ଥିଲା । ଭାରତୀୟ ସାମଗ୍ରୀ ଓ ସାମଗ୍ରୀ ପ୍ରସ୍ତୁତକାରୀଙ୍କ ଚାହିଦା ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଏସିଆର ଦେଶମାନଙ୍କରେ ବହୁତ ଥିଲା । ଭାରତୀୟ ଉତ୍ପାଦନକାରୀ ବେପାରୀ ଓ କାରିଗର ପ୍ରଚୁର ଲାଭବାନ ହେଉଥିଲେ । ଭାରତର ସୂତାବସ୍ତ୍ର, ରେଶମ, ସୂକ୍ଷ୍ମ କାର୍ପାସ ବସ୍ତ୍ର, ସୁନା, ରୁପା ଓ ଜରି ଦ୍ୱାରା ବୁଣା ଲୁଗା ଏବଂ ସାଟିନ ବା ନରମ ମସୃଣ ରେଶମ କନା ବହୁ ପ୍ରତୀକ୍ଷିତ ଥିଲା ସାରା ଏସିଆରେ ଓ ବାହାରେ । କେତେକ ସୂକ୍ଷ୍ମ କାର୍ପାସ ବସ୍ତ୍ର ଏତେ ଦାମିକା ଥିଲା ଯେ କେବଳ ଧନୀ ଓ ସଂଭ୍ରାନ୍ତ ମାନେହିଁ ବ୍ୟବହାର କରୁଥିଲେ ।

ଇବନ ବତୁତା ଭାରତରେ ଗମନାଗମନ ବ୍ୟବସ୍ଥା, ଚିଠିପତ୍ର ପ୍ରେରଣ ଓ ବିନିମୟ, ଯାତାୟାତର ସୁବିଧାକୁ ଅନନ୍ୟ ବୋଲି ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଯେ ଯେତେବେଳେ ସିନ୍ଧ ପ୍ରଦେଶରୁ ଦିଲ୍ଲୀ ପହଞ୍ଚିବାକୁ ୩୦ ଦିନ ଲାଗୁଥିଲା, ସେତେବେଳେ ଭାରତୀୟ ଡାକ ବ୍ୟବସ୍ଥା ମାଧ୍ୟମରେ ଭାରତର ସୁଲତାନଙ୍କୁ ପାଞ୍ଚଦିନରେ ଚିଠି ହସ୍ତଗତ ହେଉଥିଲା । କେବଳ ସରକାରୀ କାର୍ଯ୍ୟ ପାଇଁ ନୁହେଁ, ବେପାରୀମାନଙ୍କ ପାଇଁ ଉଲୁଘ (**Ulugh**) ଓ ଦାୱା (**Dawa**) ଡାକ ବ୍ୟବସ୍ଥା ଥିଲା ।

ଇବନବତୁତା ଲେଖିଛନ୍ତି ଯେ ସେ ଯେତେବେଳେ ସିନ୍ଧରେ ପହଞ୍ଚି ବଜାରରୁ ଘୋଡ଼ା, ଓଟ ଓ କ୍ରୀତଦାସ କିଣିଲେ, ସେଠାରୁ ସେ ସୁଲତାନଙ୍କ ନିକଟରେ ପହଞ୍ଚି ରାଜ୍ୟପାଳଙ୍କୁ କ୍ରୀତଦାସ, ଘୋଡ଼ା, କିସମିସ୍ ଓ ବାଦାମ ଉପହାର ପ୍ରଦାନ କରିଥିଲେ । ତାଙ୍କ କୃତିରେ ସୂଚନା ମିଳେ ଯେ ଧର୍ମ ପ୍ରଚାରକ ନାସିରୁଦ୍ଦିନ୍‌ଙ୍କ ପ୍ରବଚନରେ ଖୁସି ହୋଇ ମହମ୍ମଦ-ବିନ-ତୁଗଲକ ଏକଲକ୍ଷ ଟଙ୍କା ଓ ଦୁଇଶହ ଦାସ ପ୍ରଦାନ କରିଥିବଲେ । ମହିଳା ଦାସୀଙ୍କ ଭୂମିକା ବିଷୟରେ ମଧ୍ୟ ତାଙ୍କ ଲେଖାରୁ ସୂଚନା ମିଳେ । ଦାସୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରୁଥିଲେ । ଦାସୀମାନେ ସୁଲତାନଙ୍କ ଗୁପ୍ତଚର ଓ ସମ୍ବାଦଦାତା ଭୂମିକା ଗ୍ରହଣ କରୁଥିଲେ । ସୁଲତାନ ସେମାନଙ୍କୁ ସମ୍ଭ୍ରାନ୍ତମାନଙ୍କ ଗତିବିଧି ନଜର ରଖିବା ପାଇଁ ନିଯୋଜିତ କରୁଥିଲେ ।

ଦାସଦାସୀମାନଙ୍କୁ ସାଧାରଣତଃ ଗୃହକାମରେ ଲଗାଯାଉଥିଲା । ପାଲିଙ୍କି ଦୋଳା ବୋହିବା କାମ ଦାସ ମାନେ କରୁଥିଲେ । ଦାସମାନଙ୍କ ଅପେକ୍ଷା ଦାସୀମାନଙ୍କ କାମ କମ୍ ଥିଲା । ଅନେକ ପରିବାରରେ ଗୋଟିଏ ଦୁଇଟି ଦାସଦାସୀ କାମ କରୁଥିଲେ ।

### ଗ) ଫ୍ରାନକୋଇସ୍ ବରନିୟର ( Francois Bernier)

ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡ଼ାଗାମା ଭାରତକୁ ଜଳପଥ ଆବିଷ୍କାର କରି ୧୪୯୮ ଖ୍ରୀଷ୍ଟାବ୍ଦରେ କାଲିକଟରେ ପହଞ୍ଚିଲେ । ତାଙ୍କ ପରେ ଅନେକ ପର୍ତ୍ତୁଗୀଜ୍ ନାଗରିକ ଭାରତ ଆସିଲେ । ସେମାନେ ଭାରତର ସାମାଜିକ ଓ ଧାର୍ମିକ ସାଧନ ଓ ପ୍ରଥାର ବିଶେଷ ବର୍ଣ୍ଣନା କରିଛନ୍ତି । ସେମାନଙ୍କ ମଧ୍ୟରେ କେତେକ ଭାରତୀୟ ଶାସ୍ତ୍ରମାନଙ୍କ ୟୁରୋପୀୟ ଭାଷାରେ ଅନୁବାଦ କରିଯାଇଛନ୍ତି । ୧୬୦୦ ଖ୍ରୀଷ୍ଟାବ୍ଦ ବେଳକୁ ପର୍ତ୍ତୁଗାଲ ବ୍ୟତୀତ ଫ୍ରାନ୍ସ, ସ୍ପେନ, ଇଂରେଜ ଇଟାଲୀୟ ପରିବ୍ରାଜକ ଭାରତ ଭ୍ରମଣରେ ଆସି ସେମାନଙ୍କ ଭ୍ରମଣ ବିବରଣୀ ଲେଖିଛନ୍ତି । ସେମାନଙ୍କ ମଧରେ ପର୍ତ୍ତୁଗାଲର ରୋବେରଟୋ ନୋବିଲି (**Roberto Nobili**) , ଦୁଆରତେ ବାରବୋସୋ ( **Duarte Barboso**), ଫ୍ରାନ୍ସର ଜାଁ-ବାପଟିଷ୍ଟ ଟ୍ରେଭେନିଅର (**Jeam-Baptiste Travellier**) ଓ ଇଟାଲିର ମେକ୍ୱିନି (**Mecuini**) ଅନ୍ୟତମ ।

ଭାରତରେ ମୋଗଲ ରାଜତ୍ୱ କାଳରେ ଅନେକ ବିଦେଶୀ ସୁବିଧାସୁଯୋଗ ଅନ୍ୱେଷଣରେ ଭାରତକୁ ଆସିଥିଲେ । ତନ୍ମଧ୍ୟରୁ ଫ୍ରାନକୋଇସ୍ ବରନିୟର ଅନ୍ୟତମ । ସେ ଫ୍ରାନ୍ସ ଦେଶର ଜଣେ ନାଗରିକ । ସେ ଏକାଧାରରେ ଜଣେ ଡାକ୍ତର, ଐତିହାସିକ ତଥା ଦାର୍ଶନିକ । ସେ ୧୬୫୬ ଖ୍ରୀଷ୍ଟାବ୍ଦରେ ଭାରତରେ ପଦାର୍ପଣ କରି ୧୮୬୮ ପର୍ଯ୍ୟନ୍ତ ମୋଗଲ ଦରବାର ସହିତ ସହଯୋଗୀ ସଦସ୍ୟ ହୋଇ ମୋଗଲ ରାଜକୁମାର ଦାରା ସୁଖୋଙ୍କ ଡାକ୍ତର ରୂପେ ଅବସ୍ଥାପିତ ହେଲେ । ପରବର୍ତ୍ତୀକାଳରେ ମୋଗଲ ଦରବାରରେ ଅନ୍ୟତମ ଆରମେନିୟନ ସମ୍ଭ୍ରାନ୍ତ ପୁରୁଷ ଡେନିସମଣ୍ଡ ଖାନ ( **Danish Mand Khan**) ଙ୍କ ସହଯୋଗୀ ରୂପେ ରହିଲେ । ସେ ଭାରତର ଅନେକ ଅଞ୍ଚଳ ଭ୍ରମଣ କରି ଯାହା ଦେଖିଲେ ତାହା ୟୁରୋପୀୟ ସମାଜ ସହ ତୁଳନାକରି ଏକ ତୁଳନାତ୍ମକ ବିବରଣୀ ପ୍ରସ୍ତୁତ କରିଛନ୍ତି । ତାଙ୍କର ଲେଖାରେ ଭାରତର ଗତି ୟୁରୋପୀୟ ପ୍ରଗତି ତୁଳନାରେ ନିରୁତ୍ସାହଜନକ ବୋଲି ଚିତ୍ରଣ

କରିଛନ୍ତି । ଯଦିଓ ତାଙ୍କର ଆକଳନ ନିର୍ଭୁଲ ନଥିଲା ତଥାପି ତାଙ୍କର ଲେଖା ଲୋକପ୍ରିୟ ହୋଇଥିଲା ।

ବରନିୟରଙ୍କ ଭ୍ରମଣ ବୃତ୍ତାନ୍ତ ୧୬୭୦ ମସିହାରେ ପ୍ରଥମେ ଫ୍ରାନ୍ସରେ ପ୍ରକାଶିତ ହେଲା । ଅଳ୍ପ ସମୟ ମଧ୍ୟରେ ଅତି ଲୋକପ୍ରିୟ ହୋଇ ଆଦୃତ ହେଲା ଓ ୟୁରୋପୀୟ ଇଂରେଜୀ, ଡଚ୍, ଜର୍ମାନୀ ଓ ଇଟାଲିୟନ ଭାଷାରେ ଅନୁବାଦିତ ହୋଇ ପ୍ରକାଶ ପାଇଲା । ୧୬୭୦ ରୁ୧୭୧୫ ମଧ୍ୟରେ ବରନିରଙ୍କ ଭ୍ରମଣ ବୃତ୍ତାନ୍ତର ଫ୍ରାନ୍ସ ଭାଷାରେ ଆଠଥର ଓ ଂରେଜି ଭାଷାରେ ତିନିଥର ପୁନଃମୁଦ୍ରଣ ହୋଇଥିଲା ।

ବରନିୟର ଭାବୁଥିଲେ ଯେ ତାଙ୍କର ଉପସ୍ଥାପନା ଫ୍ରାନ୍ସ ଓ ୟୁରୋପର ବୁଦ୍ଧିଜୀବୀ ଓ ନୀତି ନିର୍ଦ୍ଧାରକଙ୍କୁ ସଠିକ ବିଷୟବସ୍ତୁ ଉପରେ ନିର୍ଣ୍ଣୟ ନେବାରେ ସହାୟକ ହେବ । ଭାରତର ସମାଜ ଓ ଶାସନ ବ୍ୟବସ୍ଥାର ବର୍ଣ୍ଣନାର ସବିଶେଷ ଆଲୋଚନା ଅନ୍ତର୍ଦୃଷ୍ଟି ଏବଂ ପ୍ରତିଫଳନ ଦେଖିବାକୁ ମିଳେ ତାଙ୍କର କୃତି ଟ୍ରାଭେଲସ୍ ଇନ୍ ମୁଗୋଲ ଏମ୍ପାୟର ( **Tavels in Mughal Empire**) ରେ ।

ତାଙ୍କର ଲେଖାରେ ସମସାମୟିକ ୟୁରୋପ ସହିତ ଭାରତର ମୋଗଲ ଶାସନ କାଳର ଭାରତର ତୁଳନାତ୍ମକ ବିବରଣୀ ମିଳେ । ସେ ସଦାବେଳେ ୟୁରୋପୀୟ ବ୍ୟବସ୍ଥାର ଉତ୍ କୃଷ୍ଟତା ପ୍ରତିପାଦନ କରିଛନ୍ତି । ତାଙ୍କର ତୁଳନାର ଢାଞ୍ଚା । ଥିଲା ଭାରତ ପାଶ୍ଚାତ୍ୟ ତୁଳନାରେ ସମସ୍ତ ସ୍ତରରେ ବିପରୀତ ଓ ଭାରତର ସ୍ଥିତି ନିମ୍ନମାନର ।

ବରନିୟରଙ୍କ ବର୍ଣ୍ଣନାରେ ଭାରତରେ ଜମିର ମାଲିକ ଅଟନ୍ତି ମୋଗଲ ସମ୍ରାଟ ଏବଂ ସେ ସମ୍ଭ୍ରାନ୍ତମାନଙ୍କୁ ଜମି ବାଣ୍ଟିଛନ୍ତି । ଫଳସ୍ୱରୂପ ଭାରତର ସମାଜ ଓ ଅର୍ଥନୀତିରେ ଦୁର୍ଭାଗ୍ୟପୂର୍ଣ୍ଣ କ୍ଷତି ଦେଖିବାକୁ ମିଳୁଛି । ୟୁରୋପରେ ଜମିର ବ୍ୟକ୍ତିଗତ ମାଲିକାନା ଅଛି । ଚାଷିମାନେ ଜମି ଉନ୍ନତ କରି ଉତ୍ପାଦନ ବଢ଼ାଇ ଧନିକ ହୋଇଛନ୍ତି । ଭାରତରେ ତ୍ରୁଟିପୂର୍ଣ୍ଣ ଜମି ବ୍ୟବସ୍ଥା ଯୋଗୁ ଚାଷି ନିଜେ ଚାଷ କରୁଥିବା ଜମିକୁ ନିଜ ସନ୍ତାନଙ୍କୁ ହସ୍ତାନ୍ତର କରିପାରୁନାହିଁ । ଫଳସ୍ୱରୂପ ଚାଷି ଜମିରେ ଉନ୍ନତ ଚାଷ କରି ଉତ୍ପାଦନ ବଢ଼ାଇ ଚାଷ ବିସ୍ତାର କରିବାର ଇଚ୍ଛା କରୁନାହାନ୍ତି ଓ ବଡ଼ ଜମିମାଲିକ ଶ୍ରେଣୀ ସୃଷ୍ଟି ହେଉନାହାନ୍ତି । ସାରା ଭାରତରେ ଏକା ଧରଣର କ୍ଷତି ହୋଇ ଚାଷି ଶୋଷଣର ଶିକାର ହେଉଛି । ସେମାନଙ୍କ ଜୀବନଧାରଣର ମାନ କମିଯାଇଛି । ସମାଜରେ କେବଳ ସମ୍ଭ୍ରାନ୍ତ ଗୋଷ୍ଠୀ ସୁଖରେ ଅଛନ୍ତି । ସେମାନଙ୍କ ସଂଖ୍ୟା ଅତି ସ୍ୱଳ୍ପ । ଭାରତର ସମାଜରେ ଅଧିକ ସଂଖ୍ୟକ ଲୋକ ପ୍ରାୟ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀ ନାହାନ୍ତି । ବୋଧହୁଏ ବରନିୟର ସେ ସମୟରେ ୟୁରୋପରେ ଚାଲିଥିବା ବିତର୍କ 'ଦେଶ ଓ ସରକାରର ସ୍ୱରୂପ ଓ ପ୍ରକୃତିକୁ' ଆଖି ଆଗରେ ରଖି – ଉପସ୍ଥାପନ କରିବାକୁ ଚାହୁଁଥିଲେ ଜମିର ଘରୋଇ ମାଲିକାନାର ସୁଫଳ ଓ କୁଫଳ । ସେ ଘରୋଇ ମାଲିକାନାର ସପକ୍ଷରେ ଥିଲେ ।

ବରନିୟରଙ୍କ ଦୃଷ୍ଟିରେ ମୋଗଲ ସାମ୍ରାଜ୍ୟରେ ରାଜା ଭିକାରି ଓ ବର୍ବରମାନଙ୍କ ରାଜା । ସହର ଓ ନଗରୀ ମାନ ଧ୍ୱଂସପ୍ରାୟ ଏବଂ ପବନ ଦୂଷିତ, ଜମିରେ ବୁଦାମାଡ଼ି ବନଭୂମି ପାଲଟି ମାରାତ୍ମକ ଓ ସ୍ୱସନ୍ତିଆ ହେଉଛି । ଉପରୋକ୍ତ ଅବସ୍ଥାର ଏକମାତ୍ର କାରଣ ସମ୍ରାଟଙ୍କ ରାଜ୍ୟର ଜମି ଉପରେ ଏକଚାଟିଆ ମାଲିକାନା ।

ବରନିୟରଙ୍କ ବିବରଣୀରେ ଜମି ଉପରେ ରାଜ୍ୟର ଏକଚାଟିଆ ମାଲିକାନା ଥିବାର ବର୍ଣ୍ଣନା ଅଛି; କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ମୋଗଲ କାଗଜପତ୍ରରେ ରାଜ୍ୟର ଏକଚାଟିଆ ମାଲିକାନା ଥିବାର କୌଣସି ସୂଚନା ନାହିଁ । ମୋଗଲ ସମ୍ରାଟ ଆକବରଙ୍କ ସମୟରେ ଆବୁଲ ଫାଜଲ ଶାସକୀୟ ବିବରଣୀ ଲେଖୁଥିଲେ । ସେ ତାଙ୍କର ବିବରଣୀ ଓ ପଞ୍ଜିକାରେ ଭୂ ରାଜସ୍ୱକୁ 'ସର୍ବମୟ କର୍ତ୍ତୃତ୍ୱଙ୍କ ପୁରସ୍କାର' ବୋଲି ଅଭିହିତ କରିଛନ୍ତି; ଯେଉଁ ପୁରସ୍କାର ସର୍ବମୟ କର୍ତ୍ତୃତ୍ୱ ନିଜ ପ୍ରଜାଙ୍କଠାରୁ ସୁରକ୍ଷା ଯୋଗାଇଥିବାର ପ୍ରାପ୍ୟରୂପେ ନେଇଥାଏ । ଏଣୁ ରାଜସ୍ୱ ଭାରତରେ

ଜମିର ଭଡ଼ା ନଥିଲା । ହୁଏତ ୟୁରୋପୀୟନ ମାନଙ୍କୁ ଲାଗିଥାଏ ପରେ ଏହା ଜମିର ଭଡ଼ା ଯେମିତି ତାଙ୍କ ଦେଶରେ ପ୍ରଚଳନ ଥିଲା । ଦ୍ୱିତୀୟତଃ ଅନେକ ସ୍ଥାନରେ ଭାରତରେ ରାଜାର ପ୍ରାପ୍ୟ ଅତ୍ୟଧିକ ଥିଲା; କିନ୍ତୁ ଜମି ଭଡ଼ା ନଥିଲା କିମ୍ବା ଜମି କର ନଥିଲା । କେବଳ ଉତ୍ପାଦିତ ଶସ୍ୟ ଉପରେ କର ଥିଲା ଯାହା ରାଜାର ପ୍ରାପ୍ୟ ରୂପେ ଗ୍ରହଣୀୟ ଥିଲା ।

ବରନିୟରଙ୍କ ବର୍ଣ୍ଣନା ପାଶ୍ଚାତ୍ୟ ତତ୍ତ୍ୱଦର୍ଶୀଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ଅଷ୍ଟାଦଶ ଶତାବ୍ଦୀରେ ଓ ତତ୍‌ପରେ ଫରାସୀ ଦାର୍ଶନିକ ମନଟେସକ୍ୟୁ ବରନିୟରଙ୍କ ଭ୍ରମଣ ବୃତ୍ତାନ୍ତକୁ ଅଧ୍ୟୟନ କରି ଧାରଣା ସୃଷ୍ଟି କଲେ 'ପ୍ରାଚ୍ୟର ସ୍ୱେଚ୍ଛାଚାରିତା' (**Oriental Despotism**) ଯେଉଁ ଧାରଣାରେ ଏସିଆର ରାଜାମାନେ ନିଜ ପ୍ରଜାଙ୍କ ଉପରେ ନିରଙ୍କୁଶ କ୍ଷମତା ଉପଭୋଗ କରନ୍ତି । ପ୍ରଜାମାନଙ୍କୁ ସେମାନେ ଚିରଦିନ ଗରିବ ଓ ବଶୀଭୂତ ସ୍ଥିତିରେ ରଖିଥାନ୍ତି । ଦେଶର ସମସ୍ତ ଜମି ରାଜାଙ୍କର ଓ ବ୍ୟକ୍ତିଗତ ଜମି ମାଲିକାନା ନାହିଁ । ଏହି ବ୍ୟବସ୍ଥାରେ କେବଳ ରାଜା ଓ ସମ୍ଭ୍ରାନ୍ତଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ଦୀନହୀନ ହୋଇ କେବଳ ବଞ୍ଚିରହିଛନ୍ତି । ଏପରି ଏକ ଚିନ୍ତାଧାରା ଊନବିଂଶ ଶତାବ୍ଦୀରେ କାର୍ଲମାକ୍ସଙ୍କୁ ପ୍ରଭାବିତ କରିଥିଲା । ସେ ଲେଖିଥିଲେ ଏସିଆଟିକ୍ ମୋଡ଼ ଅଫ ପ୍ରଡ଼କସନ (**Asiatic mode of Production**) । ଯେଉଁଥିରେ ସେ ଦର୍ଶାଇଛନ୍ତି ଯେ ଭାରତ ଓ ଏସିଆରେ ଇୟୁରୋପର ଉପନିବେଶ ସ୍ଥାପନ ପୂର୍ବରୁ ରାଜ୍ୟ ଚାଷିଙ୍କଠାରୁ ଚାଷୀର ସମ୍ପୂର୍ଣ୍ଣ ସମସ୍ତ ବଳକା ଆତ୍ମସାତ କରୁଥିଲା । ଫଳସ୍ୱରୂପ ଭାରତରେ ଏକ ମାନ୍ଦା ପ୍ରବାହହୀନ ବ୍ୟବସ୍ଥା ସୃଷ୍ଟି ହୋଇଥିଲା ।

ପ୍ରକୃତରେ ଏପରି ସ୍ଥିତି ଭାରତରେ ନଥିଲା । ଭାରତର ଗ୍ରାମାଞ୍ଚଳରେ ସାମାଜିକ ଓ ଆର୍ଥିକ ବ୍ୟବସ୍ଥା ବହୁ ସ୍ତର ବିଶିଷ୍ଟ ଥିଲା ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ । ସମାଜର ବଡ ବଡ଼ ଜମିଦାରମାନେ ଜମି ଉପରେ ନିଜର ଅଧିକାର ଜାହିର କରୁଥିବା ସମୟରେ ସମାଜର ଅସ୍ପୃଶ୍ୟମାନେ ଜମିହୀନ ଥିଲେ । ଏଇ ଦୁଇଙ୍କ ମଧ୍ୟସ୍ଥଳରେ ବଡ଼ ଚାଷୀ କୃଷକ ଓ କୃଷିଶ୍ରମିକ ବିନିଯୋଗ କରି ଫସଲ ଉତ୍ପାଦନ କରୁଥିଲା । କ୍ଷୁଦ୍ରାଚାଷି ନିଜର ସୀମିତ ସମ୍ବଳ ଭିତରେ ତୁଷ୍ଟି ଭାବରେ ରହିବା ପାଇଁ ଚାଷ କରୁଥିଲେ । ବରନିୟର ତାଙ୍କ ବିବରଣୀରେ ମୋଗଲ ରାଜ୍ୟକୁ ଏକ ଦମନମୂଳକ ଶାସନ ଭାବରେ ଚିତ୍ରଣ କରିବାକୁ ଚେଷ୍ଟା କରିଥିଲେ; କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେ ସମୟର ଜଟିଳ ସାମାଜିକ ସତ୍ୟତା ଉପରେ ମଧ୍ୟ ଆଲୋକପାତ କରିଛନ୍ତି । ଯେପରିକି ସେ ଗୋଟିଏ ପଟେ ଦର୍ଶାଇଛନ୍ତି ଯେ ଭାରତରେ ଶିଳ୍ପ ଓ ଉତ୍ପାଦନକାରୀଙ୍କ ମାନ ହ୍ରାସ ପାଇ ଉତ୍ପାଦନକାରୀ କାରିଗର ହ୍ରାସ ପାଉଥିଲେ; କିନ୍ତୁ ଅନ୍ୟପଟେ ଦର୍ଶାଇଛନ୍ତି ଯେ ଭାରତର ସାମଗ୍ରୀ ବଦଳରେ ବହୁ ମୂଲ୍ୟବାନ ଧାତୁ ସୁନା ଓ ରୁପାର ମୁଦ୍ରା ଆକରରେ ଆସୁଥିଲା । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଭାରତର ସମୃଦ୍ଧ ବଣିକ ଗୋଷ୍ଠୀ ଦୂରଦେଶ ସହିତ ବାଣିଜ୍ୟ କାରବାରରେ ନିୟୋଜିତ ଥିଲେ । ଭାରତର ସାମଗ୍ରୀ ବଦଳରେ ସେମାନେ ସୁନାରୁପା ଆଣୁଥିଲେ । ବରନିୟର ମୋଗଲ ସାମ୍ରାଜ୍ୟର କାରଖାନାର ବର୍ଣ୍ଣନା କରିଛନ୍ତି ଯେଉଁଠାରେ କାରିଗରମାନେ ନିଜ ନିଜର ତତ୍ତ୍ୱାବଧାରକ ଅଧୀନରେ କାମ କରୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ବସ୍ତ୍ର ପ୍ରଭୃତିରେ ଛୁଞ୍ଚିକାମ କରୁଥିଲେ, କେଶବିନ୍ୟାସ ଦ୍ରବ୍ୟ ପ୍ରସ୍ତୁତି କାମ ଶିଖୁଥିଲେ । ଏହା ସହିତ ସ୍ୱର୍ଣ୍ଣକାର, ରଙ୍ଗଶିଳ୍ପୀ, ଦରଜି, ମୋଚି, ଲେଜର ଯନ୍ତ୍ର ଚଳାଇବା କାରିଗର କାଠ କାରିଗର, ପଶମ, କାର୍ପାସ ଓ ଜରିକାମ କାରିଗର । ସେମାନେ ପ୍ରତିଦିନ କାରଖାନାରେ ନିୟୋଜିତ ହେଉଥିଲେ ।

ବରନିୟରଙ୍କ ବିବରଣୀରେ ସତୀପ୍ରଥାର ବିଶଦ ଆଲୋଚନା ରହିଛି । ସେ ଲେଖିଛନ୍ତି ଯେ ଯଦିଓ କେତେକ ମହିଳା ଆନନ୍ଦରେ ନିଜ ସ୍ୱାମୀଙ୍କ ଚିତାଭସ୍ମରେ ଝାସ ଦିଅନ୍ତି ମହିଳା ବାଧ୍ୟ ହୋଇ ସମାଜର ଚାପରେ ସତୀ ହୋଇଥାନ୍ତି । ମହିଳାମାନଙ୍କ ଭୂମିକା କୃଷି ଓ ଅଣକୃଷି ଉତ୍ପାଦନ ପ୍ରକ୍ରିୟାରେ ମହତ୍ତ୍ୱପୂର୍ଣ୍ଣ । ବଣିକ ପରିବାରର

ମହିଳାମାନେ ବ୍ୟବସାୟ କାରବାରରେ ଅଂଶଗ୍ରହଣ କରୁଥିଲେ । ଏଥିରୁ ଜଣାପଡ଼େ ଯେ ମହିଳାମାନେ କେବଳ ଘରର ଚାରିକାନ୍ଥରେ ସୀମାବଦ୍ଧ ନଥିଲେ ।

## ସାରାଂଶ

ଭାରତକୁ ଅନେକ ବିଦେଶୀ ଯାତ୍ରୀ, ପରିବ୍ରାଜକ, ପର୍ଯ୍ୟଟକ ଆସିଛନ୍ତି ସମୟ ସମୟରେ ଓ ସେମାନଙ୍କ ମଧ୍ୟରୁ କେତେକଙ୍କ ଅନୁଭୂତିର ବିବରଣୀ ଉପଲବ୍ଧ ।ସେମାନଙ୍କ ବିବରଣୀରେ ଭାରତର ସମାଜର ଚିତ୍ର, ଧର୍ମଧାରା, ସାହିତ୍ୟ ,ରାଜ ଦରବାରର କାର୍ଯ୍ୟକଳାପ, ଆଦିବାସୀଙ୍କ ସଂସ୍କୃତି, ତୀର୍ଥସ୍ଥାନ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ଉଲ୍ଲେଖନୀୟ ଦିଗ, ଗ୍ରାମ-ସହର-ନଗରୀର ଦୃଶ୍ୟ ଇତ୍ୟାଦି ସ୍ଥାନ ପାଇଛି । ଏକାଦଶ ଶତାବ୍ଦୀରେ ଆସିଥିବା ଅଲ-ବିରୁନି, ଚତୁର୍ଦ୍ଦଶ ଶତାବ୍ଦୀରେ ଆସିଥିବା ଇବନବତୁତା ଏବଂ ସପ୍ତଦଶ ଶତାବ୍ଦୀରେ ଆସିଥିବା ଫ୍ରାନ୍‌କୋଇସ୍ ବରନିୟରଙ୍କ ଭାରତ ବିବରଣୀରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ଓ ନିରୀକ୍ଷଣ ଆମକୁ ସାହାଯ୍ୟ କରେ ଏକ ତୁଳନାତ୍ମକ ଅଧ୍ୟୟନ ପାଇଁ ଓ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ଜ୍ଞାନ ପରିସରକୁ ସମୃଦ୍ଧ କରିବା ପାଇଁ ।

## ଆଦର୍ଶ ପ୍ରଶ୍ନାବଳୀ

### ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ ।

କ) ମୂଳ କିତାବ-ଉଲ-ହିନ୍ଦ ପୁସ୍ତକ କେଉଁ ଭାଷାରେ ଲେଖା ହୋଇଥିଲା ।?

ଖ) କିତାବ-ଉଲ-ହିନ୍ଦ ପୁସ୍ତକ କେଉଁ ବିଷୟରେ ଲେଖା ହୋଇଛି ?

ଗ) କିତାବ-ଉଲ-ହିନ୍ଦ ପୁସ୍ତକରେ ଭାରତର ଜାତିପ୍ରଥା ବିଷୟରେ କ'ଣ ଉଲ୍ଲେଖ ଅଛି ?

ଘ) ଇବନ୍ ବତୁତା କେଉଁ ସହର, କେଉଁଦେଶ ଓ ମହାଦେଶରେ ଜନ୍ମଗ୍ରହଣ କରିଥିଲେ ?

ଙ) ଇବନ୍ ବତୁତା ଭାରତର କେଉଁ ପ୍ରଦେଶରେ ପ୍ରଥମେ ପହଞ୍ଚିଲେ ?

ଚ) ଇବନ୍ ବତୁତା ଭାରତକୁ ପହଞ୍ଚିଲା ସମୟରେ ଦିଲ୍ଲୀର ସୁଲତାନ କିଏ ଥିଲେ ?

ଛ) ଇବନ୍ ବତୁତା ଭାରତର ପାନ ଓ ନଡ଼ିଆ ବିଷୟରେ କ'ଣ ଲେଖିଛନ୍ତି ?

ଜ) ଫ୍ରାନକୋଇସ୍ ବରନିୟର କେଉଁ ଖ୍ରୀଷ୍ଟାବ୍ଦରେ ଭାରତ ପହଞ୍ଚିଲେ ଓ ସେ ସମୟରେ ଭାରତର ସମ୍ରାଟ୍ କିଏ ଥିଲେ ?

ଝ) ଫ୍ରାନକୋଇସ୍ ବରନିୟର କେଉଁ ଭାରତର କେଉଁ ମୋଗଲ ରାଜକୁମାର ଓ କେଉଁ ସମ୍ଭ୍ରାନ୍ତଙ୍କ ଚିକିତ୍ସକ ରୂପେ କାମ କରିଥିଲେ ?

### ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

କ) ଫ୍ରାନକୋଇସ୍ ବରନିୟରଙ୍କର ଭାରତର ରାଜସ୍ୱ ଓ ଜମିଜମା ମାଲିକାନା ଉପରେ ମତ କ'ଣ ଥିଲା ?

ଖ) କିତାବ-ଉଲ-ହିନ୍ଦ ପୁସ୍ତକ ବିଷୟରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖ ?

ଗ) ଇବନ୍‌ବତୁତା ଓ ବରନିୟରଙ୍କ ଭାରତ ବିବରଣୀର ଏକ ତୁଳନାତ୍ମକ ଉପସ୍ଥାପନା କର ?

ଘ) ବରନିୟରଙ୍କ ବିବରଣୀରେ ଭାରତର ସହର ବିଷୟରେ କ'ଣ କ'ଣ ଲେଖିଛନ୍ତି ?

ଙ) ବରନିୟରଙ୍କ ବିବରଣୀରେ ଭାରତର ସତୀପ୍ରଥା ବିଷୟରେ କ'ଣ ଲେଖା ହୋଇଛି ?

## ଦୀର୍ଘଉତ୍ତରମୂଳକ ପ୍ରଶ୍ନ

କ) ଅଲବିରୁନିଙ୍କ ଭାରତର ବିବରଣୀରୁ ତାଙ୍କର କେଉଁ ମନୋଭାବ ଓ ମତ ପ୍ରତିଫଳିତ ହୋଇଛି ?

ଖ) ଇବନ୍ ବତୁତାଙ୍କ ଭାରତ ଭ୍ରମଣ ବିବରଣୀରେ ତାଙ୍କର କେଉଁ ମନୋଭାବ ଓ ମତ ପ୍ରତିଫଳିତ ହୋଇଛି ?

ଗ) ବରନିୟରଙ୍କ ଭାରତ ଭ୍ରମଣ ବିବରଣୀରେ ତାଙ୍କର କେଉଁ ମନୋଭାବ ଓ ମତ ପ୍ରତିଫଳିତ ହୋଇଛି ?

## ଅଷ୍ଟମ ଅଧ୍ୟାୟ

### ଦିଲ୍ଲୀ ସୁଲତାନୀ ଶାସନ : ସାଲତାନୀ ରାଜ୍ୟର ଚରିତ୍ର, ସାମାଜିକ ସଙ୍ଗଠନ ମହିଳାଙ୍କ ସ୍ଥାନ

### (Delhi Sultante : Nature of State, Social Structure Position of Women)

ଆରବ ଦେଶର ସେନାଧକ୍ଷ ମହମ୍ମଦ-ବିନ୍-କାସିମ୍ ଭାରତର ସିନ୍ଧୁ ପ୍ରଦେଶର ରାଜା ଦାହିରଙ୍କୁ ରାଓ୍ୱାର ଠାରେ ଯୁଦ୍ଧରେ ପରାସ୍ତ ଓ ନିହତ କଲେ ୭୧୨ ଖ୍ରୀଷ୍ଟାବ୍ଦରେ । ଏହାଥିଲା

ଭାରତ ଉପମହାଦେଶ ଉପରେ ପ୍ରଥମ ବିଧିବଦ୍ଧ ମୁସଲମାନ ସାମରିକ ଆକ୍ରମଣ ଓ ଭାରତ ଇତିହାସର ଏକ ନୂତନ ଅବଧିର ପ୍ରାରମ୍ଭ । ପରବର୍ତ୍ତୀ କାଳରେ ଗୋଟିଏ ପରେ ଗୋଟିଏ ଆରବ, ତୁର୍କ, ଆଫଗାନ ଓ ମଙ୍ଗୋଲ ଆକ୍ରମଣର ଧାରା ସୃଷ୍ଟି ହେଲା । ଏ କ୍ରମରେ ଅଛନ୍ତି ଗଜନୀର ମାମୁଦଠାରୁ ଘୋର ରାଜ୍ୟର ସାହାବୁଦ୍ଦିନ୍ ମହମ୍ମଦ ଘୋରୀ । ୧୧୯୨ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ତିରୋରୀ ଯୁଦ୍ଧରେ ଦିଲ୍ଲୀ ସମ୍ରାଟ ପୃଥ୍ୱୀରାଜଙ୍କୁ ଚୂଡ଼ାନ୍ତ ରୂପେ ପରାସ୍ତ କରି ମହମ୍ମଦ ଘୋରୀ ଦିଲ୍ଲୀ ଅକ୍ତିଆର କଲେ । ଉତ୍ତର ଭାରତକୁ ନିଜ ଅଧୀନରେ ଆଣିଲେ । ମହମ୍ମଦ ଘୋରୀଙ୍କ ମୃତ୍ୟୁପରେ ଭାରତ ଦାୟିତ୍ୱରେ ଥିବା ତାଙ୍କ ରାଜ ପ୍ରତିନିଧି ତଥା ସେନାଧକ୍ଷ କୁତ୍‌ବୁଦ୍ଦିନ୍ ଆଇବାକ୍ ୧୨୦୬ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀର ପ୍ରଥମ ସୁଲତାନ ହେଲେ । ଏ ସମସ୍ତ ଘଟଣା ଭାରତ ଇତିହାସରେ ଏକ ଉଲ୍ଲେଖନୀୟ ମୋଡ଼ ନେଲା ଓ ଭାରତର ଭବିଷ୍ୟତ ରାଜନୈତିକ ଭାଗ୍ୟ ନିରୂପଣ କଲା । ୧୨୦୬ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିନିଶହ କୋଡ଼ିଏ ବର୍ଷ ତୁର୍କ, ଆଫଗାନ ମୁସଲମାନ ଶାସକବର୍ଗ ଯଥାକ୍ରମେ ଦାସ, ଖିଲଜୀ, ତୁଘଲକ, ସୟାଦ୍ ଓ ଲୋଦୀ ବଂଶର ଭାରତର ଶାସନ-ମୁଖ୍ୟ ବା ସୁଲତାନ ରାଜଧାନୀ ଦିଲ୍ଲୀକୁ ଶାସନ କଲେ । ଥେଣୁ ଉପରୋକ୍ତ ସମୟକୁ ଦିଲ୍ଲୀ ସୁଲତାନୀ ଶାସନକାଳ ଓ ଦିଲ୍ଲୀ ସୁଲତାନ ରାଜତ୍ୱ ବୋଲି କୁହାଯାଏ ।

**ଦିଲ୍ଲୀ ସୁଲତାନୀ ଶାସନ କାଳରେ ଦେଶର ରୂପରେଖ ଓ ଚରିତ୍ର -**

ଦିଲ୍ଲୀରେ ସୁଲତାନ ଶାସନ ସ୍ଥାପନ ପରେ ଭାରତର ସୁଲତାନ ଶାସନ ନୂତନ ଅଞ୍ଚଳ ଜୟ କରି ନିଜ ସାମ୍ରାଜ୍ୟରେ ମିଶାଇବା ସଙ୍ଗେସଙ୍ଗେ ସାମ୍ରାଜ୍ୟକୁ ଦୃଢ଼ କରିବା ପ୍ରକ୍ରିୟା ଆରମ୍ଭ କଲେ । ଦୁଇଟି ପ୍ରତିଷ୍ଠିତ ସାଂସ୍କୃତିକ ଗୋଷ୍ଠୀ ଯେତେବେଳେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଲେ ଫଳସ୍ୱରୁପ ପରିଣାମ ଆଗ୍ରହ ଆକର୍ଷଣକାରୀ ଓ ସମୟ ସମୟରେ ଅପ୍ରତ୍ୟାଶିତ ଗମ୍ଭୀର ପରିବର୍ତ୍ତନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତି କ୍ଷେତ୍ରରେ ଦେଖାଦେଲା । ଦୁଇ ସଂସ୍କୃତିର ଭେଟରେ ସମ୍ମୁଖ ଯୁଦ୍ଧ, ପ୍ରତିରୋଧ ଓ ସାମ୍ପ୍ରଦାୟିକତା ଦେଖାଦେଲା କିନ୍ତୁ ତତ୍‌ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବନା, ସମନ୍ୱୟ ଓ ମିଳନର ପରିବେଶ ପାଇଁ ଚିନ୍ତାଧାରା, ମତିଗତିର ମଧ୍ୟ ସଠିକ୍ ଅଗ୍ରଗତି ହେଲା । ସୁଲତାନମାନଙ୍କ ପାଇଁ ନୂତନ ଭାବେ ଜୟ କରିଥିବା ରାଜ୍ୟ ଓ ଅଞ୍ଚଳରେ ନିଜର ପ୍ରଭୁତ୍ୱ ଓ ପ୍ରଶାସନ ଦୃଢ଼ କରିବା ଓ ବାନ୍ଧି ରଖିବା ଏତେ ସହଜ ନଥିଲା । ସେମାନେ ବିଦେଶୀ ଥିଲେ ଓ ଭାରତର ଶାସନ ପ୍ରଣାଳୀ ଓ ପରମ୍ପରା ବିଷୟରେ ଅନଭିଜ୍ଞ ଥିଲେ । ସେଥିପାଇଁ ସେମାନଙ୍କୁ ଜଟିଳ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାର ସମାଧାନ କରିବାକୁ ପଡ଼ିଥିଲା । ଏଭଳି ପରିସ୍ଥିତିର ଆମୂଳଚୂଳ ପରିବର୍ତ୍ତନ ସମ୍ଭବ ନଥିଲା । ସେଥିପାଇଁ ଭାରତର ପ୍ରଚଳିତ ଶାସନ କଳା ଓ ବ୍ୟବହାରିକ କାର୍ଯ୍ୟ ପ୍ରଣାଳୀରେ ବିଶେଷ ପରିବର୍ତ୍ତନ ଆଣିଥିଲେ ସେମାନଙ୍କ

ଶାସନର ପ୍ରଥମ ପର୍ଯ୍ୟାୟରେ ଏବଂ ଇସଲାମ ଧର୍ମର ପ୍ରଚଳିତ ଅନୁଷ୍ଠାନଗୁଡ଼ିକୁ ଭାରତରେ ଉପସ୍ଥାପନା ଆରମ୍ଭ କରିଥିଲେ ।

ଭାରତର ସୁଲତାନମାନେ ମୁସଲମାନ ଥିଲେ । ତେଣୁ ଶାସନ ମୁଖ୍ୟ ରୂପେ ସେମାନଙ୍କୁ ଇସଲାମ ଧର୍ମର ମୁଖ୍ୟ ଖଲିଫାଙ୍କ ସ୍ୱୀକୃତି ବିନାବୈଧ ନଥିଲା । ସେଥିପାଇଁ ସୁଲତାନି ଶାସନର ପ୍ରାରମ୍ଭ କାଳରେ ସେମାନେ ଖଲିଫାଙ୍କ ଖୁତବା ପଢୁଥିଲେ ଓ ଖଲିଫା ସେମାନଙ୍କୁ ସୁଲତାନ ରୂପେ ସ୍ୱୀକାର କରୁଥିଲେ । ତା' ସତ୍ତ୍ୱେ ଦିଲ୍ଲୀ ସୁଲତାନ ଶାସନ ବ୍ୟବସ୍ଥାର ମୌଳିକ ଚରିତ୍ର ସଂପୂର୍ଣ୍ଣ ଇସଲାମୀୟ ଧର୍ମତତ୍ତ୍ୱ ଉପରେ କେବେବି ଆଧାରିତ ନଥିଲା ଏହାର ପ୍ରମାଣ ମିଳେ । ସୁଲତାନ ଶାସନ ବ୍ୟବସ୍ଥାରେ । ଇସଲାମ ଧର୍ମ ଓ ରାଜ୍ୟର ପ୍ରତିଷ୍ଠାତା ପ୍ରୋଫେଟ ମହମ୍ମଦଙ୍କ ମୃତ୍ୟୁପରେ ୬୬୨ ଖ୍ରୀଷ୍ଟାବ୍ଦରେ ଖଲିଫା ପଦ ଓ ଅନୁଷ୍ଠାନ ଆରମ୍ଭ ହେଲା ଇସଲାମୀୟ ବ୍ୟବସ୍ଥାରେ । ଖଲିଫାଙ୍କୁ ଇସଲାମ ଧର୍ମର ଅଭିଭାବକ ଏବଂ ରାଜନୈତିକ ବ୍ୟବସ୍ଥାର ପାଳକ ଓ ବିଶ୍ୱର ସମସ୍ତ ମୁସଲମାନ ଗୋଷ୍ଠୀଙ୍କ ମୁଖ୍ୟ ବୋଲି ପରମ୍ପରା ସୃଷ୍ଟି ହୋଇ ମୁସଲମାନ ମାନଙ୍କ ମଧ୍ୟରେ ସ୍ୱୀକୃତି ହେଲା । ଆରମ୍ଭରୁ ଗୋଟିଏ କେନ୍ଦ୍ରୀୟ ଖଲିଫା ଥିଲେ; କିନ୍ତୁ ଅଷ୍ଟମ ଶତାବ୍ଦୀରେ ବିଭାଜିତ ହୋଇ ତିନୋଟି କେନ୍ଦ୍ର ଯଥା ଉମାୟିତ ଖଲିଫା ସ୍ପେନ ଅଞ୍ଚଳରେ ଫାତିମିତ ଖଲିଫା ମିଶର ଅଞ୍ଚଳରେ ଓ ତୃତୀୟ ଖଲିଫା ବାଗ୍ ଦାଦ୍ ଅଞ୍ଚଳରେ । ଏମାନଙ୍କ ମଧ୍ୟରୁ ବାଗଦାଦର ଖଲିଫା ସର୍ବପୁରାତନ ଖଲିଫା ବ୍ୟବସ୍ଥାର ମୂଳକେନ୍ଦ୍ର । ପ୍ରତ୍ୟେକ ଖଲିଫା ସ୍ୱତନ୍ତ୍ର ଭାବେ ମୁସଲମାନମାନଙ୍କ ନିଜର ଅନୁଗତ ବୋଲି ଅଧିକାର ଦାବି କଲେ ।

ଇସଲାମ ଧର୍ମ ଓ ରାଜ୍ୟ ସ୍ଥାପନ ପ୍ରାରମ୍ଭ କାଳରେ ସ୍ୱାଧୀନ ସୁଲତାନ ପଦବୀ ଇସଲାମୀୟ ଜଗତରେ ସ୍ୱୀକାର୍ଯ୍ୟ ନଥିଲା । ଖଲିଫା ବ୍ୟବସ୍ଥାର ବିଘଟନ ପରେ ଅନେକ ବଂଶର ମୁଖ୍ୟମାନେ ଛୋଟଛୋଟ ନିଜର ପ୍ରଭାବ ଥିବା ଅଞ୍ଚଳରେ ରାଜ୍ୟ ସ୍ଥାପନ କଲେ । ତନ୍ମଧ୍ୟରୁ ଗଜନୀ ରାଜ୍ୟ ଗୋଟିଏ । ସୈଦ୍ଧାନ୍ତିକ ରୂପେ କୌଣସି ମୁସଲମାନ ଖଲିଫାଙ୍କ ଅନୁମତି ଓ ସ୍ୱୀକୃତି ବିନା ନିଜର ସ୍ୱାଧୀନ ରାଜ୍ୟ ସ୍ଥାପନ କରିପାରିବେ ନାହିଁ ବା ଖଲିଫାଙ୍କ ସ୍ୱୀକୃତି ବିନା ସ୍ଥାପିତ ରାଜ୍ୟକୁ ଇସଲାମ ଧର୍ମର ଅନୁଗତମାନେ ବିଧିସଂଗତ ବୋଲି ମାନିବେ ନାହିଁ । ଏ ସମସ୍ତ ସତ୍ତ୍ୱେ ଏହା ସତ୍ୟ ଯେ ଖଲିଫା ବ୍ୟବସ୍ଥାର ବିଘଟନ ପରେ ଖଲିଫାଙ୍କ ସ୍ୱୀକୃତି ଓ ଅନୁମତି କେବଳ ଔପଚାରିକ ଥିଲା ଓ ସହଜରେ ଅପ୍ରୟୋଜନ ବୋଲି ଘୋଷଣା କରି ହେଉଥିଲା ଓ ନିଜକୁ ସ୍ୱାଧୀନ ବୋଲି ଘୋଷଣା କଲେ ମଧ୍ୟ ଖଲିଫା କୌଣସି ବିଶେଷ ଦଣ୍ଡର ବ୍ୟବସ୍ଥା କରିପାରୁନଥିଲେ ।

ସୁଲତାନୀ ଶାସନ ପୂର୍ବରୁ ଭାରତରେ ପ୍ରଚଳିତ ବହୁ କେନ୍ଦ୍ରିୟ ରାଜତନ୍ତ୍ର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏକ-କୈନ୍ଦ୍ରିକ ଶାସନ ବ୍ୟବସ୍ଥାର ପ୍ରାରମ୍ଭ ହେଲା ଯହିଁରେ ସୁଲତାନ ରାଜ୍ୟର ସମସ୍ତ କ୍ଷମତାର ଅଧିକାରୀ ଓ କେନ୍ଦ୍ର ହେଲେ । ଆଞ୍ଚଳିକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଲା । ପୂର୍ବ ବ୍ୟବସ୍ଥାରେ ଆଞ୍ଚଳିକ ରାଜ୍ୟର ମୁଖ୍ୟ ସାମନ୍ତ, ରାନା, ରାଏ ଓ ଠାକୁରମାନଙ୍କ ଜମି ମାଲିକାନା ସ୍ଥାୟୀ ଥିଲା । କିନ୍ତୁ ନୂତନ ଆଞ୍ଚଳିକ ଇକତା ବା ପ୍ରାଦେଶିକ ରାଜସ୍ୱ ଆଦାୟ ଆଳରେ ସୁଲତାନଙ୍କ ପ୍ରତିନିଧିରୂପେ ଜଣେ ମୁଫତି ବା ଇକତାଦାର ରହିଲେ । ତାଙ୍କର ଜମି ମାଲିକାନା ନଥିଲା ଓ ନିୟମିତ ବ୍ୟବସ୍ଥାରେ ଗୋଟିଏ ଇକତାରୁ ଅନ୍ୟ ଇକତା ବଦଳିର ବ୍ୟବସ୍ଥା ଥିଲା । ମୁଫତିମାନେ କେନ୍ଦ୍ର ଶାସନ ଉପରେ ନିର୍ଭର କରିବାକୁ ବାଧ୍ୟ ହେଲେ । ରାଜସ୍ୱ ଆଦାୟ ମଧ୍ୟ ସହଜ ହେଲା । ସ୍ଥାନୀୟ ରାଣା, ରାଏ ମାନଙ୍କୁ ପରାସ୍ତ କରି ଉତ୍ତର ଭାରତରେ ମୁସଲମାନମାନେ ରାଜ୍ୟ ସ୍ଥାପନ କରି ନୂତନ ଶାସକ ହେଲେ । ସେମାନେ ଯାହା ଉପରେ ଶାସନ କଲେ ସେ ସ୍ଥାନୀୟ ଲୋକଙ୍କ ଜନସଂଖ୍ୟା ତୁଳନାରେ ସଂଖ୍ୟାରେ ଅତି ନଗଣ୍ୟ ଥିଲେ ଓ ଦ୍ୱିତୀୟତଃ ନୂତନ ଶାସକଙ୍କ ପାଖରେ ପର୍ଯ୍ୟାପ୍ତ ସମ୍ବଳ ନଥିଲା । ତେଣୁ ଭାରତର ସଂପଦ ଉପରେ ନିଜର ନିୟନ୍ତ୍ରଣ

ଜରୁରୀ ଓ ଅନିବାର୍ଯ୍ୟ ଥିଲା । ଉପରୋକ୍ତ ଦୁଇଟି କାରଣ ସୁଲତାନୀ ଶାସନ ବ୍ୟବସ୍ଥା ରାଜ୍ୟରେ ମୁଖ୍ୟ ପ୍ରଭାବ ପକାଇଲା ଓ ସାମଗ୍ରିକ ରୂପ ନେଲା ।

ସୈଦ୍ଧାନ୍ତିକ ଓ ଔପଚାରିକ ଦୃଷ୍ଟିରୁ ଦିଲ୍ଲୀର ସୁଲତାନମାନେ ସରିଆ ବା ଇସଲାମ ଧର୍ମର ନିୟମକୁ ପ୍ରାଧାନ୍ୟ ଦେଇଥିଲେ ଓ ପ୍ରଚେଷ୍ଟା କରିଥିଲେ ଯେମିତି ତାହାର ପ୍ରତ୍ୟକ୍ଷ ଅବମାନନା ନହୁଏ । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେମାନେ ଜର୍‌ୱାବିତ ବା ଧର୍ମ ନିରପେକ୍ଷ ବିଧି ବ୍ୟବସ୍ଥା ପ୍ରଚଳନ କରିଥିଲେ । ତେଣୁ ସୁଲତାନୀ ରାଜତ୍ୱ ସଂପୂର୍ଣ୍ଣ ଧର୍ମ ତତ୍ତ୍ୱ ଉପରେ ପର୍ଯ୍ୟବସିତ ନହୋଇ ଗୋଟିଏ ନୂତନ ଯୁବରାଜ୍ୟ ସ୍ଥାନୀୟ ପ୍ରତ୍ୟକ୍ଷ ଆବଶ୍ୟକତା ବିଚାରରେ ପରିଚାଳିତ ଥିଲା ଯଦିଓ ସୁଲତାନ ଓ ତାଙ୍କ ମୁଖ୍ୟ ଶାସକବର୍ଗ ଇସଲାମ ଧର୍ମ ପାଳନ କରୁଥିଲେ । ନିମ୍ନରେ ଦିଆଯାଇଥିବା ଦୁଇଟି ଉଦାହରଣ ଏହା ଦର୍ଶାଏ । ପ୍ରଥମ ଉଦାହରଣ: – ସୁଲତାନ ଇଲତୁତ୍‌ମିସ୍‌ଙ୍କୁ ଇସଲାମ ଧର୍ମର ଏକ ରକ୍ଷଣଶୀଳ ଗୋଷ୍ଠୀ ଚାପ ପକାଇଲେ ଇସଲାମ ଧର୍ମର ସମସ୍ତ ନୀତିନିୟମ ସଂପୂର୍ଣ୍ଣ ରୂପେ ଲାଗୁ କରିବାକୁ । ସେତେବେଳେ ସୁଲତାନ ଉତ୍ତର ଦେଇଥିଲେ "ଏବେ ସମୟ ଆସିନାହିଁ । ମୁସଲମାନମାନେ ଭାରତ ପରିସ୍ଥିତିରେ ଖାଦ୍ୟରେ ଲୁଣର ପରିମାଣ ସଦୃଶ । ତେଣୁ ସଂପୂର୍ଣ୍ଣ ଲାଗୁ କରିବା ସମ୍ଭବ ନୁହେଁ । ଦ୍ୱିତୀୟ ଉଦାହରଣ ସୁଲତାନ ଆଲ୍ଲାଉଦ୍ଦିନ ଖିଲଜୀଙ୍କ କାଜି ବା ଇସଲାମ ଧର୍ମର ବିଶେଷଜ୍ଞ ପ୍ରଶ୍ନ ଛଳରେ ଇସଲାମ ଧର୍ମର ନୀତିନିୟମକୁ ପାଳନ କରିବାକୁ ନିର୍ଦ୍ଦେଶ ଦେଲେ । ସେତେବେଳେ ଆଲ୍ଲାଉଦ୍ଦିନ ଦୃଢ଼ତାର ସହ କହିଥିଲେ, "ରାଜ୍ୟର ଆବଶ୍ୟକତା ସର୍ବପ୍ରଧାନ ଓ ତଦନୁସାରେ ସେ ନିଷ୍ପତ୍ତି ନିଅନ୍ତି" ।

ସୁଲତାନୀ ଶାସନ କାଳରେ ସୁଲତାନ ବା ରାଜ୍ୟମୁଖ୍ୟଙ୍କ ଉତ୍ତରାଧିକାରୀ ସତ୍ତ୍ୱ ସ୍ପଷ୍ଟ ନଥିଲା କିମ୍ବା ସନ୍ତୋଷ ଜନକ ବିଧି ବିକଶିତ ହୋଇନଥିଲା । ପୁରୁଷାନୁକ୍ରମିକ ନିୟମ ପାଳନ କରାହେଉନଥିଲା ବା ଗ୍ରହଣୀୟ ନଥିଲା । ପ୍ରଥମ ପୁତ୍ର ସନ୍ତାନ ରାଜସିଂହାସନ ଆରୋହଣ କରିବା ପରମ୍ପରା ମଧ୍ୟ ନଥିଲା । ସୁଲତାନ ଇଲତୁତମିସଙ୍କ ମୃତ୍ୟୁପରେ ତାଙ୍କର ମନୋନୀତ ଝିଅ ରେଜିଆ ଭାରତର ସୁଲତାନ ହେଲେ । ଅନେକ ସୁଲତାନ କ୍ରୀତଦାସରୁ ମୁକ୍ତ ହୋଇ ନିଜ ନିଜର ଶକ୍ତି, ସାମର୍ଥ୍ୟ ଓ ଅସୀ ବଳରେ ସୁଲତାନ ଆସନ ଅକ୍ତିଆର କରିଛନ୍ତି । ଉତ୍ତରାଧିକାରୀ ନିୟମ ବିକଶିତ ହୋଇନଥିବାରୁ ପ୍ରଥମ ସୁଲତାନ କୁତବୁଦ୍ଦିନ ଆଇବାକଙ୍କ ମୃତ୍ୟୁରେ ତାଙ୍କର ପୁଅ ସୁଲତାନ ନହୋଇ ଦାସତ୍ୱରୁ ମୁକ୍ତ ହୋଇଥିବା ତାଙ୍କ ଜ୍ୱାଇଁ ଇଲତୁତ୍ ମିସ ସୁଲତାନ ଆସନ ଅଧିକାର କରିଥିଲେ । ସେମିତି ପ୍ରତ୍ୟେକ ସୁଲତାନଙ୍କ ମୃତ୍ୟୁରେ ଗୁପ୍ତ ଷଡଯନ୍ତ୍ର ମୁଣ୍ଡ ଟେକୁଥିଲା ସିଂହାସନ ଓ କ୍ଷମତାକୁ ଅକ୍ତିଆର କରିବାକୁ ।

## ସୁଲତାନୀ ଶାସନକାଳର ସମାଜ

**ସୁଲତାନ :**

ଖଲିଫା ବ୍ୟବସ୍ଥା ବିଘଟନ ପରେ ଶକ୍ତିଶାଳୀ ଆଞ୍ଚଳିକ ପାଠକମାନେ ନିଜ ଅଞ୍ଚଳର ସ୍ୱାଧୀନ ସାର୍ବଭୌମ ଶାସକ ମୁଖ୍ୟ ବା ସୁଲତାନ ଘୋଷଣା କଲେ । ଭାରତର ସୁଲତାନ ଜନମଙ୍ଗଳ ପାଇଁ ସାମାଜିକ ଓ ରାଜନୈତିକ ବିଧିବ୍ୟବସ୍ଥା କରୁଥିଲେ । ସୁଲତାନମାନେ ନିଜ ନାମ ପ୍ରଚଳିତ ମୁଦ୍ରାରେ ଖୋଦାଇଥିଲେ ଏବଂ ଖୁତବା ବା ଶୁକ୍ରବାର ଦିନ ଏକତ୍ରିତ ନମାଜ ପରେ ଯେଉଁ ଉପଦେଶ ପାଠ କରାଯାଏ ସେଥିରେ ସୁଲତାନଙ୍କୁ ସେମାନଙ୍କର ମୁଖ୍ୟ ବୋଲି ଘୋଷଣା କରୁଥିଲେ । ସୁଲତାନମାନେ ନିଜର କ୍ଷମତା ଓ ଶକ୍ତିକୁ ସ୍ଥାୟୀ ଓ ସୁଦୃଢ଼ କରିବା ପାଇଁ ରାଜ୍ୟର ଦୂର ଦୂରାନ୍ତରୁ ରାଜସ୍ୱ ଓ ସମ୍ବଳ ଆଦାୟ କରିବାରେ ସଫଳ ହୋଇଥିଲେ । ସୁଲତାନଙ୍କୁ ହିଁ ଲୋକେ ରାଜା ବୋଲି ବିଚାର କରୁଥିଲେ । ସେମାନେ ନିଜକୁ ରାଜନୈତିକ ଦୃଷ୍ଟିରୁ ସ୍ୱାଧୀନ ଯଦିଓ ସାଂସ୍କୃତିକ ଦୃଷ୍ଟିକୋଣରୁ ସେମାନେ ଇସଲାମ ଜଗତର ଏକ ଅଂଶ ବୋଲି ଭାବୁଥିଲେ । ସୁଲତାନମାନେ ବଡ଼ବଡ଼ ରାଜପ୍ରାସାଦରେ ରହୁଥିଲେ ଓ

ଭାରତୀୟ ପରମ୍ପରାକୁ ଅନୁସରଣ କରି ରାଜକୀୟ ଛତ୍ର ଓ ଦଣ୍ଡ ବ୍ୟବହାର କରୁଥିଲେ । ସୁଲତାନ ବ୍ୟତୀତ ଅନ୍ୟକେହି ଛତ୍ର ଓ ଦଣ୍ଡ ବ୍ୟବହାର କରିବା ପାଇଁ ସ୍ୱୀକୃତ ନଥିଲେ ।

**ଉଲେମା :**

ଇସଲାମ ଧର୍ମଶାସ୍ତ୍ରକ ବା ଉଲେମାମାନଙ୍କ ସ୍ଥାନ ସୁଲତାନ ଶାସନ କାଳରେ ଗୁରୁତ୍ୱପୂର୍ଣ୍ଣ ଥିଲା । ଇମାମ ଓ ଖାଟିବ ବିତାରକ ଓ ଆଇନ ସମ୍ବନ୍ଧୀୟ ପଦବୀରେ ନିଯୁକ୍ତ ହେଉଥିଲେ । ସେମାନଙ୍କ ମଧ୍ୟରୁ ସଦର-ଉସ-ସୁଦୂର, ଶେଖ-ଉଲ-ଇସଲାମ, କାଜି,ମୁଫତି, ମୁହତସିଫ ଉଲେମାମାନେ ସୁଲତାନୀ ଶାସନ ବ୍ୟବସ୍ଥାରେ ସଂଯୁକ୍ତ ଥିଲେ ଏବଂ ସୁଲତାନଙ୍କ ଠାରୁ ରାଜସ୍ୱ ଅନୁଦାନ ପାଉଥିଲେ । ରାଜନୈତିକ ଆଦର୍ଶ ଦୃଷ୍ଟିରୁ ଏମାନଙ୍କ ଭୂମିକା ମହତ୍ତ୍ୱପୂର୍ଣ୍ଣ ଥିଲା କାରଣ ଏମାନେ ସୁଲତାନ ଶାସକ ଶ୍ରେଣୀକ ତଥା ସୁଲତାନୀ ଶାସନ ବ୍ୟବସ୍ଥାକୁ ବୈଧତା ପ୍ରଦାନ କରୁଥିଲେ । ତେଣୁ ଏମାନଙ୍କ କେବଳ ଧାର୍ମିକ ପ୍ରଭାବ ନଥିଲା ସମୟ ସମୟରେ ଏମାନେ ରାଜନୀତିରେ ମଧ୍ୟ ପ୍ରଭାବ ପକାଉଥିଲେ ।

**ସମ୍ଭ୍ରାନ୍ତବର୍ଗ :**

ମହମ୍ମଦ ଘୋରୀଙ୍କ ଆକ୍ରମଣ ସମୟରେ ସୁଲତାନୀ ଶାସନ କାଳ ବିକଶିତ ହେବା ପୂର୍ବରୁ ଉତ୍ତର ଭାରତରେ ଛୋଟଛୋଟ ରାଜ୍ୟରେ ସ୍ଥାନୀୟ ମୁଖ୍ୟ ରାଏ ରାଣାମାନେ ଶାସନ କରୁଥିଲେ । ପ୍ରତ୍ୟେକ ରାଜ୍ୟର ଗ୍ରାମମାନଙ୍କରେ ଖୋଟ, ମକଦ୍ଦମ ବା ଗ୍ରାମମୁଖିଆ ଓ ଶହେଗ୍ରାମ ପାଇଁ ଏକ ଚୌଧୁରୀ ବା ମୁଖ୍ୟଥିଲେ । ଏମାନେ ଗ୍ରାମର ଜମି ଉପରେ ବିଶେଷତ୍ୱ ସ୍ୱ ଅଧିକାରରେ ଚାଷିଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ସୁଲତାନୀ ରାଜ୍ୟ ବ୍ୟବସ୍ଥାରେ ଏମାନଙ୍କ ସ୍ଥାନ କଣ ରହିଲା, ନୂତନ ଶାସକଶ୍ରେଣୀ କିପରି ଏମାନଙ୍କ ବଦଳରେ ସ୍ଥାପନ ହେଲେ । କି ପ୍ରକାର ନୂଆ ରାଜସ୍ୱନୀତି ଲାଗୁ ହେଲା ।

ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀରେ ସୁଲତାନୀ ଶାସନ କାଳରେ ଉତ୍ତର ଭାରତର ଦକ୍ଷିଣ ଭାରତ ପର୍ଯ୍ୟନ୍ତ ନିଜ ରାଜନୈତିକ ଓ ସାମାଜିକ ରାଜ୍ୟ ପ୍ରତିଷ୍ଠାର ପ୍ରାରମ୍ଭ ହେଲା । ଅପରିଚିତ ଅଞ୍ଚଳକୁ ଶାସନ ତଥା ଶାସକ ଶ୍ରେଣୀକୁ ଶାନ୍ତ ଓ ସ୍ଥାପନ କରିବା ପାଇଁ ସୁଲତାନମାନେ ପଦକ୍ଷେପ ନେଲେ । ଯେଉଁ ଶାସକବର୍ଗ ତୁର୍କିରୁ ଆସିଥିଲେ ସେମାନେ ସୁଲତାନ ସହିତ ରାଜନୈତିକ ଓ ଆର୍ଥିକ କ୍ଷମତା ବାଣ୍ଟି ସକ୍ରିୟ ଭାଗ ନେଇଥିଲେ । ଦିଲ୍ଲୀଠାରୁ ଦୂରସ୍ଥାନକୁ ପ୍ରେରିତ ଅମିର ବା ସମ୍ଭ୍ରାନ୍ତଶ୍ରେଣୀ ରାଜ୍ୟପାଳ ରୂପେ ଜୟ କରିଥିବା ଅଞ୍ଚଳରେ କାର୍ଯ୍ୟତଃ ସ୍ୱାଧୀନ ରୂପେ କାମ କରୁଥିଲେ । ରାଜ୍ୟପାଳମାନଙ୍କୁ ମୁଫ୍‌ତି ବା ୱାଲି ନାମ ଦିଆଗଲା ଓ ତାଙ୍କର ଅଧୀନରେ ଥିବା ଅଞ୍ଚଳକୁ ଇକତା ରୂପେ ନାମିତ କରାଗଲା । ପରବର୍ତ୍ତୀ କାଳରେ ମୁଫ୍‌ତିମାନଙ୍କ ଗୋଟିଏ ଇକତାରୁ ନିୟମିତ ବ୍ୟବଧାନରେ ବଦଳିର ବ୍ୟବସ୍ଥା କରାଗଲା । ଏମାନଙ୍କ ବ୍ୟତୀତ କେତେକ ଅଞ୍ଚଳ ପୁରୁଣା ରାଣା, ରାଏ ଓ ଠାକୁରମାନେ ସୁଲତାନଙ୍କୁ ବାର୍ଷିକ ବରଦ ବା ଭେଟିଦେଇ ନିଜ ଅଞ୍ଚଳର ରାଜସ୍ୱ ଆଦାୟ କଲେ ।

ସୁଲତାନୀ ଶାସନର ପ୍ରାରମ୍ଭକାଳରେ ସମ୍ଭ୍ରାନ୍ତଶ୍ରେଣୀ ତୁର୍କ ଦାସ ପୃଷ୍ଠଭୂମିରୁ ଆସି ପରବର୍ତ୍ତୀ କାଳରେ ନିଜ ପ୍ରଭୁଙ୍କ ଦ୍ୱାରା ମୁକ୍ତ ଘୋଷଣା ହୋଇ ଶାସକୀୟ ପଦାଧିକାରୀ ହୋଇଥିଲେ । ସୁଲତାନ ଇଲତୁତ୍‌ମିସ୍, ସାମିମଲ୍ଲିକ ବା ଦାସମାନଙ୍କୁ ନେଇ ଏକ ବିଭାଗ ବା ଛୋଟ ସୈନ୍ୟଦଳ ତୁରକାନ-ଇ-ଚିହଲଗାନୀ ବା (The forty) ସୃଷ୍ଟି କରିଥିଲେ । ସେ ଏଥିରେ ସ୍ୱାଧୀନ ତୁର୍କମାନଙ୍କୁ ମଧ୍ୟ ସାମିଲ କରିଥିଲେ । ତେଣୁ ସମ୍ଭ୍ରାନ୍ତ ଶ୍ରେଣୀ ଏକ ନିର୍ଦ୍ଦିଷ୍ଟ

ଗୋଷ୍ଠୀ ବା ଶ୍ରେଣୀର ନଥିଲେ ଏଥିରେ ତୁର୍କ, ଆଫଗାନ, ଭାରତୀୟ ଓ ଆବାସେନୀୟ ଗୋଷ୍ଠୀରୁ ଥିଲେ; କିନ୍ତୁ ଯେଉଁ ତୁର୍କ ସାମନ୍ତବର୍ଗ ମହମ୍ମଦ ଘୋରୀଙ୍କ ଆକ୍ରମଣ ସମୟରେ ଭାରତକୁ ଆସିଥିଲେ ସେମାନେ ମୁଖ୍ୟତଃ ସେମାନେ ମହତ୍ତ୍ୱପୂର୍ଣ୍ଣ ପଦପଦବୀରେ କେନ୍ଦ୍ରରେ ତଥା ପ୍ରାଦେଶିକ ସ୍ତରରେ ସ୍ଥାନ ଅଧିକୃତ କଲେ ।

ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠଙ୍କୁ ମର୍ଯ୍ୟାଦା ସମ୍ମାନ ପଦବୀ ଖାନ୍ ପାହ୍ୟାରେ ଉପାଧି ପ୍ରଦାନ ମଞ୍ଜୁର କରୁଥିଲେ ସୁଲତାନ । ସମ୍ଭ୍ରାନ୍ତମାନଙ୍କ ମର୍ଯ୍ୟାଦାର ଦ୍ୱିତୀୟରେ ଥିଲେ 'ମାଲିକ' ଓ ତୃତୀୟ ପାହ୍ୟାରେ 'ଅମୀର' ପାହ୍ୟାର ନିମ୍ନ ନିମ୍ନରେ ଥିଲେ 'ସିପାହାଉଲା' ଓ 'ସରଖେଇ' । ସମ୍ଭ୍ରାନ୍ତ ଗୋଷ୍ଠୀ ହାଓ୍ୱେଲି ବା ବଡ଼ବଡ଼ ପ୍ରାସାଦରେ ରହୁଥିଲେ । ସୁସଜ୍ଜିତ ହାଓ୍ୱେଲିରେ ଅନେକ କୋଠରୀ, ଗାଧୁଆଘର, ରାଜମହଲ, ପୁସ୍ତକାଳୟ ଓ ପ୍ରାଙ୍ଗଣ ଥିଲା । ହାରେମ ବା ଅନ୍ତପୁରରେ ରାଣୀ, ଦାସଦାସୀ ରହୁଥିଲେ । ନିଜ ନିଜର ଦୈନନ୍ଦିନ ଦରକାରୀ ସାମଗ୍ରୀ ନିଜ ନିଜର ଘରୋଇ କାରଖାନାରେ ବ୍ୟବସ୍ଥା ରହିଥିଲା । ସେମାନଙ୍କ ରାଜ ଦରବାରରେ କାର୍ଯ୍ୟ ବ୍ୟତୀତ ଯୁଦ୍ଧ ସମୟରେ ଯୁଦ୍ଧ କରୁଥିଲେ । ଶାନ୍ତି ସମୟରେ ଶିକାର, ଭୋଜିଭାତ ନୃତ୍ୟ, ଗୀତ ଉପଭୋଗ କରୁଥିଲେ ।

**କ୍ରୀତଦାସ ଓ ଭୃତ୍ୟ :**

ସୁଲତାନୀ ଶାସନକାଳରେ ପ୍ରଭୁ ଓ କ୍ରୀତଦାସ ସମ୍ପର୍କ ନିଆରା ଥିଲା ସମ୍ଭ୍ରାନ୍ତ ଶ୍ରେଣୀ ନିଜକୁ ସୁଲତାନର କ୍ରୀତଦାସ ବୋଲି କହିବାକୁ ପସନ୍ଦ କରୁଥିଲେ । ଦାସ ଦୁଇ ପ୍ରକାରର ଥିଲେ । ପ୍ରଥମଟି ହେଲା ଖୋଲା ବଜାରରୁ କିଣିଥିବା କ୍ରୀତଦାସ ଓ ଦ୍ୱିତୀୟଟି ହେଲା ଯୁଦ୍ଧବନ୍ଦୀମାନଙ୍କୁ ଦାସ ରୂପେ ବ୍ୟବହାର । କ୍ରୀତଦାସ କାର୍ଯ୍ୟ କୁଶଳତା ଓ ଯୋଗ୍ୟତା ଅନୁସାରେ ଉଚିତ ମୂଲ୍ୟ ଦେଇ ଗୃହକାର୍ଯ୍ୟ କରିବାପାଇଁ କ୍ରୟ କରି ସମ୍ଭ୍ରାନ୍ତ ପରିବାର ଓ ଧନୀକ ଗୋଷ୍ଠୀ ଆଣୁଥିଲେ । ସେମାନଙ୍କୁ ହସ୍ତଶିଳ୍ପ କାମରେ ଓ ଅଙ୍ଗରକ୍ଷକ ଭାବେ କାମ କରାଉଥିଲେ । ବାଳକ କ୍ରୀତଦାସଙ୍କୁ ଖାସ୍‌କରି ସେମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦିଆହେଉଥିଲା ର ରାଣୀମହଲର ରକ୍ଷକ ଭାବରେ ସେମାନେ ଖ୍ୱାଜାସରା ରୂପେ ଜଣାଶୁଣା ଥିଲେ । ମହିଳା କ୍ରୀତଦାସୀମାନେ ଗୃହକର୍ମରେ ଓ ନୃତ୍ୟଗୀତ ପରିବେଷଣ ପାଇଁ ବ୍ୟବହାର ହେଉଥିଲେ । ସମ୍ଭ୍ରାନ୍ତ ଧନୀକ ପରିବାରରେ ଦାସଦାସୀ ରଖିବା ଏକ ସାଧାରଣ ପ୍ରଥା ଥିଲା । ଦାସଦାସୀ ରଖିବା ବୈଭବଶାଳୀ ବା ଉନ୍ନତିର ଚିହ୍ନ ଥିଲା ଏବଂ ସମ୍ଭ୍ରାନ୍ତମାନେ ପ୍ରତିଯୋଗିତା କରୁଥିଲେ ଯେପରି କିଏ କେତେ ଅଧିକ ଦାସଦାସୀ ରଖିବେ । କ୍ରୀତଦାସଙ୍କ ସ୍ଥିତି ଦାସଙ୍କ ସ୍ଥିତିଠାରୁ ସାମାନ୍ୟ ଉନ୍ନତ ଥିଲା । କାରଣ କ୍ରୀତଦାସ ମାଲିକର ସୁଖ ଓ ସୁରକ୍ଷା ଦାୟିତ୍ୱରେ ଥିଲେ ଗୃହ ମଧ୍ୟରେ ।

**ଚାଷି :**

ଗ୍ରାମାଞ୍ଚଳରେ ଅଧିକାଂଶ 'ଖୋଟ' ବଡ଼ ଚାଷୀ, ମୁକଦ୍ଦମ ବା ମଧ୍ୟମ ଚାଷି ବାଲାହାର ବା ଛୋଟ ଚାଷି ଓ 'ରାୟତ' ବା ସାଧାରଣ ଚାଷି ଜମିହୀନ କୃଷିଶ୍ରମିକ ବାସ କରିଥିଲେ । ସେମାନେ ନିଜର ହଳଲଙ୍ଗଳ ସାହାର୍ଯ୍ୟରେ ଚାଷ କରୁଥିଲେ । ସେମାନେ ବର୍ଷାଜଳ ତଥା ସ୍ଥାନବିଶେଷରେ କୂଅରୁ ଉଠାଜଳସେଚନ ବ୍ୟବସ୍ଥା କଲେ । ଚାଷିର ନିଜେ ଚାଷ କରିଥିବା ଜମି ଉପରେ ମାଲିକାନା ନଥିଲା । ଉତ୍ପାଦିତ ଶସ୍ୟ ଉପରେ ମଧ ସଂପୂର୍ଣ୍ଣ ଅଧିକାର ନଥିଲା । ସୁଲତାନ ଓ ଚାଷିମଧରେ ଥିବା ମଧ୍ୟସ୍ଥି ଶ୍ରେଣୀ ଚାଷିର ଉତ୍ପାଦିତ ଶସ୍ୟର ଭାଗ ସଂଗ୍ରହ କରୁଥିଲେ । ମଧ୍ୟସ୍ଥମାନଙ୍କ ମଧରେ ଚତୁର୍ଦ୍ଦଶ ଶତାବ୍ଦୀରେ ଚୌଧୁରୀ ମାନେ ଦେଖାଦେଲେ । ଗୋଟିଏ ଚୌଧୁରୀ ଅଧୀନରେ ୮୪ରୁ ୧୦୦ ଖଣ୍ଡ ଗ୍ରାମ ରହୁଁଥିଲା । ତୁଗଲକ ସୁଲତାନମାନଙ୍କ ସମୟରେ ସମସ୍ତ ମଧ୍ୟସ୍ଥଙ୍କ ସ୍ତର ସୃଷ୍ଟି ହେଲା । ଗ୍ରାମମାନଙ୍କରେ ରହିଲେ ରାୟତ, ଚୌଧୁରୀ, ମୁକଦ୍ଦମ, ଖୋଟ ଏବଂ ହିସାବ ରଖିବା ପାଇଁ ପଟଓ୍ୱାରୀ ।

ଚାଷିମାନେ ଝାଟିମାଟି ଘରେ ବସବାସ କରୁଥିଲେ ତାଙ୍କ ପାଖରେ ନାମକୁମାତ୍ର ଗୃହର ସାଜସରଞ୍ଜାମ ଥିଲା । ପ୍ରାୟ ସମସ୍ତେ ଘର କୋଠରୀର ଚଟାଣ ଉପରେ ମସିଣା ପକାଇ ଶୋଉଥିଲେ, ସେମାନେ ମାଟିର ପାତ୍ର ବ୍ୟବହାର କରୁଥିଲେ । ଧନୀ ଚାଷୀମାନେ ଧାତୁର ପାତ୍ର ବ୍ୟବହାର କରୁଥିଲେ । ସ୍ନାନ ଶୌଚାଦୀ ପାଇଁ ସମସ୍ତେ ଖୋଲା ମଇଦାନ, ପୋଖରୀ, ନଦୀନାଳକୁ ବ୍ୟବହାର କରୁଥିଲେ । ଧନୀ ଚାଷିମାନଙ୍କ ଘରରେ ଅଧିକ କୋଠରୀ ବାରଣ୍ଡା, ଅଗଣା ଓ ଚଉତରା ବା ବେଦି ଥିଲା ଓ କେତେକଙ୍କ ଘରରେ ଉପର ମହଲା ଥିଲା । ସାଧାରଣ ଚାଷି ପ୍ରାୟ ଖାଲିପାଦ ଓ ଅନାବୃତ ମୁଣ୍ଡ ରହୁଥିଲେ ଓ ଏକବସ୍ତ୍ର ପରିଧାନ କରୁଥିଲେ । ଦିନକୁ ଦୁଇଥର ରୋଟି କିମ୍ବା ଭାତ ଖାଉଥିଲେ । ଉନ୍ନତ ଚାଷୀମାନେ ଜୋତା, ପଗଡ଼ି ଓ ରୁମାଲ ବ୍ୟବହାର କରୁଥିଲେ ।

**ବଣିକ ଓ ବେପାରୀ :**

ସୁଲତାନୀ ଶାସନ କାଳରେ ଅନେକ ସହର ଓ ବନ୍ଦର ଗଢ଼ିଉଠିଲା । ବାଣିଜ୍ୟ କେନ୍ଦ୍ର ରୂପେ ଦିଲ୍ଲୀ ସେ ସମୟରେ ବୃହତ ସହରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲା । ଏଠାରେ ଭାରତୀୟ, ଇରାନୀ ତଥା ଆଫଗାନୀ ବଣିକ ଥିଲେ । ଏମାନଙ୍କ ମଧ୍ୟରୁ ଭାରତୀୟ ବଣିକ ବହିଃବାଣିଜ୍ୟ କରି ଧନୀକ ଶ୍ରେଣୀ ହୋଇଥିଲେ । ବଗିଚା ଓ ଫଳୋଦ୍ୟାନ ପରିବେଷ୍ଟିତ ବଡ ବଡ ଅଟ୍ଟାଳିକାରେ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିଲେ । ଏମାନଙ୍କ ବ୍ୟତୀତ ସହରମାନଙ୍କରେ ସାହୁକାର ଓ ଦଲାଲ ବସବାସ କରୁଥିଲା ସାହୁକାରମାନେ ଅମୀର ଓ ମାଲିକମାନଙ୍କୁ କର ଦେଇ ଲାଭବାନ ହଉଥିଲେ ଓ ଦଲାଲମାନେ ବଣିକ ଓ ଗ୍ରାହକମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରି ବ୍ୟବସାୟ କରି ଲାଭବାନ ହଉଥିଲେ । ସହର ଓ ବନ୍ଦର ମାନଙ୍କରେ କାରିଗର, ଦୋକାନୀ ଓ ବିକାଳି ମଧ୍ୟ ବସବାସ କରୁଥିଲେ ।

**ଜାତିପ୍ରଥା :**

ଭାରତୀୟ ସମାଜରେ ସାମାଜିକ ପ୍ରଭେଦ ଓ ବିଭିନ୍ନତା ସୃଷ୍ଟିରେ ଜାତିପ୍ରଥାର ବଳିଷ୍ଠ ଭୂମିକା ଥିଲା । ଶାସ୍ତ୍ର ଚତୁଃବର୍ଣ୍ଣ ସାମାଜିକ ବ୍ୟବସ୍ଥାକୁ ସ୍ୱୀକୃତି ଦେଉଥିଲା ଏବଂ ପ୍ରକୃତରେ ଗ୍ରାମ ଓ ସହରମାନଙ୍କରେ ଜାତିପ୍ରଥା ବଳବତ୍ତର ଥିଲା । ସୁଲତାନୀ ଶାସନ ସ୍ଥାପନ ହେଲା ପରେ ଭାରତର ପୁରାତନ ଶାସକଶ୍ରେଣୀ ଓ ସେମାନଙ୍କ ବଂଶଧର ରାଣୀ, ରାଏ, ରଣକମାନେ ଗ୍ରାମୀଣ ସମ୍ଭ୍ରାନ୍ତ ଶ୍ରେଣୀ ହୋଇ ରହିଲେ । ଏମାନଙ୍କ ସହିତ ସୁଲତାନୀ ପ୍ରଶାସକଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ ଓ ସହଯୋଗ ଥିଲା । ଶୁଦ୍ରମାନେ ପୂର୍ବପରି ଉଚ୍ଚଜାତିକୁ ସେବାକର୍ମରେ ନିଯୁକ୍ତ ଥିଲେ ଓ ଏକ ପଂକ୍ତିରେ ବସି ଅନ୍ୟମାନଙ୍କ ସହ ଭୋଜନ କରିବାର ଅଧିକାର ନଥିଲା । ସେମାନେ ପୁରାଣ ଶୁଣିବା ଅଧିକାର ପାଇଲେ; କିନ୍ତୁ ପାଠ କରିବା ଅଧିକାର ମିଳିନଥିଲା । ଚାଣ୍ଡାଳ ଓ ଅନ୍ୟାନ୍ୟ ଅସ୍ପୃଶ୍ୟ ଜାତି ସମାଜର ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଥିଲେ । ଏମାନେ ନିଜର ସାମାଜିକ ଓ ଆର୍ଥିକ ସୁଯୋଗକୁ ଉନ୍ନତ କରିବା ପାଇଁ ଇସଲାମ ଧର୍ମ ଗ୍ରହଣ କରିବା ଆରମ୍ଭ କଲେ ।

**ମହିଳାଙ୍କ ସ୍ଥାନ :**

ମହିଳାମାନେ ପୁରୁଷମାନଙ୍କ ତୁଳନାରେ ଗୌଣ ପରିଗଣିତ ହେଉଥିଲେ । ସାମାଜିକ ମର୍ଯ୍ୟାଦାରେ ସେମାନେ ପୁରୁଷଙ୍କ ଅଧିନରେ ଥିଲେ । ସେମାନେ ଝିଅ କିମ୍ବା ସ୍ତ୍ରୀ ହୁଅନ୍ତୁ ନା କାହିଁକି ସ୍ତ୍ରୀର କାମ ହେଲା କୁଳରକ୍ଷା ପାଇଁ ପୁଅଟିଏ ଜନ୍ମ ଦେବା । ଝିଅକୁ ଖୁସିରେ ଗ୍ରହଣ କରୁନଥିଲେ । ମହିଳାମାନଙ୍କ ସ୍ଥାନ ଅନ୍ତଃପୁର ଓ ଚୂଲିଶାଳ ଥିଲା । ବାଲ୍ୟବିବାହ ପ୍ରଥା ପ୍ରଚଳନ ଥିଲା ଓ ବିଧବା ବିବାହ ନଥିଲା । ଉଚ୍ଚ ରାଜପୁତ ଜାତିରେ ସତୀଦାହ ପ୍ରଥା, ଜୌହର ପ୍ରଥା ଥିଲା । ନାରୀ ଶିକ୍ଷା ସୀମିତ ଥିଲା । ସର୍ବସାଧାରଣ ମହିଳାଙ୍କ ଶିକ୍ଷାର ବ୍ୟବସ୍ଥା ନଥିଲା । ହିନ୍ଦୁ ତଥା ମୁସଲମାନ ନାରୀମାନେ ଶିକ୍ଷାକ୍ଷେତ୍ରରେ ସମାନ ସ୍ତରରେ ଥିଲା । ଉଚ୍ଚଶ୍ରେଣୀର ମହିଳାମାନଙ୍କ ମଧ୍ୟରେ ରୂପମତୀ, ପଦ୍ମାବତୀ,

ଦେଲରାନୀ ଏବଂ ସୁଲତାନା ରେଜିଆ ଶିକ୍ଷା ଓ ତଥା ଯୋଗ୍ୟତା କ୍ଷେତ୍ରରେ ପୁରୁଷଙ୍କ ସମପକ୍ଷ ଥିଲେ । ମହିଳାମାନଙ୍କୁ ପରିବାରର ସ୍ଥାବର ସମ୍ପତ୍ତି ଉପରେ ଅଧିକାର ନଥିଲା ; କିନ୍ତୁ ପୁତ୍ର ନାବାଳକ ଥିଲେ ସମ୍ପତ୍ତିର ପରିଚାଳନା କରୁଥିଲେ ମହିଳାମାନେ ।

ପରଦା ପ୍ରଥା ହିନ୍ଦୁ ତଥା ମୁସଲମାନ ମହିଳାଙ୍କ ମଧ୍ୟରେ ପ୍ରଚଳିତ ଥିଲା । ସୁଲତାନ ଶାସନ କାଳରେ ପରଦା ପ୍ରଥା ଆନୁଷ୍ଠାନିକ ହୋଇଗଲା । ମୁସଲମାନ ତଥା ହିନ୍ଦୁ ସମ୍ଭ୍ରାନ୍ତଶ୍ରେଣୀରେ ମହିଳାଙ୍କ ପାଇଁ ପରଦା ବିଶେଷ ସୁବିଧାର ରୂପ ନେଲା । ଅନ୍ତଃପୁର ଓ ହାରେମରେ ମହିଳାମାନେ ରହିଲେ । ବାହାରକୁ ଆସିଲେ ଓଢ଼ଣା ଓ ମୁସଲମାନ ମହିଳାମାନେ ବୁରଖା ପିନ୍ଧିଲେ ।

## ସାରାଂଶ

୧୨୦୬ ଖ୍ରୀଷ୍ଟାବ୍ଦରୁ ୧୫୨୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ତିନିଶହ କୋଡ଼ିଏ ବର୍ଷ ତୁର୍କ, ଆଫଗାନ ମୁସଲମାନ ଶାସକ ବର୍ଗ ଯଥାକ୍ରମେ ଦାସ, ଖିଲଜୀ, ତଘଲକ, ସୟଦ୍ ଓ ଲୋଦୀ ବଂଶର ଭାରତର ଶାସନ-ମୁଖ୍ୟ ବା ସୁଲତାନ ରାଜଧାନୀ ଦିଲ୍ଲୀକୁ ଶାସନ କଲେ । ତେଣୁ ଉପରୋକ୍ତ ସମୟକୁ ଦିଲ୍ଲୀ ସୁଲତାନୀ ଶାସନକାଳ ଓ ଦିଲ୍ଲୀ ସୁଲତାନ୍ ରାଜତ୍ୱ ବୋଲି କୁହାଯାଏ । ଏହି ସମୟ ମଧରେ ଦୁଇଟି ପ୍ରତିଷ୍ଠିତ ସାଂସ୍କୃତିକ ଗୋଷ୍ଠୀ ଯେତେବେଳେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଲେ ଫଳସ୍ୱରୂପ ପରିଣାମ ଆଗ୍ରହ ଆକର୍ଷଣକାରୀ ଓ ସମୟ ସମୟରେ ଅପ୍ରତ୍ୟାଶିତ ଗମ୍ଭୀର ପରିବର୍ତ୍ତନ ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ସଂସ୍କୃତି କ୍ଷେତ୍ରରେ ଦେଖାଦେଲା । ଦୁଇ ସଂସ୍କୃତିର ଭେଟରେ ସମ୍ମୁଖ ଯୁଦ୍ଧ, ପ୍ରତିରୋଧ ଓ ସାମ୍ପ୍ରଦାୟିକତା ଦେଖାଦେଲା କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସାମ୍ପ୍ରଦାୟିକ ସଦ୍‌ଭାବନା ସମନ୍ୱୟ ଓ ମିଳନର ପରିବେଶ ପାଇଁ ଚିନ୍ତାଧାରା, ମତିଗତିର ମଧ୍ୟ ସଠିକ୍ ଅଗ୍ରଗତି ହେଲା ।

## ଆଦର୍ଶ ପ୍ରଶ୍ନାବଳୀ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ ।**

(କ) କେଉଁ ଖ୍ରୀଷ୍ଟାବ୍ଦରେ ମହମ୍ମଦ ଘୋରୀ ପୃଥ୍ୱୀରାଜ ଚୌହାନଙ୍କୁ ହରାଇଥିଲେ ?

(ଖ) ମହମ୍ମଦ-ବିନ୍-କାସିମ୍ କେଉଁ ଦେଶରୁ ଆସିଥିଲେ ?

(ଗ) ଦିଲ୍ଲୀରେ ସୁଲତାନୀ ଶାସନ କେଉଁ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇଥିଲା ?

(ଘ)ସୁଲତାନମାନେ ଇସଲାମ ଧର୍ମର କାହାଠାରୁ ସ୍ୱୀକୃତି ପାଉଥିଲେ ?

(ଙ) ଖଲିଫା ବ୍ୟବସ୍ଥାର ମୂଳକେନ୍ଦ୍ର କେଉଁ ଅଞ୍ଚଳ ଥିଲା ?

(ଚ) ସୁଲତାନୀ ଶାସନ ପୂର୍ବରୁ ଭାରତରେ କି ପ୍ରକାର ରାଜତନ୍ତ୍ର ଥିଲା ?

(ଛ) ସୁଲତାନୀ ଶାସନ ସମୟରେ ଇକ୍ତାର ମୁଖ୍ୟକୁ କ'ଣ କହୁଥିଲେ ?

(ଜ) ସୈଦ୍ଧାନ୍ତିକ ଓ ଔପଚାରିକ ଦୃଷ୍ଟିରୁ ସୁଲତାନମାନେ କେଉଁ ଧର୍ମର ନିୟମକୁ ପ୍ରାଧାନ୍ୟ ଦେଉଥିଲେ ?

(ଝ) ସୁଲତାନୀ ଶାସନ ସମୟରେ ଉତ୍ତରାଧିକାରୀ ସତ୍ତ୍ୱ ପୁରୁଷାନୁକ୍ରମିକ ଥିଲା କି ?

(ଞ) କ୍ରୀତଦାସମାନେ ସୁଲତାନ ହୋଇପାରୁଥିଲେ କି ?

### ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଲେଖ ।

(କ) ତୁରକାନ୍-ଇ-ଚିହଲଗାନୀ ବ୍ୟବସ୍ଥା କିଏ ସୃଷ୍ଟି କରିଥିଲେ ଓ ଏମାନଙ୍କ କାମ କ'ଣ ଥିଲା ?

(ଖ) ସୁଲତାନୀ ଶାସନ ସମୟରେ ଉଲେମାଙ୍କ ଭୂମିକା ଲେଖ ।

(ଗ)ସୁଲତାନୀ ଶାସନ ସମୟର ସାମନ୍ତବର୍ଗଙ୍କ ବିଷୟରେ ଲେଖ ।

(ଘ) ସୁଲତାନୀ ଶାସନ ସମୟର କ୍ରୀତଦାସ ବ୍ୟବସ୍ଥା ବିଷୟରେ ଲେଖ ।

(ଙ) ସୁଲତାନୀ ଶାସନ ସମୟରେ ଚାଷିଙ୍କ ଅବସ୍ଥା ଲେଖ ।

(ଚ)ସୁଲତାନୀ ଶାସନ ସମୟର ବଣିଜ ବେପାର ବିଷୟରେ ଲେଖ ।

### ଦୀର୍ଘଉତ୍ତୋରମୂଳକ ପ୍ରଶ୍ନ

(କ) ସୁଲତାନୀ ଶାସନ ସମୟରେ ମହିଳାଙ୍କ ସ୍ଥାନ ବିଷୟରେ ଲେଖ ।

(ଖ) ସୁଲତାନୀ ଶାସନ ସମୟରେ ଜାତିପ୍ରଥା ବିଷୟରେ ଲେଖ ।

(ଗ)ସୁଲତାନୀ ଶାସନ କାଳରେ ଦେଶର ରୂପରେଖ ଲେଖ ।

(ଘ) ସୁଲତାନୀ ଶାସନର ଚରିତ୍ର ଲେଖ ?

**ନବମ ଅଧ୍ୟାୟ**

# ମୋଗଲ ଯୁଗର ସଂସ୍କୃତି : ସାମାଜିକ ଢାଞ୍ଚା, ନାରୀଙ୍କ ସ୍ଥାନ, କଳା ଓ ସ୍ଥାପତ୍ୟ, ଚିତ୍ରକଳା

## ଦିନ-ଇ-ଇଲାହୀ

ଭାରତ ଉପମହାଦେଶରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା ଜହିରୁଦ୍ଦିନ୍ ମହମ୍ମଦ ବାବର ନିଜର ଜନ୍ମସ୍ଥାନ ଓ ରାଜ୍ୟ କେନ୍ଦ୍ରୀୟ ଏସିଆର ଫର୍ଗଣାରୁ ପଞ୍ଚଦଶ ଶତାବ୍ଦୀର ଶେଷଭାଗ ଓ ଷୋଡ଼ଶ ଶତାବ୍ଦୀର ପ୍ରଥମ କାଳରେ ଉଜ୍‌ବେଗୀ ଗୋଷ୍ଠୀଙ୍କ ଦ୍ୱାରା ବିତାଡ଼ିତ ହେଲେ, କିନ୍ତୁ ସୌଭାଗ୍ୟବଶତଃ ସେ କାବୁଲ ରାଜ୍ୟର ଶାସକ ପଦବୀରେ ଅବସ୍ଥାପିତ ହେଲେ । ସେ ନିଜ ଗୋଷ୍ଠୀ ଓ ଅନୁଚରଙ୍କ ଭରଣପୋଷଣ ପାଇ ନୂତନ ସମ୍ବଳର ଅନ୍ୱେଷଣରେ ଭାରତ ଉପମହାଦେଶରେ ପହଞ୍ଚିଲେ । ତତ୍‌କାଳୀନ ଭାରତର ରାଜନୈତିକ ଅବସ୍ଥାର ସୁଯୋଗରେ ସେ ଦିଲ୍ଲୀର ସୁଲତାନ ଇବ୍ରାହିମ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ୧୫୨୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ଦିଲ୍ଲୀ ଅଧିକାର କଲେ । ସେ ତାଙ୍କ ମାତାଙ୍କ ରକ୍ତ ସଂପର୍କରୁ ମଙ୍ଗୋଲ ଶାସକ ଚେଙ୍ଗିଜ ଖାନ ଓ ପିତାଙ୍କ ରକ୍ତ ସଂପର୍କରୁ ତୁର୍କ ଶାସନ ତୈମୁରଲଙ୍ଗଙ୍କ ବଂଶଧର ବୋଲି ପରିଚିତ ହେବା ପସନ୍ଦ କରୁଥିଲେ ଓ ମଙ୍ଗୋଲମାନଙ୍କୁ ବର୍ବର ଯାଯାବର ବୋଲି କହୁଥିଲେ । ତଥାପି ଇଉରୋପୀୟମାନେ ବାବର ଓ ତାଙ୍କ ବଂଶଧରଙ୍କୁ ମୋଗଲ ଶାସକ ବୋଲି ଆଖ୍ୟା ଦେଲେ ।

ବାବର ଓ ତାଙ୍କର ଉତ୍ତରାଧିକାରୀମାନେ ଭାରତ ଉପମହାଦେଶରେ ଆଞ୍ଚଳିକ ରାଜ୍ୟମାନଙ୍କୁ ଜୟ କରି ଓ ଆଞ୍ଚଳିକ ମୁଖ୍ୟଙ୍କ ସହିତ ସନ୍ଧି ଓ ସଂପର୍କ ସ୍ଥାପନ ସହ ସାମ୍ରାଜ୍ୟ ବିସ୍ତାର ଓ ସଂମୃଦ୍ଧ କରି ଗୌରବ ଅର୍ଜନ କଲେ । ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୫୪୦ରୁ ୧୫୫୫ ବ୍ୟତୀତ ସେମାନଙ୍କ ଶାସନ ବଳବତ୍ତର ରହିଲା ଓ ମୋଗଲ ସାମ୍ରାଜ୍ୟ ରୂପେ ପରିଚୟ ଲାଭ କଲା ।

### ସାମାଜିକତା :

ଷୋଡ଼ଶ ଓ ସପ୍ତଦଶ ଶତାବ୍ଦୀରେ ମୋଗଲ ଶାସକମାନେ ନିଜ ସାମ୍ରାଜ୍ୟର ଢାଞ୍ଚାକୁ ସୁଦୃଢ଼ କରିବା ପାଇଁ ଶକ୍ତିଶାଳୀ ଓ କାର୍ଯ୍ୟକ୍ଷମ ସରକାର ଓ କର ଧାର୍ଯ୍ୟ ପ୍ରଣାଳୀ ପ୍ରସ୍ତୁତ କରି ଅନୁଷ୍ଠାନ ଓ ସଙ୍ଗଠନ ସ୍ଥାପନ କଲେ । ମୋଗଲ ସାମ୍ରାଜ୍ୟର କେନ୍ଦ୍ରବିନ୍ଦୁ ଥିଲା ମୋଗଲ ଦରବାର ଯେଉଁଠାରେ ରାଜନୈତିକ ସହଯୋଗ ପାଇଁ ରାଜିନାମା ଓ ସଂପର୍କ ସ୍ଥାପନ ହୋଇ ପ୍ରତ୍ୟେକ କର୍ମଚାରୀ ସହଯୋଗୀଙ୍କ ପଦମର୍ଯ୍ୟାଦା ମୋଗଲ ଶାସନ ବ୍ୟବସ୍ଥାର ସ୍ଥାନ ଓ ସ୍ତରର ରୂପରେଖ ସ୍ଥିରୀକୃତ ହେଉଥିଲା । ମୋଗଲ ସମ୍ରାଟମାନେ ନିଜର ସାମରିକ ଶକ୍ତି ସହିତ ଭାରତୀୟ ଆଞ୍ଚଳିକ ପରମ୍ପରା ଓ ଶାସନ ବ୍ୟବସ୍ଥା ପ୍ରତି ସଚେତନ ରହି ଓ ସମ୍ମାନ ଦେଇ ଏକ ସମ୍ମିଶ୍ରିତ ରାଜନୈତିକ ରୀତିନୀତି ସୃଷ୍ଟି କରିଥିଲେ ।

### ମୋଗଲ ଯୁଗର ସମାଜ :

ସେତେବେଳେ ଶତକଡ଼ା ପଞ୍ଚାଅଶୀରୁ ଅଧିକ ଲୋକ ଗ୍ରାମରେ ବାସ କରୁଥିଲେ । କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଲୋକଙ୍କ ମୁଖ୍ୟ ଜୀବିକା ଥିଲା । ମୋଗଲ ଦଲିଲରେ ଚାଷୀକୁ ରାୟତ, ମୁଜାରୀ ଓ କିଷାନ ନାମରେ ବର୍ଣ୍ଣନା କରାହୋଇଛି । ଯେଉଁ ରାୟତ ବା କିଷାନ ନିଜ ଗ୍ରାମରେ ଚାଷ କରୁଥିଲା ତାକୁ ଖୁଦକସ୍ତ ଓ ଅନ୍ୟଗ୍ରାମ ବା ସହରର ହୋଇଥିଲେ ପାହୀକସ୍ତ ବୋଲାଉଥିଲେ । ଚାଷଜମିର ଗୁଣବତ୍ତା ଅନୁସାରେ ଛଅ ଏକରରୁ ଅଧିକ ଜମି ଚାଷ କରୁଥିଲେ ଧନୀ ଚାଷି ରୂପେ ପରିଗଣିତ ହେଉଥିଲେ । ଯଦିଓ ଚାଷ ମୁଖ୍ୟତଃ ବର୍ଷାଜଳ ଉପରେ ନିର୍ଭର ଥିଲା

କେତେକ ଅଞ୍ଚଳରେ ନହର ବା କେନାଲ ଓ ନାଳ ମାଧ୍ୟମରେ ଜଳସେଚନ ବ୍ୟବସ୍ଥା ଦ୍ୱାରା ଦୁଇଟି ଫସଲ ଅମଳ ହୋଇପାରୁଥିଲା । ଚାଷଜମିର ଅଭାବ ନଥିଲା । ଚାଷି ଖାଦ୍ୟଶସ୍ୟ ବ୍ୟତୀତ କପା ଓ ଆଖୁ ଚାଷ କରି ଲାଭବାନ ହେଉଥିଲେ । ପ୍ରତ୍ୟେକ ଗ୍ରାମରେ ଚାଷି ନିଜର ବ୍ୟକ୍ତିଗତ ମାଲିକାନାରେ ଚାଷ କରୁଥିଲା ଓ ଅଧିକାର ପାଇଥିଲା ଗ୍ରାମର ଚାଷ ଗୋଷ୍ଠୀର ସଦସ୍ୟ ରୂପେ । ଚାଷି, ଗ୍ରାମ ମୁଖିଆ (ମକଦ୍ଦମ ବା ମଣ୍ଡଳ) ଓ ଗ୍ରାମପଞ୍ଚଙ୍କ ମିଳନରେ ଗ୍ରାମର କୃଷି ଉତ୍ପାଦନ ପୂର୍ଣ୍ଣତା ଲାଭ କରୁଥିଲା । କିନ୍ତୁ ସମସ୍ତ ଚାଷି ଏକପ୍ରକାର ନଥିଲେ । କୃଷକ, ଶ୍ରମିକ ଓ କୃଷିଦାସ ସମାଜରେ ଥିଲେ । ନିର୍ଦ୍ଦିଷ୍ଟ କେତୋଟି ଜାତିର ଲୋକଙ୍କୁ ଜମି ମାଲିକାନା ମଞ୍ଜୁର ନଥିଲା । ସେମାନଙ୍କୁ କେବଳ କୃଷିଶ୍ରମିକ ଓ ଭୃତ୍ୟ ରୂପେ ନିୟୋଜିତ କରାଯାଉଥିଲା । ଏମାନେ ସମାଜରେ ମର୍ଯ୍ୟାଦାର ସ୍ତରରେ ସବାତଳେ ଥିଲେ । ଯଦିଓ ଇସଲାମ ଧର୍ମରେ ସମସ୍ତେ ସମାନ ଗ୍ରାମମାନଙ୍କର ଜାତି ସହିତ ଧନୀ, ନିଃସ୍ୱ ଓ ସାମାଜିକ ପଦମର୍ଯ୍ୟାଦାର ପ୍ରତ୍ୟକ୍ଷ ସମ୍ବନ୍ଧଥିଲା ।

**ଗ୍ରାମର ମୁଖିଆ ଓ ପଞ୍ଚ :**

ଗ୍ରାମର ବୟୋଜ୍ୟେଷ୍ଠ ମାନଙ୍କୁ ନେଇ ଗଠିତ ସଭାକୁପଞ୍ଚ କୁହାଯାଉଥିଲା । ଏମାନେ ସାଧାରଣତଃ ଗ୍ରାମର ବିଶିଷ୍ଟ ଲୋକ । ଉତ୍ତରାଧିକାରୀ ସ୍ୱତ୍ୱରେ ପଞ୍ଚରେ ସଦସ୍ୟ ଥିଲେ । ଯେଉଁ ଗ୍ରାମରେ ବହୁ ଜାତି ଓ ଗୋଷ୍ଠୀର ଲୋକ ବାସ କରୁଥିଲେ ସେଠାକାର ପଞ୍ଚ ବାରମିଶା ଥିଲା; କିନ୍ତୁ ସାଧାରଣତଃ ଭୃତ୍ୟ ଓ କୃଷିଶ୍ରମିକ ପଞ୍ଚରେ ସ୍ଥାନ ପାଉନଥିଲେ । ପଞ୍ଚର ଜଣେ ମୁଖିଆ ରହୁଥିଲେ ଓ ସ୍ଥାନୀୟ ଜମିଦାର ତାଙ୍କୁ ମୁଖ୍ୟ ରୂପେ ସ୍ୱୀକୃତି ଦେଉଥିଲା । ପଞ୍ଚ ବା ପଞ୍ଚାୟତର ନିର୍ଣ୍ଣୟ ଗ୍ରାମର ସମସ୍ତଙ୍କ ପାଇଁ ପାଳନୀୟ ଥିଲା । ଗ୍ରାମର ପଞ୍ଚ ଓ ପଞ୍ଚାୟତ ବ୍ୟତୀତ ସମାଜରେ ପ୍ରତ୍ୟେକ ଜାତିରେ ନିଜ ନିଜର ଜାତି ପଞ୍ଚାୟତ ଥିଲା । ରାଜ୍ୟ ଶାସନ ଜାତି ପଞ୍ଚାୟତର ନିର୍ଣ୍ଣୟରେ ପ୍ରାୟତଃ ହସ୍ତକ୍ଷେପ କରୁନଥିଲ ।

**କାରିଗର :**

ସମାଜରେ ଅନେକ ଶ୍ରେଣୀର କାରିଗର ଥିଲେ । ଚାଷି ଓ କାରିଗର ମଧ୍ୟରେ ସ୍ୱଳ୍ପ ତଫାତ ଥିଲା କାରଣ ଏ ଦୁଇଗୋଷ୍ଠୀ ପରସ୍ପରର କାର୍ଯ୍ୟ କରିପାରୁଥିଲେ । ଚାଷି ଓ ତା'ର ପରିବାର ସଦସ୍ୟ ମାନେ କୃଷିକାର୍ଯ୍ୟ ଋତୁରେ ଲୁଗା ବୁଣିବା, ରଙ୍ଗ କରିବା, ଇଟା ଖପର ଗଢ଼ିବା ଓ ଚାଷ ଉପକରଣ ତିଆରି କରୁଥିଲେ । ଅନ୍ୟ ପକ୍ଷରେ ଗ୍ରାମର କାରିଗର ଯଥା କୁମ୍ଭାର,କମାର, ବଢ଼େଇ କୃଷି ଋତୁରେ ଚାଷ କାମ କରୁଥିଲେ । ତା ବ୍ୟତୀତ ସେବା ବଦଳରେ ଶସ୍ୟ ବା ଦ୍ରବ୍ୟ ପାଉଥିଲେ । ଗ୍ରାମ ବିଶେଷରେ କାରିଗର ଗ୍ରାମ ତରଫରୁ କିଛି ଚାଷ ଜମି ଉତ୍ତରାଧିକାରୀ ସ୍ୱତ୍ୱରେ ଭୋଗ କରୁଥିଲେ । କେତେକ ଗ୍ରାମର କାରୀଗର ଓ ଚାଷୀଙ୍କ ବ୍ୟକ୍ତିଗତ ବୁଝାମଣାରେ କାରୀଗର ତାର ସେବା ବଦଳରେ ପାଉଣା ପାଉଥିଲା ।

**ଆଦିବାସୀ :**

ଭାରତ ଉପମହାଦେଶରେ ଅନେକ ଅଞ୍ଚଳରେ ଘନ ଜଙ୍ଗଲ ଓ ଛୋଟ ଜଙ୍ଗଲ ଥିଲା । ଜଙ୍ଗଲରେ ବସବାସ କରୁଥିବା ଲୋକେ ପଶୁ ଶିକାର, ମାଛଧରା, ଫଳମୂଳ ସଂଗ୍ରହ ସହିତ ପୋଡୁଚାଷ କରୁଥିଲେ । ସେ ମୋଗଲ ଶାସକଙ୍କୁ କୌଣସି କର ଦେଉନଥିଲେ କିନ୍ତୁ ରାଜ୍ୟକୁ ହାତୀଯୋଗାଉଥିଲେ ଓ ଶାସକ ବର୍ଗଙ୍କୁ ଶିକାର ଜଙ୍ଗଲକୁ ଗଲେ ସାହାର୍ଯ୍ୟ ଯୋଗାଉଥିଲେ । ଆଦିବାସୀମାନେ ସ୍ଥାନ ବିଶେଷରେ ନିଜ ଆଦିବାସୀ ମୁଖିଆ ନେତୃତ୍ୱରେ ଶକ୍ତିଶାଳୀ ଓ ସୈନ୍ୟଦଳ ତିଆରି କରୁଥିଲେ । ସେମାନଙ୍କୁ ମୋଗଲ ଶାସକ ଜମିଦାର ଓ ରାଜ୍ୟ ରୂପେ ସ୍ୱୀକୃତୀ

ଦେଉଥିଲେ । ସିନ୍ଧ ଅଞ୍ଚଳରେ ଆଦିବାସୀ ମୁଖିଆ ଜମିଦାରଙ୍କ ସାମରିକ ଦଳ ଥିଲା ଯାହାକୁ ପାଇକ ଦଳ କୁହାଯାଉଥିଲା । ଧିରେ ଧିରେ ମୋଗଲ ଶାସନ ଜଙ୍ଗଲ ମଧ୍ୟରେ ପ୍ରବେଶ କରି ଶାସନ ଅକ୍ତିଆର କଲା ।

**ଜମିଦାର :**

ଜମିଦାର ଶ୍ରେଣୀ କୃଷି ଉତ୍ପାଦନ ଉପରେ ନିର୍ଭର ଥିଲେ; କିନ୍ତୁ ନିଜେ ପ୍ରତ୍ୟକ୍ଷଭାବେ ଚାଷକାମ ଓ କୃଷି ଉତ୍ପାଦନ କରୁନଥିଲେ । ସେମାନେ ଜମି ସ୍ୱତ୍ୱାଧିକାରୀ ନିଜ ନିଜ ଅଞ୍ଚଳର ଜ୍ଞାତି, କୁଳ, ବଂଶ କିମ୍ବା ଆଦିବାସୀ, ଚାଷି ଚାରଣଭୂମି ଅନେଷ୍ୱୀ ଗୋଷ୍ଠୀକୁ ମିଶାଇ ଗୋଟିଏ ସମଷ୍ଟି ଭୁକ୍ତ କରି ସଙ୍ଗଠିତ କରି ନିଜର ପରିଚୟ ସୃଷ୍ଟି କରିଥିଲେ । ସେମାନଙ୍କୁ ମୋଗଲ ପ୍ରଶାସନ ନିଜର ସ୍ୱାର୍ଥ ଦୃଷ୍ଟିରୁ ସ୍ୱୀକୃତି ଦେଇଥିଲେ । ଏମାନେ ନିଜ ନିଜ ଅଞ୍ଚଳର ଶାନ୍ତିଶୃଙ୍ଖଳା ରକ୍ଷା ସହିତ ରାଜସ୍ୱ ଆଦାୟ କରି ମୋଗଲ ରାଜକୋଷରେ ଜମା ଦେଉଥିଲେ । ରାଜ୍ୟ ଓ ମୋଗଲ ଶାସନର ପ୍ରଭୁତ୍ୱ ସ୍ୱୀକାର ତଥା ସେବା ପାଇଁ ଜମିଦାରମାନେ ମିଲକିୟତ ବା ପର୍ଯ୍ୟାପ୍ତ ଜମି ଉପରେ ସଂପୂର୍ଣ୍ଣ ବ୍ୟକ୍ତିଗତ ଅଧିକାର ଉପଭୋଗ କରୁଥିଲେ । ଅଧିକାଂଶ ଜମିଦାର ରାଜପୁତ, ଅନ୍ୟାନ୍ୟ ଉଚ୍ଚଜାତି, ଆଦିବାସୀ ମୁଖିଆ ଓ କେତେକ ସ୍ଥାନରେ ମୁସଲମାନ ଥିଲେ । ସେମାନଙ୍କ ନିଜ ନିଜ ସୁରକ୍ଷା ଦଳ ଓ ଆତ୍ମରକ୍ଷା ପାଇଁ ବିରାଟ ଘର ବା ଦୁର୍ଗ ତିଆରି କରିଥିଲେ ।

ଜମିଦାରୀ ବ୍ୟବସ୍ଥା ପିତା ସୁଲଭ ନିତି ଅଞ୍ଚଳବାସୀଙ୍କ ସହ ଆଦାନପ୍ରଦାନ ପୃଷ୍ଠପୋଷକତା ଦ୍ୱାରା ପରିଚାଳିତ ଥିଲା । କିନ୍ତୁ ଜମିଦାରମାନେ ଚାଷିମାନଙ୍କୁ ସ୍ଥାୟୀ ଚାଷ ପାଇଁ ବାଧ କରୁଥିଲେ ଓ ଚାଷଜମି ଉପରେ ନିଜର ଆଧିପତ୍ୟ ଜାହିର କରୁଥିଲେ । ଏହା ସତ୍ୟ ଯେ ଜମିଦାର ଶ୍ରେଣୀ ଚାଷିଙ୍କୁ ଶୋଷଣ କରୁଥିଲେ; କିନ୍ତୁ ଜମିଦାର ଓ ଚାଷିଙ୍କ ମଧ୍ୟରେ ମୌଳିକ ଆଧାର ଥିଲା ପରସ୍ପର ନିର୍ଭରଶୀଳତା । ଏହାର ଅନେକ ଉଦାହରଣ ଅଛି ଯେଉଁ ସମୟରେ ଜମିଦାରମାନେ ଉପରସ୍ଥ ରାଜା କିମ୍ବା ପରବର୍ତ୍ତୀ କାଳରେ ଉପନିବେଶୀ ବିରୋଧରେ ବିଦ୍ରୋହ କଲେ ଚାଷୀମାନେ ଜମିଦାରଙ୍କୁ ସାହାଯ୍ୟ କରିଥିଲେ ।

**ମନସବଦାର :**

ମୋଗଲ ଶାସନ କାଳରେ ସାମରିକ-ତଥା-ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ଦେଶର ସାମାଜିକ ଓ ସାମରିକ କାର୍ଯ୍ୟ ପରିଚାଳନା କରୁଥିଲେ ମନସବଦାର ମାନେ । ସେମାନଙ୍କୁ ଭିନ୍ନ ଭିନ୍ନ ଜାତି ଓ ଧର୍ମରୁ ଚୟନ କରି ନିଯୁକ୍ତି ଦେଉଥିଲେ ମୋଗଲ ସମ୍ରାଟ । ମୋଗଲ ଶାସନ କାଳରେ ଏକ ଦୃଢ଼ ସ୍ତମ୍ଭ ମନସବଦାର । ତୁର୍କ, ଆରବ, ଆଫଗାନ, ଋଷିଆ, ରାଜପୁତ, ମରହଟ୍ଟା, ଗୋଷ୍ଠୀରୁ ଥିଲେ । ସେମାନଙ୍କ କାର୍ଯ୍ୟ ଓ ସେବା ବଦଳରେ ନଗଦୀ ବା ମୁଦ୍ରା ଓ ଅଧିକାଂଶ ସ୍ଥଳରେ ଜାଗିର ବା ନର୍ଦ୍ଦିଷ୍ଟ ଜମିର ଖଜଣା ଆଦାୟ ଓ ଉପଭୋଗର ଅଧିକାର ଦିଆଯାଉଥିଲା । ସମାଜରେ ଏମାନଙ୍କ ସ୍ଥାନ ଶୀର୍ଷରେ କିନ୍ତୁ ସମ୍ରାଟଙ୍କ ତଳେ ଥିଲା ।

**ସମ୍ରାଟ :**

ସାମ୍ରାଜ୍ୟରେ ସାର୍ବଭୌମ ଶାସନ ମୁଖ୍ୟ ଥିଲେ ସମ୍ରାଟ ବା ବାଦଶାହା ବା ସାହନସାହା ମୋଗଲ ସମ୍ରାଟ । ସେମାନେ ନିଜକୁ ଫର-ଇ -ଇଜାଦୀ (**Far-i-izadi**) ଦୈବୀଶକ୍ତି ବା ଇଶ୍ୱରଙ୍କ ବଂଶଧର ବା ଇଶ୍ୱରଙ୍କ ଆଲୋକ ଓ ଶାସକ ହେବା ପାଇଁ ପ୍ରେରିତ ବୋଲି ପରିବେଶ ସୃଷ୍ଟି କରିଥିଲେ । ସମ୍ରାଟ ପ୍ରଜାଙ୍କ ଜୀବନ, ଧନ ସମ୍ମାନ ଓ ବିଶ୍ୱାସକୁ ସୁରକ୍ଷା ଦିଏ । ପ୍ରତି ବଦଳରେ ପାଇଥାଏ ବଶ୍ୟତା ଓ ଦେଶର ଜନ ସମାଜଙ୍କ ଠାରୁ ନିଜର ଭାଗ ।

**ମହିଳାଙ୍କ ସ୍ଥାନ :**

ଚାଷକାର୍ଯ୍ୟରେ ପୁରୁଷ ଓ ମହିଳା କାନ୍ଧକୁ କାନ୍ଧ ମିଶାଇ କାମ କରୁଥିଲେ । ଜମିରେ ଲଙ୍ଗଳ ଚଲାଇ ବୀଜ ବୁଣିବା, ରୋପଣ, ଅନ୍ୟାନ୍ୟ ଘାସ ବାଛିବା ଓ ଫସଲ ଅମଳ ସମୟରେ ପୁରୁଷ ଓ ମହିଳା ସମାନ ଭୂମିକା ଗ୍ରହଣ କରୁଥିଲେ । କିନ୍ତୁ ଧୀରେ ଧୀରେ ଲିଙ୍ଗ କୈନ୍ଦ୍ରିକ କୃଷି ଉତ୍ପାଦନ ପ୍ରକ୍ରିୟାରେ ଗୃହ କାମ ପାଇଁ ମହିଳା ଓ ବାହାର କାମ ପାଇଁ ପୁରୁଷଙ୍କୁ ପ୍ରାଧାନ୍ୟ ଦିଆଗଲା । ଅର୍ଥଲାଭ ପାଇଁ ଉତ୍ପାଦନ ବଢ଼େଇବା ପାଇଁ ମହିଳାଙ୍କ ଅଧିକ ଦରକାର ହେଲା । ଚାଷି ପରିବାରରେ ମହିଳା ଘରକାମ, ଚାଷକାମ ସହିତ ଅନ୍ୟାନ୍ୟ ଉତ୍ପାଦନ କାମରେ ନିୟୋଜିତ ହେଲେ । କୃଷି ଭିତ୍ତିକ ସମାଜରେ ମହିଳାମାନଙ୍କ ମହତ୍ତ୍ୱ ବଢ଼ିଲା କାରଣ ସେମାନେ ନିଜ ଶ୍ରମ ଦ୍ୱାରା ପରିବାରର ଉତ୍ପାଦନ ଓ ଆୟ ବଢ଼ାଇବା ସହିତ ଗର୍ଭଧାରଣ କରି ସନ୍ତାନ ଜାତ କରି ସନ୍ତାନ ଯତ୍ନ ନେଇ ପରିବାରକୁ ଆଗକୁ ନେଉଥିଲେ । କିନ୍ତୁ କାମବୋଝ ସହିତ ବାରମ୍ବାର ଗର୍ଭଧାରଣ ଓ ସନ୍ତାନ ଜନ୍ମ ଦ୍ୱାରା ପୁଷ୍ଟିହୀନତା ଓ ମାତୃ ମୃତ୍ୟୁହାର ବଢ଼ିଲା । ଫଳସ୍ୱରୂପ ପୁରୁଷଙ୍କ ଅନୁପାତରେ ମହିଳାଙ୍କ ଅନୁପାତ କମିଗଲା । ବୋଧହୁଏ ସେଥିପାଇଁ ଚାଷି ଓ କାରିଗର ପରିବାରରେ କନ୍ୟାମୂଲ୍ୟ ପ୍ରଥା ସୃଷ୍ଟି ହେଲା ଓ ବିଧବା ଓ ଛାଡ଼ପତ୍ର ପାଉଥିବା ମହିଳାଙ୍କ ପୁନଃବିବାହ ସ୍ୱୀକୃତ ହେଲା । ଅନ୍ୟପଟରେ ସମାଜର ଉଚ୍ଚବର୍ଗରେ ଯୌତୁକପ୍ରଥା ଥିଲା ଓ ବିଧବା ବିବାହ ନିଷିଦ୍ଧ ଥିଲା । ବିଧବା ମହିଳାଙ୍କୁ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇ ସତୀ ହେବାକୁ ପଡୁଥିଲା । ସମାଜ ପୁରୁଷପ୍ରଧାନ ଥିଲା । ପୁରୁଷ କିମ୍ବା ମହିଳା ବିବାହ ପରେ ବିଶ୍ୱାସଘାତ କଲେ ପୁରୁଷ ଓ ମହିଳାଙ୍କ କିମ୍ବା ପରିବାରର ପଞ୍ଚ ସାମନାରେ ବା ଜାତି ପଞ୍ଚାୟତରେ ନ୍ୟାୟ ପାଇ ଆବେଦନ କରିବାର ଅଧିକାର ଥିଲା କିନ୍ତୁ ବିଶ୍ୱାସଘାତକତା ପାଇଁ ପ୍ରାୟତଃ ମହିଳାଙ୍କୁ ହିଁ ଦାୟୀ କରାଯାଉଥିଲା । ପୁରୁଷ ପ୍ରଧାନ ସମାଜରେ ମହିଳାଙ୍କ ଗୁରୁତ୍ୱ ଦିଆଯାଉନଥିଲା । ତଥାପି କେତେକ ସ୍ଥାନରେ ମହିଳା ଜମିଦାର ହେବାର ମଧ୍ୟ ଉଦାହରଣ ଅଛି ଓ ମହିଳାମାନେ ନିଜ ନିଜର ପ୍ରତିଭା ଓ ବ୍ୟକ୍ତିତ୍ୱ ସ୍ୱାଧୀନ ଭାବେ ଉପସ୍ଥାପନ କରିବାରେ ସକ୍ଷମ ହୋଇଛନ୍ତି ଯଥା ଯୋଧାବାଈ, ନୁରଜାହାନ, ଜିଜାବାଇ, ଜାହାନାରା, ରୋସନାରା, ଦୁର୍ଗାବତୀ, କର୍ଣ୍ଣାବତୀ ତାରାବାଈ, ଗୁଲବଦନ ବେଗମ ।

ନୁରଜାହାନ ଜାହାଙ୍ଗୀର ଶାସନ କାଳରେ ସମସ୍ତ କାର୍ଯ୍ୟନିର୍ବାହ କରୁଥିଲେ ଏପରିକି ସେ ଝରୋକାଦର୍ଶରେ ଲୋକଙ୍କୁ ଦର୍ଶନ ଦେଉଥିଲେ ଓ ଆର୍ଥିକ ନିର୍ଣ୍ଣୟ ମଧ୍ୟ ସ୍ୱାଧୀନ ଭାବେ ନେଉଥିଲେ । ଶାହାଜାହାନଙ୍କ ରାଜତ୍ୱ କାଳରେ ଜାହାନାରା ଓ ରୋଶନାରାଙ୍କୁ ମନସବଦାର ତୁଲ୍ୟ ମାନ୍ୟତା ଦିଆହେଉଥିଲା । ଜାହାନାରା ଚାନ୍ଦିନଚୌକର ରୂପରେଖ ତିଆରି କରିଥିଲେ । ବାବରଙ୍କ ଝିଅ ଗୁଲବଦନ-ହୁମାୟୁନ ନାମା ପୁସ୍ତକ ଲେଖିଥିଲେ ।

**କଳା ଓ ସ୍ଥାପତ୍ୟ :**

ମୋଗଲ ଶାସକମାନଙ୍କ ତୀକ୍ଷଣ ସୌନ୍ଦର୍ଯ୍ୟବୋଧ ଓ ରୁଚି ସଂପନ୍ନ ସମ୍ବେଦନ ଥିଲା । ତେଣୁ ସେମାନେ କଳା ଓ ସଂସ୍କୃତିର ପୃଷ୍ଠପୋଷକ ଭାବରେ କଳା ଓ ସ୍ଥାପତ୍ୟକୁ ଉନ୍ନତିର ଚରମ ସୀମା ସ୍ପର୍ଶ କରି ଉତ୍କର୍ଷତାର ପରିଚୟ ଦେବାରେ ସହଯୋଗୀ ଥିଲେ । ମୋଗଲ ସମ୍ରାଟ ବାବର,ହୁମାୟୁନ ଓ ଆକବର ନିଜ ରାଜଧାନୀ ତଥା ରାଜ୍ୟର ଅନେକ ସ୍ଥାନରେ ସୌଧ ନିର୍ମାଣ ପାଇଁ ବିଦେଶରୁ ସ୍ଥପତିମାନଙ୍କୁ ଆଣିଥିଲେ । ଆଗ୍ରା, ପାନିପଥ, ଦିଲ୍ଲୀ, ତେଜପୁର, ସମ୍ବଲ, ହିସାର ସହରମାନଙ୍କରେ ସ୍ଥପତିମାନଙ୍କ ସାହାଯ୍ୟରେ ସୌଧ ନିର୍ମାଣ କାମ ସଂପନ୍ନ କରିଥିଲେ । ଆଗ୍ରାଠାରେ ବାବରଙ୍କ ରାଜତ୍ୱ କାଳରେ ନିର୍ମିତ ରାମବାଗ ଯୋହରାବାଗ ନଗର ଉଦ୍ୟାନଦ୍ୱୟ ଚିତ୍ତାକର୍ଷକ ଶୈଳୀରେ ହୋଇଥିଲା । ହୁମାୟୁନଙ୍କ ସମାଧି ସୌଧ ମୋଗଲ ସ୍ଥାପତ୍ୟ କ୍ଷେତ୍ରରେ ନିପୁଣ କଳାର ପ୍ରତିନିଧି । ସ୍ଥପତିମାନେ ବିଦେଶରୁ ଆସିଥିଲେ; କିନ୍ତୁ ମିସ୍ତ୍ରୀମାନେ ଭାରତର ଥିଲେ ଫଳସ୍ୱରୂପ ସ୍ଥାନୀୟ ପ୍ରଚଳିତ ସ୍ଥାପତ୍ୟ ଗଠନ ପ୍ରଣାଳୀ ଓ କେନ୍ଦ୍ରୀୟ ଏସିଆ ଅଞ୍ଚଳରୁ ଆସିଥିବା କାରିଗରୀ କୌଶଳର ସମନ୍ୱୟ ଓ ମିଶ୍ରଣ ପରିଲକ୍ଷିତ ହୁଏ । ହୁମାୟୁନଙ୍କ

ସମାଧି ସୌଧ ଭାରତୀୟ ଓ ପାରସିକ ନିର୍ମାଣ ଶୈଳୀର ସମନ୍ୱୟର ଫଳ ଓ ସ୍ୱତନ୍ତ୍ର ମୋଗଲ ଶୈଳୀର ପ୍ରଥମ ଉଦାହରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ହୁମାୟୁନଙ୍କ ପତ୍ନୀ ହମିଦାବାନୁ ବେଗମଙ୍କ ପୃଷ୍ଠପୋଷକତାରେ ପାରସୀୟ ନିର୍ମାତା ମିରଜା ଗିୟାସଙ୍କ ତତ୍ତ୍ୱାବଧାନରେ ସଂପନ୍ନ ହୋଇଥିଲା । ଏହାକୁ ପାରସୀୟ ଅବବୋଧର ଭାରତୀୟ ପରିବେଶତାର ପ୍ରତିନିଧି କୁହାଯାଏ ।

ଆଗ୍ରା, ଫତେପୁର, ଆଲ୍ଲାହାବାଦ ଓ ଲାହୋରଠାରେ ମୋଗଲ ସ୍ଥାପତ୍ୟର ଅନ୍ୟାନ୍ୟ ଉଦାହରଣ ଦେଖିବାକୁ ମିଳେ । ମୋଗଲ ସମ୍ରାଟ ଆକବର ନିଜର ରାଜଧାନୀ ଆଗ୍ରାକୁ ସୁସଜ୍ଜିତ କରିଥିଲେ । ଆଗ୍ରାର ବିଶାଳ ଲାଲଦୁର୍ଗ ତଥା ପ୍ରାସାଦ ଓ ତନ୍ମଧ୍ୟରେ ନିର୍ମିତ ବାସଗୃହ ଦରବାର, ଦିୱାନୀ-ଇ-ଆମ, ଦିୱାନୀ-ଇ-ଖାସ, ଆକବର ମହଲ ଇତ୍ୟାଦିରେ ପାରସିକ ସ୍ଥାପତ୍ୟ କଳାର ସ୍ତମ୍ଭ, କାନ୍ଥ, ଓ ଛାତ ଓ ଭାରତୀୟ କଳାର ଖୋଦିତ ଓ ଚିତ୍ରଣ ଶୈଳୀ ତଥା ଖିଲାଣ, ତୋରଣ ଓ ଗମ୍ବୁଜ ଦେଖିବାକୁ ମିଳେ । ଭାରତୀୟ କାରିଗର, ମିସ୍ତ୍ରୀ ଓ ସ୍ଥପତିମାନଙ୍କ ସହିତ ପାରସିକ ସ୍ଥପତିଙ୍କ କଳାକୃତୀର ରୂପ ହେଉଛି ଆଗ୍ରାର ଲାଲଦୁର୍ଗ । ଆକବରଙ୍କ ଶାସନ କାଳରେ ମୋଗଲ ସ୍ଥାପତ୍ୟ କଳା ବିସ୍ତୃତ ହେଲା । ଆଗ୍ରା ସହରର ପ୍ରାୟ ୪୦ କିଲୋମିଟର ପଶ୍ଚିମଦିଗରେ ଅବସ୍ଥିତ ଫତେପୁର ସିକ୍ରି ଉତ୍କୃଷ୍ଟ ମୋଗଲ ସ୍ଥାପତ୍ୟ କଳାର ଅନ୍ୟ ଏକ ବଳିଷ୍ଠ ଉଦାହରଣ । ଫତେପୁର ସିକ୍ରିର ଦକ୍ଷିଣ ପ୍ରବେଶ ଦ୍ୱାର ବୁଲନ୍ଦ ଦରୱାଜା ବା ବିଜୟ ଦ୍ୱାର ବୋଲି ନାମିତ ହୋଇଛି । ଏହା ଏକ ସୁବିଶାଳ ତୋରଣ । ଏହା ଲାଲ ଓ ହଳଦିଆ ମାଙ୍କଡ଼ା ପଥରରେ ତିଆରି ଓ ତନ୍ମଧ୍ୟରେ ଶଙ୍ଖମର୍ମର ପଥର ଖଚିତ ହୋଇଛି । ଅତିଉଚ୍ଚ ଅଳଙ୍କାରପୂର୍ଣ୍ଣ ପ୍ରବେଶ ଦ୍ୱାରର ଗାମ୍ଭୀର୍ଯ୍ୟ ବଢ଼ାଉଛି ଏହାର ବାହାରୁ ଚଢ଼ିବାପାଇଁ ଥିବା ଉଚ୍ଚ ପାବଚ୍ଛ ଶ୍ରେଣୀ । ତୋରଣ ପ୍ରବେଶ ପରେ ପ୍ରଶସ୍ତ ପ୍ରାଙ୍ଗଣ, ଉପାସନା ସ୍ଥାନ, ଜାମି ମସଜିଦ୍, ଦିୱାନ-ଇ-ଆମ, ବାସଗୃହ ଓ ଅନ୍ୟାନ୍ୟ ସୁନିର୍ମିତ କୋଠାବାଡ଼ି ଯଥା ଯୋଧବାଇ ମହଲ, ବୀରବାଲ ମହଲ, ସୁଲତାନ ମହଲ.ମଜୟମ ମହଲ, ଇବାଦତ ଖାନା, ସଲିମ ଝିସ୍ତିଙ୍କ ମଜାର ଓ ପଞ୍ଚମହଲ । ଏଠାରେ ଥିବା ଲାଲରଙ୍ଗର ବାଲୁକା ପ୍ରସ୍ତର ଓ ମର୍ମର ପଥରର ସୁସମନ୍ୱୟରେ ନିର୍ମିତ ସୌଧଗୁଡ଼ିକର କାରୁକାର୍ଯ୍ୟ ପ୍ରଶଂସନୀୟ । ଜାହାଙ୍ଗୀର ଶାସନ କାଳରେ ସିକନ୍ଦରାଠାରେ ଆକବରଙ୍କ ସମାଧି, ସୌଧ, ଲାହୋର ନିକଟସ୍ଥ ମୋତି ମସଜିଦ୍, ଇଦମଦଜୈଲାଙ୍କ ସମାଧି ସୌଧ ଇତ୍ୟାଦି ମୋଗଲ ସ୍ଥାପତ୍ୟ କଳାର ନିଦର୍ଶନ ।

ଶାହାଜାହାନଙ୍କ ଶାସନ କାଳରେ କଳା, ସ୍ଥାପତ୍ୟ, ଚିତ୍ରକଳା ଓ ସ୍ଥାପତ୍ୟର ଉତ୍କର୍ଷ ଦୃଷ୍ଟିଗୋଚର ହୁଏ । ଦିଲ୍ଲୀ, ଆଗ୍ରା, ଲାହୋର, ଅଜମେର, କାଶ୍ମୀର, ଅହମଦାବାଦ, କନ୍ଦାହାର ଇତ୍ୟାଦି ସହରରେ ଅନେକ ସୌଧ, ମସଜିଦ ଅଟ୍ଟାଳିକା, ସମାଧି, ୱାବଲି ଓ ସହରଉଦ୍ୟାନ ନିର୍ମିତ ହୋଇଥିଲା । ତାଙ୍କ ଶାସନ କାଳରେ ପ୍ରାୟ ସମସ୍ତ ନିର୍ମାଣରେ ଲାଲ ପ୍ରସ୍ତର ସହିତ ମାର୍ବଲ ପ୍ରସ୍ତରରେ ବହୁ ବ୍ୟବହାର ଦେଖିବାକୁ ମିଳେ । ତାଙ୍କ ସମୟର ପ୍ରସିଦ୍ଧ ସ୍ଥାପତ୍ୟ କୀର୍ତ୍ତିମାନଙ୍କ ମଧ୍ୟରେ ଦିଲ୍ଲୀର ଲାଲ ଦୁର୍ଗ ଓ ପ୍ରାସାଦ, ଜୁମ୍ମା ମସଜିଦ୍ ଅନ୍ୟତମ । ଲାଲଦୁର୍ଗ ମଧ୍ୟରେ ହୀରାମହଲ, ରଙ୍ଗମହଲ, ଦିୱାନୀ ଆମ ଦେୱାନୀ ଖାସ ଓ ଦୁର୍ଗର ମଧ୍ୟଦେଶରେ ପ୍ରବହମାନ କୃତ୍ରିମ ଝରଣାଯୁକ୍ତ ଉଦ୍ୟାନ ଚିତ୍ତାକର୍ଷକ ଓ ଆକର୍ଷଣୀୟ । ଦିୱାନୀ ଖାସ୍ ଅଳଙ୍କାର ମଣ୍ଡିତ ଥିଲା ଓ ମୂଲ୍ୟବାନ ପ୍ରସ୍ତର କାରୁକାର୍ଯ୍ୟ ପ୍ରାଚୁର୍ଯ୍ୟଭରା ଥିଲା । ଧଳା ମାର୍ବଲ ମଧ୍ୟରେ ନୀଳ, ହଳଦିଆ, ଲାଲ ଦାମିକା ପଥର କାମ ନୂତନତ୍ୱ ସୃଷ୍ଟି କଲା ଓ ପିଏତ୍ରା ଡୋରା ବା ନୀଳମଣି, କ୍ୱାର୍ଟଜପଥର ଓ ପୋଖରାଜ ପଥର ଖଚିତ କାମ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଥିଲା । ଲାଲଦୁର୍ଗର ସମ୍ମୁଖ ପଟରେ ଅଳ୍ପ ଦୂରରେ ଅବସ୍ଥିତ ଜୁମାମସଜିଦ ବିଶାଳ ହେଲେ ମଧ୍ୟ ସୌନ୍ଦର୍ଯ୍ୟଭରା ଓ ଆକର୍ଷଣୀୟ ହୋଇଥିବାରୁ ସ୍ଥପତିମାନଙ୍କ ଉତ୍କର୍ଷତା ପ୍ରତିପାଦନ କରେ ।

ମୋଗଲ ଶାସନ କାଳର ଉତକୃଷ୍ଟ କାରୁକାର୍ଯ୍ୟର ଅନ୍ୟ ଏକ ନିଦର୍ଶନ ବିଖ୍ୟାତ ଅନୁପମ ମୟୂର

ସିଂହାସନ । ହୀରା, ନୀଳା, ମଣି, ମାଣିକ୍ୟ ପ୍ରଭୃତି ବହୁ ମୂଲ୍ୟବାନ ଧାତୁ ପଥର ଖଚିତ ବାରଗୋଟି ସ୍ତମ୍ଭ ଆଧାରିତ ୧୧ଫୁଟ ଲମ୍ବ, ୭ଫୁଟ ଓସାର ଓ ୧ ଫୁଟ ଉଚ୍ଚତା ସିଂହାସନ ଉପରେ ଏକ ସ୍ୱର୍ଣ୍ଣଖଚିତ ଛତ୍ର ଥିଲା । ଏହା ବିଦେଶୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ଶାହାଜାହାନଙ୍କ ଅନନ୍ୟ ସ୍ଥାପତ୍ୟ କୀର୍ତ୍ତିର ନିଦର୍ଶନ ନିଶ୍ଚିତ ରୂପେ ଆଗ୍ରା ନଗରୀ ଯମୁନା ନଦୀ କୂଳରେ ସ୍ଥିତ ଶଙ୍ଖମର୍ମର ପଥରରେ ନିର୍ମିତ ସୌନ୍ଦର୍ଯ୍ୟମୟୀ ସମାଧି ସୌଧ ତାଜମହଲ । ଏହାର ଗଠନ ଶୈଳୀ ମନୋମୁଗ୍ଧକର । ଏହା ଏକ ଅତିବୃହତ୍ ସୌଧ ହେବା ସତ୍ତ୍ୱେ ଏହାର ଗଠନରେ ସମତା ଓ ମାଧୁର୍ଯ୍ୟ ସୌନ୍ଦର୍ଯ୍ୟକୁ ବୃଦ୍ଧି କରେ ଓ ସର୍ବୋପରି ସୌଧ ମଧ୍ୟରେ ସୂକ୍ଷ୍ମ ଚାରୁକଳା, ମର୍ମର ପଥରରେ ପରଦାକାମ ଅବିଶ୍ୱସନୀୟ ହୋଇଥିବାରୁ ଏହାକୁ ମର୍ମର ପଥରରେ ସ୍ୱପ୍ନ (**Dream marble**) ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ବାହ୍ୟ ସୌନ୍ଦର୍ଯ୍ୟ ତଥା ଆଭ୍ୟନ୍ତରୀଣ ସୂକ୍ଷ୍ମକଳାର ସମନ୍ୱୟ ତାଜମହଲ ସୌଧ ଅନନ୍ୟ ସ୍ଥାପତ୍ୟର ଗୌରବପ୍ରାପ୍ତ ।

ଆଉରଙ୍ଗଜେବଙ୍କ ଶାସନ କାଳରେ ଓ ତାଙ୍କ ପରେ ସ୍ଥାପତ୍ୟ କଳାକୁ ପ୍ରୋତ୍ସାହନ ପ୍ରାୟ ବନ୍ଦ ହୋଇଗଲା । ତଥାପି ଔରଙ୍ଗବାଦ ଠାରେ ରାବିଆଙ୍କ ସମାଧିସୌଧ, ଲାହୋରଠାରେ ବାଦଶାହା ମସଜିଦ ଓ ଦିଲ୍ଲୀ ଲାଲଦୁର୍ଗ ମଧ୍ୟରେ ମୋତି ମସଜିଦ ମୋଗଲ ସ୍ଥାପତ୍ୟ କଳାର ଉତକର୍ଷ ପ୍ରତିପାଦନ କରେ । ମୋଗଲ ଶାସନ କାଳର ଶେଷ ସ୍ଥାପତ୍ୟ ଦିଲ୍ଲୀଠାରେ ଅବସ୍ଥିତ ସଫଦରଜ ସମାଧି ସୌଧ । ଏହି ସମାଧିର ମୁଖ୍ୟ ସୌଧ ସମ୍ମୁଖରେ ତୋରଣ, ରାସ୍ତା ଓ ସୌଧର ଚାରିପାଖରେ ଉଦ୍ୟାନ ସୌଧକୁ ମନୋମୁଗ୍ଧ କର ।

**ଚିତ୍ରକଳା :**

ମୋଗଲ ଶାସନ କାଳରେ ଚତ୍ରକଳା ଉନ୍ନତି ଲାଭ କରିଥିଲା । ମୋଗଲ ଶାସନ ପୂର୍ବରୁ ଭାରତରେ ଚିତ୍ରକଳାର ଏକ ଜୀବନ୍ତ ପରମ୍ପରା ମୁଖ୍ୟତଃ ପାଣ୍ଡୁଲିପି ରଚନାରେ ଉଜ୍ଜ୍ୱଳ ରଙ୍ଗ ଚିତ୍ରର ବ୍ୟବହାର । ହୁମାୟୁନଙ୍କ ଶାସନ କାଳରେ ମୋଗଲ ଚିତ୍ରକଳାର ବୈଶିଷ୍ଟ୍ୟ ବିକଶିତ ହେଲା । ସେ ୪୨ ଫୁଟ୍ ବର୍ଗକ୍ଷେତ୍ର କନାର କାନ୍‌ଭାସ୍ 'ତିମୁର ପରିବାରର ରାଜକୁମାର ଗଣ' ଉପରେ ଚିତ୍ରକଳା ପ୍ରସ୍ତୁତ କରିଥିଲେ ଯାହାର ବିଷୟବସ୍ତୁ ଥିଲା ପାଞ୍ଚଫୁଟ ବର୍ଗକ୍ଷେତ୍ର ବିଶିଷ୍ଟ କପଡ଼ା କାନ୍‌ଭାସ୍ ଦେହରେ ତୈଳଚିତ୍ର । ବିଷୟବସ୍ତୁ ଥିଲା 'ତିମୁର ବଂଶର ରାଜକୁମାର ଗଣ' । ଚିତ୍ରକଳା ପ୍ରତି ଆକବରଙ୍କ ପ୍ରକୃତ ଆଗ୍ରହ ଚିତ୍ରକଳାକୁ ପ୍ରୋତ୍ସାହନ ଦେଉଥିଲା । ସେ ରାଜାଶ୍ରିତ ଚିତ୍ରଶାଳା ତସବିରଖାନା ସ୍ଥାପନ କରି ଚିତ୍ରକାରମାନଙ୍କୁ ନିଯୁକ୍ତି ଦେଇଥିଲେ । ଚିତ୍ରକଳା ପାଇଁ ଭାରତୀୟ କନାର ବ୍ୟବହାର ଓ ଚିତ୍ରକାରଙ୍କ କନାର ପ୍ରଚ୍ଛଦପଟ ଦୃଶ୍ୟରେ ସମତୁଲ ବ୍ୟବଧାନରେ ଜୀବନ୍ତ ବାସ୍ତବ ବିଷୟବସ୍ତୁ ଉପସ୍ଥାପନ ଓ ପତ୍ର ପୁଷ୍ପ ଓ ପ୍ରସ୍ଫୁଟିତ ଫୁଲ ପେନ୍ଥାର ବହୁଳ ଚିତ୍ରଣ ମୋଗଲ ଚିତ୍ରକଳାରେ ଉଭୟ ଭାରତୀୟ ଓ ପାରସୀୟ ପାମ୍ପରାର ସମ୍ମେଦନ ପରିଲକ୍ଷିତ ହୁଏ । ଜାହାଙ୍ଗୀର ଶାସନ କାଳରେ ଚିତ୍ରକଳାରେ ମୃଗୟା ଦୃଶ୍ୟ, ପଶୁପକ୍ଷୀ ଓ ପୁଷ୍ପଲତାର ଚିତ୍ର ବହୁଳଭାବରେ ଦେଖିବାକୁ ମିଳେ । ତସବିରଖାନା ବ୍ୟତୀତ ଜାହାଙ୍ଗୀରଙ୍କ ବ୍ୟକ୍ତିଗତ ଚିତ୍ରକର କର୍ମଶାଳା ଥିଲା ।

ଶାହାଜାହାନଙ୍କ ଶାସନ କାଳରେ ମୋଗଲ ଚିତ୍ରକଳାକୁ ଅଧିକ ରଙ୍ଗିନ, ସୁନ୍ଦର ଓ ସୁଶୋଭିତ କରିବା ପାଇ ସ୍ୱର୍ଣ୍ଣ ଓ ଉଜ୍ଜ୍ୱଳ ରଙ୍ଗର ବ୍ୟବହାର ହେଲା । ଶାହାଜାହାନଙ୍କ ପରବର୍ତ୍ତୀ ମୋଗଲ ଶାସକ ମାନେ ଚିତ୍ରକଳାକୁ ପ୍ରୋତ୍ସାହନ ଦେଇନଥିଲେ; କିନ୍ତୁ ଭାରତର ଦାକ୍ଷିଣାତ୍ୟରେ ଓ ରାଜସ୍ଥାନରେ ଚିତ୍ରକଳା ସ୍ୱକୀୟ ପରମ୍ପରା ଶୈଳୀ ସହିତ ନିଜ ନିଜର ପରିଚୟ ସୃଷ୍ଟି କରିଥିଲେ ।

**ଦିନ-ଇ-ଇଲାହୀ :**

ମୋଗଲ ଶାସକମାନେ ପ୍ରାରମ୍ଭରୁ ଅନୁଭବ କଲେ ଯେ ଉଦାରବାଦୀ ତଥା ସମନ୍ୱୟକାରୀ ପରିବର୍ତ୍ତନକ୍ଷମ ଧର୍ମନୀତି ହିଁ ଉପଯୁକ୍ତ ଶାସନ କୌଶଳ ଭାରତ ଉପମହାଦେଶରେ ଶାସନ କରିବା ପାଇଁ । ସେମାନେ ନିଜକୁ ଓ ନିଜ ଶାସନକୁ ବୈଧ ଓ ନ୍ୟାୟସଂଗତ ଓ ଯଥାର୍ଥ ବୋଲି ସର୍ବସାଧାରଣଙ୍କ ଗ୍ରହଣୀୟ ହେବାପାଇଁ ପ୍ରଚେଷ୍ଟା କରିଥିଲେ । ସେମାନେ ଅନୁଭବ କଲେ ଯେ ଭାରତ ମହାଦେଶରେ ଅଣ ମୁସଲମାନମାନଙ୍କ ସଂଖ୍ୟା ଅଧିକ, ତା ବ୍ୟତୀତ ତାଙ୍କ ସହିତ ସାମରିକ ଶାସନ ବଳରେ ତୁର୍କ, ଆଫଗାନ, ଆରବ, ରାଜପୁତ, ମରହଟ୍ଟା ଅଛନ୍ତି ଓ ଗ୍ରାମାଞ୍ଚଳରେ ଅଧିକାଂଶ ଜମିଦାର ଓ ରାଜା ହିନ୍ଦୁ ଅଟନ୍ତି । ସେଥିପାଇଁ ରକ୍ଷଣଶୀଳ ଉଲେମାମାନଙ୍କ ଧାର୍ମିକ ମୌଳବାଦ ନୀତି ପ୍ରଯୁଜ୍ୟ ନୁହେଁ । ସୌଭାଗ୍ୟବଶତଃ ପଂଚଦଶ ଓ ଷୋଡଶ ଶତାବ୍ଦୀରେ ଭାରତରେ ସୁଫି ଓ ଭକ୍ତ ପରମ୍ପରାର ଉଦାରନୀତି ଲୋକ ଆନ୍ଦୋଳନରେ ପରିଣତ ହେଲା । ସେଥିପାଇଁ କୁହାଯାଏ ମୋଗଲ ସମ୍ରାଟ ଆକବର କେବଳ ପଞ୍ଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିନଥିଲେ ସେ ଶତାବ୍ଦୀର ପ୍ରକୃତ ପ୍ରତିନିଧି । ତାଙ୍କର ଶାସନ କାଳରେ ତାଙ୍କ ମାତା ପିତା ତଥା ତାଙ୍କୁ ରାଜପୁତ ରାଣା ସହଯୋଗ ଓ ସାହାଯ୍ୟ କରିଥିଲେ ତେଣୁ ନିଜକୁ ଋଣୀ ବୋଲି ଅନୁଭବ କରୁଥିଲେ । ତାଙ୍କର ମାତା ହମିଦାବାନୁ ବେଗମ ଓ ଶିକ୍ଷକ ଅବଦୁଲ ଲତିଫ ତାଙ୍କୁ ସହନଶୀଳତା ଓ ଉଦାରତା ଶିକ୍ଷା ଦେଇଥିଲେ । ତାଙ୍କର ବାଲ୍ୟ ମସ୍ତିଷ୍କରେ ଏହାର ଗଭୀର ପ୍ରଭାବ ପକାଇଥିଲା । ବୟସ୍କ ହେଲା ପରେ ନିଜ ଜ୍ଞାନ, ବୁଦ୍ଧି ଓ ଅନୁଭବରୁ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଭାରତରେ ବିଭିନ୍ନ ଧର୍ମ ଯଥା ହିନ୍ଦୁ, ଜୈନ, ବୌଦ୍ଧ, ଇସଲାମ, ଖ୍ରୀଷ୍ଟିଆନ, ଯୋରୋଷ୍ଟର ତଥା ବିଭିନ୍ନ ଧର୍ମାବଲମ୍ବୀ ଗୋଷ୍ଠୀ ସମ୍ପ୍ରଦାୟର ବସବାସ କରୁଛନ୍ତି । ସେଥିପାଇଁ ଦେଶର ଶାନ୍ତି, ସୌନ୍ଦର୍ଯ୍ୟ ଓ ସ୍ଥିରତା ପାଇଁ ଧର୍ମ, ସମ୍ପ୍ରଦାୟ ଓ ଗୋଷ୍ଠିର ଉର୍ଦ୍ଧ୍ୱକୁ ଯାଇ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଓ ସଂପର୍କ ସ୍ଥାପନ କରି ଶାନ୍ତି ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ସମ୍ରାଟର ପ୍ରଧାନ କର୍ତ୍ତବ୍ୟ ଓ ଲକ୍ଷ୍ୟ । ଏହା ରାଜନୈତିକ ଦୃଷ୍ଟିକୋଣରୁ ମଧ୍ୟ ଜରୁରୀ ଥିଲା । ତେଣୁ ସେ ଯେଉଁ ନୀତି ଗ୍ରହଣ କରିଥିଲେ ତାହାକୁ ଆବୁଲଫାଜଲ ନାମ ଦେଇଛନ୍ତି ସୁଲହ-ଇ-କୁଲ ବା ସଂପୂର୍ଣ୍ଣ ଶାନ୍ତି । ସୁଲହ-ଇ-କୁଲ ନୀତିରେ ସମସ୍ତ ଧର୍ମ ଓ ବିଚାରଧାରାର ପ୍ରଚାର ଓ ପ୍ରକାଶ ସ୍ୱାଧୀନତା ସ୍ୱୀକାର୍ଯ୍ୟ ଯଦି ସେମାନେ ନିଜ ନିଜ ମଧ୍ୟରେ କଳହ ନକରନ୍ତି ଓ ମୋଗଲ ସମ୍ରାଟଙ୍କ କ୍ଷମତାକୁ ସଂପୂର୍ଣ୍ଣ ରୂପେ ସ୍ୱୀକାର କରି ଗ୍ରହଣ କରନ୍ତି ।

ସୁଲହ-ଇ-କୁଲ ନୀତି ଆଧାରରେ ଆକବର ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ମନସବଦାର ଓ ଜାଗିରଦାର ପରି ଉଚ୍ଚସାମରିକ ତଥା ବେସାମରିକ ପଦପଦବୀରେ ସ୍ଥାପନ କରି ପୁରସ୍କାର ଦେଉଥିଲେ । ଯଦି ସେ ବିଶ୍ୱସ୍ତ ହୋଇଥିବ, ଯୋଗ୍ୟତା ଥିବ ଓ ମୋଗଲ ସାମ୍ରାଜ୍ୟକୁ ସେବା ପ୍ରଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହେବ । ସେ ଅନୁଭବ କଲେ ଯେ ଅଣମୁସଲମାନଙ୍କ ଠାରୁ ଆଦାୟ ହେଉଥିବା ତୀର୍ଥଯାତ୍ରୀ କର ଓ ଜିଜିଆ କର ପାତରଅନ୍ତର ବିଚାର ଉପରେ ଆଧାରିତ । ସେ ତୀର୍ଥଯାତ୍ରୀ କରକୁ ୧୫୬୩ ଓ ଜିଜିଆ କରକୁ ୧୫୬୪ ଖ୍ରୀଷ୍ଟାବ୍ଦରେ ଉଚ୍ଛେଦ କରିଥିଲେ । ଦେଶର ଶାସନ କ୍ଷେତ୍ରରେ ସୁଲହ-ଇ-କୁଲ ଆଚରଣ ବିଧି ପାଳନ କରିବା ପାଇଁ ରାଜ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଭାରତୀୟ ରାଜପୁତମାନଙ୍କ ସହିତ ବୈବାହିକ ସମ୍ବନ୍ଧ, ରାଣା ମାନସିଂ, ରାଣା ବିହାରୀମଲଙ୍କ ମନସବଦାର ରୂପେ ସ୍ଥାପନ ନିଶ୍ଚିତ ରୂପେ ପ୍ରଭାବ ପକାଇଥିବ ଆକବରଙ୍କ ଚିନ୍ତାଧାରାରେ । ଆବୁଲଫାଜଲଙ୍କ ସୂଚନା ଅନୁସାରେ ହାରାମ ବା ପବିତ୍ର ରାଣୀ ମହଲରେ ଆତିସ ପରସ୍ତି ବା ସୂର୍ଯ୍ୟ ଓ ଅଗ୍ନିପୂଜା ପାଇଁ ହୋମ ହେଉଥିଲା । ସନ୍ଧ୍ୟା

ସମୟରେ ଆଲୋକବତୀ ଜଳିଲେ ସଭାସଦ୍‌ମାନେ ଛିଡ଼ା ହୋଇ ସମ୍ମାନ ଜଣାଉଥିଲେ । ଆକବରଙ୍କ ଦରବାରର ଆବୁଲଫାଜଲ, ଫୈଜି, ଟୋଡରମଲ ତଥା ବୀରବଲ ପରି ଜ୍ଞାନୀ ଓ ବିଜ୍ଞମାନଙ୍କ ଉଦାର ଚିନ୍ତାଧାରାର ପ୍ରଭାବ ନିଶ୍ଚିତ ଭାବେ ସମ୍ରାଟଙ୍କ ଉପରେ ପଡ଼ିଥିବ ।

୧୫୭୫ ଖ୍ରୀଷ୍ଟାବ୍ଦରେ ଆକବର ଧର୍ମାର୍ମିକ ଜ୍ଞାନ ଓ ଧର୍ମର ସାରମର୍ମ ଅନ୍ୱେଷଣ ପଥରେ ଆଗେଇବା ପାଇଁ ଫତେପୁର ସିକ୍ରିଠାରେ ଇବାଦତ୍ ଖାନାକୁ ବା ଉପାସନା ଗୃହକୁ ବିଭିନ୍ନ ଧର୍ମବିଶ୍ୱାସୀଙ୍କ ବିଶେଷଜ୍ଞମାନଙ୍କୁ ନିମନ୍ତ୍ରଣ ଦେଇ ସେମାନଙ୍କ ମଧ୍ୟରେ ମତର ଆଦାନପ୍ରଦାନ ଓ ତର୍କବିତର୍କ ପାଇଁ ପରିବେଶ ସୃଷ୍ଟି କରିଥିଲେ । ହିନ୍ଦୁ, ଖ୍ରୀଷ୍ଟିୟାନ୍, ଇସଲାମ, ବୌଦ୍ଧ, ଜୈନ, ଇହୁଦୀ,ଜେରାଷ୍ଟରୀୟ ଜ୍ଞାନୀଗୁଣୀ ବିଶେଷଜ୍ଞମାନେ ଏକତ୍ରିତ ହୋଇ ନିଜ ନିଜର ଧର୍ମ ବିଶ୍ୱାସର ନୈତିକ ଉତ୍କର୍ଷତା ଉପସ୍ଥାପନ କରିଥିଲେ । ଆକବର ସେମାନଙ୍କଠାରୁ ପ୍ରଶ୍ନଉତ୍ତର ମାଧ୍ୟମରେ ଜ୍ଞାନ ଆହରଣ କଲେ ଓ ନିଜର ସୁଚିନ୍ତିତ ଧାର୍ମିକ ମତକୁ ପୂର୍ଣ୍ଣ ବିକଶିତ କଲେ । ସେ ପାରମ୍ପରିକ ଇସଲାମୀୟ ଧର୍ମବିଶ୍ୱାସରୁ ଦୂରେଇ ରହି ନିଜସ୍ୱ ସାରଗ୍ରହୀ ଧର୍ମଧାରାର ନିର୍ଦ୍ଦିଷ୍ଟ ପଦ୍ଧତି ଓ ଶିଷ୍ଟାଚାର ପାଳନ କରିଥିଲେ । ସେ ଆନୁଷ୍ଠାନିକ ଭାବେ ନିଜକୁ ମୁଜାହିଦ ( **Mujahid**) ଓ ଇମାମ ଅଦିଲ ( **Imam-Adil**) ବୋଲି ଘୋଷଣା କଲେ । ଯଦ୍ୱାରା ଯଦି ବୈଧାନିକ ପ୍ରଶ୍ନ ବ୍ୟାଖ୍ୟା କରିବାରେ ଉଲେମାମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଜନ୍ମେ ତା ହେଲେ ସମ୍ରାଟ ଶେଷନିଷ୍ପତ୍ତି ନେବାର ଅଧିକାର ପାଇଲେ । ଏ ଘୋଷଣା ଫଳରେ ଆକବରଙ୍କୁ ପ୍ରତିବାଦ ଓ ବିଦ୍ରୋହର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଶେଷରେ ଆକବର ସଫଳ ହେଲେ ପ୍ରତିବାଦକୁ ନିଷ୍କ୍ରିୟ କରିବାରେ ଓ ମୌଳବାଦୀ ଉଲେମାମାନଙ୍କ ଆଧିପତ୍ୟ ନିୟନ୍ତ୍ରଣ କରିବାରେ ।

ଆକବର ନିଜର ଆଧ୍ୟାତ୍ମିକ ଜ୍ଞାନମତକୁ ନିଜର ଅନୁରକ୍ତମାନଙ୍କ ମଧ୍ୟରେ ପ୍ରସାରଣ କଲେ । ତାହାର ନାମ ହେଲା ତାଉହିଦ-ଇ-ଇଲାହୀ (**Tauhid-i-ilahi**) । ଏହା ଏକ ନୂତନ ଧର୍ମ ନଥିଲା କିମ୍ବା ଏହାର କୌଣସି ତୀର୍ଥ ସ୍ଥାନ, ପୁରୋହିତ କିମ୍ବା ଧର୍ମଗ୍ରନ୍ଥ ନଥିଲା ।

ଆକବରଙ୍କ ତାଉହିଦ-ଇ-ଇଲାହୀକୁ ପରବର୍ତ୍ତୀ କାଳରେ ଐତିହାସିକମାନେ ଭୁଲବଶତଃ ଦିନ-ଇ-ଇଲାହୀ ବା ଏକେଶ୍ୱରବାଦ (**Divine Monotherism**) ବୋଲି ଆଖ୍ୟା ଦେଲେ । ସାମ୍ରାଜ୍ୟବାଦ ରାଜନୈତିକ, ସାମାଜିକ ଓ ଧାର୍ମିକ ସମଷ୍ଟିକୁ ଦୃଢ଼ ସମଷ୍ଟିଭୁକ୍ତ କରିବା ପାଇଁ ଆକବର ଧର୍ମର ସାହାଯ୍ୟ କିମ୍ବା ଭେଦଭାବ ନୀତି ଅବଲମ୍ବନ କରିନଥିଲେ ବରଂ ସେ କେବେ ବି ପଛଘୁଞ୍ଚାଦେଉନଥିଲେ । ଦୃଢ଼ ନିଷ୍ପତ୍ତି ନେଇ ପଦକ୍ଷେପ ନେବାର ଯଦି ତାଙ୍କର କ୍ଷମତା ଓ ପଦବୀ କିଏ ଆଘାତ କିମ୍ବା ପ୍ରତିରୋଧ କରେ । କୌଣସି ବିଶ୍ୱାସ ବା ଧର୍ମମତ ନିଜ ନିଜର ସାମାଜିକ ଓ ଆଦର୍ଶଗତ ମୂଲ୍ୟବୋଧର ସୀମା ଲଙ୍ଘନ କରେ ଯଦ୍ୱାରା ସମ୍ରାଟ କିମ୍ବା ସାମ୍ରାଜ୍ୟର କ୍ଷମତା ଓ ପଦବୀ ପ୍ରତି ଆଶଙ୍କା ସୃଷ୍ଟି କରେ ତା'ହେଲେ ଆକବର ସେମାନଙ୍କ ବିରୁଦ୍ଧରେ ଦୃଢ଼ ଓ କଠିନ ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଉନଥିଲେ । ସେ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଏକତା ପାଇଁ ଏକ ଉଦାର ସହନଶୀଳ ଆଦର୍ଶ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ । ଏହା ଏକ ନୂତନ ଧର୍ମର ପ୍ରତିଷ୍ଠା ନଥିଲା । ଆକବରଙ୍କ ମୃତ୍ୟୁ ପରେ ତାଙ୍କର ପ୍ରୟାସକୁ ଆଗକୁ ନେବା ପାଇଁ ତାଙ୍କର ଉତ୍ତରାଧିକାରୀ ମାନେ ପ୍ରୟାସ କରିନଥିଲେ ।

## ସାରାଂଶ

ଜହିରୁଦ୍ଦିନ୍ ମହମ୍ମଦ ବାବର ଦିଲ୍ଲୀର ସୁଲତାନ ଇବ୍ରାହିମ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ ୧୫୨୬ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ମୋଗଲ ସାମ୍ରାଜ୍ୟର ସ୍ଥାପନ କଲେ । ବାବର ଓ ତାଙ୍କର ଉତ୍ତରାଧିକାରୀମାନେ ଭାରତ ଉପମହାଦେଶରେ ଆଞ୍ଚଳିକ ରାଜ୍ୟମାନଙ୍କୁ ଜୟ କରି ଓ ଆଞ୍ଚଳିକ ମୁଖ୍ୟଙ୍କ ସହିତ ସନ୍ଧି ଓ ସଂପର୍କ ସ୍ଥାପନ ସହ ସାମ୍ରାଜ୍ୟକୁ ବିସ୍ତାର ଓ ସଂମୃଦ୍ଧ କରି ଗୌରବ ଅର୍ଜନ କଲେ । ୧୫୨୬ ଖ୍ରୀଷ୍ଟାବ୍ଦରୁ ୧୭୫୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୫୪୦ରୁ ୧୫୫୫ ବ୍ୟତୀତ ସେମାନଙ୍କ ଶାସନ ବଳବତ୍ତର ରହିଲା ଓ ମୋଗଲ ସାମ୍ରାଜ୍ୟ ରୂପେ ପରିଚୟ ଲାଭ କଲା । ମୋଗଲ ଶାସନ କାଳରେ କଳା ଓ ସ୍ଥାପତ୍ୟର ଅଭୂତପୂର୍ବ ଉନ୍ନତି ହୋଇଥିଲା । ଆକବରଙ୍କ ଶାସନ କାଳରେ ସୁଲହ-ଇ-କୂଲ ନୀତିରେ ସମସ୍ତ ଧର୍ମ ଓ ବିଚାରଧାରାର ପ୍ରଚାରପ୍ରସାର ସ୍ୱାଧୀନତା ସ୍ୱୀକାର୍ଯ୍ୟ ଯଦି ସେମାନେ ନିଜ ନିଜ ମଧ୍ୟରେ କଳହ ନକରନ୍ତି ଓ ମୋଗଲ ସମ୍ରାଟଙ୍କ କ୍ଷମତାକୁ ସଂପୂର୍ଣ୍ଣ ରୂପେ ଗ୍ରହଣ କରି ସ୍ୱୀକାର କରନ୍ତି ।

## ଆଦର୍ଶ ପ୍ରଶ୍ନାବଳୀ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ ।**

(କ) ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତାଙ୍କ ଜନ୍ମସ୍ଥାନର ନାମ ଲେଖ ।

(ଖ) ବାବର ଇବ୍ରାହିମ୍ ଲୋଦୀଙ୍କୁ ପାନିପଥ ଯୁଦ୍ଧରେ କେଉଁ ଖ୍ରୀଷ୍ଟାବ୍ଦରେ ପରାସ୍ତ କରିଥିଲେ ?

(ଗ) ମୋଗଲ ସାମ୍ରାଜ୍ୟ କେଉଁ ଖ୍ରୀଷ୍ଟାବ୍ଦରୁ କେଉଁ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା ?

(ଘ) ମୋଗଲ ଯୁଗରେ ଗ୍ରାମର ମୁଖିଆଙ୍କୁ କ'ଣ କୁହାଯାଉଥିଲା ?

(ଙ) ମୋଗଲ ଯୁଗରେ ଗ୍ରାମର ମୁଖିଆ କେଉଁ ସତ୍ୱରେ ଚାଷଜମି ଭୋଗ କରୁଥିଲେ ?

(ଚ) ମୋଗଲ ଯୁଗରେ ଆଦିବାସୀମାନେ ଶାସକଙ୍କୁ କ'ଣ ଯୋଗାଉଥିଲେ ?

(ଛ) ମୋଗଲ ଯୁଗରେ ଜମିଦାରଶ୍ରେଣୀ କାହା ଉପରେ ନିର୍ଭର କରି ଚଳୁଥିଲେ ?

(ଜ) ମୋଗଲ ଯୁଗର ସାମରିକ ତଥା ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ଉଚ୍ଚ ପଦାଧିକାରୀଙ୍କୁ କେଉଁ ନାମରେ ନାମିତ କରାହୋଇଥିଲା ?

(ଝ) ଫର-ଇ-ଇଜାଦୀର ଅର୍ଥ କ'ଣ ?

(ଞ) ମୋଗଲ ଯୁଗରେ କେଉଁ କେଉଁ ମହିଳା ପ୍ରସିଦ୍ଧି ଲାଭ କରିଥିଲେ ?

**ପ୍ରତ୍ୟେକ ପ୍ରଶ୍ନର ଦୁଇ ବା ତିନୋଟି ବାକ୍ୟରେ ଲେଖ ।**

(କ) ମୋଗଲ ଯୁଗରେ ସମାଜରେ ମହିଳାଙ୍କ ସ୍ଥାନ ବିଷୟରେ ଲେଖ ।

(ଖ) ମୋଗଲ ଯୁଗର ମନସବଦାରୀ ବ୍ୟବସ୍ଥା ବିଷୟରେ ଲେଖ ।

(ଗ) ମୋଗଲ ଶାସନ କାଳର କଳା ଉପରେ ଏକ ଟିପ୍ପଣୀ ଲେଖ ।

(ଘ) ଆକବରଙ୍କ ରାଜତ୍ୱ କାଳର ଏକ ସ୍ଥାପତ୍ୟ ଉପରେ ଲେଖ ।

(ଙ) ଜାହାଙ୍ଗୀରଙ୍କ ରାଜତ୍ୱ କାଳର ଏକ ସ୍ଥାପତ୍ୟ ଉପରେ ଲେଖ ।

(ଚ) ଜାହାଙ୍ଗୀରଙ୍କ ସମୟର ଚିତ୍ରକଳା ବିଷୟରେ ଲେଖ ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(କ) ମୋଗଲ ଯୁଗର ସମାଜ ବ୍ୟବସ୍ଥା ଉପରେ ଏକ ଟିପ୍ପଣୀ ଲେଖ ।

(ଖ) ମୋଗଲ ଯୁଗର କଳା ଓ ସ୍ଥାପତ୍ୟ ଉପରେ ଏକ ଟିପ୍ପଣୀ ଲେଖ ?

(ଗ) ଆକବରଙ୍କ ଆଧାତ୍ମିକ ଜ୍ଞାନ ମତରୁ ବାହାରିଥିବା ତାଉହିଦ୍-ଇ-ଇଲାହୀ ବିଷୟରେ ଲେଖ ?

(ଘ) ସୁଲହ-ଇ-କୁଲ ଓ ଇବାଦତ୍‌ଖାନା ଉପରେ ଏକ ଟିପ୍ପଣୀ ଲେଖ ।

## ଦଶମ ଅଧ୍ୟାୟ

# ସୁଫି ଓ ଭକ୍ତି ଆନ୍ଦୋଳନ : ଭକ୍ତି ଓ ସୁଫି ମତବାଦ, ଭାରତୀୟ ସମାଜ ଉପରେ ସୁଫି ଓ ଭକ୍ତି ମତବାଦର ପ୍ରଭାବ

## (SUFI AND BHAKTI MOVEMENT : TENETS, IMPACT ON INDIAN SOCIETY)

ଭାରତରେ ଭକ୍ତି ପରମ୍ପରା ବହୁ ପ୍ରାଚୀନ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ର ମାଧ୍ୟମହିଁ ଭକ୍ତି । ଭକ୍ତ ତାର ଆରାଧ୍ୟଙ୍କ ପ୍ରତି ଅନୁରକ୍ତି ପରିପ୍ରକାଶ ପାଇଁ ଗଛମୂଳରେ, ପାହାଡ଼ ତଳେ, ରାସ୍ତାକଡ଼ରେ, ମନ୍ଦିର ଭିତରେ ବାହାରେ କାଠ, ପଥର କିମ୍ବା ସାକାର ଦେବଦେବୀଙ୍କ ମୂର୍ତ୍ତିପୂଜାଠାରୁ ଆରମ୍ଭ କରି ଅନୁରକ୍ତିର ପରମୋଲ୍ଲାସ ସ୍ତରକୁ ପହଞ୍ଚିବାର ଏକ ଦୈନନ୍ଦିନ ଘଟଣା । ପ୍ରାର୍ଥନା, ସ୍ତୁତିଗାନ ଉପାସନା ପ୍ରଣାଳୀର ଏକ ଅଙ୍ଗ ଶାକ୍ତ, ଶୈବ ଓ ବୈଷ୍ଣବ ପରମ୍ପରାରେ ।

ଦେବଦେବୀଙ୍କ ପ୍ରତି ଭକ୍ତି ଓ ଅନୁରକ୍ତି ପରିପ୍ରକାଶ ପାଇଁ ଭକ୍ତମାନଙ୍କ ମଧ୍ୟରେ ଦ୍ୱୈତ ପ୍ରକ୍ରିୟା ଦେଖିବାକୁ ମିଳେ । ପ୍ରଥମଟି ପୁରାଣ ଶାସ୍ତ୍ରକୁ ସରଳ ଭାଷାରେ ଲିପିବଦ୍ଧ କରି ସର୍ବସାଧାରଣଙ୍କ ପାଇଁ ସହଜ ଉପଲବ୍ଧ କରାଇବା । ଦ୍ୱିତୀୟ ପ୍ରକ୍ରିୟାରେ ସର୍ବସାଧାରଣଙ୍କ ପୂଜାପଦ୍ଧତିକୁ ଶାସ୍ତ୍ର ଓ ପୁରାଣରେ ସ୍ଥାନ ଦେଇ ସାମିଲ କରିବା ।

ଭକ୍ତି ପରମ୍ପରାର କ୍ରମଃପ୍ରକାଶର ପ୍ରଥମ ପର୍ଯ୍ୟାୟରେ ସମାଜରେ କେତେକ ସନ୍ଥକବିଙ୍କ ନେତୃତ୍ୱରେ ଭକ୍ତଗୋଷ୍ଠୀ ସୃଷ୍ଟିହେଲେ ଯଦିଓ ସମାଜରେ ବ୍ରାହ୍ମଣ ପୁରୋହିତମାନେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ରର ମୁଖ୍ୟ ନାୟକ ରହିଲେ । ଧୀରେଧୀରେ ସନ୍ଥକବିମାନେ ସମାଜରେ ସହଜରେ ଗ୍ରହଣୀୟ ହେଲେ କାରଣ ସେମାନେ ଭକ୍ତ ଓ ଭଗବାନଙ୍କ ଯୋଗସୂତ୍ର ଓ ମୁକ୍ତିପାଇଁ ବ୍ରାହ୍ମଣବାଦରେ ଅଯୋଗ୍ୟ ଥିବା ମହଲା ଓ ଶୁଦ୍ରଙ୍କୁ ଯୋଗ୍ୟବୋଲି ବିଚାର କଲେ । ନୂତନ ଭକ୍ତି ପରମ୍ପରା ସର୍ବସାଧାରଣରେ ବ୍ୟାପକ ଓ ଗ୍ରହଣୀୟ ହୋଇ ଆନ୍ଦୋଳନରେ ପରିଣତ ହେଲା । ଯଦିଓ ଭକ୍ତି ପରମ୍ପରା ବହୁବିଧ ଥିଲା ତଥାପି ଏହାକୁ ମୁଖ୍ୟତଃ ଦୁଇଟି ଧାରାରେ ବିଭକ୍ତ କରାଯାଇପାରିବ ଯଥା ସଗୁଣ ଓ ନିର୍ଗୁଣ । ସଗୁଣ ଭକ୍ତିଧାରାରେ ବିଶେଷ କରି ଶିବ, ବିଷ୍ଣୁ ଓ ତାଙ୍କର ଅବତାର ଓ ଅନେକ ଦେବଦେବୀଙ୍କୁ ମୂର୍ତ୍ତିରୂପ ଦେଇ ପୂଜା ଓ ନିର୍ଗୁଣ ଭକ୍ତିଧାରାରେ ସୃଷ୍ଟିକର୍ତ୍ତାଙ୍କୁ ନିରାକାର, ଅରୂପ ଓ ଶୂନ୍ୟ ରୂପେ ଆରାଧନା କରାଯାଏ ।

ଦକ୍ଷିଣ ଭାରତରେ ଷଷ୍ଠ ଶତାବ୍ଦୀରେ ବିଷ୍ଣୁଭକ୍ତ ଅଲଭାର (Alvar) ଏବଂ ଶୈବ ଉପାସକ ଭକ୍ତ ନାୟନାର ( Nayanar) ମାନଙ୍କ ଭକ୍ତି ପରମ୍ପରା ଓ ଆନ୍ଦୋଳନ ଅଗ୍ରଗଣ୍ୟ । ସେମାନେ ତାମିଲ ଭାଷାରେ ସ୍ତୋତ୍ର ମାଧ୍ୟମରେ ଭଗବାନଙ୍କ ଗୁଣଗାନ କରି ଅନେକ ସ୍ଥାନ ଭ୍ରମଣ କଲେ । ଆଲଭାର ଓ ନୟନାର ମାନେ ନିଜ ନିଜର ଶ୍ରେଷ୍ଠ ଦେବତାଙ୍କ ନିବାସ ସ୍ଥାନ ରୂପେ କେତେକ ଦେବାଳୟକୁ ବାଛିଲେ । ଫଳରେ ସେଠାରେ ବଡ଼ ବଡ଼ ମନ୍ଦିର ଓ ବାସସ୍ଥାନ ଗଢ଼ିଉଠିଲା । ସେ ସ୍ଥାନମାନ ତୀର୍ଥସ୍ଥାନର ରୂପ ନେଲା । ସନ୍ଥକବିଙ୍କ ଲେଖା ସ୍ତୋତ୍ର, ପ୍ରାର୍ଥନା ଦେବାଳୟର ଧାର୍ମିକ କର୍ମାନୁଷ୍ଠାନର ଏକ ଅଙ୍ଗ ହୋଇଗଲା ଏବଂ କେତେକ ସ୍ଥାନରେ ସନ୍ଥକବିଙ୍କ ମୂର୍ତ୍ତିପୂଜା ମଧ୍ୟ ସ୍ଥାନ ପାଇଲା ।

ଅଲଭାର ଓ ନୟନାର ଭକ୍ତି ଆନ୍ଦୋଳନ ବ୍ରାହ୍ମଣମାନଙ୍କ ପୂଜାପଦ୍ଧତିରେ ଏକଚାଟିଆ ପ୍ରତିପତ୍ତି ଅସ୍ୱୀକାର

କରି ସଂସ୍କାର ଆଣିବା ପାଇଁ ଚେଷ୍ଟା କଲେ । ସେମାନେ ବ୍ରାହ୍ମଣମାନଙ୍କ କଥିତ ଓ ଘୋଷିତ ମୁକ୍ତି ପାଇଁ ଅଯୋଗ୍ୟ ଜାତିମାନଙ୍କୁ ମୁକ୍ତିଯୋଗ୍ୟ ବୋଲି ଘୋଷଣା କରି ଭକ୍ତି ଆନ୍ଦୋଳନରେ ସାମିଲ କଲେ । ଏମାନଙ୍କ ଭକ୍ତମାନଙ୍କ ଭିତରେ ଥିବା, ବ୍ରାହ୍ମଣ, ଚାଷି,କାରିଗର ଏବଂ ଏପରିକି କଥାକଥିତ ଅସ୍ପୃଶ୍ୟ ଜାତିର ବ୍ୟକ୍ତିବିଶେଷ ରହିବା ଏହାର ପ୍ରମାଣ । ଅଲଭାର ଓ ନୟନାର ସନ୍ଥ କବିମାନଙ୍କ ରଚିତ ପୁସ୍ତକକୁ ତାମିଲ ଭାଷାର ବେଦର ସ୍ଥାନ ଦିଆଯାଇଛି । ଏ ଭକ୍ତି ପରମ୍ପରାରେ ମହିଳାମାନଙ୍କ ସ୍ଥାନ ମଧ୍ୟ ଉଚ୍ଚରେ ଥିଲା । ଅନେକ ମହିଳା ଆନ୍ଦୋଳନରେ ପ୍ରତ୍ୟକ୍ଷ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଅଲଭାର ସାଧ୍ୱୀ ଆନ୍‌ଡ଼ାଲ (**Andal**) ଙ୍କ ରଚନା ବିସ୍ତୃତ ଭାବେ ଗାନ କରାଯାଏ । ସେ ନିଜକୁ ବିଷ୍ଣୁପ୍ରିୟା ବୋଲି ବିଷ୍ଣୁଙ୍କ ପ୍ରେମରେ ଭକ୍ତିଗାନ ରଚନା କରିଛନ୍ତି । ସାଧ୍ୱୀ କରାଇକାଲ ଅମାଇୟାର ଅନ୍ୟ ଏକ ଶିବଭକ୍ତ । ସେ କଠୋର ବ୍ରତପାଳନ କରିଥିଲେ ନିଜର ଲକ୍ଷ୍ୟ ହାସଲ ପାଇଁ । ତାଙ୍କର ରଚନା ନୟନାର ଭକ୍ତି ପରମ୍ପରାରେ ସ୍ଥାନ ପାଇଛି । ସାଧ୍ୱୀମାନେ ସନ୍ନ୍ୟାସିନୀ ନଥିଲେ ମଧ୍ୟ ସାମାଜିକ ବନ୍ଧନ ତ୍ୟାଗ କରିଥିଲେ । ସେମାନଙ୍କ ଲେଖା କାର୍ଯ୍ୟକଳାପ ପୁରୁଷପ୍ରଧାନ ଆଦର୍ଶକୁ ଅସ୍ୱୀକାର କରି ପ୍ରତିଦ୍ୱନ୍ଦ୍ୱୀର ରୂପ ନେଇଥିଲା ।

ନୟନାର ଅଲଭାର ସନ୍ଥମାନଙ୍କୁ ଚାଷି, କାରିଗର ଜନସମାଜ ସମ୍ମାନ ପ୍ରଦାନ କରୁଥିଲେ । ନବମ ଶତାବ୍ଦୀରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ଦାକ୍ଷିଣାତ୍ୟର ଚୋଳ ରାଜାମାନେ ମଧ୍ୟ ଭକ୍ତି ପରମ୍ପରାକୁ ପ୍ରୋତ୍ସାହନ ଦେଇ ସନ୍ଥମାନଙ୍କ ଶୈବସ୍ତବକକୁ ଗାନ କରାଉଥିଲେ ମନ୍ଦିରମାନଙ୍କରେ ଏବଂ କେତେକ ସନ୍ଥଙ୍କ ମୂର୍ତ୍ତି ମଧ୍ୟ ତିଆରି କରାଇଥିଲେ ।

ଦ୍ୱାଦଶ ଶତାବ୍ଦୀରେ କର୍ଣ୍ଣାଟକରେ ବାସଓ୍ୱାନ ନାମକ ଜଣେ ବ୍ରାହ୍ମଣଙ୍କ ନେତୃତ୍ୱରେ ବୀରଶୈବ ବା ଲିଙ୍ଗାୟତ ପରମ୍ପରା ସୃଷ୍ଟିହେଲା । ସେମାନେ ବ୍ରାହ୍ମଣଙ୍କ ଅସ୍ପୃଶ୍ୟ ଭେଦଭାବକୁ ଅସ୍ୱୀକାର କଲେ । ଫଳ,ସ୍ୱରୂପ ବ୍ରାହ୍ମଙ୍କ ଦ୍ୱାରା ସମାଜରେ ସର୍ବନିମ୍ନ ସ୍ତରକୁ ଠେଲିଦେଇଥିବା ଜାତିର ଲୋକ ବୀରଶୈବ ଗୋଷ୍ଠୀରେ ସାମିଲ ହେଲେ ।

ଉତ୍ତର ଭାରତରେ ନବମରୁ ତ୍ରୟୋଦଶ ଶତାବ୍ଦୀ ମଧ୍ୟରେ ରାଜାମାନେ ଶିବ ଓ ବିଷ୍ଣୁଙ୍କ ମନ୍ଦିର ତିଆରି ପାଇଁ ପ୍ରୋତ୍ସାହନ ଦେଲେ । ରାଜପୁତ ରାଜାମାନେ ବ୍ରାହ୍ମଣଙ୍କ ସାହାଯ୍ୟରେ ମନ୍ଦିର ଓ ପୂଜାପଦ୍ଧତିକୁ ସୁଦୃଢ଼ କଲେ । ବ୍ରାହ୍ମଣମାନଙ୍କ ଆଧିପତ୍ୟକୁ ଅସ୍ୱୀକାର କରିବା ପାଇଁ ସନ୍ଥକବିମାନଙ୍କ ଆନ୍ଦୋଳନ ସେତେ ସୁଦୃଢ଼ ନଥିଲା ତଥାପି ବ୍ରାହ୍ମଣମାନଙ୍କ ମୂଳ ଆଧାର ବାହାରେ ଚିନ୍ତା କରୁଥିବା ନାଥ, ଯୋଗୀ ଓ ସିଦ୍ଧ ପରମ୍ପରା ନିଜର କାୟା ବିସ୍ତାର ଆରମ୍ଭ କରିଥିଲା । ସେମାନେ ପ୍ରାୟ କାରିଗର ପୃଷ୍ଠଭୂମିରୁ ବାହାରିଥିଲେ । ସେମାନେ ଲୋକପ୍ରିୟ ଥିଲେ କିନ୍ତୁ ରାଜା ଓ ଶାସକ ଗୋଷ୍ଠୀଙ୍କ ସହଯୋଗ ପାଇଲେ ନାହିଁ ।

ତ୍ରୟୋଦଶ ଶତାବ୍ଦୀରେ ଉତ୍ତର ଭାରତରେ ନୂତନ ସହରମାନଙ୍କର ସଙ୍ଗଠିତ କାରିଗରୀ ଓ ଶିଳ୍ପବିଦ୍ୟା ମାଧ୍ୟମରେ ଉତ୍ପାଦନ ବୃଦ୍ଧି ହୋଇ ଦୂରଦୂରାନ୍ତକୁ ବାଣିଜ୍ୟ ବ୍ୟବସାୟ ବୃଦ୍ଧି ହେଲା । କାରିଗର ଓ ଶିଳ୍ପଦ୍ୟୋଗୀମାନଙ୍କ ସମ୍ବଳ ଓ ଧନସମ୍ପତ୍ତି ବଢ଼ିଲା କିନ୍ତୁ ତଦ୍ ଅନୁସାରେ ସମାଜରେ ସାମାଜିକ ସ୍ଥାନ ବଢ଼ିଲା ନାହିଁ । ସେମାନେ ବ୍ରାହ୍ମଣଙ୍କ ଠାରୁ ତଳେ ରହିଲେ । ଏମାନେ ପ୍ରଥମେ ବେଦ ଓ ବ୍ରାହ୍ମଣର ପ୍ରାଧାନ୍ୟକୁ ପ୍ରଶ୍ନ କଲେ ଓ ସଂସ୍କୃତ ବଦଳରେ ଆଞ୍ଚଳିକ ଭାଷା ବା ଲୋକଭାଷାରେ ନିଜ ନିଜ ମତ ରଖିଲେ । ତ୍ରୟୋଦଶ ଶତାବ୍ଦୀ ପରେ ଭାରତରେ ସୁଲତାନୀ ଶାସନର ସ୍ଥାପନ ପରେ ଏକ ନୂତନ ପରିବେଶ ସୃଷ୍ଟି ହେଲା ।

ସୁଲତାନୀ ଶାସନ ରାଜପୁତ ରାଜ୍ୟ ତଥା ବ୍ରାହ୍ମଣମାନଙ୍କ ଆଧିପତ୍ୟକୁ କୁଠାରଘାତ କଲା । ସଂସ୍କୃତି ଓ ଧାର୍ମିକ

ଚିନ୍ତାଧାରା ରାଜ୍ୟରେ ସୁସ୍ପଷ୍ଟ ପରିବର୍ତ୍ତନ ଦେଖାଗଲା । ଏହି ସମୟରେ ସୁଫିମାନଙ୍କ ଭାରତ ଆଗମନ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କଲା ସାଂସ୍କୃତିକ ଓ ଧାର୍ମିକ ଚିନ୍ତାଧାରାରେ ଉନ୍ନତି ସାଧନ ପାଇଁ ।

**ନୂତନ ଭକ୍ତି ଅନୁରକ୍ତିର ପଥ :**

ନୂତନ ସାମାଜିକ ରାଜନୈତିକ ପରିସ୍ଥିତି, ଚିନ୍ତାଧାରା ଓ ଅନୁଷ୍ଠାନ କାରଣରୁ କେତେକ ଭାରତୀୟ ସନ୍ଥ କବିଙ୍କୁ ସ୍ପଷ୍ଟ ଖୋଲାଖୋଲି ଭାବେ ଓ ଅନ୍ୟ କେତେକଙ୍କ ସହ ଉଭୟରେ ସଂପର୍କର ସେତୁ ସ୍ଥାପନ ଆରମ୍ଭ କରିଥିଲେ । ସେମାନେ ହେଲେ କବୀର ଓ ଗୁରୁନାନକ ।

<u>କବୀର</u>

କବୀରଙ୍କ ରଚନାବଳୀର ବଳିଷ୍ଠ ପଦ, ଦୋହାର ମହତ୍ତ୍ୱ ସଦାବେଳେ ଅଛି । ଏବଂ ତାଙ୍କ ଜୀବନ କାଳରେ ତଥା ପରିବର୍ତ୍ତି କାଳରେ ପ୍ରେରଣା ଯୋଗାଇ ଆସୁଛି । ପ୍ରତିଷ୍ଠିତ ଧାର୍ମିକ, ସାମାଜିକ ଅନୁଷ୍ଠାନ, ଚିନ୍ତାଧାରା ଓ ପ୍ରଥାକୁ ସନ୍ଦେହ କରି ପ୍ରଶ୍ନ ଉତ୍ତର ମାଧ୍ୟମରେ ସମସ୍ୟା ସମାଧାନର ପଥ ଉନମୁକ୍ତ କରି ଅନ୍ତର୍ଦୃଷ୍ଟି ସାହାଯ୍ୟରେ ଐଶ୍ୱରୀୟ ସ୍ୱାଦର ସନ୍ଧାନରେ ପହଞ୍ଚିବାର ପଥ ଉନମୁକ୍ତ କରେ କବୀରଙ୍କ ରଚନା । ସନ୍ଥ କବୀରଙ୍କ ଚିନ୍ତାଧାରା ତତ୍କାଳୀନ ଉତ୍ତର ଭାରତର ଅବଧ ଅଞ୍ଚଳର ଯୋଗୀମାନଙ୍କ ଓ ସାଧୁ ସନ୍ଥମାନଙ୍କ ପ୍ରଥା ଓ ପରମ୍ପରା ସହିତ ସଂମ୍ବାଦ ସଂପର୍କ ଓ ପ୍ରଶ୍ନୋ ତ୍ତର 'ଫଳସ୍ୱରୂପ ନିର୍ଦ୍ଦିଷ୍ଟ ରୂପ ନେଇ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ତିନୋଟି ବିବିଧ ପରମ୍ପରା ସୃଷ୍ଟି ହୋଇଛି ଯଥା ବାରାଣସୀ ଓ ଉତ୍ତର ପ୍ରଦେଶରେ କବୀରଙ୍କ ବିଜଗ ରଚନାକୁ ନେଇ କବୀରପନ୍ଥି , ରାଜସ୍ଥାନ ଅଞ୍ଚଳରେ କବୀର ଗ୍ରନ୍ଥାବଳୀକୁ କେନ୍ଦ୍ର କରି ଦାଦୁ ପନ୍ଥି ଓ ପଞ୍ଜାବ ଅଞ୍ଚଳରେ ଗୁରୁଗ୍ରନ୍ଥ ସାହେବରେ ସ୍ଥାନ ପାଇଥିବା କବୀରଙ୍କ ରଚନା । ତା ବ୍ୟତୀତ କବୀରଙ୍କ ରଚନା ଭାରତର ଅନେକ ଭାଷା ଓ ଉପଭାଷାରେ ଅନୁବାଦିତ ହୋଇ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛି । ତାଙ୍କର ଅନେକ ରଚନା ଗୁଢ ଅର୍ଥ ବହନ କରେ । ନିର୍ଗୁଣ କବିଙ୍କ ରଚନାରେ ଗୁଢ ଅର୍ଥ ଥାଏ ତାହାକୁ ସନ୍ଥ ଭାଷା ମଧ୍ୟ କୁହାଯାଏ । ସନ୍ଥ ସାହିତ୍ୟରେ ଅନେକ ରଚନାରେ ଓଲଟ ରଚନା ଶୈଳୀ ପ୍ରୟୋଗ ହୁଏ ଯେଉଁଥିରେ ସର୍ବଜନ ବିହିତ ଅର୍ଥ ଓ ରୂପକୁ ଓଲଟା ଉପସ୍ଥାପନ କରାଯାଏ । ଏ ସମସ୍ତ ଉପସ୍ଥାପନର ମୂଳ ଲକ୍ଷ୍ୟ ଓ ଲୋକଙ୍କ ପାଖରେ ବାର୍ତ୍ତା ପହଞ୍ଚିବ ଯେ ଶେଷ ବା ଚରମ ବାସ୍ତବତା ଶରୀର ବା ଆମ୍ବା ବାହାରେ ଆଉକିଛିନାହିଁ କିମ୍ବା ଥିବାର ସମ୍ଭାବନା ମଧ୍ୟ ନାହିଁ । ଏହା ସନ୍ଥ କବିରଙ୍କ ଗୁଢତତ୍ତ୍ୱାତ୍ମକ ଅନୁଭୂତିର ନିଷ୍କର୍ଷ । ସନ୍ଥ କବୀରଙ୍କ ରଚନାରେ ଅନେକ ପରମ୍ପରାରେ ମିଳନ ଦେଖିବାକୁ ମିଳେ । ସେ ଭଗବାନଙ୍କୁ ବର୍ଣ୍ଣନା କରିବାକୁ ଯାଇ ଇସଲାମ ଧର୍ମର ପରମ୍ପରାରୁ ଆଲ୍ଲା, ଖୁଦା, ହଜରତ ଓ ପୀରର ବ୍ୟବହାର କହିଛନ୍ତି । ବେଦାନ୍ତରୁ ନୀରାକାର, ଅଲଖ ଶବ୍ଦବ୍ରହ୍ମ ଆତ୍ମା ଓ ଯୋଗୀମାନଙ୍କ ପରମ୍ପରାରୁ ଶୂନ୍ୟ ରୂପେ ବର୍ଣ୍ଣନା କରିଛନ୍ତି ।

ତାଙ୍କ ରଚନାରେ ଅନେକ ସ୍ଥାନରେ ବହୁ ଦେବାଦେବୀ ଓ ମୂର୍ତ୍ତିପୂଜାକୁ ଭର୍ତ୍ସନା ଓ ପ୍ରତ୍ୟାଖ୍ୟାନ କରି ଇଶ୍ୱରବାଦ ଓ ମୂର୍ତ୍ତିପୂଜା ବିରୋଧି ମତ ପ୍ରତିଫଳିତ ହୁଏ । ସୃଷ୍ଟିକର୍ତ୍ତାଙ୍କ ନାମ ସୁମରଣା କରି ପ୍ରେମ ସହିତ ଅନୁରୋଧ କରିବାରୁ ପ୍ରକୃତ ଉପାସନ ବୋଲି ସେ ମତ ଦେଇଛନ୍ତି ।

ସନ୍ଥ କବୀରଙ୍କ ମୃତ୍ୟୁର ଦୁଇଶହ ବର୍ଷ ପରେ ତାଙ୍କର ଜୀବନୀ ଓ ରଚନାର ସଂକଳନ ତାଙ୍କର ଅନୁଗାମୀମାନେ ପ୍ରସ୍ତୁତ କଲେ । ସେଥିରେ ମତ ପାର୍ଥକ୍ୟ ରହିଛି ସେ ନା ଥିଲେ ହିନ୍ଦୁ ନା ଥିଲେ ମୁସଲମାନ । ବୈଷ୍ଣବ ପରମ୍ପରା ମତରେ ସେ ଏକ ହିନ୍ଦୁ ପରିବାରରେ ଜନ୍ମ ଗ୍ରହଣ କରିଥିଲେ କିନ୍ତୁ ମୁସଲମାନ ତନ୍ତି ପରିବାରରେ ଲାଳନ ପାଳନରେ ଜୀବନ ବିତାଇଲେ । କେତେକଙ୍କ ମତରେ ସେ ଗୁରୁ ରାମାନନ୍ଦଙ୍କ ଦ୍ୱାରା ଭକ୍ତି ମାର୍ଗ ଗ୍ରହଣ କଲେ । କିନ୍ତୁ କବୀର ତାଙ୍କର ରଚନାରେ କୋଉଠି ମଧ୍ୟ ଏ ବିଷୟରେ ଉଲ୍ଲେଖ କରିନାହାନ୍ତି ।

**ଗୁରୁନାନକ:-**

ପଞ୍ଜାବ ପ୍ରଦେଶର ରାବୀ ନଦୀତଟରେ ନାନକାନା ସାହେବ ନାମକ ଏକ ଗ୍ରାମରେ ୧୪୬୯ ଖ୍ରୀଷ୍ଟାବ୍ଦରେ ଗୁରୁନାନକଙ୍କ ଜନ୍ମ ହୋଇଥିଲେ । ସେ ଅନେକ ସ୍ଥାନ ଭ୍ରମଣ କରି ପାରସ୍ୟ ଭାଷାରେ ପାଠପଢି ଖାଜା୍ ବା ହିସାବ ରକ୍ଷକ ହେଲେ । ଯଦିଓ ସେ ବିବାହିତ ଥିଲେ ତାଙ୍କର ଅନେକ ସମୟ ସାଧୁ ସନ୍ଥ ଓ ଭକ୍ତଙ୍କ ସହିତ କଟାଉଥିଲେ । ସେ ନିଜେ ନିରାକାର ଉପାସନାରେ ବିଶ୍ୱାସ କରୁଥିଲେ । ସେ ତାଙ୍କ ମତକୁ ନିର୍ଗୁଣ ଭଗବାନଙ୍କ ପ୍ରଶଂସା ସୂଚକ ପଦାବଳୀ ରୂପେ ରଚନା କଲେ । ତାହାକୁ ଗାନ କରି ନିଜର ବାର୍ତ୍ତା ସର୍ବସାଧାରଣରେ ପହଞ୍ଚାଇଲେ । ସେ ତାଙ୍କର ରଚନାରେ ଦୃଢ ଭାବରେ ହିନ୍ଦୁ ତଥା ମୁସଲମାନ ଧର୍ମରେ ପ୍ରଚଳିତ ବଳି, ଧାର୍ମିକ ସ୍ନାନ, ମୂର୍ତ୍ତିପୂଜା, ବାହ୍ୟ ଆଡ଼ମ୍ବର,କଠୋର ବ୍ରତ ଉପାସନା ଓ ଗ୍ରନ୍ଥ ପୁରାଣ ପ୍ରତ୍ୟାଖ୍ୟାନ କଲେ । ତାଙ୍କ ମତରେ ରବ ବା ଈଶ୍ୱର ବା ସୃଷ୍ଟିକର୍ତ୍ତାଙ୍କ କୌଣସି ଲିଙ୍ଗ ନାହିଁକି ରୂପ ନାହିଁ । ସେ ଏକ ସରଳ ନିରାଡ଼ମ୍ବର ମାର୍ଗ ଦେଖାଇଲେ । ଐଶ୍ୱରୀୟ ନାମକୁ ସ୍ମରଣ କରି ବାରମ୍ବାର ଉଚ୍ଚାରଣ କଲେ ଈଶ୍ୱରପ୍ରାପ୍ତି ହୁଏ । ତାଙ୍କର ରଚିତ, ଈଶ୍ୱରଙ୍କ ପାଇଁ ଶ୍ରୋତାକୁ ଆଞ୍ଚଳିକ ପଞ୍ଜାବୀ ଭାଷାରେ 'ସବଦ୍' କୁହାଯାଏ । ନିଜେ ନିଜ ରଚନାକୁ ବିଭିନ୍ନ ରାଗରେ ସ୍ୱର ଦେଇ ସୁନ୍ଦର ଭାବେ ଗାନ କରି ପାରୁଥିଲେ ଓ ତାଙ୍କର ଶିଷ୍ୟ ମରଦାନା ନାନକଙ୍କ ଗାନ ସହିତ ତାଳଦେଇ ବାଦ୍ୟଯନ୍ତ୍ର 'ରବବ' ବଜାଉଥିଲେ ।

ସେ ତାଙ୍କର ଅନୁଚର ଶିଷ୍ୟଙ୍କୁ ନେଇ ଏକ ଗୋଷ୍ଠୀ ତିଆରି କଲେ ଓ ସଙ୍ଗତ ବା ଏକତ୍ରିତ ହୋଇ ପୂଜାର ନୀତିନିୟମ ତିଆରି କଲେ । ସେ ଏକତ୍ରିତ ଦଳବଦ୍ଧ ଗାନଶୈଳୀ ନିର୍ଦ୍ଧାରଣ କଲେ । ସେ ତାଙ୍କର ଜଣେ ଶିଷ୍ୟ ଅଙ୍ଗଦକୁ ନିଜର ଉତ୍ତରାଧିକାରୀ ଗୁରୁ ରୂପରେ ବାଛିଲେ । ୧୫୩୯ ଖ୍ରୀଷ୍ଟାବ୍ଦରେ ଗୁରୁନାନକଙ୍କ ମୃତ୍ୟୁ ପରେ ୨୦୦ ବର୍ଷ ଧରି ଗୁରୁ ପରମ୍ପରା ଚାଲିଲା ।

ବାବା ଗୁରୁନାନକ ଏକ ନୂତନ ଧର୍ମ ସ୍ଥାପନ ପାଇଁ ଇଚ୍ଛା କରୁନଥିଲେ; କିନ୍ତୁ ତାଙ୍କର ମୃତ୍ୟୁରେ ତାଙ୍କର ଶିଷ୍ୟମାନେ ନିଜକୁ ସଙ୍ଗଠିତ କରି ଧାର୍ମିକ ପରମ୍ପରାକୁ ସୁଦୃଢ଼ କରି ହିନ୍ଦୁ ଓ ମୁସଲମାନ ଧର୍ମଠାରୁ ଅଲଗା ପରିଚୟ ସୃଷ୍ଟି କଲେ । ସେମାନଙ୍କ ପରମଗୁରୁ ଗୁରୁଅର୍ଜୁନ ବାବା ଗୁରୁନାନକ ଓ ଚାରି ଉତ୍ତରାଧିକାରୀ ଗୁରୁଙ୍କ ରଚନାବଳୀ ଓ ସୁଫି ସନ୍ଥକବି ବାବା ଫରିଦ, ସନ୍ଥ ରବିଦାସ ଓ ସନ୍ଥ କବୀରଙ୍କ ରଚନାକୁ ସଂକଳନ କରି ଆଦିଗ୍ରନ୍ଥସାହେବ ସୃଷ୍ଟି କଲେ । ଆଦିଗ୍ରନ୍ଥସାହେବରେ ସଂକଳିତ ବିବିଧ ଭାଷାର ସମସ୍ତ ସ୍ତୋତ୍ରକୁ 'ଗୁରୁବାଣୀ' ବୋଲି ସମ୍ମାନ ଦିଆଯାଏ । ସପ୍ତଦଶ ଶତାବ୍ଦୀରେ ଦଶମ ଗୁରୁ ଗୁରୁଗୋବିନ୍ଦ ସିଂ, ନବମ ଗୁରୁ ଗୁରୁତେଜବାହାଦୁରଙ୍କ ରଚନାକୁ ସାମିଲ କଲେ ଏବଂ ଗ୍ରନ୍ଥ ନାମ ହେଲା 'ଗୁରୁଗ୍ରନ୍ଥସାହେବ' । ସେ ପ୍ରଥମଥର ପାଇଁ ଖାଲସା ପନ୍ଥ ବା ପବିତ୍ର ସୈନ୍ୟଦଳ ସ୍ଥାପନ କଲେ । ତାଙ୍କ ନେତୃତ୍ୱରେ ଏକ ସାମାଜିକ -ଧାର୍ମିକ-ସାମରିକ ଗୋଷ୍ଠୀ ସୁଦୃଢ଼ ହେଲା ଓ ସେମାନଙ୍କ ପାଞ୍ଚ ପ୍ରତୀକ ରୂପେ ବାଳ-ନିଶ-ଦାଢ଼ି ନକାଟିବା, ଗୋଟିଏ ଛୁରିକା, ଗୋଟିଏ ପାନିଆ, ଏକ ଲୌହ କଡ଼ା ଓ ଏକ ଯୋଡ଼ା ଆଣ୍ଠୁ ପର୍ଯ୍ୟନ୍ତ ପୋଷାକ ପ୍ରଚଳନ ହେଲା ।

**ସୁଫି ପରଂପରା :**

ଆରବ ଦେଶରେ ସପ୍ତମ ଶତାବ୍ଦୀରେ ଇସଲାମ ଧର୍ମ ଓ ଇସଲାମୀୟ ରାଜନୈତିକ ରାଜ୍ୟ ସ୍ଥାପନ ହେଲା । । ରାଜ୍ୟ ବିସ୍ତାର ସହ ଇସଲାମ ଧର୍ମର ପ୍ରଚାରପ୍ରସାର କେନ୍ଦ୍ରବିନ୍ଦୁ ହେଲା । ଇସଲାମ ଧର୍ମର ପ୍ରତିଷ୍ଠାତା ପ୍ରଫେଟ ମହମ୍ମଦଙ୍କ ମୃତ୍ୟୁ ପରେ ଇସଲାମ ଧର୍ମ ମୁଖ୍ୟ ତଥା ରାଜ୍ୟର ହେଲେ ଖଲିଫା ଓ ସେଠାକାର ଶାସନ ବ୍ୟବସ୍ଥାକୁ କହାଗଲା ଖଲିଫେଟ । ୭୧୧ ଖ୍ରୀଷ୍ଟାବ୍ଦରେ ଆରବ ଦେଶର ଜଣେ ସେନାନାୟକ ସହମ୍ମଦ -ବିନ୍-

କାସିମ ଭାରତ ଉପମହାଦେଶର ସିନ୍ଧଅଞ୍ଚଳ ଅଧିକାର କଲେ । ସିନ୍ଧଅଞ୍ଚଳ ଖଲିଫେଟ୍ ଶାସନାଧୀନ ହେଲା । ସିନ୍ଧ ପ୍ରଦେଶରୁ ଧୀରେ ଧୀରେ ଖଲିଫେଟ୍ ଶାସନ ପ୍ରଭାବ ପଡ଼ିଲା ଉତ୍ତର ଭାରତରେ । ତ୍ରୟୋଦଶ ଶତାବ୍ଦୀରେ ଖଲିଫେଟ ଶାସନାଧିନ ଅଞ୍ଚଳରୁ ଆସିଥିବା ତୁର୍କ ଏବଂ ଆଫଗାନମାନେ ଭାରତ ଅଧିକାର କରି ଦିଲ୍ଲୀଠାରେ ଦିଲ୍ଲୀ ସୁଲତାନୀ ଶାସନ ବ୍ୟବସ୍ଥା ସ୍ଥାପନ କଲେ । ପରବର୍ତ୍ତୀକାଳରେ ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଓ ମଧ୍ୟ ଭାରତରେ ସେମାନଙ୍କ ଆଧିପତ୍ୟ ବିସ୍ତାର କଲେ । ଷୋଡ଼ଶ ଶତାବ୍ଦୀରେ ମୋଗଲମାନେ ସୁଲତାନୀ ଶାସନର ସମାପ୍ତ କରି ମୋଗଲ ସାମ୍ରାଜ୍ୟର ସ୍ଥାପନ କଲେ । ତ୍ରୟୋଦଶ ଶତାବ୍ଦୀରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ଭାରତରେ ମୁଖ୍ୟ ଶାସକ ଇସଲାମ ଧର୍ମାବଲମ୍ବୀ ଥିଲେ ।

ଭାରତ ଉପମହାଦେଶରେ ସୁଲତାନ ଓ ମୁଗୋଲ ଶାସନ କାଳରେ ଇସଲାମ ଧର୍ମର ପ୍ରଚାର ପ୍ରସାର ହେଲା ପ୍ରଥମେ ଏହା ଶାସକ ଓ ଶାସକ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ ଥିଲା କିନ୍ତୁ ପରବର୍ତ୍ତୀ କାଳରେ ଭାରତୀୟ ବିଭିନ୍ନ ସାମାଜିକ ସ୍ତରରେ ପ୍ରବେଶ କଲା । କୃଷକ, କାରିଗର, ଯୋଦ୍ଧା, ବେପାରୀ ଓ ଅନ୍ୟାନ୍ୟ ଗୋଷ୍ଠୀ ଇସଲାମ ଧର୍ମ ଗ୍ରହଣ କଲେ । ସେମାନେ ଇସଲାମ ଧର୍ମର ପାଞ୍ଚୋଟି ବ୍ୟକ୍ତିଗତ ଆଚାରବିଧି ପାଳନ କଲେ କିନ୍ତୁ ତା ସହିତ ଭାରତର ସାମାଜିକ ପ୍ରଥା ଓ ପରମ୍ପରାର ପ୍ରଭାବ ଓ ଇସଲାମ ଧର୍ମ ମଧ୍ୟରେ ଥିବା ସିଆ ଓ ସୁନ୍ନି ଧାର୍ମିକ ସମ୍ପ୍ରଦାୟରୁ ନିଷ୍ପନ୍ନ ବ୍ୟବହାରିକ କାର୍ଯ୍ୟର ପ୍ରଭାବ ଦ୍ୱାରା ବିବିଧତା ଦୃଶ୍ୟ ହେଲା । ଯଥା ସିଆ ସମ୍ପ୍ରଦାୟର ଏକ ଗୋଷ୍ଠୀ ଖୋଜାଃ **(Khojahas)** ଇସଲାମ ଧର୍ମଗ୍ରନ୍ଥ କୋରାନରୁ ଆନୀତ ଆଲ୍ଲାଙ୍କୁ ଆରାଧନା ପାଇଁ ଦେଶୀୟ ସାହିତ୍ୟିକ ରୀତି ଗିନାନ୍ ରେ (ସଂସ୍କୃତ ଶବ୍ଦଜ୍ଞାନରୁ ଆନୀତ) ଆଧ୍ୟାତ୍ମିକ ପଦ୍ୟ ରଚନା କରି ଏକ ବିଶେଷ ରାଗରେ ପଞ୍ଜାବୀ, ମୁଲତାନୀ, ସିନ୍ଧି, ଗୁଜୁରାଟୀ ଓ ହିନ୍ଦୀ ଭାଷାରେ ଦୈନନ୍ଦିନ ପ୍ରାର୍ଥନା ସଭାରେ ଗାନ କରୁଥିଲେ । କେରଳର ମାଲାବାର ସମୁଦ୍ର ଉପକୂଳରେ ବସବାସ କରୁଥିବା ମୁସଲମାନ ସଂପ୍ରଦ୍ରା କେବଳ ମାଲୟାଲମ ଭାଷା ବ୍ୟବହାର କରୁ ନଥିଲେ ସେମାନେ ସେ ଅଞ୍ଚଳର ମାତୃକୈନ୍ଦ୍ରିକ ସାମାଜିକ ପରମ୍ପରାକୁ ସ୍ଥାନ ଦେଉଥିଲେ ତାଙ୍କ ସଂସ୍କୃତିରେ । ମିଶ୍ରଣ ଓ ସମନ୍ୱୟର ପ୍ରଭାବ କଳା, ସ୍ଥାପତ୍ୟ, ସାହିତ୍ୟ, ଖାଦ୍ୟପେୟ, ବସ୍ତ୍ର ତଥା ସଂସ୍କୃତିରେ ଦେଖିବାକୁ ମିଳେ ।

ସେମାନେ ସଂପୂର୍ଣ୍ଣ ପୁରୁଷ ପ୍ରଫେଟ୍ ମହମ୍ମଦଙ୍କ ଦର୍ଶାଇଥିବା ଆଲ୍ଲାଙ୍କ ପ୍ରତି ଗଭୀର ଆବେଗମୟ ଅନୁରକ୍ତି ବା ବିଶ୍ୱସ୍ତଭାବେ ଏବଂ ସଂପୂର୍ଣ୍ଣ ଭକ୍ତିର ସହ ସମର୍ପଣ ହିଁ ପ୍ରକୃତ ମାର୍ଗ ବୋଲି ନିଜ ନିଜର ସ୍ୱଉଦାହରଣ ସହ ଉପସ୍ଥାପନ କଲେ । ନିଜର ନିଜ ଅନୁଭୂତିରୁ ଧର୍ମଗ୍ରନ୍ଥ କୋରାନକୁ ବ୍ୟାଖ୍ୟା କରି ମୁକ୍ତିର ମାର୍ଗ ଖୋଜିବା ଆରମ୍ଭ କଲେ ଏବଂ କ୍ରମେ ତସାଉଫ ( **Tasawwaf**) ଗୋଷ୍ଠୀ ରୂପେ ଇସଲାମ ଦୁନିଆରେ ସ୍ଥାନ ପାଇଲେ । ଧୀରେ ଧୀରେ ସେମାନଙ୍କ ସାହିତ୍ୟ, ସାଧନା ଓ ବ୍ୟବହାର ଜନସମର୍ଥନ ପାଇ ଆନ୍ଦୋଳନର ରୂପ ନେଇ ସୁଫି ଆନ୍ଦୋଳନର ନାମ ବହନ କଲା । ବିଜ୍ଞମାନଙ୍କ ମତରେ ସୁଫି ଶବ୍ଦ ସୁଫ ବା ପଶମ ଶବ୍ଦରୁ ଆନୀତ । କାରଣ ସୁଫି ସନ୍ଥ ଓ ଅନୁଗାମୀ ପଶମ ବସ୍ତ୍ର ପରିଧାନ କରୁଥିଲେ । ଅନ୍ୟ କେତେକ ମତରେ ସୁଫି ଶବ୍ଦ ସାଫା ବା ପବିତ୍ରତା ଶବ୍ଦରୁ ଆନୀତ । ଅନ୍ୟ ଏକ ମତ ଅନୁସାରେ ସୁଫା ବା ଚଉତରା ଯାହାପାଖରେ ସୁଫି ନେତୃବୃନ୍ଦ ନିଜ ଅନୁଗାମୀଙ୍କ ସହ ଏକତ୍ରୀତ ହୋଇ ସୁଫି ଧର୍ମ ବିଶ୍ୱାସ ଆହରଣ କରନ୍ତି ।

ସୁଫି ଧର୍ମ ବିଶ୍ୱାସ ଓ ଅନୁଗାମୀ ବଢ଼ିବା ସହିତ ସଙ୍ଗଠନ ଗଢ଼ିଉଠିଲା । ଅନୁଗାମୀମାନେ ନିଜ ନିଜର ଶେଖ୍, ପୀର୍, ମୁରସିଦ୍, ମାଲିକ ବା କର୍ତ୍ତା ମୁଖିଆ ଦ୍ୱାରା ପରିଚାଳିତ ହୋଇ ନିଜନିଜ ଗୋଷ୍ଠୀ ଦ୍ୱାରା ନିର୍ମିତ କନକା ବା ଯାତ୍ରୀ ନିବାସ କିମ୍ବା ଧର୍ମଶାଳା ତିଆରି କଲେ । କର୍ତ୍ତାଙ୍କ କାମ ହେଲା ମୁରିଦ୍ ବା ଶିଷ୍ୟ ଗ୍ରହଣ ଓ ନିଯୁକ୍ତି ସେମାନଙ୍କ ଆଧ୍ୟାତ୍ମିକ ଆଚରଣ ହେଲା ଶିଷ୍ୟ ମଧ୍ୟରେ ପରସ୍ପର ବିଧି, ଗୁରୁ ଶିଷ୍ୟ ସଂପର୍କ ଓ ଆଚରଣ ବିଧି ତଥା ସର୍ବସାଧାରଣଙ୍କ ସହିତ ସଂପର୍କ ଓ ଆଚରଣ ବିଧି ତିଆରି କରିବା ।

ଦ୍ୱାଦଶ ଶତାବ୍ଦୀ ବେଳକୁ ଶେଖ୍ ପୀର ମୁରସିଦ୍ ଓ ସେମାନଙ୍କ ମୁରିଦ୍ ବା ଶିଷ୍ୟ ମଧ୍ୟରେ ଉତ୍ତରାଧିକାରୀଙ୍କ ଏକ ସିଲସିଲା ବା ଶୃଙ୍ଖଳ ଇସଲାମ ଧର୍ମ ସମାଜରେ ସ୍ପଷ୍ଟ ଓ ନିର୍ଦ୍ଦିଷ୍ଟ ରୂପ ନେଲା । ମୁରସିଦ୍ (ଗୁରୁ) ଓ ମୁରିଦ୍ (ଶିଷ୍ୟ)ଙ୍କ ମଧ୍ୟରେ ଆଧ୍ୟାତ୍ମିକ ସମ୍ବନ୍ଧର ଶୃଙ୍ଖଳ ପ୍ରଫେଟ ମହମ୍ମଦଙ୍କ ଠାରୁ ଆରମ୍ଭ କରି ଗୁରୁମାନଙ୍କର ନିରବଚ୍ଛିନ୍ନ ପରମ୍ପରା ଉପରେ ସୁଫିମାନେ ବିଶ୍ୱାସ କରନ୍ତି । ସୁଫି ପରମ୍ପରାରେ ନୂତନ ଶିଷ୍ୟ ଦୀକ୍ଷା ସମୟରେ ମୁରିଦ୍‌ମାନେ ସୁଫି ବିଶ୍ୱାସ ବା ଗୁରୁଙ୍କ ପ୍ରତି ଆନୁଗତ୍ୟର ଶପଥପାଠ କରନ୍ତି, ପଶମ ପୋଷାକ ପରିଧାନ କରନ୍ତି ଓ ମୁଣ୍ଡନ ହୁଅନ୍ତି । ମୁରସିଦ୍ ବା ଗୁରୁଙ୍କ ମୃତ୍ୟୁରେ ତାଙ୍କର ଦରଗା ବା ସମାଧି ତିଆରି ହୁଏ । ଦରଗା ଗୁରୁଙ୍କ ପବିତ୍ର ସ୍ମୃତି ପୀଠ ହୁଏ । ଭକ୍ତମାନେ ଗୁରୁଙ୍କ ଦରଗା ଦର୍ଶନ ଓ ଉପାସନା ପାଇଁ ଜିୟାରତ ବା ତୀର୍ଥଯାତ୍ରାରେ ଯାଆନ୍ତି । ବିଶେଷ କରି ଗୁରୁଙ୍କ ଉର୍ସ ବା ବାର୍ଷିକ ପୁଣ୍ୟ ତିଥିରେ ତୀର୍ଥଯାତ୍ରାରେ ଯାଇ ଦରଗା ଦର୍ଶନ କରନ୍ତି । ସୁଫି ଭକ୍ତମାନେ ବିଶ୍ୱାସ କରନ୍ତି ଯେ ମୁରସିଦ୍‌ଙ୍କ ମୃତ୍ୟୁରେ ଭଗବାନଙ୍କ ସହିତ ଏକ ହୋଇଗଲେ । ସେ ହୋଇଗଲେ ଓ୍ୱାଲି ବା ପବିତ୍ର ସନ୍ଥ ଓ ତାଙ୍କୁ ଉପାସନା କଲେ ତାଙ୍କର ଆଶୀର୍ବାଦରୁ ପାର୍ଥିବ ତଥା ଆଧ୍ୟାତ୍ମିକ ଫଳପ୍ରାପ୍ତି ହେବ । ଏପରି ଏକ ବିଶ୍ୱାସରୁ ସୁଫି ପରମ୍ପରା ଏକ ଧର୍ମଗତ ବା ସମ୍ପ୍ରଦାୟର ରୂପ ନେଲା । ସୁଫିମାନଙ୍କ ଖନକା ବ୍ୟବସ୍ଥା ପ୍ରତି ବିରକ୍ତି ହୋଇ କେତେଜଣ ସୁଫି ବ୍ରହ୍ମଚାରୀ ବ୍ରତଧାରୀ ଭିକ୍ଷାଜୀବୀ ଜୀବନଧାରଣ କଲେ । ସେମାନେ ସମସ୍ତ ଆନୁଷ୍ଠାନିକ ରୀତିନୀତି ପରିତ୍ୟାଗ କରି ସଂପୂର୍ଣ୍ଣ ଆତ୍ମତ୍ୟାଗୀ ସନ୍ଥ ହେଲେ । ସେମାନେ ବହୁ ନାମରେ ପରିଚିତ ଯଥା କଲନ୍ଦର, ମଦାରୀ, ମାଲଙ୍ଗ ଓ ହାଇଦରୀ । ସେମାନେ ସରିଅତ ବା ଇସଲାମ ଧର୍ମର ନୀତିନିୟମକୁ ପ୍ରତ୍ୟାଖ୍ୟାନ କରିଥିବାରୁ ସେମାନଙ୍କୁ 'ବେ-ସରିୟା' ବୋଲି ଆଖ୍ୟା ଦିଆଗଲା ଓ ଯେଉଁ ସୁଫିସନ୍ଥମାନେ ସରିୟାତର ନୀତିୟମାନୁସାରେ ଜୀବନଯାପନ କଲେ ସେମାନେ ବା-ସରିୟା ବୋଲି ବିଦିତ ହେଲେ ।

ଉପରୋକ୍ତ ସୁଫିଗୋଷ୍ଠୀଙ୍କ ମଧ୍ୟରୁ କେତେକ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ଭାରତ ଉପମହାଦେଶରେ ପ୍ରବେଶ କଲେ । ଭାରତକୁ ଆସିଥିବା ସୁଫିଗୋଷ୍ଠି ସ୍ଥାନୀୟ ପରିବେଶରେ ନିଜକୁ ଢାଳି ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଅନେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ନିଜର କରିନେଲେ ।

ଖନକା ସୁଫି ସାମାଜିକ ଓ ଆଧ୍ୟାତ୍ମିକ ଜୀବନରେ କେନ୍ଦ୍ରସ୍ଥଳ ଥିଲା । ଚତୁର୍ଦ୍ଦଶ ଶତାବ୍ଦୀରେ ଯମୁନା ନଦୀ ତଟର ଗିୟାସପୁରଠାରେ ସୁଫିସନ୍ଥ ଶେଖ୍ ନିଜାମୁଦ୍ଦିନ୍ ଚିସ୍ତି କେତୋଟି ଛୋଟ କୋଠରୀ ଓ ଗୋଟିଏ ହଲ୍ ତିଆରି କରି ଏକ ଖନକା ସ୍ଥାପନ କଲେ । ସେଠାରେ ତାଙ୍କ ନିଜ ପରିବାରର ସଦସ୍ୟ, ଶିଷ୍ୟ ଓ ସେବକ ରହିଲେ ।

ସେ ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ହଲରେ ଆଗନ୍ତୁକଙ୍କୁ ଭେଟୁଥିଲେ । ପ୍ରତିଦିନ ହଜାରହଜାର ଭକ୍ତ କରିବାକୁ ଆସୁଥିଲେ । ସମସ୍ତଙ୍କ ପାଇଁ ଲଙ୍ଗର ବା ପାକଶାଳାର ବ୍ୟବସ୍ଥା ଥିଲା । ଭକ୍ତ ଓ ବିଶ୍ୱାସୀମାନେ ଶେଖଙ୍କ ସହିତ ପରାମର୍ଶ ପାଇଁ, ଆରୋଗ୍ୟ ଓ ସମସ୍ୟାର ସମାଧାନ ପାଇଁ, ତାବିଜ ପ୍ରାପ୍ତି ପାଇଁ ଏବଂ ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ ଆସୁଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଧନୀ, ଗରିବ, ସୈନିକ, ଦାସଦାସୀ, ଯାତ୍ରୀ, ବେପାରୀ, ଯୋଗୀ, ମଦାରୀ ଓ କଲନ୍ଦର ଇତ୍ୟାଦି । ଖନକା ବିପତ୍ତି ସମୟରେ ଲୋକଙ୍କ ଆଶ୍ରୟସ୍ଥଳ ଥିଲା ।

ଶେଖ୍ ନିଜାମୁଦ୍ଦିନ୍ ତାଙ୍କର ଶିଷ୍ୟମାନଙ୍କ ମଧ୍ୟରୁ ଅନେକଙ୍କୁ ନିଜର ଆଧ୍ୟାତ୍ମିକ ଉତ୍ତରାଧିକାରୀ ରୂପେ ନିଯୁକ୍ତି ଦେଇ ଭାରତ ଉପମହାଦେଶର ଅନେକ ସ୍ଥାନରେ ନୂତନ ଖନକା ସ୍ଥାପନ ପାଇଁ ପ୍ରେରଣ କରିଥିଲେ । ଫଳସ୍ୱରୂପ ଚିସ୍ତି ଓ ସୁଫିମାନଙ୍କ ବାଣୀ, ପରମ୍ପରା ଓ ସଙ୍ଗଠନ ସୁଦୃଢ଼ ହୋଇ ଶେଖଙ୍କ ଖ୍ୟାତି ବଢ଼ିଲା । ଶେଖଙ୍କ ଦର୍ଶନ ପାଇଁ ବହୁସଂଖ୍ୟାରେ ଭକ୍ତ ଓ ଅନୁଗାମୀ ତୀର୍ଥଯାତ୍ରାରେ ଆସିଲେ ।

ଚିସ୍ତି ସୁଫି ଶେଖମାନଙ୍କ ମଧ୍ୟରେ ଶେଖ ମୁଇନୁଦ୍ଦିନ୍, ଖ୍ୱାଜା କୁତବୁଦ୍ଦିନ୍ ବକ୍ତିୟାର କାକୀ, ଶେଖ

ଫରୀଦ୍‌ଉଦ୍ଦିନ୍ ଗନ୍‌ଜି, ଶେଖ୍ ନିଜାମଉଦ୍ଦିନ୍ ଆଓଲିଆ ଓ ଶେଖ୍ ନାସିରୁଦ୍ଦିନ୍ ଚିରାଗ-ଇ-ଦିଲ୍ଲୀ ପ୍ରସିଦ୍ଧ । ଶେଖ ମଇନୁଦ୍ଦିନ୍‌ଙ୍କ ମଜାର ଅଜମେର, ରାଜସ୍ଥାନଠାରେ ଶେଖ ଫରିଦ୍‌ଉଦ୍ଦିନଙ୍କ ମଜାର ଅଯୋଧାନ, ପାକିସ୍ଥାନ ଠାରେ ଓ ଅନ୍ୟ ତିନିଜଣଙ୍କ ଦିଲ୍ଲୀଠାରେ ଅଛି ।

ସୁଫି ଭକ୍ତି ବିଶ୍ୱାସରେ ଶେଖ ବା ସୁଫିସନ୍ଥଙ୍କ ମଜାର ସମାଧିପୀଠକୁ ତୀର୍ଥଯାତ୍ରାରେ ଯାଇ ଦର୍ଶନ କରିବା ଆଧାତ୍ମିକ କରୁଣା ପ୍ରାପ୍ତ କରିବା ପରମ୍ପରାରେ ପରିଣତ ହୋଇଛି । ଭାରତରେ ଚିସ୍ତି ସୁଫି ଶେଖମାନଙ୍କ ଦରଗା ଦର୍ଶନ କରି କରୁଣା ଲାଭ ପାଇଁ ବିଭିନ୍ନ ସାମାଜିକ ଗୋଷ୍ଠୀ, ଶ୍ରେଣୀ ଏବଂ ବିଶ୍ୱାସ ଲୋକ ପ୍ରତିବର୍ଷ ଅଜମେର ଓ ଦିଲ୍ଲୀ ଯାଇଥାନ୍ତି । ସୁଲତାନ, ସମ୍ରାଟଠାରୁ ଆରମ୍ଭ କରି ସର୍ବସାଧାରଣ ନିଜନିଜ ମନସ୍କାମନା ପୂର୍ଣ୍ଣ ପାଇଁ ସୁଫିସନ୍ଥମାନଙ୍କ ଦରଗା ଦର୍ଶନ କରନ୍ତି ।

ସୁଫିମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ଭଗବାନଙ୍କୁ ସ୍ମରଣ କରି ଭଗବାନଙ୍କୁ ନିଜର ବା ଐଶ୍ୱରୀୟ ନାମ ଉଚ୍ଚାରଣ, ଆତ୍ମସମର୍ପଣ ଦ୍ୱାରା ଉପାସ୍ୟ ଦେବତାଙ୍କ ସହ ମିଳନ ପାଇଁ ସାଧନା, ସଙ୍ଗୀତଗାନ, ସମା ବା ପ୍ରଦୀପ ପ୍ରଜ୍ୱଳନ ଇତ୍ୟାଦି କାର୍ଯ୍ୟକ୍ରମ ସ୍ଥାନୀୟ ବା ଭାରତୀୟ ଆଧାତ୍ମିକ ପରମ୍ପରାର ପ୍ରଭାବ ବୋଲି ସୁସ୍ପଷ୍ଟ ହୁଏ ।

ସ୍ଥାନୀୟ ପରମ୍ପରାର ପ୍ରଭାବ କେବଳ ଜିକର ଓ ସମା କାର୍ଯ୍ୟକ୍ରମରେ ପ୍ରତିଫଳିତ ହେଉନଥିଲା ତାଙ୍କ କଥିତ ଭାଷାରେ ମଧ ଆଦୃତ ଥିଲା । ସୁଫି ଶେଖ୍‌ମାନେ ସ୍ଥାନୀୟ ଭାଷାର ମଧ୍ୟ ବ୍ୟବହାର କରିଥିଲେ । ଦିଲ୍ଲୀ ଚିସ୍ତିସୁଫିମାନେ ହିନ୍ଦୀ ଓ ସୁଫି ବାବାଫରିଦ୍ ଗୁରୁମୁଖୀ ଭାଷାର ବ୍ୟବହାର କରିଥିଲେ । ବାବା ଫରିଦଙ୍କ ରଚନା ଶିଖ ଧର୍ମଗ୍ରନ୍ଥ ଗୁରୁଗ୍ରନ୍ଥ ସାହେବରେ ସ୍ଥାନ ପାଇଛି । ଅନେକ ସୁଫିସନ୍ଥଙ୍କ ରଚନାରେ ଆତ୍ମାର ଗତି ଓ ପରମାତ୍ମାରେ ବିଲୟର ଯାତ୍ରା ଦେଖିବାକୁ ମିଳେ । ଦକ୍ଷିଣ ଭାରତରେ ବିଶେଷ କରି କର୍ଣ୍ଣଟକରେ ସ୍ଥାନୀୟ ଭାଷା ଓ ବଚନର ପ୍ରୟୋଗ କରିଛନ୍ତି ସୁଫି ସନ୍ଥମାନେ । ମହାରାଷ୍ଟ୍ରରେ ଅଭଙ୍ଗଭାଷାକୁ ସେମାନେ ବ୍ୟବହାର କରିଛନ୍ତି ।

ସୁଫି ସନ୍ଥ ପରମ୍ପରାରେ ପ୍ରମୁଖ ହେଲା ବୈରାଗ୍ୟ ଓ ସାଂସାରିକ ଅଧିକାରୀଠୁ ଦୂରେଇ ରହିବା କିନ୍ତୁ ଏହା ସଂପୂର୍ଣ୍ଣ ନିଃସଙ୍ଗ ନଥିଲା । ସେମାନେ ରାଜନୈତିକ ବ୍ୟକ୍ତିଙ୍କଠାରୁ ଦାନ ଓ ଅନୁଦାନ ଗ୍ରହଣ କରିଥାନ୍ତି କିନ୍ତୁ ନିଜ ତରଫରୁ ପାଇବାର ଚେଷ୍ଟା କେବେ କରନ୍ତି ନାହିଁ । ସୁଫି ଧର୍ମଶାଳାକୁ ଇନାମରେ ଜମି ଓ ଅନ୍ୟାନ୍ୟ ଦାନ ସୁଲତାନ ଓ ମୁଗୋଲ ସମ୍ରାଟମାନେ ଦେଇଛନ୍ତି । ସେମାନେ ଦାନ ମୁଦ୍ରା ତଥା ଦ୍ରବ୍ୟ ବା ଜିନିଷ ରୂପରେ ଗ୍ରହଣ କରୁଥିଲେ ଓ ଏହାକୁ ତାଙ୍କର ଦୈନନ୍ଦିନ ଦରକାରୀ କାମରେ ଲଗାଉଥିଲେ କିନ୍ତୁ ଆସକ୍ତି ଦେଖାଉଥିଲେ । ସେଥିପାଇଁ ସୁଫି ଶେଖମାନଙ୍କ ସାଧୁତା ଓ ସଦାଚାର ଲୋକଙ୍କ ହୃଦୟ ସ୍ପର୍ଶ କରୁଥିଲା । ସେମାନଙ୍କ ଧର୍ମପରାୟଣ କାର୍ଯ୍ୟ ଓ ବିଦ୍ ବତ୍ତାରେ ଲୋକେ ଅନୁପ୍ରାଣିତ ହୋଇ ସୁଫି ଶେଖ ଆଲୌକିକ ଶକ୍ତି ସମ୍ପନ୍ନ ବୋଲି ବିଶ୍ୱାସ କଲେ । ଫଳସ୍ୱରୂପ ସେମାନେ ଜନସାଧାରଣରେ ଲୋକପ୍ରିୟ ହେଲେ, ସୁଲତାନ, ରାଜା ଓ ଶାସକବର୍ଗ ସେମାନଙ୍କ ସାହାର୍ଯ୍ୟ ଓ ସାହଚର୍ଯ୍ୟ ପାଇବାକୁ ଇଚ୍ଛା ପ୍ରକାଶ କରୁଥିଲେ । ଯେଉଁ ସମୟରେ ତୁର୍କଗୋଷ୍ଠୀ ଦିଲ୍ଲୀ ସୁଲତାନ ହେଲେ ସେତେବେଳେ ଉଲେମା ବା ମୁସଲମାନ ଧର୍ମଯାଜକ ଭାରତରେ ସରିୟାତ ନିୟମ ଲାଗୁ କରିବା ପାଇଁ ଜୋର ଦେଲେ । ସୁଲତାନ ଅନୁଭବ କଲେ ଯେ ଯଦି ସରିୟାତ୍ ନିୟମ ଲଗାଯାଏ ତାହେଲେ ଜନସଂଖ୍ୟାରେ ସଂଖ୍ୟାଧିକ ଥିବା ଅଣମୁସଲମାନ ବିରୋଧ କରିପାରନ୍ତି । ସେଥିପାଇଁ ଭାରତର ସୁଲତାନ ସୁଫି ଶେଖମାନଙ୍କ ସାହାଯ୍ୟ ଲୋଡ଼ିଥିଲେ ନିଜର ପଦପଦବୀକୁ ବୈଧ କରିବା ପାଇଁ । ସେମାନେ ଉଲେମାମାନଙ୍କ ସରିୟାତ ନିୟମର ବ୍ୟାଖ୍ୟା ଉପରେ ନିର୍ଭର ନକରି ପ୍ରତ୍ୟକ୍ଷ ଆଲ୍ଲାଙ୍କୁ ଉପାସନା କରୁଥିବା ଓ ଲୋକପ୍ରିୟ ସୁଫିସନ୍ଥଙ୍କ ସ୍ୱୀକୃତି ଚାହୁଁଥିଲେ । ତଥାପି ସୁଲତାନ ଓ ସୁଫିମାନଙ୍କ ମଧ୍ୟରେ କଳହ ଓ ବିବାଦର ଘଟଣା ଅଛି ।।

**ଭାରତୀୟ ସମାଜ ଉପରେ ସୁଫି ଓ ଭକ୍ତ ମତବାଦର ପ୍ରଭାବ :**

ଭାରତୀୟ ସମାଜ ଉପରେ ସୁଫି ଓ ଭକ୍ତ ମତବାଦର ପ୍ରଭାବରେ ହିନ୍ଦୁ ଓ ଇସଲାମ ସମ୍ପ୍ରଦାୟ ମଧ୍ୟରେ କିଛି ଅଂଶରେ ଧର୍ମାନ୍ଧତା ଗୌଣ ହୋଇ ସାମାଜିକ ତଥା ସାଂସ୍କୃତିକ ଆଦାନ ପ୍ରଦାନର ବାଟ ଫିଟିଲା । ଦୁଇ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବନା ପାଇଁ ପ୍ରୟାସ ହେଲା ।

ପୂଜାପଦ୍ଧତି ସରଳ ହୋଇ ସମାଜର ସମସ୍ତ ବର୍ଗଙ୍କୁ ସାମିଲ କରିବାର ପ୍ରୟାସ ହେଲା । ଜ୍ଞାନ ଓ କର୍ମମାର୍ଗ ଅପେକ୍ଷା ଭଜନ, ନାମକୀର୍ତ୍ତନ ବା ଭକ୍ତିମାର୍ଗରେ ଜାତି, ଧର୍ମ ବର୍ଣ୍ଣ, ଲିଙ୍ଗର ଭେଦାଭେଦ ଭାବ ନରଖି ଈଶ୍ୱରପ୍ରାପ୍ତିର ବାଟ ଫିଟିଲା । ପୀର୍ ଓ ସତ୍ୟନାରାୟଣ ପୂଜାପଦ୍ଧତିରେ ସ୍ଥାନୀୟ ଲୋକପରମ୍ପରା ସ୍ଥାନ ପାଇଲା ।

ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ହେଲା ତଥା ଉର୍ଦ୍ଦୁଭାଷାର ଜନ୍ମ ହେଲା । ହିନ୍ଦୀ, ଓଡ଼ିଆ, ଗୁଜୁରାଟୀ,ମରାଠୀ ଇତ୍ୟାଦି ଭାଷାରେ ଭକ୍ତିଗୀତ, ବେଦପୁରାଣ ଅନୁବାଦିତ ହେଲା । ରାଜସ୍ୱ ନୀତି ବଦଳିଲା ଓ କେନ୍ଦ୍ର ଶାସନ ପ୍ରଚଳିତ ହେଲା । ଯଦ୍ଦ୍ୱାରା ସମାଜର ଚାଷି, ଆଦିବାସୀ କାରିଗର, ବାଣିଜ୍ୟ ବ୍ୟାପାରୀ ପ୍ରଭାବିତ ହେଲେ ।

## ସାରାଂଶ

ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଯୋଗସୂତ୍ରର ମାଧ୍ୟମହିଁ ଭକ୍ତି । ଭକ୍ତ ପରମ୍ପରା ଆନ୍ଦୋଳନରେ ପରିଣତ ହୋଇଥିଲା ଏକ ନିର୍ଦ୍ଦିଷ୍ଟ ପୃଷ୍ଠଭୂମିରେ । ସେଥିରେ ସନ୍ଥ କବୀର ଓ ଗୁରୁନାନକଙ୍କ ଭୂମିକା ଅତୁଳନୀୟ । ସୁଫି ପରମ୍ପରା ଆରବ ଦେଶରେ ଆରମ୍ଭ ହୋଇ ଦ୍ୱାଦଶ ଶତାବ୍ଦୀର ଶେଷଭାଗରେ ଭାରତ ଉପମହାଦେଶରେ ପ୍ରବେଶ କଲା ଭାରତକୁ ଆସିଥିବା ସୁଫିଗୋଷ୍ଠି ସ୍ଥାନୀୟ ପରିବେଶରେ ନିଜକୁ ତାଙ୍କ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ଅନେକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ନିଜର କରିନେଲେ । ଫଳସ୍ୱରୂପ ସମାଜରେ ସଦ୍‌ଭାବନା ପାଇଁ ପ୍ରୟାସ ହେଲା । ଭାରତର ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ହେଲା । ଜ୍ଞାନ ଓ କର୍ମମାର୍ଗ ଅପେକ୍ଷା ଭକ୍ତିମାର୍ଗରେ ଜାତି, ଧର୍ମ ଲିଙ୍ଗର ଭେଦଭାବ ନରଖି ଈଶ୍ୱରପ୍ରାପ୍ତିର ବାଟ ଫିଟିଲା ।

## ଆଦର୍ଶ ପ୍ରଶ୍ନାବଳୀ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୋଟିଏ ବା ଦୁଇଟି ବାକ୍ୟରେ ଲେଖ ।**

(କ) ଜ୍ଞାନ, କର୍ମ ଓ ଭକ୍ତିମାର୍ଗ ମଧ୍ୟରୁ କେଉଁ ମାର୍ଗ ଲୋକପ୍ରିୟ ?

(ଖ) ଅଲଭାର ଭକ୍ତମାନେ କେଉଁ ଦେବତାଙ୍କୁ ପୂଜା କରୁଥିଲେ ?

(ଗ) ନୟନାର ଭକ୍ତମାନେ କେଉଁ ଦେବତାଙ୍କୁ ପୂଜା କରୁଥିଲେ ?

(ଘ) କେଉଁ ଅଲଭାର ସାଧ୍ୱୀ କବିଙ୍କ ରଚନା ବିସ୍ତୃତ ଭାବରେ ଗାନ କରାଯାଏ ?

(ଙ) ବୀରଶୈବ ବା ଲିଙ୍ଗାୟତ ପରମ୍ପରା କ'ଣ ?

(ଚ) ସୁଲତାନୀ ଶାସନ କାହା ଉପରେ କୁଠାର ଘାତ କଲା ?

(ଛ) ସୁଫି ପରମ୍ପରା କେଉଁଠି ଆରମ୍ଭ ହୋଇଥିଲା ।

(ଜ) ସୁଫିର ଅର୍ଥ କ'ଣ ?

(ଝ) ଗିନାନ୍ ଶବ୍ଦ କେଉଁ ଭାଷାରୁ ଆନୀତ ?

(ଞ) ସୁଫିମାନେ ତାଙ୍କର ଗୁରୁଙ୍କୁ କ'ଣ କହନ୍ତି ?

(ଟ) ସୁଫିମାନେ ତାଙ୍କର ଶିଷ୍ୟଙ୍କୁ କ'ଣ କହନ୍ତି ?

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇ ବା ତିନୋଟି ବାକ୍ୟରେ ଲେଖ ।**

(କ) ସୁଫିଗୋଷ୍ଠୀ ଭାରତକୁ କେବେ ପ୍ରବେଶ କଲେ ଓ କିପରି ନିଜକୁ ଅବସ୍ଥାପିତ କଲେ ?

(ଖ) କେଉଁ ସୁଫିସନ୍ଥ ପ୍ରଥମେ ଭାରତରେ ସୁଫି ବିଚାରର ପ୍ରଚାର କଲେ ?

(ଗ) ଶେଖ୍ ଫରୀଦ୍ ଉଦ୍ଦିନ୍ ଗନ୍‌ଜି ଭାରତର କେଉଁ ଅଞ୍ଚଳରେ ସୁଫି ବିଚାରର ପ୍ରଚାର କରିଥିଲେ ?

(ଙ) ଗୁରୁନାନକଙ୍କ ଚିନ୍ତାଧାରା ବିଷୟରେ ଲେଖ ।

(ଚ) କବୀରଙ୍କ ଚିନ୍ତାଧାରା ବିଷୟରେ ଲେଖ ।

## ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ

(କ) ଭକ୍ତି ପରମ୍ପରା ବିଷୟରେ ଏକ ଟିପ୍ପଣୀ ଲେଖ ।

(ଖ) ସୁଫି ପରମ୍ପରା ବିଷୟରେ ଏକ ଟିପ୍ପଣୀ ଲେଖ ।

(ଗ) ଭାରତ ସମାଜରେ ସୁଫିମତର ପ୍ରଭାବ ବିଷୟରେ ଲେଖ ।

(ଘ) ଭାରତୀୟ ସମାଜ ଉପରେ ଭକ୍ତି ମତବାଦର ପ୍ରଭାବ ବିଷୟରେ ଲେଖ ।

# ଏକାଦଶ ଅଧ୍ୟାୟ

## ଭାରତରେ ବ୍ରିଟିଶ ଅର୍ଥନୀତି (୧୭୫୭-୧୮୫୭)

## British Economic Policies in India (1757-1857)

ଭାରତରେ ମୋଗଲ ଶାସନ କାଳରେ ଇଂଲଣ୍ଡର ଏକ କରେପୋରେସନ ବା ବ୍ୟବସାୟିକ ପ୍ରତିଷ୍ଠାନ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ଫ୍ୟାକ୍ଟ୍ରି ବା ବାଣିଜ୍ୟ କେନ୍ଦ୍ର ସ୍ଥାପନ କରି ବ୍ୟବସାୟ କରିବା ପାଇଁ ମୋଗଲ ସମ୍ରାଟଙ୍କ ଠାରୁ ଅନୁମତି ପାଇ ବାଣିଜ୍ୟ କେନ୍ଦ୍ର ସ୍ଥାପନ କଲେ । ପ୍ରତ୍ୟେକ ବାଣିଜ୍ୟ କେନ୍ଦ୍ର ପରିଚାଳନା ପାଇଁ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରେସିଡେଣ୍ଟ ବା ସଭାପତି ନିଯୁକ୍ତି ହେଲେ । ତନ୍ମଧ୍ୟରୁ ମାନ୍ଦ୍ରାଜ, ମୁମ୍ବାଇ ଓ କଲିକତାର ବାଣିଜ୍ୟ କେନ୍ଦ୍ର ଗୋଟିଏ ଗୋଟିଏ ପ୍ରେସିଡେନ୍ସି ରୂପେ ପ୍ରସିଦ୍ଧ ଲାଭ କଲା ।

ଭାରତର ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ବିବିଧ ଆଙ୍କରେ ନିଜର ନିୟନ୍ତ୍ରଣର ସୀମା ଓ ଆଇନଗତ ଅଧିକାର ବିସ୍ତାର କଲା, କେଉଠି ଯୁଦ୍ଧରେ ଜୟଲାଭ କରି, କେଉଠି ଜମିଦାରୀ ଅଧିକାର ଅର୍ଜନ କରି ଓ ଅନ୍ୟ କେଉଠି ଦିୱାନୀ ଭାର ଗ୍ରହଣ କରି । ୧୬୯୮ ଖ୍ରୀଷ୍ଟାବ୍ଦରେ କମ୍ପାନୀ ତିନୋଟି ଗ୍ରାମ ସୁତାନଟି, କୋଲକତା ଓ ଗୋବିନ୍ଦପୁରର ଜମିଦାରୀ ଅଧିକାର କିଣିଲା । କମ୍ପାନୀ ୧୭୫୭ ଖ୍ରୀଷ୍ଟାବ୍ଦରେ ବଙ୍ଗ ପ୍ରଦେଶର ନୱାବ ସିରାଜ ଉଦ୍ଦଲା ବିରୁଦ୍ଧରେ ପଲାସୀ ଯୁଦ୍ଧରେ ଜୟଲାଭ କରି କ୍ୱିଟ୍ ରେଣ୍ଟ ବା ସ୍ୱଚ୍ଛ ଜମିଭଡା ସ୍ୱତ୍ୱରେ ଚବିଶପ୍ରଗଣା ପାଇଲା । ୧୭୬୦ ଖ୍ରୀଷ୍ଟାବ୍ଦରେ ବଙ୍ଗ ପ୍ରଦେଶର ନୱାବ ମିର କାସୀମଙ୍କ ଠାରୁ ବର୍ଦ୍ଧମାନ, ଚିଟାଗଙ୍ଗ ଓ ମିଦନାପୁର ଅଞ୍ଚଳ ପାଇଲା । ବଙ୍ଗ ନୱାବ, ଅଯୋଧ୍ୟା ନୱାବ ତଥା ଭାରତର ସମ୍ରାଟଙ୍କ ମିଳିତ ଶକ୍ତିକୁ ୧୭୬୪ ଖ୍ରୀଷ୍ଟାବ୍ଦରେ ବକ୍ସର ଯୁଦ୍ଧରେ ପରାସ୍ତ କରି କମ୍ପାନୀ ବିହାର-ବଙ୍ଗ-ଓଡିଶାର ଦେୱାନୀ ବା କର ଆଦାୟ ଅଧିକାର ପାଇଲା । ମୋଗଲ ସମ୍ରାଟ ସାହା ଆଲାମ (ଦ୍ୱିତୀୟ)କମ୍ପାନୀକୁ ସ୍ୱୀକୃତି ପ୍ରଦାନ କଲେ । କମ୍ପାନୀ ଦିୱାନୀ ଅଧିକାର ପାଇଲା କିନ୍ତୁ ନିଜାମତ ଅଧିକାର ବଙ୍ଗ ପ୍ରଦେଶର ନୱାବଙ୍କ ହାତରେ ରହିଲା । ଏହି ଦ୍ୱୈତ ଶାସନ ବ୍ୟବସ୍ଥା ୧୭୭୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରହିଲା ।

ଭାରତରେ କମ୍ପାନୀର ଭୂମିକାକୁ ନେଇ ବ୍ରିଟିଶ ପାର୍ଲାମେଣ୍ଟରେ ଚର୍ଚ୍ଚା ହେଲା ଓ ଅନେକ ତର୍କ ବିତର୍କ ପରେ ଶେଷରେ ୧୭୭୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ପାର୍ଲାମେଣ୍ଟ ରେଗୁଲେଟିଙ୍ଗ ଏକ୍ଟ ପାସ୍ କରି ଏକ୍ଟ ବଳରେ ଭାରତରେ କମ୍ପାନୀର ପରିଚାଳନା ବ୍ୟବସ୍ଥାରେ ବ୍ରିଟିଶ ପାର୍ଲାମେଣ୍ଟ ହସ୍ତକ୍ଷେପ କଲା । ବଙ୍ଗ ପ୍ରଦେଶର ଦ୍ୱୈତ ଶାସନର ସମାପ୍ତ ଘୋଷଣା ହେଲା । ୧୮୧୩ ଖ୍ରୀଷ୍ଟାବ୍ଦରେ କମ୍ପାନୀ ଓ ବ୍ରିଟିଶ ସରକାର ମଧ୍ୟରେ ସମ୍ପର୍କର ନୂତନ ଚେପଟର ବା ନୂତନ ଚୁକ୍ତି ସ୍ୱାକ୍ଷର ହେଲା ।

୧୭୫୭ରୁ ୧୮୧୩ ମସିହା ମଧ୍ୟରେ ଇଷ୍ଟଇଣ୍ଡିଆ କମ୍ପାନୀର ଆଧିପତ୍ୟ ଭାରତରେ ଏକ ଚାଟିଆ ବାଣିଜ୍ୟ ଆଧିପତ୍ୟ ଥିଲା ଓ ବାଣିଜ୍ୟର ଲାଭ କମ୍ପାନୀର ସ୍ୱାର୍ଥରେ ବିନିଯୋଗ ହଉଥିଲା । କମ୍ପାନୀର ଏଥିପାଇଁ ବ୍ରିଟିଶ ପାର୍ଲାମେଣ୍ଟ ସଦସ୍ୟଙ୍କୁ ଲାଞ୍ଚ ଦେବାକୁ, ନିଜ ସେୟର ହୋଲଡର ବା ଅଂଶୀଦାରଙ୍କୁ ଲାଭାଂଶ ଦେବାକୁ ଓ ଯୁଦ୍ଧ କରିବାକୁ ଅର୍ଥ ଦରକାର ଥିଲା । ଏ ସମସ୍ତ ଅର୍ଥ ସେମାନେ ଭାରତୀୟଙ୍କ ଠାରୁ ସଂଗ୍ରହ କରୁଥିଲେ ।୧୮୧୩

ମସିହାର କମ୍ପାନୀ ଓ ବ୍ରିଟିଶ ସରକାରଙ୍କ ମଧ୍ୟରେ ଚୁକ୍ତି ନୂଆ ରୂପ ନେଲା ଫଳସ୍ୱରୂପ ଭାରତରୁ ଅର୍ଥ ଉଦ୍ଧରଣ ଆହୁରୀ ବଢ଼ିଲା ।

## ବାଣିଜ୍ୟ-ନୀତି

ଭାରତର ତନ୍ତ ବୁଣା ଲୁଗା ଓ ମସଲାର ୟୁରୋପ ବଜାରରେ ବହୁଳ ଚାହିଦା ଥିଲା । ସେଥିପାଇଁ ୧୬୦୦-୧୭୫୭ ମଧ୍ୟରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ୟୁରୋପର ମୂଲ୍ୟବାନ ଧାତୁ ଓ ଦ୍ରବ୍ୟ ବିନିମୟରେ ତନ୍ତୁ ବୁଣା ଲୁଗା ଓ ମସଲା ସଂଗ୍ରହ କରି ୟୁରୋପ ବଜାରରେ ବିକ୍ରୟ କରି ଲାଭବାନ ହେଉଥିଲେ । ୧୭୫୭ ଖ୍ରୀଷ୍ଟାବ୍ଦରେ ପଲାସୀ ଯୁଦ୍ଧ ଓ ୧୭୬୪ ଖ୍ରୀଷ୍ଟାବ୍ଦରେ ବକ୍ସର ଯୁଦ୍ଧରେ ଭାରତର ଶାସକ ମାନଙ୍କୁ ହରାଇ ରାଜନୈତିକ କ୍ଷମତା ଅକ୍ତିଆର କଲେ । ରାଜନୈତିକ କ୍ଷମତାର ବ୍ୟବହାର କରି କମ୍ପାନୀର ବାଣିଜ୍ୟକ କାରବାରରେ ମୂଳଭୁତ ପରିବର୍ତ୍ତନ ଆଣିଲେ । ଇଂଲଣ୍ଡର ତତ୍‌କାଳୀନ ଶିଳ୍ପ ବିପ୍ଳବ ଭାରତକୁ ଇଂଲଣ୍ଡ ଶିଳ୍ପପତିଙ୍କ କଞ୍ଚାମାଲ ଯୋଗାଣକାରୀ ଦେଶ ଓ ଶିଳ୍ପପତିଙ୍କ ଉତ୍ପାଦିତ ଦ୍ରବ୍ୟର ଉପଭୋକ୍ତାରେ ପରିଣତ କଲା । ଭାରତ ଏକ ସ୍ୱାବଲମ୍ବୀ ରପ୍ତାନୀ ପ୍ରଧାନ ଅର୍ଥନୀତିରୁ ଇଂରେଜମାନଙ୍କ ଚାହିଦା ମେଣ୍ଟାଇବାର ଉପନିବେଶରେ ପରିବର୍ତ୍ତନ ହେଲା । ଭାରତର ଅର୍ଥନୀତିରେ ନାଟକୀୟ ପରିବର୍ତ୍ତନ ଆସିଲା । ଇଂଲଣ୍ଡର ଶିଳ୍ପ ଓ ଶିଳ୍ପପତିଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ଅଞ୍ଚଳକୁ ଅଧିନକୁ ଆଣି ଅର୍ଥନୈତିକ ଶୋଷଣ ପ୍ରକ୍ରିୟାକୁ କମ୍ପାନୀ ବଳବତ୍ତର ରଖିଲା । ଫଳସ୍ୱରୂପ ସାରା ଭାରତର ସାମାଜିକ ଓ ଅର୍ଥନୈତିକ ବିଘଟନ ଆରମ୍ଭ ହେଲା

## ଭାରତର ବିତ୍ତ ନସ୍କାସନ

ଭାରତର କଞ୍ଚାମାଲ ଓ ସମ୍ବଳକୁ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ନିଜ ଦେଶର ଉତ୍ପାଦନକାରୀଙ୍କ ସ୍ୱାର୍ଥରେ ଉତ୍ପାଦନ ପ୍ରକ୍ରିୟାରେ ବିନିଯୋଗ କଲା । ଭାରତର ଝୋଟ,କପା, ନଳିତା, ଆଖୁ, ଲୁହାପଥରକୁ ଅତି କମ୍ ଦାମରେ କିଣି ଇଂଲଣ୍ଡର ଶିଳ୍ପ ସଂବୃଦ୍ଧ ସହରମାନଙ୍କ ଶିଳ୍ପପତିଙ୍କୁ ଯୋଗାଇଲେ । କଞ୍ଚାମାଲକୁ ସେଠାରେ କଳକାରଖାନା ମାଧ୍ୟମରେ ବ୍ୟବହାର୍ଯ୍ୟ ସାମଗ୍ରୀରେ ପରିବର୍ତ୍ତନ କରି ଭାରତୀୟ ବଜାରରେ ଚଢ଼ା ଦରରେ ବିକ୍ରୟ କରି ଲାଭବାନ ହେଲେ । କମ୍ପାନୀର ସୁବିଧା ଓ ସୁରକ୍ଷା ପାଇଁ ନିୟୋଜିତ ଶାସନ କଳ, ପୋଲିସ, ସୈନ୍ୟଦଳ ଓ ରାସ୍ତାଘାଟ ତିଆରି ଖର୍ଚ୍ଚର ମୂଲ୍ୟ ଭାରତୀୟ ଟ୍ରେଜେରୀରୁ ଖର୍ଚ୍ଚ କଲେ । ଭାରତୀୟଙ୍କ ଉପରେ ବୋଝ ବଢ଼ିଲା । ୧୭୬୩-୬୪ ଖ୍ରୀଷ୍ଟାବ୍ଦରେ କେବଳ ବଙ୍ଗ ପ୍ରଦେଶରୁ ପ୍ରାୟ ଛଅ ଲକ୍ଷ ପଚାଶ ହଜାର ଟଙ୍କା କର ରୂପେ ଆଦାୟ କରୁଥିଲେ । ତାହାକୁ ୧୭୯୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ପ୍ରାୟ ଚାରି ଗୁଣ ବଢ଼ାଇ ୨୭(ସତେଇଶ) ଲକ୍ଷ ଟଙ୍କା ଆଦାୟ କଲେ । ଦୁର୍ଭାଗ୍ୟକୁ ସେ ସମୟ କାଳ ମଧ୍ୟରେ ବଙ୍ଗ ପ୍ରଦେଶରେ ଦୁର୍ଭିକ୍ଷ ପଡିଲା । ଫଳସ୍ୱରୂପ ଚାଷିଙ୍କ ମେରୁଦଣ୍ଡ ଭାଙ୍ଗିଗଲା । ଚାରି ଆଡେ ରୋଗ, ଶୋକ ଓ ମୃତ୍ୟୁର କରାଳ ଦୃଶ୍ୟ ଦେଖାଦେଲା । ଭାରତରେ ଦାରିଦ୍ର୍ୟ ବଢ଼ିଲା ଓ ଇଂଲଣ୍ଡ ଭାରତର ଧନରେ ଧନଶାଳୀ ହେଲା । ଏ ପ୍ରକ୍ରିୟାକୁ ପ୍ରଖ୍ୟାତ ଅର୍ଥନୈତିକ ତଥା ଜାତୀୟବାଦି ନେତା ଦାଦା ଭାଇ ନାରୋଜୀ ଭାରତରୁ ବିତ୍ତ ନିଷ୍କାସନ (Drain of wealth) ବୋଲି ବ୍ୟାଖ୍ୟା କଲେ । ସେ କହିଲେ 'ବ୍ରିଟେନ୍ ଭାରତର ରକ୍ତ ଶୋଷଣ କରି ଭାରତକୁ ଶେତା କରି ଦଉଛି' । ଅନ୍ୟ ଜାତୀୟନେତା ମାନେ ଇଂଲଣ୍ଡର ପ୍ରକୃତ ରୂପ ଓ ଚରିତ୍ରକୁ ଉପସ୍ଥାପନ କରି କହିଲେ ଭାରତରୁ ଆଦାୟ ଅର୍ଥ ଭାରତର ଉନ୍ନତିରେ ବ୍ରିଟିଶ ପୁଞ୍ଜିପତି ଓ

ଅଧିବାସୀଙ୍କ ସ୍ୱାର୍ଥ ପୂରଣରେ ଲାଗୁଛି ଓ ଫଳସ୍ୱରୂପ ଭାରତର ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ଅଧୋପତନ ଘଟୁଛି । ଜାତୀୟ ନେତାମାନେ ସଫଳତାର ସହ ବ୍ରିଟିଶ ଶୋଷଣ ନୀତି ଓ ପ୍ରକ୍ରିୟାକୁ ଲୋକ ଲୋଚନକୁ ଆଣି ଲୋକଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରିଥିଲେ ବ୍ରିଟିଶ ଶୋଷଣ ପ୍ରକ୍ରିୟାକୁ ପ୍ରତିରୋଧ କରିବା ପାଇଁ ।

## ପରିବହନ ଓ ଯୋଗାଯୋଗ ସାଧନର ବିକାଶ

କମ୍ପାନୀ ଏକ ବ୍ୟବସାୟିକ ସଂସ୍ଥା ହୋଇଥିବାରୁ ଆଭ୍ୟନ୍ତରୀଣ ବାଣିଜ୍ୟ ପାଇଁ ବ୍ୟବସାୟିକ କେନ୍ଦ୍ର, ରାଜାମାନଙ୍କ ରାଜଧାନୀ ଓ ଦେଶର ମୁଖ୍ୟ ସହରମାନଙ୍କୁ ଯୋଗାଯୋଗ ପାଇଁ ପ୍ରାରମ୍ଭରୁ ରାସ୍ତାଘାଟର ଉନ୍ନତି ପାଇଁ ଯୋଜନା କରିଥିଲେ । ମାନ୍ଦ୍ରାଜ, ବମ୍ବେ, କଲିକତା ପ୍ରେସିଡେନ୍ସିର କେନ୍ଦ୍ର ସହର ଓ ବନ୍ଦର ଠାରୁ ପଶ୍ଚାତ ଅଞ୍ଚଳକୁ ରାସ୍ତାଘାଟ ଦ୍ୱାରା ସଂଯୋଗ କଲେ । ଡାକ ଓ ଟେଲିଗ୍ରାଫ ସେବାକୁ ଭାରତର ମୁଖ୍ୟ ସହର, ଶାସନ କେନ୍ଦ୍ର ତଥା ବାଣିଜ୍ୟ କେନ୍ଦ୍ରକୁ ବିସ୍ତାର ଓ ଉନ୍ନତି କରିଥିଲେ । ୧୮୫୩ ଖ୍ରୀଷ୍ଟାବ୍ଦରେ ରେଲ ଲାଇନ କାମ ଆରମ୍ଭ କରିଥିଲେ । କମ୍ପାନୀ ପାଇଁ ରେଲବାଇ ସବୁଠାରୁ ସୁଲଭ ମାଲ ପରିହନର ମାଧମ ହୋଇ ବାଣିଜ୍ୟ ଅନୁକୂଳ ହେଲା ।

ପରିବହନ ଓ ଯୋଗାଯୋଗର ଉନ୍ନତି ବ୍ୟବସାୟିକ ଦୃଷ୍ଟିରୁ ଲାଭପ୍ରଦ ହେବା ସହିତ ସାମରିକ ଦୃଷ୍ଟିରୁ ବିଦ୍ରୋହ ଦମନ ପାଇଁ ବ୍ରିଟିଶ ଶାସନ କଳକୁ ସହଯୋଗ କଲା । ପରିବହନ ଓ ଯୋଗାଯୋଗ କମ୍ପାନୀ ନିଜ ସ୍ୱାର୍ଥରକ୍ଷା ପାଇଁ ଯୋଜନା କରିଥିଲେ କିନ୍ତୁ ପରବର୍ତ୍ତି କାଳରେ ଭାରତୀୟଙ୍କ ପାଇଁ ବିଶେଷ ଫଳପ୍ରଦ ହୋଇଥିଲା ଜାତୀୟ ଏକତା ଆଣିବା ପାଇଁ ।

## ଭୂରାଜସ୍ୱ ନୀତି

କମ୍ପାନୀର ଭୂରାଜସ୍ୱ ନୀତି ପ୍ରଣୟନ ପଛରେ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜମି କରକୁ କିପରି ସର୍ବାଧିକ ବୃଦ୍ଧି କରିପାରିବେ । ସେଥିପାଇଁ ଭାରତୀୟ ପୁରାତନ ରାଜସ୍ୱ ପ୍ରଥାକୁ ପ୍ରତ୍ୟାଖ୍ୟାନ କରିବା ପାଇଁ କୁଣ୍ଠା ପ୍ରକାଶ କରିନଥିଲେ । ମୁଖ୍ୟତଃ ତିନି ପ୍ରକାର ଭୂ ବନ୍ଦୋବସ୍ତ ଜମିଦାରୀ, ରଏତଓ୍ୱାରୀ ଓ ମହଲଓ୍ୱାରୀ ବ୍ରିଟିଶ କମ୍ପାନୀ ସରକାର ଭାରତରେ ପ୍ରୟୋଗ କରିଥିଲେ ।

ଜମିଦାରୀ ବନ୍ଦୋବସ୍ତ:- ବଙ୍ଗ,ବିହାର ଓ ଓଡିଶାରେ ୧୭୯୩ ଖ୍ରୀଷ୍ଟାବ୍ଦରେ ଚୀରସ୍ଥାୟୀ ବନ୍ଦୋବସ୍ତ ଲାଗୁ ହେଲା । ଏ ବନ୍ଦୋବସ୍ତର ମୁଖ୍ୟାଂଶ ହେଲା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ନିଜ ଅଞ୍ଚଳରେ ଥିବା ସମସ୍ତ ଜମି ଉପରେ ପ୍ରଭୁତ୍ୱ ବା ମାଲିକାନା ପ୍ରଦାନ କରି ଜମିଦାର ରୂପେ ସ୍ୱୀକୃତି ଦେବା । ପ୍ରତ୍ୟେକ ଜମିଦାରଙ୍କ ପାଇଁ ଚୀରସ୍ଥାୟୀ ରାଜସ୍ୱ ଦେୟ ନିର୍ଦ୍ଧାରଣ ପୂର୍ବକ ଚାଷି ବା କୃଷକଙ୍କ ଠାରୁ ଭୂରାଜସ୍ୱ ଆଦାୟ କରିବା ଅଧିକାର ପ୍ରଦାନ । ଜମିଦାରର ପାରିଶ୍ରମିକ ପ୍ରାପ୍ୟ ସ୍ୱରୂପ ଚୀରସ୍ଥାୟୀ ରାଜସ୍ୱ ଦେୟର ୧/୧୦ (ଏକ ଦଶମାଂଶ) ନିଜେ ରଖି ୯/୧୦ (ନଅ ଦଶମାଂଶ) କମ୍ପାନୀ ଟ୍ରେଜେରୀରେ ଏକ ନିର୍ଦ୍ଦିଷ୍ଟ ଦିନ ଓ ସମୟ ସୀମାରେ ଜମା କରିବା ବାଧ୍ୟତାମୂଳକ ହେଲା ।

ରଏତୱାରୀ ବନ୍ଦୋବସ୍ତ:- କମ୍ପାନୀ ମାନ୍ଦ୍ରାଜ ଓ ମୁମ୍ବାଇ ପ୍ରେସିଡେନ୍ସିରେ କୃଷକ ମାନଙ୍କୁ ନିଜେ ଚାଷ କରୁଥିବା ଜମିର ମାଲିକ ଘୋଷଣା କଲେ ଓ ସିଧାସଳଖ ଚାଷୀ ବା ରଏତ୍ ବା ମିରସାଦାରଙ୍କ ଠାରୁ ଭୂରାଜସ୍ୱ ଆଦାୟ କଲେ । ଯଦିଓ ରଏତ ବା ଚାଷିଙ୍କୁ ଜମିମାଲିକ ଘୋଷଣା କରାଗଲା କିନ୍ତୁ ସେମାନଙ୍କ ଉପରେ ଅତ୍ୟଧିକ ଭୂରାଜସ୍ୱ ଲଦି ଦିଆଗଲା । ଦ୍ୱିତୀୟରେ କମ୍ପାନ ହାତରେ ସ୍ୱଇଚ୍ଛାରେ ଭୂରାଜସ୍ୱ ବଢାଇବାର କ୍ଷମତା ରହିଲା ଓ ତୃତୀୟରେ ରଏତଙ୍କୁ ପ୍ରତିବର୍ଷ ଭୂରାଜସ୍ୱ ନଗଦ ଆକାରରେ ପଇଠ କରିବାକୁ ବାଧ୍ୟ କରାଗଲା । ବଢି ଓ ମରୁଡି ବର୍ଷରେ ମଧ୍ୟ ଭୂ ରାଜସ୍ୱ ମାଫ୍ କିମ୍ବା କୋହଳ କରିବାର ବ୍ୟାବସ୍ଥା ନଥିଲା । ଚତୁର୍ଥରେ ଗ୍ରାମର ଗୋଚର ଓ ପଡିଆ ଜମିର ମାଲିକାନା କମ୍ପାନୀ ହାତକୁ ଚାଲିଗଲା । ଚାଷୀଙ୍କୁ ବୋଝ ଉପରେ ନଳିତା ବିଡା ପରି ହେଲା ।

ମାହାଲୱାରୀ ବନ୍ଦୋବସ୍ତ:- ପଞ୍ଜାବ, ଉତ୍ତର ପଶ୍ଚିମ ପ୍ରଦେଶ , ଗାଙ୍ଗେୟ ଉପତ୍ୟକା ଓ କେନ୍ଦ୍ରପ୍ରଦେଶର କେତେକ ଅଞ୍ଚଳରେ ଜମିଦାରୀ ବ୍ୟବସ୍ଥାର ଆଂଶିକ ପରିବର୍ତ୍ତନ କରି କମ୍ପାନୀ ମହଲୱାରୀ ବନ୍ଦୋବସ୍ତ ପ୍ରଚଳନ କଲା । ଏ ବନ୍ଦୋବସ୍ତରେ ପ୍ରତ୍ୟେକ ଗ୍ରାମ କିମ୍ବା ଅଞ୍ଚଳ ବା ମହଲର ପ୍ରଭାବଶାଳୀ ପରିବାରର ମୁଖ୍ୟଙ୍କୁ ଗ୍ରାମ କିମ୍ବା ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ମାଲିକାନା ଦିଆଗଲା ।

ଜମିଦାରୀ, ରଏତୱାରୀ ତଥା ମହଲୱାରୀ ଭୂରାଜସ୍ୱ ବ୍ୟବସ୍ଥା ପ୍ରଚଳନ କରି ଭାରତର ଜମି ବ୍ୟବସ୍ଥାରେ ମୂଳଭୂତ ଢାଞ୍ଚାଗତ ପରିବର୍ତ୍ତନ ଆଣିଲେ ବ୍ରିଟିଶ କମ୍ପାନୀ ସରକାର । ଫଳସ୍ୱରୂପ ଜମିଦାର ମାନେ ସମୃଦ୍ଧ ଓ ସୁବିଧାଭୋଗି ଜମିମାଲିକ ଶ୍ରେଣୀ ରୂପେ ବିଦ୍ୟମାନ ହେଲେ । ଜମିଦାର ନିଜସ୍ୱ ସ୍ୱାର୍ଥ ଦୃଷ୍ଟିରୁ କମ୍ପାନୀ ଶାସନର ପକ୍ଷବାଦୀ ହେଲେ । ଚୀରସ୍ଥାୟୀ ବନ୍ଦୋବସ୍ତରେ କମ୍ପାନୀ ଓ ଚାଷିଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ଛିନ୍ନ ହେଲା । ଚାଷି ଜମିଦାରର ଦୟା ଓ ଅଧିନର ପାତ୍ର ହେଲା । ଜମିଦାରର ସ୍ଥାୟୀ ରାଜସ୍ୱ ନିର୍ଣ୍ଣୟ ପ୍ରଣାଳୀ ଅମାନୁଷିକ ଥିଲା । ଫଳସ୍ୱରୂପ କେତେକ ଜମିଦାର ନିଜ ଅଞ୍ଚଳଙ୍କୁ ଭୂରାଜସ୍ୱ ଆଦାୟରେ ବିଫଳ ହୋଇ ବାର୍ଷିକ ଜମା ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପଇଠ କରିବାରେ ବିଫଳ ହେଲେ । ସେମାନଙ୍କ ଜମିଦାରୀ ନିଲାମ ହେଲା । ସହରରେ ବାସ କରୁଥିବା ବିତ୍ତଶାଳୀ ବଣୀକ, ସାହୁକାର, ମହାଜନ ନିଲାମରେ ଖଜଣା ବକେୟା ଜମିଦାରୀ ଅଞ୍ଚଳ ଓ ଜମିଦାରୀକୁ କିଣି ନୂଆ ଜମିଦାର ହେଲେ । ନୂତନ ଜମିଦାର ମାନଙ୍କ ଜମି ସହିତ ସମ୍ପର୍କ କ୍ଷିଣ ଥିଲା, ସେମାନେ ଜମିର ଉନ୍ନତି କିମ୍ବା ଚାଷିର ମଙ୍ଗଳ ଚିନ୍ତା କରୁନଥିଲେ । ନୂତନ ବ୍ୟବସ୍ଥାରେ ଚାଷିର ପରିସ୍ଥିତିକୁ ଧ୍ୟାନ ଦିଆହଉନଥିଲା । ଫଳସ୍ୱରୂପ ଅନେକ ଚାଷୀ ବିଦ୍ରୋହ କଲେ ଓ କ୍ଷତିଗ୍ରସ୍ତ ଜମିଦାରମାନେ ମଧ୍ୟ ବିଦ୍ରୋହରେ ସାମିଲ ହେଲେ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି. ସଠିକ୍ ଉତ୍ତରଟିକୁ ବାଛି ଲେଖ ।

(କ) ଇଷ୍ଟ ଇଣ୍ଡିଆ କମ୍ପାନୀ କେବେ ଗଢା ଯାଇଥିଲା ?

(i) ୧୬୦୦ ଖ୍ରଷ୍ଟାବ୍ଦ (ii) ୧୬୦୬ ଖ୍ରୀଷ୍ଟାବ୍ଦ

(iii) ୧୬୦୮ ଖ୍ରୀଷ୍ଟାବ୍ଦ (iv) ୧୬୬୦ ଖ୍ରୀଷ୍ଟାବ୍ଦ

(ଖ) କେଉଁ ବ୍ରିଟିଶ୍ ବଡଲାଟ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରବର୍ତ୍ତନ୍ କରିଥିଲେ ?

(i) କ୍ଲାଇବ୍ (ii) ଲ୍ଡର୍ଡ ୱେଲେସ୍‌ଲି

(iii) ଲର୍ଡ କର୍ଣ୍ଣୱାଲିସ୍ (iv) ଲର୍ଡ କର୍ଜନ

(ଗ) କାହାଦ୍ୱାରା ଭାରତକୁ ଜଳପଥ ଆବିଷ୍କାର ହୋଇଥିଲା ?

(i) କଲମ୍ବସ୍ (ii) ଭାସ୍କୋଡାଗାମା

(iii) ବାର୍ଥୋଲୋମି ଡାଏଜ୍ (iv) ମାଗେଲାନ୍

(ଘ) କେଉଁଠାରୁ କେଉଁ ଜାଗାକୁ ବ୍ରିଟିଶ୍ ସରକାର ସର୍ବପ୍ରଥମେ ରେଳଦ୍ୱାରା ସଂଯୋଗ କରିଥିଲେ ?

(i) ବମ୍ବେରୁ କଲିକତା (ii) ବମ୍ବେରୁ କାମ୍ବେ

(iii) ମାଡ୍ରାସ୍‌ରୁ ବାଙ୍ଗାଲୋର୍ (iv) ବମ୍ବେଠାରୁ ଥାନେ

୨। ଗୋଟିଏ ଶବ୍ଦରେ ଉତ୍ତର ଲେକ ।

(କ) ମାଡ୍ରାସ ପ୍ରେସିଡେନ୍‌ସୀର ଗଭର୍ଣ୍ଣର ସାର ଥୋମାସ୍ ମୁନ୍‌ରୋ ପ୍ରବର୍ତ୍ତନ କରାଇଥିବାରୁ ଭୂ-ରାଜସ୍ୱ ନୀତିର ନାଁ କ'ଣ ଥିଲା ?

(ଖ) ବ୍ରିଟିଶ୍ ସରକାରଙ୍କ ନୂତନ ଡାକପ୍ରଥା ପ୍ରଚଳନ ପରେ ଚିଠିର ନିର୍ଦ୍ଧାରିତ ଡାକ ମାହାସୁଲ ଡାକ ଟିକଟ ଆକାରରେ ପତ୍ର ପ୍ରାପ୍ତକ ନାଁ ପତ୍ର ପ୍ରେରକଙ୍କୁ ଦେବାକୁ ପଡୁଥିଲା ?

(ଗ) କେଉଁ ମସିହାରେ ବିହାର-ବଙ୍ଗ-ଓଡିଶାର ଦେୱାନୀ କ୍ଷମତା ବ୍ରିଟିଶ ହାତକୁ ଆସିଥିଲା ।?

(ଘ) ମାଦ୍ରାଜ ପେସିଡେନ୍‌ସୀରେ କେଉଁ ବନ୍ଦୋବସ୍ତ ବ୍ୟବସ୍ଥା ବ୍ରିଟିଶ୍ ପ୍ରଚଳନ କରିଥିଲେ

'ଖ' ବିଭାଗ

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ ।

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ନମ୍ବର)**

(କ) ବିତ୍ତ-ନିଷ୍କାସନ ବା ଅର୍ଥର ବହିଁ ନିର୍ଗମନ(Drain of Wealth) ପ୍ରକ୍ରିୟା କ'ଣ ?

(ଖ) ଏକଚାଟିଆ ବାଣିଜ୍ୟ କାହାକୁ କୁହାଯାଏ ?

(ଗ) ଅର୍ଥକାରୀ ଫସଲ କହିଲେ କ'ଣ ବୁଝାଯାଏ ?

(ଘ) ଇଂରେଜ ବଣିକମାନେ ଭାରତରେ ଅଧିକ ପୁଞ୍ଜି ନିବେଶ ପାଇଁ କାହିଁକି ମନ ବଳେଇଲେ ?

'ଗ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)**

୪। ବ୍ରିଟିଶ୍ ଶାସନ ସମୟରେ ଭାରତରେ ଲାଗୁ ହୋଇଥିବା କୃଷି ଓ ବାଣିଜ୍ୟ ନୀତି ଉପରେ ଏକ ସନ୍ଦର୍ଭ ଲେଖ ।

୫। ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟର ଭୂ-ରାଜସ୍ୱ ନୀତି ସମ୍ପର୍କରେ ଆଲୋଚନା କର ।

୬। ଇଂରେଜ ପ୍ରବର୍ତ୍ତିତ ଅର୍ଥ ବ୍ୟବସ୍ଥା ଭାରତୀୟ ଅର୍ଥନୀତିକୁ କିଭଳି ପ୍ରଭାବିତ କରିଥିଲା ଦର୍ଶାଅ ।

# ଦ୍ୱାଦଶ ଅଧ୍ୟାୟ

## Revolts against British Colonialism (1757-1857)
## ଇଂରେଜ ଉପନିବେଶବାଦ ବିରୋଧରେ ବିଦ୍ରୋହ (୧୭୫୭-୧୮୫୭)

ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୭୫୭-୧୮୫୭ ମଧ୍ୟରେ ଭାରତରେ ରାଜ୍ୟ ବିସ୍ତାର କରି ନିଜର ସାମ୍ରାଜ୍ୟ ସ୍ଥାପନ କଲେ । ସେମାନଙ୍କ ବିଜିତ ଅଞ୍ଚଳ ଉପନିବେଶ(କଲୋନୀ) ଓ ରାଜ୍ୟ ବିସ୍ତାର ବ୍ୟବସ୍ଥାକୁ ଉପନିବେଶବାଦ ଓ ସାମ୍ରାଜ୍ୟବାଦ କୁହାଯାଏ । ପ୍ରଚଳିତ ବ୍ୟବସ୍ଥାର ପ୍ରଭାବ ଚାଷ ଓ ଚାଷି,ମୂଲିଆ,ଆଦିବାସୀ,କାରୀଗର,ଜମିଦାର, କୁଟୀର ଶିଳ୍ପ ଓ ଶ୍ରମିକ ଅନ୍ୟାନ୍ୟ ବର୍ଗଙ୍କ ଉପରେ ପ୍ରଭାବ  କ'ଣ ଥିଲା । ସେମାନଙ୍କ ପ୍ରତିକ୍ରିୟା କ'ଣ ଥିଲା ଓ  କିପରି ନିଜର ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣିଲେ । ପରିବର୍ତ୍ତିତ ନୂତନ ବ୍ୟବସ୍ଥାରେ କିଏ ଲାଭବାନ ହେଲେ କିଏ କ୍ଷତିଗ୍ରସ୍ତ ହେଲେ, ଜଙ୍ଗଲ ଜମି କିଏ ହରାଇଲା, କିଏ ଜଙ୍ଗଲ  ଓ ଜମି  ମାଲିକାନା ପାଇଲା, କିଏ କାହାର ସହାଯ୍ୟ ନେଲା । ନୂତନ ପ୍ରଚଳିତ  ବ୍ୟବସ୍ଥା ନୀତି ନିୟମକୁ  କେଉଁମାନେ ପ୍ରତିରୋଧ କଲେ,  କାହିଁକି ପ୍ରତିରୋଧ କଲେ, କେଉ ଉପାୟରେ  ପ୍ରତିରୋଧ କଲେ । ସେ ସମସ୍ତ ପ୍ରତିରୋଧ, ପ୍ରତିକ୍ରିୟାରେ ଫଳ କ'ଣ ହେଲା ।

ଇଂରେଜ ଶାସକ ଭାରତରେ ନୂତନ ଚୀରସ୍ଥାୟୀ  ଜମି ବନ୍ଦୋବସ୍ତ, ରାଏତୱାରୀ, ଜମିଦାରୀ ଓ ମହଲୱାରୀ ଜମି ବନ୍ଦୋବସ୍ତ ପ୍ରଚଳନ କଲେ । ଜଙ୍ଗଲ ନୀତି,ଲୁଣ ମରା ଓ ଲୁଣ ବାଣିଜ୍ୟ ନୀତି ପ୍ରଣୟନ କଲେ । ଏ ଉପନିବେଶବାଦୀ ବ୍ୟବସ୍ଥାରେ ପ୍ରଥମଥର ପାଇଁ ଭାରତରେ ଚାଷ କ୍ଷେତ୍ରରେ ବଜାର ଅର୍ଥନୀତି  ବ୍ୟାପକ ହେଲା ଓ ଜନସାଧାରଣଙ୍କ ଗୋରୁ ଚାରଣ ଭୂମି ଉପରେ ଅଧିକାର, ଜଙ୍ଗଲ ଉପରେ ଅଧିକାର ଓ ଅନ୍ୟାନ୍ୟ କେତେକ ପାରମ୍ପରିକ ଲୋକ ଅଧିକାରକୁ ପ୍ରତ୍ୟକ୍ଷରୂପେ କ୍ଷୁର୍ଣ୍ଣ କଲା । ଧନୀକ, ବ୍ୟବସାୟୀ, ସାହୁକାର, ଜମିଦାରମାନଙ୍କ ପ୍ରଭାବ ଓ ନିୟନ୍ତ୍ରଣ ଗ୍ରାମୀଣ ଅର୍ଥନୀତି ଓ ସମାଜ ଉପରେ  ସୁଦୃଢ ହେଲା । ଆଦିବାସୀଙ୍କ ଜୀବନଯାତ୍ରା  ଓ ସ୍ୱାଧିନତା ବାଧାପ୍ରାପ୍ତ ହେଲା ।

ବ୍ରିଟିଶ ଉପନିବେଶୀ ବ୍ୟବସ୍ଥା ଭାରତୀୟ ସମାଜରେ ଥିବା ପ୍ରଚଳିତ ସାମାଜିକ,ଆର୍ଥିକ ପ୍ରଭେଦକୁ  ତ୍ୱରାନ୍ୱିତ କଲା । ଜମିମାଲିକ,ନୂତନ ଜମିମାଲିକ, ଚାଷୀ, ମୂଲିଆ ଓ ଆଦିବାସୀଙ୍କ ମଧ୍ୟରେ ମାଲିକାନା ଓ ଅଧିକାରକୁ ନେଇ ନୂତନ ପ୍ରଭେଦ ସୃଷ୍ଟି ହେଲା । ଉଚ୍ଚଜାତି, ଆଦିବାସୀ,ମୁଖିଆ ଓ ଧନଶାଳୀ ଜମିମାଲିକ  ହେଲେ ଓ ଶୁଦ୍ର, ଦଳିତ ଓ ସାଧାରଣ ଅଧିବାସୀ ଜମି ଉପରେ ଅଧିକାର ହରାଇଲେ ।  ଆଦିବାସୀ ଅଞ୍ଚଳରେ  ବାହାର ଲୋକ ପ୍ରବେଶ କରି ଜମିମାଲିକ ହେଲେ ।

କୃଷି କ୍ଷେତ୍ରରେ ଖାଦ୍ୟ ଶସ୍ୟ ଉତ୍ପାଦନରୁ ପ୍ରାଧାନ୍ୟ ହଟାଇ ବ୍ରିଟିଶ କମ୍ପାନୀକୁ ସୁହାଇଲା ଭଳି ବ୍ୟବସାୟିକ ଚାଷ ଲଦି ଦିଆଗଲା,ଚାଷିଙ୍କ ଉପରେ ବୋଝ ବଢିଲା । ଖାଦ୍ୟଶସ୍ୟର ଅଭାବ ଦେଖାଦେଲା ।

ଭାରତୀୟ କାରୀଗରଙ୍କ ଜୀବିକାକୁ ନୂତନ ବ୍ୟବସ୍ଥା ପ୍ରଭାବିତ କଲା । ୟୁରୋପୀୟ କଳକାରଖାନାରେ ପ୍ରସ୍ତୁତ ଜିନିଷ ଶସ୍ତାରେ ଭାରତୀୟ ବଜାରରେ ଉପଲବଧ ହେବାରୁ ଭାରତର କୁଟୀର  ଶିଳ୍ପରୁ ଉତ୍ପାଦିତ ଜିନିଷ  ପ୍ରତିଯୋଗୀତା କରିପାରିଲା ନାହିଁ । ଭାରତର ଝୋଟ,କପାରେ ପ୍ରସ୍ତୁତ, ଶିଳ୍ପ ଓ ଲୁଣ ଶିଳ୍ପ କ୍ଷତିଗ୍ରସ୍ତ

ହେଲା । ଆଞ୍ଚଳିକ କାରୀଗରଙ୍କ ଜୀବିକା ନଷ୍ଟ ହେଲା । ସେମାନେ କୁଟୀର ଶିଳ୍ପରେ ଜୀବିକା ହରାଇ କୃଷି କ୍ଷେତ୍ରରେ ପ୍ରବେଶ କରିବାକୁ ବାଧ ହେଲେ ।

କ୍ଷତିଗ୍ରସ୍ତ ଚାଷି,ମୂଲିଆ,ଆଦିବାସୀ ଓ କାରୀଗର ସାମ୍ରାଜ୍ୟବାଦୀ ଓ ଉପନିବେଶୀ ବ୍ୟବସ୍ଥା ଓ ତାର ପ୍ରଭାବ ବିରୁଦ୍ଧରେ ଜନଆନ୍ଦୋଳନ କଲେ । ସେ ଗୁଡିକ ଆଞ୍ଚଳିକ ନାମରେ ମେଳି,ଫିତୁରୀ,ହୁଲ ଓ ଉଲୁଗୁଲାନ ରୂପେ ପ୍ରସିଦ୍ଧ । ପରବର୍ତ୍ତି କାଳରେ ପ୍ରଭାବିତ ଜମିମାଲିକ ଓ ଜମିଦାର ମାନେ ମଧ ବ୍ରିଟିଶ ବ୍ୟବସ୍ଥା ବିଦ୍ରୋହ କଲେ ।

<u>ସନ୍ୟାସୀ ବିଦ୍ରୋହ :-</u> ଭାରତୀୟ ଗ୍ରାମୀଣ ସମାଜରେ ସନ୍ୟାସୀ,ଯୋଗୀ,ଫକୀର,ବାବାମାନଙ୍କ ଭୂମିକା ବହୁ ପୁରାତନ । ଅଧାତ୍ମିକ ଓ ଧର୍ମ କ୍ଷେତ୍ରରେ ଭାରତରେ ଜନମାନସରେ ଏମାନେ ସମ୍ମାନର ସହ ସ୍ଥାନ ପାଇଥାନ୍ତି । ସାଧାରଣତଃ ଏମାନେ ପ୍ରଶାସନ ଓ ରାଜ୍ୟ ଶାସନର ନିୟନ୍ତ୍ରଣ ବାହାରେ ସ୍ୱାଧିନ ଭାବେ ବିଚରଣ କରିଥାନ୍ତି କାଁ ଭାଁ ଭାରତୀୟ ଶାସକ ଓ ଶାସନ ବ୍ୟବସ୍ଥାର ପୋଷପୋଷକତା ନଜିର ମଧ ଅଛି । ଇଷ୍ଟ ଇଣ୍ଡିଆ କମ୍ପାନୀର ନୂତନ ନୀତି ନିୟମ ଓ ଶାସନ ବ୍ୟବସ୍ଥା ଏମାନଙ୍କ ସ୍ୱାଧିନ ଜୀବନ ଯାତ୍ରା ଓ ଜୀବନଚର୍ଯ୍ୟାକୁ ପ୍ରଭାବିତ କରିଥିଲା । ସେଥିପାଇଁ ସେମାନେ ବିଦ୍ରୋହ କରିଥିଲେ କମ୍ପାନୀ ବିରୋଧରେ ।

ସନ୍ୟାସୀ, ଫକୀର ମାନେ ଯଥାକ୍ରମେ ହିନ୍ଦୁ ସମାଜର ଓ ଇସଲାମ ଧର୍ମ ଜଗତର ଆତ୍ମତ୍ୟାଗୀ ସଂଯମୀ ହୋଇ ଭୋଗ ବିଳାଶର ଦୂରରେ ମଠ,ମନ୍ଦିର, ଆଶ୍ରମ,ମଜାର,ଧର୍ମଶାଳା,ପାହାଡ,ପର୍ବତ,ଜଙ୍ଗଲରେ ସାଧନା କରୁଥିଲେ । ପରିବର୍ତ୍ତିତ ପରିସ୍ଥିତିରେ ଅଷ୍ଟାଦଶ ଶତାବ୍ଦୀରେ ଜଳପାଇଗୁଡି ଜଙ୍ଗଲର ବୈକୁଣ୍ଠପୁର ଓ ମୁର୍ସିଦାବାଦଠାରେ ବ୍ରିଟିଶ ବିରୋଧରେ ବିଦ୍ରୋହ ପ୍ରଣିଧାନ ଯୋଗ୍ୟ ।

ପ୍ରତିବର୍ଷ ଉତ୍ତର ଭାରତରୁ ହିମାଳୟ ଓ ଗଙ୍ଗାନଦୀ କୂଳରେ ସାଧନା କରୁଥିବା ସନ୍ୟାସୀମାନେ ଭାରତର ବିଭିନ୍ନ ଧର୍ମପିଠ,ମନ୍ଦିର ତିର୍ଥ ଦର୍ଶନରେ ଆସିବା ଏକ ପରମ୍ପରା ଥିଲା । ନାଗା ସନ୍ୟାସୀମାନେ ଓ ସୁଫି ଫକୀରମାନେ ଦଳବଦ୍ଧ ହୋଇ ଯାତ୍ରା କରୁଥିଲେ । ସେମାନଙ୍କ ଦଳବଦ୍ଧ ଯାତ୍ରାକୁ ଇଂରେଜମାନେ ସନ୍ଦହ ଦୃଷ୍ଟିରେ ଦେଖିଲେ । ସେମାନେ ଆସି ଗ୍ରାମାଞ୍ଚଳରେ ଲୋକଙ୍କ ଠାରୁ ତଥା ଗ୍ରାମ ମୁଖିଆ ଓ ଜମିଦାର ଓ ରାଜାଙ୍କଠାରେ ଆତିଥ୍ୟ ଗ୍ରହଣ କରିଥାନ୍ତି ତଥା ଦାନ,ଦକ୍ଷିଣା ଓ ସାହାଯ୍ୟ ଓ ଭିକ୍ଷା ଗ୍ରହଣ କରିଥାନ୍ତି ପ୍ରାପ୍ତ ଦାନକୁ କେତେକ ନାଗା ସନ୍ୟାସୀ ସୁଧରେ ଋଣ ଲଗାଇବାର ଅଭିଯୋଗ ଥିଲା । ବ୍ରିଟିଶ କମ୍ପାନୀ ବଙ୍ଗ-ଓଡିଶା-ବିହାରର ଦ୍ୱିୱାନୀ ଅଧିକାର ପାଇବା ପରେ ନୂତନ ଭୂରାଜସ୍ୱ ନୀତି ପ୍ରଣୟନ କରି ନୂତନ କର ବସାଇଲେ ଓ ଦୁର୍ଭାଗ୍ୟକୁ ସେ ସମୟରେ ବଙ୍ଗଳା-ଓଡିଶା-ବିହାରରେ ଦୁର୍ଭିକ୍ଷ ଦେଖାଦେଲା । ମୁଖିଆ, ଜମିଦାର, ରାଜା ବ୍ରିଟିଶ ଭୂରାଜସ୍ୱ ଓ କର ପଇଠ କରିବାକୁ ବିଫଳ ହେଲେ । ସେମାନଙ୍କ ଜମିଦାରୀ ନିଲାମ ହେଲା ଓ ନୂତନ ଜମିଦାରମାନେ କିଣିଲେ । ନୂତନ ଜମିଦାରମାନେ ସନ୍ୟାସୀ ଓ ଫକୀରମାନଙ୍କୁ ଆତିଥ୍ୟ ଓ ଭିକ୍ଷା ଦେବାପାଇଁ କୁଣ୍ଠା ପ୍ରକାଶ କଲେ । ଏହି ସମୟରେ କମ୍ପାନୀ ସନ୍ୟାସୀମାନଙ୍କୁ ପୃଷପୋଷକତା ନଯୋଗାଇବାକୁ ଜମିଦାର ଓ ରାଜାମାନଙ୍କ ଉପରେ ଚାପ ଦେଲେ ଓ କଟକଣା ଲଗାଇଲେ । କମ୍ପାନୀ ଦୃଷ୍ଟିରୁ ସନ୍ୟାସୀ ଫକୀରମାନେ ହେଲେ ଲୁଣ୍ଠନକାରୀ ଓ ଠକ ତେଣୁ ସେମାନଙ୍କ ବଙ୍ଗ ପ୍ରଦେଶ ପ୍ରବେଶକୁ ନିଷିଦ୍ଧ କଲେ । ଏ କଟକଣା ଯୋଗୁଁ ହିନ୍ଦୁ ଦଶନାମୀ ନାଗା ସନ୍ୟାସୀ ଓ ବଙ୍ଗ ପ୍ରଦେଶର ସୁଫି ଫକୀରମାନେ ପ୍ରଭାବିତ ହେଲେ । ୧୭୭୧ ମସିହାରେ ଦୁର୍ଭିକ୍ଷ ପରିସ୍ଥିତିରେ ପ୍ରୋତ୍ସାହନ ଓ ଆତିଥ୍ୟ ଫକୀରଙ୍କ ମୃତ୍ୟୁ ବରଣ

ଖବର ପ୍ରସାରିତ ହେଲା । ଏହି ସମୟରେ କମ୍ପାନୀ ସରକାର, ସରକାରଙ୍କ ପ୍ରତି ଭୟ ସୃଷ୍ଟି କରିବା ପାଇଁ ସନ୍ୟାସୀମାନଙ୍କୁ ଫାଶୀ ଦେଲେ । ତେଣୁ ସନ୍ୟାସୀମାନେ ଉଗ୍ରରୂପ ଧାରଣ କରି ରଙ୍ଗପୁରର ନାଟୋରଠାରେ ସନ୍ୟାସୀ ଓ ଫକୀରମାନ ବିଦ୍ରୋହ କଲେ ୧୭୭୩ ମସିହାରେ ।

ସନ୍ୟାସୀ ଓ ଫକୀରମାନଙ୍କ ବଙ୍ଗ ପ୍ରଦେଶ ପ୍ରବେଶକୁ କମ୍ପାନୀ ଅବରୋଧ କଲା ତେଣୁ ୧୭୭୨ ରୁ ୧୮୦୨ ମସିହା ମଧ୍ୟରେ ହଜାର ହଜାର ସନ୍ୟାସୀ ଓ ଫକୀର ଅନେକ ସ୍ଥାନରେ କମ୍ପାନୀ ବିରୋଧରେ ପ୍ରଚଣ୍ଡ ଲଢେଇକଲେ ଓ ବୀରଭୂମ ଓ ମିଦନାପୁର ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ କମ୍ପାନୀ ସୈନ୍ୟଙ୍କୁ ପରାସ୍ତ କଲେ । ଯାହାର ପୃଷ୍ଠଭୂମିରେ ନୂତନ ରାଜସ୍ୱ ନୀତି ଓ ବ୍ୟବସ୍ଥାରେ ପ୍ରଭାବିତ ଚାଷି, ଜମିମାଲିକ, ଜମିଦାର ବର୍ଗଙ୍କ ପ୍ରଚ୍ଛନ୍ନ ସମର୍ଥନ ଥିଲା । ସେମାନେ ସାଧୁ ଓ ଫକୀରଙ୍କ ସହ ମିଶି ବିଦ୍ରୋହ ଆରମ୍ଭ କଲେ ଓ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଲଢେଇ କଲେ । ସେମାନେ ସରକାରୀ ଟ୍ରେଜେରୀ,ଇଂରେଜ ଅଫିସରଙ୍କ ଉପରେ ଆକ୍ରମଣ କଲେ । ଫକୀର ଓ ସନ୍ୟାସୀଙ୍କ ବ୍ୟତୀତ ପଦଚ୍ୟୁତ ଜମିଦାର,କ୍ଷତିଗ୍ରସ୍ତ ଚାଷି, କାରୀଗର ଓ ନୱାବ ଓ ରାଜାମାନଙ୍କ ସୈନ୍ୟଦଳରୁ ରୋଜଗାର ହରାଇଥିବା ସୈନିକ ଓ କର୍ମଚାରୀ । ପ୍ରାୟ ୪୦ବର୍ଷ କାଳ ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଲଢେଇ ଲାଗି ରହିଥିଲା ।

ପ୍ରଭାବିତ ଚାଷି ଓ କାରିଗର ଭିତ୍ତିଭୂମି ଯୋଗାଇଲେ, ଚାକିରୀ ଓ ପେଷା ହରାଇଥିବା ସୈନିକ ନେତୃତ୍ୱ ଯୋଗାଇଲେ ଓ ସନ୍ୟାସୀ ଓ ଫକୀରଙ୍କ ଉପସ୍ଥିତି ଧର୍ମପ୍ରତି ଅନୁରାଗ ଯୋଗାଇଲା ବିଦ୍ରୋହକୁ ବ୍ୟାପକ କରି ଏକ ସାମାଜିକ ବିଦ୍ରୋହର ରୂପ ଦେବାରେ ।

**ଖୋର୍ଦ୍ଧା ବିଦ୍ରୋହ(୧୮୧୭)**

୧୧୭ ମସିହାରେ ଓଡିଶାର ଖୋର୍ଦ୍ଧା ଓ ତା'ର ଆଖପାଖ ଅଞ୍ଚଳରେ ପାଇକମାନଙ୍କ ନେତୃତ୍ୱରେ ଏକ ବଡଧରଣର ବିଦ୍ରୋହ ସଂଘଟିତ ହୋଇଥିଲା । ଇତିହାସରେ ଏହା ଏକ ପାଇକ ବିଦ୍ରୋହ ବା ଖୋର୍ଦ୍ଧା ବିଦ୍ରୋହ ନାମରେ ପରିଚିତ । ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ ଥିଲେ ଏହାର ନାୟକ । ସେ ଖୋର୍ଦ୍ଧା ରାଜାଙ୍କ ପାଇକ ସେନାରେ 'ବକ୍ସି' ବା ସେନା ଅଧିନାୟକ ପଦରେ କାର୍ଯ୍ୟ କରୁଥିଲେ । ୧୮୦୩ ମସିହାରେ କମ୍ପାନୀ ଖୋର୍ଦ୍ଧା ସମେତ ଓଡିଶାର ଅଧିକାଂଶ ଅଞ୍ଚଳକୁ ମରାଠାମାନଙ୍କୁ ପରାଜିତ କରି ଅଧିକାର କରିନେଲେ । ଏହାର କିଛି ମାସ ଉତ୍ତାରୁ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ସେଠାରେ ପାଇକମାନେ ବିଦ୍ରୋହ କଲେ । ଏହାର ସୁଯୋଗ ନେଇ ୧୮୦୫ରେ କମ୍ପାନୀ ସରକାର ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦ ଦେବଙ୍କୁ ଗାଦିଚ୍ୟୁତ୍ କରି ଖୋର୍ଦ୍ଧାକୁ ଇଂରେଜ ସାମ୍ରାଜ୍ୟରେ ମିଶାଇ ଦେଲେ । ଫଳରେ ପ୍ରଶାସନିକ କାର୍ଯ୍ୟରେ ନିଯୁକ୍ତ ଅଧିକାରୀ ଓ ପାଇକମାନେ ନିଜର ପଦପଦବୀ ହରାଇଲେ । ପୁଣି,କମ୍ପାନୀ ଶାସନରେ ସେମାନଙ୍କୁ ନୂଆ କରି ବର୍ଦ୍ଧିତ ହାରରେ ଖଜଣା ମଧ୍ୟ ଦେବାକୁ ପଡିଲା । ନିଷ୍କର ଜମି ଭୋଗ କରିବାର ବ୍ୟବସ୍ଥା ଉଚ୍ଛେଦ ହେଲା । ଏହିସବୁ କାରଣରୁ, ଗୋଟାଏ ପକ୍ଷରେ ୧୮୦୪ରେ ବିଦ୍ରୋହ ଦମନ ହେଲା, ପ୍ରମୁଖ ନେତା ଜୟୀ ରାଜଗୁରୁଙ୍କୁ ଫାଶୀ ଦିଆଗଲା,ଅଥଚ ଲୋକଙ୍କ ଅସନ୍ତୋଷ ଊଣା ହେଲା ନାହିଁ । ୧୮୧୭ରେ ତାହା ପୁଣିଥରେ ଉଗ୍ର ବିଦ୍ରୋହହର ରୂପ ନେଲା ।

ବକ୍ସି ଜଗବନ୍ଧୁଙ୍କ ସମ୍ପତ୍ତିବାଡି ରୋଡଙ୍ଗଗଡରେ ଥିଲା । ପୂର୍ବରୁ ସେ ନିଷ୍କର ଜମି ଭୋଗ କରୁଥିଲେ । ମାତ୍ର କମ୍ପାନୀ ଶାସନରେ ଖଜଣା ଦେବାକୁ ବାଧ ହୋଇଥିଲେ । କୃଷ୍ଣଚନ୍ଦ୍ର ରାୟ ନାମକ ଜଣେ କମ୍ପାନୀ କର୍ମଚାରୀ ବକ୍ସିଙ୍କ

ଜମିଦାରୀକୁ ହାସଲ କରିବା ଉଦ୍ଦେଶ୍ୟରେ ବକ୍ସି ଦେଉଥିବା ଖଜଣାକୁ ସରକାରୀ ତହବିଲରେ ଜମା ନକରି ନିଜେ ଆତ୍ମସାତ କରିନେଲେ । ଫଳରେ ଖଜଣା ଖିଲାପି ଅଭିଯୋଗରେ ବକ୍ସିଙ୍କ ଜମିଦାରୀ ବ୍ୟାଜ୍ୟାପ୍ତ ହେଲା । କଚେରୀର ଦ୍ୱାରସ୍ଥ ହୋଇ ସୁଦ୍ଧା ବକ୍ସି ନ୍ୟାୟ ପାଇପାରିଲେ ନାହିଁ , ଯାହା ଇଂରେଜ ନ୍ୟାୟ ବ୍ୟବସ୍ଥାରେ ଜଟିଳତାକୁ ଚିହ୍ନିତ କଲା । ଜଟିଳତା ଯୋଗୁଁ ନ୍ୟାୟର ହକଦାର ବ୍ୟକ୍ତି ନ୍ୟାୟ ପାଇବାରୁ ବଞ୍ଚିତ ହେବାର ଏହା ପ୍ରମାଣ ଦେଲା ।ଏହିସବୁ ବ୍ୟକ୍ତିଗତ କାରଣରୁ ବକ୍ସି ଇଂରେଜ ବିରୁଦ୍ଧରେ ଅସ୍ତ୍ର ଧାରଣ କରିବାକୁ ବାଧ ହେଲେ ।

୧୮୧୭ ମସିହା ମାର୍ଚ୍ଚ ମାସର ଘୁମୁସରରେ କନ୍ଧ ଓ ଖୋର୍ଦ୍ଧାର ପାଇକମାନଙ୍କୁ ନେଇ ବକ୍ସି ବାଣପୁରର ସରକାରୀ କାର୍ଯ୍ୟାଳୟ ଓ କୋଷାଗାର ଉପରେ ଆକ୍ରମଣ କଲେ । ସେମାନଙ୍କ ଅତର୍କିତ ଆକ୍ରମଣରେ ମୁକାବିଲା ପାଇ ବାଣପୁରରେ ଅବସ୍ଥାପିତ କମ୍ପାନୀ କର୍ମଚାରୀ ପ୍ରସ୍ତୁତ ନଥିଲେ । ଖୁବ୍‌ଶୀଘ୍ର ବାଣପୁର ବିଦ୍ରୋହୀମାନଙ୍କ ନିୟନ୍ତ୍ରଣକୁ ଆସିଲା । ବାଣପୁରର ଏହି ସଫଳତା ପରେ ଖଜଣା ସଂଗ୍ରହକାରୀ ସର୍ବରକାର ଏବଂ ଅନ୍ୟ ପାରମ୍ପରିକ ନେତୃବର୍ଗ ଯେମିତି ଦଳ ବେହେରା,ବିଷୋୟୀ ଓ ଜମିଦାରମାନେ, ମଧ୍ୟ ବିଦ୍ରୋହରେ ଯୋଗ ଦେଲେ । ବାଣପୁରରେ ବିଦ୍ରୋହୀମାନେ କମ୍ପାନୀ କୋଷାଗାରରୁ ୧୫୦୦୦ ଟଙ୍କା ଲୁଟ୍ କରି ନେଇଥିଲେ ଏବଂ ପ୍ରାୟ ୧୦୦ଜଣ ଇଂରେଜ ସମର୍ଥକଙ୍କୁ ହତ୍ୟା କରିଥିଲେ । ସେମାନଙ୍କ ଆକ୍ରମଣରୁ ଲୁଣ ଏଜେଣ୍ଟ ମିଷ୍ଟର ବେଚର ଅଳ୍ପକେ ରକ୍ଷା ପାଇଲେ । ବଣ ନିଆଁ ଭଳି ବିଦ୍ରୋହ ଖୋର୍ଦ୍ଧା, ଲେମ୍ବାଇ ଏବଂ କୋଠଦେଶ ପ୍ରଗଣାକୁ ବ୍ୟାପିଗଲା । ବିଦ୍ରୋହୀଙ୍କ ସଂଖ୍ୟା ବଢିଲାରୁ ବକ୍ସି ପୁରୀ ଉପରେ ମଧ୍ୟ ଆକ୍ରମଣ କଲେ । ସେତେବେଳେ ଖୋର୍ଦ୍ଧା ରାଜା ଦ୍ୱିତୀୟ ମୁକୁନ୍ଦଦେବ କମ୍ପାନୀଠାରୁ ପେନସନ ଲାଭକରି ପୁରୀଠାରେ ଅବସ୍ଥାପିତ ଥିଲେ ।ବକ୍ସି ତାଙ୍କୁ ବିଦ୍ରୋହର ନେତୃତ୍ୱ ନେବାକୁ ଆହ୍ୱାନ କଲେ । 'ଗଜପତି' ଭାବରେ ଖୋର୍ଦ୍ଧା ରାଜାଙ୍କର ଜନସ୍ୱୀକୃତି ରହିଥିଲା । ସେ ବିଦ୍ରୋହର ନେତୃତ୍ୱ ନେଲେ ସମଗ୍ର ଓଡିଶାରୁ କମ୍ପାନୀ ଶାସନକୁ ଉଚ୍ଛେଦ କରାଯାଇପାରିବ ବୋଲି ତାଙ୍କର ଆଶା ରହିଥିଲା । ବିଦ୍ରୋହୀମାନେ ୧୨ ଏପ୍ରିଲ ୧୮୧୭ରେ ପୁରୀର କଚେରୀ ଓ ଅନ୍ୟାନ୍ୟ ସରକାରୀ କୋଠାଘରକୁ ପୋଡିଦେଲେ ଏବଂ ସହରରେ ଅବସ୍ଥାପିତ ୟୁରୋପୀୟମାନଙ୍କୁ ପୁରୀ ଛାଡି ଚାଲିଯିବାକୁ ବଧ୍ୟ କଲେ । ଅଳ୍ପଦିନ ପାଇଁ ପୁରୀରୁ କମ୍ପାନୀ ଶାସନର ଉଚ୍ଛେଦ ଦେଖିବାକୁ ମିଳିଲା ।

ବିଦ୍ରୋହ ଅଣାୟତ୍ତ ହେବାରୁ ସରକାର ଏପ୍ରିଲ୍ ୧୮୧୭ରେ ପୁରୀ, ବାଣପୁର,ଖୋର୍ଦ୍ଧା,ଲେଂବାଇ,ପିପିଲି ଓ କୋଠଦେଶରେ ସାମରିକ ଆଇନ୍ ଲାଗୁ କଲେ । ପୁରୀରେ ରାଜାଙ୍କ ଉପସ୍ଥିତି ଯୋଗୁଁ ବିଦ୍ରୋହୀମାନେ ବଳ ପାଉଛନ୍ତି ମନେକରି ଏକ ଆଦେଶ ବଳରେ ରାଜାଙ୍କୁ ବନ୍ଦିକରି କଟକ ସ୍ଥାନାନ୍ତରିତ କରାଗଲା । ବାଟରେ ପ୍ରାୟ ୨୫୦୦ ଲୋକ ରାଜାଙ୍କୁ କମ୍ପାନୀ ସେନା ଓ ପୋଲିସ କବଳରୁ ମୁକ୍ତ କରିବା ଲାଗି ଉଦ୍ୟମ କରିଥିଲେ । ମାତ୍ର ପୋଲିସର ଆଧୁନିକ ଅସ୍ତ୍ର ସମ୍ମୁଖରେ ସେମାନଙ୍କ ପାରମ୍ପରିକ ଅସ୍ତ୍ର ଯଥା, ଟାଙ୍ଗିଆ,ବର୍ଚ୍ଛା,ବାଡି,ଠେଙ୍ଗା ଆଦି ଉପଯୋଗୀ ସିଦ୍ଧ ହେଲା ନାହିଁ । ପୁରୀରେ ପୋଲିସ ଗୁଳିରେ ୧୨ଜଣ ବିଦ୍ରୋହୀଙ୍କ ପ୍ରାଣହାନି ଘଟିଲା । ୧୮୧୭ ମେ' ମାସ ବେଳକୁ ବିଦ୍ରୋହ ପ୍ରାୟ ଅବଦମିତ ହୋଇସାରିଥିଲା,ଯଦିଓ କାଁ ଭାଁ କାହିଁ କେଉଁଠି ବିଦ୍ରୋହ ମଧ୍ୟ ଦେଖିବାକୁ ମିଳୁଥିଲା । ଏପ୍ରିଲ ୧୯୧୮ ଯାଏଁ ସାମରିକ ଆଇନ୍ ଅବ୍ୟାହତ ରହିଲା, ଯାହାର ଅର୍ଥ ହେଲା, ପ୍ରାୟ ବର୍ଷେକାଳ ବିଦ୍ରୋହୀ ପାଇକମାନେ ଖୋର୍ଦ୍ଧାରେ ସରକାରଙ୍କ ପାଇଁ ଭୟ ହୋଇ ରହିଥିଲେ ।

ଏକଥା ଅନସ୍ୱୀକାର୍ଯ୍ୟ ଯେ ଖୋର୍ଦ୍ଧା ଥିଲା ପାଇକ ବିଦ୍ରୋହର ମୁଖ୍ୟ କେନ୍ଦ୍ର । ମାତ୍ର ଖୋର୍ଦ୍ଧା ବାହାରେ କୁଜଙ୍ଗ,କନିକା,ଘୁମୁସର,ନୟାଗଡ ଓ ରଣପୁରରେ ମଧ୍ୟ ବିଦ୍ରୋହର କିଛି କିଛି ପ୍ରଭାବ ରହିଥିଲା । କମ୍ପାନୀ ସେନା ସେପ୍ଟେମ୍ବର ୧୮୧୭ରେ କୁଜଙ୍ଗ ଯାଇ ସେଠାକାର ବିଦ୍ରୋହୀ ନେତା ନାରାୟଣ ପରମଗୁରୁ ଏବଂ ବାମଦେବ ପାଟଯୋଷୀଙ୍କୁ ଜବତ କରିବାକୁ ଉଦ୍ୟମ କରିଥିଲେ । ଖୋର୍ଦ୍ଧାରେ ବକ୍ସିଙ୍କ ବ୍ୟତୀତ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ, ଗୋପାଳ ଛୋଟରାୟ ଏବଂ ପିଣ୍ଡିକୀ ବାହୁବଳେନ୍ଦ୍ର ଆଦି ବିଦ୍ରୋହର ପ୍ରମୁଖ ନେତା ଥିଲେ । ବିଦ୍ରୋହ ଦମନ ହେଲାପରେ ବି ପ୍ରବଳ ଜନସମର୍ଥନ ଯୋଗୁଁ ସେମାନଙ୍କୁ ଅନେକ ଦିନ ଯାଏଁ ଗିରଫ କରାଯାଇ ପାରିନଥିଲା । ଶେଷରେ ୧୮୨୫ରେ ସରକାରଙ୍କ ପ୍ରସ୍ତାବରେ ବକ୍ସି ଆତ୍ମସମର୍ପଣ କଲେ ଏବଂ ମାସିକ ୧୫୦ ଟଙ୍କା ପେନ୍‌ସନ ପାଇ ୧୮୨୯ରେ ମୃତ୍ୟୁ ପର୍ଯ୍ୟନ୍ତ କଟକରେ ଅବସ୍ଥାନ କଲେ । ତାଙ୍କର ଘନିଷ୍ଠ ସହଯୋଗୀ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ମଧ୍ୟ ବକ୍ସିଙ୍କ ସାଙ୍ଗରେ ଆତ୍ମସମର୍ପଣ କଲେ ଏବଂ ସରକାରଙ୍କ ଆଦେଶରେ କଟକରେ ନଜରବନ୍ଦି ହୋଇ ରହିଲେ । ଅନ୍ୟ ପ୍ରମୁଖ ବିଦ୍ରୋହୀଙ୍କର ୧୮୧୭ ମସିହା ମେ ମାସରେ ସାମରିକ ଅଦାଲତରେ ବିଚାର ହେଲା । ମୋଟ ୧୬୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଗୋପାଳ ଛୋଟରାଏ,ବିଷ୍ଣୁ ପାଇକରାୟ,ରାମ ସିଂହ,ନରସିଂହ,ନାଥ ପ୍ରଧାନ,ପରଶୁରାମ ପଟ୍ଟନାୟକ ଏବଂ ସଚ୍ଚିଦାନନ୍ଦ ପଟ୍ଟନାୟକଙ୍କୁ ମୃତ୍ୟୁଦଣ୍ଡ ଦିଆଗଲା ଏବଂ ଅନ୍ୟ ୧୦୩ ଜଣଙ୍କୁ ଦୀପାନ୍ତର ଦଣ୍ଡ ଦିଆଗଲା । ମୋଟ ୫୫ଜଣ ବିଦ୍ରୋହୀଙ୍କୁ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରାଗଲା ।

ଖୋର୍ଦ୍ଧା ବିଦ୍ରୋହର କାରଣ ଖୋଜିବା ଲାଗି 'ୱାଲଟର ଇଓ୍ୱର' ନାମକ ଜଣେ ବରିଷ୍ଠ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟୀ ଗଠିତ ହୋଇଥିଲା । 'ଇଓ୍ୱର ରିପୋର୍ଟ' ନାମରେ ପରିଚିତ ଏହି କମିଟିର ରିପୋର୍ଟ ମେ,୧୮୧୮ରେ ଉପସ୍ଥାପିତ ହୋଇଥିଲା । ରିପୋର୍ଟରେ ବିଦ୍ରୋହ ପାଇଁ କମ୍ପାନୀର ପ୍ରଶାସନିକ ଅବ୍ୟବସ୍ଥା, କ୍ଷମତାର ଦୁରୁପଯୋଗ ଏବଂ ଅମଲାତନ୍ତ୍ରରେ ବ୍ୟାପିଥିବା ଦୁର୍ନୀତିକୁ ଦାୟୀ କରାଯାଇଥିଲା । ଏଥିରେ କମ୍ପାନୀର ରାଜସ୍ୱ ନୀତି,କଉଡି ମୁଦ୍ରାର ବିମୁଦ୍ରିକରଣ ଏବଂ କଉଡି ସ୍ଥାନରେ ଟଙ୍କାର ପ୍ରଚଳନ ତଥା ସ୍ଥାନୀୟ ଲବଣ ଶିଳ୍ପର ପତନ ଆଦିକୁ ମଧ୍ୟ ପ୍ରମୁଖ କାରଣ ରୂପେ ଚିହ୍ନିତ କରାଯାଇଥିଲା । କଉଡି ମୁଦ୍ରାକୁ ସରକାର ବନ୍ଦ କରିବା ଯୋଗୁଁ ଲୋକଙ୍କ ପାଖରେ ଗଚ୍ଛିତ ଥିବା କଉଡିର ମୂଲ୍ୟ ହ୍ରାସ ପାଇଲା । ଦେଶୀ ଲବଣ ଶିଳ୍ପ ଯୋଗୁଁ ହଜାର ହଜାର ସ୍ଥାନୀୟ ଲୋକ ରୋଜଗାର ପାଉଥିଲେ । ବିଦେଶରୁ ଲୁଣ ଆମଦାନି ହେବାରୁ ଦେଶୀଲୁଣର କାରବାର ବନ୍ଦ ହେଲା ଏବଂ ସେମାନେ ରୋଜଗାରଶୂନ୍ୟ ହେଲ । ଅର୍ଥାତ୍,କମ୍ପାନୀ ଶାସନରେ ସବୁ ବର୍ଗର ଲୋକ ଅତିଷ୍ଠ ଅନୁଭବ କରୁଥିଲେ । ପାଇକମାନେ ବିଦ୍ରୋହ କରିବାରୁ ସେମାନେ ସମସ୍ତେ ପାଇକମାନଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ଜଣାଇଲେ । ସେହି ଦୃଷ୍ଟିରୁ ବିଚାର କଲେ ଖୋର୍ଦ୍ଧା ବିଦ୍ରୋହର ଛାମୁଆ ବାହିନୀ ଥିଲେ ପାକଇମାନେ ଏବଂ ସମ୍ପୃକ୍ତି ରହିଥିଲା ଆଉ ଅନେକ ସାମାଜିକ ବର୍ଗର ।

ଭାରତର ଔପନିବେଶିକ କାଳଖଣ୍ଡରେ ଖୋର୍ଦ୍ଧା ବିଦ୍ରୋହ ହେଲା ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ । ଇଂରେଜମାନେ ଓଡିଶା ଅଧିକାର କଲାପରେ ଓଡିଶାର ଲୋକ ମଧ୍ୟ ଉପନିବେଶବାଦର ତୀବ୍ର ବିରୋଧ କରିଥିଲେ; କମ୍ପାନୀର ଜନ ବିରୋଧୀ ନୀତିକୁ ସହ୍ୟ କରି ନଥିଲେ । ତେଣୁ, ବିଦ୍ରୋହର କ୍ରୁର ଦମନ ସତ୍ତ୍ୱେ ବିଦ୍ରୋହ ଏକ ମହାନ୍

ପରମ୍ପରାକୁ ଜୀବିତ ରଖିଲା । ପରବର୍ତ୍ତୀ ସମୟରେ ଏହା ଲୋକଙ୍କ ପାଇଁ ପ୍ରେରଣା ମଧ୍ୟ ଯୋଗାଇଥିଲା । ଏହି କାରଣରୁ ଜାତୀୟତା ଆନ୍ଦୋଳନ ସମୟରେ ମଧ୍ୟ ଖୋର୍ଦ୍ଧାର ଭୂମିକା ଖୁବ୍ ମହତ୍ତ୍ୱପୂର୍ଣ୍ଣ ଥିଲା ।

**ସାନ୍ତାଳ ବିଦ୍ରୋହ:-**

ବ୍ରିଟିଶ ଶାସନ ବ୍ୟବସ୍ଥାର ମୁଖ୍ୟ ଚରିତ୍ର ଥିଲା ଔପନିବେଶିକ ଢାଞ୍ଚା । ଏପରି ବ୍ୟବସ୍ଥାରେ ଆଦିବାସୀମାନେ ଶୋଷିତ ଓ ଅତ୍ୟାଚାରିତ ଥିଲେ । ବର୍ତ୍ତମାନର ଝାଡ଼ଖଣ୍ଡର ଛୋଟନାଗପୁର ଅଞ୍ଚଳ ପାହାଡ-ପର୍ବତ ବଣଜଙ୍ଗଲ ମଧ୍ୟରେ ସାନ୍ତାଳ ଆଦିବାସୀ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ କୃଷି କରି ଜୀବିକା ଯାପନ କରୁଥିଲେ । କମ୍ପାନୀ ଶାସନ କାଳରେ ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀରେ ସାହୁକାର,ବଣିକ ଓ ବେପାରୀ ଆଦିବାସୀଙ୍କୁ ଋଣ ଦେଇ ୫୦ ରୁ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ଚଢ଼ା ସୁଧ ଆଦାୟ କରୁଥିଲେ । ଫଳରେ ଆଦିବାସୀ ଋଣ ପରିଶୋଷ କରିପାରୁନଥିଲେ ଓ ବଦଳରେ ଜମି,ଧନ, ସମ୍ପତ୍ତି ହରାଉଥିଲେ । ସାନ୍ତାଳ ଆଦିବାସୀ ମାନଙ୍କ ବସବାସ କରୁଥିବା ମଙ୍ଗିର, ହଜାରୀବାଗ, ବାଙ୍କୁରା, ବୀରଭୂମ୍ ,ସିଂହଭୂମ୍ ଅଞ୍ଚଳରେ ସାହୁକାର, ବଣିକଙ୍କ ବ୍ୟତୀତ ମଧ୍ୟସ୍ଥି ଜମିଦାର ମାନେ ନିଷ୍ଠୁର ଭାବେ ସାନ୍ତାଳଙ୍କୁ ଶୋଷଣ କରୁଥିଲେ । ସାନ୍ତାଳମାନେ ବେଠି ଖଟିବାକୁ ବାଧ୍ୟ ହେଉଥିଲେ ସେମାନଙ୍କ ମା,ଭଉଣୀ ଯୌନ ଶୋଷଣର ଶୀକାର ହେଉଥିଲେ । ସାନ୍ତାଳ ବିଦ୍ରୋହ ସାହୁକାର, ବଣିକ ଓ ଜମିଦାରଙ୍କ ଶୋଷଣ ବିରୋଧରେ ଆରମ୍ଭ ହୋଇଥିଲା ୧୮୫୪ ଖ୍ରୀଷ୍ଟାବ୍ଦରେ । ପ୍ରଥମେ ସେମାନେ ସାହୁକାର ଓ ବଣିକଙ୍କ ଅସତ ଉପାୟରେ ଉପାର୍ଜିତ ଧନ ସମ୍ପତ୍ତି ଉପରେ ଆକ୍ରମଣ କରିଥିଲେ । ବ୍ରିଟିଶ ଶାସନ କଳ ଆଇନ ଶୃଙ୍ଖଳା ନାମରେ ସାନ୍ତାଳମାନଙ୍କୁ ବନ୍ଦି କଲା ଓ ଶୋଷକ ସାହୁକାର ବଣିକ ଜମିଦାରଙ୍କ ସୁରକ୍ଷା ପ୍ରଦାନ କଲା । ତେଣୁ ସାନ୍ତାଳ ଆଦିବାସୀ ବ୍ରିଟିଶ ଉପନିବେଶର ପ୍ରତୀକ ପୋଲିସ, ଗୋରା ଅଫିସର,ରେଲୱେ ଇଞ୍ଜିନିୟର ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ ।

ସାନ୍ତାଳମାନେ ଘୋଷଣାକଲେ ଯେ ସେମାନଙ୍କ ଠାକୁର ବା ଭଗବାନ ସେମାନଙ୍କୁ କ୍ଷମତା ଦେଇଛି ଦେଶର ଭୂରାଜସ୍ୱ ଓ ସୁଧ ଦର ନିର୍ଣ୍ଣୟ କରିବା ପାଇଁ । ସେମାନଙ୍କ ନେତା ସିଧୁ ଓ କାହ୍ନୁ ଘୋଷଣା କଲେ ଯେ ସାନ୍ତାଳ ଠାକୁର ସେମାନଙ୍କୁ ଆଦେଶ ଦେଇଛନ୍ତି ଶୋଷକ ବିରୋଧରେ ଛିଡାହୋଇ ଶୋଷଣର ବିରୋଧ କରିବାକୁ । ୩୦ଜୁନ୍ ୧୮୫୫ରେ ଭାଗାଡିହି ଠାରେ ଦଶହଜାର ସାନ୍ତାଳଙ୍କ ସମାବେଶରେ ସିଧୁ ଓ କାହ୍ନୁ ଠାକୁର ଭଗବାନଙ୍କ ଐଶ୍ୱରୀୟ ଆଦେଶ ଘୋଷଣା କଲେ ଯେ ଶୋଷିତଙ୍କ କବଳରୁ ମୁକ୍ତ ହେବାକୁ ପଡିବ ଓ ଏଥିରେ ଠାକୁର ଭଗବାନ ନିଜେ ଲଢେଇ କରିବେ ସନ୍ତାଳଙ୍କ ସପକ୍ଷରେ । ଏହାପରେ ସାନ୍ତାଳ ବିଦ୍ରୋହ ବ୍ୟାପକ ହେଲା । ସେମାନେ ବିଭିନ୍ନ ଗ୍ରାମରୁ ପୂର୍ବରୁ ସୂଚନା ଦେଇ ସାହୁକାର, ବଣିକ ,ଜମିଦାରଙ୍କୁ ଆକ୍ରମଣ କଲେ । ସେମାନେ ଏକ ସମାନ୍ତରାଳ ସରକାର ସ୍ଥାପନ କଲେ । ୧୮୫୫-୫୬ରେ ପ୍ରାୟ ୬ମାସ ପର୍ଯ୍ୟନ୍ତ ସାନ୍ତାଳଙ୍କ ଆଦେଶ ପାଳନ ହେଲା । ଜମିଦାର ଓ ବ୍ରିଟିଶ ସରକାରଙ୍କ ଉପରେ ବିଦ୍ରୋହୀ ଚାପ ପ୍ରୟୋଗ କରି ରଖିଲେ । ବ୍ରିଟିଶ ଶାସନ କାଳ ସେ ଅଞ୍ଚଳରେ ସାମରିକ ଆଇନ ଲାଗୁକଲେ ଓ ଜମିଦାରଙ୍କ ପ୍ରତ୍ୟକ୍ଷ ସାହାଯ୍ୟରେ ସାନ୍ତାଳ ବିଦ୍ରୋହକୁ ଦମନ କଲେ । ସାନ୍ତାଳ ବିଦ୍ରୋହୀମାନଙ୍କ ଧନୁତୀର ବ୍ରିଟିଶ ସେନା ଓ ପୋଲିସର ଆଧୁନିକ ଅସ୍ତ୍ରଶସ୍ତ୍ର ସାମନାରେ ବିଫଳ ହେଲା । ସାନ୍ତାଳନମାନେ ଇଂରେଜଙ୍କର ଦମନର ଶିକାର ହେଲେ । ଶହ ଶହ ସାନ୍ତାଳମାନଙ୍କ ଘର ଓ ଗାଁକୁ ପୋଡି ଦିଆଗଲା । ପ୍ରାୟ ୧୫୦୦୦ ସାନ୍ତାଳ ବିଦ୍ରୋହୀ ପ୍ରାଣବଳୀ ଦେଲେ ।

# The Great Indian Revolt of 1857
## ୧୮୫୭ ମହାନ୍ ଭାରତୀୟ ବିଦ୍ରୋହ

ଉତ୍ତର ଓ ମଧ୍ୟ ଭାରତରେ ବ୍ରିଟିଶ ଶାସନ ବିରୋଧରେ ୧୮୫୭ ମସିହାରେ ଏକ ଜନପ୍ରିୟ ଶକ୍ତିଶାଳୀ ମହାସଂଗ୍ରାମ ସଂଗଠିତ ହୋଇଥିଲା ଯାହାକି ବ୍ରିଟିଶ ଶାସନକୁ କିଛିଦିନ ପାଇଁ ଉଚ୍ଛେଦ କରିଦେଇଥିଲା । ଏହି ସଂଗ୍ରାମ ବ୍ରିଟିଶ ସୈନ୍ୟ ଦଳର ସିପାହୀଙ୍କ ବିଦ୍ରୋହରୁ ଆରମ୍ଭ ହୋଇ ଅଳ୍ପ ସମୟ ମଧ୍ୟରେ ଖଜଣା ଭାରରେ ଭାରାକ୍ରାନ୍ତ ଚାଷି, କ୍ଷତିଗ୍ରସ୍ତ କାରୀଗର, ଓ ଗାଦିଚ୍ୟୁତ ଜମିଦାର ପ୍ରତ୍ୟକ୍ଷ ଭାବରେ ଯୋଗଦେଲେ ଓ ବିଦ୍ରୋହ ବ୍ୟାପକ ଅଞ୍ଚଳକୁ ବ୍ୟାପ୍ତ ହେଲା । ଲୋକଙ୍କ ସାହାସ ଓ ବଳୀଦାନର ଏକ ଗୌରବମୟ ଭାରତୀୟ ଇତିହାସ ଅଧ୍ୟାୟ ସୃଷ୍ଟି କଲା ।

**କାରଣ:-** ଜନ ଅସନ୍ତୋଷର ମୁଖ୍ୟ କାରଣ ଥିଲା ବ୍ରିଟିଶ କମ୍ପାନୀ ଦ୍ୱାରା ଭାରତର ଅର୍ଥନୈତିକ ଶୋଷଣ ଏବଂ ଭାରତୀୟ ଅର୍ଥନୈତିକ ମୂଳଦୁଆର ଧ୍ୱଂସ । ଏହା ଦ୍ୱାରା ଚାଷି,ଶ୍ରମିକ, କାରୀଗର,ହସ୍ତଶିଳ୍ପି ଓ ଜମିଦାରଙ୍କୁ ଦରିଦ୍ର କରିଦେଲା । ବ୍ରିଟିଶ ଜମି ରାଜସ୍ୱ ନୀତି, ଶାସନ ନୀତି ସାହୁକାର ଓ ନୂତନ ଜମିଦାରଙ୍କୁ ସୁବିଧା ସୁଯୋଗ ଓ ନିରାପତ୍ତା ଦେଲା ମାତ୍ର ପ୍ରକୃତ ଜମି, ମାଲିକଙ୍କୁ ଋଣଗ୍ରସ୍ତ କରି ଅସହାୟ ଓ ଆଶାହୀନ କରିଦେଲା । ପୋଲିସ, ଛୋଟ ଅଫିସର, କୋଟକଚେରୀ, ସହିତ ଦୁର୍ନୀତି ଓ ଲାଞ୍ଚ ସର୍ବସାଧାରଣଙ୍କୁ ବ୍ୟତିବ୍ୟସ୍ତ କରିଦେଲା ଓ ବିଦ୍ରୋହ ସାମିଲ ହେବାପାଇଁ ଖୋରାକ ଯୋଗାଇଲା ।

ବିଦେଶୀ ବ୍ରିଟିଶ ଶାସକ ଭାରତରେ ଲୋକଙ୍କ ସହିତ ମିଶି ପାରିଲେ ନାହିଁ ଓ ଇଂଲଣ୍ଡକୁ ମାତୃଭୂମି କହିଲେ ଓ ନିଜକୁ ଅଜେୟ ଭାବିଲେ । ବ୍ରିଟିଶ ସୈନ୍ୟଦଳ କିନ୍ତୁ ପ୍ରଥମ ଆଫଗାନ ଯୁଦ୍ଧ (୧୮୩୮-୪୨), ପଞ୍ଜାବ ଯୁଦ୍ଧ (୧୮୪୫-୪୯) ଓ କ୍ରିମିଆ ଯୁଦ୍ଧ (୧୮୫୫),ର ପରାଜିତ ହୋଇ ତାଙ୍କର ଅଜେୟ ବାହୁସ୍ଫୋଟ ହରାଇଲେ । ଲୋକଙ୍କ ମନରେ ବିଶ୍ୱାସ ଆସିଲା ଯେ ବ୍ରିଟିଶ ଶାସନର ଅନ୍ତ ଆସୁଛି ଓ ବିଦ୍ରୋହ ପାଇଁ ଶକ୍ତି ବାନ୍ଧିଲେ ।

ଲର୍ଡ ଡେଲ ହାଉସୀଙ୍କ ଅନ୍ୟରାଜ୍ୟ ଅଧିକାର ନୀତି ଓ ବିଶେଷକରି ୧୮୫୬ ଖ୍ରୀଷ୍ଟାବ୍ଦରେ ଅବଧ ରାଜ୍ୟ ଅଧିକାର ବ୍ୟାପକ ରୂପେ ଅସନ୍ତୋଷ ସୃଷ୍ଟି କରିଥିଲା ଓ କମ୍ପାନୀର ସୈନ୍ୟଦଳକୁ ବ୍ୟାପିଥିଲା । କାରଣ କମ୍ପାନୀ ସୈନ୍ୟଦଳର ଅଧିକାଂଶ ସିପାହୀ ଅବଧ ଅଞ୍ଚଳରୁ ଥିଲେ । ବ୍ରିଟିଶ କମ୍ପାନୀକୁ ସାହାଯ୍ୟ କରିଥିଲେ ଭାରତର ଅନ୍ୟ ଅଞ୍ଚଳ ଯୁଦ୍ଧରେ ଜିଣିବା ପାଇଁ । ବ୍ରିଟିଶ ଅବଧ ଅଞ୍ଚଳ ଅଧିକାର ଫଳରେ ସେମାନଙ୍କୁ ଉଚ୍ଚ ମୂଲ୍ୟରେ କର ରାଜସ୍ୱ ଦେବାକୁ ପଡିଲା । ନିଜ ବାପା,ଭାଇ,କୁଟୁମ୍ବଙ୍କ ଜମିଜମା କ୍ଷତିଗ୍ରସ୍ତ ହେଲା ଯଦିଓ ସେମାନେ ବ୍ରିଟିଶ କମ୍ପାନୀକୁ ଭାରତର ଅନ୍ୟ ଅଞ୍ଚଳ ଅଧିକାର କରି ଯୁଦ୍ଧରେ ଲଢିଥିଲେ କିନ୍ତୁ ନିଜ ଅଞ୍ଚଳରେ ବ୍ରିଟିଶ ଅଧିକାରକୁ ସହଜରେ ଗ୍ରହଣ କରିପାରିନଥିଲେ ।

ଅଓଧ ଅଧିକାର ପଛରେ ଡେଲହାଉସୀଙ୍କ ଯୁକ୍ତି ଥିଲା ଯେ ଅଓଧ ନୱାବ ଓ ତାଲୁକଦାରଙ୍କ ଅତ୍ୟାଚାର ଓ ଦମନ ଶାସନ କିନ୍ତୁ ଅଧିକାର ପରେ କମ୍ପାନୀ ଶାସନରେ ମଧ୍ୟ ଅତ୍ୟାଚାର ଦମନରୁ ମୁକ୍ତି ମିଳିଲାନାହିଁ । ବରଂ ଚଢା ଦରରେ ଭୂରାଜସ୍ୱ ଓ ଖାଦ୍ୟ,ଘର,ଅଫିସ,ନ୍ୟାୟ ଓ ନଦୀପାରି ପାଇଁ ନୂତନ କର ଦେବାକୁ ପଡିଲା । ନୱାବଙ୍କ ଦରବାର ବରଖାସ୍ତ କଲା ବ୍ରିଟିଶ ସରକାର । ଫଳସ୍ୱରୂପ ନୱାବଙ୍କ ଅଫିସର,ସମ୍ଭ୍ରାନ୍ତ,ଭଦ୍ରଲୋକ ଓ ସେମାନଙ୍କ

ସହଯୋଗୀ ଓ ସୀପାହୀ ନିଜର ଜୀବିକା ହରାଇ ବେକାର ହୋଇଗଲେ । ପ୍ରତ୍ୟେକ ଚାଷି ଘର ପ୍ରଭାବିତ ହେଲା । ବ୍ୟବସାୟୀ,ଦୋକାନୀ,ହସ୍ତଶୀଳୀ କ୍ଷତିଗ୍ରସ୍ତ ହେଲେ । ବ୍ରିଟିଶ ଅଧିକାଂଶ ତାଲୁଗଦାରଙ୍କ ଇଲାକା ବା ଭୂସମ୍ପତ୍ତିକୁ ବ୍ୟାଜ୍ୟାପ୍ତ କଲେ । ଏମାନେ ବ୍ରିଟିଶ ଶାସନକୁ ତୀବ୍ର ବିରୋଧ କଲେ । ଲିଖିତ ମୌଖିକ ଭାବରେ ବ୍ରିଟିଶ ପ୍ରଶାସନ ନିଜକୁ ସ୍ଥାନୀୟ ରାଜାବନ୍ଧୁ ଓ ସୁରକ୍ଷା ପ୍ରଦାନକାରୀ କହି ନିଜର ପ୍ରତିଶ୍ରୁତି ବାରମ୍ବାର ଭାଙ୍ଗିଲା ଓ ସ୍ୱାଧିନ ପ୍ରଦେଶକୁ ଅଧିକାର କଲା । ତାଦ୍ୱାରା ଏକ ସନ୍ଦେହକ ଓ ଶଙ୍କାର ପରିବେଶ ସୃଷ୍ଟି ହେଲା । ସ୍ଥାନୀୟ ରାଜାଙ୍କ ମଧ୍ୟରେ ବ୍ରିଟିଶ ସରକାର ନାନା ସାହେବଙ୍କୁ ପ୍ରତିଶ୍ରୁତି ଦେଇଥିବା ପେନସନ ଦେବା ବନ୍ଦ କଲା ୧୮୫୫ରେ ରାଣୀ ଝାନ୍ସି ବାଇଁଙ୍କୁ ପୌଷ୍ୟପୁତ୍ରଙ୍କୁ ଗାଦିସୀନ କରିବାକୁ ଦେଲା ନାହିଁ, ୧୮୪୯ ମସିହାରେ ଡେଲହାଉସୀ ଘୋଷଣା କଲେ ଯେ ଭାରତର ମୋଗଲ ସମ୍ରାଟ ବାହାଦୁର ଶାହାଙ୍କ ପରେ ତାଙ୍କ ବଂଶଧର ମାନେ ଐତିହାସିକ ଏକ ଛୋଟିଆ ସାଧାରଣ ଘରେ ରହିବେ ।୧୮୫୬ ମସିହାରେ ଭାଇରାୟ କେନିଙ୍ଗ ଘୋଷଣା କଲେ ଯେ ବାହାଦୁର ଶାହାଙ୍କ ମୃତ୍ୟୁ ପରେ ତାଙ୍କର ବଂଶଧର ସମ୍ରାଟରର ଉପାଧି ହରାଇବେ ଓ କେବଳ ରାଜବଂଶଧର ବୋଲି ପରିଚୟ ଦେବେ ।

**ଭାରତରେ କାୟା ବିସ୍ତାର:-** ବ୍ରିଟିଶ କମ୍ପାନୀର ଭାରତରେ କାୟାବିସ୍ତାର ସହିତ ଖ୍ରୀଷ୍ଟିୟାନ ମିଶନାରୀ ମାନଙ୍କ କାର୍ଯ୍ୟ କଳାପ ସ୍କୁଲ,ହସପିଟାଲ, ଜେଲ ଏବଂ ବଜାରମାନଙ୍କରେ ବ୍ୟାପକ ରୂପେ ଦେଖାଦେଲା । ସେମାନେ ଧର୍ମାନ୍ତରୀକରଣ ସହିତ ହିନ୍ଦୁ ଓ ଇସଲାମ ଧର୍ମକୁ ନୀଚ ଦେଖାଇବାକୁ ଚେଷ୍ଟା କଲେ ସର୍ବସାଧାରଣରେ ଖୋଲାଖୋଲି ଭାବେ ଭାରତୀୟ ପ୍ରଥା ଓ ପରମ୍ପରାକୁ ପରିହାସ କଲେ ଓ ବିରୁଦ୍ଧରେ କହିଲେ । ଭାରତୀୟ ଲୋକେ ମିଶନାରୀ ମାନଙ୍କ କାର୍ଯ୍ୟକଳାପକୁ ସନ୍ଦେହ କଲେ ଏବଂ ସେମାନଙ୍କ ସନ୍ଦେହ ଦୃଢ ହେଲା ଯେତେବେଳେ କମ୍ପାନୀ ଅଫିସର,ପୋଲିସ ମିଶନାରୀଙ୍କୁ ସୁରକ୍ଷା ଯୋଗାଇଲେ । ବ୍ରିଟିଶ ସରକାର ସରକାରୀ ଖଜଣାରୁ ଖର୍ଚ୍ଚ କରି ଖ୍ରୀଷ୍ଟିୟାନ ଚେପଲିନ୍ ବା ପାଦ୍ରିମାନଙ୍କୁ ସୈନ୍ୟଦଳରେ ରଖିଲା । ୧୮୫୦ ମସିହାରେ ଆଇନ ପ୍ରଣୟନ କରି ଧର୍ମାନ୍ତରୀତ ଖ୍ରୀଷ୍ଟିୟାନଙ୍କ ପୈତୃକ ସମ୍ପତ୍ତି ପାଇବାର ଅଧିକାର ଦେଲା । କେତେକ ବ୍ରିଟିଶ ଅଫିସର ଖ୍ରୀଷ୍ଟିୟାନ ଧର୍ମର ନିଜେ ପ୍ରଚାର କଲେ ଓ ମିଶନାରୀମାନଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ ଦେଲେ । ଏ ସମସ୍ତ କାର୍ଯ୍ୟକଳାପ ଭାରତୀୟମାନଙ୍କ ମଧ୍ୟରେ ଭୟଜାତ କଲା ଯେ ସେମାନଙ୍କର ନିଜର ଧର୍ମ ନଷ୍ଟ ହେବ । ଏହି ସମୟ ବ୍ରିଟିଶ ଶାସକ ଅନ୍ୟାନ୍ୟ କାରଣ ତଥା ଦୃଷ୍ଟିକୋଣରୁ କେତେକ ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କଲେ ଭାରତୀୟ ସଂସ୍କାରକଙ୍କ ସାହାଯ୍ୟରେ ଯଥା । ସତୀଦାହ ପ୍ରଥା,ବାଲ୍ୟ ବିବାହ ପ୍ରଥା, ମେରିଆ ବଳି ପ୍ରଥାର ଦମନ ଓ ବିଧବା ବିବାହ ନାରୀ ଶିକ୍ଷାର ପ୍ରଚଳନ । କିନ୍ତୁ କେତେ ରକ୍ଷଣଶୀଳ ଭାରତୀୟ ଭାବିଲେ ଯେ ଏକ ବିଦେଶୀ ଖ୍ରୀଷ୍ଟିୟାନ ସରକାରର ଭାରତୀୟ ସଂସ୍କୃତି ଓ ସାମାଜିକ ପ୍ରଥାରେ ହସ୍ତକ୍ଷେପ ଓ ସଂସ୍କାର ଆଣିବା କୌଣସି ଅଧିକାର ନାହିଁ । ଭାରତୀୟ ଧାର୍ମିକ ଆସ୍ଥା ଆଘାତ ପାଇଲା ଯେତେବେଳେ ମନ୍ଦିର ଓ ମସଜିଦର ଜମି ଉପରେ ଭୂରାଜସ୍ୱ ବସାଗଲା । ପୁରୋହିତ ଓ ମୌଲାମାନେ କହିଲେ ଏ ପଦକ୍ଷେପ ତାଙ୍କର ଧର୍ମକୁ ନିମ୍ନ ଦେଖାଇ ଅପମାନିତ କରୁଛି ।

ଏ ସମସ୍ତ ଅସନ୍ତୋଷ ଥିଲା ବିଭିନ୍ନ ସ୍ତରରେ କିନ୍ତୁ ସର୍ବ ପ୍ରଥମେ ବ୍ରିଟିଶ ବିରୋଧରେ ବିଦ୍ରୋହ କରିଥିଲେ ସିପାହୀ ୧୮୫୭ ମସିହାରେ । କାହିଁକି ହଠାତ୍ ସିପାହୀ ବିଦ୍ରୋହ କଲେ ଯଦିଓ ସେମାନଙ୍କ ବିଶ୍ୱସ୍ତ ସେବା ବଳରେ

ବ୍ରିଟିଶ ଭାରତରେ କାୟା ବିସ୍ତାର କରିଥିଲା ? କାରଣ ସେମାନେ ବ୍ରିଟିଶ ସରକାରଙ୍କ ପ୍ରତି ବିଶ୍ୱସ୍ତ ଥିବା ସତ୍ତ୍ୱେ ଅନ୍ୟାନ୍ୟ ଭାରତୀୟଙ୍କ ପରି ମଧ୍ୟ ଇଂରେଜ ଶାସନର କୁଫଳର ଶୀକାର ଥିଲେ ଓ ଯନ୍ତ୍ରଣା ଭୋଗ କରୁଥିଲେ ।

ବ୍ରିଟିଶ ଶାସନର ଫଳସ୍ୱରୂପ ତାଙ୍କୁ ନିଜ ବାପା,ମା,ଭାଇ,ବନ୍ଧୁ,କୁଟୁମ୍ବଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲା । ସେମାନେ କ୍ଷତିଗ୍ରସ୍ତ ହେଲେ, ଯନ୍ତ୍ରଣା ପାଇଲେ । ଫଳରେ ପରୋକ୍ଷରେ ଓ ପ୍ରତ୍ୟକ୍ଷରେ ସିପାହୀ ମାନେ ମଧ୍ୟ ପ୍ରଭାବିତ ହେଲେ । ପ୍ରତ୍ୟେକ ସିପାହୀଙ୍କ ନିଜ ନିଜ ଜାତି,ଧର୍ମ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଥିଲା । ସେମାନେ ଭାବିଲେ ଯେ ବ୍ରିଟିଶ ସରକାର ଖ୍ରୀଷ୍ଟିୟାନ ପ୍ରଚାରକଙ୍କ ମାଧ୍ୟମରେ ସେମାନଙ୍କ ଜାତି, ଧର୍ମ ନଷ୍ଟ କରିବାକୁ ଚେଷ୍ଟା କରୁଛି ଓ ନିଜ ନିଜ ଜାତି ଓ ଧର୍ମର ପ୍ରତୀକ ଚିହ୍ନ ବ୍ୟବହାର କରିବାକୁ ପ୍ରତିବନ୍ଧକ ଲଗାଇଛି । ଯଥା ସିପାହୀମାନଙ୍କ ତିଲକ ଲଗାଇବା ପଗଡି ପିନ୍ଧିବା, ଦାଢି ରଖିବା ମନା ଥିଲା । ୧୮୫୬ ମସିହାରେ ଆଇନ ବଳରେ ସିପାହୀମାନଙ୍କୁ ସମୁଦ୍ର ଆରପାରିରେ କାମ କରିବାକୁ ବାଧ୍ୟତାମୂଳକ କରାଗଲା । ସେ ସମୟରେ ଭାରତୀୟ ମାନେ ସମୁଦ୍ର ପାରୀକୁ ଯିବାକୁ ଧର୍ମ, ଜାତି ନଷ୍ଟ ବୋଲି ବିଶ୍ୱାସ କରୁଥିଲେ ।

ସିପାହୀଙ୍କ ବହୁ ଅନ୍ୟାନ୍ୟ ଅଭିଯୋଗ ଥିଲା ବ୍ରିଟିଶ ଅଫିସରଙ୍କ ବିରୋଧରେ । ଅଫିସରମାନେ ସିପାହୀକୁ ଘୃଣା ଦୃଷ୍ଟିରେ ଦେଖୁଥିଲେ ଓ କଥା କଥାରେ ତାଚ୍ଛଲ୍ୟ କରୁଥିଲେ, ଅଭଦ୍ର ଭାଷାରେ ଗାଳି ଦେଉଥିଲେ । ଯଦିଓ ଭାରତୀୟ ସୀପାହୀ କେଉ ଗୁଣରେ ୟୁରୋପୀୟ ସିପାହୀଠୁ କମ ନଥିଲେ କି କମ କାମ କରୁନଥିଲେ ତଥାପି କମ ଦରମା ପାଉଥିଲେ, ନିମ୍ନମାନର ଖାଦ୍ୟ ମିଳୁଥିଲା ଓ ନିମ୍ନମାନର ବାସ ଗୃହରେ ରହିବାକୁ ଦିଆହଉଥିଲା । ଭାରତୀୟ ସିପାହୀଙ୍କ ପଦୋନ୍ନତି ମଧ୍ୟ ସୀମତି ଥିଲା ୬୦କିମ୍ବା ୭୦ ଟଙ୍କା ପାଉଥିଲେ ସୁବେଦାର ପଦବୀ ପର୍ଯ୍ୟନ୍ତ । ସିପାହୀର ଜୀବନ ଅତି କଷ୍ଟକର ଥିଲା । ଏ ସମସ୍ତ କାରଣରୁ ସିପାହୀମାନେ କ୍ଷୁବ୍ଧ ଥିଲେ ଓ କ୍ଷୋଭ ପ୍ରକାଶ କରୁଥିଲେ ।

ଆଗରୁ ସିପାହୀଙ୍କୁ ସିନ୍ଧ କିମ୍ବା ପଞ୍ଜାବ ପ୍ରଦେଶରେ କାମ ପାଇଁ ପଠାଇଲେ ବୈଦେଶିକ ସେବା ପାଉଣା ବା ଭତ୍ତା ପାଉଥିଲେ କିନ୍ତୁ ୧୮୫୬ ମସିହାରେ କମ୍ପାନୀ ସିପାହୀଙ୍କ ଭତ୍ତା ବନ୍ଦ କରିଦେଲା ଏତଦ୍ୱାରା ସିପାହୀଙ୍କ ଦରମା ବହୁ ମାତ୍ରାରେ କମିଗଲା । ଯେଉ ସମୟରେ ବ୍ରିଟିଶ କଳେବଳେ କୌଶଳେ ଅଓ୍ୱଧ ଅକ୍ତିଆର କଲେ ସିପାହୀଙ୍କ କ୍ଷୋଭ ଦ୍ୱିଗୁଣିତ ହେଲା କାରଣ ଅଧିକାଂଶ ସିପାହୀ ଅଓ୍ୱଧ ଅଞ୍ଚଳରୁ ଥିଲେ ।

**ଆଶୁକାରଣ**

ବ୍ରିଟିଶ ସାମ୍ରାଜ୍ୟବାଦୀ ଶୋଷଣ ନୀତି ବିରୋଧରେ ଜନ ଅସନ୍ତୋଷର ଚରମ ପରିଣତି ହେଉଛି ୧୮୫୭ର ସିପାହୀ ବିଦ୍ରୋହ । ଅବରୁଦ୍ଧ ଅସନ୍ତୋଷ ଜଳିବାପାଇଁ କେବଳ ଏକ ସ୍ଫୁଲିଙ୍ଗର ଆବଶ୍ୟକ ଥିଲା ଏବଂ ତାହା ଆସିଲା ବ୍ରିଟିଶ ସରକାର ପ୍ରଚଳନ କରିଥିବା ଗ୍ରୀଜ୍ କେଟ୍ରିଜ୍ ବ୍ୟବହାରର ପଦ୍ଧତିକୁ ନେଇ । ଏନଫିଲଡ୍ ରାଇଫଲ ବନ୍ଧୁକର କାର୍ତୁସ୍ ଗୁଳି ଗ୍ରୀଜ ବୋଳା କାଗଜ ଆବରଣରେ ଆସିଲା ଓ ସେ ଆବରଣକୁ ରାଇଫଲ ବନ୍ଧୁକରେ ଭର୍ତ୍ତି କରାଯିବାକୁ ପଡିଲା । ଗ୍ରୀଜ୍ ତିଆରିରେ ସାଧାରଣତଃ ଚର୍ବି ଏକ ଉପାଦାନ ଓ ସୈନ୍ୟ ଦଳରେ ପ୍ରଚାର ହେଲା ଯେ ହିନ୍ଦୁ ଓ ମୁସଲମାନ ସୈନିକଙ୍କ ଧର୍ମ ନଷ୍ଟ କରିବା ପାଇଁ ଗ୍ରୀଜ୍ ବୋଲି କାଗଜ ଆବରଣରେ ଗାଈ ଓ ଘୁଷୁରୀର ଚର୍ବି ବ୍ୟବହାର ହୋଇଛି । ଅନେକ ବିଶ୍ୱାସ କଲେ ଯେ ବ୍ରିଟିଶ ସରକାର ଜାଣିଶୁଣି ଭାରତୀୟଙ୍କ ଧର୍ମ ନଷ୍ଟ କରୁଛି ଓ ସମୟ ଆସିଯାଉଛି ବିଦ୍ରୋହ କରିବାର ।

ବିଦ୍ରୋହ ଆରମ୍ଭ ହୋଇଥିଲା ଦିଲ୍ଲୀଠାରୁ ୫୮ କିଲୋମିଟରେ ଦୂରରେ ଅବସ୍ଥିତ ମିରଟ ଠାରେ ୧୮୫୭ ମସିହା ମେ ୧୦ ତାରିଖରୁ ଆରମ୍ଭ ହୋଇ ଅଳ୍ପ ସମୟ ଭିତରେ ସାରା ଉତ୍ତରରେ ପଞ୍ଜାବଠାରୁ ଦକ୍ଷିଣରେ ନର୍ମଦା ପର୍ଯ୍ୟନ୍ତ ଓ ପଶ୍ଚିମରେ ରାଜସ୍ଥାନଠାରୁ ପୂର୍ବରେ ଓଡିଶା-ବିହାର ପର୍ଯ୍ୟନ୍ତ ।

ମଙ୍ଗଳ ପାଣ୍ଡେ ନାମକ ଜଣେ ଯୁବ ସୈନିକ ନିଜ ଉପରିସ୍ଥ ଅଫିସରଙ୍କ ଅସଭ୍ୟ ବ୍ୟବହାରରେ କ୍ଷୁବ୍ଧ ହୋଇ ପ୍ରଥମ ବିଦ୍ରୋହର ସ୍ୱର ଉଠାଇଲେ । ତାଙ୍କୁ ୨୯ ମାର୍ଚ୍ଚ ୧୮୫୭ ଦିନ ବଙ୍ଗଳାର ବେରକପୁରଠାରେ ଫାସି ଦିଆଗଲା । ସେ ସୈନ୍ୟମାନଙ୍କ ମଧ୍ୟରେ ପ୍ରଥମ ସହୀଦ ହେଲେ ଦେଶ ଓ ଜାତି ପାଇଁ । ତାପରେ ୨୪ ଏପ୍ରିଲ୍ ୧୮୫୭ରେ ୯୦ ଜଣ ସୈନିକ ମନା କରିଦେଲେ ଗ୍ରୀଜ କେଟ୍ରିଜ ବ୍ୟବହାର ପାଇଁ । ସେମାନଙ୍କ ମଧ୍ୟରୁ ୯୦ରୁ ୮୫ଜଣଙ୍କୁ ଚାକିରୀରୁ ବରଖାସ୍ତ କରି ୧୦ ବର୍ଷ ସଶ୍ରମ କାରାବାସ ଘୋଷଣା କରାଗଲା ଓ ଗୋଡ ହାତରେ ବେଡି ବନ୍ଧାଗଲା । ସଙ୍ଗେ ସଙ୍ଗେ ତାର ପରଦିନ ୧୦ ମଇ ସିପାହୀଙ୍କ ମଧ୍ୟରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ ହେଲା । ସେମାନେ ନିଜର ବନ୍ଦୀ ସହକର୍ମୀଙ୍କୁ ଶୃଙ୍ଖଳ ମୁକ୍ତ କଲେ ଓ ବ୍ରିଟିଶ ଅଫିସରମାନଙ୍କୁ ହତ୍ୟା କରିବା ସହିତ ଓ ଭାରତର ରାଜଧାନୀ ଯାତ୍ରା ଆରମ୍ଭ କଲେ । ଦିଲ୍ଲୀରେ ଅବସ୍ଥିତ ପଦାତିକ ବାହିନୀ ସମସ୍ତ ୟୁରୋପୀୟ ଅଫିସରଙ୍କୁ ହତ୍ୟା କରି ମିରଟ ବିଦ୍ରୋହୀଙ୍କୁ ସ୍ୱାଗତ ଜଣାଇଲେ ଓ ବିଦ୍ରୋହରେ ମିଳି ହେଲେ । ସେମାନେ ମିଳିତ ଭାବେ ସାରା ଦିଲ୍ଲୀ ଅବରୋଧ କଲେ ଓ ବୃଦ୍ଧ ବାହାଦୁର ଶାହାଙ୍କୁ ଭାରତର ସମ୍ରାଟ ଘୋଷଣା କଲେ । ଏହି ଘୋଷଣା ସୁଚିତ କରେ ଯେ ସିପାହୀ ବିଦ୍ରୋହ ଭାରତର ସ୍ୱାଧିନତା ସଂଗ୍ରାମର ପରିଣତ ହୋଇଥିଲା । ବାହାଦୁର ଶାହା ମଧ୍ୟ ଭାରତର ସମସ୍ତ ଭାରତୀୟ ରାଜା,ଜମିଦାରଙ୍କୁ ଲିଖିତ ଅନୁରୋଧ କଲେ ଏକ ମିଳିତ ସଂଘ ଗଠନ କରି ବ୍ରିଟିଶ ସରକାରଙ୍କୁ ହଟାଇବା ପାଇଁ ।

ତା ପରେ ସାରା ବେଙ୍ଗଲ ସେନା ବିଦ୍ରୋହ ଘୋଷଣା କଲେ ଓ ବିଦ୍ରୋହ ଅଓ୍ୱଧ, ବୁନ୍ଦେଲଖଣ୍ଡ,ଦୋଆବ,ରୋହରିଖଣ୍ଡ, ସେଣ୍ଟ୍ରାଲ ଇଣ୍ଡିଆ, ବିହାର, ଓଡିଶା,ପଞ୍ଜାବକୁ ବ୍ୟାପିଲା ଓ ବ୍ରିଟିଶ କ୍ଷମତାକୁ ଦୋହଲାଇ ଦେଲା ।

ଯଦିଓ ଅନେକ ମହାରାଜା ଓ ରାଜା ବ୍ରିଟିଶ ସରକାର ଅନୁରକ୍ତ ରହିଲେ ଇନ୍ଦୋର ମହାରାଜାଙ୍କ ସୈନ୍ୟଦଳ ବିଦ୍ରୋହ କରି ବ୍ରିଟିଶ ସିପାହୀଙ୍କ ବିରୁଦ୍ଧରେ ବିଦ୍ରୋହରେ ଯୋଗ ଦେଲେ । ଗ୍ୱାଲିୟର ରାଜ୍ୟର ୨୦୦୦ ସୈନ୍ୟ ଓ ତାନ୍ତିଆ ଟୋପୀ ଓ ରାଣୀଝାନ୍ସିଙ୍କୁ ସାହାଯ୍ୟ କରି ବିଦ୍ରୋହରେ ଯୋଗ ଦେଲେ । ଅନେକ ଛୋଟ ଛୋଟ ସ୍ଥାନୀୟ ରାଜା ମହାରାଷ୍ଟ୍ର, ରାଜସ୍ଥାନ,ଓଡିଶା,ବିହାରରେ ପ୍ରଜାଙ୍କ ସାହାଯ୍ୟରେ ବିଦ୍ରୋହରେ ସହଯୋଗ କଲେ । ହାଇଦ୍ରାବାଦ ଓ ବଙ୍ଗଳାରେ ମଧ୍ୟ ଲୋକେ ବିଦ୍ରୋହ କଲେ । ଅସାମରିକ ସର୍ବ ସାଧାରଣ ଧନୁତୀର, ଖଣ୍ଡା,ବର୍ଚ୍ଛା,ଲାଠି, ଟାଙ୍ଗିଆ ଧରି ବ୍ରିଟିଶ ଶାସନ ବିରୋଧରେ ଲଢେଇ ଆରମ୍ଭ କଲେ । ବହୁ ସଂଖ୍ୟାରେ ଚାଷି,କାରୀଗର ଜମିଦାର ଯୋଗଦେବାରୁ ବିଦ୍ରୋହର ତ୍ରାଡି ବଢିଲା ଓ ଜନପ୍ରିୟ ବିଦ୍ରୋହ ହେଲା । ଉତ୍ତର ପ୍ରଦେଶ,ବିହାର ଓ ଓଡିଶାରେ ଜମିହରା ମିଳିତ ହୋଇ ମହାଜନ, ସାହୁକାର ଓ ନୂଆ ଜମିଦାରଙ୍କୁ ହିସାବ ଜମି ବନ୍ଧକ କାଗଜ ପତ୍ରକୁ ପୋଡିଦେଲେ । ସେମାନେ ବ୍ରିଟିଶଙ୍କୁ ଶାସନର ପ୍ରତୀକ ତହସିଲ ଅଫିସ,କୋଟ,ଥାନା ଓ ଜମି ରେକର୍ଡକୁ ନଷ୍ଟ କଲେ । ୧୮୫୭ ବିଦ୍ରୋହରେ ସିପାହୀଙ୍କ ଅପେକ୍ଷା ଅସାମରିକ ଜନସାଧାରଣଙ୍କ ଭାଗିଦାରୀ ଅଧିକ ଥିଲା । କେବଳ ଅଓ୍ୱଧ ଅଞ୍ଚଳରେ ଲଢେଇ କରି ମରିଥିବା

ଏକ ଲକ୍ଷ ପଚାଶ ହଜାର ସହିଦଙ୍କ ମଧ୍ୟରୁ ଏକ ଲକ୍ଷ ବେସାମରୀକ ଚାଷି ଓ କାରୀଗର ଥିଲେ । ବିଦ୍ରୋହ ସମୟରେ ସର୍ବସାଧାରଣ ଅଭୁତପୂର୍ବ ସାହାଯ୍ୟ ସହଯୋଗ କରିଥିଲେ । ଲଢେଇରେ ସାମିଲ ସମାରିକ ଓ ବେସାମରିକ ବିଦ୍ରୋହୀ ଓ ଇଂରେଜ ସୈନ୍ୟଦଳଙ୍କୁ ସାହାଯ୍ୟ କରିବାକୁ ଖୋଲା ଖୋଲି ଭାବେ ମନା କରିଥିଲେ ଯଦିଓ ସେଥିପାଇଁ ତାଙ୍କୁ ଇଂରେଜ ସୈନ୍ୟ ଦଳର କ୍ରୋଧ, ନିର୍ଯ୍ୟାତନାର ଶୀକାର ହେବାକୁ ପଡିଲା ।

୧୮୫୭ ବିଦ୍ରୋହର ସୁଦୃଢ ହେବାର ଅନ୍ୟ ଏକ ମୁଖ୍ୟ ଚରିତ୍ର ଥିଲା ହିନ୍ଦ-ମୁସଲିମ ଏକତା । ମିଳିତ ଭାବେ ବ୍ରିଟିଶ ବିରୋଧରେ ଲଢେଇ । ବିଦ୍ରୋହର ପ୍ରାଣ କେନ୍ଦ୍ର ମିରଟ, ଦିଲ୍ଲୀ, କାନପରୁ ଲକ୍ଷ୍ନୌ, ବରେଲୀ,ଝାନ୍ସି,ବିହାରର ଆରା ଓ ଓଡିଶାର ସମ୍ବଲପୁର । ଦିଲ୍ଲିରେ ବାହାଦୁର ଶାହାଙ୍କ ପ୍ରତୀକ ନେତୃତ୍ୱ ଥିଲା । କିନ୍ତୁ ପ୍ରକୃତ ଲଢେଇ ଓ ନେତୃତ୍ୱ ନେଇଥିଲେ ସିପାହୀ ମାନେ । ବରେଲୀର ସାଧାରଣ ସୁବେଦାର ସୀପାହୀ ବକ୍ତ ଖାନ । ସେ ତାଙ୍କର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବ୍ରିଟିଶ ବିରୋଧରେ ଲଢେଇ କରି ୧୩ ମଇ ୧୮୫୭ ମସିହାରେ ନିହତ ହୋଇଥିଲେ ।

କାନପୁରରେ ବିଦ୍ରୋହ ନେତୃତ୍ୱ ନେଇଥିଲେ ମରହଟ୍ଟା ଓ ପେସୱାର ବାଜିରାଉ ଦ୍ୱିତୀୟଙ୍କ ପୋଷ୍ୟପୁତ୍ର ନାନା ସାହେବ । ନାନା ସାହେବ ଇଂରେଜ ମାନଙ୍କ କାନପୁରରୁ ବିତାଡିତ କରି ନିଜକୁ ପେଶୱା ଘୋଷଣା କରି ବାହାଦୁର ଶାହାଙ୍କୁ ଭାରତର ସମ୍ରାଟ ରୂପେ ସ୍ୱୀକାର କଲେ । ଏହି କାମରେ ନାନା ସାହେବଙ୍କୁ ତାଙ୍କର ବିଶ୍ୱସ୍ତ ତାନ୍ତିଆ ଟୋପୀ ଓ ସୀପାହୀମାନେ ସାହାଯ୍ୟ କରିଥିଲେ । ତାନ୍ତିଆ ଟୋପି ତାଙ୍କର ଗରିଲା ଯୁଦ୍ଧ କୌଶଳ ବ୍ୟବହାର ଓ ଦୃଢ ମନୋବଳ ସର୍ବୋପରି ଦେଶଭକ୍ତି ପାଇଁ ଅମର ଗୌରବ ହାସଲ କରିଛନ୍ତି ।

୧୮୫୭ ବିଦ୍ରୋହର ପ୍ରସିଦ୍ଧ ନେତୃବୃନ୍ଦ ମଧ୍ୟରେ ଝାନ୍ସିରାଣୀ ଲକ୍ଷ୍ମୀବାଈ ଅନ୍ୟତମ । ଭାରତ ଇତିହାସରେ ସର୍ବଶ୍ରେଷ୍ଠ ନାୟିକା ମଧ୍ୟରେ ଲକ୍ଷ୍ମୀବାଈ ବିଦ୍ରୋହରେ ଅଗ୍ରଗଣ୍ୟ । ଯୁବା ବୟସରଙ୍କ ଲକ୍ଷ୍ମୀବାଈ ବିଦ୍ରୋହରେ ଯୋଗଦାନ କରି ବ୍ରିଟିଶ ଶାସନର ଅନ୍ୟାୟ ବିରୋଧରେ ଲଢେଇ କରିଥିଲେ । ତାଙ୍କର ଯୁଦ୍ଧ କୌଶଳ, ଶୈର୍ଯ୍ୟ ଓ ନିର୍ଭୀକତା ପ୍ରଂଶସନୀୟ । ସେ ଘୋଷଣା କରିଥିଲେ ଆମେ ଆମର ନିଜ ହସ୍ତରେ ଆମର ଆଜାଦୀ (ସ୍ୱାଧିନତା) ପୋତି ଦେଇ ପାରିବୁ ନାହିଁ । ତାଙ୍କର ନେତୃତ୍ୱରେ ଅନେକ ମହିଳା ଯୁଦ୍ଧରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତାନ୍ତିଆ ଟୋପି ଓ ଅନ୍ୟାନ୍ୟ ଆଫଗାନୀ ଦେହରକ୍ଷୀଙ୍କ ସାହାଯ୍ୟରେ ବ୍ରିଟିଶ ଅନୁଗତ ଗୁଓାଲିୟର ମହାରାଜା ସିନ୍ଧିଆଙ୍କୁ ବିତାଡିତ କରି ନିର୍ଭିକ ରାଣୀ ଲକ୍ଷ୍ମୀବାଈ ଶେଷରେ ଯୁଦ୍ଧ କ୍ଷେତ୍ରରେ ଶତ୍ରୁ ଦ୍ୱାରା ନିହତ ହୋଇଥିଲେ ୧୭ ଜୁନ୍ ଓ ୧୮୫୮ ରେ । ତାଙ୍କ ସହିତ ପ୍ରାଣବଳୀ ଦେଇଥିଲେ ତାଙ୍କର ସହଚରୀ ଅନାମଧେୟ ମୁସଲିମ ଝିଅ । ବିହାର ଅଞ୍ଚଳରେ ବିଦ୍ରୋହର ନେତୃତ୍ୱ ନେଇଥିଲେ ଜଗଦୀଶପୁର,ଆରାର ଜମିଦାର କନୱର ସିଂ । ଯଦିଓ ସେ ୮୦ବର୍ଷ ବୟସର ଥିଲେ ଯେ ଜଣେ ବିଚକ୍ଷଣ ଯୋଦ୍ଧା ଓ ସୈନ୍ୟଚାଳନାରେ କୁଶଳୀ । ସେ କେବଳ ବିହାର ଯୁଦ୍ଧ କରିନଥିଲେ ନାନା ସାହେବଙ୍କ ସୈନ୍ୟଦଳସହ ଅଓଧ ଓ କେନ୍ଦ୍ର ଭାରତର ବିଭିନ୍ନ ଅଞ୍ଚଳକୁ ଯାଇ ବ୍ରିଟିଶ ବିରୋଧରେ ଲଢେଇ କରିଥିଲେ । ଶେଷରେ ଆରାଠାରେ ଯୁଦ୍ଧରେ ଆହତ ହୋଇ ୨୭ ଏପ୍ରିଲ ୧୮୫୬ରେ ପ୍ରାଣ ହରାଇଥିଲେ । ଅନ୍ୟ ଏକ ଅନନ୍ୟ ଯୋଦ୍ଧା ଥିଲେ ଫରୀଦାବାଦର ମୌଲବୀ ଅହମଦ-ଉଦ୍-ଦୁଲ୍ଲା । ବିଦ୍ରୋହ ଆରମ୍ଭ କାଳରେ ସେ ଅଓଧ ଅଞ୍ଚଳର ନେତୃତ୍ୱ ନେଇଥିଲେ ଓ ଲକ୍ଷ୍ନୌ ଠାରେ ପରାଜୟ ପରେ ସେ ରୋହିଲଖଣ୍ଡ ଅଞ୍ଚଳରେ

ନେତୃତ୍ୱ ନେଇଥିଲେ କିନ୍ତୁ ଶେଷରେ ତାଙ୍କୁ ଜଣେ ବ୍ରିଟିଶ ଅନୁଗତ ହତ୍ୟାକରି ବ୍ରିଟିଶ ସରକାରଙ୍କଠାରୁ ୫୦୦୦୦ ଟଙ୍କା ପୁରସ୍କାର ପାଇଥିଲେ ।

ଓଡିଶାର ସମ୍ବଲପୁର ଘେସ ଅଞ୍ଚଳରେ ବୀର ସୁରେନ୍ଦ୍ର ସାଏ , ମାଧୋ ସିଂ ଓ ତାଙ୍କର ପାଞ୍ଚ ପୁତ୍ର ଓ ଜୁଆଇଁ ବ୍ରିଟିଶ ବିରୋଧରେ ସଂଗ୍ରାମ କରି ସହୀଦ ହୋଇଥିଲେ ୧୮୫୭ ବିଦ୍ରୋହ ସମୟରେ । ଘେସର ଆଦିବାସୀ ଜମିଦାର ପରିବାର ଏପରି ଏକ ବିରଳ ପରିବାର ଯିଏକି ସପରିବାର ଦେଶ ପାଇଁ ବଳିଦାନ ଦେଇଥିଲେ । ସୁରେନ୍ଦ୍ର ସାଏ ବହୁଦିନ ଧରି ଯୁଦ୍ଧ କରି ଶେଷରେ ବ୍ରିଟିଶ ଦ୍ୱାରା ବନ୍ଦୀ ହେଇ ଆଣ୍ଡାମାନ ଜେଲରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

୧୮୫୭ ବିଦ୍ରୋହର ପ୍ରକୃତ ମୁଖ୍ୟ ନାୟକମାନେ ଥିଲେ ସିପାହୀମାନେ ଯିଏ ନିଶ୍ୱାର୍ଥ ହୋଇ ହଜାର ହଜାର ସଂଖ୍ୟାରେ ପ୍ରାଣବଳି ଦେଇଥିଲେ । ସେମାନଙ୍କ ମନୋବଳ,ଦୃଢତା ଓ ବଳିଦାନ ଇଂରେଜ ଶାସନକୁ ଭାରତରୁ ପ୍ରାୟ ବିଲୁପ୍ତ କରି ଦେଇଥିଲା ।

**ଫଳାଫଳ:-**

ଯଦିଓ ୧୮୫୭ ବିଦ୍ରୋହ ଭାରତର ବହୁ ଅଞ୍ଚଳକୁ ବ୍ୟାପି ଥିଲା, ତଥାପି ସମଗ୍ର ଗୋଷ୍ଠି ଓ ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇନଥିଲେ । ଅନେକ ରାଜା, ମହାରାଜା ଓ ବଡ ଜମିଦାର ବ୍ରିଟିଶ ଭୟରେ ଓ ନିଜର ସ୍ୱାର୍ଥରକ୍ଷା ପାଇ ବିଦ୍ରୋହରୁ ଦୂରରେ ରହିଲେ ଏପରିକି ବିଦ୍ରୋହୀଙ୍କୁ ଧରାଇଦେଇ ବ୍ରିଟିଶ ସରକାରଙ୍କ ସହିତ ହାତ ମିଳାଇଥିଲେ । ମାତ୍ର ଏକ ପ୍ରତିଶତ ରାଜା, ମହାରାଜା ଓ ଜମିଦାର ବିଦ୍ରୋହରେ ଯୋଗ ଦେଇଥିଲେ ।

ସାହୁକାର ଓ ବ୍ୟବସାୟୀ ମଧ ବିଦ୍ରୋହରେ ସାମିଲ ହୋଇନଥିଲେ ବରଂ ବ୍ରିଟିଶ ସରକାରକୁ ପରୋକ୍ଷରେ ସାହାଯ୍ୟ କରିଥିଲେ । ଆଧୁନିକ ଶିକ୍ଷିତ ମଧ ବିଦ୍ରୋହରେ ନିରପେକ୍ଷ ରହିଲେ । ସେମାନେ ଭାବୁଥିଲେ ଯେ ଇଂରେଜ ଶାସନ ଭାରତରୁ ପଛୁଆ ଗଣକୁ ଦୂର କରି ଆଧୁନିକ ଭାରତ ତିଆରି କରିବ । ଏ ଧାରଣା ଧିରେ ଧିରେ ସେମାନଙ୍କ ଦୂର ହେଲା ଉନବିଂଶ ଶତାବ୍ଦୀ ଶେଷ ଭାଗରେ ।

ନିଶ୍ଚିତ ଭାବରେ ଭାରତର ଏକତାର ଅଭାବ ୧୮୫୭ ବିଦ୍ରୋହକୁ ବିଫଳ ହେବାରେ ଓ ବିଦ୍ରୋହୀଙ୍କ ଯନ୍ତ୍ରଣା ଓ ଶାସ୍ତି ପାଇବାର ମୁଖ୍ୟ କାରଣ କିନ୍ତୁ ଏହା ଏକମାତ୍ର କାରଣ ନୁହେଁ । ପରାଜୟର ଅନ୍ୟ କାରଣ ହେଲା ଭାରତୀୟଙ୍କ ପୁରାତନ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ଯୁଦ୍ଧ । ଆବଶ୍ୟକତାନୁସାରେ ତାହା ମଧ ପର୍ଯ୍ୟାପ୍ତ ନଥିଲା । ବ୍ରିଟିଶ ସରକାର ଆଧୁନିକ ଅସ୍ତ୍ରଶସ୍ତ୍ର ତଥା ଜ୍ଞାନ କୌଶଳର ବ୍ୟବହାର କଲା । ପୋଷ୍ଟାଲ ବ୍ୟବସ୍ଥା, ରେଳ ବ୍ୟବସ୍ଥା ଓ ସୁସଂଗଠିତ ସୈନ୍ୟଦଳ ଗତିଶୀଳ ଥିଲା ଓ ସୂଚନା ସହଜରେ ପାଇପାରୁଥିଲା ।

ଭାରତୀୟ ସଂଗ୍ରାମୀ ନିଶ୍ଚିତଭାବେ ସାହାସୀ, ନିର୍ଭିକ, ଦେଶପ୍ରେମୀ ଓ ନିସ୍ୱାର୍ଥପର ଥିଲେ କିନ୍ତୁ ସଂଗଠନ ଦୁର୍ବଳ ଥିଲା ଓ ସଠିକ୍ ରୂପେ ଶୃଙ୍ଖଳିତ ନଥିଲେ । ବିଭିନ୍ନ ଅଞ୍ଚଳରେ ଲଢେଇର ଧାରା ବିଭିନ୍ନ ଧରଣର ଥିଲା ଓ ସେମାନଙ୍କ ମଧ୍ୟରେ ଏକତ୍ର କାମ କରିବାର ଦୁର୍ବଳତା ପରିଲକ୍ଷିତ ହେଲା ।୧୮୫୯ ସୁଦ୍ଧା ବ୍ରିଟିଶ ପୁଣିଥରେ ନିଜର କ୍ଷମତା ଭାରତରେ ପୁନଃ ସ୍ଥାପନ କରି ସାରିଥିଲେ ଯଦିଓ ଆଞ୍ଚଳିକ ସ୍ତରରେ ବ୍ରିଟିଶ ବିରୋଧି ଆନ୍ଦୋଳନ ଜାରି ରହିଥିଲା । ଏହା ଭାରତ ଇତିହାସର ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ଭାରତୀୟଙ୍କ ଦ୍ୱାରା ପ୍ରଥମ ପ୍ରୟାସ ଇଂରେଜ

ସାମ୍ରାଜ୍ୟବାଦୀ ଶକ୍ତିଠାରୁ ମୁକ୍ତି ପାଇଁ । ଏଇଠୁ ଭାରତର ଆଧୁନିକ ଜାତୀୟବାଦୀ ଆନ୍ଦୋଳନର ପଥ ସୁଗମ ହେଲା । ଭାରତୀୟଙ୍କ ମାନସରେ ୧୮୫୭ ସାହାସୀ ବୀରୋଚିତ ଲଢେଇର ସ୍ମୃତି ଛାଡିଗଲା । ନୂତନ ପିଢି ପାଇଁ ଚିରସ୍ଥାୟୀ ପ୍ରେରଣାର ସ୍ରୋତ ଓ ତାହା ଉପରେ ଗଢିଉଠିଲା ଭାରତୀୟ ସ୍ୱରାଜ ସ୍ୱାଧିନତା ସଂଗ୍ରାମ ୧୮୫୭ ବିଦ୍ରୋହର ନାୟକ ନାୟିକା ମାନଙ୍କ ନାମ ଭାରତର କୋଣ ଅନୁକୋଣରେ ଘରେ ଘରେ ପୁରେ ପୁରେ ପହଞ୍ଚିଲା ସମ୍ମାନର ସହ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)**

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛି ଲେଖ ।**

(କ) ଉନବିଂଶ ଶତାବ୍ଦୀରେ କେଉଁ ଦେଶର ସବୁଠାରୁ ଅଧିକାର ଉପନିବେଶ ରହିଥିଲା ?

(i) ଇଂଲଣ୍ଡ (ii) ଫ୍ରାନ୍ସ

(iii) ଭାରତ (iv) ଋଷ

(ଖ) ଉନବିଂଶ ଶତାବ୍ଦୀରେ ସବୁଠାରୁ ବଡ ଉପନିବେଶ ମଧ୍ୟରେ ନିମ୍ନୋକ୍ତ କେଉଁ ଦେଶ ରହିଥିଲା ?

(i) ଭାରତ (ii) ଯୁକ୍ତରାଷ୍ଟ୍ର ଆମେରିକା

(iii) ଋଷ (iv) ଇଂଲଣ୍ଡ

(ଗ) କେଉଁ ଯୁଦ୍ଧ ପରେ ଭାରତରେ କମ୍ପାନୀ ଶାସନର ଆରମ୍ଭ ହେଲା ?

(i) ପଲାସୀ ଯୁଦ୍ଧ (ii) ବକ୍ସାର ଯୁଦ୍ଧ

(iii) ପାନିପଥ ଯୁଦ୍ଧ (iv) କଳିଙ୍ଗ ଯୁଦ୍ଧ

(ଘ) ପଲାସୀ ଯୁଦ୍ଧ ପରେ କମ୍ପାନୀ କେଉଁ ଅଞ୍ଚଳ ଉପରେ ରାଜୁତି କଲା ?

(i) ଓଡିଶା (ii) ମାଡ୍ରାସ

(iii) ବଙ୍ଗ (iv) ଦିଲ୍ଲୀ

(ଙ) କେଉଁ ଆଇନ୍ ଅନୁଯାୟୀ ଖଜଣା ପଇଠ ପାଇଁ ନିଶ୍ଚିତ ଦିନ ଧାର୍ଯ୍ୟ କରାଗଲା ?

(i) ରାଜ୍ୟସତ୍ତ୍ୱ ଲୋପନୀତି (ii) ସୂର୍ଯ୍ୟାସ୍ତ ଆଇନ୍

(iii) ରେଗୁଲେଟିଂ ଏକ୍ଟ (iv) ଭାରତ ସରକାର ଆଇନ, ୧୭୭୨

ଚ) ସନ୍ୟାସୀ ବିଦ୍ରୋହର ସମୟାବଧି କ'ଣ ଥିଲା ?

(i) ୧୭୬୩ରୁ୧୮୦୦ (ii) ୧୯୦୪

(iii) ୧୮୧୭ (iv) ୧୮୫୫-୫୬

ଛ) ସନ୍ନ୍ୟାସୀ ବିଦ୍ରୋହ ନିମ୍ନୋକ୍ତ କେଉଁଠି ଦେଖିବାକୁ ମିଳିଥିଲା ?
(i) ଜଳପାଇଗୁଡ଼ି (ii) ରାଜମହଲ
(iii) ଖୋର୍ଦ୍ଧା (iv) ମିରଟ

ଜ) ସିଂଧୁଙ୍କୁ କେଉଁ ବିଦ୍ରୋହର ମହାନାୟକ କୁହାଯାଏ ?
(i) ଖୋର୍ଦ୍ଧାର ବିଦ୍ରୋହ (ii) ସନ୍ନ୍ୟାସୀ ବିଦ୍ରୋହ
(iii) ସାନ୍ତାଳ ବିଦ୍ରୋହ (iv) ୧୮୫୭ର ମହାସଂଗ୍ରାମ

ଝ) ବକ୍ସି ଜଗବନ୍ଧୁ କେଉଁ ବିଦ୍ରୋହର ନେତୃତ୍ୱ ନେଇଥିଲେ ?
(i) ସନ୍ୟାସ୍ୟ ବିଦ୍ରୋହ (ii) ସାନ୍ତାଳ ବିଦ୍ରୋହ
(iii) ଖୋର୍ଦ୍ଧା ବିଦ୍ରୋହ (iv) ନୀଳ ବିଦ୍ରୋହ

ଞ) ଜୟୀ ରାଜଗୁରୁ କେବେ ବିଦ୍ରୋହ କରିଥିଲେ ?
(i) ୧୮୦୪ (ii) ୧୮୧୭
(iii) ୧୮୨୭ (iv) ୧୮୫୫

## 'ଖ' ବିଭାଗ

୨। ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)
(କ) ଉପନିବେଶବାଦ କାହାକୁ କୁହାଯାଏ ?
(ଖ) ଉପନିବେଶ ଓ ଔପନିବେଶିକ ଶକ୍ତି ମଧ୍ୟରେ ପାର୍ଥକ୍ୟ କ'ଣ ?
(ଗ) ସନ୍ନ୍ୟାସୀ ବିଦ୍ରୋହର ପ୍ରମୁଖ କାରଣ କ'ଣ ?
(ଘ) ସନ୍ନ୍ୟାସୀ ମାନେ କାହିଁକି ଇଂରେଜର ସନ୍ଦେହ ଚକ୍ଷୁରେ ରହିଲେ ?
(ଙ) ଖୋର୍ଦ୍ଧା ବିଦ୍ରୋହରେ କାହିଁକି ପାଇକମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ ?
(ଚ) କାହାକୁ ସାନ୍ତାଳମାନେ 'ଦିକୁ' ବୋଲି କହୁଥିଲେ ?
(ଛ) ସାନ୍ତାଳ ବିଦ୍ରୋହ ପ୍ରତି ସାହୁକାରି ଓ ମହାଜନମାନଙ୍କର କ'ଣ ମନୋଭାବ ରହିଥିଲା ?
(ଜ) 'ଡୋମିନିକୋ' କେଉଁ ଅଞ୍ଚଳକୁ କୁହାଯାଉଥିଲା ?
(ଝ) ୧୮୫୭ର ମହାସଂଗ୍ରାମ ସହିତ ସୁରେନ୍ଦ୍ର ସାଏ କେଉଁ ଆଧାରରେ ସମ୍ପୃକ୍ତ ଥିଲେ ?
(ଞ) ସୁରେନ୍ଦ୍ର ସାଏଙ୍କ ବିଦ୍ରୋହ କାହିଁକି ଆଜି ସ୍ମରଣଯୋଗ୍ୟ ?

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ ।

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ନମ୍ବର)

(କ) ସନ୍ନ୍ୟାସୀ ଓ ଫକୀରମାନଙ୍କୁ କାହିଁକି କମ୍ପାନୀ ସରକାର ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ ?

(ଖ) ଜୟୀରାଜଗୁରୁଙ୍କ ବିଦ୍ରୋହର ପର୍ଯ୍ୟାଲୋଚନା କର ।

(ଗ) ସାନ୍ତାଳ ଓ 'ଦିକୁ' ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ପର୍କ ସମ୍ବନ୍ଧରେ ଲେଖ ।

(ଘ) ୧୮୫୭ ମହାସଂଗ୍ରାମ କିଭଳି ନୂଆଁ ଅଞ୍ଚଳକୁ ବ୍ୟାପିଥିଲା, ତା'ର ବର୍ଣ୍ଣନା କର ।

(ଙ) ଉପନିବେଶବାଦୀ ଶୋଷଣର ବ୍ୟାଖ୍ୟା କର ।

'ଗ' ବିଭାଗ

(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୪। ସାନ୍ତାଳ ବିଦ୍ରୋହର ପୃଷ୍ଠଭୂମି ଓ ଖୋର୍ଦ୍ଧା ବିଦ୍ରୋହର ପୃଷ୍ଠଭୂମି ମଧ୍ୟରେ ଏକ ତୁଳନାତ୍ମକ ଚର୍ଚ୍ଚା କର ।

୫। ୧୮୫୭ର ମହାସଂଗ୍ରାମକୁ କେଉଁ ଆଧାରରେ ସମସ୍ତ ଆଦ୍ୟ ବିଦ୍ରୋହର 'ଚରମ ଉତ୍କର୍ଷ' କୁହାଯାଏ ?

## ତ୍ରୟୋଦଶ ଅଧ୍ୟାୟ

# ମହାତ୍ମାଗାନ୍ଧୀ ଓ ସ୍ୱାଧିନତା ପାଇଁ ଜାତୀୟ ମୁକ୍ତି ସଂଘର୍ଷ

# Mahatma Gandhi and National Struggle for Independence

ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ଭାରତୀୟ ରାଜନୈତିକ ସଚେତନତା ଓ ସଙ୍ଗଠିତ ଜାତୀୟ ଆନ୍ଦୋଳନ ବିକଶିତ ହୋଇ ଦୃଢ ହେଲା । ୧୮୮୫ ମସିହା ଡିସେମ୍ବର ମାସରେ ଭାରତୀୟ ଜାତୀୟ କଂଗ୍ରେସ ଜନ୍ମ ନେଲା ଯାହାର ନେତୃତ୍ୱରେ ଭାରତୀୟ ଦୀର୍ଘ ସାହସିକ ମୁକ୍ତ ସ୍ୱାଧିନତା ସଂଗ୍ରାମ ଚଳାଇ ଶେଷରେ ଅଗଷ୍ଟ, ୧୫, ୧୯୪୭ ମସିହାରେ ବିଜୟ ଲାଭ କରିଥିଲେ ବ୍ରିଟିଶ ଶାସନ କବଳରୁ ।

ବ୍ରିଟିଶ କମ୍ପାନୀ ଭାରତକୁ ଜୟ କରି ନିଜର ସ୍ୱାର୍ଥ ହାସଲ ପାଇଁ ଭାରତୀୟଙ୍କ ସ୍ୱାର୍ଥକୁ ଜଂଳାଞ୍ଜଳି ଦେଲେ । ଫଳସ୍ୱରୂପ ଭାରତୀୟ ଅର୍ଥନୈତିକ, ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି ହେଲା । ଏ ସତ୍ୟକୁ ଧିରେ ଧିରେ ପରାଧିନ ଭାରତର ପ୍ରତ୍ୟେକ ଶ୍ରେଣୀ ଅନୁଭବ କଲେ ଓ ଅନୁଭବଙ୍କ ସଂଖ୍ୟା ବଢିବାକୁ ଲାଗିଲା । ବିଦେଶୀ ଶାସନରୁ ନିଜକୁ ମୁକ୍ତି କରିବା ପାଇଁ ସୁଦୃଢ ମୂଳଦିଆ ପଡି ଜାତୀୟ ସ୍ୱାଧିନ ଆନ୍ଦୋଳନ ବ୍ୟାପକ ହେଲା । ବିଦେଶୀ ଶାସକ ସୃଷ୍ଟି କରିଥିବା ଆହ୍ୱାନକୁ ସାମ୍ନା କରିବା ପାଇଁ ଆଧୁନିକ ଭାରତୀୟ ଜାତୀୟ ଆନ୍ଦୋଳନ ଗତିଶୀଳ ହୋଇଥିଲା ।

<u>ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପିତ ପୂର୍ବରୁ ରାଜନୈତିକ ସଙ୍ଗଠନ</u>

ରାଜା ରାମମୋହନ ରାଏ ସର୍ବ ପ୍ରଥମେ ରାଜନୈତିକ ସଂସ୍କାର ପାଇଁ ମନ୍ଥନ ଆରମ୍ଭ କରିଥିଲେ । ୧୮୩୭ ମସିହାରେ ଭାରତର ପ୍ରଥମ ଆଧୁନିକ ସାର୍ବଜନିନ ସଂସ୍ଥା "ଜମିମାଲିକ ସଂଘ"ସ୍ଥାପନ ହୋଇଥିଲା ବଙ୍ଗ-ବିହାର-ଓଡିଶା ପାଇଁ । ତାପରେ ୧୮୪୩ ମସିହାରେ ବେଙ୍ଗଲ ବ୍ରିଟିଶ ସୋସାଇଟି (Bengal British Society) ସ୍ଥାପନ ହେଲା ବଙ୍ଗପ୍ରଦେଶର ସର୍ବସାଧାରଣଙ୍କ ସ୍ୱାର୍ଥ ରକ୍ଷା ପାଇଁ । ୧୮୫୧ ମସିହାରେ ଏ ଦୁଇ ସଂସ୍ଥାର ମିଶ୍ରଣ ହୋଇ ବ୍ରିଟିଶ ଇଣ୍ଡିଆ ଏସୋସିଏସନ (British India Association) ର ରୂପ ନେଲା । ୧୮୫୨ ମସିହାରେ ମାଦ୍ରାସ ନେଟିଭ ଏସୋସିଏସନ ଓ ବମ୍ବେ ଏସୋସିଏସନର ସ୍ଥାପନ ହେଲା । ଏ ସମସ୍ତ ସଂସ୍ଥାରେ ଭାରତର ଧନୀ, ସମୃଦ୍ଧ ଏବଂ ସମ୍ଭ୍ରାନ୍ତ ଗୋଷ୍ଠିଙ୍କ ପ୍ରାଧାନ୍ୟ ଥିଲା ଏବଂ କାର୍ଯ୍ୟ ପରିସର ଆଂଚଳିକ ଓ ପ୍ରାଦେଶିକ ସ୍ତରରେ ସୀମିତ ଥିଲା ।ସେମାନେ ବ୍ରିଟିଶ ଶାସନ ବ୍ୟବସ୍ଥାରେ ସଂସ୍କାର, ଶିକ୍ଷାର ପ୍ରସାର ପାଇଁ ଅନୁରୋଧ ଓ ଦରଖାସ୍ତ ମାଧ୍ୟମରେ ବ୍ରିଟିଶ ପାର୍ଲାମେଣ୍ଟକୁ ପ୍ରେରଣ କରୁଥିଲେ ।

ଭାରତର ପ୍ରଥମ ସ୍ୱାଧିନତା ସଂଗ୍ରାମ ୧୮୫୭ ପରେ ଭାରତର ନୂତନ ଶିକ୍ଷିତ ଗୋଷ୍ଠି ବ୍ରିଟିଶ ଶାସନ ବ୍ୟବସ୍ଥାର ପ୍ରକୃତ ସ୍ୱାର୍ଥ ଓ ଚରିତ୍ର ବୁଝି ପାରି ଅସନ୍ତୋଷ ପ୍ରକାଶ କଲେ ଓ ନିଜର ଅସନ୍ତୋଷକୁ ରାଜନୈତିକ କାର୍ଯ୍ୟକ୍ରମ ମାଧମରେ ପ୍ରକାଶ କଲେ ।

୧୮୬୬ ମସିହାରେ ଦାଦା ଭାଇ ନାରେଜୀ ଲଣ୍ଡନରେ ବ୍ରିଟିଶ ଜନସାଧାରଣଙ୍କୁ ଭାରତୀୟଙ୍କ ସମସ୍ୟା ଓ ସଂସ୍କାର ବିଷୟରେ ସଚେତନ କରିବା ପାଇଁ ଇଷ୍ଟ ଇଣ୍ଡିଆ ଏସୋସିଏସନ (East India Association) ସ୍ଥାପନ

କରିଥିଲେ । ଏହି ଏସୋସିଏସନର ଶାଖାମାନ ଭାରତର ସହର ମାନଙ୍କରେ ସ୍ଥାପନ ହେଲା । ୧୮୭୦ ମସିହାରେ ଜଷ୍ଟିସ ରାନାଡେ ପୁନା ସାର୍ବଜନୀନ ସଭା, ୧୮୭୬ ମସିହାରେ ବଙ୍ଗପ୍ରଦେଶର ସୁରେନ୍ଦ୍ରନାଥ ବାନାର୍ଜୀ ଓ ଆନନ୍ଦ ମୋହନ ବୋଷ ଇଣ୍ଡିଆନ ଏସୋସିଏସନ, ୧୮୮୧ ମସିହାରେ ମାଦ୍ରାସ ମହା ଜନସଭା ଓ ୧୮୮୫ ବମ୍ବେ ପ୍ରେସିଡେନ୍ସି ସଂସ୍ଥା ସ୍ଥାପନ ହୋଇ ଆଂଚଳିକ ଭାରତୀୟଙ୍କ ସ୍ୱାର୍ଥରକ୍ଷା ପାଇଁ ଲୋକଙ୍କୁ ସଚେତନ ଓ ସଙ୍ଗଠିତ କଲେ । ପରବର୍ତୀ କାଳରେ ସମୟ ଉପଯୁକ୍ତ ହେଲା ଏକ ସର୍ବଭାରତୀୟ ରାଜନୈତିକ ସଙ୍ଗଠନର ସୃଷ୍ଟି ହୋଇ ବିଦେଶୀ ଶାସନ ଓ ଶୋଷଣ ବିରୋଧରେ ସ୍ୱର ଉତୋଳନ ପାଇଁ ।

<u>ଭାରତୀୟ ଜାତୀୟ କଂଗ୍ରେସ:</u> ଅନେକ ଭାରତୀୟ ଯୋଜନା କରୁଥିଲେ ଏକ ସର୍ବଭାରତୀୟ ରାଜନୈତିକ ସଂସ୍ଥା ସୃଷ୍ଟି ପାଇଁ କିନ୍ତୁ ଯୋଜନାକୁ ସଫଳ ରୂପ ଦେଇଥିଲେ ଜଣେ ଅବସରପ୍ରାପ୍ତ ସିଭିଲ ସରଭେଣ୍ଟ ଆଲାନ ଆକ୍ଟାଭିୟନ ହ୍ୟୁମ । ସେ ଭାରତୀୟ ରାଜନୈତିକ ନେତା ଓ କର୍ମୀଙ୍କ ସହିତ ସଂପର୍କ ସ୍ଥାପନ କରି ଡିସେମ୍ବର ମାସ ୧୮୮୫ ମସିହାରେ ଉମେଶ ଚନ୍ଦ୍ର ବେନର୍ଜୀଙ୍କ ସଭାପତିତ୍ୱରେ ବମ୍ବେ ଠାରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ଆୟୋଜନ କଲେ । ଏହି ଅଧିବେଶନରେ ଭାରତର ବିଭିନ୍ନ ପ୍ରାନ୍ତରୁ ୭୨ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଅଧିବେଶନର ମୁଖ୍ୟ ଉଦେଶ୍ୟ ଥିଲା ରାଜନୈତିକ କର୍ମିମାନଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ, ଜାତି-ଧର୍ମ-ପ୍ରାଦେଶିକ ସ୍ତରରୁ ଉର୍ଦ୍ଧ୍ୱକୁ ଯାଇ ଜାତୀୟ ଭାବନାର ବା ଜାତୀୟ ଚେତନାର ବିକାଶ ଓ ଦୃଢ଼ିକରଣ । ଲୋକଙ୍କ ଆଶା, ଆକାଂକ୍ଷା ଓ ଦାବିକୁ ବ୍ରିଟିଶ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ ଏବଂ ସର୍ବୋପରି ଭାରତୀୟଙ୍କ ଜନମତକୁ ସମ୍ମାନ ଦେଇ ଏକତ୍ରିତ ଓ ସଙ୍ଗଠିତ କରିବା ଓ ରାଜନୈତିକ କର୍ମିଙ୍କୁ ତାଲିମ ଦେବା । ଐତିହାସିକଙ୍କ ମତରେ ଅକ୍ଟାଭିୟନ ହ୍ୟୁମଙ୍କ ଭାରତୀୟ କଂଗ୍ରେସ ସ୍ଥାପନ ପଛରେ ଉଦେଶ୍ୟ ଥିଲା ଯେ ଭାରତୀୟଙ୍କ ବ୍ରିଟିଶ ଶାସନ ବିରୋଧ କ୍ରୋଧ ପ୍ରକାଶର ମାଧ୍ୟମ ବିଦ୍ରୋହ ନହୋଇ ଶାନ୍ତିପୂର୍ଣ୍ଣ ଏବଂ ସାମ୍ୱିଧାନିକ ପଥରେ ଆଗେଇ ଯାଉ । ଯଦ୍ୱାରା ଇଂରେଜ ସରକାର ସୁରକ୍ଷିତ ହେବ । ଅନ୍ୟ ଐତିହାସିକଙ୍କ ମତରେ ଉପରୋକ୍ତ ଉକ୍ତି ସଂପୂର୍ଣ୍ଣ ସତ୍ୟ ନୁହେଁ । ଭାରତୀୟ ଜାତୀୟ କଂଗ୍ରେସ ଜନ୍ମ ପାଇଁ କୌଣସି ଏକ ବ୍ୟକ୍ତି କିମ୍ବା ଏକ ଗୋଷ୍ଠିର ଅବଦାନ ବୋଲି ସ୍ୱୀକାର୍ଯ୍ୟ ନୁହେଁ ।

ଉନବିଂଶ ଶତାବ୍ଦୀରେ ସାମାଜିକ, ରାଜନୈତିକ ଓ ଆର୍ଥିକ ପରିସ୍ଥିତି ଭାରତୀୟ ସଚେତନ ରାଜନୈତିକ ବ୍ୟକ୍ତିମାନଙ୍କ ମନରେ ସୃଷ୍ଟି କଲା ପ୍ରବଳ ଇଚ୍ଛା ଏକ ଜାତୀୟ ସ୍ତରର ରାଜନୈତିକ ସଙ୍ଗଠନର ସ୍ଥାପନ ଭାରତର ସର୍ବାଙ୍ଗୀନ ସ୍ୱାର୍ଥ ରକ୍ଷା ପାଇଁ ଅତି ଜରୁରୀ ।

ସଚେତନ ଦେଶପ୍ରେମି ରାଜନୈତିକ କର୍ମୀ ମାନେ ହ୍ୟୁମଙ୍କ ନେତୃତ୍ୱକୁ ଗ୍ରହଣ କଲେ ଓ ଜନ୍ମ ନେଲା ଏକ ଛୋଟ କିନ୍ତୁ ସଙ୍ଗଠିତ ଜାତୀୟ କଂଗ୍ରେସ । ଦ୍ୱିତୀୟ ବର୍ଷରେ ଜାତୀୟ କଂଗ୍ରେସ ବ୍ୟାପକ ରୂପ ନେଲା, ଦାଦାଭାଇ ନାରୋଜୀଙ୍କ ସଭାପତିତ୍ୱରେ କଲିକତା ଠାରେ ୧୮୮୬ ମସିହାରେ ଅଧିବେଶନରେ ଭାରତର ବିଭିନ୍ନ ପ୍ରାନ୍ତରୁ ୪୩୬ ଜଣ ପ୍ରତିନିଧି ଯୋଗ ଦେଇଥିଲେ । ଏମାନଙ୍କ ବିଶେଷତ୍ତ୍ୱ ଥିଲା, ପ୍ରତ୍ୟେକ ପ୍ରତିନିଧି ନିଜ ଅଞ୍ଚଳର ରାଜନୈତିକ ସଙ୍ଗଠନ କିମ୍ବା ଗୋଷ୍ଠିଙ୍କ ନିର୍ବାଚିତ ପ୍ରତିନିଧି ଥିଲେ । ଏହି ଅଧିବେଶନରେ କଲିକତାର ସୁରେନ୍ଦ୍ର ନାଥ ବେନର୍ଜୀଙ୍କ ସଙ୍ଗଠନ ଜାତୀୟ କନଫରେସ ଜାତୀୟ କଂଗ୍ରେସରେ ମିଶିଗଲା । ଏହାପରେ ପ୍ରତିବର୍ଷ ଡିସେମ୍ବର ମାସରେ ଭାରତର ବିଭିନ୍ନ ସ୍ଥାନରେ ବାର୍ଷିକ ଅଧିବେଶନ ବସିଲା ଓ ପ୍ରତିନିଧିଙ୍କ ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢ଼ିଲେ ।

ପ୍ରତିନିଧିଙ୍କ ମଧ୍ୟରେ ମୁଖ୍ୟତଃ ଓକିଲ,ପତ୍ରକାର,ବ୍ୟାବସାୟୀ, ଶିଳ୍ପପତି, ଶିକ୍ଷକ ଓ ଜମିମାଲିକ ଥିଲେ । ୧୮୯୦ମସିହାରେ କାଦମ୍ବିନୀ ଗାଙ୍ଗୁଲି ପ୍ରଥମ ମହିଳା ପ୍ରତିନିଧି ଜାତୀୟ କଂଗ୍ରେସରେ ଭାଷଣ ଦେଇଥିଲେ । ଜାତୀୟ କଂଗ୍ରେସ ମାଧ୍ୟମରେ ଭାରତର ଜାତୀୟ ଆନ୍ଦୋଳନ ବିକଶିତ ଓ ପ୍ରସ୍ଫୁଟିତ ହେଲା । ସଙ୍ଗଠନର ପ୍ରାଦେଶିକ ଓ ଆଞ୍ଚଳିକ ସଙ୍ଗଠନ, ଜାତୀୟବାଦୀ ପତ୍ରପତ୍ରିକା, ସଙ୍ଗଠନ ଓ ସଂଘ ଜାତୀୟ ଆନ୍ଦୋଳନକୁ ସୁଦୃଢ଼ କଲା । ଜାତୀୟ କଂଗ୍ରେସର ଅଗ୍ରଣୀ ନେତୃବୃନ୍ଦଙ୍କ ମଧ୍ୟରେ ଥିଲେ ଦାଦାଭାଇ ନାରୋଜୀ, ବଦ୍ରୁଦ୍ଦିନ ତ୍ୟାବଜୀ, ଫିରେଜସା ମେହେଟା, ଆନନ୍ଦ ମୋହନ ବୋଷ, ସୁରେନ୍ଦ୍ରନାଥ ବେନରଜ୍ଜୀ, ରମେଶ ଚନ୍ଦ୍ର ଦତ୍ତ, ଆନନ୍ଦ ମୋହନ ବୋଷ, ଗୋପାଲ କୃଷ୍ଣ ଗୋଖଲେ, ମହାଦେବ ରାନାଡେ, ବାଲ ଗଙ୍ଗାଧର ତିଲକ,ଶିଶିର କୁମାର, ମୋତିୟାଲ ଘୋଷ, ମଦନ ମୋହନ ମାଲବ୍ୟ, ସୁବ୍ରମଣ୍ୟମ ଆୟାର, ବିଜୟ ଗାଙ୍ଗବାଚାର୍ଯ୍ୟ ,ଡିନସ୍ ୱାଚା ।

୧୮୮୫ରୁ ୧୮୯୨ ମସିହା ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସର ନେତୃବୃନ୍ଦ ଗଣତାନ୍ତ୍ରିକ ମାର୍ଗରେ ବ୍ରିଟିଶ ସରକାରଙ୍କୁ ଅନୁରୋଧ କରୁଥିଲେ । ଭାରତରେ ରାଜନୈତିକ ସଂସ୍କାର ପାଇଁ ଆବେଦନ କରୁଥିଲେ । ଭାରତର ସ୍ୱାଧିନତା ଧିରେ ଧିରେ ଆସିବ ବୋଲି ଭାବୁଥିଲେ ।

୧୮୮୫ ରୁ ୧୯୯୨ ମସିହା ମଧ୍ୟରେ ଜାତୀୟ କଂଗ୍ରେସର ନେତୃବୃନ୍ଦ ନମରପନ୍ଥି ଥିଲେ, ସେମାନେ ବିଶ୍ୱାସ କରୁଥିଲେ ଯେ ଭାରତର ସ୍ୱାଧିନତା ଧିରେ ଧିରେ ଆସିବ ଓ ଆଶା କରୁଥିଲେ ଯେ ଗଣତାନ୍ତ୍ରିକ ମାର୍ଗରେ ବ୍ରିଟିଶ ସରକାରଙ୍କୁ ଅନୁରୋଧ କଲେ ସରକାର ରାଜନୈତିକ ସଂସ୍କାର ପ୍ରଦାନ କରି ଭାରତୀୟଙ୍କୁ ଇଂପେରିୟଲ ଲେଜିସଲେଟିଭ୍ କାଉନସିଲ୍ (Imperial Legislative Council) ରେ ପ୍ରତିନିଧିତ୍ୱ ଦେବା କିନ୍ତୁ ଶେଷରେ ନିରାଶ ହେଲେ ଓ ହୃଦୟଗମ କଲେ ଯେ ବ୍ରିଟିଶ ସରକାରର ରାଜନୈତିକ ସଂସ୍କାର ପ୍ରଦାନ ଏକ ପରିହାସ ମୂଳକ ପ୍ରତାରଣା ଅଟେ । ତେଣୁ ୧୯୯୨ ପରଠାରୁ ଭାରତର ପାଣ୍ଠି ଉପରେ ଭାରତୀୟଙ୍କ ନିୟନ୍ତ୍ରଣ ପାଇଁ ଦାବୀ କଲେ ଓ ୧୯୦୫ ମସିହା ବେଳକୁ ସ୍ୱରାଜ ଦାବୀ କଲେ । କଂଗ୍ରେସର ବାର୍ଷିକ ଅଧିବେଶନ ୧୯୦୫ ଓ ୧୯୦୬ ରେ ଭାରତରେ ବ୍ରିଟିଶ ଶାସନ ଅଧିନରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଗୃହିତ ହୋଇ ଦାବି ଉପସ୍ଥାପନ କରାଗଲା । ବ୍ରିଟିଶ ସରକାର ଜାତୀୟ କଂଗ୍ରେସ ଦାବୀ ଶୁଣିବା ବଦଳରେ ବଙ୍ଗ ପ୍ରଦେଶକୁ ବିଭାଜନ କଲେ, କଂଗ୍ରେସକୁ ସମାଲୋଚନା କଲେ, ଭାରତୀୟଙ୍କ ମଧ୍ୟରେ ବିଭାଜନ ପାଇଁ ପଦକ୍ଷେପ ନେଲେ କିନ୍ତୁ ସେମାନେ ବିଫଳ ହେଲେ ଜାତୀୟ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ।

ଭାରତୀୟ ଜାତୀୟ କଂଗ୍ରେସ ଯଦିଓ ସଂପୂର୍ଣ୍ଣ ସଫଳ ହୋଇନଥିଲା ନିଜ ଉଦ୍ଦେଶ୍ୟ ହାସଲରେ ତଥାପି ବହୁ ମାତ୍ରାରେ ସଫଳ ହୋଇଥିଲା ଜାତୀୟ ଚେତନାକୁ ବ୍ୟାପକ କରିବାରେ ଓ ଲୋକଙ୍କ ମନରେ 'ଭାରତ ଏକ ରାଷ୍ଟ୍ର ଚେତନା' ଜାଗ୍ରତ କରିବାରେ । କଂଗ୍ରେସ ଲୋକଙ୍କୁ ରାଜନୈତିକ ସଙ୍ଗଠନର କଳା ଓ କାର୍ଯ୍ୟ, ଗଣତାନ୍ତ୍ରିକ ମୂଲ୍ୟବୋଧ , ଆଧୁନିକ ଦୃଷ୍ଟିକୋଣ ଓ ବ୍ରିଟିଶ ଶାସନର କୁପରିଣାମ ବିଷୟରେ ଶିକ୍ଷା ଦେବାରେ ବହୁ ମାତ୍ରାରେ ସଫଳ ହୋଇଥିଲା । ଯଦିଓ କଂଗ୍ରେସର ନରମ ପନ୍ଥୁଥିଲେ ପ୍ରଥମ ପର୍ଯ୍ୟାୟରେ ତଥାପି ସେମାନେ ଉପନିବେଶୀ ସରକାରଙ୍କ ପ୍ରକୃତ ଶୋଷଣ ପ୍ରକ୍ରିୟା ଓ ଚରିତ୍ରକୁ ସଫଳ ରୂପେ ଲୋକ ସମ୍ମୁଖରେ ଉପସ୍ଥାପନ କରି ଜାତୀୟ

ଜାଗରଣ ତଥା ଆନ୍ଦୋଳନର ଦୃଢ ମୂଳଦୁଆ ସ୍ଥାପନ କରିଥିଲେ । ତାହାରି ଉପରେ ପରବର୍ତ୍ତୀ କାଳରେ ଭାରତର ସ୍ୱାଧିନତା ଆନ୍ଦୋଳନ ଗଢିଉଠିଥିଲା ।

ଜାତୀୟ କଂଗ୍ରେସ ଦ୍ୱାରା ଉପସ୍ଥାପିତ ପ୍ରଧାନ ଦାବିରୁ ଗୋଟିଏ ମଧ ବ୍ରିଟିଶ ସରକାର ଗ୍ରହଣ କଲା ନାହିଁ । ଫଳସ୍ୱରୂପ ରାଜନୈତିକ ସଚେତନ ଲୋକେ କଂଗ୍ରେସର ନରମପନ୍ଥି ନୀତିନିୟମ ଓ କାର୍ଯ୍ୟ ପ୍ରଣାଳୀ ପ୍ରତି ବିଶ୍ୱାସ ହରାଇଲେ । ସଭା,ଦରଖାସ୍ତ, ଅନୁରୋଧ ଏବଂ ବିଧାନସଭାରେ ଭାଷଣ ବଦଳରେ ସକ୍ରିୟ ରାଜନୈତିକ ଗତିବିଧି ଓ କାର୍ଯ୍ୟ ପ୍ରଣାଳୀ ପାଇଁ ଦାବୀ ଆସିଲା । ୧୮୯୨ ରୁ ୧୯୦୫ ମଧ୍ୟରେ ବ୍ରିଟିଶ ସରକାରଙ୍କ ନୀତନିୟମ ଓ କାର୍ଯ୍ୟକଳାପ ରାଜନୈତିକ କର୍ମିଙ୍କ ମଧରେ ଘୋର ଅସନ୍ତୋଷ ସୃଷ୍ଟି କରି ବୈପ୍ଳବିକ ପ୍ରବକ୍ତାଙ୍କ ସଂଖ୍ୟା ବଢାଇଲା ।

ଲୋକେ ଅନୁଭବ କଲେ ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ ପ୍ରଗତି ପାଇଁ ସ୍ୱରାଜ୍ୟ ଅପରିହାର୍ଯ୍ୟ, ପରାଧିନତା ଭାରତର ପ୍ରଗତିରେ ବ୍ୟାଘାତ ଘଟାଉଛି । ବାଲ ଗଙ୍ଗାଧର ତିଲକ ଓ ବିପିନ ଚନ୍ଦ୍ର ପାଲ ଆମ୍ ସମ୍ମାନ ଓ ଆମ୍ ବିଶ୍ୱାସର ବାର୍ତ୍ତା ପ୍ରଚାର କଲେ । ସେମାନେ ଭାରତୀୟଙ୍କ ଅର୍ନ୍ତନିହିତ ଶକ୍ତି; ସାମର୍ଥ ଓ କ୍ଷମତା ଉପରେ ଆସ୍ଥା ସ୍ଥାପନ ପାଇଁ ଆହ୍ୱାନ ଦେଲେ । ସ୍ୱାମୀ ବିବେକାନନ୍ଦ ବାର୍ତ୍ତା ଦେଇ ଶିଖାଇଲେ ଯେ ଭାରତୀୟଙ୍କ ଦୁରଦିନ ହଟାଇବାର ଉପାୟ ନିଜ ହାତରେ ଅଛି, ସେଥିପାଇଁ 'ଜାଗ୍ରତହୁଅ, ସବଳ ହୁଅ ଓ ନିର୍ଭୟୀ ହୁଅ' ଯଦି ପୃଥିବୀରେ ପାପ ଅଛି ତା ହେଉଛି ଭିରୁତା , ଭିରୁତା ହିଁ ମୃତ୍ୟୁ ଯାହା ତୁମକୁ ଦୁର୍ବଳ କରୁଛି ଶାରୀରିକ,ମାନସିକ, ଆଧାମ୍ିକ ସ୍ତରରେ ତାକୁ ବିଶ ବୋଲି ପତ୍ୟାକ୍ଷାନ କର' । ସେ ଅନୁରୋଧ କରିଥିଲେ ବିଗତ ଦିନରେ ଗୌରବଗାନ କରି ବଞ୍ଚିବା ତ୍ୟାଗ କର, ଦୃଢ ସଂକଳ୍ପ ଓ ସାହାସିକତାର ସହ ଆସନ୍ତାକାଲି ଗଢି ତୋଳ ।

**<u>ଲଢେଇ ପାଇଁ ପ୍ରସ୍ତୁତ ଜାତୀୟବାଦୀ ଚିନ୍ତାଧାରା</u>**

ସ୍ୱାଧିନତା ପାଇଁ ଜାତୀୟ ଆନ୍ଦୋଳନ ଆରମ୍ଭ କାଳରୁ ଏକ ଓ ତାତ୍ତ୍ୱିକ ଗୋଷ୍ଠୀ ଲଢେଇ ପାଇଁ ମତପୋଷଣ କରୁଥିଲେ । ସେମାନଙ୍କ ମଧ୍ୟରୁ ବଙ୍ଗ ପ୍ରଦେଶରୁ ଅଶ୍ୱିନୀ କୁମାର ଦତ୍ତ ଓ ରାଜ ନାରାୟଣ ବୋଷ , ମହାରାଷ୍ଟ୍ରର ବିଷ୍ଣୁ ଶାସ୍ତ୍ରି ଚିପଲୁକାର ଓ ଲୋକମାନ୍ୟ ବାଲଗଙ୍ଗାଧର ତିଲକ ମୁଖ୍ୟ ଥିଲେ । ତିଲକ ଜାତୀୟ ସମ୍ବାଦପତ୍ର ମରହଟ୍ଟା ଓ କେଶରୀ ସଂପାଦନ କଲେ, ଗଣେଷ ଓ ଶିବାଜୀ ଉତ୍ସବ ପାଳନ ଆରମ୍ଭ କଲେ । ସେ ଯୁବ ସମାଜ ମଧରେ ଜାତୀୟ ଚେତନା ଓ ଉଦ୍ଦୀପନା ସୃଷ୍ଟି କଲେ ଓ ଆହ୍ୱାନ ଦେଲେ ଆମ୍ନିର୍ଭରଶୀଳ, ସାହାସୀ, ତ୍ୟାଗି ହୋଇ ଭାରତର ସ୍ୱାଧିନତା ସଂଗ୍ରାମରେ ଝାସ ଦେବାକୁ । ସେ ନିଜେ ନିର୍ଭିକ ଓ ତ୍ୟାଗୀର ପ୍ରତୀକ ହୋଇ ବ୍ରିଟିଶ ସରକାରଙ୍କୁ କ୍ଷମା ପ୍ରାର୍ଥନା କରିବା ବଦଳରେ ୧୮ ମାସ ପାଇଁ ସଶ୍ରମ ଜେଲ ଦଣ୍ଡ ସ୍ୱୀକାର କଲେ । ବିଂଶ ଶତାବ୍ଦିର ପ୍ରଥମାର୍ଦ୍ଧରେ ବିପିନ ଚନ୍ଦ୍ର ପାଲ, ଅରବିନ୍ଦ ଘୋଷ, ଲାଲା ଲଛପତ ରାୟ ସ୍ୱାଧିନତା ପାଇଁ ଲଢେଇ ଚିନ୍ତାଧାରାର ନେତୃତ୍ୱ ନେଲେ । ସେମାନଙ୍କ ବିଚାରରେ ଭାରତର ମୁକ୍ତି ପାଇଁ ଭାରତୀୟଙ୍କୁ ହିଁ ତାଲିମ ନେବାକୁ ପଡିବ ଓ ସ୍ୱପ୍ରୟାସ ବଦଳରେ ନିମ୍ନସ୍ତରକୁ ଖସିଯାଇଥିବା ସ୍ଥାନରୁ ଉପରକୁ ଉଠିବାକୁ ପଡିବ । ସେଥିପାଇଁ ବଡ ଧରଣର ପରମ ତ୍ୟାଗ, ବଳିଦାନ ଓ ଯନ୍ତ୍ରଣା ସହ୍ୟ କରିବାକୁ ପଡିବ । ଜନ୍ମଭୂମିର ମୁକ୍ତି ଓ ମଙ୍ଗଳ ପାଇଁ କୌଣସି ପ୍ରକାର ବ୍ୟକ୍ତିଗତ ବଳିଦାନ ବଡ ନୁହେଁ । ସେମାନେ ମୁକ୍ତ କଣ୍ଠରେ ଘୋଷଣା କଲେ

ବିଦେଶୀ ଶାସନରୁ ମୁକ୍ତ ସ୍ୱରାଜ ଜାତୀୟ ଆନ୍ଦୋଳନ ମୂଳ ଲକ୍ଷ । ଲୋକଶକ୍ତି ଉପରେ ସେମାନଙ୍କର ପ୍ରବଳ ବିଶ୍ୱାସ ଥିଲା ଏବଂ ଲୋକଙ୍କ ପ୍ରତ୍ୟକ୍ଷ ରାଜନୈତିକ କାର୍ଯ୍ୟକ୍ରମ ଭାଗନେବା ପାଇଁ ଆହ୍ୱାନ ଦେଇଥିଲେ ।

୧୯୦୬ ମସିହାରୁ ୧୯୧୮ ସସିହା ପର୍ଯ୍ୟନ୍ତ ସମୟକୁ କଂଗ୍ରେସରେ ଚରମପନ୍ଥୀ ଯୁଗ ବୋଲି କୁହାଯାଏ । ବଙ୍ଗ ବିଭାଜନ ପରେ ଜାତୀୟ କଂଗ୍ରେସ ଏକ ନୂତନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । ୧୮୮୫ ରୁ ୧୯୦୫ମଧ୍ୟର ଅଭୀଜ୍ଞତାରୁ ଭାରତୀୟ ଜାତୀୟ କଂଗ୍ରେସ ଦେଶର ବିଭିନ୍ନ ସମସ୍ୟା ଅନୁଶୀଳନ କରିବାର ସୁଯୋଗ ହାସଲ କରିଥିଲା । ଭାରତୀୟମାନଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ଇଂରେଜ ସରକାରଙ୍କ ନିକଟରେ ଦାବୀ ଉପସ୍ଥାପନା କରିଥିଲା । ଏକ ସାମ୍ବିଧାନିକ ଆନ୍ଦୋଳନ ମାଧ୍ୟରେ କିନ୍ତୁ ହାସଲ କରିଥିବା ଦାବି ଥିଲା ନଗଣ୍ୟ । ଭାରତୀୟମାନେ ଏକ ପ୍ରତିନିଧିତ୍ୱ ଯୁଗର ସ୍ୱପ୍ନ ଦେଖିଥିଲେ ଏବଂ ସମସ୍ୟା ସମାଧାନ କରିବାର ଉପାୟ ଖୋଜିଥିଲେ, ପର୍ଯ୍ୟାଲୋଚନା କଲେ ଜଣାଯାଏ ଏହାର ଉଦ୍ଦେଶ୍ୟ ବିଫଳ ହୋଇନଥିଲା । ୧୮୯୬-୯୭ ଏବଂ ୧୮୯୯-୧୯୦୦ ମସିହାର ଭୟଙ୍କର ମରୁଡି ଭାରତୀୟମାନଙ୍କ ଆର୍ଥିକ ଅବସ୍ଥାକୁ ଦୋହଲାଇ ଦେଇଥିଲା । ଦୁର୍ଭିକ୍ଷ, ମରୁଡି ଏବଂ ମହାମାରୀ ଆକ୍ରାନ୍ତ ଭାରତୀୟମାନେ ଇଂରେଜ ସରକାରଙ୍କ ଠାରୁ ସାହାର୍ଯ୍ୟ ପାଇବା ପରିବର୍ତ୍ତେ ଅବହେଳାର ଶୀକାର ହୋଇଥିଲେ । ମହାରଣୀ ଭୀକ୍ଟୋରିଆଙ୍କ ସିଂହାସନ ଆରୋହଣର ରୌପ୍ୟ ଜୁବୁଲି ଉତ୍ସବର ଆଡମ୍ବର ଭାରତୀୟ ଲୋକଙ୍କ ଦୁର୍ଦ୍ଦଶା ପ୍ରତି ଉପହାସ ମାତ୍ର ଥିଲା । ଲାଜପତ ରାଏଙ୍କ ଭାଷାରେ 'ଦୀର୍ଘ ୨୦ ବର୍ଷରେ ଭାରତୀୟମାନଙ୍କ ଦୁଃଖ ଲାଘବ ପାଇଁ ଦାବି କରିଥିଲେ କିନ୍ତୁ ରୋଟି ବଦଳରେ ପଥର ହିଁ ପାଇଥିଲେ' । କଂଗ୍ରେସର ଉଦାରପନ୍ଥୀ ନେତାମାନଙ୍କ ଉପରୁ ମଧ୍ୟବିତ୍ତ ଶ୍ରେଣିରୁ ଆସିଥିବା ଯୁବକମାନଙ୍କ ଭରସା ତୁଟି ଯାଇଥିଲା ।

ଏହିଭଳି ପରିସ୍ଥିତିରେ ବହୁ ଶିକ୍ଷିତ ଭାରତୀୟ ଚରମପନ୍ଥୀମାନଙ୍କ ସହିତ ଯୋଗ ଦେଇଥିଲେ । ଭାରତୀୟ ଯୁବକମାନଙ୍କ ପ୍ରତି ବୈମାତୃକ ମନୋଭାବ, କଲିକତା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଲର୍ଡ କର୍ଜନଙ୍କର ଭାରତୀୟମାନଙ୍କ ଚରିତ୍ରକୁ ସମାଲୋଚନା, ବଙ୍ଗ ବିଭାଜନ ଏବଂ ଇଂରେଜ ସରକାରଙ୍କର କେତେକ ଦମନ ମୂଳକ ଆଇନ ଭାରତୀୟ ଯୁବକମାନଙ୍କୁ ଉଗ୍ର ଜାତୀୟତାବାଦ ଆଡକୁ ନେଇଯାଇଥିଲା । ଏଇ ଦମନମୂଳକ ଆଇନ୍ ମଧ୍ୟରେ ଥିଲା ଲର୍ଡ କର୍ଜନଙ୍କର ସରକାରୀ ଗୋପନୀୟତା ଆଇନ, କଲିକତା କର୍ପୋରେସନ୍ ଆଇନ୍ ଏବଂ ଭାରତୀୟ ବିଶ୍ୱ ବିଦ୍ୟାଳୟ ଆଇନ୍ । ଏହି ଉଗ୍ର ଜାତୀୟବାଦୀମାନଙ୍କର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିଲା ଏବଂ ସେମାନଙ୍କର କାର୍ଯ୍ୟଧାରା ସେ ସମୟରେ ଅନେକ ଯୁବକଙ୍କୁ ଆକୃଷ୍ଟ କରିଥିଲେ । ଚରମପନ୍ଥୀ ନେତାମାନଙ୍କ ଆନ୍ଦୋଳନ ମୁକାବିଲା ପାଇଁ ଇଂରେଜ ସରକାର ଦମନମୂଳକ ବ୍ୟବସ୍ଥା, ବିଭାଜନ ବ୍ୟବସ୍ଥା ଏବଂ ଶାସନ ସଂସ୍କାର ବ୍ୟବସ୍ଥା ପ୍ରୟୋଗ କରିଥିଲେ ।

ବ୍ରିଟିଶ୍ ସରକାର ଦମନମୂଳକ ବ୍ୟାବସ୍ଥା ପ୍ରୟୋଗ କରି ବାଲ ଗଙ୍ଗାଧର ତିଲକଙ୍କୁ କେଶରୀ ଏବଂ ମରହଟ୍ଟା ରେ ପ୍ରକାଶିତ କେତେକ ଲେଖାକୁ ଭିତ୍ତିକରି ୧୯୦୮ ମସିହାରେ ୬ ବର୍ଷ ଲାଗି ସୁଦୂର ମାଣ୍ଡାଲେ ଜେଲ୍‌କୁ ପଠାଇ ଦେଇଥିଲେ । ବିଭାଜନ ବ୍ୟବସ୍ଥାରେ ବଙ୍ଗ ଭଙ୍ଗ ଏବଂ ସନ୍ତୁଷ୍ଟିକରଣ ନୀତିର ପ୍ରୟୋଗ କରିଥିଲେ । ତଥାକଥିତ ନରମପନ୍ଥୀ କଂଗ୍ରେସ ସଭ୍ୟମାନଙ୍କୁ ଖୁସି କରିବା ପାଇଁ ୧୯୦୯ ରେ ମର୍ଲେ-ମିଣ୍ଟୋ ଶାସନ ସଂସ୍କାର ପ୍ରଚଳନ କରିଥିଲେ । ଉଗ୍ର ଜାତୀୟବାଦୀ ଏବଂ ଚରମପନ୍ଥୀମାନଙ୍କ କାର୍ଯ୍ୟକଳାପ ବ୍ରିଟିଶ ଶକ୍ତିକୁ ଚିନ୍ତିତ କରିଥିଲା ଏକଥା ସ୍ୱୀକାର କରାଯାଇପାରେ ।

**ସ୍ୱଦେଶୀ ଆନ୍ଦୋଳନ ଏବଂ ଜାତୀୟତାବାଦୀ ଆନ୍ଦୋଳନ**

ଲର୍ଡ କର୍ଜନଙ୍କ ଶାସନକାଳର ମୁଖ୍ୟ ଘଟଣା ହେଉଛି ବଙ୍ଗ ବିଭାଜନ । ୧୯୦୫ ମସିହାର ବଙ୍ଗ ବିଭାଜନ ଆଇନ ପ୍ରଣୟନ ପୂର୍ବବଙ୍ଗ ଓ ଆସାମକୁ ପଶ୍ଚିମବଙ୍ଗର ହିନ୍ଦୁବହୁଳ ଅଞ୍ଚଳରୁ ଅଲଗାକରି ମୁସଲମାନ ସାମ୍ପ୍ରଦାୟିକତା ଓ ବିଭେଦ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହା ଥିଲା ସାମ୍ପ୍ରଦାୟିକ ତୁଷ୍ଟୀକରଣ ଏବଂ 'ବିଭାଜନ ଏବଂ ଶାସନ' ନୀତିର ଏକ ନମୁନା ଓ ଭାରତୀୟ ଜାତୀୟତାବାଦୀ ଚିନ୍ତାଧାରାକୁ ଆଘାତ କରିବାର ଏକ ପ୍ରଚେଷ୍ଟା । ସଂପୂର୍ଣ୍ଣ ବଙ୍ଗଳାରେ ଏହା ବିରୁଦ୍ଧରେ ପ୍ରବଳ ଆନ୍ଦୋଳନ ଜାଗିଉଠିଲା । ଅକ୍ଟୋବର ୧୬ ତାରିଖ ଦିନ ଏହି ବିଭାଜନ କାର୍ଯ୍ୟକାରୀ ହୋଇଥିଲା, ସେହି ଦିନଟିକୁ ସମଗ୍ର ଭାରତବର୍ଷରେ ଜାତୀୟ ଶୋକ ଦିବସ ରୂପେ ପାଳନ କରାଯାଇଥିଲା । ଓଡିଶାରେ ମଧ୍ୟ ଏହାର ପ୍ରଭାବ ପଡିଥିଲା । ୧୯୦୫ ମସିହାରେ ବଙ୍ଗ ବିଭାଜନ ଆନ୍ଦୋଳନର ନେତୃତ୍ୱ ନେଇ ତିଳକ ସମଗ୍ର ଦେଶବାସୀଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ । ଫଳରେ ତାଙ୍କ ନେତୃତ୍ୱ ପଛରେ ଭାରତର ଅଗଣିତ ଜନତା ସମବେତ ହୋଇପାରିଥିଲେ । ବଙ୍ଗ- ବିଭାଜନ ଆନ୍ଦୋଳନରେ ବଳିଷ୍ଠ ନେତୃତ୍ୱ ନେଇ ବିପିନ ଚନ୍ଦ୍ର ପାଲ ସମଗ୍ର ଭାରତରେ ଜଣେ ବିପ୍ଳବୀ ନେତା ରୂପେ ଖ୍ୟାତି ଅର୍ଜନ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ, ବୟକଟ ଆନ୍ଦୋଳନ ଓ ଜାତୀୟ ଶିକ୍ଷା ପ୍ରଚଳନ ସମ୍ବନ୍ଧୀୟ ପ୍ରସ୍ତାବ ୧୯୦୬ ମସିହାର କଲିକତା କଂଗ୍ରେସ ଅଧିବେଶନରେ ଗୃହିତ ହୋଇଥିଲା । ଏହି କଂଗ୍ରେସ ଅଧିବେଶନର ସଭାପତି ଦାଦାଭାଇ ନାରୋଜୀ ମଧ୍ୟ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ସ୍ୱଦେଶୀ ଓ ବିଦେଶୀ ପଦାର୍ଥ ବର୍ଜନ ଉପରେ ଗରୁତ୍ୱ ଆରୋପ କରିଥିଲେ । ସ୍ୱଦେଶୀ ଓ ବୟକଟ ବା ବିଦେଶୀ ଦ୍ରବ୍ୟ ବର୍ଜନ ଥିଲା ପରସ୍ପରର ପରିପୂରକ । ୧୯୦୫ମସିହାରେ ବଙ୍ଗ ବିଭାଜନ ପରେ ଏହି ଦୁଇଗୋଟି ବିଷୟରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଏହା ଜାତୀୟବାଦୀ ନେତାଙ୍କ ପାଇଁ ନୂଆ ନଥିଲା । ତିଳକ ଓ ଅରବିନ୍ଦଙ୍କ ମତାନୁସାରେ 'ବିଦେଶୀ ଦ୍ରବ୍ୟର ସମ୍ପୂର୍ଣ୍ଣ ବର୍ଜନ' ର ଉଦେଶ୍ୟ ଥିଲା ବହୁମୁଖୀ, ଇଂଲଣ୍ଡର ଶିଳ୍ପନଗରୀ ମାଞ୍ଚେଷ୍ଟର ଉପରେ ଏକ ଅର୍ଥନୈତିକ ଚାପ, ପରୋକ୍ଷଭାବରେ ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢେଇ ଏବଂ ସ୍ୱରାଜ ପାଇଁ ସ୍ୱାବଲମ୍ବନଶୀଳତା ଏହାର ଲକ୍ଷ୍ୟ ଥିଲା ।

୧୯୦୫ ମସିହା ଅଗଷ୍ଟ ୭ ତାରିଖ ଦିନ କଲିକତା ଟାଉନହଲରେ ହୋଇଥିବା ସଭାରେ ବ୍ରିଟିଶ ଦ୍ରବ୍ୟ କ୍ରୟ ନକରିବା ପାଇଁ ସିଦ୍ଧାନ୍ତ ନିଆଯାଇଥିଲା । ଅବିଳମ୍ବେ ଏହି ଆନ୍ଦୋଳନ ସମଗ୍ର ଭାରତବର୍ଷରେ ପରିବ୍ୟାପ୍ତ ହେଲା । ଛାତ୍ରଛାତ୍ରୀମାନଙ୍କୁ ଇଂରେଜ ଶିକ୍ଷାନୁଷ୍ଠାନ ପରିତ୍ୟାଗ କରିବା ପାଇଁ ନିର୍ଦ୍ଦେଶ ଦିଆଗଲା । ହଜାର ହଜାର ସଂଖ୍ୟାରେ ସାଧାରଣ ସଭାମାନ ଆହୁତ ହେଲା । ବଙ୍ଗଳା ସମେତ ଅନ୍ୟାନ୍ୟ ପ୍ରଦେଶରେ ଲୋକଙ୍କୁ ବିଦେଶୀ ଦ୍ରବ୍ୟ ବର୍ଜନ ଓ ସ୍ୱଦେଶୀ ଦ୍ରବ୍ୟ ଗ୍ରହଣ କରିବା ଲାଗି ଅନୁରୋଧ କରାଗଲା । ଲାଲା ଲଜପତ ରାଏ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ବିଦେଶୀ ଦ୍ରବ୍ୟଗୁଡିକୁ ସର୍ବସାଧାରଣରେ ପୋଡି ନଷ୍ଟ କରିଦିଆଯିବା ସଙ୍ଗେ ସଙ୍ଗେ ବିଦେଶୀ ଦ୍ରବ୍ୟ ବିକ୍ରୟ ହେଉଥିବା ଦୋକାନ ଆଗରେ ଧାରଣା ଦିଆଯାଇଥିଲା ଏବଂ ଲୋକଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଦେଶ ମଧ୍ୟରେ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ବଣ୍ଟନ କରିବାର ବ୍ୟାପକ ବ୍ୟବସ୍ଥା କରାଗଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କର ବିଖ୍ୟାତ 'ବେଙ୍ଗଲ କେମିକାଲ' କାରଖାନ କଲିକତାରେ ସ୍ଥାପନ କରିଥିଲେ । ସ୍ୱଦେଶୀ ଷ୍ଟୋର ବା ଦୋକାନ ଖୋଲାଗଲା । ବଙ୍କିମଚନ୍ଦ୍ରଙ୍କ ଲେଖା ଭାରତବାସୀଙ୍କୁ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିଥିଲା ।

ତାଙ୍କ ରଚିତ ବନ୍ଦେ ମାତରମ୍ ସଙ୍ଗୀତ ଭାରତର କୋଣ ଅନୁକୋଣକୁ ବ୍ୟାପିଥିଲା । ତିଲକଙ୍କ ମତରେ ବିଦେଶୀ ଜିନିଷ ବର୍ଜନ ଆନ୍ଦୋଳନର ମୌଳିକ ଲକ୍ଷ୍ୟ ଥିଲା ସ୍ୱରାଜ ହାସଲ । ସେ କହୁଥିଲେ " ସ୍ୱରାଜ ହେଉଛି ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହାକୁ ହାସଲ କରିବି" ।

ଜାତୀୟତାବାଦୀମାନଙ୍କ ଅନ୍ୟ ଏକ ବିଚାର ଥିଲା ଜାତୀୟ ଶିକ୍ଷା । ଜାତୀୟ ନେତାମାନେ ଜାତୀୟ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା ଦିଗରେ ସଯତ୍ନ ହେଲେ । ସେମାନଙ୍କର ପ୍ରଚେଷ୍ଟାରେ ଜାତୀୟତା ଭାବ ଓ ସ୍ୱାଧୀନତାର ବାର୍ତ୍ତା ଖୁବ ଶୀଘ୍ର ଦେଶର ସର୍ବସାଧାରଣଙ୍କ ପାଖରେ ପହଞ୍ଚିଗଲା । ଜାତି, ଧର୍ମ, ବର୍ଣ୍ଣ,ଲିଙ୍ଗ ନିର୍ବିଶେଷରେ ଦେଶର ସାଧାରଣ ଜନତା ଏହି ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇଥିଲେ । ଦୁର୍ଭିକ୍ଷ, ମହାମାରୀ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସେମାନେ ଲୋକମାନଙ୍କୁ ସହାୟତା କରୁଥିଲେ । ଏହି ଆନ୍ଦୋଳନ ପ୍ରତି କୃଷକ ଓ ଶ୍ରମଜୀବୀମାନଙ୍କ ଭୂମିକା ମଧ୍ୟ ଉଲ୍ଲେଖଯୋଗ୍ୟ ଥିଲା ।

ଭାରତରୁ ଇଂରେଜମାନଙ୍କୁ ବିତାଡିତ କରିବା ପାଇଁ ଉଗ୍ର ଜାତୀୟତାବାଦୀମାନଙ୍କର ମହାନ ଲକ୍ଷ୍ୟ ଥିଲା । ବ୍ରିଟିଶ ସରକାରଙ୍କ ବଙ୍ଗ ଭଙ୍ଗ ଆଇନକୁ ଉଚ୍ଛେଦ ନକରିବା ଏବଂ ଦମନଲୀଳା ଏହି ଆନ୍ଦୋଳନକ ଆଗେଇବାରେ ସହାୟକ ହୋଇଥିଲା । ମାନସିକ ସ୍ତରରେ ସେମାନେ ଏକ ସଶସ୍ତ୍ର ଆନ୍ଦୋଳନ ପାଇଁ ପ୍ରସ୍ତୁତ ଥିଲେ । ସେମାନେ ଭାରତ ଉପରେ ବିଦେଶୀ ସରକାରଙ୍କ ଦ୍ୱାରା ବିଦେଶୀ ସଭ୍ୟତା ଓ ବିଦେଶୀ ଭାଷାକୁ ଲଦିବାକୁ ଘୃଣା ଚକ୍ଷୁରେ ଦେଖୁଥିଲେ । ଅତ୍ୟାଚାରୀ ଓ ନିଷ୍ଠୁର ଇଂରେଜ କର୍ମଚାରୀମାନଙ୍କୁ ଉଚିତ ଶାସ୍ତି ଦେବାପାଇଁ ହତ୍ୟା କରିବା ପ୍ରୟାସ ଜାରି ରଖିଥିଲେ । ସେହି ଉଗ୍ର ଜାତୀୟତାବାଦୀ ନେତାମାନଙ୍କ ମଧ୍ୟରେ ଚନ୍ଦ୍ର ଶେଖର ଆଜାଦ୍, ମଦନଲାଲ ଧିଙ୍ଗ୍ରା, ବିରେନ୍ଦ୍ର କୁମାର ଘୋଷ, ଭୂପିନ୍ଦ୍ରନାଥ ଦତ୍ତ, ପ୍ରଫୁଲ୍ଲ ଚାକୀ, ଖୁଦିରାମ ବୋଷ, ସୂର୍ଯ୍ୟ ସେନ୍ , ଭଗତ ସିଂହ , ଶୁକଦେଓ ଏବଂ ରାଜଗୁରୁ ଇତ୍ୟାଦି ପ୍ରଖ୍ୟାତ ଥିଲେ । ପଞ୍ଜାବ ଏବଂ ବଙ୍ଗରେ ଏହି ଆନ୍ଦୋଳନ ବ୍ୟାପୀ ଯାଇଥିଲା । ଭାରତ ବାହାରେ ମଧ୍ୟ ଅନେକ ବିପ୍ଲବୀ ସଂଗଠନ କାର୍ଯ୍ୟ କରୁଥିଲା । ସେମାନେ ନିଜର ଆତ୍ମୋତ୍ସର୍ଗ ପାଇଁ ଦେଶ ଭିତରୁ ଏବଂ ବାହାରୁ ଜନ ସମର୍ଥନ ପାଉଥିଲେ । ଏହିଭଳି ବିକ୍ଷିପ୍ତ ଭାବରେ ଉଗ୍ର ଜାତିୟତାବାଦୀ ସଂଗଠନ ଗଢି ଉଠିଥିଲେ ମଧ୍ୟ ଦେଶବ୍ୟାପୀ ବିପ୍ଲବ ସୃଷ୍ଟି କରିବାରେ ଏମାନେ ସଫଳ ହୋଇପାରିନଥିଲେ ।

**ମାହାତ୍ମାଗାନ୍ଧୀଙ୍କ ଅଭ୍ୟୁଦୟ**

ଭାରତୀୟ ରାଜନୀତିରେ ମହାତ୍ମାଗାନ୍ଧୀଙ୍କ ଅଭ୍ୟୁଦୟ ବିଂଶ ଶତାବ୍ଦୀର ଏକ ମହାନ୍ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ । ବିଶ୍ୱ ଇତିହାସରେ କୌଣସି ଉଦାହରଣ ନାହିଁ ଯେଉଠି ପରାଧୀନତାର ଶୃଙ୍ଖଳ ଆପେ ଆପେ ହଟିଯାଇଛି କିମ୍ବା କୌଣସି ବିଦେଶୀ ଶାସନ ସ୍ୱଇଚ୍ଛାରେ ପରିତ୍ୟାଗ କରି ଚାଲିଛି । ବିଦେଶୀ ଶାସନର ମୁକ୍ତି ପାଇଁ ଦରକାର ପଡେ ଏକ ବଳିଷ୍ଠ ସଂଗ୍ରାମ, ଦୃଢ ସଂଗଠନ ଓ ସର୍ବୋପରି ଆତ୍ମପ୍ରତ୍ୟୟ ଏବଂ ଆତ୍ମ ଚେତନାର ଦିଗ୍‌ଦର୍ଶନ । ମୋହନ ଦାସ କରମଚାନ୍ଦ ଗାନ୍ଧିଙ୍କ ଜୀବନ ଏକ କଠୋର ଆତ୍ମଶୃଙ୍ଖଳାର ମୂଳଦୁଆ ଥିଲା । ସେ ଭାରତୀୟଙ୍କ ପାଇଁ ଅଶେଷ କଷ୍ଟ ସ୍ୱୀକାର କଲେ ଏବଂ ଶେଷକୁ ପ୍ରାଣପାତ କଲେ । ଯଥାର୍ଥରେ ସେ ଥିଲେ ଜାତିର ଜନକ । ଗାନ୍ଧିଜୀଙ୍କର ମହାନୀୟତାର ଏକ ବଳିଷ୍ଠ କାରଣ ଥିଲା ତାଙ୍କର ଦେଶପ୍ରେମ ଏବଂ ରାଜନୈତିକ ସଂଗ୍ରାମରେ ସାର୍ଥକ ନେତୃତ୍ୱ । ସତ୍ୟ ପାଇଁ ଶାଶ୍ୱତ ଅନୁସନ୍ଧାନ ଥିଲା ତାଙ୍କ ଜୀବନର ଏକ ମହାନ ଲକ୍ଷ୍ୟ ।

କାଥିଆବାଡର ପୋରବନ୍ଦରଠାରେ ମୋହନଦାସ କରମଚାନ୍ଦ ଗାନ୍ଧୀ ଅକ୍ଟୋବର ୨ ତାରିଖ ୧୮୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଏହା ଗୁଜୁରାଟର ସୌରାଷ୍ଟ୍ର ନାମରେ ପରିଚିତ । ତାଙ୍କ ପିତାଙ୍କ ନାମ ଥିଲା କରମଚାନ୍ଦ ଗାନ୍ଧୀ ଓ ମାତାଙ୍କ ନାମ ଥିଲା ପୁତୁଳୀ ବାଈ । ପିତା ପୋରବନ୍ଦରର ରାଜ୍ୟର ଦେୱାନ ଥିଲେ । ମାତା ଜଣେ ଧର୍ମ ପରାୟଣ ମହିଳା ଥିଲେ । ବାଲ୍ୟକାଳରୁ କଠୋର ଅନୁଶାସନ ମଧ୍ୟରେ ତାଙ୍କର ଜୀବନ କଟିଥିଲା । ଉଭୟ ପିତା- ମାତାଙ୍କର ପ୍ରଭାବ ଗାନ୍ଧିଜୀଙ୍କ ଜୀବନରେ ପ୍ରତିଫଳିତ ହୋଇଥିଲା । ମାତ୍ର ୧୩ ବର୍ଷ ବୟସରେ ଯେତେବେଳେ ମୋହନଦାସ ସ୍କୁଲରେ ପାଠ ପଢୁଥିଲେ, ସେତେବେଳେ ତାଙ୍କର କସ୍ତୁରୀବାଈଙ୍କ ସହିତ ବିବାହ ହୋଇଥିଲା ।

୧୮୮୫ ମସିହାରେ ମୋହନଙ୍କ ପିତାଙ୍କର ମୃତ୍ୟୁ ହେଲା । ଦୁଇବର୍ଷ ପରେ ସେ ପ୍ରବେଶିକା ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନିକଟବର୍ତ୍ତୀ ଭାବନଗର ମହାବିଦ୍ୟାଳୟରେ ଯୋଗଦେଲେ । ପରେ ଜଣେ ପରିବାରର ବନ୍ଧୁଙ୍କର ସୂଚନା ଅନୁଯାୟୀ ବିଲାତ ଯାଇ ବାରିଷ୍ଟର ପଢିବାକୁ ସ୍ଥିର କଲେ । ୧୮୮୮ ମସିହା ସେପ୍ଟେମ୍ବର ୪ ତାରିଖ ଦିନ ସେ ସାଉଥମ୍ପଟନକୁ ନୌ-ଯାତ୍ରା ଆରମ୍ଭ କଲେ । ସେତେବେଳେ ସେ ୧୮ ବର୍ଷର ଏବଂ ସନ୍ତାନର ପିତା ହୋଇସାରିଥିଲେ । ତିନିବର୍ଷ ସେଠାରେ ଅତିବାହିତ କରି ଆଇନ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋବାପରେ ୧୮୯୧ ଜୁନ ୧୧ ତାରିଖରେ ଉଚ୍ଚ ନ୍ୟାୟାଳୟରେ ଓକିଲାତି କରିବାକୁ ଯୋଗ୍ୟ ହୋଇଥଲେ । ଭାରତକୁ ଫେରିଆସି ବମ୍ବେରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ ।

କାଥିଆବାଡର ଗୋଟିଏ ମୁସଲମାନ ବ୍ୟବସାୟ ସଂସ୍ଥାର ଦକ୍ଷିଣ- ଆଫ୍ରିକାରେ ବିପୁଳ ବାଣିଜ୍ୟ ବ୍ୟବସାୟ ଥିଲା । ଗୋଟିଏ ବଡ ମକଦ୍ଦମାରେ ଦକ୍ଷିଣ-ଆଫ୍ରିକାର ସମ୍ପୃକ୍ତ ଓକିଲଙ୍କ ସାହାଯ୍ୟ ଓ ପରାମର୍ଶ ଦେବାକୁ ଉକ୍ତ ସଂସ୍ଥା ଗାନ୍ଧିଜୀଙ୍କୁ ନିଯୁକ୍ତି କରି ଦକ୍ଷିଣ- ଆଫ୍ରିକା ପଠାଇବାକୁ ପ୍ରସ୍ତାବ ଦେଲେ । ୧୮୯୩ ମସିହା ଅପ୍ରେଲରେ ଗାନ୍ଧିଜୀ ଉକ୍ତ ନିଯୁକ୍ତିକୁ ଗ୍ରହଣ କରି ଦକ୍ଷିଣ- ଆଫ୍ରିକାର ଡର୍ବାନକୁ ଯାତ୍ରା ଆରମ୍ଭ କରିଥିଲେ । ସେ ବର୍ଷକ ପାଇଁ ଯାଇଥିଲେ କିନ୍ତୁ ପରିସ୍ଥିତିର ଚକ୍ରରେ ସେ ସେଠାରେ ପ୍ରାୟ ୨୦ ବର୍ଷ କଟାଇଥିଲେ । ଆଇନ ବ୍ୟବସାୟ ସହିତ ଦକ୍ଷିଣ- ଆଫ୍ରିକା ସରକାରର କଳା- ଗୋରା ଭେଦଭାବ ନୀତିକୁ ବିରୋଧ କରିବାକୁ ତାଙ୍କୁ ବାଧ କରିଥିଲା । ସେ ନିଜେ ଶ୍ୱେତ ଇଉରୋପୀୟମାନଙ୍କ ଘୃଣାର ଶିକାର ହୋଇଥିଲେ । ପ୍ରିଟୋରିଆରେ ପହଞ୍ଚି ଗାନ୍ଧିଜୀ ଦକ୍ଷିଣ- ଆଫ୍ରିକାରେ ଭାରତୀୟମାନଙ୍କ ଦୟନୀୟ ଅବସ୍ଥା ଦେଖି ମର୍ମାହତ ହୋଇଥିଲେ । ଏଇଠି ହୋଇଥିଲା ଗାନ୍ଧିଜୀଙ୍କର ରାଜନୈତିକ ଜୀବନର ପ୍ରଥମ ପରୀକ୍ଷା । ସେଠାରେ ସେ ବର୍ଣ୍ଣ- ବୈଷମ୍ୟ ନୀତିଜନିତ କଳା ଆଇନକୁ ଦୃଢ ବିରୋଧ କରି କେତେକାଂଶରେ ସଫଳ ହୋଇଥିଲେ । ସବୁଠାରୁ ବଡକଥା ହେଲା ଗନ୍ଧିଜୀ ବିରୋଧ କରିବାର ଯେଉଁ ବାଟ ବାଛିଥିଲେ ତାହା ଥିଲା ନୂତନ ଏବଂ ଅସାଧାରଣ । ଏହା ଥିଲା ଗାନ୍ଧିଜୀଙ୍କର ଶାଶ୍ୱତ ଚିନ୍ତାଧାରାର ଏକ ସଫଳ ସୃଷ୍ଟି । ଏହି ଆନ୍ଦୋଳନ ସତ୍ୟ, ଅହିଂସା ଏବଂ ଅସହଯୋଗ ଉପରେ ପର୍ଯ୍ୟବସିତ ଥିଲା । ସରକାରଙ୍କର ଅନ୍ୟାୟ ଏବଂ ଅତ୍ୟାଚାର ବିରୋଧାରେ ଏହି ଅମୋଘ ଅସ୍ତ୍ରକୁ 'ସତ୍ୟାଗ୍ରହ' କୁହାଗଲା । ଏହା ଦୁର୍ବଳଲୋକର ଅସ୍ତ୍ର ନଥିଲା ବରଂ ଥିଲା ଏକ ସବଳତମ ମାନସିକ ଆଧାରର ଅସ୍ତ୍ର । ଏହି ବିରୋଧ ଥିଲା ଅଭିନବ ଏବଂ ଏହାର ଉପାୟ ଥିଲା ସରଳ । ଭାରତୀୟମାନଙ୍କ ରାଜନୈତିକ ଅଧିକାରକୁ ସଙ୍କୁଚିତ କରିବା ପାଇଁ ପ୍ରଣୟନ କରାଯାଇଥିବା ଆଇନଗୁଡିକୁ ଦୃଢ

ବିରୋଧ କରାଯାଇଥିଲା । ଆଇନ ଅମାନ୍ୟ ଫଳରେ ଗାନ୍ଧିଜୀଙ୍କ ସମେତ ଅନେକଙ୍କୁ କାରାବରଣ କରିବାକୁ ପଡିଥିଲା । ପରିଶେଷରେ ଗାନ୍ଧିଜୀଙ୍କର ସତ୍ୟାଗ୍ରହର ବିଜୟ ଘଟିଥିଲା ।

ଦକ୍ଷିଣ- ଆଫ୍ରିକାରେ ଗାନ୍ଧିଜୀଙ୍କର ଅବଦାନ ଭାରତୀୟଙ୍କୁ ଆକର୍ଷିତ କରିଥିଲା । ୧୯୧୫ ମସିହା ଜାନୁଆରୀରେ ସେ ଭାରତକୁ ଫେରିଥିଲେ । ଗୋପାଳକୃଷ୍ଣ ଗୋଖେଲଙ୍କର ରାଜନୈତିକ ଚିନ୍ତାଧାରାରେ ସେ ବିଶ୍ୱାସ ରଖି ଗୋଖେଲଙ୍କର ରାଜନୈତିକ ଗୁରୁ ରୂପେ ସ୍ୱୀକାର କରିଥିଲେ । ବମ୍ବେରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ଗୋଟିଏ ବର୍ଷ ଭାରତବର୍ଷ ବିଭିନ୍ନ ଅଞ୍ଚଳକୁ ବୁଲି ଅବସ୍ଥା ଅନୁଧ୍ୟାନ କରିବା ପରେ ରାଜନୈତିକ ସଂଗ୍ରାମରେ ଝାସ ଦେବାପାଇଁ ସ୍ଥିର କରିଥିଲେ । ସେ ରବିନ୍ଦ୍ରନାଥଙ୍କର ଶାନ୍ତିନିକେତନକୁ ଯାଇ କବିଗୁରୁଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ । ଅହମଦାବାଦର ସାବରମତୀ ନଦୀ କୂଳରେ ସେ ସତ୍ୟାଗ୍ରହ ଆଶ୍ରମ ପ୍ରତିଷ୍ଠା କରିଥିଲେ ଓ ସହକର୍ମୀମାନଙ୍କୁ ସତ୍ୟାଗ୍ରହର ତାଲିମ ଦେଇଥିଲେ । ଅହିଂସା ଆନ୍ଦୋଳନ ଦ୍ୱାରା ଇଂରେଜ ଶକ୍ତିକୁ ତଡିବା ପାଇଁ ପ୍ରତିଜ୍ଞା କରିଥିଲେ । ଅହିଂସା ଆନ୍ଦୋଳନ ଓ ସତ୍ୟାଗ୍ରହ ମାଧ୍ୟମରେ ବିଦେଶୀ ଇଂରେଜମାନଙ୍କର ଶୋଷଣ ନୀତି ବିରୋଧ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଜାତୀୟ କଂଗ୍ରେସର ଅଧିବେଶନ ମାଧ୍ୟମରେ ଗାନ୍ଧିଜୀ ତାଙ୍କ ନୀତି ଓ ଆଦର୍ଶ ସମ୍ବନ୍ଧରେ ଆଲୋଚନା କରିଥିଲେ ଏବଂ ଭବିଷ୍ୟତ ଆନ୍ଦୋଳନ ପାଇଁ ଅଭୂତପୂର୍ବ ସମର୍ଥନ ପାଇଥିଲେ ।

ସତ୍ୟାଗ୍ରହ ପ୍ରଥମ ପ୍ରୟୋଗ ୧୯୧୭ ମସିହାରେ ବିହାରର ଚମ୍ପାରନଠାରେ କରିଥିଲେ । ଏଠାରେ ସେ ଇଉରୋପୀୟମାନଙ୍କ ଦ୍ୱାରା ଶୋଷିତ ନୀଳଚାଷୀମାନଙ୍କୁ ନ୍ୟାୟ ଦେବାକୁ ସକ୍ଷମ ହୋଇଥିଲେ । ୧୯୧୮ ମସିହାରେ ଅହମ୍ମଦାବାଦ ସୂତାକଳରେ ଆନ୍ଦୋଳନ କରି ଶ୍ରମିକମାନଙ୍କ ମଜୁରୀ ବଢାଇବାକୁ ସମର୍ଥ ହୋଇଥିଲେ ।

**ରାଓଲାଟ୍ ଆଇନ:-** ମାର୍ଚ୍ଚ ୧୯୧୯ରେ ବ୍ରିଟିଶ ସରକାର ରାଓଲାଟ୍ ଆଇନ ପାସ କଲେ ଯଦିଓ ସେଣ୍ଟ୍ରାଲ ଲେଜିସ୍ଲେଟିଭ କାଉନସିଲର ସମସ୍ତ ଭାରତୀୟ ସଭ୍ୟ ବିରୋଧ କରିଥିଲେ । ଏ ଆଇନ ବଳରେ ଯେକୌଣସି ବ୍ୟକ୍ତିକୁ ଦୋଷୀ ବୋଲି ସାବ୍ୟସ୍ତ ହୋଇନଥିଲେ ମଧ୍ୟ ବିନା ନ୍ୟାୟ ବିଚାରରେ ସରକାର ବନ୍ଦି କରିପାରିବେ । ପ୍ରତିବାଦରେ ସମସ୍ତ ଭାରତୀୟ ସଭ୍ୟ କାଉନସିଲରୁ ତ୍ୟାଗପତ୍ର ଦେଲେ । ରାଉଲାଟ ଆଇନ ଭାରତୀୟଙ୍କ ପାଇଁ ଏକ ନିଷ୍ଠୁର ଟାପରା । ସେଥିପାଇଁ ରାଓଲାଟ୍ ଆଇନ ବିରୋଧରେ ଦେଶବ୍ୟାପୀ ବିକ୍ଷୋଭ ପାଳନ କରିବା ପାଇଁ ଆହ୍ୱାନ ଦିଆଗଲା । ବିକ୍ଷୋଭ ସମୟରେ ଗାନ୍ଧିଜୀ ଭାରତର ଜାତୀୟ ଆନ୍ଦୋଳନର ନେତୃତ୍ୱ ନେଇ ମଙ୍ଗ ଧରିଲେ । ସେ ସତ୍ୟାଗ୍ରହ ସଭା ସ୍ଥାପନ କରି ସଭ୍ୟମାନଙ୍କୁ ରାଓଲତ ଆଇନର ବିରୋଧ କରି ଜେଲ୍ ଯିବାକୁ ଶପଥ ନେବାକୁ ଆହ୍ୱାନ କଲେ ।

**<u>ଜାଲିଆନୱାଲାବାଗ୍ ଘଟଣା</u>**

ରାୱାଲାଟ ଆଇନ ବିରୋଧରେ ଦେଶସାରା ଅସନ୍ତୋଷ ଏବଂ ହରତାଲ,ଧର୍ମଘଟ, ବିକ୍ଷୋଭ ପ୍ରତିବାଦର ସଭା ଚାଲିଲା । ୧୯୧୯ ଏପ୍ରିଲ ୧୩ ତାରିଖ ବୈଶାଖୀ ପର୍ବ ଦିନ ହଜାର ହଜାର ନିରସ୍ତ୍ର ଜନସାଧାରଣ ଜାଲିଆନୱାଲାବାଗ ପଡିଆରେ ଏକତ୍ରୀତ ହୋଇଥିଲେ ପଞ୍ଜାବର ଲୋକପ୍ରିୟ ନେତା ଡାକ୍ତର ସଇଫୁଦ୍ଦିନ୍,କିଚଲୁ ଓ ଡାକ୍ତର ସତ୍ୟପାଲଙ୍କ ଗିରଫଦାରୀ ବିରୋଧରେ । ସନ୍ଧ୍ୟା ପୂର୍ବରୁ ଅମୃତସର ସହରର ମିଲିଟାରୀ କମାଣ୍ଡର ଜେନେରାଲ

ଡାୟାରଙ୍କ ନେତୃତ୍ୱରେ ସୈନ୍ୟମାନେ ପହଞ୍ଚି ନିରସ୍ତ୍ର ଲୋକମାନଙ୍କ ଉପରେ ଗୁଳି ବର୍ଷଣ କରିଥିଲେ ତାଙ୍କ ପାଖରେ ଥିବା ସମସ୍ତ ଗୁଳି ଶେଷ ହେବା ପର୍ଯ୍ୟନ୍ତ । ଜାଲିଆନାୱାଲାବାଗ୍‌ର ପଡିଆ ମଣିଷ ରକ୍ତରେ ରଞ୍ଜିତ ହୋଇପଡିଥିଲା । ହଜାର ହଜାର ନାରୀ,ପୁରୁଷ, ଶିଶୁ ମୃତ୍ୟୁ ମୁଖରେ ପଡିଥିଲେ କିମ୍ବା ଆହତ ହୋଇଥିଲେ । ଏହାର ପ୍ରତିବାଦରେ ରବୀନ୍ଦ୍ରନାଥ 'ନାଇଟ୍' ପଦବୀ ପରିତ୍ୟାଗ କରିଥିଲେ । ସାର ଶଙ୍କରନ ନାୟାର ଭାଇସରାଏଙ୍କର ପ୍ରଶାସନିକ ପରିଷଦର ସଭ୍ୟ ପଦରୁ ଇସ୍ତଫା ଦେଲେ । ଇଂରେଜ ସରକାରଙ୍କର ବର୍ବରୋଚିତ କାର୍ଯ୍ୟରେ ସମଗ୍ର ଦେଶବାସୀ ଘୋର ନିନ୍ଦା କରିଥିଲେ । ଗାନ୍ଧିଜୀ କାଇଜର-ଇ-ହିନ୍ଦ ଉପାଧି ପ୍ରତିବାଦ ସ୍ୱରୂପ ତ୍ୟାଗ କରିଥିଲେ । ଗାନ୍ଧିଜୀ କହିଥିଲେ "ଜାଲିଆନାବାଗ୍‌ର ଶହିଦମାନେ ନିର୍ଭୀକ ଥିଲେ, ନିର୍ଭୟ ହେବା ସ୍ୱରାଜର ଆତ୍ମ ସ୍ୱରୂପ, ଗଣହତ୍ୟା ବ୍ରିଟିଶମାନଙ୍କର କାପୁରୁଷତାର ପ୍ରମାଣ ଓ ଏକ କଳଙ୍କମୟ ଅଧ୍ୟାୟ" ।

୧୯୧୯ ମସିହାର ଭାରତ ଶାସନ ଆଇନ ବା ମଣ୍ଟେଗ୍ୟୁ-ଚେମସ୍‌ଫୋର୍ଡ ଶାସନ ସଂସ୍କାରରେ ବ୍ୟବସ୍ଥାପକ ପରିଷଦଗୁଡିକର ସମ୍ପ୍ରସାରଣ ଏବଂ ଦ୍ୱୈତ ପ୍ରାଦେଶିକ ଶାସନର ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ତାହା ଭାରତୀୟ ଜନ ଅସନ୍ତୋଷକୁ ଲାଘବ କରିପାରିନଥିଲା । ଲୋକମାନେ ଆହୁରି କିଛି ଆଶା ରଖିଥିଲେ ।

ପ୍ରଥମ ବିଶ୍ୱଯୁଦ୍ଧ ପରେ ଇଂରେଜମାନେ ଯେପରି ଭାବରେ ତୁରସ୍କକୁ ଭାଗ ଭାଗ କରି ସୁଲତାନଙ୍କ ଖଲିଫା ଉପାଧି ଉଚ୍ଛେଦ କରିଥିଲେ ତାହା ବିରୋଧରେ ଭାରତରେ ମୁସଲମାନ୍ ନେତା ମହମ୍ମଦ ଅଲ୍ଲୀ, ସୌକତ ଅଲ୍ଲୀ, ମୌଲାନା ଆଜାଦ ଓ ହାକିମ ଆଜମାଲ ଖାନ୍‌ଙ୍କ ନେତୃତ୍ୱରେ ଖିଲାଫତ ଆନ୍ଦୋଳନ କରାଯାଇଥିଲା । ମହାତ୍ମାଗାନ୍ଧୀ, ଲୋକମାନ୍ୟ ତିଲକ ଖିଲାଫତ ଆନ୍ଦୋଳନକୁ ହିନ୍ଦୁ- ମୁସଲମାନଙ୍କ ସହାନୁଭୂତି ଓ ଏକତା ପାଇଁ ସୁବର୍ଣ୍ଣ ସୁଯୋଗ ବୋଲି ଗ୍ରହଣ କରିଥିଲେ । ହିନ୍ଦୁ ଓ ମୁସଲମାନଙ୍କୁ ଇଂରେଜ ବିରୋଧରେ ଏକତ୍ରୀତ କରିବାରେ ଏହା ସହାୟକ ହୋଇଥିଲା । ୧୯୧୯ ନଭେମ୍ବର ୨୩ତାରିଖରେ ସର୍ବ ଭାରତୀୟ ଖିଲାପତ ସଭା ଗାନ୍ଧିଜୀଙ୍କ ସଭାପତିତ୍ୱରେ ଦିଲ୍ଲୀଠାରେ ଆହୁତ ହୋଇଥିଲା ।

**ଅସହଯୋଗ ଆନ୍ଦୋଳନ(୧୯୨୦-୨୨)**

ଗାନ୍ଧିଜୀ ଭାରତୀୟମାନଙ୍କ ହୃଦୟରେ ଜାଗ୍ରତ ବ୍ରିଟିଶ ବିରୋଧି ମନୋଭାବକୁ ଭଲ ଭାବରେ ଜାଣିଥିଲେ । ରାଓଲାଟ୍ ଆଇନ, ଜାଲିଆନୱାଲାବାଗ୍ ଘଟଣା ଓ ଖିଲାପତ୍ ଆନ୍ଦୋଳନ ଆଦି ଘଟଣା ଗାନ୍ଧିଜୀଙ୍କୁ ଅସହଯୋଗ ଆନ୍ଦୋଳନ କରିବା ପାଇଁ ପ୍ରବର୍ତ୍ତାଇଥିଲା । କାରଣ ବ୍ରିଟିଶ୍ ସରକାର ଏସବୁ ଆଇନ ଏବଂ ଘଟଣାର କୌଣସି ଅନୁଶୋଚନା ପ୍ରକାଶ କରିନଥିଲେ । ୧୯୨୦ ମସିହା ଜୁନ୍ ୨୦ତାରିଖରେ ଏଲ୍ଲାବାଦଠାରେ ଏକ ସର୍ବଦଳୀୟ ବୈଠକରେ ଅସହଯୋଗ ଆନ୍ଦୋଳନ ପାଇଁ ଡାକରା ଦିଆଯାଇଥିଲା । ସ୍କୁଲ ଓ କଲେଜ ଏବଂ କୋର୍ଟ ବର୍ଜନ ପାଇଁ ନିଷ୍ପତି ହେଲା ସେହିବର୍ଷ ସେପ୍ଟେମ୍ବର ମାସରେ ଗାନ୍ଧିଙ୍କ ପ୍ରେରଣାରେ ଜାତୀୟ କଂଗ୍ରେସର ଏକ ସ୍ୱତନ୍ତ୍ର ଅଧିବେଶନ କଲିକତାରେ ଡକାଯାଇଥିଲା । କିଛି ଦିନ ପୂର୍ବରୁ ବାଳ ଗଙ୍ଗାଧର ତିଳକଙ୍କ ମୃତ୍ୟୁ ୧ ଅଗଷ୍ଟ ରେ ହୋଇଥିଲା । ଗାନ୍ଧୀ, ଚିତରଞ୍ଜନ ଦାସ, ମୋତିଲାଲ ନେହେରୁଙ୍କ ଉପରେ କଂଗ୍ରେସର ଦାୟିତ୍ୱ ପଡିଥିଲା । ୧୯୨୦ ଡିସେମ୍ବର ମାସରେ ନାଗପୁର ଠାରେ କଂଗ୍ରେସର ବାର୍ଷିକ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ସ୍ୱୀକୃତି ଦିଆଗଲା ଓ ଗାନ୍ଧିଜୀଙ୍କର ନେତୃତ୍ୱରେ ଭାରତୀୟ ଜାତୀୟ କଂଗ୍ରେସରେ ଏକ ନୂତନ ସ୍ତରକୁ ଆନ୍ଦୋଳନ ବଢିଲା । ଗାନ୍ଧିଜୀ

ଘୋଷଣା କଲେ 'ବ୍ରିଟିଶ ଜନସାଧାରଣ ସଚେତନ ହେବା ଦରକାର ଯେ ଯଦି ସେମାନେ ଆମକୁ ନ୍ୟାୟ ଦିଅନ୍ତି' ତାହେଲେ ପ୍ରତ୍ୟେକ ଭାରତୀୟଙ୍କ ଅବଶ୍ୟ କରଣୀୟ ଦାୟୀତ୍ୱ ହେଲା ବ୍ରିଟିଶ ସାମ୍ରାଜ୍ୟକୁ ଧ୍ୱଂସ କରିବା । ଏହି ଅଧିବେଶନରେ ୧୫ଜଣିଆ କଂଗ୍ରେସ କାର୍ଯ୍ୟକାରିଣୀ ସମିତର ସ୍ଥାପନ ହେଲା ଓ ଭାଷାଭିତ୍ତିକ ପ୍ରାଦେଶିକ କଂଗ୍ରେସ କମିଟି ଗଠନର ଆରମ୍ଭ ହେଲା । ବର୍ତ୍ତମାନ ଚାରିଅଣା ଦେଇ ୨୧ବର୍ଷର ଉର୍ଦ୍ଧ ନାରୀ-ପୁରୁଷ ସଭ୍ୟ ହେବା ପାଇଁ ନିଷ୍ପତ୍ତି ହେଲା । ଜାତୀୟ କଂଗ୍ରେସର ରୂପରେଖ ଚରିତ୍ର ବଦଳି ଜନସାଧାରଣଙ୍କ ସଙ୍ଗଠନ ଓ ନେତୃତ୍ୱ ନେଲା ବିଦେଶୀ ଶାସନକ ବିରୋଧରେ ଲଢ଼ିବାରେ । ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଅନୁସାରେ ସରକାରୀ ଶିକ୍ଷାନୁଷ୍ଠାନ ପରିତ୍ୟାଗକରିବା, ସରକାରୀ କୋର୍ଟ ବର୍ଜନ କରିବା, ବିଦେଶୀ ଲୁଗା ବ୍ୟବହାର ନକରିବା, ସରକାରୀ ସମ୍ମାନ ତ୍ୟାଗ କରିବା, ସରକାରୀ ଚାକିରୀରୁ ଇସ୍ତଫା ଦେବା ଆଦି କାର୍ଯ୍ୟକ୍ରମ ଘୋଷଣା କରାଯାଇଥିଲା । ତା ସହିତ ଥିଲା ରଚନାତ୍ମକ ବା ଗଠନମୂଳକ କାର୍ଯ୍ୟକଳାପ । ଏଥିରେ ଖଦିର ପ୍ରସାର, ହିନ୍ଦୁ-ମୁସଲମାନ ଏକତା ବୃଦ୍ଧି, ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ ଏବଂ ଜାତୀୟ ଶିକ୍ଷାର ପ୍ରଚଳନ ପ୍ରଭୃତି କାର୍ଯ୍ୟକ୍ରମ । ଯଦି ଓ ସ୍ୱାଧିନତା ବହୁ ପରେ ଆସିଲା କିନ୍ତୁ ଦାସତ୍ୱ ମନୋବୃତ୍ତିରୁ ମୁକ୍ତ ହେଲେ ଭାରତୀୟ ।

ସତ୍ୟାଗ୍ରହୀ ମାନବିକ ମୂଲ୍ୟବୋଧର ଚେତନାରେ ଜାଗ୍ରତ ହୋଇଉଠିଲେ । ସାହସ, ତ୍ୟାଗ ଏବଂ ନିଷ୍ଠାରେ ଉଦ୍ଭାସିତ ଜନସାଧାରଣ ସତ୍ୟାଗ୍ରହର ଅପୂର୍ବ ଆହ୍ୱାନରେ ସମଗ୍ର ଭାରତରେ ମାତିଗଲେ । ବିଦେଶୀ ବସ୍ତ୍ର ପରିତ୍ୟାଗ କରାଗଲା ଓ ସେଗୁଡ଼ିକୁ ସାଧାରଣ ସ୍ଥାନରେ ଜଳାଇ ଦିଆଗଲା । ଗୃହମାନଙ୍କରେ ଅରଟରେ ସୂତା ଓ ଲୁଗା ବୁଣାଗଲା । ଚାରିକାନ୍ଥରେ ଆବଦ୍ଧ ଭାରତୀୟ ମହିଳା, ଯୁଗଯୁଗର ବନ୍ଧକୁ ଏଡ଼ାଇ ରାଜରାସ୍ତାକୁ ଚାଲିଆସିଲେ । ପୁରୁଷମାନଙ୍କ ସାଙ୍ଗରେ ପାଦ ରଖି ସେମାନେ ଚାଲିଲେ, ସ୍ୱରାଜର ବାର୍ତ୍ତା ଗୋଟିଏ ବର୍ଷରେ ସମଗ୍ର ଭାରତବର୍ଷକୁ ବ୍ୟାପିଗଲା । କଂଗ୍ରେସ ପ୍ରଥମଥର ପାଇଁ ଲୋକମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଥିଲା । ତିଳକ ସ୍ୱରାଜ ପାଣ୍ଠିରେ କୋଟି କୋଟି ଟଙ୍କା ଜମା ହୋଇଗଲା । ସରକାରଙ୍କ ସହିତ ଅସହଯୋଗ ବ୍ରିଟିଶ ସାମ୍ରାଜ୍ୟର ମୂଳଦୂଆକୁ ଆଘାତ କଲା । ୧୯୨୧ ମସିହା ଡିସେମ୍ବର ୨୮ ତାରିଖରେ ଗାନ୍ଧିଜୀ ଅହମ୍ମଦାବାଦ କଂଗ୍ରେସରେ କହିଲେ " ମୁଁ ଶାନ୍ତିରେ ବିଶ୍ୱାସ କରେ କିନ୍ତୁ ଏହାର ଅର୍ଥ ନୁହେଁ ଯେ, ମୁଁ ଯେକୌଣସି ପ୍ରକାରର ଶାନ୍ତି ଚାହେଁ, ମୁଁ ଚାହେଁନା ଶ୍ମଶାନର ଶାନ୍ତି ।" ଭାରତୀୟମାନେ ସ୍ୱାଧୀନତା ପାଇଁ ପ୍ରକୃତ ମୁଲ୍ୟଦେବା ପାଇଁ ପ୍ରସ୍ତୁତ ହୋଇଗଲେଣି । ଆନ୍ଦୋଳନ ସମଗ୍ର ଭାରତରେ ପ୍ରଭାବ ପକାଇ ସାରିଲାଣି । ଏହାର ଦୁଇମାସ ପରେ ହଠାତ୍ ଗାନ୍ଧିଜୀ ଆନ୍ଦୋଳନକୁ ହଠାତ୍ ସ୍ଥଗିତ କରିଦେଲେ । କାରଣ ୧୯୨୨ ମସିହା ଫେବୃୟାରୀରେ ଉତ୍ତର-ପ୍ରଦେଶର ଗୋରଖପୁର ନିକଟରେ ଚୈରୀଚୌରା ନାମକ ସ୍ଥାନରେ ଉତ୍ତ୍ୟକ୍ତ ଜନତା ଗୋଟିଏ ପୋଲିସଥାନା ପୋଡ଼ିଦେଲେ ଓ ତାଭିତରେ ବାଇଶଜଣ ପୋଲିସ୍ କର୍ମଚାରୀ ପୋଡ଼ିଗଲେ । ଗାନ୍ଧିଜୀ ଯେଉଁ ଆନ୍ଦୋଳନର କଥା କହିଥିଲେ ଏବଂ ଏହାର ସଫଳତା ମଧ୍ୟ ଆଶା କରୁଥିଲେ ଏହି ଘଟଣା ଯୋଗୁ ସବୁ ଏପାଖ ସେପାଖ ହୋଇଗଲା । ଗାନ୍ଧିଜୀ ଗଭୀର ଭାବରେ ମର୍ମାହତ ହେଲେ । ଅନେକ ସମାଲୋଚନା, ପ୍ରତିବାଦ, ଆପତ୍ତି ସତ୍ତ୍ୱେ ଗାନ୍ଧିଜୀ ତାଙ୍କ ନିଷ୍ପତ୍ତିରେ ଅଟକ ରହିଗଲେ । ଦୃଢ଼ ଭାବରେ ଆରମ୍ଭ ହୋଇଥିବା ଆକ୍ରମଣାତ୍ମକ କାର୍ଯ୍ୟକ୍ରମକୁ ହଠାତ୍ ବନ୍ଦ କରିଦେଇଥିବାରୁ ଏହା ରାଜନୈତିକ ଦୃଷ୍ଟିକୋଣରୁ ଅସଙ୍ଗତ ବା ଅସମୀଚୀନ ହୋଇପାରେ, କିନ୍ତୁ ଗାନ୍ଧିଜୀଙ୍କ ଦୃଷ୍ଟିକୋଣରୁ ଏହା ଠିକ୍

ଥିଲା ବୋଲି ମନେହୁଏ । ୧୯୨୨ ମସିହା ଫେବୃୟାରୀ ୧୨ ତାରିଖ ଦିନ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକରେ ଅସହଯୋଗ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ଅନୁମୋଦିତ ହୋଇଥିଲା ।

**ଅସହଯୋଗ ଆନ୍ଦୋଳନରେ ଓଡିଶାର ଭୂମିକା**

ଅସହଯୋଗ ଆନ୍ଦୋଳନବେଳେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇନଥିଲା । ସେଥିପାଇଁ ଏକ ଆନ୍ଦୋଳନ ଚାଲିଥାଏ । ଭାରତୀୟ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ୧୯୨୦ମସିହା ଡିସେମ୍ବର ମାସରେ ନାଗପୁରଠାରେ ବସିଥିଲା , ଯେଉଁ ଅଧିବେଶନରେ ଅସହଯୋଗ ଆନ୍ଦୋଳନର ପ୍ରସ୍ତାବ ଗୃହୀତ ହୋଇଥିଲା । ଓଡିଶାରୁ ସମୁଦାୟ ଯେଉଁ ୨୭ଜଣ ପ୍ରତିନିଧି ଯୋଗ ଦେଇଥିଲେ ସେମାନଙ୍କ ମଧ୍ୟରୁ ମୁଖ୍ୟ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ଯଦୁମଣି ମଙ୍ଗରାଜ,ଭାଗିରଥୀ ମହାପାତ୍ର ଏବଂ ହରେକୃଷ୍ଣ ମହତାବ । ଭାଷା ଭିତ୍ତିରେ ପ୍ରାଦେଶିକ କଂଗ୍ରେସ କମିଟୀ ଗଠନ ନାଗପୁର କଂଗ୍ରେସ ଅଧିବେଶନରେ ନିଷ୍ପତ୍ତି ହୋଇଥିଲା । ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇନଥିଲେବି ଭାଷାଭିତ୍ତିରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟୀ ଗଠିତ ହୋଇଥିଲା । ଏଥିରେ ସଭାପତି ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଉପସଭାପତି ଥିଲେ ଡକ୍ଟର ଏକ୍ରାମରସୁଲ, ସଂପାଦକ ଥିଲେ ଭାଗିରଥୀ ମହାପାତ୍ର ଏବଂ ସଂଯୁକ୍ତ ସଂପାଦକ ଥିଲେ ବ୍ରଜସୁନ୍ଦର ଦାସ । ଏଥିରେ ପାଞ୍ଚଜଣ ସଭ୍ୟ ମଧ ଥିଲେ । ବିଭିନ୍ନ ଜିଲ୍ଲାରେ କଂଗ୍ରେସ କମିଟୀ ଗଢାଗଲା । କଟକ ସଦର ଦାୟିତ୍ୱରେ ଭାଗିରଥୀ ମହାପାତ୍ର, ପୁରୀ ଜିଲ୍ଲା ଦାୟୀତ୍ୱରେ ଜଗବନ୍ଧୁ ସିଂହ ଏବଂ କୃପାସିନ୍ଧୁ ମିଶ୍ର, ବାଲେଶ୍ୱର ଜିଲ୍ଲାର ଦାୟିତ୍ୱରେ ଡଃ ହରେକୃଷ୍ଣ ମହାତାବ,ସମ୍ବଲପୁର ଜିଲ୍ଲା ଦାୟିତ୍ୱରେ ପଣ୍ଡିତ ନୀଳକଣ୍ଠ ଦାସ, ଗଞ୍ଜାମ ଜିଲ୍ଲା ଦାୟିତ୍ୱରେ ନିରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡା ଦାୟିତ୍ୱରେ ଯଦୁମଣି ମଙ୍ଗରାଜ,ଯାଜପୁର ଦାୟିତ୍ୱରେ ରହିଲେ ରାଜକୃଷ୍ଣ ବୋଷ । ଜିଲ୍ଲାଠାରୁ ଅଞ୍ଚଳଭିତ୍ତିରେ କଂଗ୍ରେସ ସଙ୍ଗଠନର ମୂଳଭିତ୍ତି ପକାଯାଇଥିଲା ।

ଚକ୍ରଧରପୁରରୁ ପ୍ରତ୍ୟାବର୍ତ୍ତନ ପରେ ଗୋପବନ୍ଧୁ ଦାସ କଟକଠାରେ ୧୯୨୧ ମସିହା ଜାନୁଆରୀ ୨୪ ତାରିଖରେ ଏକ ସାଧାରଣ ସଭାରେ ଯୋଗଦେଇ ଜନସାଧାରଣମାନଙ୍କୁ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ ଆହ୍ୱାନ ଦେଇଥିଲେ । ଗାନ୍ଧିଜୀଙ୍କ ଆଶ୍ରମରେ ଥିବା ଓଡିଆକର୍ମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓଡିଶାକୁ ଫେରି ଅସହଯୋଗ ଆନ୍ଦୋଳନର ମାର୍ଗ ତିଆରି କରିଥିଲେ । ୧୯୨୧ ମସିହା ମାର୍ଚ୍ଚ ମାସ ୨୩ତାରିଖରେ ଗାନ୍ଧିଜୀ ତାଙ୍କ ସ୍ତ୍ରୀ କସ୍ତୁରବା ସହିତ ଆସି କଟକରେ ପହଞ୍ଚିଲେ । କଟକ ରେଲୱେ ଷ୍ଟେସନଠାରୁ ସ୍ୱରାଜ୍ୟ ଆଶ୍ରମକୁ ତାଙ୍କୁ ଏକ ବିରାଟ ପଟୁଆରରେ ନିଆଯାଇଥିଲା ସେଦିନ ସେ ବିନୋଦବିହାରୀଠାରେ ନାରୀମାନଙ୍କୁ ଏକ ସଭାରେ ଉଦ୍‌ବୋଧନ ଦେଇଥିଲେ ଏବଂ ସନ୍ଧ୍ୟାବେଳେ ଗାନ୍ଧିଜୀ କାଠଯୋଡି ନଦୀ ଶଯ୍ୟାରେ ଏକ ବିରାଟ ଜନସାଧାରଣଙ୍କୁ ଅସହଯୋଗ ବିଷୟରେ ଆହ୍ୱାନ ଦେଇଥିଲେ । ତିଳକ ସ୍ୱରାଜ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ ମିଳିଥିଲା । ଅନେକ ନାରୀ ସେମାନଙ୍କର ଅଳଙ୍କାର ଦାନ କରିଥିଲେ । ମାର୍ଚ୍ଚ ୨୫ ତାରିଖରେ ସେ ଭଦ୍ରକ ଆସିଥିଲେ । ତା'ପରେ ସେ ପୁରୀ ଯାଇଥିଲେ । ପୁରୀ ଯିବା ବାଟରେ ୨୬ ମାର୍ଚ୍ଚରେ ସେ ସତ୍ୟବାଦୀ ବିଦ୍ୟାଳୟକୁ ଯାଇଥିଲେ । ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଏବଂ ଛାତ୍ରମାନଙ୍କର ସରଳ ଜୀବନ ଗାନ୍ଧୀଜିଙ୍କୁ ବିସ୍ମିତ କରିଥିଲା । ୨୭ମାର୍ଚ୍ଚରେ ପୁରୀର ଶରଧାବାଲିରେ ଏକ

ଜନସଭାରେ ଭାଷଣ ଦେଇଥିଲେ । ପୁରୀରୁ ବ୍ରହ୍ମପୁର ଦେଇ ସେ କଂଗ୍ରେସ ଅଧିବେଶନରେ ଯୋଗ ଦେବାପାଇଁ ବେଜୱାଡା ଯାଇଥିଲେ ।

ସଭାମାନଙ୍କରେ ଭାଷଣ ଦେଇ ସେ ଲୋକମାନଙ୍କୁ ସାମ୍ରାଜ୍ୟବାଦୀ ଇଂରେଜ ସରକାର ବିରୋଧରେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇପାଇଁ ଆହ୍ୱାନ ଦେଇଥିଲେ । ସ୍ୱରାଜ ପ୍ରାପ୍ତି, ହିନ୍ଦୁ ମୁସଲିମ୍ ଏକତା, ବିଦେଶୀ ବସ୍ତ୍ର ବର୍ଜନ , ଚରଖା ଦ୍ୱାରା ସୂତା କାଟି ଲୁଗା ବୁଣିବା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ବିଶଦ ଆଲୋଚନା କରିଥିଲେ । ତିଳକ ସ୍ୱରାଜ୍ୟ ପାଣ୍ଠି ପାଇଁ ଗାନ୍ଧିଜୀ ପ୍ରାୟ ତିନିଲକ୍ଷ ଟଙ୍କା ଦାନ ହିସାବରେ ଗ୍ରହଣ କରିଥିଲେ । ପ୍ରଥମଥର ପାଇଁ ଓଡିଶାର ବହୁ ସଂଖ୍ୟାରେ ନାରୀମାନେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରମାଦେବୀ ଏବଂ ସରଳାଦେବୀ ।

ଅସହଯୋଗ ଆନ୍ଦୋଳନର ପ୍ରଭାବ

ଓଡିଶାର ଅନେକ ଯୁବକ ସ୍କୁଲ, କଲେଜ, ସରକାରୀ ଚାକିରୀ ଓ ଓକିଲାତି ଛାଡି ଅସହଯୋଗ ଆନ୍ଦୋଳନରେ ଝାସ ଦେଇଥିଲେ । ସମ୍ବଲପୁର ଜିଲ୍ଲା ସ୍କୁଲର କିଛି ଛାତ୍ର ସ୍କୁଲ ପରିତ୍ୟାଗ କଲେ । ରେଭେନ୍‌ସା କଲେଜର ପ୍ରାୟ ଷାଠିଏ ଜଣ ଛାତ୍ର କଲେଜ ଛାଡିଥିଲେ । ୧୯୨୧ ମସିହାରେ ସତ୍ୟବାଦୀ ବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିବର୍ତ୍ତନ କରାଗଲା । ଏହା ବ୍ୟତୀତ ଜାତୀୟ ବିଦ୍ୟାଳୟ, ସମ୍ବଲପୁର, ଜଗତସିଂହପୁର, ଭଦ୍ରକ, ବାଲେଶ୍ୱର ଏବଂ ସୋରଠାରେ ପ୍ରତିଷ୍ଠା କରାଯାଥିଲା । ଗୋଦାବରୀଶ ମିଶ୍ର ଚକ୍ରଧରପୁର ଜାତୀୟ ବିଦ୍ୟାଳୟ ଏବଂ ନୀଳକଣ୍ଠ ଦାସ ସମ୍ବଲପୁର ଜାତୀୟ ବିଦ୍ୟାଳୟର ନେତୃତ୍ୱ ନେଲେ । ଉତ୍କଳ ସ୍ୱରାଜ୍ୟ ଶିକ୍ଷା ପରିଷଦ ଗଠିତ ହୋଇଥିଲା । ଗୋପବନ୍ଧୁ ଦାସ ଏହାର ସଭାପତି ଏବଂ ନନ୍ଦ କିଶୋର ଦାସ ଏହାର ସଂପାଦକ ହୋଇଥିଲେ । ଏହାର ଦାୟିତ୍ୱ ଥିଲା ଜାତୀୟ ବିଦ୍ୟାଳୟର ପରିଦର୍ଶନ ଏବଂ ପରୀକ୍ଷା ପରିଚାଳନା କରିବା ।

ଅନେକ ଓକିଲ ମଧ୍ୟ ବ୍ରିଟିଶ କୋର୍ଟରୁ ସେମାନଙ୍କର ସମ୍ପର୍କ ତୁଟାଇ ଦେଇଥିଲେ । ପୁରୀ,କଟକ ଓ ସମ୍ବଲପୁରରୁ ଜଗବନ୍ଧୁ ସିଂହ, ଭାଗିରଥୀ ମହାପାତ୍ର, ରାମ ନାରାୟଣ ମିଶ୍ର ଓ ବ୍ରହ୍ମପୁରରୁ ବିଶ୍ୱନାଥ ଦାସ ଏବଂ ନଟବର ବଡତିଆ ସେମାନଙ୍କର ଆଇନ ବ୍ୟବସାୟ ତ୍ୟାଗ କରିଥିଲେ । ଏହା ବ୍ୟତୀତ ଅନେକ ଓଡିଆ ଯୁବକ ସରକାରୀ ଚାକିରୀରୁ ଇସ୍ତଫା ଦେଇଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ –ଡେପୁଟି ମାଜିଷ୍ଟ୍ରେଟ୍ ଗୋପବନ୍ଧୁ ଚୌଧୁରୀ ଏବଂ ମୁକୁନ୍ଦ ପ୍ରସାଦ ଦାସ, ପୋଲିସ ସବ-ଇନିସପେକ୍ଟର ସୁରେନ୍ଦ୍ରନାଥ ଦାସ, ଅବକାରୀ ଇନସ୍‌ପେକ୍ଟର ମହମ୍ମଦ ହନିଫ୍ ଇତ୍ୟାଦି । ନୀଳକଣ୍ଠ ଦାସ କଲିକତା ବିଶ୍ୱ ବିଦ୍ୟାଳୟର ଅଧ୍ୟାପକ ପଦବୀ ତ୍ୟାଗ କରିଥିଲେ । ନନ୍ଦ କିଶୋର ଦାସ ଏବଂ ଗୋଦାବରୀଶ ମିଶ୍ରଙ୍କ ଭଳି ଉଚ୍ଚଶିକ୍ଷିତ ବ୍ୟକ୍ତି କୌଣସି ସରକାରୀ ଚାକିରୀ ଗ୍ରହଣ କରିନଥିଲେ ।

ସାଧାରଣ ଲୋକମାନଙ୍କୁ ନ୍ୟାୟ ଦେବାପାଇଁ ଏକ ପଞ୍ଚାୟତ ସ୍ତରରେ ବିଚାର ବ୍ୟବସ୍ଥା ଚଳେଇବା ପାଇଁ ଚେଷ୍ଟା କରାଗଲା । ଲୋକମାନଙ୍କୁ କୁହାଗଲା ଏଥିପାଇଁ ଜମିଦାର ପାଖକୁ ନଯିବା ପାଇଁ । ଭଦ୍ରକରେ ଜାତୀୟ ଭାବଧାରାରେ ପ୍ରଭାବିତ କବି ବାଞ୍ଛାନିଧି ମହାନ୍ତି କେତେକ ପଞ୍ଚାୟତ କୋର୍ଟ ପ୍ରତିଷ୍ଠା କରି ଲୋକମାନଙ୍କର ବିଚାର କରୁଥିଲେ । କଟକ ଜିଲ୍ଲାରେ ଏହା ମଧ୍ୟରେ କେତେକ ଓକିଲ ଉପରକୋର୍ଟ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ

ନେଇଥିଲେ । ସତ୍ୟାଗ୍ରହୀମାନେ ବ୍ରିଟିଶ ସରକାରଙ୍କର କୋର୍ଟ ବର୍ଜନ କରିଥିଲେ ଓ ଏହି ପଞ୍ଚାୟତ କୋର୍ଟ ବିଚାରର ମାଧ୍ୟମ ଥିଲା । ଭଦ୍ରକରେ ଏହାର ପ୍ରଭାବ ଏତେ ଥିଲା ଯେ କେହି ତାଙ୍କର ବିଚାର ନେଇ ଜମିଦାର ପାଖକୁ ଯାଉନଥିଲେ । ପୁରୀରେ ବିଦେଶୀ ବସ୍ତ୍ର ପୋଡାଯାଇଥିଲା । କଟକ, ବାଲେଶ୍ୱର ଏବଂ ଜଳେଶ୍ୱରରେ ଏଥିପାଇଁ ଆନ୍ଦୋଳନ ହୋଇଥିଲା । ବ୍ୟବସାୟୀମାନେ ସତ୍ୟାଗ୍ରାହୀମାନଙ୍କର ଦାବି ମାନିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ମହାତ୍ମାଗାନ୍ଧୀ ପୁରୀରେ ଗଜପତି ଏବଂ ପୁରୋହିତମାନଙ୍କୁ ଜଗନ୍ନାଥଙ୍କ ପାଇଁ ଖଦଡ ବସ୍ତ୍ର ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ ।

ଅସହଯୋଗର ସବୁଠାରୁ ବଡ ପ୍ରୟୋଗ ହେଲା ଆଶ୍ରମ ପ୍ରତିଷ୍ଠା । କଟକର ସ୍ୱରାଜ ଆଶ୍ରମ ଭଳିଆ ଅନ୍ୟାନ୍ୟ ସ୍ଥାନରେ ଆଶ୍ରମମାନ ପ୍ରତିଷ୍ଠା କରାଯାଇଥିଲା । କଂଗ୍ରେସ କର୍ମୀମାନଙ୍କୁ ଏଥିରେ ତାଲିମ ଦିଆଯାଉଥିଲା । ଏଭଳି ଆଶ୍ରମ କଟକ,ବାଲେଶ୍ୱର,ଭଦ୍ରକ,ସୋରୋ,ଜଗତସିଂହପୁର ଏବଂ ସାକ୍ଷୀଗୋପାଳରେ ପ୍ରତିଷ୍ଠା କରାଯାଇଥିଲା । ବାଲେଶ୍ୱରରେ ସ୍ୱରାଜ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ଏହାର ନେତୃତ୍ୱ ନେଇଥିଲେ ହରେକୃଷ୍ଣ ମହତାବ ଏବଂ କରୁଣାକର ପାଣିଗ୍ରାହୀ ଜଗତସିଂହପୁରରେ ଅଳକା ଆଶ୍ରମ ପ୍ରତିଷ୍ଠା କରାଯାଇଥିଲା । ଅସହଯୋଗ ଆନ୍ଦୋଳନର ମୂଳମନ୍ତ୍ରରେ କର୍ମୀମାନଙ୍କୁ ଦୀକ୍ଷା ଦିଆଯାଉଥିଲା । ଖଡିଆଳ ଜମିଦାରୀର ନୂଆପଡା ଅଞ୍ଚଳରେ ସ୍ୱରାଜ ଆନ୍ଦୋଳନ ସୁଦୃଢ ହେଲା ।

ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ନେତୃତ୍ୱରେ ଓଡିଶାର ଅସହଯୋଗ ଆନ୍ଦୋଳନ କୋଣ କୋଣକୁ ବ୍ୟାପି ଯାଇଥିଲା । ତାଙ୍କ ଦ୍ୱାରା ପ୍ରକାଶିତ ସାପ୍ତାହିକ 'ସମାଜ' ଜାତୀୟ ଭାବଧାରା ସୃଷ୍ଟି କରିବାରେ ଏବଂ ଅସହଯୋଗ ଆନ୍ଦୋଳନର ମୂଳମନ୍ତ୍ର ପ୍ରଚାର କରିବାରେ ନେତୃତ୍ୱ ନେଇଥିଲା । ଓଡିଶାର ଜନସାଧାରଣଙ୍କ ସମ୍ମୁଖରେ ଗାନ୍ଧି ପରେ ଗୋପବନ୍ଧୁଙ୍କ ନାମ ଆପେ ଆପେ ଆସିଯାଇଥିଲା । କର୍ମୀମାନେ ଏହି ଆନ୍ଦୋଳନକୁ ଏକ ଚିରସ୍ଥାୟୀ ଆନ୍ଦୋଳନ କରିବାରେ ଲକ୍ଷ୍ୟ ରଖିଥିଲେ ବୋଲି ଅନୁମାନ କରାଯାଉଥିଲା ।

ପରାଧୀନ ଭାରତୀୟମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରି ଏହି ଆନ୍ଦୋଳନକୁ ଦବାଇଦେବାକୁ ବ୍ରିଟିଶ ସରକାର ଉଦ୍ୟମ କରିଥିଲେ । ସଭା,ସମିତି,ଶୋଭାଯାତ୍ରା ପ୍ରଭୃତି ବେଆଇନ ଘୋଷିତ ହେଲା । ହଜାର ହଜାର ଜନତା ଲାଠିମାଡର ଶୀକାର ହେଲେ ଏବଂ ଇଂରେଜ ସରକାରଙ୍କର ଜେଲ୍‌ରେ କାରାବରଣ କରି ଯନ୍ତ୍ରଣା ବରଦାସ୍ତ କଲେ । ପଣ୍ଡିତ ଗୋପବନ୍ଧୁଙ୍କ ଗିରଫ କରାଯାଇ ହଜାରିବାଗ ଜେଲ୍‌କୁ ପଠାଇ ଦିଆଯାଇଥିଲା । ବାଲେଶ୍ୱରରୁ ହରେକୃଷ୍ଣ ମହତାବଙ୍କୁ ମଧ୍ୟ ଗିରଫ କରାଯାଇଥିଲା ।

ଏହି ସମସ୍ତ ଘଟଣା ଅନୁଧ୍ୟାନ କଲେ ଜଣାଯାଏ ଓଡିଶାବାସୀମାନଙ୍କର ଅସହଯୋଗ ଆନ୍ଦୋଳନ ପ୍ରତି ଦୃଢ ସମର୍ଥନ ଥିଲା ।

ଚୋରୀଚୌରା ଘଟଣା ପରେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ସ୍ଥଗିତ ଏକତରଫା ନିଷ୍ପତ୍ତି କର୍ମୀମାନଙ୍କ ମଧ୍ୟରେ କେତେକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।୧୯୨୨ରେ ଏହା ସ୍ଥଗିତ ହେଲା । କଂଗ୍ରେସରେ ଏକ ଆଦର୍ଶଗତ ବିଭେଦ ହେଲା । କେତେକ କଂଗ୍ରେସ କର୍ମୀ ୧୯୧୯ ମସିହାରେ ଭାରତ ଶାସନ ଆଇନ ଅନୁସାରେ ବିଧାନସଭାକୁ ନିର୍ବାଚିତ ହେବାର ଆଶା ରଖିଲେ । ସେମାନେ ବିଧାନସଭା ଭିତିରେ ସରକାରଙ୍କୁ ବୈଧାନିକ ଉପାୟରେ ବିରୋଧ

କରିବେ ସେମାନଙ୍କୁ ପରିବର୍ତ୍ତନ ଦାବୀଦାର କୁହାଗଲା । ଆଉ କେତେକ ବିଧାନସଭା ବର୍ଜନ କରି ଗାନ୍ଧିଜୀଙ୍କ ଗଠନାତ୍ମକ କାର୍ଯ୍ୟକ୍ରମରେ ଯୋଗଦେଲେ । ସେମାନଙ୍କୁ ପରିବର୍ତ୍ତନ-ବିରୋଧୀ କୁହାଗଲା ।୧୯୨୪ ମସିହା ଜୁନ୍ ୨୬ତାରିଖରେ ଗୋପବନ୍ଧୁ ଦାସ ହଜାରୀବାଗ ଜେଲରୁ ଖଲାସ ହୋଇଥିଲେ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କୁ ଉତ୍କଳମଣି ବୋଲି ବର୍ଣ୍ଣନା କରିଥିଲେ ।

**ଆଇନ ଅମାନ୍ୟ ଆନ୍ଦୋଳନ**

ଅସହଯୋଗ ଆନ୍ଦୋଳନର ସମାପ୍ତିର କେତେବର୍ଷ ପରେ ଭାରତର ଶାସନ ଆଇନ ୧୯୧୯ର କାର୍ଯ୍ୟକାରିତା ବିଷୟରେ ଅନୁଧ୍ୟାନ କରିବା ପାଇଁ ୧୯୨୮ ମସିହାରେ ସାଇମନ କମିଶନ ଭାରତକୁ ଆସିଲେ । ସାତଜଣିଆ ପ୍ରତିନିଧିଦଳରେ ଜନ୍ ସାଇମନ ସଭାପତି ଥିଲେ । ଏଥିରେ କୌଣସି ଭାରତୀୟ ନଥିଲେ । କିନ୍ତୁ ସେମାନେ ଅନଧ୍ୟାନ କରିବେ ଓ ନିଷ୍ପତ୍ତି ନେବେ ଯେ ଭାରତ ସ୍ୱାୟତ୍ତ ଶାସନ ପାଇଁ ଉପଯୁକ୍ତ କି ନୁହେଁ । ଏତଦ୍ୱାରା ଭାରତର ସ୍ୱଂନିଶ୍ଚିତ ନୀତିର ଉଲଂଘନ ହେଉଥିଲା ଓ ଭାରତର ଆତ୍ମ ସମ୍ମାନ ପ୍ରତି ଏକ ଅପମାନ ଥିଲା । ଭାରତର ସବୁଦଳ ଏହାର ବିରୋଧ କରିଥିଲେ ଓ ସବୁଠାରେ ଏହାର ବିରୋଧ କରାଯାଇଥିଲା । କଳାପତାକା, ହରତାଳ ଏବଂ ସାଇମନ କମିଶନ ପରିତ୍ୟାଗ ପନ୍ଥା ଗ୍ରହଣ କରାଯାଇଥିଲା । 'ସାଇମନ ଫେରିଯାଅ' ଥିଲା ସତ୍ୟାଗ୍ରହୀଙ୍କର ସ୍ଲୋଗାନ । ଏପରି ବିରୋଧ ସତ୍ତ୍ୱେ କମିଶନ ତାଙ୍କର କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । କେନ୍ଦ୍ର ଏବଂ ପ୍ରାଦେଶିକ ସରକାର ଗଠନ ବିଷୟରେ ପ୍ରସ୍ତାବ ଦେଇ ୧୯୩୦ ମସିହାରେ ରିପୋର୍ଟ ପ୍ରଦାନ କରିଥିଲେ । ଏହି ରିପୋର୍ଟରେ ପ୍ରଦେଶଗୁଡିକରୁ ଦ୍ୱୈତ ଶାସନ ବିଲୋପ କରାଯାଇଥିଲା । ସଂଖ୍ୟାଗରିଷ୍ଠ ଦଳରୁ ମନ୍ତ୍ରୀମାନଙ୍କର ନିଯୁକ୍ତି ବ୍ୟବସ୍ଥା ଏବଂ ପ୍ରାଦେଶିକ ସରକାରଙ୍କୁ ପ୍ରାଶାସନିକ ଏବଂ ଆଇନଗତ ସ୍ତରରେ ଅଧିକ ସ୍ୱାଧିନତା ଦିଆଯାଇଥିଲା । ସବୁଠାରୁ ବଡ ସୁପାରିଶ ଥିଲା ଭାରତକୁ ଏକ ରାଷ୍ଟ୍ରସଂଘରେ ପରିଣତ କରିବା ।

'ସାଇମନ ଫେରିଯାଅ' ସ୍ଲୋଗାନ ଏବଂ କମିଶନ ବିରୋଧ ପନ୍ଥା ଭାରତୀୟମାନଙ୍କ ହୃଦୟରେ ଏକ ଆନ୍ଦୋଳନାତ୍ମକ ଚିନ୍ତାଧାରା ସୃଷ୍ଟି କରିଥିଲା । ୧୯୨୯ ବେଳକୁ କଂଗ୍ରେସ ସବୁ ଗୋଷ୍ଠୀ ଏକତ୍ର ହୋଇ ଗାନ୍ଧିଜୀଙ୍କ ନେତୃତ୍ୱ ଆଡକୁ ଦୃଢ ଆଶାରେ ହିଁ ଚାହିଁ ରହିଥିଲେ । ୧୯୨୯ ମସିହା ଡିସେମ୍ବର ୨୯ ତାରିଖରେ ଭାରତୀୟ ଜାତୀୟ କଂଗ୍ରେସର ଲାହୋର ଅଧିବେଶନରେ ପଣ୍ଡିତ ଜବାହାରଲାଲ ନେହେରୁ ସଭାପତିତ୍ୱ କରିଥିଲେ । ଡିସେମ୍ବର ୩୧ତାରିଖ ୧୯୨୯ ମସିହରେ ଯେତେବେଳେ 'ପୂର୍ଣ୍ଣ ସ୍ୱରାଜ' ପ୍ରସ୍ତାବ ଗାନ୍ଧିଜୀଙ୍କ ଦ୍ୱାରା ଆଗତ କରାଯାଇ ଗ୍ରହଣ କରାଗଲା ଏହା ଥିଲା ଏକ ବଳିଷ୍ଠ ଘଟଣା । ପ୍ରଥମ ତ୍ରିରଙ୍ଗା ପତାକା ନେହେରୁଙ୍କ ଦ୍ୱାରା ଉତ୍ତୋଳନ କରାଗଲା 'ପୂର୍ଣ୍ଣ ସ୍ୱରାଜ' ବା ସମ୍ପୂର୍ଣ୍ଣ ସ୍ୱାଧିନତାର ଶପଠ ଚିଠା ପ୍ରସ୍ତୁତ ହୋଇଥିଲା । ୧୯୩୦ ମସିହା ଜାନୁୟାରୀ ୨୬ତାରିଖକୁ ପ୍ରଥମ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା । ନିୟୁତ ନିୟୁତ ଲୋକ ସେହିଦିନ ଶପଥ ପାଠ କରିଥିଲେ ।

ଗାନ୍ଧିଜୀ ୧୯୩୦ ମାର୍ଚ୍ଚ ୧୨ତାରିଖରେ ତାଙ୍କ ଆଶ୍ରମର ଅଠସ୍ତରୀ ଜଣ ପୁରୁଷ ଏବଂ ସ୍ତ୍ରୀ ଅନ୍ତେବାସୀଙ୍କୁ ନେଇ ଦୀର୍ଘ ୨୪୧ ମାଇଲ ଦୂର ଯାତ୍ରାକରି ଏପ୍ରିଲ ୬ ତାରିଖରେ ଗୁଜୁରାଟର ସମୁଦ୍ରକୂଳରେ ଦାଣ୍ଡୀ ନାମକ ଏକ ସ୍ଥାନରେ ପହଞ୍ଚି ସେଠାରେ ଲବଣ ଆଇନ ଭଙ୍ଗ କରିଥିଲେ । ଜଣେ ଗରିବ ଲୋକ ତାର

ନିଜ ବ୍ୟବସ୍ଥା ପାଇଁ ଲୁଣ ମାରିପାରିବ ନାହିଁ ବୋଲି ହୋଇଥିବା ଆଇନ କଟକଣାରେ ସେ ବିରୋଧ କରିଥିଲେ । ସେ ବଡଲାଟଙ୍କୁ ଆଗୁଆ ଜଣାଇ ଦେଇଥିଲେ । ବଡଲାଟ ସମେତ ଅନେକ ଇଂରେଜ ବିଶ୍ୱାସ କରିଥିବେ ଏହା ଏକ ଅଭିନୟାତ୍ମକ ଏବଂ ବିରୋଧ ନାମରେ ଏକ ନିର୍ବୋଧ କାର୍ଯ୍ୟକ୍ରମ । ଏହି ଅଧାଲଙ୍ଗଳା ଫକୀରର ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗ ଦେବାପାଇଁ ହଜାର ହଜାର ନରନାରୀ ଆସିଥିଲେ । ତାଙ୍କୁ ଦେଖିବାକୁ ବହୁ ସଂଖ୍ୟକ ଲୋକ ରାସ୍ତାକଡରେ ଅପେକ୍ଷା କରିଥିଲେ । ଯାତ୍ରା ଶେଷବେଳକୁ ଭାରତର ସବୁଭାଗକୁ ଏହି ବିରାଟ ଆନ୍ଦୋଳନ ବ୍ୟାପି ଯାଇଥିଲା । ଏହି ୭୮ଜଣ ସହଯୋଗୀ ମଧ୍ୟରେ ଓଡିଶାର ବାଲେଶ୍ୱରରୁ ମୋତିବାସ ଦାସ ଜଣେ ଥିଲେ । ସେ ଗାନ୍ଧୀ ସେବାଶ୍ରମର ଛାତ୍ର ଥିଲେ । ଆବହମାନ କାଳରୁ ଭାରତୀୟମାନେ ସମୁଦ୍ରରୁ ଲୁଣ ମାରି ଚଳୁଥିବାବେଳେ ଇଂରେଜମାନଙ୍କର ପକ୍ଷପାତ ଆଇନ ତାକୁ ନିଷିଦ୍ଧ କରିଥିଲେ । ଅପ୍ରେଲ ୬ତାରିଖ ସକାଳ ପ୍ରାର୍ଥନା ପରେ ଗାନ୍ଧିଜୀ ଲବଣ ଆଇନ ଅମାନ୍ୟ କରିଥିଲେ । ଲହଡି ଫେରିଯାଇଥିବା ସ୍ଥାନରୁ ଲୁଣ ଗୋଟାଇ ଆଣିଲେ । ଏହି ପ୍ରତୀକାତ୍ମକ ଛୋଟ କାମଟି ଜାତୀୟ ସ୍ତରରେ ଆଇନ ଅମାନ୍ୟ ଆନ୍ଦୋଳନର ଆହ୍ୱାନ ହୋଇଥିଲା ।

ଆଇନ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟପନ୍ଥା ବିଷୟରେ ଗାନ୍ଧିଜୀ ସୂଚନା ଦେଇ କହିଥିଲେ-"ପ୍ରତ୍ୟେକ ଗ୍ରାମ ନିଷିଦ୍ଧ ଲବଣ ତିଆରି କରିବେ । ଭଉଣୀମାନେ ମଦ ଦୋକାନ,ଅଫିମ ବିକ୍ରି ସ୍ଥାନ ଓ ବିଦେଶୀ ଲୁଗା ବ୍ୟବସାୟୀଙ୍କ ଦୋକାନ ଆଗରେ ସତ୍ୟାଗ୍ରହ କରିବେ । ଯୁବକ ତଥା ସମସ୍ତେ ସୂତା କାଟିବେ, ବିଦେଶୀ କପଡାରେ ଅଗ୍ନି ସଂଯୋଗ କରାଯିବ । ହିନ୍ଦୁମାନେ ଅସ୍ପୃଶ୍ୟତା ବର୍ଜନ କରିବେ । ଛାତ୍ରମାନେ ସରକାରୀ ସ୍କୁଲ, କଲେଜ ପରିତ୍ୟାଗ କରିବେ । ସରକାରୀ କର୍ମଚାରୀମାନେ ଚାକିରୀରୁ ଇସ୍ତଫା ଦେବେ ଏବଂ ଆମେ ଅବିଳମ୍ବେ ଦେଖିପାରିବା , ପୂର୍ଣ୍ଣ ସ୍ୱରାଜ ଆମ ଦ୍ୱାର ଦେଶରେ ଧ୍ୱନ ଦେଉଛି ।" ଗାନ୍ଧିଜୀଙ୍କର କାର୍ଯ୍ୟ ଏବଂ ଆହ୍ୱାନ ସମଗ୍ର ଭାରତୀୟମାନଙ୍କ ହୃଦୟରେ ବ୍ରିଟିଶ ଶକ୍ତି ବିରୋଧରେ ଦୃଢ ଭାବରେ ଦଣ୍ଡାୟମାନ ହେବାର ସାହସ ସୃଷ୍ଟି କଲା । ସମଗ୍ର ଦେଶରେ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ,ମହାରାଷ୍ଟ୍ରର ଜଙ୍ଗଲ ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ମହାରାଷ୍ଟ୍ରରେ ଜଙ୍ଗଲ ଆଇନ ଅମାନ୍ୟ ଏବଂ ବିଦେଶୀ ଜିନିଷ ବର୍ଜ୍ଜନ ଜୋରସୋରରେ ଚାଲିଲା । ବହୁ ସଂଖ୍ୟାରେ ମହିଳାମାନେ ଯୋଗଦାନ କରିଥିଲେ । ଖାଁ ଅବଦୁଲ ଗଫୁର ଖାଁଙ୍କ ନେତୃତ୍ୱରେ 'ଖୁଦାଇ ଖିଦମଉଗର' ସମିତି ଗଠନ କରାଯାଇ ଉତ୍ତର-ପଶ୍ଚିମ ସୀମାନ୍ତ ଅଞ୍ଚଳରେ ଲୋକମାନେ ଗାନ୍ଧିଜୀଙ୍କ ଅହିଂସା ଆନ୍ଦୋଳନରେ ଯୋଗଦେଲେ । ପେଶୱାରରେ ଏହାର ପ୍ରଭାବ ପଡିଲା ।

ଆଇନ ଅମାନ୍ୟ ଆନ୍ଦୋଳନ ଫଳରେ ବ୍ରିଟିଶ ସରକାରଙ୍କର ଶାସନକାଳକୁ ସ୍ଥାଣୁ ହୋଇଯାଇଥିଲା । ତା'ପରେ ଚାଲିଲା ଦମନଲୀଳା । ଗାନ୍ଧୀ,ନେହେରୁ ଓ ଅନ୍ୟାନ୍ୟ ନେତାମାନେ ଗିରଫ ହେଲେ । ପୁରୁଷ,ସ୍ତ୍ରୀ, ଯୁବକ, ବୃଦ୍ଧ, ଗ୍ରାମବାସୀ ଏବଂ ସହରବାସୀ ସମସ୍ତେ ହଜାର ସଂଖ୍ୟାରେ ଗିରଫ ହେଲେ । ଲାଠିମାଡ ଖାଇଲେ, ଏପରିକି ଗୁଳିମାଡର ଶୀକାର ହେଲେ । ଗାନ୍ଧିଜୀ ମଇ ୪ତାରିଖ ଦିନ ମଧ୍ୟରାତ୍ରୀ ପରେ ଗିରଫ ହେଲେ । ପ୍ରାୟ ଏକ ଲକ୍ଷ ଲୋକ ହେଲେ କାରାରୁଦ୍ଧ । ଭାରତୀୟ ଜାତୀୟ କଂଗ୍ରେସକୁ ବେଆଇନ ଘୋଷଣା କରାଗଲା । ବ୍ରିଟିଶ ସରକାର ସମାଧାନ ପାଇଁ ୧୯୩୦ରେ ପ୍ରଥମ ଗୋଲ ଟେବୁଲ ବୈଠକ ଡକାଇଲେ । କଂଗ୍ରେସ ଏଥିରେ ଯୋଗ ଦେଲାନାହିଁ ଏଣୁ ବୈଠକ ବିଫଳ ହେଲା ଗାନ୍ଧୀ ଇରଉଇନଙ୍କ ଚୁକ୍ତି ୧୯୩୧ମସିହାରେ କରାଗଲା । ଗାନ୍ଧୀ ଏବଂ

କଂଗ୍ରେସର ସହଯୋଗ ବିନା ସମାଧାନ ଅସମ୍ଭବ ବୋଲି ବ୍ରିଟିଶ ସରକାର ଜାଣିଲେ । ଏହି ଚୁକ୍ତି ଫଳରେ ବ୍ରିଟିଶ ସରକାର ସବୁ ରାଜନୈତିକ ବନ୍ଦୀମାନଙ୍କୁ ଜେଲ୍‌ରୁ ମୁକ୍ତି ଦେଲେ । ଲୁଣମରା ଅଧିକାର ଦିଆଗଲା । କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ସ୍ଥଗିତ ରଖିଲା ଏବଂ ଗୋଲ ଟେବୁଲ ବୈଠକରେ ଅଂଶଗ୍ରହଣ କରିବା ପାଇଁ ରାଜି ହେଲା ।

ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ମହାତ୍ମାଗାନ୍ଧୀ ଯୋଗ ଦେବାପାଇଁ ୧୯୩୧ ମସିହାରେ କଂଗ୍ରେସର ପ୍ରତିନିଧି ରୂପେ ଲଣ୍ଡନ ଯାଇଥିଲେ । ଗାନ୍ଧୀ ଭାରତୀୟମାନଙ୍କ ସମ୍ପର୍କରେ ଯୁକ୍ତି ବାଢ଼ି ଇଂରେଜ ସରକାରଙ୍କଠାରୁ ସୁବିଧା ହାସଲ କରିବା ସପକ୍ଷରେ ଥିଲେ । କିନ୍ତୁ ବ୍ରିଟିଶ ସରକାର ତାଙ୍କର କୌଣସି ଯୁକ୍ତି ଗ୍ରହଣ କରିନଥିଲେ । ଜାଠଦଳର ନେତା ଚର୍ଚ୍ଚିଲ ଗାନ୍ଧିଜୀଙ୍କୁ 'ରାଜଦ୍ରୋହୀ ଓ ଅର୍ଦ୍ଧ ଉଲଗ୍ନ ଫକୀର' ବୋଲି କହିଥିଲେ । ଏହାପରେ ଆସିଲା ବ୍ରିଟିଶମାନଙ୍କର ସାମ୍ରାଜ୍ୟବାଦୀ ପ୍ରକ୍ରିୟାର ଏକ ଅଙ୍ଗ, 'ବିଭାଜନ ଏବଂ ଶାସନ' । ୧୯୩୧ ମସିହାରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ରାମସେ ମ୍ୟାକଡୋନାଲଡ ହିନ୍ଦୁ ଜାତିରେ ବିଭେଦ ସୃଷ୍ଟି କରିବା ପାଇଁ ଅଛୁଆଁ ଲୋକମାନଙ୍କୁ ପୃଥକ ଭୋଟଦେବା ଅଧିକାର ଦେଇ ଅଲଗା କରିବା ନୀତି ଗ୍ରହଣ କଲେ । ଆଗରୁ ହିନ୍ଦୁ ମୁସଲମାନମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରି ଆନ୍ଦୋଳନକୁ ଦୁର୍ବଳ କରିବାକୁ ଚେଷ୍ଟା କରିଥିଲେ । ଗାନ୍ଧିଜୀ ଏହାର ପ୍ରତିବାଦ ସ୍ୱରୂପ ଜେଲରେ ଆମରଣ ଅନଶନ ଆରମ୍ଭ କଲେ । ପରିଶେଷରେ ବ୍ରିଟିଶ ସରକାର ତାଙ୍କର ନୀତି ପ୍ରତ୍ୟାହାର କରିଥିଲେ । ଗାନ୍ଧୀ ଅନଶନ ତ୍ୟାଗ କରିଥିଲେ । କଂଗ୍ରେସ ୧୯୩୨ ମସିହାରେ ଆହୂତ ତୃତୀୟ ଏବଂ ଶେଷ ଗୋଲଟେବୁଲ ବୈଠକରେ ଯୋଗ ଦେଇନଥିଲେ । ତଥାପି ସାଇମନ କମିଶନ ପ୍ରଦତ୍ତ ପ୍ରସ୍ତାବ ଆଧାର ଭିତ୍ତିରେ ଏବଂ ଗୋଲଟେବୁଲର ଆଲୋଚନାର ଫଳ ସ୍ୱରୂପ ବ୍ରିଟିଶ ସରକାର ଏକ ନୂତନ ଶାସନ ବ୍ୟବସ୍ଥା ପ୍ରସ୍ତୁତ କଲେ । ତାହା ୧୯୩୫ ମସିହା ଆଇନ ନାମରେ ଜଣା । କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା ଏବଂ ସରକାରଙ୍କର ଦମନମୂଳକ ପଦକ୍ଷେପ ମଧ୍ୟ ଚାଲିଥିଲା । ପରିଶେଷରେ ଗାନ୍ଧିଜୀ ୧୯୩୪ ମସିହାରେ ଆଇନ ଅମାନ୍ୟ ଆନ୍ଦୋଳନରୁ ଓହରି ଯାଇଥିଲେ ।

**ଓଡିଶାରେ ଆଇନ ଅମାନ୍ୟ ଆନ୍ଦୋଳନ**

ଭାରତୀୟ ଜାତୀୟ କଂଗ୍ରେସର ଆହ୍ୱାନକୁ ଓଡିଶାର କଂଗ୍ରେସ କର୍ମୀମାନେ ଦୃଢ଼ ଭାବରେ ଗ୍ରହଣ କରିଥିଲେ । ଉତ୍କଳ ପ୍ରଦେଶ କମିଟୀ ନେତୃତ୍ୱରେ ସାଇମନ କମିଶନ ପରିତ୍ୟାଗ ଆନ୍ଦୋଳନ କରାଯାଇଥିଲା । ଗୋପବନ୍ଧୁ ଦାସ ଏବଂ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଚାଲିଥିଲା । ଲାହୋର କଂଗ୍ରେସ ଅଧିବେଶନରେ ଯେଉଁ ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ପାଳିତ ହୋଇଥିଲା, ଫଳସ୍ୱରୂପ ୧୯୩୦ ମସିହା ଜାନୁୟାରୀ ୨୬ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରାଗଲା ।

୧୯୩୦ ମସିହା ମାର୍ଚ୍ଚ ମାସରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟୀ ବାଲେଶ୍ୱର ଜିଲ୍ଲା ଇଞ୍ଚୁଡି ଗ୍ରାମରେ ଲବଣ ସତ୍ୟାଗ୍ରହ ଆରମ୍ଭ କରିବାର ସିଦ୍ଧାନ୍ତ ନିଆଗଲା । ଇଞ୍ଚୁଡି ବାଲେଶ୍ୱରଠାରୁ ଷୋଳ କି.ମି ଦୂରରେ ଅବସ୍ଥିତ । ଇଞ୍ଚୁଡିକୁ କୋଡୋଟି କାରଣ ଯୋଗୁ ବଛାଯାଇ ପାରିଥାଏ । ମରାଯାଇଥିବା ଲୁଣକୁ ବାଲେଶ୍ୱର ସହରରେ ବିକ୍ରି କରାଯାଇପାରିବ । ଦ୍ୱିତୀୟରେ ଇଞ୍ଚୁଡିକୁ ଯାଇଥିବା ରାସ୍ତା ପୋଲିସ ଏବଂ ବ୍ରିଟିଶ ସୈନ୍ୟବାହିନୀ ଯିବା ପାଇଁ କଷ୍ଟକର,

ବିଶେଷତଃ ବର୍ଷାଋତୁରେ । ଏହି ଲବଣ ସତ୍ୟାଗ୍ରହର ନେତୃତ୍ୱ ଗୋପବନ୍ଧୁ ଚୌଧୁରୀଙ୍କ ଉପରେ ଦିଆଯାଇଥିଲା । ଉତ୍କଳ କଂଗ୍ରେସର ଦାୟିତ୍ୱ ନ୍ୟସ୍ତ ଥିଲା । ଏହି ଆନ୍ଦୋଳନରେ ସୁରେନ୍ଦ୍ରନାଥ ଦାସଙ୍କର ଭୂମିକାକୁ ମଧ୍ୟ ନ୍ୟୁନ କରାଯାଇପାରିବ ନାହିଁ । ଲୋକେ ତାଙ୍କୁ ଶ୍ରଦ୍ଧାରେ 'ସର୍ଦ୍ଦାର' ବୋଲି ଡାକୁଥିଲେ ।

ଯେଉଁ ଏପ୍ରିଲ ୬ତାରିଖ ୧୯୩୦ ମସିହାରେ ଗାନ୍ଧିଜୀ ଆଇନ ଅମାନ୍ୟ ଆନ୍ଦୋଳନ କରି ଲବଣ ଆଇନକୁ ଅସ୍ୱୀକାର କରିଥିଲେ ଠିକ୍ ସେହିଦିନ ଆଚାର୍ଯ୍ୟ ହରିହର ଦାଶଙ୍କ ନେତୃତ୍ୱରେ ଏକୋଇଶ ଜଣ ସତ୍ୟାଗ୍ରହୀ କଟକର ସ୍ୱରାଜ୍ୟ ଆଶ୍ରମଠାରୁ ଇଞ୍ଚୁଡି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ରାସ୍ତାରେ ଚାନ୍ଦୋଳନଠାରେ ଏପ୍ରିଲ ୮ତାରିଖରେ ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରାଯାଥିଲା । କାରଣ ଚୌଧୁରୀ ନିଷେଧାଜ୍ଞା ଭାଙ୍ଗି ୧୯୩୦ମାର୍ଚ୍ଚ ୨୩ତାରିଖରେ କଟକଠାରେ ଭାଷଣ ଦେଇଥିଲେ । ଏହାପରେ ଆଚାର୍ଯ୍ୟ ହରିହର ଦାଶଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ଇଞ୍ଚୁଡିରେ ପହଞ୍ଚି ସଂଖ୍ୟାଧିକ ଲୋକଙ୍କ ସହଯୋଗରେ ଲବଣ ଆଇନ ଭାଙ୍ଗିଥିଲେ । ଓଡିଶାର ବିଭିନ୍ନ ଭାଗର ସତ୍ୟାଗ୍ରହୀମାନେ ଇଞ୍ଚୁଡିରେ ଯୋଗ ଦେଇଥିଲେ । ପୁରୀରୁ ପତିତପାବନ ବାହିନୀ , ସମ୍ବଲପୁର ବାହିନୀ ଏବଂ ଗୁଜୁରାଟୀ ବାହିନୀ ଇଞ୍ଚୁଡିରେ ଏପ୍ରିଲ ୧୨ତାରିଖରେ ପହଞ୍ଚିଲେ । ଏହି ଆନ୍ଦୋଳନରେ ବହୁ ସଂଖ୍ୟାରେ ମହିଳା ସତ୍ୟାଗ୍ରହୀମାନଙ୍କ ମସ୍ତକରେ ନାରୀ ସତ୍ୟାଗ୍ରହୀମାନେ ତିଳକ ପ୍ରଦାନ କରିଥିଲେ । ସେମାନେ ପୁଷ୍ପ ବର୍ଷଣ କରିବା ସହିତ ଶଙ୍ଖ ଧ୍ୱନିରେ ଆନ୍ଦୋଳନକାରୀମାନଙ୍କୁ ଉତ୍ସାହିତ କରିଥିଲେ । ସେମାନଙ୍କ ମଧ୍ୟରେ ମୁଖ୍ୟ ଥିଲେ ରମାଦେବୀ,ମାଳତୀ ଦେବୀ, କୋକିଳ ଦେବୀ, ଜାହ୍ନବୀ ଦେବୀ ଏବଂ ସୁଭଦ୍ରା ମହତାବ ଏହା ବ୍ୟତୀତ ପାଖ ଗ୍ରାମରୁ ବହୁ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ । ଲୁଣ ପ୍ରସ୍ତୁତ କରିବାରେ ଉଭୟ ପୁରୁଷ ଏବଂ ସ୍ତ୍ରୀମାନଙ୍କ ଭୂମିକା ଥିଲା । ବାଲେଶ୍ୱରରେ ସତ୍ୟାଗ୍ରହୀମାନେ ଏପ୍ରିଲ ୧୨ତାରିଖ ସକାଳ ପ୍ରାର୍ଥନା ପରେ ଆଚାର୍ଯ୍ୟ ହରିହରଙ୍କ ସହ ବଛା ହୋଇଥିବା ବାରଜଣ ସତ୍ୟାଗ୍ରହୀ ଇଞ୍ଚୁଡିକୁ ଯାତ୍ରା କରିଥିଲେ । ଏପ୍ରିଲ ୧୩ତାରିଖରେ ଆଚାର୍ଯ୍ୟ ହରିହର ସର୍ବ ପ୍ରଥମେ ସମୁଦ୍ରରୁ ଲୁଣମାଟି ଆଣିଥିଲେ । ତାଙ୍କ ସହିତ ଛଅଜଣଙ୍କୁ ଗିରଫ କରାଗଲା । କିନ୍ତୁ ଏହା ସତ୍ୟାଗ୍ରହୀମାନଙ୍କର ମନୋବଳ ଭାଙ୍ଗିବା ପରିବର୍ତ୍ତେ ଦ୍ୱିଗୁଣିତ ହୋଇଥିଲା । ଆଚାର୍ଯ୍ୟ ହରିହରଙ୍କ ପଥ ଅନୁସରଣ କରି ପ୍ରାଣକୃଷ୍ଣ ଅଧିକାରୀ, ମଦନମୋହନ ପଟ୍ଟନାୟକ ଏବଂ ବିଶ୍ୱନାଥ ହୋତା ଲବଣ ଆଇନ ଅମାନ୍ୟ କରି ଗିରଫ ହେଲେ । ଅନେକ ସ୍ୱେଚ୍ଛାସେବୀ କଟକ,ପୁରୀ,ଗଞ୍ଜାମ, ସମ୍ବଲପୁର, ସିଂହଭୂମ ଏବଂ ପଡୋଶୀ ମୟୂରଭଞ୍ଜର ଉକ୍ତ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୪ ଏପ୍ରିଲରେ ବିନୋଦ ଚୌଧୁରୀଙ୍କ ନେତୃତ୍ୱରେ ସେଚ୍ଛାସେବୀ ଲବଣ ଆଇନ ଭାଙ୍ଗିଥିଲେ । ଏଠାରେ ପୋଲିସର ଅତ୍ୟାଚାରର ସୀମା ଟପି ଯାଇଥିଲା ଏବଂ ଏପ୍ରିଲ ୧୫ରୁ୧୯ ପର୍ଯ୍ୟନ୍ତ ଲୁଣ ମରାଗଲା । ଯେତେବେଳେ ସତ୍ୟଗ୍ରହୀମାନେ ପ୍ରସ୍ତୁତ ଲୁଣକୁ ବିକ୍ରି କରିବା ପାଇଁ ବାଲେଶ୍ୱର ଯାତ୍ରା କଲେ ଏପ୍ରିଲ ୧୭ତାରିଖ ଦିନ ସୁନ୍ଦରି ଛକଠାରେ ପୋଲିସ ବାହିନୀ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିଥିଲେ । ଅନେକ ଅଚେତ୍ ହୋଇ ମାଟିରେ ପଡିଯାଇଥିଲେ । ପାଖ ଗ୍ରାମରୁ ସ୍ତ୍ରୀଲୋକମାନେ ସେମାନଙ୍କର ସେବାଶୁଶ୍ରୁଷା କରିଥିଲେ ।

ଓଡିଶାର ଅନ୍ୟାନ୍ୟ ବହୁତ ସ୍ଥାନରେ ଲବଣ ସତ୍ୟାଗ୍ରହର ଧାରା ଚାଲିଲା । ଏଗୁଡିକ ମଧ୍ୟରୁ କଟକ ଜିଲ୍ଲାର କୁଜଙ୍ଗ, ବାଲେଶ୍ୱର ଜିଲ୍ଲାର ସାର୍ଥା, ପୁରୀ ଜିଲ୍ଲାର କୁହୁଡି, ସିଂହେଶ୍ୱରୀ ଏବଂ ଲଟରା ଏବଂ ଗଞ୍ଜାମ ଜିଲ୍ଲାର

ହୁମା ଉଲ୍ଲେଖଯୋଗ୍ୟ । କୁଜଙ୍ଗରେ ନାରାୟଣ ବୀରବର ସାମନ୍ତଙ୍କ ନେତୃତ୍ୱରେ ସତ୍ୟାଗ୍ରହୀମାନେ ମେ ୮ ତାରିଖରେ ଲବଣ ଆଇନ ଅମାନ୍ୟ କରିଥିଲେ । ତାଙ୍କୁ ଏ କାର୍ଯ୍ୟରେ ରମାଦେବୀ,ମାଳତୀ ଦେବୀ, ଡକ୍ଟର ବ୍ରଜନାଥ ମିଶ୍ର,ବିଶ୍ୱନାଥ ହୋତାଙ୍କ ସ୍ତ୍ରୀ ପ୍ରଫୁଲ୍ଲ କୁମାରୀ ହୋତା ଏବଂ କିଛି ବାନରସେନା ସାହାଯ୍ୟ କରିଥିଲେ । କୁଜଙ୍ଗର ରାଣୀ ଭାଗ୍ୟବତୀ ପାଟ୍ଟମହାଦେଈ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ରାଣୀଙ୍କର ଯୋଗଦାନ ସତ୍ୟାଗ୍ରହୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା । ବହୁ ସଂଖ୍ୟାରେ ମହିଳା କର୍ମୀ ଏଥିରେ ଯୋଗ ଦେଇଥିଲେ । କୁଜଙ୍ଗ ବ୍ୟତୀତ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଲବଣ ଆଇନ ଭଙ୍ଗା ଯାଇଥିଲା । ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଚିଲିକା, କୁହୁଡି ଆଦି ସ୍ଥାନରେ ଲବଣ ଆଇନ ଅମାନ୍ୟ ଚାଲିଲା । ଏହାର ନେତୃତ୍ୱ ନେଇଥିଲେ ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଜଗନ୍ନାଥ ରଥ । ଗଞ୍ଜାମର ବିଭିନ୍ନ ସ୍ଥାନରେ ଏହି ଆନ୍ଦୋଳନ ଚାଲିଥିଲା ଓ ଏହାର ନେତୃତ୍ୱ ନେଇଥିଲେ ବିଶ୍ୱନାଥ ଦାଶ, ନିରଞ୍ଜନ ପଟ୍ଟନାୟକ, ସରଳା ଦେବୀ, ମାଳତୀ ଦେବୀ, ଶଶୀଭୂଷଣ ରଥ, ନରସିଂହ ସାହୁ ଏବଂ ଦିବାକର ପଟ୍ଟନାୟକ । ଗଞ୍ଜାମ ଜିଲ୍ଲାର ହୁମା, ଲକ୍ଷ୍ମୀପୁର, ପଲ୍ଲୀବନ୍ଧ ଏବଂ ଜୟନ୍ତୀଗଡ ଏହି ଆନ୍ଦୋଳନର କେନ୍ଦ୍ର ଥିଲା । କୋରାପୁଟର ସତ୍ୟାଗ୍ରହୀ ରାଧାକୃଷ୍ଣ ବିଶ୍ୱାସରାଏଙ୍କ ନେତୃତ୍ୱରେ କର୍ମୀମାନେ ଗଞ୍ଜାମ ଜିଲ୍ଲାର ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ ।

ପ୍ରାରମ୍ଭରୁ ଇଂରେଜ ସରକାର ଦମନମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ । କିନ୍ତୁ ଏହା କୌଣସି ରୂପେ ଆନ୍ଦୋଳନକୁ ପ୍ରଭାବିତ କରିପାରିନଥିଲା । ୧୯୩୦ ମସିହା ଏପ୍ରିଲ ୨୬ତାରିଖରେ ଉତ୍କଳ କଂଗ୍ରେସ କମିଟିର ସଭାପତି ହରେକୃଷ୍ଣ ମହତାବ ଓ ସଂପାଦକ ଗୋପବନ୍ଧୁ ଚୌଧୁରୀଙ୍କ ଦେଢବର୍ଷ କାରାଦଣ୍ଡ ଦିଆଯାଇଥିଲା । ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ନେତୃତ୍ୱ ନେଇଥିବା ସତ୍ୟାଗ୍ରହୀମାନଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ନନ୍ଦ କିଶୋର ଦାସ, ନୀଳକଣ୍ଠ ଦାସ, ଲିଙ୍ଗରାଜ ମିଶ୍ର, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ, କୃପାସିନ୍ଧୁ ହୋତା, ରମାଦେବୀ, ସରଳା ଦେବୀ,ମାଳତୀ ଚୌଧୁରୀ ଆଦି କର୍ମୀମାନଙ୍କ ସହିତ ବହୁ ଲୋକଙ୍କୁ ଗିରଫ କରାଯାଇଥିଲା ଏବଂ କାରାଦଣ୍ଡ ଦିଆଯାଇଥିଲା ।

ଗାନ୍ଧୀ ଏବଂ ଇରଉଇନ ଚୁକ୍ତି ୧୯୩୧ ମାର୍ଚ୍ଚ ମାସ ୫ତାରିଖ ଦିନ ସ୍ୱାକ୍ଷରିତ ହୋଇଥିଲା । ଗାନ୍ଧୀ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ । ଚୁକ୍ତି ଅନୁଯାୟୀ ଓଡିଶାର କଂଗ୍ରେସ ନେତା ଏବଂ କର୍ମୀମାନେ ମୁକ୍ତି ପାଇଥିଲେ । ୨୩ମାର୍ଚ୍ଚ ୧୯୩୧ ମସିହାର କରାଚୀ କଂଗ୍ରେସ ଅଧିବେଶନରେ ଗୋପବନ୍ଧୁ ଚୌଧୁରୀ ଏବଂ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଓଡିଶାର କର୍ମୀମାନେ ଯୋଗ ଦେଇଥିଲେ । ଆଚାର୍ଯ୍ୟ ହରିହର ଦାଶ ଉତ୍କଳ ପ୍ରଦେଶ କମିଟିର ସଭାପତି ହୋଇଥିଲେ ।

୧୯୩୧ ମସିହା ଡିସେମ୍ବର ଶେଷ ଆଡକୁ ଗାନ୍ଧିଜୀ ଗୋଲଟେବୁଲ ବୈଠକରୁ ଶୂନ୍ୟ ହସ୍ତରେ ଫେରିଥିଲେ । ଇଂରେଜମାନଙ୍କର ଦମନମୂଳକ ପଦକ୍ଷେପର ସୀମା ବଢିଯାଇଥିଲା । ଗାନ୍ଧିଜୀ ୧୯୩୪ ମସିହାରେ ଏହି ଆନ୍ଦୋଳନରୁ ଓହରି ଯାଇଥିଲେ ।

ଆଇନ ଅମାନ୍ୟ ଆନ୍ଦୋଳନରେ ଲବଣ ଆଇନ ଭାଙ୍ଗିବା କେବଳ ମାତ୍ର ପଦକ୍ଷେପ ନଥିଲା । ଏହା ବ୍ୟତୀତ ଅନ୍ୟାନ୍ୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଇଂରେଜ ପୋଲିସବାହିନୀକୁ ସାମାଜିକ ବହିଷ୍କାର,

ଚୌକିଦାରୀ କର ନଦେବା,ନିଶା ନିବାରଣ ଏବଂ ହରିଜନ ଆନ୍ଦୋଳନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ବାନରସେନା (୧୭ବର୍ଷରୁ କମ୍) ବାଳକମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । କଟକଠାରେ ୫୭ଜଣ ବାଳକଙ୍କୁ ବେତମାଡ ଦିଆଯାଇଥିଲା ଏବଂ କେତେକଙ୍କୁ ଜେଲଦଣ୍ଡ ମଧ୍ୟ ମିଳିଥିଲା । ସେମାନେ ଖଦଡ ଲୁଗା ବୁଣୁଥିଲେ, କଂଗ୍ରେସର ଚିଠି ବାଣ୍ଟୁଥିଲେ , ଆନ୍ଦୋଳନକାରୀଙ୍କ ପାଇଁ ଖାଦ୍ୟ ରାନ୍ଧୁଥିଲେ ଏବଂ ପୋଷ୍ଟର ମାରୁଥିଲେ । ସେମାନେ ମଦ ଦୋକାନ ଏବଂ ବିଦେଶୀ ବସ୍ତ୍ର ଦୋକାନ ଆଗରେ ବିକ୍ଷୋଭ ପ୍ରଦର୍ଶନ ଭଳି ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

ହରିଜନ ଆନ୍ଦୋଳନରେ ଓଡିଶାର ଭୂମିକା ଅତୁଳନୀୟ । ଗାନ୍ଧିଜୀଙ୍କର ଅନଶନ ଏହି ଅବହେଳିତମାନଙ୍କୁ ମୁଖ୍ୟ ଧାରାକୁ ଆଣିବାରେ ସହାୟକ ହୋଇଥିଲେ । ସେ ଥିଲେ ଅସ୍ପୃଶ୍ୟତାର ଘୋର ବିରୋଧୀ । ଜି.ଡି.ବିରଲାଙ୍କ ସଭାପତିତ୍ୱ ଏବଂ ଏ.ଭି.ଠକରଙ୍କ ସମ୍ପାଦକତ୍ୱରେ ସର୍ବ ଭାରତୀୟ 'ହରିଜନ ସେବକ ସଂଘ' ଗଠିତ ହୋଇଥିଲା । କଟକ ଶାଖାର ସଭାପତି ଦାୟିତ୍ୱ ନେଇଥିଲେ ପ୍ରସିଦ୍ଧ କବିରାଜ ବାଲୁକେଶ୍ୱର ଆଚାର୍ଯ୍ୟ, ରମାଦେବୀ,ଲକ୍ଷ୍ମୀ ନାରାୟଣ ମିଶ୍ର ଏବଂ ସତ୍ୟ ନାରାୟଣ ସେନଗୁପ୍ତ ଏହାର ସମ୍ପାଦକ ଥିଲେ । ଆଚାର୍ଯ୍ୟ ହରିହର ଦାଶ, ହରେକୃଷ୍ଣ ମହତାବ,ବିଚିତ୍ରାନନ୍ଦ ଦାସ, ରାଧାନାଥ ରଥ ଏବଂ ଗୁଣନିଧି ମହାନ୍ତି ଏହାର ସଭ୍ୟ ଥିଲେ । ମୁକୁନ୍ଦ ପ୍ରସାଦ ଦାସ ଏବଂ ଭାଗବତ ମହାପାତ୍ର ବାଲେଶ୍ୱର ଏବଂ ଭଦ୍ରକରେ ହରିଜନ କଲ୍ୟାଣ ଆନ୍ଦୋଳନର ପୁରୋଧା ଥିଲେ । ପଣ୍ଡିତ ନୀଳକଣ୍ଠ ଦାସ ଏବଂ ଲୋକନାଥ ମିଶ୍ର ପୁରୀରେ ଏହି ଦାୟିତ୍ୱ ବହନ କରିଥିଲେ । ସମ୍ବଲପୁରରେ ନୃସିଂହ ପ୍ରସାଦ ଗୁରୁ, ଯାଜପୁରରେ ଜଗନ୍ନାଥ ଦାସ, ଫନିନ୍ଦ୍ରନାଥ ସାମଲ ଏବଂ ନାରାୟଣ ଚନ୍ଦ୍ର ଘୋଷ ହରିଜନମାନଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ । ଏହା ଥିଲା ଆଇନ ଅମାନ୍ୟ ଆନ୍ଦୋଳନର ସବୁଠାରୁ ବଡ ଗଠନମୂଳକ ପଦକ୍ଷେପ ।

୧୯୩୦ ମସିହାର ଆଇନ ଅମାନ୍ୟ ଆନ୍ଦୋଳନର ଲବଣ ଆଇନ ଭଙ୍ଗ ଏକ ପ୍ରତିକାତ୍ମକ ଆନ୍ଦୋଳନ । ଇଂରେଜ ସରକାର ଏହାକୁ ଏକ ଛଳନୀ ଏବଂ ହାସ୍ୟାସ୍ପଦ କାର୍ଯ୍ୟକ୍ରମ ବୋଲି ଭାବିଥିଲେ । କିନ୍ତୁ ଏହି ଆନ୍ଦୋଳନର ବ୍ୟାପକତା ତାକୁ ଭୁଲ ପ୍ରମାଣିତ କରିଥିଲେ । ଏହି ଆନ୍ଦୋଳନ ଫଳରେ ସାଧାରଣ ଲୋକ ଲୁଣ ମାରିବାର ଅଧିକାର ପାଇଲେ । ବହୁ ସଂଖ୍ୟାରେ ସାଧାରଣ ଲୋକ ଏବଂ ଶହ ଶହ ଗ୍ରାମ୍ୟ ମହିଳାମାନେ ଏହି ସତ୍ୟାଗ୍ରହରେ ଭାଗ ନେଇଥିଲେ । ରମାଦେବୀ, ମାଳତୀ ଦେବୀ ଓ ସରଳା ଦେବୀଙ୍କ ଭଳି ନାରୀ ନେତ୍ରୀମାନେ ଏହି ଆନ୍ଦୋଳନରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡିଶାର ସାମାଜିକ ଇତିହାସରେ ଏହା ଥିଲା ଏକ ନୂତନ ଅଧ୍ୟାୟ । ଗଡଜାତ ଅଞ୍ଚଳରେ ଏହି ଆନ୍ଦୋଳନର ପ୍ରଭାବ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଜା ଆନ୍ଦୋଳନର ମୂଳଦୁଆ ପକାଇଥିଲା । ହରିଜନ ଆନ୍ଦୋଳନ ଫଳରେ ଅସ୍ପୃଶ୍ୟତା ଭଳି ସାମାଜିକ ଅଭିଶାପ ଉପରେ ବିରାଟ କୁଠାରଘାତ କରାଯାଇଥିଲା ।

ଭାରତ ମୁକ୍ତି ସଂଗ୍ରାମ ସହିତ ଅନେକ ଆନ୍ତର୍ଜାତୀୟ ଘଟଣାବଳୀ ସଂପୃକ୍ତ । ତାହା ମଧ୍ୟରେ ଥିଲା ୧୯୩୯ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ । ପ୍ରଥମ ବିଶ୍ୱଯୁଦ୍ଧବେଳେ ଗାନ୍ଧିଜୀଙ୍କର ବ୍ରିଟିଶ ଶାସନ ପ୍ରତି ଆନୁଗତ୍ୟ ଥିଲା । କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘଟଣା ଥିଲା ସଂପୂର୍ଣ୍ଣ ଅଲଗା । ଭାରତୀୟମାନଙ୍କର ସ୍ୱାଧୀନତା ପାଇବାର ଆକାଂକ୍ଷା ପ୍ରବଳତର

ଥିଲା । ୧୯୪୨ ମସିହାବେଳକୁ ସମଗ୍ର ଇଉରୋପ ମହାଦେଶ ହିଟଲରଙ୍କ ଦ୍ୱାରା ଥରହର ହେଉଥିଲା । ଇଉରୋପରେ ଚାଲିଥିବା ନାଜି ଗଣହତ୍ୟା ଯୋଗୁଁ ଗାନ୍ଧି ମନସ୍ତାପ ମଧ୍ୟରେ ଥାଆନ୍ତି । ଫ୍ରାନ୍ସ ପରାଜୟର ଦ୍ୱାର ଦେଶରେ ଥାଏ । ଗଣତନ୍ତ୍ରର ସୁରକ୍ଷା ପାଇଁ ବ୍ରିଟିଶ ଶକ୍ତିକୁ ସମର୍ଥନ ଏବଂ ଭାରତରେ ଚାଲିଥିବା ଶାସନ ପ୍ରକ୍ରିୟାରେ ଗଣତନ୍ତ୍ରର ଉଲଂଘନ ଏଭଳି ଭିନ୍ନ ମତବାଦ ମଧ୍ୟରେ କଂଗ୍ରେସ ଗତି କରୁଥାଏ ।

ଇଂଲଣ୍ଡର ଏହି ଘଡିସନ୍ଧି ବେଳରେ ବ୍ରିଟିଶ ସରକାର ଭାରତର ସାହାଯ୍ୟ ପାଇଁ ବ୍ୟଗ୍ର ହୋଇଉଠିଲେ । ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ଉପରେ ଆମେରିକା,ଚୀନ ଆଦି ମିତ୍ରଶକ୍ତି ଭାରତର ସହଯୋଗ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଲେ । ଗାନ୍ଧିଜୀ କୌଣସି ସର୍ତ୍ତମୂଳକ ସ୍ୱାଧୀନତା ଚାହୁଁନଥିଲେ । ଭାରତକୁ ବିନା ସର୍ତ୍ତରେ ସ୍ୱାୟତ୍ତ ଶାସନ ଅଧିକାର ଦିଆଗଲେ ମିତ୍ରଶକ୍ତିମାନଙ୍କ ସପକ୍ଷରେ ଯୁଦ୍ଧ କରିବାକୁ ଦେଶବାସୀଙ୍କୁ ଗ୍ରହଣ କରିନେବା ପାଇଁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ । ତେଣୁ ଚର୍ଚ୍ଚିଲ ସାର-ଷ୍ଟାରଫୋର୍ଡ କ୍ରିପସ୍‌କୁ ଭାରତର ସମସ୍ୟା ଅନୁଧ୍ୟାନ କରିବା ପାଇଁ ପ୍ରେରଣ କରିଥିଲେ । କ୍ରିପସ୍ ବ୍ୟକ୍ତିଗତ ଭାବରେ ଗାନ୍ଧିଜୀ ଏବଂ ଅନ୍ୟ ଭାରତୀୟ ନେତାମାନଙ୍କୁ ଜାଣିଥିଲେ ।

ତାଙ୍କର ଘୋଷଣାପତ୍ରରେ କୁହାଗଲା ଯେ--

୧) ଯୁଦ୍ଧପରେ ଭାରତକୁ ଔପନିବେଶିକ ସ୍ୱାୟତ୍ତ ଶାସନ ପ୍ରଦାନ କରାଯିବ ।
୨) ଗୋଟିଏ ନୂଆ ସମ୍ବିଧାନ ପାଇଁ ଲୋକପ୍ରିୟ ପ୍ରତିନିଧିମାନଙ୍କୁ ନେଇ ଏକ ସାମ୍ବିଧାନିକ ସଭା ଗଠନ କରାଯିବ ।
୩) ପ୍ରଦେଶ ସମ୍ବିଧାନକୁ ସ୍ୱୀକୃତି ନଦେଲେ, ସେ ପୃଥକ ସମ୍ବିଧାନ ତିଆରି କରିପାରିବ ।
୪) ଦେଶୀୟ ରାଜ୍ୟମାନଙ୍କୁ ଲୋକସଂଖ୍ୟା ଆଧାରରେ ସଭ୍ୟ ମନୋନୟନ କରିବାର ସୁବିଧା ଦିଆଯିବ ।
୫) ପ୍ରତିରକ୍ଷା ବ୍ୟବସ୍ଥା ପାଇଁ ବ୍ରିଟିଶ ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ହେବ ଏବଂ ଯୁଦ୍ଧସ୍ଥିତ ଅବସ୍ଥାରେ ୧୯୩୫ ମସିହାର ଭାରତ ଶାସନ ଆଇନର କୌଣସି ପିରବର୍ତ୍ତନ କରାଯିବ ନାହିଁ ।

ଏହିଭଳି ପ୍ରସ୍ତାବ ଭାରତୀୟମାନଙ୍କ ପାଇଁ ଥିଲା ଅବାସ୍ତବ ଏବଂ ଏକ ବନ୍ଧୁତାପୂର୍ଣ୍ଣ ଛଳନା । ଗାନ୍ଧୀଜିଙ୍କ ଭାଷାରେ ଏହା "ଏକ ଆକସ୍ମିକ ପତନ ପ୍ରାପ୍ତ ବ୍ୟାଙ୍କର ସମୟ ଅତିକ୍ରାନ୍ତ ହୋଇଥିବା ଚେକ୍" (A post dated cheque of a crashing bank) । ଭାରତର ସବୁ ସଙ୍ଗଠନ ଯଥା ଜାତୀୟ କଂଗ୍ରେସ, ମୁସଲିମ୍ ଲିଗ୍, ହିନ୍ଦୁ ମହାସଭା ଏବଂ ଅନ୍ୟ ରାଜନୈତିକ ଦଳ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ । ଗାନ୍ଧୀ କ୍ରୀପସ୍‌ଙ୍କ ସହିତ ଥରେ ମାତ୍ର ସାକ୍ଷାତ କଲାପରେ ତାଙ୍କୁ ପରବର୍ତ୍ତୀ ଉଡାଜାହାଜରେ ତୁରନ୍ତ ତାଙ୍କର ଦେଶକୁ ଫେରିଯିବା ପାଇଁ ପରାମର୍ଶ ଦେଇଥିଲେ ।

କ୍ରୀପସ୍ ପ୍ରସ୍ତାବରେ ବିଫଳତା ଗାନ୍ଧିଜୀଙ୍କ ହୃଦୟରେ ଇଂରେଜମାନଙ୍କୁ ଭାରତ ଛାଡିବାର ଚିନ୍ତା ସୃଷ୍ଟି କରିଥିଲା । ଏହି ଚେତନା ଗାନ୍ଧିଜୀଙ୍କୁ ଏତେ ପରିମାଣରେ ଗ୍ରାସ କରିଥିଲା ଯେ ଇଂରେଜମାନଙ୍କୁ ଭାରତରେ ଆଉ ବେଶିଦିନ ରହିବାକୁ ଦିଆଯିବା ଅର୍ଥ ଆସନ୍ନ ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହିଁ ହେବ ବୋଲି ସେ ଉପଲବ୍ଧି କରିଥିଲେ । ଇଂରେଜ ସରକାର ପ୍ରକୃତି ଉଦ୍ଦେଶ୍ୟ ଏବଂ ସାମ୍ରାଜ୍ୟବାଦ ନୀତିର ପରାକାଷ୍ଠା ପରିଷ୍କାର ଭାବରେ ଦୃଷ୍ଟ ହେଉଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁ ଦେଶରେ ସୃଷ୍ଟି ହୋଇଥିବା ନୈରାଶ୍ୟ, ଅଶାନ୍ତି ଓ ଦାରିଦ୍ର୍ୟ,

ଜାପାନୀମାନଙ୍କ ସମ୍ଭାବ୍ୟ ଆକ୍ରମଣ, ମୁସଲିମ୍ ଲିଗ୍‌ର କଂଗ୍ରେସ ଓ ହିନ୍ଦୁମାନଙ୍କ ବିରୁଦ୍ଧରେ ପ୍ରଚାର ଏକ ଅନିଶ୍ଚିତତାର ବାତାବରଣ ସୃଷ୍ଟି କରିଥିଲା । ଗାନ୍ଧିଜୀ ଇଂରେଜମାନଙ୍କୁ କହିଲେ, "ଭଗବାନଙ୍କୁ ଦ୍ୱାହି ହେଉ କହୁଛି ଆପଣମାନେ ଭାରତକୁ ଏକା ରହିବାର ଛାଡି ଦିଅନ୍ତୁ । ଆମେ ସ୍ୱାଧୀନତାର ନିଶ୍ୱାସ ପ୍ରଶ୍ୱାସ ନେଉ, ତାହା ଦ୍ୱାରା ମୁକ୍ତିପ୍ରାୟ ଦାସମାନଙ୍କ ପରି ଆମର ଅସୁବିଧା ବା କଷ୍ଟ ହୋଇପାରେ, କିନ୍ତୁ ଅତି ଶୀଘ୍ର ଏ ଛଳନାମୟ ଅବସ୍ଥାରେ ଅବସାନ ଘଟୁ ।" ଗାନ୍ଧିଜୀ ଇଂରେଜମାନଙ୍କ ବିଭାଜନ ରାଜନୀତିକୁ ଅସ୍ୱୀକାର କରି କହିଥିଲେ " ମୁଁ କହୁନି ବ୍ରିଟିଶ, କଂଗ୍ରେସ ବା ହିନ୍ଦୁମାନଙ୍କୁ ଭାରତକୁ ହସ୍ତାନ୍ତର କରିଦେବାକୁ ସେମାନେ ଏହାକୁ ଭଗବାନଙ୍କ ଦାୟିତ୍ୱରେ ଛାଡିଦିଅନ୍ତୁ ।" ଗାନ୍ଧିଜୀ ଜାଣିଥିଲେ ଆଗାମୀ ଅରାଜକତାରୁ ନୂତନ ଆଶାର ସୃଷ୍ଟି ହେବ । ବିଶୃଙ୍ଖଳାରୁ ଅହିଂସାର ଉଦ୍‌ଭବ ହେବ ।

**'ଭାରତ ଛାଡ' ଆନ୍ଦୋଳନ**

ଏହିଭଳି ଏକ ଅଶାନ୍ତ ବାତାବରଣ ମଧ୍ୟରେ ୧୯୪୨ ମେ ଓ ଜୁନ୍ ମାସରେ ଗାନ୍ଧୀ ଓ କଂଗ୍ରେସ ଇଂରେଜମାନେ ଭାରତ ଛାଡି ଚାଲିଯିବା ପାଇଁ ଦାବୀ କଲେ । ଚର୍ଚ୍ଚିଲ ସରକାର ଏଥିପ୍ରତି ତିଳେମାତ୍ର ଭ୍ରୂକ୍ଷେପ କରିନଥିଲେ । ସେ ଆଗରୁ ଗର୍ବର ସହିତ କହିଥିଲେ, "ବିଲାତର ରାଜାଙ୍କର ଆଦୌ ପ୍ରଥମ ମନ୍ତ୍ରୀ ହେବେ ନାହିଁ, ଯାହାଙ୍କ ଅମଳରେ ବ୍ରିଟିଶ ସାମ୍ରାଜ୍ୟ ପତନ ହେବ ।" ଭାରତୀୟ ଜାତୀୟ କଂଗ୍ରେସ ଦ୍ୱାରା ଗୋଟିଏ ବିରାଟ ଆନ୍ଦୋଳନର ଖସଡା ପ୍ରସ୍ତୁତ ହେଲା । ୱାର୍ଦ୍ଧାଠାରେ ଜୁଲାଇ ମାସ ୬ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକରେ ଭାରତରେ ବ୍ରିଟିଶ ଶାସନ ଅବସାନ ଘଟିବା ଉଚିତ୍ ବୋଲି ଚରମ ନିଷ୍ପତ୍ତି ନିଆଗଲା ।

ଏହିପରି ଭାବରେ ୧୯୪୨ ଅଗଷ୍ଟ ମାସ ସାତ ତାରିଖ ଦିନ ନିଖିଳ ଭାରତ କଂଗ୍ରେସ ଅଧିବେଶନରେ ମୌଲାନ ଆବୁଲ କାଲାମ ଆଜାଦ୍‌ଙ୍କ ସଭାପତିତ୍ୱରେ 'ଭାରତଛାଡ' ଦାବୀ ଉପରେ ଆଲୋକପାତ କରାଗଲା । ଗାନ୍ଧିଜୀ ଶାନ୍ତିପୂର୍ଣ୍ଣ ଓ ଅହିଂସା ଉପାୟରେ ଆଗାମୀ ବିପ୍ଳବ କରିବା ପାଇଁ ଆହ୍ୱାନ ଜଣାଇଲେ । ଜବାହାରଲାଲ ନେହେରୁ ପ୍ରସ୍ତାବ ଆଗତ କଲେ ଏବଂ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ସମର୍ଥନ ଜଣାଇଲେ । ଗାନ୍ଧିଜୀ କହିଥିଲେ 'ଲୋକେ ବ୍ରିଟିଶ ସାମ୍ରାଜ୍ୟବାଦ ଓ ବ୍ରିଟିଶ ଲୋକଙ୍କ ଭିତରେ କୌଣସି ପାର୍ଥକ୍ୟ ଦେଖୁନାହାନ୍ତି" । ନିଖିଳ କଂଗ୍ରେସ କମିଟି ଅଗଷ୍ଟ ୮ତାରିଖ ଦିନ ସନ୍ଧ୍ୟାରେ ଭାରତଛାଡ ଆନ୍ଦୋଳନ ପ୍ରସ୍ତାବକୁ ଅନୁମୋଦନ କଲା । ଗାନ୍ଧିଙ୍କ 'କର ବା ମର' ଧ୍ୱନି ସମଗ୍ର ଦେଶରେ ଏକ ନୂତନ ଚେତନା ସୃଷ୍ଟି କଲା । ଗାନ୍ଧି କହିଥିଲେ ବ୍ରିଟିଶ ଲୋକଙ୍କ ସହିତ କୌଣସି ବିବାଦ ନାହିଁ ଏହା ଥିଲା ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଅନ୍ତିମ ସଂଗ୍ରାମ ।

ଭାରତଛାଡ ଆନ୍ଦୋଳନ କଂଗ୍ରେସ ଦ୍ୱାରା ଗୃହୀତ ହେବାର ମାତ୍ର କେତେଘଣ୍ଟା ପରେ ଅର୍ଥାତ ଅଗଷ୍ଟ ୯ତାରିଖ ୧୯୪୨ ମସିହାରେ ଗାନ୍ଧିଜୀଙ୍କ ସମେତ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ପୋଲିସ ଗିରଫ କରିନେଲେ । ପୁନାଠାରେ ଥିବା ଆଗା ଖାଁ ପ୍ରସାଦ ମଧ୍ୟରେ ଗାନ୍ଧିଙ୍କୁ ଅଟକ ରଖାଗଲା ଏବଂ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଦସ୍ୟମାନଙ୍କୁ ଅହମଦନଗର ଦୁର୍ଗ ବନ୍ଦୀଶାଳାକୁ ପଠାଇ ଦିଆଗଲା । ସାରା ଭାରତରେ କଂଗ୍ରେସ ନେତା ଓ କର୍ମୀମାନଙ୍କୁ ଗିରଫ କରାଗଲା । କଂଗ୍ରେସକୁ ଏକ ବେଆଇନ ସଂଗଠନ ବୋଲି ଘୋଷଣା କରାଗଲା । ଏ

ସମସ୍ତ ଘଟଣା ଅତର୍କିତ ଏବଂ ଅପ୍ରତ୍ୟାଶିତ ଭାବରେ ଘଟିଲା । ଦେଶ ମୁହୂର୍ତ୍ତକୁ ପାଇଁ ହେଲା ସ୍ତମ୍ଭୀଭୂତ । ପ୍ରବଳ ହତାଶାକୁ କ୍ରୋଧ ଜନ୍ମ ନେଲା । ସର୍ବ ଭାରତୀୟ ନେତାମାନଙ୍କଠାରୁ ଆରମ୍ଭ କରି ଗ୍ରାମୀଣ ସ୍ତର ପର୍ଯ୍ୟନ୍ତ ନେତାମାନେ ଗିରଫରୁ ବଞ୍ଚିନଥିଲେ । କିନ୍ତୁ କର୍ମୀମାନଙ୍କର ଅଭାବ ରହିଲା ନାହିଁ । ବିପ୍ଳବ ଥମିବା ପରିବର୍ତ୍ତେ ଉଗ୍ର ରୂପ ଧାରଣ କଲା । ଗାନ୍ଧିଜୀଙ୍କ ନେତୃତ୍ୱବିହୀଣ ସଂଗ୍ରାମ କେମିତି ଅସଂଗଠିତ ଏବଂ କ୍ରୋଧପ୍ରବଣ ହୋଇଉଠେ ଅଗଷ୍ଟ ବିପ୍ଳବ ତାହାର ଏକ ଉଦାହରଣ । ଯୁଦ୍ଧଖୋର ବ୍ରିଟିଶ ଶାସନ ବିପ୍ଳବଜନିତ ହିଂସକୁ ଦମନ କରିବା ପାଇଁ ତୀବ୍ରତର ହିଂସାର ଆଶ୍ରୟ ନେଲେ । ଲୋକେ ରେଳପଥ, ଟେଲିଗ୍ରାମ ଲାଇନ୍, ଡାକସେବ, ସାଧାରଣ ଯୋଗାଯୋଗ ବ୍ୟବସ୍ଥା ଆଦି ଛିନ୍ନ କରିଦେଲେ । ସରକାରୀ ଅଫିସ୍ ଥାନା, ରେଲ୍‌ଷ୍ଟେସନ ମଧ୍ୟ ବିପ୍ଳବୀମାନଙ୍କ ଆକ୍ରମଣରୁ ବର୍ତ୍ତିପାରିଲା ନାହିଁ ।

ବ୍ରିଟିଶ ସରକାରଙ୍କର ଦମନଲୀଳା କେବଳ ଗିରଫ, ଲାଠି ଚାଳନା, ଗୁଳିକାଣ୍ଡରେ ସୀମାବଦ୍ଧ ନଥିଲା । ବିମାନ ଯୋଗେ ଗୁଳି ବର୍ଷଣ କରିବାକୁ ସରକାର ପଛାଇନଥିଲେ । ଏ ସମସ୍ତ ବିଶୃଙ୍ଖଳା ପାଇଁ ଗାନ୍ଧିଜୀଙ୍କୁ ଦାୟୀ କରାଗଲା । ଭୀତତ୍ରସ୍ତ ହୋଇ ସରକାର ଗାଁ-ଗଣ୍ଡାରେ ଅଗ୍ନି ସଂଯୋଗ କରୁଥିଲେ ଓ ସାମୂହିକ ଜୋରିମାନା ଆଦାୟ କରୁଥିଲେ । ମହିଳା ଏବଂ ଶିଶୁମାନେ ମଧ୍ୟ ବ୍ରିଟିଶ ଦମନଲୀଳାର ଶୀକାର ହୋଇଥିଲେ । ବାଲେଶ୍ୱର ଜିଲ୍ଲା ଇରମର ଗଣହତ୍ୟା ବ୍ରିଟିଶ ସରକାରଙ୍କର ଅଗଷ୍ଟ ବିପ୍ଳବର ଥିଲା ଏକ ସର୍ବବୃହତ ହତ୍ୟାକାଣ୍ଡ । ଚର୍ଚ୍ଚିଲ ସରକାରଙ୍କର ବର୍ବରୋଚିତ ବିଦ୍ରୋହ ଦମନ ବ୍ରିଟିଶ ସାମ୍ରାଜ୍ୟକୁ ବଞ୍ଚାଇବାର ଏକ ନିଷ୍ଫଳ ପ୍ରୟାସ ଥିଲା । କଂଗ୍ରେସର ସମାଜବାଦୀ ଦଳ ବିପ୍ଳବକଲୁ ବଞ୍ଚାଇ ରଖିବା ପାଇଁ ଆତ୍ମଗୋପନ କଲେ । ଜୟ ପ୍ରକାଶ ନାରାୟଣ, ରାମ ମନୋହର ଲୋହିଆ, ଅରୁଣା ଆସଫ ଅଲ୍ଲି ଓ ସୁରେନ୍ଦ୍ରନାଥ ଦ୍ୱିବେଦୀ ଆଦି ଏହି ଗୋଷ୍ଠୀର ନେତା ବ୍ରିଟିଶ ଦମନଲୀଳାକୁ ଖାତିର ନକରି ବିପ୍ଳବକୁ ଚାଲୁ ରଖିଥିଲେ ।

ଫେବୃୟାରୀ ଦଶ ତାରିଖ ୧୯୪୩ ମସିହାରେ ଗାନ୍ଧିଜୀ ଅନଶନ ଆରମ୍ଭ କଲେ । ଏହା ଏକୋଇଶ ଦିନ ପାଇଁ ଥିଲା । ପ୍ରକାଶ୍ୟ ବିପ୍ଳବ ପ୍ରାୟ ବନ୍ଦ ହୋଇସାରିଥାଏ । ଏହି ଅନଶନର ପ୍ରଭାବ ସମଗ୍ର ଦେଶରେ ପଡିଥିଲା । ସରକାରଙ୍କ ଉଦାସୀନତା ପ୍ରତି ଏହି ଅନଶନ ଏକ ଆହ୍ୱାନ ଥିଲା । ବଡଲାଟ ଲିନ୍‌ଲିଥଗୋଙ୍କର ବର୍ଣ୍ଣ ବିଦ୍ୱେଷ ନୀତିର ନଗ୍ନ ରୂପ ପଦାରେ ପଡିଯାଇଥିଲା । ବଡଲାଟଙ୍କ ପରାମର୍ଶଦାତା କାଉନସିଲରୁ ତିନିଜଣ ଭାରତୀୟ ସଭ୍ୟ ଇସ୍ତଫା ଦେଲେ । ସରକାରଙ୍କ ନିଷ୍କ୍ରିୟତା ସେମାନଙ୍କର ଇସ୍ତଫାର କାରଣ ହେଲା । ସରକାର ମୋଟେ ବିଚଳିତ ନଥିଲେ । ସରକାରୀ ହିସାବ ଅନୁଯାୟୀ ପ୍ରାୟ ଷାଠିଏ ହଜାର ଲୋକଙ୍କୁ ଗିରଫ କରାଯାଇଥିଲା, ଏକ ହଜାର ଲୋକ ଗୁଳିକାଣ୍ଡରେ ପ୍ରାଣତ୍ୟାଗ କରିଥିଲେ । ୨୫୦ଟି ରେଳ ଷ୍ଟେସନ, ୫୦୦୦ ଡାକଘର ଓ ୧୫୦ ଟି ଥାନା ନଷ୍ଟ ହୋଇଯାଇଥିଲା ।

ତଥାପି ୧୯୪୨ ମସିହା ବିପ୍ଳବ ଦବିଯାଇନଥିଲା । ଚର୍ଚ୍ଚିଲ ଦବାଇ ଦିଆଗଲା ବୋଲି ଯେତେ ଦାବୀ କଲେବି ଭାରତରେ ବ୍ରିଟିଶ ସାମ୍ରାଜ୍ୟ ଅସ୍ତମିତ ହୋଇ ଆସୁଥିଲା । ଭାରତୀୟ ଜନସାଧାରଣ ବ୍ରିଟିଶ ଶାସନ ପ୍ରତି ଭୟ କରୁନଥିଲେ । ସେମାନଙ୍କର କୌଣସି ଅନୁରକ୍ତି ନଥିଲା । ବଳ ପ୍ରୟୋଗ କରି ଗୋଟିଏ ବିଜିତ ଦେଶକୁ ସବୁଦିନ ଶାସନ କରିହେବ ନାହିଁ । ଇଂରେଜ ଶାସନର ଅବସାନ ଆସନ୍ନ ବୋଲି ମନେ ହେଉଥିଲା । ଅନ୍ୟ

ଦେଶମାନଙ୍କରେ ଭାରତୀୟ ମୁକ୍ତି ସଂଗ୍ରାମ ପ୍ରତି ସହାନୁଭୂତି ସୃଷ୍ଟି ହେଉଥିଲା । ବିଦେଶରେ ଗାନ୍ଧିଙ୍କର ନୀତି ଏବଂ ଆଦର୍ଶର ଚର୍ଚ୍ଚା ହେଉଥିଲା । ମହାଯୁଦ୍ଧର ଶେଷ ପରେ ବ୍ରିଟିଶ ସାମ୍ରାଜ୍ୟର ଅଧୋପତନ ଅନିବାର୍ଯ୍ୟ ବୋଲି ଜଣାପଡିଥିଲା ।

**'ଭାରତ ଛାଡ' ଆନ୍ଦୋଳନରେ ଓଡିଶାର ଭୂମିକା**

୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ସର୍ବ ଭାରତୀୟ କଂଗ୍ରେସ କମିଟୀ ବମ୍ବେଠାରେ 'ଭାରତ ଛାଡ' ଆନ୍ଦୋଳନରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଖୋଲା ଅଧିବେଶନରେ ଯୋଗ ଦେବା ପାଇଁ ଓଡିଶାରୁ ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ପ୍ରହ୍ଲାଦ ରାଏ ଲାଠ ଏବଂ ଲକ୍ଷ୍ମୀ ନାରାୟଣ ମିଶ୍ର ଯୋଗ ଦେଇଥିଲେ । ଅପ୍ରତ୍ୟାଶିତ ଭାବରେ ଅଗଷ୍ଟ ୯ ତାରିଖରେ ସର୍ବ ଭାରତୀୟ କଂଗ୍ରେସ ନେତାମାନଙ୍କ ସହିତ ଓଡିଶାରୁ ହରେକୃଷ୍ଣ ମହତାବଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ରମାଦେବୀ,ଭାଗୀରଥି ମହାପାତ୍ର ଏବଂ ବିଶ୍ୱନାଥ ଦାସ ଏବଂ କଂଗ୍ରେର ସମଗ୍ର ସଙ୍ଗଠନ ଏପରିକି ଜିଲ୍ଲା, ସହର ଏବଂ ଆଶ୍ରମ ସ୍ତରରେ ଥିବା କଂଗ୍ରେସ ସଂଗଠନଗୁଡିକ ବେଆଇନ ଘୋଷଣା କରାଯାଇଥିଲା ।

୧୯୪୨ ମସିହା ଅଗଷ୍ଟ ୧୦ତାରିଖ ସୁଦ୍ଧା ପୋଲିସ ସବୁ କଂଗ୍ରେସ କାର୍ଯ୍ୟାଳୟଗୁଡିକ ଦଖଲ କରିନେଇଥିଲେ । ଗିରଫଦାରୀ ସତ୍ତ୍ୱେ ଆନ୍ଦୋଳନ ଦବିଯାଇନଥିଲା । ସୁରେନ୍ଦ୍ରନାଥ ଦ୍ୱିବେଦୀ ପୂର୍ଣ୍ଣ ଭାବରେ କଂଗ୍ରେସର ଆନ୍ଦୋଳନ ଜାରି ରଖିଥିଲେ । ମୁଖ୍ୟତଃ ସେ ହିଁ ଭାରତ ଛାଡ ଆନ୍ଦୋଳନର ସଂଗଠନ କରିଥିଲେ । ସଂଖ୍ୟାଧିକ ଗିରଫ ସତ୍ତ୍ୱେ ଦୂରଦୂରାନ୍ତ ଗ୍ରାମମାନଙ୍କରେ ଲୋକେ ସରକାରୀ ବିରୋଧୀ କାର୍ଯ୍ୟ କରିଥିଲେ । ସଂଖ୍ୟାଧିକ ଗିରଫ ସତ୍ତ୍ୱେ ଦୂରଦୂରାନ୍ତ ଗ୍ରାମମାନଙ୍କରେ ଲୋକେ ସରକାରୀ ବିରୋଧୀ କାର୍ଯ୍ୟ କରିଥିଲେ । ଉତ୍ତ୍ୟକ୍ତ ଜନତା ପୋଷ୍ଟ ଅଫିସ, ରାଜସ୍ୱ ଅଫିସ, ପୂର୍ତ୍ତ ବିଭାଗ ବଙ୍ଗଳା ଏବଂ ଥାନା ଉପରେ ଚଢାଉ କରିଥିଲେ । ଟେଲିଫୋନ୍ ତାର କାଟିଥିଲେ । ଅଗ୍ନି ସଂଯୋଗ କରିଥିଲେ । କୋରାପୁଟ ଜିଲ୍ଲାର ନିରକ୍ଷର ଆଦିବାସୀ 'ଭାରତ ଛାଡ' ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୪୨ ଅଗଷ୍ଟ ୧୩ ତାରିଖରେ ଜୟପୁରରେ ଦୁଇଜଣ ବଙ୍କଲ କଂଗ୍ରେସ ପତାକା ଧରି ଆନ୍ଦୋଳନର ଡାକରା ଦେଇଥିଲେ । ଗୁଣୁପୁରୁ ଏବଂ ଲକ୍ଷ୍ମୀପୁର ଥାନାରେ ସାଧାରଣ ଲୋକ ଆନ୍ଦୋଳନରେ ଯୋଗ ଦେଇଥିଲେ । କଂଗ୍ରେସ କର୍ମୀମାନେ ଗୁଣୁପୁରରେ ମଦ ଦୋକାନ, କଚେରୀ, ଏବଂ ସରକାରୀ ଅନୁଷ୍ଠାନରେ ପିକେଟିଂ କରିଥିଲେ । ଅଗଷ୍ଟ ମାସର ପ୍ରଥମ ଭାଗରେ ସରକାରୀ ସ୍ତରରେ ବିପ୍ଳବର ପ୍ରଭାବକୁ ସ୍ୱୀକାର କରାଯାଇନଥିଲା । କିନ୍ତୁ ସେହି ମାସର ଦ୍ୱିତୀୟ ଭାଗରେ ଏହାର ପ୍ରଭାବ ଦୃଢ ଭାବରେ ସ୍ୱୀକାର କରାଯାଇଥିଲା । ସେତେବେଳେ ଲୋକମାନେ ଆଇନ ନିଜ ହାତକୁ ନେଇଯାଇଥିଲେ , କର ଦେଉନଥିଲେ, ସାମାଜିକ ବାଛନ୍ଦ କରିଥିଲେ ଏବଂ ରେଳଧାରଣା ରେଳ ଷ୍ଟେସନ, ପୋଲିସ ଥାନା, ଯୋଗାଯୋଗ ବ୍ୟବସ୍ଥାକୁ ଛିନ୍ନ କରିଥିଲେ ।

'ଭାରତ ଛାଡ' ଆନ୍ଦୋଳନରେ ଲକ୍ଷ୍ମଣ ନାୟକଙ୍କର ଭୂମିକା ଉଲ୍ଲେଖଯୋଗ୍ୟ । ସେ ଏହି ଆନ୍ଦୋଳନରେ ଅସାଧାରଣ ସାହସିକତା ପ୍ରଦର୍ଶନ କରିଥିଲେ । କୋରାପୁଟ ଜିଲ୍ଲାରେ କଂଗ୍ରେସ ଆନ୍ଦୋଳନ ପାଇଁ ଲୋକ ସଙ୍ଗଠନ କରିଥିଲେ । ୧୯୪୨ ମସିହା ଜୁଲାଇ ୩୧ ତାରିଖରେ ଜୟପୁରଠାରେ କଂଗ୍ରେସ ସମ୍ମିଳନୀରେ ଯୋଗଦେଇ 'ଭାରତ ଛାଡ' ଆନ୍ଦୋଳନର ପ୍ରସ୍ତୁତି କରିଥିଲେ । ଲକ୍ଷ୍ମଣ ନାୟକ ମାଥିଲି ଅଞ୍ଚଳର ଖଜଣା ବନ୍ଦ ଆନ୍ଦୋଳନ କରି

୧୯୩୬ ମସିହାରେ ଗିରଫ ହୋଇଥିଲେ । ଖଦଡ ବସ୍ତ୍ର ପରିଧାନ କରି କୋରାପୁଟ ଜଙ୍ଗଲ ମଧ୍ୟରେ ୨୦୦ ଲାଠିଧାରୀ ଲୋକ ଧରି ପଦଯାତ୍ରା କରିଥିଲେ । ମଦ ଦୋକାନଗୁଡ଼ିକ ନଷ୍ଟ କରିଥିଲେ । ୧୯୪୨ ଅଗଷ୍ଟ ୨୧ ତାରିଖରେ ମାଥିଲି ଥାନା ନିକଟରେ ନିଷେଧାଜ୍ଞା ଅବମାନନା କରି ପୋଲିସ ଲାଠି ଖାଇଥିଲେ । ଲକ୍ଷ୍ମଣ ଲାଠି ମାଡରେ ଆହତ ହୋଇ ଅଚେତ ହୋଇଥିଲେ । ତଥାପି ଆନ୍ଦୋଳନକାରୀ ଦବି ନଥିଲେ । 'ବନ୍ଦେ ମାତରମ୍' ଧ୍ୱନିରେ ସ୍ଥାନ ପ୍ରକମ୍ପିତ ହୋଇଥିଲା । ଧସ୍ତାଧସ୍ତିରେ ଜଙ୍ଗଲ ରକ୍ଷୀ ରାମାୟା ମୃତ୍ୟୁବରଣ କଲେ, ପୋଲିସ ଗୁଳି ବର୍ଷଣ କଲେ । ପାଞ୍ଚଜଣ ଲୋକ ମରିଥିଲେ ଏବଂ ସତରଜଣ ଆହତ ହୋଇଥିଲେ । ଲକ୍ଷ୍ମଣ ନାୟକ ମୃତ ବୋଲି ଭାବି ପୋଲିସ ବାହିନୀ ଛାଡିଦେଇ ଚାଲି ଯାଇଥିଲେ । ଚେତା ପାଇବା ପରେ ଲକ୍ଷ୍ମଣ ନାୟକ ଜୟପୁର କଂଗ୍ରେସ ଅଫିସକୁ ଯାଇଥିଲେ । ତାଙ୍କୁ ସେପ୍ଟେମ୍ବର ୨ ତାରିଖ ୧୯୪୨ ରେ ଗିରଫ କରାଯାଇ ବ୍ରହ୍ମପୁର ଜେଲକୁ ପଠାଯାଇଥିଲା । ୧୯୪୩ ମାର୍ଚ୍ଚ ୨୯ ତାରିଖ ଦିନ ବ୍ରହ୍ମପୁର ଜେଲରେ ରାମାୟା ହତ୍ୟା ପାଇଁ ମିଥ୍ୟା ଅଭିଯୋଗରେ ତାଙ୍କୁ ଫାଶୀ ଦିଆଗଲା । ତାଙ୍କ ସହିତ ଜେଲରେ ଥିବା ସହକର୍ମୀମାନଙ୍କୁ ଫାଶୀ ପାଇବାର ଆଗଦିନ ରାତ୍ରିରେ କହିଥିଲେ "ସ୍ୱରାଜ ନିଶ୍ଚିତ ଭାବରେ ଆସିବ ବାଲୁ ମୁଁ ଜାଣେ । ମୁଁ ଦୁଃଖିତ ଯେ ମୁଁ ସେହି ସ୍ୱରାଜକୁ ଦେଖିପାରିବି ନାହିଁ ।" ସେତେବେଳକୁ ତାଙ୍କୁ ହୋଇଥିଲା ମାତ୍ର ୪୩ ବର୍ଷ ।

ମାଥିଲି ଗଣହତ୍ୟା ଏବଂ ଲକ୍ଷ୍ମଣ ନାୟକଙ୍କର ଗିରଫ କୋରାପୁଟ ଆଦିବାସୀମାନଙ୍କ ମଧ୍ୟରେ ପ୍ରବଳ ଜାଗରଣ ଆଣି ଦେଇଥିଲା । ୧୯୪୨ ଅଗଷ୍ଟ ୨୪ତାରିଖ ଦିନ ପ୍ରାୟ ଚାରି-ପାଞ୍ଚ ହଜାର ଜନତା ନବରଙ୍ଗପୁର ତାଲୁକର ପାପଡାହାଣ୍ଡି ପୋଲିସଥାନାକୁ ନଷ୍ଟ କରିବା ପାଇଁ ଅଗ୍ରସର ହୋଇଥିଲେ । ପୋଲିସ ବାହିନୀ ସେମାନଙ୍କର ଅବରୋଧ କରିଥିଲେ । ଉତ୍ତ୍ୟକ୍ତ ଜନତା ପୋଲିସ କର୍ମଚାରୀମାନଙ୍କୁ ଆକ୍ରମଣ କରିଥିଲେ, କିଛି ପୋଲିସ ଆହତ ହୋଇଥିଲେ । ଜନତାଙ୍କୁ ଘଉଡାଇବା ପାଇଁ ପୋଲିସ ଗୁଳି ଚାଳନା କରିଥିଲେ । ଏଥିରେ ୧୨ଜଣ ଲୋକ ମରିଥିଲେ ଏବଂ ୧୪ଜଣ ଆହତ ହୋଇଥିଲେ । ବହୁଲୋକ ପାପଡାହାଣ୍ଡି ନଦୀର ବନ୍ୟାରେ ଭାସି ଯାଇଥିଲେ । ବହୁ ଆଦିବାସୀ ଲୋକଙ୍କୁ ଗିରଫ କରାଯାଇଥିଲା । ବହୁ ପରିମାଣରେ ଗୋଲାବାରୁଦ ଏବଂ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା । ଦକ୍ଷିଣ ଓଡିଶାର ଭାରତଛାଡ ଆନ୍ଦୋଳନରେ ଉମାଚରଣ ପଟ୍ଟନାୟକ , ରାଧାକାନ୍ତ ବିଶ୍ୱାସରାୟ, ନିରଞ୍ଜନ ପଟ୍ଟନାୟକ ଓ ଲକ୍ଷ୍ମଣ ନାୟକଙ୍କର ଅବଦାନ ଉଲ୍ଲେଖଯୋଗ୍ୟ । ଅବିଭକ୍ତ କଟକ ଜିଲ୍ଲାର ସମସ୍ତ ଆଗଧାଡିର କଂଗ୍ରେସ ନେତାମାନଙ୍କୁ ଗିରଫ କରାଯାଇଥିଲା ।୧୯୪୨ ମସିହା ଅଗଷ୍ଟ ୧୫ ତାରିଖ ଦିନ ପ୍ରାୟ ୨୦୦ଜଣ ଛାତ୍ର ଅଫିସରେ ଅଗ୍ନି ସଂଯୋଗ କରିଥିଲେ । ଏହି ଘଟଣା ପାଇଁ ବିଭୁଧେନ୍ଦ୍ର ମିଶ୍ର ଏବଂ ସୁରଜମଲ୍ଲ ସାହା ଦୁଇଜଣ ଛାତ୍ରନେତାଙ୍କୁ ଭାରତୀୟ ନିରାପତ୍ତା ଆଇନରେ ଗିରଫ କରାଯାଇ ବ୍ରହ୍ମପୁର କେନ୍ଦ୍ରୀୟ ଜେଲରେ ରଖାଯାଇଥିଲା । ଉତ୍ତ୍ୟକ୍ତ ଜନତା ପୋଡାଜଳା, ଲୁଟତରାଜ କରିବାକୁ ପଛାଇ ନଥିଲେ । ଯାଜପୁର ଜିଲ୍ଲା ବିପ୍ଳବ ଜନତା ୨୬ଟି ସ୍ଥାନରେ ପୋଲିସ ପୋଷାକରେ ନିଆଁ ଲଗାଇବା ସଙ୍ଗେ ସଙ୍ଗେ ୬ଟି ରାଜସ୍ୱ ଅଫିସ, ୪ଟି ଡାକଘର, ୬ଟି ଜମିଦାରୀ କଚେରୀ ଓ ୪ଟି ପୂର୍ତ୍ତ ବିଭାଗ ବଙ୍ଗଳା ଅଗ୍ନି ସଂଯୋଗ କରିଥିଲେ । କେବଳ ଅଗଷ୍ଟ ମାସର ଶେଷ ସପ୍ତାହରେ ଯାଜପୁର ଜିଲ୍ଲାରେ ପ୍ରାୟ ୭୧ଗୋଟି ଅଗଷ୍ଟ ବିପ୍ଳବଜନିତ ଘଟଣା ହୋଇଥିଲା । ୧୯୪୨ ମସିହା ଅଗଷ୍ଟ ୨୭ତାରିଖ ଦିନ ପ୍ରାୟ ୧୦,୦୦୦ ଲୋକ ଥାନା ଏବଂ ଏସ୍.ଡି.ଓ ଅଫିସକୁ ଘେରାଉ କରିବା ପାଇଁ ରୁଣ୍ଡ ହୋଇଥିଲେ ।

ସେମାନେ ସ୍ଥାନୀୟ ଅଫିସରମାନଙ୍କୁ ଚାକିରୀ ଛାଡିବା ପାଇଁ କହିଥିଲେ । ପୋଲିସର ଗୁଳି ହେବା ପୂର୍ବରୁ ଆକାଶମାର୍ଗରୁ ଉଡାଜାହାଜରେ ଡିନାମାଇଟ୍ ଫିଙ୍ଗାଯାଇ ଜନତାଙ୍କୁ ଛତ୍ରଭଙ୍ଗ କରାଯାଇଥିଲା । ଏହା ବ୍ୟତୀତ ତିର୍ତ୍ତୋଲ,ବିଞ୍ଝାରପୁର, ଏରସମା, ବଡଚଣା, ନିଆଳି ପ୍ରଭୃତି ଅଞ୍ଚଳରେ ଅବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯିବା ଉପରେ ଥିଲା । ଅବିଭକ୍ତ କଟକ ଜିଲ୍ଲାରେ ଆନ୍ଦୋଳନ ସଜାଗ କରେଇବାରେ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କର ଅବଦାନ ଅତୁଳନୀୟ ଥିଲା । ୧୯୪୨ ମସିହା ସେପ୍ଟେମ୍ବର ୧୬ତାରିଖରେ ପ୍ରାୟ ୫୦୦ଲୋକଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ନିମାପଡାରେ ଏକ ସାଧାରଣ ସଭା ଡକାଯାଇଥିଲା । ସେମାନେ ନିମାପଡା ପୋଲିସଥାନାରେ କଂଗ୍ରେସ ପତାକା ଉଡେଇବାର ଚେଷ୍ଟା କରିଥିଲେ । ପୋଲିସ ଗୁଳି ମାଡରେ ୨ଜଣ ଲୋକ ମରିଥିଲେ ଏବଂ ୧୭ଜଣ ଆହତ ହୋଇଥିଲେ ।

ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଭଣ୍ଡାରୀପୋଖରୀ ଗ୍ରାମର ପ୍ରାୟ ୫,୦୦୦ ଲୋକ ୧୯୪୨ ଅଗଷ୍ଟ ୧୭ ତାରିଖରେ ଥାନା ଉପରେ ଆକ୍ରମଣ କରିଥିଲେ । ପୋଲିସ କର୍ମଚାରୀଙ୍କୁ ଆହତ କରିବା ସଙ୍ଗେ ସଙ୍ଗେ, ଡାକଘରେ ଅଗ୍ନି ସଂଯୋଗ, ଟେଲିଗ୍ରାପ ତାର କାଟିବା ଆଦି କାର୍ଯ୍ୟ କରିଥିଲେ । ଏହାର ନେତୃତ୍ୱ ନେଇଥିଲେ ଜଗନ୍ନାଥ ଦାସ ଏବଂ ଦ୍ୱାରକନାଥ ଦାସ । ୧୯୪୨ ମସିହା ସେପ୍ଟେମ୍ବର ୮ ତାରିଖରେ ଧୂଷୁରୀଠାରେ ଏକତ୍ରିତ ଜନତା ବାଲେଶ୍ୱର ଜିଲ୍ଲା ପୋଲିସ ଅଧୀକ୍ଷକ, ମେଜର ଜି.ଆର.ଜି.ଫକଙ୍କୁ ବହୁ ସମୟ ଧରି ଘେରାଉ କରିଥିଲେ । ଚୌକିଦାର ଏବଂ ଦଫାଦାରମାନଙ୍କର ପୋଷାକ ପୋଡିଥିଲେ । ୨୨ ସେପ୍ଟେମ୍ବର ମାସରେ ଲୁଣିଆଠାରେ ଗୁଳିକାଣ୍ଡ ହୋଇଥିଲା । ଏଥିରେ ୯ଜଣ ଲୋକ ମରିଥିଲେ ଏବଂ ୫ଜଣ ଆହତ ହୋଇଥିଲେ । ଏହି ଉଭୟ ସ୍ଥାନ ଧାମନଗର ପୋଲିସଥାନାରେ ଅବସ୍ଥିତ ଥିଲା । ଉଭୟ ତୁଡିଗଡିଆ ଏବଂ ଖଇରାଡିହି ଗ୍ରାମରେ ୨୪ ସେପ୍ଟେମ୍ବର ଏବଂ ୨୬ ସେପ୍ଟେମ୍ବରରେ ଗୁଳିକାଣ୍ଡ ହୋଇଥିଲା । ଘଟଣାସ୍ଥଳରେ ୪ଜଣ ଲୋକ ମରିଥିଲେ । କେତେକ ଗଭୀର ଆହତ ହୋଇଥିଲେ ।

ଏହି ସମସ୍ତ ଘଟଣାଠାରୁ ଅତ୍ୟନ୍ତ ଦାରୁଣପୂର୍ଣ୍ଣ ଥିଲା ଇରମର ଗଣହତ୍ୟା । ବାସୁଦେବପୁର ଥାନାରେ ଇରମ ଗ୍ରାମରେ ପୋଲିସ ଅତ୍ୟାଚାର ସୀମା ଟପି ଯାଇଥିଲା । ଏହା ଥିଲା କଂଗ୍ରେସ କର୍ମୀମାନଙ୍କର ଏକ ମୁଖ୍ୟ କେନ୍ଦ୍ର । ଦେଶପ୍ରେମୀ କବି ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟବାଦୀ କବିତା ଜନସାଧାରଣମାନଙ୍କ ମଧ୍ୟରେ ଆଦୃତ ହୋଇଥିଲା । ୬ଟି ପଞ୍ଚାୟତ ଏବଂ ୨୬ଟି ଗ୍ରାମକୁ ନେଇ ସ୍ୱାଧୀନ ବାଞ୍ଛାନିଧି ଚକଲା ଗଠିତ ହୋଇଥିଲା । ପ୍ରାୟ ୧୯ବର୍ଗ ମାଇଲ ଏ ଚକଲା ଲମ୍ବି ଯାଇଥିଲା । ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଏହି ସ୍ୱାଧୀନ ଚକଲାର କେତେକ ସ୍ଥାନୀୟ ନେତାଙ୍କୁ ଗିରଫ କରିବା ପାଇଁ ପୋଲିସ ଗ୍ରାମକୁ ଆସିଥିଲେ । ପୋଲିସ ଗ୍ରାମ ମଧ୍ୟରେ ପହଞ୍ଚିବା ମାତ୍ରେ ଗ୍ରାମବାସୀମାନେ ଶଙ୍ଖଧ୍ୱନି କରିଥିଲେ । ପ୍ରାୟ ୫,୦୦୦ ଲୋକ ଲାଠିଧାରୀ ଆସିଥିଲେ । ଚୌକିଦାରଠାରୁ ବନ୍ଧୁକ ଗୁଳି ଛଡାଇ ନେଇଥିଲେ । ଉଦ୍ଦେଶ୍ୟ ଥିଲା ପୋଲିସଥାନାରେ ଅନୁପସ୍ଥିତି ନେଇ ବାସୁଦେବପୁର ପୋଲିସଥାନାକୁ ଲୁଟ କରିବା । କିନ୍ତୁ ପୋଲିସ ବାହିନୀ ସ୍ଥାନୀୟ ଜମିଦାରଙ୍କଠାରୁ ପ୍ରାୟ ୪୮୦ ବନ୍ଧୁକ ଗୁଳି ଆଣି ଲୋକମାନଙ୍କ ଉପରେ ଗୁଳି ଚାଳନା କରିଥିଲେ । ପ୍ରାୟ ୨୬ଜଣ ବ୍ୟକ୍ତି ପ୍ରାଣ

ହରାଇଥିଲେ ଓ ୫୪ଜଣ ଆହତ ହୋଇଥିଲେ । ବେସରକାରୀ ସ୍ତରରେ ମୃତ୍ୟୁ ସଂଖ୍ୟା ୩୫ ଏବଂ ଆହତ ସଂଖ୍ୟା ୧୦୬ଜଣ କୁହାଯାଏ ।

ଓଡିଶାରେ 'ଭାରତ ଛାଡ' ଆନ୍ଦୋଳନ ଥିଲା ସ୍ୱତଃ ପ୍ରବୃତ୍ତ ଆନ୍ଦୋଳନ । ଏହା ଥିଲା ଏକ ଗଣ ବିଦ୍ରୋହ । କୋରାପୁଟର ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କଠାରୁ ଆରମ୍ଭ କରି ଇରମ ଗୁଳିକାଣ୍ଡ ସମସ୍ତ ଘଟଣା ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅବିସ୍ମରଣୀୟ ହୋଇ ରହିବ । ଏ ବିପ୍ଳବକୁ ନିୟନ୍ତ୍ରଣ କରିବା ପାଇଁ କେହି ବଡନେତା ନଥିଲେ । ଅଗଣିତ ଗିରଫଦାରୀ, ଲାଠିଚାର୍ଜ, ଗୁଳିବର୍ଷଣ ବିପ୍ଳବକୁ ଦବାଇ ଦେଇପାରି ନଥିଲା । କେତେକ ସ୍ଥାନରେ ବିପ୍ଳବ ହିଂସାତ୍ମକ ରୂପ ନେଇଥିଲା ଯେଉଁଭଳି ଭାବରେ ସାଧାରଣ ଜନତା ଇଂରେଜ ଶାସନର ପ୍ରତିରୋଧ କରିବା ପାଇଁ ଆଗେଇ ଆସିଥିଲେ ତାହାର ତୁଳନା କରାଯାଇ ପାରିବ ନାହିଁ । ସ୍ୱାଧୀନତା ଏବଂ ସ୍ୱରାଜର ସ୍ୱପ୍ନରେ ଆନ୍ଦୋଳନକାରୀମାନେ ଯେ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିଲେ । ଇଂରେଜ ସରକାର ଆତ୍ମବିଶ୍ୱାସ ହରାଇ ବସିଥିଲେ ।

**ପଶ୍ଚିମ ଓଡିଶାରେ 'ଭାରତ ଛାଡ' ଆନ୍ଦୋଳନ**

'ଭାରତ ଛାଡ' ଆନ୍ଦୋଳନରେ ପଶ୍ଚିମ ଓଡିଶା ସବିଶେଷରେ ଅବିଭାଜିତ ସମ୍ବଲପୁର ଜିଲ୍ଲା ଭୂମିକା ମଧ୍ୟ କମ୍ ନଥିଲା । ସମ୍ବଲପୁର ଅଞ୍ଚଳର ଦୁଇଜଣ ନେତା ବମ୍ବେଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ଅଧିବେଶନରେ ଓଡିଶାର ପ୍ରତିନିଧି ଭାବରେ ଯୋଗଦେବାକୁ ଯାଇ ଫେରିବା ବାଟରେ ଗିରଫ ହୋଇଥିଲେ । ସେମାନଙ୍କର ନାମ ହେଉଛି ପ୍ରହ୍ଲାଦରାୟ ଲାଠ ଏବଂ ଲକ୍ଷ୍ମୀ ନାରାୟଣ ମିଶ୍ର । ପରେ ପରେ ଅନ୍ୟାନ୍ୟ ନେତାମାନଙ୍କୁ ଗିରଫ କରାଯାଇଥିଲା । ଭାଗିରଥୀ ପଟ୍ଟନାୟକ, ତାଙ୍କ ସ୍ତ୍ରୀ ଜମ୍ବୁବତୀ ଦେବୀ ଓ ପୁତ୍ର ପ୍ରଫୁଲ୍ଲ କୁମାର, ବିହାରରୁ ସମ୍ବଲପୁର ଆସି ଆନ୍ଦୋଳନ ଜାରି ରଖିଥିଲେ ।

୧୯୪୨ ଅଗଷ୍ଟ ୯ ତାରିଖରେ ସମ୍ବଲପୁର ଜିଲ୍ଲାର ୩ଟି ପ୍ରମୁଖ ରାଜନୈତିକ ଅନୁଷ୍ଠାନକୁ ବେଆଇନ ଘୋଷଣା କରାଯାଇଥିଲା । ସେଥିମଧ୍ୟରେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟୀ, ବରଗଡ କଂଗ୍ରେସ କମିଟୀ ଓ ଝାରସୁଗୁଡା କଂଗ୍ରେସ କମିଟି ଥିଲା । କାର୍ଯ୍ୟାଳୟରେ ତାଲା ପକାଇ ଜବତ୍ମୁଦ ଦିଆଯାଇଥିଲା । କଂଗ୍ରେସ ନେତାଙ୍କୁ ଗିରଫ କରିବା ପ୍ରତିବାଦରେ ସମ୍ବଲପୁର, ବରଗଡ,ଝାରସୁଗୁଡା ସହରରେ ବିକ୍ଷୋଭ କରାଯାଇଥିଲା । ଜମ୍ବୁବତୀ ଦେବୀ ଏବଂ ତାଙ୍କର ସହକର୍ମୀ ପ୍ରେମ ଦେବୀଙ୍କ ବିହାରରେ ଗିରଫ କରାଯିବାର ପ୍ରତିବାଦ ସମ୍ବଲପୁର ଅଞ୍ଚଳର ମହିଳା ଏବଂ ଗରୀବ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିଥିଲା । ଅଗଷ୍ଟ ୧୮ ତାରିଖରେ ନେତାମାନଙ୍କର ଗିରଫ ହେବା ପ୍ରତିବାଦରେ ଝାରସୁଗୁଡାର ଛାତ୍ରନେତା ମଧ୍ୟ ହରତାଳ କରିଥିଲେ । ଅଗଷ୍ଟ ୧୯ ତାରିଖ ଦିନ ନୃସିଂହ ପ୍ରସାଦ ଗୁରୁ, ତାଙ୍କ ଭାଇ ଦୁର୍ଗା ପ୍ରସାଦ ଗୁରୁ, ଦୟାନିଧି ଶତପଥୀ, ଲକ୍ଷ୍ମୀ ନାରାୟଣ ଅଗ୍ରୱାଲ ଓ ରାମରକ୍ଷା ଶୁକ୍ଳଙ୍କୁ ଭାରତ ପ୍ରତିରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା । ନିର୍ଦ୍ଦିଷ୍ଟ ପ୍ରମାଣ ଅଭାବରୁ ସେମାନଙ୍କୁ ଜେଲରେ ଅଟକବନ୍ଦୀ ଭାବରେ ରଖାଯାଇଥିଲା । ଜେଲରେ ଦୁର୍ଗା ପ୍ରସାଦ ଗୁରୁ ମୃତ୍ୟୁବରଣ କରିଥିଲେ । ଅଗଷ୍ଟ ୨୧ ତାରିଖରେ ଭୁଲିଆପଡା ଗ୍ରାମର ୫ଜଣ ବିଶିଷ୍ଟ ନେତା ରେଭିନିଉ ଅଫିସରଙ୍କୁ ଇସ୍ତଫା ଦେବା ପାଇଁ ବାଧ୍ୟ କରିଥିଲେ

– ସେମାନଙ୍କୁ ପ୍ରତିରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା । ବିଜେପୁର ଥାନା ପୋଡିବା ପାଇଁ ଉଦ୍ୟମ କରାଯାଇଥିଲା ।
ତା'ର ନେତୃତ୍ୱ ନେଇଥିଲେ ରାମଚନ୍ଦ୍ର ପୁରୀ । ବରପାଳୀ,ରେମୁଣ୍ଡା,ପାଣିମୋରା,ବୋଡାସମ୍ବର,ପଦ୍ମପୁରରେ କଂଗ୍ରେସ କର୍ମୀମାନେ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ପାଇଁ ଉଦ୍ୟମ କରିଥିଲେ । କଟକରୁ ଭୈରବ ଚନ୍ଦ୍ର ମହାନ୍ତି ସମ୍ବଲପୁର ଆସି ଆନ୍ଦୋଳନକୁ ପରିଚାଳନା କରିଥିଲେ । ଶିବ ନାରାୟନ ପାଢୀ ମଧ୍ୟ ଏଥିରେ ଯୋଗ ଦେଇଥିଲେ ।

ଆନ୍ଦୋଳନରେ ଆଉ ଜଣ ମହାନ ନେତା ଥିଲେ ଭେଡାନ ପୋଲିସଥାନା ଅନ୍ତର୍ଗତ ମାନପୁର ଗ୍ରାମର ଘନଶ୍ୟାମ ପାଣିଗ୍ରାହୀ । ସେ ଜଣେ ପରୋପକାରୀ ବ୍ୟକ୍ତି ଥିଲେ । ବରଗଡର ଅନ୍ୟତମ ବିଶିଷ୍ଟ ନେତା ଦୟାନିଧି ଶତପଥୀ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିବାରୁ ତାଙ୍କୁ ୧୯୪୨ ଅଗଷ୍ଟ ୨୮ ତାରିଖରେ ଗିରଫ କରାଯାଇଥିଲା । ସମ୍ବଲପୁର ଅଞ୍ଚଳରେ କେତେଜଣ ନେତ୍ରୀ ମଧ୍ୟ ଯୋଗଦେଇ କ୍ରାନ୍ତିକାରୀ ଆନ୍ଦୋଳନକୁ ଆଗେଇ ନେଇଥିଲେ । ସେମାନେ ଥିଲେ ପ୍ରଭାବତୀ ଦେବୀ, ଜମ୍ବୁବତୀ ଦେବୀ ଏବଂ ପାର୍ବତୀ ଗିରି । ଜମ୍ବୁବତୀ ଦେବୀ ଭାଗିରଥି ପଟ୍ଟନାୟକଙ୍କୁ ବିବାହ କରିଥିଲେ । ସେ ବରପାଳୀ ଅଞ୍ଚଳର ବିଶିଷ୍ଟ ନେତା ଥିଲେ । ପୋଲିସ ଜମ୍ବୁବତୀ ଦେବୀ, ସ୍ୱାମୀ ଭାଗିରଥି ପଟ୍ଟନାୟକ ଏବଂ ପୁତ୍ର ପ୍ରଫୁଲ୍ଲ କୁମାରଙ୍କୁ ଗିରଫ କରିଥିଲେ । ପାଣିମୋରା ଗ୍ରାମରେ ଭାଗିରଥୀ ପଟ୍ଟନାୟକଙ୍କର ନେତୃତ୍ୱରେ ୩୨ଜଣ ସକ୍ରିୟ କଂଗ୍ରେସ କର୍ମୀ ତାଲିମ ନେଇ 'ଭାରତ ଛାଡ' ଆନ୍ଦୋଳନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଡବକାଟିକରା ଗ୍ରାମର କୃତାର୍ଥ ଆଚାର୍ଯ୍ୟ ମଧ୍ୟ କଂଗ୍ରେସ କର୍ମୀମାନଙ୍କୁ ସହାୟତା କରିଥିଲେ । ସମ୍ବଲପୁର ଜିଲ୍ଲାରେ ସର୍ବମୋଟ ୧୫୫ଜଣ ସ୍ୱାଧୀନତା ସଂଗ୍ରାମରେ କାରାବରଣ କରିଥିଲେ ।

ଜେଲରୁ ମୁକ୍ତ ହେଲା ପରେ ଗାନ୍ଧିଜୀ କଲିକତାରୁ ମାନ୍ଦ୍ରାଜ ଯିବା ସମୟରେ କଟକ ରେଳଷ୍ଟେସନରେ ଓହ୍ଲାଇଥିଲେ । ପରବର୍ତ୍ତୀ କାଳରେ ଆନ୍ଦୋଳନରେ ବିଭିନ୍ନ ପର୍ଯ୍ୟାୟ ମଧ୍ୟରେ ଇଂରେଜ ସରକାର କ୍ୟାବିନେଟ ମିଶନ ୧୯୪୬ରେ ପଠାଇଥିଲେ । ଏହି କମିଶନର ସଦସ୍ୟ ଥିଲେ ଭାରତ ରାଜ୍ୟ ସଚିବ ଲର୍ଡ ପ୍ୟାଥିକ ଲରେନ୍ସ , ଏଡମିରାଲ ପ୍ରଥମ ଲର୍ଡ ଏ.ଭି. ଆଲେକଜାଣ୍ଡାର ଓ ବାଣିଜ୍ୟ ସଂସ୍ଥାର ସଭାପତି ସାର ଷ୍ଟାଫୋର୍ଡ କ୍ରିପ୍ସ । ଏହାର ପ୍ରଣୟନକାରୀ ବ୍ୟବସ୍ଥା ଗଠନ ପାଇଁ ସୁପାରିଶ କରିଥିଲେ ।

ପରେ ପରେ ଲର୍ଡ ମାଉଣ୍ଟବାଟେନ ଭାଇସରାୟ ହୋଇ ଆସିଲେ । ସେ ଭାରତ ବିଭାଜନ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ସାର୍ ସିସିଲ୍ ରେଡକ୍ଲିଫଙ୍କୁ ନିଯୁକ୍ତ କରିଥିଲେ । ଫଳରେ ଭାରତ ଏବଂ ପାକିସ୍ତାନ ଦୁଇଟି ରାଷ୍ଟ୍ର ଗଠିତ ହୋଇଥିଲା । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ଅଗଷ୍ଟ ୧୪ତାରିଖରେ ପାକିସ୍ତାନ ରାଷ୍ଟ୍ର ଗଠିତ ହେଲା । ପରାଧୀନ ଓଡିଶାର ଶେଷ ଗଭର୍ଣ୍ଣର ଚାନୁଲାଲ ମାଧବଲାଲ ତ୍ରିବେଦୀ ନେଇଥିଲେ । ଅଗଷ୍ଟ ୧୫ ତାରିଖ ଦିନ କୈଳାସନାଥ କାଟ୍‌ଜୁ ସ୍ୱାଧୀନ ଭାରତର ଓଡିଶାରେ ପ୍ରଥମ ଗଭର୍ଣ୍ଣର ରୂପେ ଅବସ୍ଥାପିତ ହୋଇଥିଲେ । ଓଡିଶାରେ ସର୍ବତ୍ର ପୁରପଲ୍ଲୀରେ ସ୍ୱାଧୀନତା ଦିବସ ଧୁମଧାମରେ ପାଳିତ ହୋଇଥିଲା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

## ବହୁବିଧ ବାଧ୍ୟତାମୂଳକ ପସନ୍ଦୀୟ ପ୍ରଶ୍ନ

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛ ଓ ଲେଖ ।**

(କ) ଜାଲିଆନ୍‌ୱାଲାବାଗ ହତ୍ୟାକାଣ୍ଡ କେବେ ହୋଇଥିଲା ।?

(i) ୧୯୧୯, (ii) ୧୯୨୦

(iii) ୧୯୨୧ (iv) ୧୯୨୧

(ଖ) ସତ୍ୟାଗ୍ରହର ପ୍ରଥମ ପ୍ରୟୋଗ କେଉଁ ଜାଗାରେ ହୋଇଥିଲା ।

(i) ଅହମଦାବାଦ (ii) ପୁନେ

(iii) ଚମ୍ପାରନ୍ (iv) ବମ୍ବେ

(ଗ) ଆଇନ ଅମାନ୍ୟ ଆନ୍ଦୋଳନ କେଉଁ ଆଶ୍ରମରୁ ଆରମ୍ଭ ହୋଇଥିଲା ।

(i) ଅଲକା ଆଶ୍ରମ (ii) ସ୍ୱରାଜ ଆଶ୍ରମ

(iii) ସାବରମତୀ ଆଶ୍ରମ (iv) ବରୀ ଆଶ୍ରମ

(ଘ) ଆଇନ ଅମାନ୍ୟ ଆନ୍ଦୋଳନରେ ଓଡିଶାର କେଉଁ ବ୍ୟକ୍ତିଙ୍କୁ ଫାଶୀ ଦିଆଯାଇଥିଲା ।

(i) ରାଧାକାନ୍ତ ବିଶ୍ୱାସରାୟ (ii) ଲକ୍ଷ୍ମୀ ନାରାୟଣ ମିଶ୍ର

(iii) ଲକ୍ଷ୍ମଣ ନାୟକ (iv) ଗୋପବନ୍ଧୁ ଚୌଧୁରୀ

୨। ଗୋଟିଏ ଶବ୍ଦରେ ଉତ୍ତର ଲେଖ ।

(କ) କେଉଁ ଘଟଣା ପରେ 'ଅସହଯୋଗ ଆନ୍ଦୋଳନ' ସ୍ଥଗିତ କରାଯାଇଥିଲା ?

(ଖ) ବାଲେଶ୍ୱର ଜିଲ୍ଲାର କେଉଁ ଅଞ୍ଚଳରୁ ଲବଣ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ?

(ଗ)'ଭାରତ ଛାଡ' ଆନ୍ଦୋଳନ ସମୟରେ ଭାରତରେ ବଡଲାଟ କିଏ ଥିଲେ ?

(ଘ) 'ଭାରତ ଛାଡ' ଆନ୍ଦୋଳନ ସମୟରେ ସ୍ୱାଧିନତା ସଂଗ୍ରାମୀ ମାନଙ୍କୁ ଗାନ୍ଧିଜୀ କେଉଁ କ୍ଷୁଦ୍ରବାକ୍ୟ ଉପଦେଶ ଛଳରେ କହିଥିଲେ ?

## 'ଖ' ବିଭାଗ(ସଂକ୍ଷିପ୍ତ ଉତ୍ତର)

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦୁଇଟି ବାକ୍ୟରେ ଲେଖ ।

(କ) ସତ୍ୟାଗ୍ରହ କହିଲେ ତୁମେ କ'ଣ ବୁଝ ?

(ଖ) ଅସହଯୋଗ ଆନ୍ଦୋଳନର ପ୍ରସ୍ତାବଗୁଡିକ କ'ଣ ବୁଝ ?

(ଗ) ପୁରୀ ଜିଲ୍ଲାର କେଉଁ ଅଞ୍ଚଳକୁ ଏବଂ କାହା ନେତୃତ୍ୱରେ. ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଥିଲା ?

(ଘ) ଗାନ୍ଧିଜୀ ଭାରତ-ପାକିସ୍ତାନ ବିଭାଜନ୍‌କୁ କାହିଁକି ବିରୋଧ କରୁଥିଲେ ?

୪। ପ୍ରତ୍ୟେକ ପ୍ରଶ୍ନର  ଉତ୍ତର ଛଅଟି ବାକ୍ୟରେ ଲେଖ।

(କ) ଭାରତୀୟ ଜାତୀୟ କଂଗ୍ରେସର ଜନ୍ମ

(ଖ) ବଙ୍ଗ-ଭଙ୍ଗ ଆନ୍ଦୋଳନ

(ଗ) ଖିଲାଫତ୍ ଆନ୍ଦୋଳନ

(ଘ) କ୍ରିପ୍ସ୍ ପ୍ରସ୍ତାବ।

## 'ଗ' ବିଭାଗ (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୫। ଭାରତୀୟ ରାଜନୀତିରେ ମହାତ୍ମା ଗାନ୍ଧୀଙ୍କ ପ୍ରବେଶଠାରୁ  ଅସହଯୋଗ ଆନ୍ଦୋଳନ ପର୍ଯ୍ୟନ୍ତ ତାଙ୍କର ଭୂମିକା ସଂପର୍କରେ  ଆଲୋଚନା କର।

୬। ଆଇନ ଅମାନ୍ୟ ଆନ୍ଦୋଳନରେ ଓଡ଼ିଶାର ପ୍ରତିକ୍ରିୟା ବର୍ଣ୍ଣନା କର।

୭। 'ଭାରତ ଛାଡ' ଆନ୍ଦୋଳନର କାରଣ ଏକ ପ୍ରଭାବ ଗୁଡ଼ିକୁ ସମୀକ୍ଷା କର।

# ଚର୍ତୁଦଶ ଅଧ୍ୟାୟ

## Colonical Citis-Urbanisation, Planning and Architecture
## ଭାରତରେ ବ୍ରିଟିଶ ଉପନିବେଶିକ ନଗର/ ସହର, ଗ୍ରାମ୍ୟ ଜୀବନର ସହରୀକରଣ ପ୍ରକ୍ରିୟା, ପରିକଳ୍ପିତ ଯୋଜନା ଓ ସ୍ଥାପତ୍ୟ

**(କ) ପ୍ରାକ୍ ଉପନିବେଶ ସମୟର ସହର ଓ ନଗର** (Town and cities in Pre-colonical times)

ଇଷ୍ଟ ଇଣ୍ଡିଆ କମ୍ପାନୀର ଆଗମନ ଓ ଉପନିବେଶ ସ୍ଥାପନ ପୂର୍ବରୁ ମୋଗଲ ରାଜତ୍ୱ କାଳରୁ ଭାରତର ସହରମାନ ଆଡମ୍ବରପୂର୍ଣ୍ଣ ଜନଗହଳିପୂର୍ଣ୍ଣ, ବିରାଟ ଅଟ୍ଟାଳିକାରେ ଭରପୁର ଓ ସମୃଦ୍ଧ ଥିଲା । ଆଗ୍ରା, ଦିଲ୍ଲି, ଲାହୋର ସାମ୍ରାଜ୍ୟ ଶାସନର କେନ୍ଦ୍ରସ୍ଥଳ ଥିଲା । ମସନବଦାର ଓ ଜାଗିରଦାର ମାନଙ୍କୁ ଯଦିଓ ଗ୍ରାମାଞ୍ଚଳ ଦାୟିତ୍ୱ ଦିଆହୋଇଥିଲା ସେମାନେ ନିଜର ପଦମର୍ଯ୍ୟାଦା ଓ ପ୍ରତିଷ୍ଠାର ପ୍ରତୀକ ସ୍ୱରୂପ ସହରରେ ଅଟ୍ଟାଳିକା ତିଆରି କରିଥିଲେ ।

ରାଜଧାନୀରେ ସମ୍ରାଟ ସୁରକ୍ଷିତ ପ୍ରାସାଦ ମଧ୍ୟରେ ବାସ କରୁଥିଲେ । ସମ୍ରାଟ ଓ ସଂମ୍ରାନ୍ତ ବର୍ଗଙ୍କୁ ସେବା ଯୋଗାଇବା ପାଇଁ କାରୀଗରମାନେ ବିବିଧ ହସ୍ତଶିଳ୍ପ ସ୍ଥାପନ କରିଥିଲେ । ସହର ଲୋକଙ୍କୁ ଓ ସୈନ୍ୟସାମନ୍ତଙ୍କ ଚାହିଦା ଅନୁସାରେ ସହରରେ ବଜାର ବସୁଥିଲା । ଗ୍ରାମାଞ୍ଚଳର ଭୂ-ରାଜସ୍ୱ ରାଜଧାନୀକୁ ଆସୁଥିଲା । ସହରରେ ବଡ ବଡ ବଗିଚା,ମନ୍ଦିର,ମସ୍‌ଜିଦ, ମଜାର, ଶିକ୍ଷାନୁଷ୍ଠାନ, ବଜାର , ବଣିକ ଓ ପର୍ଯ୍ୟଟକଙ୍କ ଆଶ୍ରୟ ସ୍ଥଳ ମାନଥିଲା ।

ଦକ୍ଷିଣ ଭାରତର ମୁଖ୍ୟ ସହର ମଦୁରାଇ ଓ କାଞ୍ଚିପୁରମ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ଥିଲା । କିନ୍ତୁ ମୁଖ୍ୟ ଆକର୍ଷଣ ଥିଲା ମନ୍ଦିର । ଧାର୍ମିକ ଉତ୍ସବ ସମୟରେ ମେଳା ଓ ବଜାର ଲାଗୁଥିଲା । ଶାସକ ତଥା ଧନୀକ ମନ୍ଦିର ଓ ଧାର୍ମିକ ଉତ୍ସବର ପୃଷ୍ଠ ପୋଷକ ଥିଲେ ଲୋକେ ନିଜ ନିଜର ସାମାଜିକ ଭୂମିକା ବିଷୟରେ ସଚେତନ ଥିଲେ । ସହରମାନଙ୍କ ଶାନ୍ତିଶୃଙ୍ଖଳା ପରିଚାଳନା ଦେଖରେଖ କରୁଥିଲେ । ରାଜ କର୍ମଚାରୀ ବିଶେଷତଃ କୋଟୱାଲ ମାନେ ।

**ଖ) Changes in 18th Century (ଅଷ୍ଟାଦଶ ଶତାବ୍ଦୀରେ ପରିବର୍ତ୍ତନ):-**

ମୋଗଲ ଶକ୍ତିର କ୍ରମଶଃ ଅବକ୍ଷୟ ସମୟରେ ଦିଲ୍ଲୀ ଓ ଆଗ୍ରାର ରାଜନୈତିକ କ୍ଷମତା ହ୍ରାସ ହୋଇ ଆଞ୍ଚଳିକ ଶାସନଙ୍କ ରାଜଧାନୀ ଲକ୍ଷ୍ନୌ, ହାଇଦ୍ରାବାଦ, ଶ୍ରୀରଂଗାପଟ୍ଟନୀ, ପୁନା, ନାଗପୁର, ବରୋଦା, ତାଞ୍ଜାଭର ଇତ୍ୟାଦି ସହରର ମହତ୍ତ୍ୱ ବଢିଲା । ବ୍ୟବସାୟୀ, କାରୀଗର, ପ୍ରଶାସକ ନୂତନ ବ୍ୟବସାୟ; ନିଯୁକ୍ତି ଓ ପ୍ରୋତ୍ସାହନ କାରଣରୁ କ୍ରମେ ଆଞ୍ଚଳିକ ରାଜଧାନୀ ପ୍ରାଧାନ୍ୟ ଲାଭ କଲା । ଫଳତଃ ନୂତନ ଆଞ୍ଚଳିକ ରାଜ୍ୟ ତଥା କେନ୍ଦ୍ର ମଧ୍ୟରେ କ୍ରମାଗତ ଯୁଦ୍ଧ ସ୍ଥିତି ଯୋଗୁଁ ଯୋଦ୍ଧା ମୋଗଲ ଶାସନର କେତେକ ସମ୍ରାନ୍ତ ଓ ରାଜ କର୍ମଚାରୀ ନୂତନ କସବା ବା ଗଂଞ୍ଜ ବା ସହର ସ୍ଥାପନ କରିବାରେ ଚେଷ୍ଟିତ ହେଲେ ଓ ସଫଳ ମଧ୍ୟ ହେଲେ ।

ୟୁରୋପ ମହଦେଶର ବ୍ୟବସାୟିକ କମ୍ପାନୀ ମୋଗଲ ଶାସନ ସମୟରେ ଭାରତରେ ନିଜ ନିଜର ମୂଳ ବ୍ୟବସାୟିକ ପୀଠ ସ୍ଥାପନ କରିଥିଲେ । ୧୫୧୦ ଖ୍ରୀଷ୍ଟାବ୍ଦରେ ଗୋଆର ପାନାଜୀଠାରେ ପର୍ତ୍ତୁଗୀଜ, ୧୬୦୫ରେ

ମୁସଲିପଟ୍ଟନମଠାରେ ଡଚ୍‌ମାନେ ୧୬୩୯ରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ମାନ୍ଦ୍ରାଜଠାରେ ଓ ୧୬୭୩ରେ ପୁଡୁଚେରୀଠାରେ ଫରାସୀମାନଙ୍କ ବାଣିଜ୍ୟ କାରବାର ବଢିବା ସହିତ ଏମାନଙ୍କ ବାଣିଜ୍ୟ କେନ୍ଦ୍ରକୁ କେନ୍ଦ୍ର କରି ସହରମାନ ଗଢିଉଠିଲା ଓ ଅଷ୍ଟାଦଶ ଶତାବ୍ଦିରେ ଶେଷ ଭାଗରେ ଏକ ମହତ୍ତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଲା । ଏସିଆ ମହାଦେଶର ଜମି ଓ ଭୁରାଜସ୍ୱକୁ ସମ୍ବଳ କରି ଗଢି ଉଠିଥିବା ଶକ୍ତିଶାଳୀ ସାମ୍ରାଜ୍ୟ ସମ୍ମୁଖରେ ୟୁରୋପର ନୌବାଣିଜ୍ୟ କେନ୍ଦ୍ରିକ ସାମ୍ରାଜ୍ୟ ମୁଣ୍ଡ ଟେକିଲା । ଅନ୍ତର୍ଜାତୀୟ ବାଣିଜ୍ୟରେ ମରକେଣ୍ଟାଲିଜମ୍ ଓ ପୁଞ୍ଜିବାଦର ପ୍ରଭାବ ସମାଜ,ରାଜନୀତି ଓ ସଂସ୍କୃତି ଉପରେ ପଡିଲା । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପଲାସୀ ଯୁଦ୍ଧରେ ବିଜୟ ଫଳରେ ଭାରତରେ ରାଜନୈତିକ ପ୍ରଭାବବିସ୍ତାର କଲା । ସେମାନେ ତାଙ୍କର ବନ୍ଦର ସହର ଯଥା କଲିକତା ମାନ୍ଦ୍ରାଜ ଓ ମୁମ୍ବାଇ ପ୍ରତି ଧ୍ୟାନ ଦେଲେ ଓ ଧିରେ ଧିରେ ଏ ବନ୍ଦର ସହର ସେମାନଙ୍କ ଅର୍ଥନୈତିକ ରାଜଧାନୀ ହେଲା । ସେଠାରେ ଅନୁଷ୍ଠାନ,ସହର ଯୋଜନା ଏବଂ ଘରଦ୍ୱାର,ଅଫିସ ଓ ଅଟ୍ଟାଳିକା ନୂଆ ଢଙ୍ଗ ଓ ଯୋଜନାରେ ଗଢିଉଠିଲା । ନୂତନ କର୍ମ ନିଯୁକ୍ତିର ସୁଯୋଗ ବଢିଲା ଓ ଲୋକେ ଏ ସହର ମାନଙ୍କରେ ବହୁ ସଂଖ୍ୟାରେ ଆସି ବସବାସ କଲେ । ୧୮୦୦ ବେଳକୁ କଲିକତା, ମୁମ୍ବାଇ ଓ ମାନ୍ଦ୍ରାଜ ଜନସଂଖ୍ୟା ତୁଳନାରେ ଭାରତର ସବୁଠାରୁ ବଡ ସହର ରୂପେ ବିକଶିତ ହେଲା ।

ଗ) Trends of changes in the 19th Century (ଉନବିଂଶ ଶତାବ୍ଦୀରେ ପରିବର୍ତ୍ତନର ଧାରା):-

ଉନବିଂଶ ଶତାବ୍ଦୀରେ ସହରୀ ଲୋକ ସଂଖ୍ୟା ବୃଦ୍ଧି ମନ୍ଥର ଥିଲା । କିନ୍ତୁ ବିଂଶ ଶତାବ୍ଦୀର ପ୍ରଥମ ତିନି ଦଶକରେ ଜନସଂଖ୍ୟାର ୧୦ ପ୍ରତିଶତ ହେଲା ଓ ଚତୁର୍ଥ ଦଶକରେ ଏହା ୧୩ପ୍ରତିଶତକୁ ପହଞ୍ଚିଲା । ଛୋଟ ଛୋଟ ସହର ତୁଳନାରେ ମାନ୍ଦ୍ରାଜ, ମୁମ୍ବାଇ, କଲିକତା ଦ୍ରୁତ ଅଯନ୍ ବର୍ଦ୍ଧିଷ୍ଣୁ ନଗରରେ ପରିଣତ ହେଲା ।

ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦିରେ ଭାରତର ଉତ୍ପାଦିତ ଲୁଗାର ସଂଗ୍ରହ ଓ ରଖିବା ପାଇଁ ମାଲ ଗୋଦାମ ସ୍ଥାପନ ଉପବନବେସୀ ବାଣିଜ୍ୟକ କେନ୍ଦ୍ରର ରୂପ ନେଲା । ପରବର୍ତ୍ତୀ କାଳରେ ବିଶେଷ କରି ଇଂଲଣ୍ଡରେ ଶିଳ୍ପ ବିପ୍ଳବ ପରେ ଏ ନଗରମାନ ଇଂଲଣ୍ଡରେ ଉତ୍ପାଦିତ ଜିନିଷର ପ୍ରବେଶ ତଥା ଭାରତୀୟ କଞ୍ଚାମାଲ ରପ୍ତାନୀର ମୁଖ୍ୟ ସ୍ଥଳରେ ପରିଣତ ହେଲା । ଏ ସହର ଓ ନଗର ମାନ ଓ ଭାରତୀୟ ପୁରୁଣା ସହର ନଗରର ଅର୍ଥନୈତିକ କାରବାରର ଚରିତ୍ର ସଂପୂର୍ଣ୍ଣ ଭିନ୍ନ ଥିଲା । ୧୮୫୩ ମସିହାରେ ଭାରତରେ ପ୍ରଥମ ରେଳର ପ୍ରଚଳନ ସହର ମାନଙ୍କ ଭାଗ୍ୟରେ ପରିବର୍ତ୍ତନ ଆଣିଲା । ଭାରତର ପୁରୁଣା ସହର ଯାହା ମୁଖ୍ୟ ସ୍ଥଳ ପଥ ଓ ନଦୀ ପଥରେ ଗଢି ଉଠିଥିଲା ଅର୍ଥନୈତିକ କାରବାର ମୁଳପିଠ୍ ଥିଲା । କିନ୍ତୁ ରେଳପଥର ପ୍ରଚଳନ ପରେ ନୂତନ ରେଳ ଷ୍ଟେସନ କଞ୍ଚାମାଲ ରପ୍ତାନୀ ଓ ବିଦେଶୀ ଜିନିଷ ଆମଦାନୀର କେନ୍ଦ୍ର ହେଲା । ରେଳୱେ ଷ୍ଟେସନ ସହର ଜାମସେଦପୁର, ଓ୍ୱାଲଟିୟର, ବରେଲୀ, ମୁମ୍ବାଇ ବିକାଶ ଲାଭ କଲା ଓ ଗଙ୍ଗାନଦୀ ତଟର ମିରଜାପୁର ସହରର ଆର୍ଥିକ କାରବାର ହ୍ରାସ ଦେଲା ।

ଘ) Ports,Forts and Centres for service (ବନ୍ଦର,ଦୁର୍ଗ ଏବଂ ସେବା କେନ୍ଦ୍ର):-

ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଅନ୍ୟାନ୍ୟ ୟୁରୋପୀୟ କମ୍ପାନୀ ତଥା ଭାରତୀୟଙ୍କ ମଧ୍ୟରେ ପ୍ରତିଯୋଗୀତା ହେଲା । ନିଜର ବାଣିଜ୍ୟକ କେନ୍ଦ୍ର, କାରଖାନା ସୁରକ୍ଷିତ ରଖିବା ପାଇଁ କଲିକତାରେ ସେଣ୍ଟୟୁଲିୟମ୍ ଦୁର୍ଗ, ମାନ୍ଦ୍ରାଜରେ

ସେଣ୍ଟଜର୍ଜ ଦୁର୍ଗ ଓ ମୁମ୍ବାଇରେ ସତ୍ୟଇ ଦୁର୍ଗ ଗଢିଲେ । ଦୁର୍ଗ ଭିତରେ ସେମାନେ ଭାରତୀୟ ବ୍ୟବସାୟୀ, କାରବାର ଏବଂ ଓ ଅନ୍ୟାନ୍ୟ ଶ୍ରମିକ ଓ କର୍ମୀ ବସତି ସ୍ଥାପନ କଲେ ।

ରେଲୱେର ବିକାଶ ସହିତ ଏ ସହର ମାନଙ୍କ ସଂମ୍ପର୍କ ଅନ୍ୟାନ୍ୟ ସହର ସହିତ ବଢିଲା । ଗ୍ରାମାଞ୍ଚଳ ମଧ୍ୟ କର୍ମସଂସ୍ଥାନ ଏହି ସହରାଭିମୁଖୀ ହେଲା । ଶ୍ରମିକ ଗ୍ରାମାଞ୍ଚଳରୁ ସହରକୁ କର୍ମ ସଂନ୍ଧାନରେ ଆସିଲା ଏଣୁ କମ ପାରିଶ୍ରମିକରେ ଶ୍ରମିକ ମିଳିଲେ । ଏଥିପାଇଁ ଭାରତୀୟ ବ୍ୟବସାୟୀମାନେ ମୁମ୍ବାଇରେ କପଡା କାରଖାନା ଭାରତୀୟ ବ୍ୟବସାୟୀମାନେ ଓ କଲିକତାର ଆଖ ପାଖରେ ୟୁରୋପୀୟମାନେ ଝୋଟ କଳ ସ୍ଥାପନ କଲେ । ଭାରତରେ ଆଧୁନିକ ଶିଳ୍ପ ବିକାଶର ଅୟମାରମ୍ଭ ହେଲା ।

ଯଦିଓ ଭାରତର ସହର ମୁମ୍ବାଇ, କଲିକତା ଓ ମାନ୍ଦ୍ରାଜ ଆଧୁନିକ ପୁଞ୍ଜିବାଦୀ ଅର୍ଥ ଓ ଇଂଲଣ୍ଡକୁ କଞ୍ଚାମାଲ ରପ୍ତାନୀ ଯୋଗୁ ବିକାଶ କରିଥିଲା କିନ୍ତୁ ନିଜସ୍ୱ ଉତ୍ପାଦନ କେନ୍ଦ୍ର ନଥିଲା । ଏଣୁ ପ୍ରକୃତ ଶିଳ୍ପନଥିଲା କିମ୍ବା ଅର୍ଥନୀତି ବିକାଶ ଉତ୍ପାଦ ପ୍ରଦାନକାରୀ ନଥିଲା । ଭାରତରେ କେବଳ ଜାମସେଦପୁର ସହର ଷ୍ଟିଲ ଉତ୍ପାଦକ ପାଇଁ ଓ କାନପୁର ସହର ଚମଡା, ପଶମବସ୍ତ୍ର କାର୍ପାସ ବସ୍ତ୍ର ଉତ୍ପାଦନ ପାଇଁ ପ୍ରକୃତ ଶିଳ୍ପ ନଗରୀ ଥିଲା ।

ଡ) A New Urban Miliue ନୂତନ ସହରୀ ପରିବେଶ :-

ମୁମ୍ବାଇ, ମାନ୍ଦ୍ରାଜ ଓ କଲିକତା ସହରରେ ନୂତନ ଶାସକ ଗୋଷ୍ଠିଙ୍କ ବାଣିଜ୍ୟ ବ୍ୟବସାୟ ସଂସ୍କୃତି ପ୍ରତିଫଳନ ଦେଖାଯାଏ । ରାଜନୈତିକ କ୍ଷମତା ଓ ପୃଷ୍ଠ ପୋଷକତା ଭାରତୀୟ ଶାସକଙ୍କ ଠାରୁ ପରିବର୍ତ୍ତିତ ହୋଇ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀର କର୍ମଚାରୀଙ୍କ ହାତକୁ ଶକ୍ତ କଲା, ଭାରତୀୟ ବ୍ୟବସାୟୀ, ମଧ୍ୟସ୍ଥି, ଉଦ୍ୟୋଗୀ ଓ ସାମଗ୍ରୀ ଯୋଗାଣକାରୀଙ୍କୁ ନୂତନ ସୁଯୋଗ ଓ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ମିଳିଲା ନୂତନ ସହରମାନଙ୍କରେ । ସମୁଦ୍ରତଟ ଓ ନଦୀ ତଟମାନଙ୍କରେ ପୋତାଶ୍ରୟ ଓ ଘାଟର ବିକାଶ ହେଲା । ସମୁଦ୍ରତଟ ମାନଙ୍କରେ ଗୋଦାମ ଗୃହ, ବାଣିଜ୍ୟ ଅଫିସ ଗୃହ, ବୀମା କମ୍ପାନୀ, ବ୍ୟାଙ୍କ ଓ ମାଲ ଗୋଦାମ ସ୍ଥାପନ ହେଲା ।

ଆଭ୍ୟନ୍ତରୀଣ ଅଞ୍ଚଳରେ କମ୍ପାନୀର ପ୍ରାଶାସନିକ କାର୍ଯ୍ୟାଳୟର ସ୍ଥାପନ ହେଲା ଯଥା କଲିକତାର ରାଇଟରର୍ସ ବିଲଡିଙ୍ଗ । ୟୁରୋପିୟ ଅଫିସର ବିଦେଶୀ ଡାକ୍ତାରେ ଦୁର୍ଗ ପାଖାପାଖି ବିରାଟ ରାଜପ୍ରାସାଦ ଅଟ୍ଟାଳିକା ମାନ ସ୍ଥାପନ କଲେ । ସେମାନଙ୍କ ଏକ ଚାଟିଆ ବ୍ୟବହାର ପାଇଁ କ୍ଲବ,ରଙ୍ଗମଞ୍ଚ, ଘୋଡା ଦୌଡ ପଡିଆ ସ୍ଥାପନ କଲା । ଯାହା ସେମାନଙ୍କ ରଙ୍ଗ ଭେଦଭାବ ଏବଂ ଗୋଷ୍ଠି ପ୍ରାଧାନ୍ୟ ମନୋଭାବର ପରିଚାୟକ ।

ଭାରତୀୟ ମଧ୍ୟସ୍ଥି ଓ କମ୍ପାନୀ ପ୍ରତିନିଧି ୟୁରୋପୀୟ ବସତି ଅନତିଦୂରରେ ବଜାର ମଧ୍ୟରେ ନିଜ ନିଜର ବଡ ବଡ କୋଠାଘର କରି ସହରରେ ବିସ୍ତିର୍ଣ୍ଣ ଜମି କିଣିଲେ । ସେମାନେ ଇଂରେଜ ମାନଙ୍କୁ ଦୃଷ୍ଟି ଆକର୍ଷଣ ପାଇଁ ଉତ୍ସବ ସମୟରେ ଆଡମ୍ବର ପୂର୍ବ ଭୋଜି, ସାମାଜିକ ମିଳନ ଉତ୍ସବ ଆୟୋଜନ କଲେ । ସମାଜରେ ନିଜର ପଦମର୍ଯ୍ୟାଦା ଓ ସମ୍ମାନ ବଜାଇ ରଖିବା ପାଇଁ ମନ୍ଦିର ତିଆରି କଲେ । ଶ୍ରମିକ, ମୁଲିଆ ୟୁରୋପୀୟ ଓ ଭାରତୀୟ ମାଲିକଙ୍କ ପାଇଁ ପାଲି ଓ ଧାରକ, ପାଚକ, ରକ୍ଷୀ, କୁମ୍ଭାର, ଘୋଡାଗାଡି ଚାଳକ, ମିସ୍ତ୍ରୀ ଓ ବନ୍ଦର ଶ୍ରମିକ ରୂପେ ସେବା ଯୋଗାଇଥିଲେ । ସେମାନେ ଅସ୍ଥାୟୀ ଗୃହରେ ସହର ନଗରର ବିଭିନ୍ନ ସ୍ଥାନରେ ବାସ କରୁଥିଲେ ।

୧୮୫୭ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରଶାସନ ବିରୋଧରେ ବିଦ୍ରୋହ ପରେ ସହର ଓ ନଗରର ରୂପରେଖ ବା ପରିପ୍ରକାଶ ସାମଗ୍ରିକ ପରିବର୍ତ୍ତନ ଆସିଲା ଗୋରାମାନେ ଭୟରେ ନିଜକୁ ବିଦ୍ରୋହ ଓ ଆକ୍ରମଣ ଠାରୁ ସୁରକ୍ଷିତ ରଖିବା ପାଇଁ ସ୍ଥାନୀୟ ଲୋକଙ୍କ ବସବାସ କରୁଥିବା ସ୍ଥାନର ଦୂରରେ ସୁରକ୍ଷା ପ୍ରାଚୀର ଦ୍ୱାରା ପରିବେଷ୍ଟିତ ବାସସ୍ଥାନ ସ୍ଥାପନ କଲେ । ସେ ସ୍ଥାନକୁ ଲାଗି ଗୋଚର ଓ ଚାଷ ଜମିକୁ ସଂପୂର୍ଣ୍ଣ ସଫା କରି ନୂତନ ପୌରାଞ୍ଚଳ ଇଲାକା ଗଢିଲେ ଓ ନାମ ଦେଲେ ସିଭିଲ ଲାଇନ୍ସ ବା ଅସାମରିକ ବସତି । ତା ସହିତ ସେନାଛାଉଣି ମଧ୍ୟ ସ୍ଥାପନ କଲେ ଯେଉଁଠି ଭାରତୀୟ ସୈନିକ ବ୍ରିଟିଶ ସେନା ଅଫିସର ଅଧିନରେ ପ୍ରାଚୀର ପରିବେଷ୍ଟିତ ସ୍ଥାନରେ ସୁରକ୍ଷିତ ହୋଇ ବାସ କଲେ ସହରର ଅନତୀ ଦୂରରେ । ଏହି ସ୍ଥାନ ମାନଙ୍କରେ ଗଢିଉଠିଲା ପ୍ରଶସ୍ତ ରାସ୍ତା, ସେନା ଛାଉଣୀ, ପ୍ୟାରେଡ ପଡିଆ, ଚର୍ଚ୍ଚ ଓ ବଗିଚା ପରିବେଷ୍ଟିତ ବଙ୍ଗଳା । ଏଠାରେ ୟୁରୋପୀୟମାନେ ନିରାପଦରେ ରହିଲେ । ଏ ସହରମାନେ ୟୁରୋପୀୟ ସହରୀ ଜୀବନର ନମୁନା ରୂପେ ଭାରତରେ ଦେଖା ଦେଲା । ଏ ସହରମାନ ଭାରତୀୟ ଜନାକୀର୍ଣ୍ଣ ସହରୀ ଜୀବନଠାରୁ ସଂପୂର୍ଣ୍ଣ ଅଲଗା ଥିଲା ।

୧୮୬୦ ଓ ୭୦ ଦଶକରେ ଭାରତର ସହର ମାନଙ୍କରେ ଘରତିଆରି ଓ ପରିମଳ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ବିଧି ବ୍ୟବସ୍ଥା ଆରମ୍ଭ ହେଲା । ଭୂମିଗର୍ଭସ୍ଥ ନଳ ଦ୍ୱାରା ଜଳଯୋଗାଣ ଭୂ-ଗର୍ଭସ୍ଥ ନଳବାହିତ ଆବର୍ଜ୍ଜନା ନିଷ୍କାସନ ବ୍ୟବସ୍ଥା ସହର ମାନଙ୍କରେ ସ୍ଥାନୀତ କରାଗଲା । ପରିମଳ ସଚେତନତା ସହର ନିୟନ୍ତ୍ରଣର ଏକ ଅପରିହାର୍ଯ୍ୟ ଅଙ୍ଗ ରୂପେ ସ୍ଥାନୀତ ହେଲା ।

ଚ) The first Hill Station ପ୍ରଥମ (ଶୈଳନିବାସ) ପାହାଡ ରହଣି ସ୍ଥାନ):-

ଉପନିବେଶୀ ସହରୀକରଣର ଏକ ଅଭିନ୍ନ ଅଙ୍ଗ ଥିଲା ପାହାଡ ଉପରର ଉପଯୁକ୍ତ ବସତି ସ୍ଥାପନ । ବ୍ରିଟିଶ ସୈନ୍ୟଦଳ ସ୍ଥାପନ ଓ ରହଣି ସହିତ ହିଲ୍ ଷ୍ଟେସନ୍ ର ପ୍ରତ୍ୟକ୍ଷ ସଂପର୍କ ଅଛି । ଗୋର୍ଖା ଯୁଦ୍ଧ(୧୮୧୫-୧୬) ସମୟରେ ଶିମଲା, ୧୮୧୮ ଆଙ୍ଗ୍ଲୋ ମରହଟ୍ଟା ଯୁଦ୍ଧ ସମୟରେ ମାଉଣ୍ଟଆବୁ ଓ ୧୮୩୫ରେ କମ୍ପାନୀ ଦାର୍ଜିଲିଂକୁ ସିକିମଠାରୁ ଅକ୍ତିଆର କଲା । ଏ ସବୁ ସ୍ଥାନ ସୀମା ନିର୍ଣ୍ଣୟ, ସୈନ୍ୟ ଛାଉଣି ଗଢିବା ଓ ଶତ୍ରୁ ବିରୋଧରେ ରଣନୀତି ପାଇଁ ଜୟଯାତ୍ରା କରିବା ପାଇଁ ଉପଯୁକ୍ତ ଥିଲା ।

ଭାରତର ପାହାଡ ଉପରର ଶୀତଳ ଜଳବାୟୁ ବ୍ରିଟିଶ କର୍ମଚାରୀ ଓ ସୈନ୍ୟଦଳଙ୍କୁ ସୁହାଉଥିଲା । ଗରମ ଅଞ୍ଚଳରେ ସେମାନେ କଲେରା, ମ୍ୟାଲେରିଆ ଓ ଅନ୍ୟାନ୍ୟ ମହାମାରୀର ଭୟ କରୁଥିଲେ । ବିଶେଷ କରି ବ୍ରିଟିଶ ସୈନ୍ୟ ଦଳକୁ ରକ୍ଷା କରିବା ପାଇଁ ସେନାଛାଉଣି ପାହାଡ ଉପରେ ଥଣ୍ଡା ଅଞ୍ଚଳରେ ସ୍ଥାପନ କଲେ । ଏସ୍ଥାନ ସେମାନଙ୍କ ଆରୋଗ୍ୟ ପାଇଁ ଓ ବିଶ୍ରାମ ନେବା ପାଇଁ ଉପଯୁକ୍ତ ଥିଲା ।

ଥଣ୍ଡାପାହାଡିଆ ଅଞ୍ଚଳ ୟୁରୋପୀୟ ଥଣ୍ଡା ଜଳବାୟୁ ସହିତ ସାମଞ୍ଜସ୍ୟ ଥିବାରୁ ବ୍ରିଟିଶ ଶାସକ ଶ୍ରେଣୀର ମନ ପସନ୍ଦ ସ୍ଥାନରେ ପରିଣତ ହେଲା । ବିଶେଷ କରି ଏହା ଭାଇସରାଏଙ୍କ ଗ୍ରୀଷ୍ମ ନିବାସ ହେଲା । ଭାଇସ୍‌ରାଏ ଜନ ଲରେସ୍ ୧୮୬୪ ଖ୍ରୀଷ୍ଟାବ୍ଦରେ ତାଙ୍କର କାଉନସିଲକୁ ଶିମଲାକୁ ଉଠାଇନେଲେ ତା ସହିତ ସିମଲା ବ୍ରିଟିଶ ଇଣ୍ଡିଆ ଆର୍ମିର କମାଣ୍ଡର-ଇନ-ଚିଫ୍‌ଙ୍କ ମୁଖ୍ୟ ଅଫିସ୍ ଓ ଆବାସ ରହିଲା ।

ୟୁରୋପୀୟ ନମୁନାରେ ଅଟ୍ଟାଳିକା ତିଆର ହେଲା ଏ ଅଞ୍ଚଳରେ । ବଗିଚା ଯୁକ୍ତ Villa ଅବକାଶଗୃହ ଓ କୁଟୀର ଓ କଟେଜ ତିଆରି ହେଲା ବ୍ୟକ୍ତିଗତ ବ୍ୟବହାର ପାଇଁ । ବ୍ରିଟିଶ ମଡେଲର ଏଗ୍ଲିକାନ ଚର୍ଚ୍ଚ ଓ ଶିକ୍ଷାନୁଷ୍ଠାନ ତିଆରି ହେଲା । ବ୍ରିଟିଶ ସାଂସ୍କୃତିକ ପରମ୍ପରା ଅନୁସାରେ ଏଠାରେ ଚିତ୍ତବିନୋଦନ ଦୟ ବ୍ୟବସ୍ଥା ହେଲା । ଏଠାରେ ସମାଜିକ ନିମନ୍ତ୍ରଣ, ଚାପାର୍ଟି, ଭୋଜି, ଉତ୍ସବ, ଘୋଡା ଦୌଡ ଏବଂ ଥିଏଟର ରେ ନାଟକ ସାଧାରଣ ଜୀବନ ଚର୍ଯ୍ୟା ବ୍ରିଟିଶ ଅଫିସରଙ୍କୁ ସୁହାଇଲା । ରେଳ ଯାତ୍ରାର ସୁବିଧା ପରେ ଏଠାକୁ ଅନେକ ଲୋକ ଆସିଲେ । ରାଜା,ମହାରାଜା, ଓକିଲ ଓ ବ୍ୟବସାୟୀ ଏଠାକୁ ଆସିଲେ ବ୍ରିଟିଶ ଅଫିସରଙ୍କୁ ଭେଟିବା ପାଇଁ ।

ପାହାଡରେ କଫି ଓ ଚା ଚାଷ ବଗିଚା ଅର୍ଥନୀତ ପାଇଁ ମହତ୍ତ୍ୱପୂର୍ଣ୍ଣ ଥିଲା । ଚା ଓ କଫି ବିଗିଚାରେ କାମ କରିବା ପାଇଁ ସମତଳ ଅଞ୍ଚଳରୁ ଶ୍ରମିକ ପାହାଡକୁ ବହୁ ସଂଖ୍ୟାରେ ଆସିଲେ ।

ଛ) Social life in the new cities ନୂତନ ସହରରେ ସାମାଜିକ ଜୀବନ :-

ଭାରତୀୟ ଗ୍ରାମାଞ୍ଚଳର ଲୋକଙ୍କ ପାଇଁ ନୂତନ ସହରର ସହରୀ ଜୀବନ ପ୍ରବାହ ଉଦ୍‌ବୁଦ୍ଧ କରୁଥିଲା । ନୂତନ ଗମନାଗମନ ବ୍ୟବସ୍ଥା ଘୋଡାଗାଡି, ବସ,ଟ୍ରାମ ଦ୍ୱାରା ଲୋକେ ଦୂର ଦୂରାନ୍ତକୁ ଆସି ଯାଇ ପାରୁଥିଲେ, କାମ କରୁଥିଲେ ଦୂର ଜାଗାକୁ ଯିବା ଏକ ନୂଆ ଅନୁଭୂତି ହେଲା ଲୋକଙ୍କ ପାଇଁ । ଥିଏଟର, ସିନେମା ହଲ, ଚିତ୍ତ ବିନୋଦନ କେନ୍ଦ୍ର ନୂତନ ଧରଣର ସାମାଜିକ ମିଳନ ଓ ମନୋରଞ୍ଜନର ପରିବେଶ ସୃଷ୍ଟି ହେଲା । ପୁରୁଣା ପରିଚୟ ବଦଳରେ ସହରରେ ନୂତନ ପରିଚୟ ସୃଷ୍ଟି ହେଲା ।

ଏଠାରେ ସମସ୍ତ ଶ୍ରେଣୀର ଲୋକ ଏକତ୍ରୀତ ହେଲେ ନିଜର ପୁରୁଣା ପରିଚୟ ଭୁଲି । କିରାଣି, ଶିକ୍ଷକ,ଡାକ୍ତର,ଇଞ୍ଜିନିୟର, ଓକିଲ, ଏକାଉଣ୍ଟେଟ ଚାକିରୀ ସୁଯୋଗ ମିଳିଲା । ସ୍କୁଲ ଗଲେ ଲାଇବ୍ରେରୀ ସମସ୍ତଙ୍କୁ ସୁଯୋଗ ଦେଲା ଜ୍ଞାନଅର୍ଜନ ପାଇଁ ଓ ନିଜ ନିଜର ଜୀବନ ଗଢିବା ପାଇଁ । ନୂତନ ଶିକ୍ଷିତ ନିଜ ନିଜ ମତ ଉପସ୍ଥାପନ କରିପାରିଲେ ପତ୍ର,ପତ୍ରିକାରେ,ସଭା ସମିତିରେ । ନୂତନ ପରିବେଶ ସୃଷ୍ଟି ହେଲା ତର୍କ,ବିତର୍କ ପାଇଁ । ସାମାଜିକ ପ୍ରଥା, ଚଳଣିକୁ ପ୍ରଶ୍ନ କରିବାର ଅବକାଶ ମିଳିଲା,କିନ୍ତୁ ଏ ପରିବର୍ତ୍ତନେ ସହଜ ନଥିଲା । ଅନେକ ଲୋକ ପ୍ରତିବାଦ କଲେ । ଜାତି,ଧର୍ମ, ପିତୃକୈନ୍ଦ୍ରିକ ସମାଜ ମହିଳା ଓ ନିମ୍ନ ଜାତିର ଭୂମିକାକୁ ନେଇ ପ୍ରତିବାଦ କଲେ ସେମାନେ ସୀମା ଲଙ୍ଘନ କରୁଛନ୍ତି କହିଲେ ।

ସହରର ଦିନ ମଜୁରିଆ, ଶ୍ରମିକଙ୍କ ସଂଖ୍ୟା ବଢିଲା କର୍ମ ସଂନ୍ଧାନରେ ଗ୍ରାମାଞ୍ଚଳ ଗରିବ ସହରରକୁ ଆସିଲେ । ସହରର ଚାକଚକ୍ୟ ସେମାନଙ୍କୁ ପ୍ରଲୋଭିତ କଲା । କିଛି ଲୋକ ସହରର ସୁବିଧା ପାଇଲେ କିନ୍ତୁ ବହୁ ଲୋକ ହଇରାଣ ହରକତ ହେଲେ । ସହରରେ ଦୁଇ ଶ୍ରେଣୀ ଧନୀ ଓ ଗରିବ ମଧ୍ୟରେ ଗୁରୁତର ପାର୍ଥକ୍ୟ ଥିଲା ।

ଜ) Colonial Architecture in Kolkata,Mumbai,Chennai

ବ୍ରିଟିଶ ଶାସନକାଳର କଲିକତା,ମୁମ୍ବାଇ ଓ ମାଦ୍ରାଜର ସ୍ଥାପତ୍ୟ:- ବ୍ରିଟିଶ ଶାସନ କାଳରେ କଲିକତା,ମୁମ୍ବାଇ ଓ ମାଦ୍ରାଜ ସହରର ଧିରେ ଧିରେ ମହାନଗର ରୂପ ନେଲା । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୬୩୬ ମସିହାରେ କାଳାହସ୍ତିର ତେଲଗୁ ଜମିଦାର ନାୟକ ଠାରୁ ଏକ ବାଣିଜ୍ୟ କେନ୍ଦ୍ର ସ୍ଥାପନ ପାଇଁ ଏକ ଛୋଟ ଅଞ୍ଚଳରେ ବସତି ପାଇଁ ଅଧିକାର କିଣିଲେ । ସେ ଅଞ୍ଚଳର ନାମଥିଲା ଚିନ୍ନାପଟ୍ଟନମ୍ । ସେଠାରେ କମ୍ପାନୀ ଏକ ବାଣିଜ୍ୟ କେନ୍ଦ୍ର

ସ୍ଥାପନ କରି ମାନ୍ଦ୍ରାଜପଟ୍ଟନମ୍ ନାମ ଦେଲେ । ସେଠାରେ ଫ୍ରେଞ୍ଚ ଇଷ୍ଟ ଇଣ୍ଡିଆ କମ୍ପାନୀ ପ୍ରତିଦ୍ୱନ୍ଦୀ ଥିବାରୁ ବାଣିଜ୍ୟ କେନ୍ଦ୍ରକୁ ସୁରକ୍ଷା ପାଇଁ ଦୁର୍ଗ ତିଆରି କଲା ବ୍ରିଟିଶ କମ୍ପାନୀ । ଦୁର୍ଗର ନାମ ହେଲା ସେଣ୍ଟ ଜର୍ଜ । ୧୭୬୧ ମସିହାରେ ଫ୍ରାନ୍ସର ପରାଜୟ ବ୍ରିଟିଶ କମ୍ପାନୀର ଏକ ଚାଟିଆ କାରବାର ବଢିଲା ମାନ୍ଦ୍ରାଜ ଅଞ୍ଚଳରେ ସେଣ୍ଟ ଜର୍ଜ ଦୁର୍ଗ ପ୍ରାଚୀର ଦ୍ୱାରା ସୁରକ୍ଷିତ ଥିଲା ଓ କେବଳ ୟୁରୋପୀୟ ପାଇ ଉଦ୍ଦିଷ୍ଟ ଥିଲା । ଦୁର୍ଗରୁ ଦୂରରେ ଭାରତୀୟଙ୍କ ବସତି ଥିଲା ।

ବ୍ରିଟିଶ ସାମ୍ରାଜ୍ୟର ପ୍ରାଧାନ୍ୟ କ୍ଷମତା ଓ ଗୌରବ ସୁହାଇବା ଭଳି ଉପନିବେଶୀ କମ୍ପାନୀ ଓ ସରକାର ସୁନ୍ଦର ଉତ୍କର୍ଷ ସହର ଓ ନଗର ଯୋଜନା ସହିତ ବିରାଟ ଅଟ୍ଟାଳିକାମାନ ତିଆରି କରିଥିଲେ । ଅଟ୍ଟାଳିକା ମାନଙ୍କ ମଧ୍ୟରେ ଥିଲା ଦୁର୍ଗ,ଅଫିସ,ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ,ବିରାଟ ସ୍ମୃତିସ୍ତମ୍ଭ,ବାଣିଜ୍ୟ ଗୋଦାମ,ପୋତାଶ୍ରୟ ଓ ସେତୁ । ଏଥିପାଇଁ ସେମାନେ ମୁଖ୍ୟତଃ ୟୁରୋପିୟନ ସ୍ଥାପତ୍ୟ ଶୈଳୀ ବ୍ୟବହାର କରିଥିଲେ ।

ସ୍ଥପତି ବିଦ୍ୟାରେ ତିନୋଟି ମୁଖ୍ୟ ଶୈଳୀ ପରିଲକ୍ଷିତ ହୁଏ । ପ୍ରଥମ ଦୁଇଟି ସିଧାସଳଖ ଇଂଲଣ୍ଡ ପ୍ରଚଳିତ ଫେସନ ଦ୍ୱାରା ପ୍ରଭାବିତ । ପ୍ରଥମଟି ଅଟ୍ଟାଳିକାର ସାମନା ଭଗରେ ଉଚ୍ଚ ଅଳଙ୍କାର ପୂର୍ଣ୍ଣ ସ୍ତମ୍ଭ ଓ ପଛରେ ଜ୍ୟାମିତିକ କୋଠା ବମ୍ବେର ୧୮୩୦ ତିଆରୀ ଟାଉନ ହଲ ଓ ୧୮୬୦ ତିଆରି ଏଲଫିନଷ୍ଟନ ସର୍କଲ ହାରନୀମନ ସାର୍କଲ ଏହାର ପ୍ରକୃଷ୍ଟ ଉଦାହରଣ । ଏହି ଶୈଳୀ ରୋମାନ୍ ସଭ୍ୟତାର ନୂତନ ସଂସ୍କରଣ ଯାହା ବ୍ରିଟେନରେ ନିଓ କ୍ଲାସିକଲ ଶୈଳୀ ରୂପେ ପରିଚୟ ଲାଭ କରିଥିଲା ।

ନିଓ-ଗୋଥିକ ଶୈଳୀ ଉଚ୍ଚ-ଛାଉଣିଯୁକ୍ତ ଛାତ, ମୁନିଆ ଖିଲାଣ ଏବଂ ସୁକ୍ଷ୍ମ ଅଥଚ ବିସ୍ତୃତ ସାଜସଜ୍ଜା । ଏହି ଶୈଳୀରେ ବମ୍ବେର ସେକ୍ରେଟେରିଏଟ,ବମ୍ବେ ବିଶ୍ୱବିଦ୍ୟାଳୟ ଓ ହାଇକୋର୍ଟ ତିଆରି ହୋଇଛି । ଏହା ବ୍ୟତୀତ ନିଓ-ଗୋଥିକ ଶୈଳୀର ତିଆରି ସବୁଠାରୁ ଆକର୍ଷଣୀୟ ଉଦାହରଣ ହେଉଛି ବମ୍ବେର ରେଲ ଷ୍ଟେସନ ଏବଂ ମୁଖ୍ୟାଳୟ ଭିକଟୋରିଆ ଟର୍ମିନସ ।

ଅଷ୍ଟାଦଶ ଶତାବ୍ଦିର ପ୍ରଥମ ପର୍ଯ୍ୟାୟରେ ଭାରତ ଓ ୟୁରୋପୀୟ ସ୍ଥପତି କଳାର ସମନ୍ୱୟ ଦେଖିବାକୁ ମିଳେ । ବମ୍ବେର ଗେଟୱେ ଅଫ୍ ଇଣ୍ଡିଆରେ ଭାରତର ଗୁଜରାତି ଶୈଳୀର ପ୍ରଭାବ ଦେଖାଯାଏ । ତାଜମହଲ ହୋଟେଲ ମଧ ଏହି ଶୈଳୀରେ ତିଆରି ହୋଇଛି । ଏହି ସ୍ଥାପତ୍ୟ ସେ ସମୟର ରୁଚି ସଂପନ୍ନ ସୌନ୍ଦର୍ଯ୍ୟବୋଧର ପରିଚୟ ଦିଏ । ଏହି ସ୍ଥାପତ୍ୟରେ ତତ୍‌କାଳୀନ କ୍ଷମତାଶୀନ ଲୋକଙ୍କ ଦୃଷ୍ଟି ଭଙ୍ଗି ସୂଚିତ କରେ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

## (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛି ଲେଖ ।**

(କ) ନିମ୍ନୋକ୍ତ କେଉଁ ସହରଟି ହରପ୍ପା କାଳୀନ ?

(i) ବୈଶାଳୀ (ii) ରାଜଗୃହ

(iii) କୌଶାମ୍ବୀ (iv) ରାଖିଗଡି

(ଖ) ନିମ୍ନୋକ୍ତ କେଉଁ ଓଡିଶା ସହରରେ ପ୍ରତିଷ୍ଠା ଦଶମ ଶତାବ୍ଦୀରେ ?

(i) ଭୁବନେଶ୍ୱର (ii) କଟକ

(iii) ପୁରୀ (iv) ସମ୍ବଲପୁର

(ଗ) ନିମ୍ନୋକ୍ତ କେଉଁ ନଗରୀଟି ଔପନିବେଶିକ ନଗରୀର ମାନ୍ୟତା ପାଏ ନାହିଁ ?

(i) କଲିକତା (ii) ବମ୍ବେ

(iii) ମାଡ୍ରାସ (iv) ବାରଣାସୀ

(ଘ) ନିମ୍ନୋକ୍ତ କେଉଁ ବିଦେଶୀ ଶକ୍ତି ପ୍ରଥମେ ବମ୍ବେ ଉପରେ ମାଲିକାନା ପ୍ରାପ୍ତ କରିଥିଲେ ?

(i) ପର୍ତ୍ତୁଗୀଜ୍ (ii) ଇଂରେଜ

(iii) ଫରାସୀ (iv) ଡଚ

(ଙ) ୧୮୫୩ ମସିହାରେ ପ୍ରଥମେ ବମ୍ବେ ସହିତ କେଉଁ ସହରର ରେଳ ଯୋଗାଯୋଗ ଆରମ୍ଭ ହୋଇଥିଲା ?

(i) ପୁନା (ii) ଥାଣେ

(iii) କଲିକତା (iv) ମାଡ୍ରାସ

## 'ଖ' ବିଭାଗ

**୨। ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ । ( ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ନଗରୀକରଣ ମାନେ କ'ଣ ?

(ଖ) ହରପ୍ପା ସଂସ୍କୃତିର ନଗରଗୁଡିକର ବୈଶିଷ୍ଟ୍ୟଗୁଡିକୁ ଉଲ୍ଲେଖ କର ।

(ଗ) କେଉଁ କେଉଁ କାରଣରୁ ନଗରଗୁଡିକର ମଧ୍ୟକାଳୀନ ଭାରତରେ ନୂତନ ନଗରଗୁଡିକର ସ୍ଥାପନା କରାଗଲା ?

(ଘ) ଓଡିଶାର ମଧ୍ୟକାଳୀନ ନଗରଗୁଡିକ ନଦୀ ବା ସମୁଦ୍ର କୂଳରେ କେଉଁ କାରଣରୁ ସ୍ଥାପିତ ହୋଇଥିଲା ?

(ଙ) ଗ୍ରାମ ଓ ନଗର ମଧ୍ୟରେ ଥିବା କେତୋଟି ନଗରୀକଗରଣର ଧାରା ମନ୍ଥର ଥିବାର ପ୍ରମାଣ ଦିଅ ।

(ଚ) ଇଂରେଜ ରାଜତ୍ୱକାଳରେ ନଗରୀକରଣର ଧାରା ମନ୍ଥର ଥିବାରୁ ପ୍ରମାଣ ଦିଅ ।

(ଛ)ଔପନିବେଶିକ ସହରର ତାତ୍ପର୍ଯ୍ୟଗୁଡ଼ିକ ଚିହ୍ନିତ କର ।

(ଜ) 'ଶ୍ୱେତ ନଗରୀ' ଓ 'କୃଷ୍ଣ ନଗରୀ' ମଧ୍ୟରେ କ'ଣ ସବୁ ପ୍ରଭେଦ ଦେଖିବାକୁ ମିଳୁଥିଲା ?

(ଝ) ଭାରତରେ ଶୈଳନିବାସର ପ୍ରତିଷ୍ଠା ପଛରେ କ'ଣ ଉଦ୍ଦେଶ୍ୟ ରହିଥିଲା ?

(ଞ) କେଉଁ କାରଣରୁ ଲର୍ଡ ୱେଲେସଲିଙ୍କ ସମୟରେ ଇଂରେଜମାନେ 'କୃଷ୍ଣ ନଗରୀ'ର ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ କେନ୍ଦ୍ରିତ କଲେ ?

## 'ଗ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭.୫ ନମ୍ବର)

୩। ଔପନିବେଶିକ କାଳରେ ନଗରୀକରଣର ସ୍ଥିତିକୁ ନେଇ ଏକ ବ୍ୟାଖ୍ୟା ପ୍ରସ୍ତୁତ କର ।

୪। ଔପନିବେଶିକ ନଗରୀ ବମ୍ବେର ସ୍ଥାପତ୍ୟକୁ ନେଇ ଏକ ବିଶଦ ଚର୍ଚ୍ଚା କର ।

# ପଞ୍ଚଦଶ ଅଧ୍ୟାୟ

# ଓଡିଶା ପ୍ରଦେଶ ଗଠନ

# Framing of the Province of Odisha

**କ) ଭାଷା ଅସ୍ମିତାର ଆନ୍ଦୋଳନ**

**ଖ) ପ୍ରଦେଶ ଗଠନ ସମ୍ପର୍କିତ ଘଟଣାବଳୀ**

୧୯୩୬ ମସିହା ଏପ୍ରିଲ ୧ ତାରିଖ ଦିନ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗଠନ ହେଲା । ଭାରତର ପୂର୍ବାଞ୍ଚଳରେ ସ୍ଥିତ ପ୍ରାୟ ସମସ୍ତ ଓଡିଆ ଭାଷାଭଷୀ କ୍ଷେତ୍ରକୁ ଓଡିଶା ପ୍ରଦେଶରେ ଅର୍ନ୍ତଭୁକ୍ତ କରାଗଲା । ଏହା ପୂର୍ବରୁ ଓଡିଶା ଭାଷାଭଷୀ କ୍ଷେତ୍ରଗୁଡିକ ତିନୋଟି ପ୍ରଶାସନରେ ଭାଗ ଭାଗ ହୋଇ ରହିଥିଲେ । ଗଞ୍ଜାମ ଏଜେନ୍ସି ଓ ତଦ୍‌ସଂଲଗ୍ନ ଦକ୍ଷିଣାଞ୍ଚଳ ମାଡ୍ରାସ ପ୍ରେସିଡେନ୍ସିରେ ଯୋଡିହୋଇ ରହିଥିବାବେଳେ, କଟକ, ପୁରୀ ଓ ବାଲେଶ୍ୱର ତଥା ତଦ୍‌ସଂଲଗ୍ନ ଅଞ୍ଚଳ ବଙ୍ଗ ପ୍ରେସିଡେନ୍ସିରେ ରହିଥିଲା । ପୁଣି , ସମ୍ବଲପୁର ଏବଂ ତଦ୍‌ସଂଲଗ୍ନ କ୍ଷେତ୍ର କେନ୍ଦ୍ର ପ୍ରଦେଶର ଅଂଶବିଶେଷ ହୋଇ ରହିଥିଲା । ଏହି ପୃଥିକୀକରଣ ନାନା ପ୍ରକାର ଅସୁବିଧା ସୃଷ୍ଟି କରୁଥିଲା ।ଓଡିଶା ଭାଷା- ଭାଷୀ ଲୋକ ତିନୋଟି ଯାକ ପ୍ରଶାସନରେ ସଂଖ୍ୟାଲଘୁ ଥିଲେ । ଫଳରେ ପ୍ରଶାସନିକ କାମରେ ତଥା ଭାଷା ବ୍ୟବହାର ବେଳେ ଅସୁବିଧା ଅନୁଭବ ହେଉଥିଲା । ସ୍ଥାନୀୟ ସ୍ତରରେ ଓଡିଆ ପ୍ରଶାସନିକ ଭାଷା ହୋଇପାରିଲା ନାହିଁ । ଓଡିଶା ଲୋକ ସର୍ବତ୍ର ସଂଖ୍ୟାଲଘୁ ହେବା କାରଣରୁ ଭବିଷ୍ୟତରେ ମଧ ଓଡିଆ ଭାଷାର ସରକାରୀ ସ୍ତରରେ କିମ୍ବା ସ୍କୁଲରେ ବ୍ୟବହାରର ସମ୍ଭାବନା ରହିଲା ନାହିଁ । ଉନବିଂଶ ଶତାବ୍ଦୀରେ ଭାରତୀୟ ଭାଷା – ସାହିତ୍ୟ ପ୍ରତ୍ୟେକ ଅଞ୍ଚଳରେ ଆଧୁନିକତାର କଷଟିରେ ଉନ୍ମେଷ ଲାଭ କରୁଥିଲା । ମାତ୍ର ଓଡିଶା ପାଇଁ ସ୍ଥିତି ବିପରୀତ ହେବାକୁ ବସିଲା । ଫଳରେ ସ୍ଥାନୀୟ ଲୋକ ସମସ୍ତ ଓଡିଆ ଭାଷାଭାଷୀ କ୍ଷେତ୍ରକୁ ପ୍ରଶାସନିକ ଦୃଷ୍ଟିରୁ ଏକତ୍ରୀକରଣ କରିବା ଲାଗି ଦାବି କଲେ, ଯାହା ଭାଷାଭିତ୍ତିକ ଏକତା ପାଇଁ ମୂଳଭିତ୍ତି ହେଲା । ଉନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଲୋକଙ୍କର ଦାବି ଏକ ଆନ୍ଦୋଳନରେ ରୂପ ନେଲା । ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ଏହାର ନେତୃତ୍ୱ ନେଲେ । ଏହି ସମୟରେ ଦେଶରେ ଜାତୀୟତା ଆନ୍ଦୋଳନର ମଧ ସୂତ୍ରପାତ ହୋଇସାରିଥିଲା । ଓଡିଶାରେ ତାହା ଭାଷା ଅସ୍ମିତାର ଆନ୍ଦୋଳନ ରୂପରେ ପ୍ରକଟିତ ହେଲା । ଅର୍ଥାତ୍ ଦେଶର ବିଭିନ୍ନ ଅଞ୍ଚଳରେ ଇଂରେଜ ଉପନିବେଶବାଦ ବିରୁଦ୍ଧରେ ଏକଜୁଟ ହେବା ପ୍ରକ୍ରିୟାରେ ଜାତୀୟତା ଆନ୍ଦୋଳନ ଗଢି ଉଠୁଥିବା ବେଳେ , ଓଡିଶାରେ ଏହା ଭାଷା ଭିତ୍ତିରେ ଉନ୍ମେଷ ଲାଭ କଲା । ଏହାର ଦାବି ଥିଲା ସମସ୍ତ ଓଡିଆ ଭାଷାଭାଷୀ ଅଞ୍ଚଳକୁ ଏକ ପ୍ରଶାସନର ଅନ୍ତର୍ଭୁକ୍ତ କରିବା । ମାଡ୍ରାସ ପ୍ରେସିଡେନ୍ସିରେ ଥିବା ଗଞ୍ଜାମ ଏଜେନ୍‌ସି ଅଞ୍ଚଳକୁ ଓ କେନ୍ଦ୍ର ପ୍ରଦେଶରେ ଥିବା ସମ୍ବଲପୁର ଅଞ୍ଚଳକୁ ବେଙ୍ଗଲ ପ୍ରେସିପଡେନ୍ସିରେ ଥିବା ଓଡିଶାର ଡିଭୀଜନରେ ସମ୍ମିଶ୍ରିତ କରିବା ଲାଗି ନେତୃବୃନ୍ଦ ଦାବି କଲେ । ସମୟକ୍ରମେ ଯେତେବେଳେ ଆନ୍ଦୋଳନ ତେଜିଲା, ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଆନ୍ଦୋଳନ ବ୍ୟାପକ ହେଲା । ଏହି ଆନ୍ଦୋଳନକୁ ଓଡିଆ ଭାଷା ଅସ୍ମିତାର ଆନ୍ଦୋଳନ ବା ସଂକ୍ଷେପରେ ଓଡିଆ ଆନ୍ଦୋଳନ ନାମରେ ନାମିତ କରାଯାଏ ।

ଓଡ଼ିଆ ଆନ୍ଦୋଳନ ଥିଲା ଉପନିବେଶବାଦ ବିରୋଧ ସ୍ୱାଧୀନତା ସଂଗ୍ରାମର ଏକ ଆଞ୍ଚଳିକ ପ୍ରାରୂପ । ଏହା ଅବଶିଷ୍ଟ ଭାରତରେ ଗଢ଼ି ଉଠୁଥିବା ଜାତୀୟତା ଆନ୍ଦୋଳନର ସମ୍ପୂର୍ଣ୍ଣ ଅନୁପୂରକ ଥିଲା । ୧୯୨୦ ରେ ଅସହଯୋଗ ଆନ୍ଦୋଳନ ବେଳେ ଏହା ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହୋଇଥିଲା । ଫଳରେ ଓଡ଼ିଆ ଆନ୍ଦୋଳନ ତୀବ୍ରରୂପ ପାଇଥିଲା ଏବଂ ତାର ଲକ୍ଷ୍ୟ ହାସଲ ଦିଗରେ ଅଗ୍ରଗତି କରିଥିଲା । ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହେବା ପରେ ସୁଦ୍ଧା ଏହା କେବେ ଭାଷା ଅସ୍ମିତା ପ୍ରଶ୍ନକୁ ଗୌଣ କରି ନ ଥିଲା । କଂଗ୍ରେସ ଆନ୍ଦୋଳନ ଭଳି ଏହା ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଥିଲା ।

ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଅଧ୍ୟୟନ ଖୁବ ପ୍ରାସଙ୍ଗିକ ଏବଂ ଉପଯୋଗୀ । ଭାରତ ଏକ ସଂଘୀୟ ରାଷ୍ଟ୍ର (Federal State) । ଏହା ମୋଟ ୨୯ଟି ରାଜ୍ୟ ଏବଂ ୫ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ । ବିବିଧତା ହେଲା ରାଜ୍ୟଗୁଡ଼ିକର ପ୍ରଧାନ ବୈଶିଷ୍ଟ୍ୟ । ତାକୁ ଆଧାର କରି ଆଧୁନିକ ଭାରତର ସଂଘୀୟତା ରୂପକଳ୍ପ ପାଇଛି , ରାଜ୍ୟ- ରାଷ୍ଟ୍ର ମଜବୁତ ହୋଇଛି । ସଂଘୀୟ ଦୃଷ୍ଟି ହେଉଛି ଜାତୀୟ ଚେତନାର ଏକ ପ୍ରମୁଖ ଦିଗ । ତାର ଇତିହାସରେ ଓଡ଼ିଶାର ଭାଷା ଆନ୍ଦୋଳନକୁ ଖୋଜିହେବ । ତାର ମହତ୍ତ୍ୱକୁ ଉପଲବ୍ଧି କରି ୧୯୧୯ ର ଅମୃତସର ଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସରେ ଭାଷା ଭିତ୍ତିରେ କଂଗ୍ରେସର ପ୍ରାଦେଶିକ କମିଟିମାନ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା । ମହାତ୍ମା ଗାନ୍ଧି ଭାଷାଭିତ୍ତିକ ପ୍ରଦେଶର ଦାବିକୁ ସମର୍ଥନ ଜଣାଇ ୧୯୨୦ ମେ ମାସରେ ନବଜୀବନ ପତ୍ରିକାରେ ଏକ ସ୍ୱତନ୍ତ୍ର ପ୍ରବନ୍ଧ ଲେଖିଥିଲେ । ମହାତ୍ମା ଗାନ୍ଧି ଏବଂ ଜାତୀୟ କଂଗ୍ରେସର ସମାବେଷୀ (inclusive) ସଂଘୀୟ ଦୃଷ୍ଟି ଓଡ଼ିଶାର ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ ମଧ୍ୟ ଉତ୍ସାହିତ କଲା । ଏଭଳି ଦୃଷ୍ଟିର ଅଭାବରେ ଭାରତର ଜାତୀୟତା ଆନ୍ଦୋଳନ ଯେ ଓଡ଼ିଶା ଭଳି କ୍ଷେତ୍ରର ପୂର୍ଣ୍ଣ ସମ୍ପୃକ୍ତି ଲାଭ କରିପାରି ନଥାନ୍ତା, ଏହା କହିବା ବାହୁଲ୍ୟ । ସ୍ୱାଧୀନ ଭାରତରେ ଭାଷା ଭିତ୍ତିରେ ଆହୁରି ଅନେକ ପ୍ରଦେଶର ଗଠନ ହେଲା । ସେସବୁର ଅଧ୍ୟୟନ ପାଇଁ ମଧ୍ୟ ଓଡ଼ିଆ ଆନ୍ଦୋଳନର ବସ୍ତୁନିଷ୍ଠ ଆଲୋଚନା ଉପାଦେୟ ସିଦ୍ଧ ହେବ ।

ଓଡ଼ିଶା ପ୍ରଦେଶ ଗଠନର ଇତିହାସକୁ ଏଠାରେ ଦୁଇ ଭାଗରେ ଚର୍ଚ୍ଚା କରାଯାଇପାରେ । ପ୍ରଥମ ଭାଗ ଭାଷାଅସ୍ମିତା ଆନ୍ଦୋଳନ ବା ଓଡ଼ିଆ ଆନ୍ଦୋଳନ । ଦ୍ୱିତୀୟ ଭାଗ, ପ୍ରଦେଶ ଗଠନ ସମ୍ପର୍କିତ ବିଭିନ୍ନ ଘଟଣାବଳୀ । ଉଭୟ ଭାଗ ପରସ୍ପରର ପରିପୂରକ ଏବଂ ଏକ ଅବିଚ୍ଛିନ୍ନ ଆନ୍ଦୋଳନର ସଂଭାଗ ।

**କ) ଓଡ଼ିଆ ଭାଷା ଅସ୍ମିତାର ଆନ୍ଦୋଳନ –**

ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ତିନୋଟି ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଓଡ଼ିଶାକୁ ଦଖଲ କରିଥିଲେ । ସେହି ଅନୁଯାୟୀ ଓଡ଼ିଶାକୁ ତିନୋଟି ଭାଗରେ ଦୁଇଟି ପ୍ରେସିଡେନ୍ସି ବଙ୍ଗ ଓ ମାଡ୍ରାସ ଏବଂ ଗୋଟିଏ ପ୍ରଦେଶ କେନ୍ଦ୍ର ପ୍ରଦେଶ ସହ ଯୋଡ଼ି ଦିଆଗଲା । ଏଥିପାଇଁ ଭାଷାକୁ ଆଧାର କରାଯାଇ ନ ଥିଲା ଯାହା ପରବର୍ତ୍ତୀ ସମୟରେ ବିଭିନ୍ନ ସମସ୍ୟା ସୃଷ୍ଟି କଲା । ପଲାସୀ ଯୁଦ୍ଧର ମାତ୍ର ଆଠ ବର୍ଷ ଉତ୍ତାରୁ ୧୭୬୫ ଅଗଷ୍ଟ ମାସରେ କମ୍ପାନୀ ଦକ୍ଷିଣ ଓଡ଼ିଶାକୁ ହାଇଦ୍ରାବାଦର ନିଜାମଙ୍କପାଖରୁ ଉପହାର ସୂତ୍ରରେ ଲାଭ କଲେ । ସେତେବେଳେ ଦକ୍ଷିଣ ଓଡ଼ିଶା ନିଜାମଙ୍କ ଶାସନାଧୀନ ହୋଇ ରହିଥିଲା ଏବଂ ନିଜାମଙ୍କ ରାଜ୍ୟର ଉତ୍ତର ପାର୍ଶ୍ୱରେ ରହିଥିବାରୁ ଉତ୍ତର ସରକାର ନାମରେ ପରିଚିତ ଥିଲା । ନିଜାମଙ୍କ ଗୃହଶତ୍ରୁ ବିରୁଦ୍ଧରେ କମ୍ପାନୀ ସାହାଯ୍ୟ କରିଥିବାରୁ କମ୍ପାନୀକୁ ଉପହାର ସୂତ୍ରରେ ଏହି କ୍ଷେତ୍ର ପ୍ରାପ୍ତ

ହୋଇଥିଲା । ଔପଚାରିକ ଭାବେ ହାଇଦ୍ରାବାଦ ମୋଗଲ ଶାସନାଧୀନ ଥିଲା, ଯଦିଓ ନିଜାମ ତା ର ପ୍ରକୃତ ଶାସକ ଥିଲେ । ତେଣ, ନାମମାତ୍ର ମୋଗଲ ସମ୍ରାଟ ଶାହ ଆଲମ ଫର୍ମାନ ବା ରାଜଦେଶ ଜାରି କରି ଉପହାରକୁ ବୈଧତା ପ୍ରଦାନ କରିଥିଲେ । ଏହା ଫଳରେ ଗଞ୍ଜାମ , ପାରଳାଖେମୁଣ୍ଡି, ଇଚ୍ଛାପୁର , ଜୟପୁର ଓ କୋରାପୁଟ ଅଞ୍ଚଳ କମ୍ପାନୀର ଅଧିନ ହେଲା । ଏହି କ୍ଷେତ୍ରକୁ ନବଗଠିତ ମାନ୍ଦ୍ରାସ ପ୍ରେସିଡେନ୍ସିରେ ସାମିଲ କରାଗଲା ।

ଦକ୍ଷିଣ ଓଡିଶା ଦଖଲର ଦୀର୍ଘ ୩୮ ବର୍ଷ ଉତ୍ତାରୁ ୧୮୦୩ ରେ କମ୍ପାନୀ କଟକ, ପୁରୀ ଓ ବାଲେଶ୍ୱର କ୍ଷେତ୍ରକୁ ମରାଠାମାନଙ୍କଠାରୁ ଯୁଦ୍ଧରେ ଜିଣିନେଲେ । ଏଥିପାଇଁ ୧୮୦୩ ଅଗଷ୍ଟ ୩ ତାରିଖରେ ଗଭର୍ଣ୍ଣର ଜେନେରାଲ ଲର୍ଡ ୱେଲେସଲି ମରାଠାମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ନାଗପୁରର ଭୋଁସଲେ ରାଜା ଥିଲେ ଓଡିଶାର ମରାଠା ଶାସକ । ଇଂରେଜମାନଙ୍କ ତୁଳନାରେ ତାଙ୍କ ପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ ଥିଲା । ଦ୍ୱିତୀୟତଃ, ମରାଠାମାନେ ଅଧିକରୁ ଅଧିକ ଖଜଣା ଅସୁଲ କରିବା ପାଇଁ ବଳ ପ୍ରୟୋଗ କରୁଥିବାରୁ ସେମାନଙ୍କ ଶାସନ ପ୍ରତି ସ୍ଥାନୀୟ ସମର୍ଥନ ନ ଥିଲା । ଏସବୁକୁ ବାଦଦେଲେ କମ୍ପାନୀ ମରାଠାମାନଙ୍କ ବିରୁଦ୍ଧରେ ନିଜ ବିଜୟକୁ ସହଜ କରିବା ଲାଗି ଗଡଜାତ ରାଜା- ଜମିଦାର ବର୍ଗ ଏବଂ ପୁରୀର ପଣ୍ଡାମାନଙ୍କଠାରୁ ମଧ୍ୟ ସହଯୋଗ ଲୋଡିଥିଲେ । ଫଳସ୍ୱରୂପ, ଅତି ସହଜରେ କମ୍ପାନୀ ସେନା ସେପ୍ଟେମ୍ବର ୧୮ ତାରିଖରେ ପୁରୀ , ଅକ୍ଟୋବର ୧୩ ତାରିଖରେ କଟକ ଏବଂ ସେପ୍ଟେମ୍ବର ୨୧ ତାରିଖରେ ବାଲେଶ୍ୱର ଅଧିକାର କରିନେଲେ । ଏହାପରେ କମ୍ପାନୀ ଖୋର୍ଦ୍ଧା, ମୟୁରଭଞ୍ଜ, ଅନୁଗୋଳ, ହିନ୍ଦୋଳ, ଦଶପଲ୍ଲା, ଆଳି, କୁଜଙ୍ଗ, ହରିଶପୁର, ଦର୍ପଣି, ସୁକିଂଦା, ମଧୁପୁର, ମରିଚପୁର, ବିଷ୍ଣୁପୁର ଏବଂ କନିକାକୁ ଇଂରେଜ ସରକାରଙ୍କ ପ୍ରଭୁତ୍ୱ ସ୍ୱୀକାର କରିବାକୁ ତଥା ବାର୍ଷିକ ପେଶକଶ ଦେବାକୁ ଆଦେଶ ଜାରି କଲେ । ୧୮୦୩ ଡିସେମ୍ବର ୧୭ ତାରିଖରେ କମ୍ପାନୀ ଓ ମରାଠାଙ୍କୁ ମଧ୍ୟରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇ ଏବଂ ଭୋଁସଲେ ରାଜା କଟକ, ପୁରୀ ଓ ବାଲେଶ୍ୱର କ୍ଷେତ୍ରକୁ ଇଂରେଜ ହାତରେ ଦେବା ପାଇଁ ସ୍ୱୀକୃତି ଦେଲେ । ଏହା ଦେଓଗାଁ ସନ୍ଧି ନାମରେ ଇତିହାସରେ ପରିଚିତ । ୧୮୦୪ ଜାନୁଆରୀ ୯ ତାରିଖ ଦିନ ସପରିଷଦ ଗଭର୍ଣ୍ଣର ଜେନେରାଲ(Governer General in Council) ଦେଓଗାଁ ସନ୍ଧିକୁ ଅନୁମୋଦନ ପ୍ରଦାନ କଲେ । ଏହା ଉତ୍ତାରୁ ବିଜିତ ଉତ୍ତର ଓଡିଶା କ୍ଷେତ୍ରକୁ ବଂଗ ପ୍ରେସିଡେନ୍ସିର ଓଡିଆ ଡିଭିଜନ ଭାବେ ମାନ୍ୟତା ଦିଆଗଲା ।

ଉତ୍ତର ଓଡିଶା ଦଖଲ କଲା ପରେ କମ୍ପାନୀ ସମ୍ବଲପୁର,ସୋନପୁର,ବୌଦ୍ଧ କଳାହାଣ୍ଡି, ପାଟଣା ଏବଂ ବାକି ପଶ୍ଚିମାଞ୍ଚଳକୁ କର୍ତ୍ତୃତ୍ୱାଧୀନ କରିବାକୁ ଚେଷ୍ଟା କଲେ । ୧୮୦୪ ଜାନୁୟାରୀ ମେଜର ବ୍ରାଉଟନ୍ ସମ୍ବଲପୁରର ମରାଠା ପ୍ରସାଶକ ତାନ୍ତିଆ ଫଡନାବିସଂକୁ ଶାସନଚ୍ୟୁତ କରି ନିଜେ ପ୍ରଶାସନ କଥା ବୁଝିଲେ । ଏହାପରେ ରାୟଗଡ, ସାରଙ୍ଗଗଡ, ରେଢାଖୋଲ, ଗାଙ୍ଗପୁର, ବାମଣ୍ଡା, ବଣାଇ, ଶକ୍ତି ପାଟଣା,ସୋନପୁର,କଳାହାଣ୍ଡି,ଖଡିଆଳ,ବରଗଡର ରାଜା ଓ ଜମିଦାରଙ୍କୁ କମ୍ପାନୀର ବଶ୍ୟତା ସ୍ୱୀକାର କରିବାକୁ ବାଧ୍ୟ କଲେ । ଏହି ରାଜା ଓ ଜମିଦାରମାନେ ମଧ୍ୟ ଇଂରେଜ କର୍ତ୍ତୃତ୍ୱକୁ ସ୍ୱୀକାର କରିନେଲେ , କାରଣ ମରାଠା ଶାସନରେ ସେମାନେ ସନ୍ତୁଷ୍ଟ ନ ଥିଲେ । ମାତ୍ର ଏହାପରେ ୧୮୧୭ ମସିହା ପର୍ଯ୍ୟନ୍ତ ବ୍ରିଟିଶ ପାର୍ଲାମେଣ୍ଟର ଆଦେଶାନୁସାରେ ସମ୍ବଲପୁରକୁ ଔପଚାରିକ ଭାବରେ ଭୋସଲେ ରାଜାଙ୍କ ଶାସନାଧୀନ ରହିବାକୁ ଅବସର ମିଳିଲା , କାରଣ ୧୮୦୫ ରୁ ୧୮୧୭ ପର୍ଯ୍ୟନ୍ତ କମ୍ପାନୀ ଭାରତରେ ରାଜ୍ୟ ବିସ୍ତାର ଓ ଯୁଦ୍ଧଖୋର ନୀତିକୁ ସାମୟିକ ଭାବେ ସ୍ଥଗିତ କରିଥିଲେ । ଅନ୍ତତଃ ୧୮୧୭ ନଭେମ୍ବର ୨୭

ତାରିଖରେ ସମ୍ବଲପୁର କମ୍ପାନୀର କର୍ତ୍ତୃତ୍ୱାଧୀନ ହେଲା । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଏହି ଅଞ୍ଚଳ କେନ୍ଦ୍ର ପ୍ରଦେଶ (Central Provinces) ସହ ସଂଲଗ୍ନିକୃତ ହୋଇ ରହିଲା ।

ଆରମ୍ଭରେ ପ୍ରଶାସନିକ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ଓଡିଆ ଭାଷାଭାଷୀ କ୍ଷେତ୍ରକୁ ଭିନ୍ନ ଭିନ୍ନ ପ୍ରେସିଡେନ୍ସି ଓ ପ୍ରଦେଶରେ ସାମିଲ କରାଯାଇଥିଲା । ଏଥିପାଇଁ ଲୋକଙ୍କର ଭାଷାକୁ ଭିତ୍ତି କରାଯାଇ ନ ଥିଲା । ସ୍ଥାନୀୟ ଲୋକ ଆଧୁନିକ ଶିକ୍ଷାର ବାହାରେ ଥିବାରୁ ସେଥିପାଇଁ କୌଣସି ଦାବି ମଧ୍ୟ ଉପସ୍ଥାପିତ ହୋଇ ନ ଥିଲା । ମାତ୍ର ଏହି ବ୍ୟବସ୍ଥା ସମୟକ୍ରମେ ସମସ୍ୟାପୂର୍ଣ୍ଣ ପ୍ରତୀତ ହେଲା । ଓଡିଶାର ଲୋକ ଆଧୁନିକ ଶିକ୍ଷା କ୍ଷେତ୍ରରେ ପଡୋଶୀ ବଙ୍ଗାଳି ଏବଂ ତେଲୁଗୁ ତଥା ମରାଠି ଲୋକ ତୁଳନାରେ ପଛୁଆ ହୋଇ ରହିଲେ । ଚାକିରି କ୍ଷେତ୍ରରେ ମଧ୍ୟ ତାର ପ୍ରଭାବ ଅନୁଭୂତ ହେଲା । ୧୮୨୧ ରେ କଟକର ଜିଲ୍ଲା ମାଜଷ୍ଟ୍ରେଟ ଲେଖିଥିଲେ । ମାସକୁ ଦଶ ଟଙ୍କା ବେତନ ପାଉଥିବା ଜଣେ ବି ଓଡିଆ ମିଳିବା କାଠିକର । ସାଧାରଣତଃ ବଙ୍ଗାଳୀ ଓ ମୁସଲମାନ ହିଁ ଉଚ୍ଚ ପଦପଦବୀରେ ରହିଛନ୍ତି । ସାଧାରଣ ମୋହରିର କାମ ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତାଧାରୀ ଜଣେ ଓଡିଆ ମିଳିବା କଷ୍ଟ ।

ଓଡିଶାରେ ଆଶାନୁପାତିକ ଭାବେ ଆଧୁନିକ ଶିକ୍ଷାର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ଇଂରେଜମାନେ କଟକ ଦଖଲ କରିବାର ପ୍ରାୟ ଦୁଇ ଦଶନ୍ଧି ପରେ ୧୮୨୨ ରେ ସେଠାରେ ରାଜ୍ୟର ( ଏଠାରେ ଓଡିଶା ପାଇଁ ରାଜ୍ୟ ଶବ୍ଦର ବ୍ୟବହାର ସୁବିଧା ନିମନ୍ତେ ମାତ୍ର କରାଯାଇଛି ) ପ୍ରଥମ ଆଧୁନିକ ଓ ଔପଚାରିକ ସ୍କୁଲର ସ୍ଥାପନା ହୋଇଥିଲା । ଏହାକୁ ବାପଟିଷ୍ଟ ଖ୍ରୀଷ୍ଟିଆନ ମିସନ ସ୍ଥାପନ କରିଥିଲେ । ଏଥିପାଇଁ କୌଣସି ସରକାରୀ ସାହାଯ୍ୟ ମିଳି ନଥିଲା । ଏହାର ଷାଠିଏ ବର୍ଷ ପରେ ମଧ୍ୟ ବଙ୍ଗ ଅନ୍ତର୍ଗତ ସମଗ୍ର ଓଡିଶା ଡିଭିଜନରେ ମାତ୍ର ଛଅଟି ହାଇସ୍କୁଲ ରହିଥିଲା ଏବଂ ତନ୍ମଧ୍ୟରୁ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲା ସ୍କୁଲ ଥିଲା ସରକାରୀ ପ୍ରତିଷ୍ଠାନ । ଏହି ସମୟରେ ମଧ୍ୟ- ଇଂରାଜୀ ସ୍କୁଲର ମୋଟ ସଂଖ୍ୟା ଥିଲା ୨୩ ଏବଂ ଛାତ୍ର ସଂଖ୍ୟା ୧୪୦୦ ପ୍ରାୟ । ଓଡିଶାର ଅଧା ପ୍ରାୟ କ୍ଷେତ୍ର ଥିଲା ଗଡଜାତ ଅଧୀନରେ ଏବଂ ସେଠାରେ ବହୁଦିନ ଯାଏଁ ଗୋଟାଏ ବି ହାଇସ୍କୁଲ ସ୍ଥାପିତ ହୋଇ ନ ଥିଲା । ୧୮୬୮ ରେ ପ୍ରଥମ କରି କଟକ ହାଇସ୍କୁଲରେ ପ୍ରଥମ ବର୍ଷର କଲେଜ ପାଠ ପଢାର ବ୍ୟବସ୍ଥା ହେଲା । ୧୮୬୯ ରେ ସେଠାରେ ଆଇନ୍ ଅଧ୍ୟୟନ ଆରମ୍ଭ ହେଲା । ୧୮୭୫ ରେ କଟକଠାରେ ମେଡିକାଲ ସ୍କୁଲ ପାଇଁ ମଞ୍ଜୁରି ମିଳିଲା । ଏଥିରୁ ଓଡିଶାରେ ଊନବିଂଶ ଶତାବ୍ଦୀରେ ଆଧୁନିକ ଶିକ୍ଷାର ସ୍ଥିତି କଥା ସ୍ପଷ୍ଟ ହୁଏ । ହୁଏତ ପରମ୍ପରିକ ଶିକ୍ଷା କ୍ଷେତ୍ରରେ ଓଡିଆ ଲୋକ ବଞ୍ଚିତ ନ ଥିଲେ । ମାତ୍ର ସରକାରୀ କାର୍ଯ୍ୟାଳୟରେ ଏବଂ ବିଶେଷକରି କୋର୍ଟ କଚେରିରେ କେବଳ ପାରମ୍ପରିକ ଶିକ୍ଷାରେ ଶିକ୍ଷିତ ଲୋକଙ୍କ ନିଯୁକ୍ତି ଦିଆଯାଉ ନ ଥିଲା । ତେଣୁ ସରକାରୀ ନିଯୁକ୍ତି କ୍ଷେତ୍ରରେ ସେମାନେ ପଛରେ ରହିଲେ । ଅନ୍ୟ ପକ୍ଷରେ , ଅଧସ୍ତନ କର୍ମଚାରୀ ଭାବରେ କାର୍ଯ୍ୟରତ ଅଣଓଡିଆ ଲୋକଙ୍କର ସ୍ଥାନୀୟ ଲୋକଙ୍କ ସମସ୍ୟା ପ୍ରତି ଦରଦ ରହିଲା ନାହିଁ । ସ୍ଥାନୀୟ ଲୋକ ଅଯଥା ହଇରାଣର ସମ୍ମୁଖୀନ ହେଲେ । ସମସ୍ତ ଓଡିଆ ଭାଷାଭଷୀ କ୍ଷେତ୍ରରୁ ଏକତ୍ରୀକରଣ ହୋଇପାରିଲେ, ଅର୍ଥାତ୍ ଗୋଟାଏ ପ୍ରେସିପଡେନ୍ସିର ଶାସନଧୀନ ହେଲେ , ଏହି ଦୁରବସ୍ଥା ଦୂର ହୋଇପାରିବା ବୋଲି ଲୋକ ଅନୁଭବ କଲେ ।

**ନଅଙ୍କ ଦୁର୍ଭିକ୍ଷ ;**

୧୮୬୫-୬୬ ମସିହାରେ ସଂଘଟିତ ହୋଇଥିବା ନଅଙ୍କ ଦୁର୍ଭିକ୍ଷ ଓଡିଶାରେ ଜାତୀୟତାର ଉନ୍ମେଷକୁ ପ୍ରଖର କଲା । ଗଞ୍ଜାମ, ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲା ଏବଂ ତତ୍‌ସଂଲଗ୍ନ ଗଡଜାତ ମହଲରେ ଦୁର୍ଭିକ୍ଷର ଅଧିକ ପ୍ରଭାବ ଦେଖିବାକୁ ମିଳିଥିଲା । ସେତେବେଳେ ଉଦ୍ଦିଷ୍ଟ କ୍ଷେତ୍ରର ମୋଟ ଜନସଂଖ୍ୟା ଥିଲା ପ୍ରାୟ ୩୬ ଲକ୍ଷ ଏବଂ ତନ୍ମଧ୍ୟରୁ ଦଶ ଲକ୍ଷରୁ ଅଧିକ ଲୋକଙ୍କର ଦୁର୍ଭିକ୍ଷରେ ପ୍ରାଣହାନି ଘଟିଥିଲା ବୋଲି ଅନୁମାନ କରାଯାଏ । କେବଳ କଟକ ଜିଲ୍ଲାରେ ମୋଟ ୧୫ ଲକ୍ଷ ଜନସଂଖ୍ୟାରୁ ପ୍ରାୟ ଚାରି ଲକ୍ଷ ଲୋକ ଅନାହାରରେ ମୃତ୍ୟୁବରଣ କରିଥିଲେ ଏବଂ ୩୫ ହଜାରରୁ ଉର୍ଦ୍ଧ ସଂଖ୍ୟକ ଲୋକ ଉଦ୍‌ବାସ୍ତୁ ହୋଇଥିଲେ । ମଣିଷ ତୁଳନାରେ ଢେର ଅଧିକ ସଂଖ୍ୟାରେ ଗୋରୁଗାଈ ଆଦି ଇତର ପ୍ରାଣୀଙ୍କର ମଧ୍ୟ ଦୁର୍ଭିକ୍ଷରେ ପ୍ରାଣହାନି ଘଟିଥିଲା ।

ମରୁଡି ହେଲା ଏକ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନାବୃଷ୍ଟି ହେଉଛି ତାର ପ୍ରମୁଖ କାରଣ । ମାତ୍ର ୧୮୬୫-୬୬ ର ମରୁଡିର ଦୁର୍ଭିକ୍ଷ ରୂପ ନେବା ପଛରେ ଅନ୍ୟ ଏକ କାରଣ ହେଲା, ବିଦେଶୀ ସରକାରଙ୍କ ଉଦାସୀନତା ଏବଂ ଅଧସ୍ତନ କର୍ମଚାରୀଙ୍କ ସ୍ଥାନୀୟ ସମସ୍ୟା ପ୍ରତି ସମ୍ବେଦନଶୂନ୍ୟତା ।

ନୂଆ ଖଜଣା ନୀତି ଏବଂ ଜମିଦାରୀ ବ୍ୟବସ୍ଥା ଯୋଗୁଁ ଓଡିଶାରେ ବହୁ ସଂଖ୍ୟକ ଅଣଓଡିଆ ଲୋକ ନୂଆ ଜମିଦାର ରୂପରେ ସମୃଦ୍ଧିଲାଭ କରିଥିଲେ । ସେମାନେ ସମ୍ବେଦନଶୂନ୍ୟ ହୋଇ ସେମାନେ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଆସନ୍ନ ବିପର୍ଯ୍ୟୟ କଥା ଠିକ୍ ଭାବରେ ଜଣାଇଲେ ନାହିଁ । ଫଳରେ ସମସ୍ୟା ଗୁରୁତର ହେଲା ଏବଂ ଓଡିଶାର ଲୋକ ପୋକମାଛି ଭଳି ମୃତ୍ୟୁବରଣ କଲେ । ଏହା ଓଡିଶାର ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀ ବୁଝିପାରିଲେ । ଏମିତିରେ ସେତେବେଳେ ବୁଦ୍ଧିଜୀବୀ ଗୋଷ୍ଠୀ ଖୁବ ସଂଖ୍ୟାନ୍ୟୂନ ଥିଲେ । କିନ୍ତୁ ସେମାନଙ୍କ ସମାଜମନସ୍କତା ଯୋଗୁଁ ଜନସାଧାରଣ ଏବଂ ସରକାର ମଧ୍ୟରେ ସେମାନଙ୍କୁ ପ୍ରତିନିଧିସ୍ଥାନୀୟ ମନେ କରାଗଲା । ଓଡିଶାବାସୀଙ୍କ ମନରେ ଏକତାଭାବ ସୃଷ୍ଟି ହେଲେ, ସେମାନଙ୍କ ପ୍ରତି ଅନ୍ୟମାନେ ହତାଦର କରିବେ ନାହିଁ ଏବଂ ସେମାନଙ୍କ ନ୍ୟାଯ୍ୟ ଦାବିକୁ କର୍ତ୍ତୃପକ୍ଷ ମହତ୍ତ୍ୱ ଦେବେ ବୋଲି ମତ ପ୍ରକାଶ ପାଇଲା ।

**ଜାତୀୟବାଦୀ ବୁଦ୍ଧିଜୀବୀ :-**

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶିକ୍ଷିତ ବୁଦ୍ଧିଜୀବୀ ଗୋଷ୍ଠୀର ସାମାଜିକ ଦାୟିତ୍ୱକୁ ସାଧାରଣତଃ କେହି ସନ୍ଦେହ କରନ୍ତି ନାହିଁ । ସମସ୍ତେ ନ ହେଲେ ବି ଅନେକ ଆଧୁନିକ ଶିକ୍ଷିତ ବ୍ୟକ୍ତି ଜାତୀୟବାଦୀ ଚେତନାରେ ଉଦବୁଦ୍ଧ ହୋଇଥିଲେ ଏବଂ ସମାଜ ଚିନ୍ତାରେ ମନଯୋଗ ଦେଉଥିଲେ । ସେମାନଙ୍କୁ ଜାତୀୟତାବାଦୀ ବୁଦ୍ଧିଜୀବୀ (Nationalist intelligentsia) କୁହାଯାଏ । ସେମାନେ ପ୍ରାଚ୍ୟ ବା ପାଶ୍ଚାତ୍ୟ ସଂସ୍କୃତିର ଅହେତୁକ ଅନୁକରଣ କିମ୍ବା ଅହେତୁକ ସମାଲୋଚନାରୁ ଉର୍ଦ୍ଧ୍ୱରେ ରହି ହେତୁବାଦ ଆଧାରରେ ସ୍ୱ ସମାଜର ହିତ ଲାଗି ଚିନ୍ତା କରୁଥିଲେ । ଓଡିଆ ଆନ୍ଦୋଳନରେ ସେମାନଙ୍କ ଭୂମିକା ଖୁବ ମହତ୍ତ୍ୱପୂର୍ଣ୍ଣ ।

ଫକୀର ମୋହନ ସେନାପତି ଓ ଗୋପାଳ ଚନ୍ଦ୍ର ପ୍ରହରାଜ ଥିଲେ ଏହି ଧରଣର ଦୁଇ ଜଣ ଜାତୀୟତାବାଦୀ ବୁଦ୍ଧିଜୀବୀ । ଫକୀରମୋହନ ଛ ମାଣ ଆଠ ଗୁଣ୍ଠ ତଥା ଆହୁରି ଅନେକ ଉପନ୍ୟାସ ଓ ଗଳ୍ପ ଲେଖକ ଭାବରେ ଖୁବ ପରିଚିତ । ଗୋପାଳଚନ୍ଦ୍ର ଭାଗବତ ଟୁଙ୍ଗୀରେ ସନ୍ଧ୍ୟା ଆଦି ଉପନ୍ୟାସ ଓ ପୂର୍ଣ୍ଣଚନ୍ଦ୍ର ଭଷାକୋଷ ର ପ୍ରଣେତା ଭାବରେ ପ୍ରସିଦ୍ଧ । ଉଭୟଙ୍କ ସାହିତ୍ୟରେ ସମାଜ ଚିନ୍ତା ବେଶ ସୁସ୍ପଷ୍ଟ । ବୁଦ୍ଧିଜୀବୀ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଉଭୟ ରଚନାକାର

ଅନେକ କଥା ଉଲ୍ଲେଖ କରିଛନ୍ତି । ନଅଙ୍କ ଦୁର୍ଭିକ୍ଷ ର ଜଣେ ପ୍ରତ୍ୟକ୍ଷଦର୍ଶୀ ରୂପେ ଫକିରମୋହନ ଅଣଓଡିଆ ଅମଲା, ସିରସ୍ତାଦାର ଆଦି ସରକାରଙ୍କୁ ଭୁଲ ତଥ୍ୟ ଦେଇଥିବାରୁ ଦୁର୍ଭିକ୍ଷର ପରିଣାମ ଭୟାବହ ହେଲା ବୋଲି ଦର୍ଶାଇଛନ୍ତି । ଏହାର ଅର୍ଥ ହେଲା, ଓଡିଶା ଲୋକ ଶିକ୍ଷିତ ହୋଇ ପ୍ରଶାସନିକ କାମରେ ନିଯୁକ୍ତ ହେଲେ ଭବିଷ୍ୟତରେ ଏଭଳି ସମସ୍ୟା ଉପୁଜିବ ନାହିଁ । ଗୋପାଳଚନ୍ଦ୍ର ପ୍ରହାରାଜ ୧୮୯୦ ଦଶକରେ ଲିଖିତ ତାଙ୍କ ଉପନ୍ୟାସ 'ଭାଗବତ ଟୁଙ୍ଗୀରେ ସନ୍ଧ୍ୟା' ରେ ସାମାଜିକ ଓ ଜାତୀୟ ଉନ୍ନତି ଶିକ୍ଷିତ ବୁଦ୍ଧିଜୀବୀର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରିଛନ୍ତି।

**ଶିକ୍ଷା :-**

ଜାତୀୟ ଚେତନା ପାଇଁ ସେତେବେଳେ ବୁଦ୍ଧିଜୀବୀବର୍ଗ ଶିକ୍ଷା ଉପରେ ଖୁବ୍ ମହତ୍ତ୍ୱ ଦେଇଥିଲେ । ଫକିର ମୋହାନ, ମଧୁସୂଦାନ ରାଓ, ରାଧାନାଥ ରାୟ ଓ ପ୍ୟାରୀମୋହାନ ଆଚାର୍ଯ୍ୟ ଆଦି ଶିକ୍ଷାଦାନକୁ ବୃତ୍ତି ରୂପେ ଗ୍ରହଣ କରିଥିଲେ । ଏପରିକି ଓଡିଆ ଆନ୍ଦୋଳନର ପ୍ରମୁଖ ସୂତ୍ରଧର ମଧୁସୂଦନ ଦାସ ଉପାଧି ଶିକ୍ଷା ପାଇଁ କଲିକତା ରହଣି କାଳରେ ମଧ ସେ ଦରିଦ୍ର ପ୍ରବାସୀ ଓଡିଆମାନଙ୍କ ଶିକ୍ଷାପାଇଁ ନିଜ ଉଦ୍ୟମରେ ଖିଦିରପୁରଠାରେ ରାତ୍ରି ସ୍କୁଲ ଆରମ୍ଭ କରିଥିଲେ । ସମାଜ ଗଠନରେ ଶିକ୍ଷାର ମହତ୍ତ୍ୱକୁ ଦର୍ଶାଇବାକୁ ଯାଇ ସ୍ୱଭାବ କବି ଗଙ୍ଗାଧର ମେହେର ଶିକ୍ଷିତ ବ୍ୟକ୍ତି ହିଁ ମନୁଷ୍ୟ ପଦବାଚ୍ୟ ବୋଲି ଯୁକ୍ତି ଦର୍ଶାଇଥିଲେ । ସେମାନେ ଶିକ୍ଷାର ପ୍ରସାର ନିମନ୍ତେ ଉଦ୍ୟମ କରିବାକୁ ଗଡଜାତ ରାଜା- ଜମିଦାରମାନଙ୍କୁ ପ୍ରୋତ୍ସାହିତ ମଧ କରୁଥିଲେ । ଏହାର ଫଳସ୍ୱରୂପ, ବାମଣ୍ଡା, ଢେଙ୍କାନାଳ ଓ ମୟୁରଭଞ୍ଜ ଆଦି ଗଡଜାତରେ ହାଇସ୍କୁଲମାନ ସ୍ଥାପିତ ହେଲା । କଟକଠାରେ କଲେଜ ଓ ମେଡିକାଲ ସ୍କୁଲ ସ୍ଥାପନ ବେଳେ ମୟୁରଭଞ୍ଜ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ଟୋଲ ଓ ଚାଟଶାଳିର ଅନୌପଚାରିକ ଶିକ୍ଷା ବଦଳରେ ବିଜ୍ଞାନ, ଗଣିତ , ସାମାଜିକ ଶିକ୍ଷା ଏବଂ ମାତୃଭାଷା ଶିକ୍ଷା ଉପରେ ବୁଦ୍ଧିଜୀବୀ ବର୍ଗ ଅଧିକ ମହତ୍ତ୍ୱ ଦେଉଥିଲେ । ଉତ୍କଳ ଭ୍ରମଣ ( ୧୮୯୨) ପୁସ୍ତକରେ ଫକୀର ମୋହନ ଖେଦୋକ୍ତି ପ୍ରକାଶ କରି କହିଥିଲେ ବାବୁମାନେ ଶିକ୍ଷାରେ ଲଜିକ ଏବଂ ସାଇନ୍ସ କୁ ଆବଶ୍ୟକୀୟ ମହତ୍ତ୍ୱ ଦେଉ ନାହାନ୍ତି । ଏହି ପରିପ୍ରେକ୍ଷୀରେ ଗଙ୍ଗାଧର ମେହେରଙ୍କ ଉକ୍ତି ମାତୃଭୂମି ମାତୃଭାଷାର ମମତା ଯା ହୃଦେ ଜନମି ନାହିଁ , ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ? ପ୍ରଣିଧାନଯୋଗ୍ୟ ଫକୀର ମୋହନଙ୍କ ମତରେ ମାତୃଭାଷାର ଉନ୍ନତି ବିନା କୌଣସି ଜାତି କିମ୍ବା ବ୍ୟକ୍ତିର ଉନ୍ନତି ସମ୍ଭବ ନୁହେଁ । ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗ ଇଂରାଜୀ ଶିକ୍ଷାର ବିରୋଧ କରୁ ନ ଥିଲେ । ସେମାନେ କେବଳ ମାତୃଭାଷା ଶିକ୍ଷାକୁ ଉପେକ୍ଷା କରାଯିବା କଥା ନୁହେଁ ବୋଲି ଯୁକ୍ତି କରୁଥିଲେ ।

ମାତୃଭାଷା ଶିକ୍ଷା ପରି ନାରୀଶିକ୍ଷାକୁ ମଧ ଓଡିଆ ଆନ୍ଦୋଳନ ମହତ୍ତ୍ୱ ଦେଇଥିଲା । ଫକୀରମୋହନଙ୍କ ରେବତୀ ଗଳ୍ପରେ ନୂଆ ପିଢିର ଝିଅ ମନରେ ଶିକ୍ଷା ପାଇଁ ଥିବା ସ୍ୱାଭାବିକ ଆଗ୍ରହକୁ ଦର୍ଶା ଯାଇଥିଲା । ୧୯୦୮ ରେ ମଧୁସୂଦନ ଦାସ ନିଜ ପ୍ରଚେଷ୍ଟାରେ କଟକଠାରେ ଏକ କନ୍ୟା ବିଦ୍ୟାଳୟ ସ୍ଥାପନ କରିଥିଲେ । ସ୍କୁଲ ପରିଚାଳନା ସମ୍ବନ୍ଧରେ ପ୍ରଶିକ୍ଷଣ ଲାଗି ସେ ତାଙ୍କ ପାଳିତା କନ୍ୟାଙ୍କୁ ଇଂଲଣ୍ଡ ମଧ ପଠାଇଥିଲେ । ନାରୀ ଶିକ୍ଷା ବିନା ନାରୀ ଜାଗରଣ ଅସମ୍ଭବ ଏବଂ ନାରୀ ଜାଗୃତି ବିନା ଜାତୀୟ ଆନ୍ଦୋଳନ ଅସମ୍ପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ବର୍ଗ ଭଲଭାବେ ଅନୁଭବ କରିଥିଲେ ।

**ପତ୍ରପତ୍ରିକା :-**

ଜାତୀୟତାର ଉନ୍ମେଷ କାଳରେ ପତ୍ରପତ୍ରିକାର ପ୍ରକାଶନକୁ ଖୁବ ମହତ୍ତ୍ୱ ଦିଆଯାଇଥିଲା । ପତ୍ର-ପତ୍ରିକାକୁ ସରକାର ଏବଂ ସ୍ଥାନୀୟ ଲୋକସମାଜ ମଧ୍ୟରେ ଯୋଗାଯୋଗର ଏକ ପ୍ରମୁଖ ମାଧ୍ୟମ ମନେ କରାଯାଉଥିଲା ।ପତ୍ର ପତ୍ରିକା ମାଧ୍ୟମରେ ସରକାର ସାମାଜିକ ବାସ୍ତବିକତାକୁ ଜାଣିପାରନ୍ତି ଏବଂ ପ୍ରତିକାର ନିମନ୍ତେ ଯଥୋଚିତ ପଦକ୍ଷେପ ନିଅନ୍ତି । ଅସଲରେ ଜାତୀୟତାର ଏହି ଉନ୍ମେଷ କାଳରେ ବୁଦ୍ଧିଜୀବୀ ବର୍ଗ ଇଂରେଜ ସରକାରଙ୍କ ଉଦ୍ଦେଶ୍ୟ ମହନୀୟ ବୋଲି ମନେ କରୁଥିଲେ । ପୁଣି, ଦମନ ଭୟରେ ସେମାନେ ସରକାରର ସିଧାସିଧା ସମାଲୋଚନା କରିବାକୁ ମଧ୍ୟ ସାହସ କରୁ ନ ଥିଲେ । ବରଂ ସରକାରଙ୍କ ସହାୟତାରେ ଓଡିଆ ଆନ୍ଦୋଳନର ସଫଳତା ଦେଖୁଥିଲେ । ପତ୍ର-ପତ୍ରିକାମାନେ ଓଡିଆରେ ପ୍ରକାଶିତ ହେଲେ ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଯୋଗାଯୋଗ ସ୍ଥାପିତ ହେବା ସାଙ୍ଗକୁ ବୁଦ୍ଧିଜୀବୀଙ୍କ ଅଭିବ୍ୟକ୍ତି ପାଇଁ ମଧ୍ୟ ମଞ୍ଚ ମିଳିବ ବୋଲି ମନେ କରାଯାଉଥିଲା ।

ନଅଙ୍କ ଦୁର୍ଭିକ୍ଷ ସମୟରେ ୧୮୬୫ ରେ ଗୌରୀ ଶଙ୍କର ରାୟ ଓ ବିଚିତ୍ରନନ୍ଦ ଦାସଙ୍କ ଉଦ୍ୟମରେ କଟକରୁ ଉତ୍କଳ ଦୀପିକା ନାମରେ ଏକ ସାପ୍ତାହିକ ପତ୍ରିକାର ପ୍ରଥମ ସଂଖ୍ୟା ପ୍ରକାଶିତ ହେଲା । ୧୮୬୬ ରୁ ଏହା ଅନେକ ବର୍ଷ ଧରି ନିୟମିତ ରୂପେ ପ୍ରକାଶ ପାଇଲା ଏବଂ ଓଡିଶା ଆନ୍ଦୋଳନର ମୁଖପତ୍ର ଭଳି କାମ କଲା । ୧୮୬୮ରେ ଫକିରମୋହାନ ଏବଂ ଗୋବିନ୍ଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱରରୁ ସମ୍ବାଦ ବାହିକ ପ୍ରକାଶିତ ହେଲା । ପ୍ୟାରୀମୋହନ 'ଉତ୍କଳ ପୁତ୍ର' ( ୧୮୭୩ ) ଓ ଚତୁର୍ଭୁଜ ପଟ୍ଟନାୟକ 'ସଂସ୍କାରକ' (୧୮୮୩) ପତ୍ରିକା ସମ୍ପାଦନା କଲେ। ୧୮୭୧ ରେ ଓଡିଆ ପତ୍ରପତ୍ରିକାର ମୋଟ ସଂଖ୍ୟା ଥିଲା ଚାରି ; ୧୮୭୯ ରେ ହେଲା ୧୯ ଏବଂ ୧୯୦୦ ବେଳକୁ ଏହି ସଂଖ୍ୟା ଯାଇ ପହଞ୍ଚିଲା ୩୪ରେ । ଏହି ସମସ୍ତ ପତ୍ରପତ୍ରିକାର ପ୍ରକାଶନ ଓ ସମ୍ପାଦନା ମୂଳରେ ଥିଲେ ବୁଦ୍ଧିଜୀବୀ ବର୍ଗ । କୌଣସି ବ୍ୟବସାୟୀକ ଲାଭ ଆଶାରେ ସେମାନେ ପତ୍ରପତ୍ରିକାର ପ୍ରକାଶନ କରୁ ନ ଥିଲେ । ସାମ୍ବାଦିକତା ସେମାନଙ୍କ ବୃତ୍ତି ନ ଥିଲା । ଜାତୀୟତାର ଉନ୍ମେଷରେ ପତ୍ର ପତ୍ରିକାର ଭୂମିକାକୁ ସେମାନେ ଉପଲବ୍ଧି କରିଥିଲେ ଏବଂ ସେଥିପାଇଁ ସମାଜ କାମ ରୂପେ ତାକୁ ନିର୍ବାହ କରୁଥିଲେ । ଉନବିଂଶ ଶତାବ୍ଦୀର ଶେଷ ଭାଗରେ ପ୍ରାୟ ସମସ୍ତ ପ୍ରମୁଖ ଜାତୀୟତାବାଦୀ ନେତୃବୃନ୍ଦ ପତ୍ରିକା ପ୍ରକାଶନ ସହ ପ୍ରତ୍ୟକ୍ଷ ବା ପରୋକ୍ଷ ରୂପରେ ସଂଶ୍ଲିଷ୍ଟ ଥିଲେ । ଗୌରିଶଙ୍କର ରାୟ, ଫକୀର ମୋହନ , ପ୍ୟାରିମୋହନ ଆଚାର୍ଯ୍ୟ ଏବଂ ବିଶ୍ୱନାଥ କର ନିଜେ ପତ୍ରିକା ପ୍ରକାଶନ ଓ ସମ୍ପାଦନା କରୁଥିଲେ । ମଧୁସୂଦନ ଦାସ 'ଦି ଓରିଆ' ଏବଂ 'ଷ୍ଟାର ଅଫ୍ ଉତ୍କଳ' ର ପ୍ରକାଶନ ସହ ସମ୍ପୃକ୍ତ ଥିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ମଧ୍ୟ ଏହି ଧାରା ଅବ୍ୟାହତ ରହିଲା । ଗୋପବନ୍ଧୁ ଦାସ 'ଆଶା' ମୁକୁର ର ପ୍ରକାଶନ ସହ ପରୋକ୍ଷ ଭାବରେ ଏବଂ 'ସତ୍ୟବାଦୀ' ଓ 'ସମାଜ' ର ପ୍ରକାଶନ ଓ ସମ୍ପାଦନା ସହ ପ୍ରତ୍ୟକ୍ଷ ଭାବରେ ସଂଶ୍ଲିଷ୍ଟ ଥିଲେ ।

ଜାତିୟତାର ଜନ୍ମ ଲଗ୍ନରେ ଓଡିଆ ଭାଷା ଓ ସାହିତ୍ୟ ମଧ୍ୟ ଆଧୁନିକ ହେଲା । ଦୁର୍ଭିକ୍ଷ ପରବର୍ତ୍ତୀ ସମୟରେ ଜାତି, ଧର୍ମ ନାମରେ ଦୁର୍ଭିକ୍ଷ ପ୍ରପୀଡିତଙ୍କୁ ଲାଞ୍ଛନା ଦିଆଯାଉଥିଲା , ଯାହାକୁ ଜାତୀୟତାବଦୀ ବୁଦ୍ଧିଜୀବୀ ବର୍ଗ ଅସହ୍ୟ ମନେକଲେ । ସେମାନେ ହେତୁବାଦିତାର ଆଧାରରେ ସାମାଜିକ ସମସ୍ୟା ଗୁଡିକୁ ବିଶ୍ଳେଷଣ କଲେ ଏବଂ ତା ପାଇଁ ଭାଷା-ସାହିତ୍ୟକୁ ମାଧ୍ୟମ କଲେ । ଏହି କାରଣରୁ ଉନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ହେଲା ରୁଢିବାଦିତା ଓ ସାମନ୍ତବାଦୀ ଶୃଙ୍ଖଳରୁ ମୁକ୍ତ ହୋଇ ଆଧୁନିକ ସାହିତ୍ୟର ବିକଶିତ ହେବାର କାଳ । ପ୍ରଥମ କରି ଏହି ସମୟରେ ଓଡିଆରେ ଗଳ୍ପ-

ଉପନ୍ୟାସ ଲେଖା ହେଲା; କାବ୍ୟ କବିତାର ପରିଧି ବିସ୍ତାରିତ ହେଲା । ଯଦିବା ଆଗଭଳି ପୌରାଣିକ କାବ୍ୟ ମଧ୍ୟ ଲେଖାଗଲା, ତହିରେ ଆଧୁନିକ ମୂଲ୍ୟବୋଧ ଗୁଡିକୁ, ଯେମିତି ହେତୁବାଦିତା, ତର୍କବୋଧ , ମାନବତାବାଦ ଓ ବ୍ୟକ୍ତିବାଦ ଆଦିକୁ ପ୍ରାଧାନ୍ୟ ଦିଆଗଲା । ଉଦାହାରଣ ସ୍ୱରୂପ, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ ଏକ ପୌରାଣୀକ କାବ୍ୟ । ମହାକବ୍ୟ 'ରାମାୟଣ' ର ସୀତା ତହିଁରେ ନାୟିକା । ମାତ୍ର ଆଧୁନିକ ଗଣତାନ୍ତ୍ରିକ ବିଚାରରେ ପ୍ରଭାବିତ କବି ତହିଁରେ ସୀତାଙ୍କ ମୁହିଁରେ ଗାଇଛନ୍ତି ;

"ମିଥ୍ୟାକଥା ଯେବେ ପ୍ରଜାଏ କହିବେ ମେଳି ହୋଇ ଶତ ଶତ
ମିଥ୍ୟା ଜାଣି ଜାଣି ତାଙ୍କୁ ମାନି ମାନି ବୋଲାଯାଏ ସତ ସତ ।"

ଅର୍ଥାତ୍ ରାଜା ସର୍ବଦା ସଂଖ୍ୟାଗରିଷ୍ଠ ଜନନିଷ୍ପତ୍ତିକୁ ଗ୍ରହଣ କରିନେବା ଉଚିତ । ପୌରାଣିକତା କବିଙ୍କର ଆଧୁନିକ ବିଚାରକୁ ଅଭିବ୍ୟକ୍ତ କରିବା ଲାଗି ଏକ ମାଧ୍ୟମ ମାତ୍ର । ରାଧାନାଥ ରାୟଙ୍କ 'ମହାଭାରତ' ଆଧାରିତ 'ମହାଯାତ୍ରା' କାବ୍ୟରେ ମଧ୍ୟ ଆନ୍ତରିକ ଦୁର୍ବଳତା ଓ ସାମାଜିକ କୁସଂସ୍କାରକୁ ସ୍ୱାଧୀନତାର ପରିପନ୍ଥୀ ବୋଲି ବର୍ଣ୍ଣନା କରାଯାଇଛି । ଏହା କିବିଙ୍କ ଜାତୀୟବାଦୀ ବିଚାରକୁ ସୁସ୍ପଷ୍ଟ କରେ ।

ମୋଟ କଥା ହେଲା, ଜାତୀୟତାବାଦୀ ବୁଦ୍ଧିଜୀବୀ ବର୍ଗ ଥିଲେ ଓଡିଆ ଭାଷା ଅସ୍ମିତା ଆନ୍ଦୋଳନର ପ୍ରମୁଖ ପୁରୋଧା । ଏହି ବର୍ଗର କେତେଜଣ ପ୍ରଧାନ ସ୍ରଷ୍ଟାଙ୍କ ମଧ୍ୟରେ ଥିଲେ, ଫକୀର ମୋହାନ, ରାଧାନଥ ରାୟ, ମଧୁସୂଦାନ ରାଓ, ମଧୁସୂଦନ ଦାସ ଏବଂ ଗଙ୍ଗାଧର ମେହେର । ସେମାନଙ୍କର ଆଧୁନିକ ଶିକ୍ଷା ଓ ବିଶ୍ୱସାହିତ୍ୟ ସହ ପରିଚୟ ଘଟିଲା । ତାହାରି ପ୍ରଭାବରେ ସେମାନଙ୍କ ଦୃଷ୍ଟିଭଙ୍ଗୀ ବିସ୍ତାରିତ ହେଲା; ସର୍ଜନାର ପ୍ରସଙ୍ଗ ବଦଳିଲା । ବିଶ୍ୱ ଭାଷା ଓ ସାହିତ୍ୟର ମାନଦଣ୍ଡରେ ସେମାନେ ଓଡିଆ ଭାଷା- ସାହିତ୍ୟକୁ ନୂଆ ରଙ୍ଗ ରୂପ ଦେଲେ । ଫଳରେ, ସୃଷ୍ଟିଶୀଳତା ହେଲା ଓଡିଆ ଆନ୍ଦୋଳନର ଏକ ପ୍ରମୁଖ ବୈଶିଷ୍ଟ୍ୟ ।

୧୮୭୨ ରେ ପ୍ରକାଶିତ ଏକ ବଙ୍ଗଳା ପୁସ୍ତିକା, 'ଓଡିଆ ଏକଟି ସ୍ୱାତନ୍ତ୍ର ଭାଷା ନୟ' ଥିଲା ଭାଷା ଆନ୍ଦୋଳନର ଏକ ମୁଖ୍ୟ କାରଣ । ବାଲେଶ୍ୱରରେ କାର୍ଯ୍ୟରତ ଥିବା ଜଣେ ବଙ୍ଗାଳି ଶିକ୍ଷକ କାନ୍ତିଚନ୍ଦ୍ର ବନ୍ଦୋପାଧ୍ୟାୟ ଥଲେ ଏହି ପୁସ୍ତିକାର ଲେଖକ । ତାଙ୍କର ପୁସ୍ତିକାର ଯୁକ୍ତି ଯେ ଓଡିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ବଙ୍ଗଳାର ଏକ ଉପଭାଷା । ଓଡିଶାରେ କାର୍ଯ୍ୟ କରୁଥିବା ଅନ୍ୟ ବଙ୍ଗୀୟ ସରକାରୀ କର୍ମଚାରୀ ଏବଂ ବୁଦ୍ଧିଜୀବୀମାନେ ଏହି ଯୁକ୍ତିର ସମର୍ଥନ କରୁଥିଲେ । ବଙ୍ଗଳା ଯେହେତୁ ଏକ ଉନ୍ନତ ଭାଷା, ଓଡିଆ ତାର ଉପଭାଷା ହୋଇ ବିକଶିତ ହୋଇପାରିବ ବୋଲି ସେମାନେ କହୁଥିଲେ । ଅର୍ଥାତ୍ ଏକ ଆଧୁନିକ ଭାଷା-ସାହିତ୍ୟ ରୂପରେ ଓଡିଆର ଯେତେବେଳେ ସମୃଦ୍ଧ ହେବାର ସମୟ, ସେତେବେଳେ ତାକୁ ଉପଭାଷା କରି ନଷ୍ଟ କରିଦେବା ଲାଗି ଚକ୍ରାନ୍ତ ହେଲା । ଓଡିଶାର ବୁଦ୍ଧିଜୀବୀ ବର୍ଗ ଏହା ବୁଝିପାରିବାରୁ ଆନ୍ଦୋଳନ ତ୍ୱରାନ୍ୱିତ ହେଲା । ଏହି ସଙ୍କଟ ତେଲୁଗୁ ଅଧୁଷୀତ ଦକ୍ଷିଣ ଓଡିଶାରେ ଏବଂ ହିନ୍ଦୀ ଅଧ୍ୟୁଷିତ ପଶ୍ଚିମ ଓଡିଶାରେ ମଧ୍ୟ ଦେଖାଗଲା । ଫଳରେ ସମଗ୍ର ଓଡିଶାରେ ଅସ୍ମିତାର ଆନ୍ଦୋଳନ ତୀବ୍ରତର ହେଲା ।

ପଶ୍ଚିମ ଓଡିଶାର ଗଡଜାତ ଓ ଅନ୍ୟାନ୍ୟ ଅଞ୍ଚଳର କେନ୍ଦ୍ର ଥିଲା ସମ୍ବଲପୁର । ସେହି ଆଧାରରେ ପଶ୍ଚିମ ଓଡିଶାକୁ ସମ୍ବଲପୁର ଅଞ୍ଚଳ ବା ସମ୍ବଲପୁର ବୋଲି କୁହାଯାଉଥିଲା । ସମ୍ବଲପୁର କେନ୍ଦ୍ର ପ୍ରଦେଶ ଅର୍ନ୍ତଭୁକ୍ତ ଥିଲା ।

୧୮୬୨ ରୁ ସେଠାରେ ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ କରାଗଲା । କିନ୍ତୁ କେନ୍ଦ୍ର ପ୍ରଦେଶର ଅବଶିଷ୍ଟ ଅଂଶରେ ହିନ୍ଦୀର ପ୍ରଚଳନ ଯୋଗୁଁ ସରକାର ପ୍ରଶାସନିକ ଅସୁବିଧାର ସମ୍ମୁଖୀନ ହେଲେ । ଓଡ଼ିଆ ଜାଣିଥିବା କର୍ମଚାରୀଙ୍କ ଯଥେଷ୍ଟ ଅଭାବ ଅନୁଭୂତ ହେଲା । ଫଳରେ ୧୮୯୫ ପୁଣି ଥରେ ସେଠାରେ ଓଡ଼ିଆ ସ୍ଥାନରେ ହିନ୍ଦୀ ସରକାରୀ ଭାଷା ହେବ ବୋଲି ନିର୍ଦ୍ଦେଶନାମା ଜାରି ହେଲା । ସ୍କୁଲରେ ତୃତୀୟ ଶ୍ରେଣୀରୁ ହିନ୍ଦୀକୁ ବାଧ୍ୟତାମୂଳକ ବିଷୟ କରିବା ଲାଗି ପ୍ରସ୍ତାବ ରହିଲା । ୧୮୬୯ ରୁ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଗଲା ।

ସରକାରୀ ଆଦେଶନାମାର ପ୍ରତ୍ୟାହାର, ହିନ୍ଦୀ ସ୍ଥାନରେ ଓଡ଼ିଆର ପୁର୍ନପ୍ରଚଳନ ଏବଂ ସମ୍ବଲପୁରକୁ ବଙ୍ଗ ପ୍ରେସିଡେନ୍ସିର ଓଡ଼ିଶା ଡିଭିଜନ ସହ ମିଶ୍ରଣ ଦାବି କରି ସମ୍ବଲପୁରରେ ଆନ୍ଦୋଳନ ଆରମ୍ଭ ହେଲା । ଏହାର ପ୍ରମୁଖ ନେତା ଥିଲେ ଚନ୍ଦ୍ରଶେଖର ବେହେରା ଏବଂ ବୈକୁଣ୍ଠନାଥ ପୂଜାରୀ । ଦାବି ହାସଲ ପାଇଁ ସରକାରଙ୍କ ପାଖକୁ ସ୍ମାରକପତ୍ର ପ୍ରେରଣ କରାଗଲା । ସିମଲାରେ ବଡ଼ଲାଟକୁ ଭେଟିବା ଲାଗି ଡେଲିଗେସନ ପଠାଗଲା ତଥା ଲୋକ ସମର୍ଥନ ପାଇଁ ପ୍ରଚାରପତ୍ର ବଣ୍ଟାଗଲା । ଏସବୁ ଥିଲା ଜାତୀୟତା ନରମପନ୍ଥୀ ଆନ୍ଦୋଳନର ପନ୍ଥା । ପ୍ରଚଳନ ହେବ ହୋଲି ନିର୍ଦ୍ଦେଶନାମା ଜାରି କଲେ । ୧୯୦୩ରୁ ଏହା କାର୍ଯ୍ୟକାରୀ ହେଲା । ୧୯୦୫ରେ ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହ ମିଶ୍ରଣ କରାଗଲା । ଏହାକୁ ଭାଷା ଆନ୍ଦୋଳନର ଏକ ବଡ ସଫଳତା ବୋଲି ମନେ କରାଯାଏ । ମାତ୍ର ଖଡ଼ିଆଳ ଓ ବୋଡାସମ୍ବର ପଦମପୁର କେନ୍ଦ୍ର ପ୍ରଦେଶରେ ରହିଗଲା ୧୯୩୬ ପର୍ଯ୍ୟନ୍ତ ।

ଦକ୍ଷିଣ ଓଡ଼ିଶାକୁ ମଧ୍ୟ ଏହି ସମୟରେ ଭାଷା ଆନ୍ଦୋଳନ ସମ୍ପ୍ରସାରିତ ହେଲା । ଗଞ୍ଜାମରୁ ପ୍ରକାଶିତ 'ସ୍ୱଦେଶୀ' (୧୮୫୭ ) ଏବଂ ପାରଳାଖେମୁଣ୍ଡିରୁ ପ୍ରକାଶିତ 'ଗଞ୍ଜାମ ହିତବାଦିନୀ' (୧୮୯୯) ପତ୍ରିକା ଆନ୍ଦୋଳନକୁ ପ୍ରତିନିଧିତ୍ୱ ଦେଇଥିଲେ । ୧୮୮୧ରେ ଭାଷା ସୁରକ୍ଷା ଲାଗି ଉତ୍କଳ ହିତବାଦିନୀ ସଭା ଗଠିତ ହୋଇଥିଲା । ୧୮୯୦ ଦଶକରେ ଗଞ୍ଜାମର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷାର ବ୍ୟବସ୍ଥା ହେଲା । ମାତ୍ର ଗଞ୍ଜାମ ଜାତୀୟସମିତିର ପ୍ରବଳ ଦାବି ସତ୍ତ୍ୱେ ଦକ୍ଷିଣ ଓଡ଼ିଶାକୁ ଓଡ଼ିଶା ଡିଭିଜନରେ ମିଶ୍ରଣ କରାଗଲା ନାହିଁ । ୧୯୩୬ରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ଯାଏଁ ମାଡ୍ରାସ ପ୍ରେସିପଡେନ୍ସିର ଅଂଶ ହୋଇ ରହିଥିଲା ।

୧୮୮୦ ଦଶକ ଆଡକୁ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ସାମାଜିକ ଏବଂ ରାଜନୈତିକ ଅନୁଷ୍ଠାନ ଗୁଡ଼ିକର ସ୍ଥାପନା ହେଲା । ବାଲେଶ୍ୱରର 'ନେଶନାଲ ସୋସାଇଟି' (୧୮୭୮) ପାରଳଖେମୁଣ୍ଡିର ଉତ୍କଳ ହିତୈଷିଣୀ ସଭା (୧୮୮୧) ଓ କଟକର 'ଉତ୍କଳ ସଭା' (ଆରମ୍ଭ ୧୮୭୮ ଏବଂ ନିୟମିତ ହେଲା ୧୮୮୨ରେ) ହେଲେ କେତୋଟି ପ୍ରମୁଖ ଜାତୀୟବାଦୀ ଅନୁଷ୍ଠାନ ଦେଶର ବିଭିନ୍ନ ପ୍ରସଙ୍ଗ ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମିତ୍ତ ଏହି ଅନୁଷ୍ଠାନ ଗୁଡ଼ିକରେ ଆଲୋଚନା କରାଗଲା । ୧୯୦୩ କଟକ ଠାରେ ଉତ୍କଳ ସମ୍ମିଳନୀର ସ୍ଥାପନା ପୂର୍ବରୁ ଏହି ସଙ୍ଗଠନ ଗୁଡ଼ିକ ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲେ । ଏକଥା ସତ ଯେ, ଏହି ସଙ୍ଗଠନ ଗୁଡ଼ିକୁ ସହର କୈନ୍ଦ୍ରିକ ଥିଲେ ଏବଂ ଅଳ୍ପ କେତେକ ଶିକ୍ଷିତ ଲୋକଙ୍କ ମଧ୍ୟରେ ସୀମିତ ଥିଲେ । ତା ସତ୍ତ୍ୱେ ସେଠାରେ ବିଭିନ୍ନ ସାମାଜିକ ଓ ରାଜନୈତିକ ପ୍ରସଙ୍ଗକୁ ନେଇ ଆଲୋଚନା ହେବାରୁ ଆନ୍ଦୋଳନ ସମୟକ୍ରମେ ଦୃଢ଼ତର ହେଲା । ୧୮୮୫ ରେ ଜାତୀୟ କଂଗ୍ରେସ ଗଠନ ହେଲା । ଖୁବ୍ ଶୀଘ୍ର ତାହା ଏକ ଜାତୀୟ ବୁଦ୍ଧିଜୀବୀ ମଞ୍ଚ ହେଲା । ଓଡ଼ିଶାର ସଙ୍ଗଠନଗୁଡ଼ିକର ମଧ୍ୟ ପ୍ରତିନିଧି ନିୟମିତ ରୂପେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନରେ ଯୋଗ ଦେଲେ ।

ଓଡିଶାର ବୁଦ୍ଧିଜୀବୀ ବର୍ଗ ଜାତୀୟ କାର୍ଯ୍ୟକଳାପ ସହ ସମ୍ପୃକ୍ତ ଥିଲେ । ସାଙ୍ଗରେ ଏକ ଆଞ୍ଚଳିକ ସଙ୍ଗଠନର ଆବଶ୍ୟକତାକୁ ମଧ ଅନୁଭବ କରୁଥିଲେ । ୧୯୦୩ ସରକାର ମାଡ୍ରାସ ତଥା କେନ୍ଦ୍ର ପ୍ରଦେଶରୁ ଓଡଆ ଭାଷାଭାଷୀ ଅଞ୍ଚଳକୁ ବଙ୍ଗ ପ୍ରେସିଡେନ୍ସି ଅଧୀନରେ ଏକତ୍ରୀକରଣ କରିବାକୁ ପ୍ରସ୍ତାବ ଦେଲେ । ଏହା ସରକାରଙ୍କ ବଙ୍ଗଭଙ୍ଗ ପ୍ରସ୍ତାବ ସହ ମିଶି ରହିଥିବାରୁ ଜାତୀୟ କଂଗ୍ରେସ ତାକୁ ଅନୁମୋଦନ କଲା ନାହିଁ । ଅନ୍ୟପକ୍ଷରେ ଓଡିଶାର ଜାତୀୟବାଦୀ ତାକୁ ସ୍ୱାଗତ କଲେ। ଫଳରେ ଜାତୀୟ କଂଗ୍ରେସର ସମାନ୍ତରାଳ ଏକ ଆଞ୍ଚଳିକ ସଙ୍ଗଠନର ସ୍ଥାପନା ଜରୁରୀ ହୋଇପଡିଲା । ମଧୁସୂଦନ ଦାସଙ୍କ ନେତୃତ୍ୱରେ ୧୯୦୩ରେ ସ୍ଥାପିତ 'ଉତ୍କଳ ସମ୍ମିଳନୀ' ହେଲା ତାର ପରିଣାମ । ଜାତୀୟ କଂଗ୍ରେସ ପରି ପ୍ରତିବର୍ଷ ଅଧିବେଶନ ମାଧମରେ ସମ୍ମିଳନୀ ଓଡିଶାର ଆଞ୍ଚଳିକ ପ୍ରସଙ୍ଗଗୁଡିକୁ ଆଲୋଚନା କଲା ଏବଂ ପ୍ରତିକାର ପାଇଁ ସରକାରଙ୍କ ପାଖରେ ଦାବିପତ୍ର ଦେଲା । ଅନ୍ୟ ଶବ୍ଦରେ କହିଲେ ଓଡିଆ ଆନ୍ଦୋଳନର ଏକ ମୂର୍ତ୍ତରୂପ ହେଲା 'ଉତ୍କଳ ସମ୍ମିଳନୀ' ଯାହା ସ୍ଥାନୀୟ ଜାତୀୟତବାଦୀଙ୍କ ପାଇଁ ସର୍ବୋଚ୍ଚ ବୈଚାରିକ ମଞ୍ଚ ପ୍ରମାଣିତ ହୋଲା ।

ଏକଥା ସତ ଯେ 'ଉତ୍କଳ ସମ୍ମିଳନୀ' ଆଞ୍ଚଳିକ ସମସ୍ୟାଗୁଡିକୁ ସହତ୍ତ୍ୱ ହେବା ଲକ୍ଷ୍ୟରେ ସ୍ଥାପିତ ହୋଇଥିଲା । ମାତ୍ର ଏହା ଜାତୀୟ କଂଗ୍ରେସ କିମ୍ବା ମହାଭାରତୀୟତାର ଆଦୌ ପରିପନ୍ଥୀ ନ ଥିଲା । ସାମାନ୍ୟ ମତପାର୍ଥକ୍ୟ ସତ୍ତ୍ୱେ ଉତ୍କଳ ସମ୍ମିଳନୀର ସହାୟକ ସଙ୍ଗଠନଗୁଡିକ ବର୍ଷକୁ ବର୍ଷ ଜାତୀୟ କଂଗ୍ରେସର ଅଧିବେଶନକୁ ପ୍ରତିନିଧି ପଠାଉଥିଲେ ଏବଂ କଂଗ୍ରେସର କାର୍ଯ୍ୟଗୁଡିକୁ ସ୍ୱାଗତ କରୁଥିଲେ । 'ଉତ୍କଳ ସମ୍ମିଳନୀ' ର ସ୍ୱାଗତ ସଙ୍ଗୀତର ନାଁ ଥିଲା 'ଭାରତ ଗୀତିକା' । ରାଧାନାଥ ରାୟଙ୍କ ଦ୍ୱାରା ଲିଖିତ ଏହି ସଙ୍ଗୀତରେ 'ଭାରତ ଆମ ସମସ୍ତଙ୍କର ମା' ବୋଲି କୁହାଯାଇଥିଲା । ୧୯୦୭ରେ ମଧୁସୂଦନ ଦାସ ୧୯୦୬ର କଲିକତା କଂଗ୍ରେସରେ ଯୋଗ ଦେଇଥିବା ଓଡିଶା ପ୍ରତିନିଧିଙ୍କ ସମ୍ମାନାର୍ଥେ ଏକ ସ୍ୱାଗତ ସଭାର ଆୟୋଜନ କରିଥିଲେ । ଫକୀର ମୋହନ ଭାରତ ଓ ତା'ର କ୍ଷେତ୍ରଗୁଡିକ ମଧରେ ଥିବା ନିବିଡ ସମ୍ବନ୍ଧକୁ ବ୍ୟାଖ୍ୟା କରି ଭାରତକୁ ଏକ ତାନପୁରା ଯନ୍ତ୍ର ଏବଂ ଅଞ୍ଚଳଗୁଡିକୁ ତାନପୁରାର ପିତ୍ତଳ ତାର ସହ ତୁଳନା କରିଥିଲେ । ଅର୍ଥ ହେଲା ପ୍ରତ୍ୟେକ ପିତ୍ତଳ ତାରର ସ୍ୱତନ୍ତ୍ର ଧ୍ୱନୀ ଏବଂ ସମସ୍ତେ ମିଶିଲେ ଯାଇ ତାନପୁରା । ତନ୍ମଧରୁ ଗୋଟିଏ ତାରର ସ୍ୱାତନ୍ତ୍ର୍ୟ ନଷ୍ଟ ହେଲେ ତାନପୁରା ତାର ବୈଶିଷ୍ଟ୍ୟ ହରାଏ । ଜାତୀୟତା ଓ ଆଞ୍ଚଳିକତା ମଧରେ ଥିବା ଅନୁପୂରକତାକୁ ଏଥିରୁ ଅଧିକ ସୃଜନାତ୍ମକ ଢଙ୍ଗରେ ଆଉ କେମିତି ବା ବ୍ୟାଖ୍ୟା କରାଯାଇପାରିବ ?

୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହେଲା । ଏହାର ପାଞ୍ଚ ବର୍ଷ ପୂର୍ବରୁ ୧୯୧୫ ରେ ମହାତ୍ମା ଗାନ୍ଧି ଭାରତକୁ ପ୍ରତ୍ୟାବର୍ତ୍ତନ କରି ଜାତୀୟ ଆନ୍ଦୋଳନର ମଙ୍ଗ ଧରିଥିଲେ । ଆନ୍ଦୋଳନ ଏହା ପରେ ବହୁମାତ୍ରାରେ ଗଣାଭିମୁଖୀ ହେଲା । ଜାତି, ଧର୍ମ, ଭାଷା ଏବଂ ଅଞ୍ଚଳ ନିର୍ବିଶେଷରେ ଲୋକ ଜାତୀୟ କଂଗ୍ରେସର ମହାସ୍ରୋତରେ ମିଶିବାକୁ ଚାହିଁଲେ । ଏହି ସମୟରେ ୧୯୨୦ ମସିହା ଡିସେମ୍ବର ମାସରେ ଚକ୍ରଧରପୁର ଠାରେ 'ଉତ୍କଳ ସମ୍ମିଳନୀ' ର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେଲା । ଅଧିବେଶନର ସଭାପତି ଥିଲେ ଜଗବନ୍ଧୁ ସିଂହ । ବିଶଦ ଆଲୋଚନା ପରେ ସମ୍ମିଳନୀକୁ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ କରିବାକୁ ପ୍ରସ୍ତାବ ପାସ ହେଲା । ଏହା ପରେ ଉଭୟ ଭାଷା ଆନ୍ଦୋଳନ ଏବଂ ଉପନିବେଶବାଦ ବିରୋଧୀ ଜାତୀୟତା ସଂଗ୍ରାମ ଏକୀକୃତ ହେଲେ ।୧୯୨୦ର ନାଗପୁର କଂଗ୍ରେସରେ ଭାଷା ଭିତ୍ତିରେ ଜାତୀୟ କଂଗ୍ରେସ ଶାଖାମାନ ଗଠନ କରିବାକୁ ମହତ୍ତ୍ୱ ଦିଆଗଲା ଏହାପରେ 'ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି' ଗଠିତ ହେଲା । ଅର୍ଥାତ୍ ଜାତୀୟ କଂଗ୍ରେସ ଉତ୍କଳକୁ ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା

ପ୍ରଦାନ କଲା । ଜାତୀୟ କଂଗ୍ରେସ ଥିଲା ଭାରତର ଗଣସଂଗ୍ରାମ । ଦେଶର ସବୁ ଅଞ୍ଚଳର ଲୋକ ତହିଁରେ ସକ୍ରିୟ ଥିଲେ । ଏକ ପ୍ରଦେଶ ରୂପରେ ଓଡିଶାକୁ କଂଗ୍ରେସ ପକ୍ଷରୁ ମାନ୍ୟତା ମିଳିବା ପରେ ସ୍ୱତନ୍ତ୍ର ପ୍ରଦେଶର ସରକାରୀ ଔପଚାରିକ ଘୋଷଣା ଆଉ ଅସମ୍ଭବ ପ୍ରତୀତ ହେଲା ନାହିଁ । ଶେଷକୁ ୧୯୩୬ ଏପ୍ରିଲ ୧ ତାରିଖରେ 'ସ୍ୱତନ୍ତ୍ର ଓଡିଶା ପ୍ରଦେଶ' ଗଠିତ ହେଲା ।

**ଖ) ପ୍ରଦେଶ ଗଠନ ସମ୍ପର୍କିତ ଘଟଣାବଳୀ :-**

୧୯୩୬ରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗଠନ ହେଲା ଏକ ଦୀର୍ଘ ଐତିହାସିକ ପ୍ରକ୍ରିୟା । ତହିଁରେ ଅନେକ ଘଟଣା ଘଟିତ ହୋଇଥିଲା । ସେସବୁ ଘଟଣାଗୁଡିକୁ ଆଲୋଚନା ନ କଲେ ପ୍ରଦେଶ ଗଠନର ବ୍ୟାଖ୍ୟା ହୋଇପାରିବ ନାହିଁ । ପୁଣି, ଘଟଣା ଗୁଡିକ ମଧ୍ୟରେ ଅର୍ନ୍ତସମ୍ବନ୍ଧ ରହିଛି । ସେଗୁଡିକୁ ପରସ୍ପରଠାରୁ ବିଚ୍ଛିନ୍ନ କଲେ ଆଲୋଚନା ସ୍ୱୟଂସମ୍ପୂର୍ଣ୍ଣ ହେବ ନାହିଁ । ତା ଠାରୁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ହେଲା ଯେ କାଳର କ୍ରମ ଅନୁଯାୟୀ ଘଟଣାଗୁଡିକୁ ଆଗପଛ କରିହେବ ନିଶ୍ଚୟ । ମାତ୍ର ମହତ୍ତ୍ୱ ଦୃଷ୍ଟିରୁ ସେଗୁଡିକୁ କୌଣସି ଅନୁକ୍ରମରେ ରଖିହେବ ନାହିଁ । ସବୁଗୁଡିକ ମହତ୍ତ୍ୱପୂର୍ଣ୍ଣ । ଓଡିଶା ପ୍ରଦେଶ ଗଠନ ପଛରେ କାରଣ ଗୋଟାଏ ନୁହେଁ, ଏକାଧିକ । ପ୍ରତ୍ୟେକ କାରଣ ମହତ୍ତ୍ୱପୂର୍ଣ୍ଣ ।

ଏହି ପରିପ୍ରେକ୍ଷୀରେ ବିଚାର କଲେ ୧୯୦୫ରେ ସମ୍ବଲପୁରର ବଙ୍ଗ ପ୍ରେସିଡେନ୍ସିର ଓଡିଶା ଡିଭିଜନରେ ମିଶ୍ରଣ ହେବ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ଯାହା ପୂର୍ବରୁ ଆଲୋଚିତ, ଓଡିଆ ଭାଷୀ ଅଞ୍ଚଳ ତିନି ଖଣ୍ଡରେ ବିଭାଜିତ ହୋଇ ଇଂରେଜ ଶାସନର ଆରମ୍ଭରୁ ରହି ଆସିଥିଲା ଏବଂ ଜାତୀୟବାଦୀ ବର୍ଗର ଉନ୍ମେଷ ଦିନରୁ ସେଗୁଡିକର ଏକତ୍ରିକରଣ ପାଇଁ ଦାବି କରାଯାଉଥିଲା । ୧୯୦୧ର ଜନଗଣନାରୁ ସିଦ୍ଧ ହେଲା ଯେ କେନ୍ଦ୍ର ପ୍ରଦେଶ ଅନ୍ତର୍ଗତ ସମ୍ବଲପୁର ଅଞ୍ଚଳର ମୋଟ ଜନସଂଖ୍ୟା ୭,୯.୪୯୨ ଏବଂ ତନ୍ମଧ୍ୟରୁ ୫,୯.୬୦୧ ହେଲେ ଓଡିଆ ଭାଷୀ । ଜନଗଣନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବୈକୁଣ୍ଠ ନାଥ ପୂଜାରୀ ଲୋକଙ୍କୁ ମାତୃଭାଷା ଓଡିଆ ବୋଲି ମୁଖର ହୋଇ ଉଲ୍ଲେଖ କରିବାକୁ ପ୍ରସ୍ତାବ ଦେଉଥିଲେ । ତାଙ୍କ ଉଦ୍ୟମ ବିନା ଜନଗଣନାରୁ ଏକଥା ସୁସ୍ପଷ୍ଟ ହୋଇପାରି ନଥାଅନ୍ତା । ଜନଗଣନା ପରେ ସରକାର ସମ୍ବଲପୁରକୁ ଓଡିଆ ଡିଭିଜନକୁ ହସ୍ତାନ୍ତର କରିବାକୁ ମନସ୍ଥ କଲେ । ୧୯୦୩ରେ ଏ ନେଇ ସରକାରୀ ଘୋଷଣାନାମା ପ୍ରକାଶ ପାଇଲା ଏବଂ ଅକ୍ଟୋବର ୧୯୦୫ରୁ ସମ୍ବଲପୁରକୁ ଓଡିଶା ଡିଭୀଜନରେ ସମ୍ମିଶ୍ରିତ କରଗଲା । ଜଣେ ଇଂରେଜ ପଦାଧିକାରୀ ଅଣ୍ଡ୍ରୁ ଫ୍ରେଜରଙ୍କ ଏଥିରେ ଖୁବ୍ ସହଯୋଗ ରହିଥିଲା । ଫ୍ରେଜରଙ୍କ ପ୍ରତି କୃତଜ୍ଞତା ଜଣାଇବା ସକାଶେ ସମ୍ବଲପୁରଠାରେ ଫ୍ରେଜର କ୍ଲବ ର ସ୍ଥାପନା କରାଯାଇଥିଲା

୧୯୧୨ଏପ୍ରିଲ ୧ ତାରିଖରେ ବଙ୍ଗ ପ୍ରେସିଡେନ୍ସିରୁ ବିହାର ଓ ଓଡିଶାକୁ ଅଲଗା କରି ଏକ ସ୍ୱତନ୍ତ୍ର ପ୍ରଦେଶର ଗଠନ କରାଗଲା । ଏହା ଥିଲା ଓଡିଶା ପ୍ରଦେଶ ଗଠନ ଦିଗରେ ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ସମ୍ବଲପୁରର ଓଡିଶା ଡିଭିଜନରେ ମିଶ୍ରଣ ଉତ୍ତାରୁ କେବଳ ଗଞ୍ଜାମ ଏଜେନ୍ସି ଓ ଅବଶିଷ୍ଟ ଦକ୍ଷିଣାଞ୍ଚଳ ଓଡିଶା ବାହାରେ ରହିଥିଲା । ମାତ୍ର ବଙ୍ଗ ପ୍ରେସିଡେନ୍ସି ଯେହେତୁ ଆୟତନରେ ଖୁବ ବିଶାଳ, ତହିଁରେ ଓଡିଶା ଡିଭିଜନ ବିଶେଷ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିପାରୁ ନ ଥିଲା । ତେଣୁ, ବିହାର ଓ ଓଡିଶା ଓଡ଼ିଶା ଦୃଷ୍ଟିରୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ପ୍ରତୀତ ହେଲା । ୧୯୧୧-୧୨ ରେ ସରକାରଙ୍କ ଏହି ପଦକ୍ଷେପକୁ ଓଡିଶାର ଜାତୀୟତାବାଦୀମାନେ ସ୍ୱାଗତ କରିନଥିଲେ । ବିହାର ସହିତ ଓଡିଶାକୁ ଯୋଡି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା ପରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ଗଠନ ପ୍ରଦେଶର

ଗଠନର ପ୍ରଶ୍ନ ଅବଦମିତ ରହିଯିବ ବୋଲି ସେମାନେ ଆଶଙ୍କା କରୁଥିଲେ । ଦ୍ୱିତୀୟତଃ, ବଙ୍ଗ ଏକ ଉନ୍ନତ ପ୍ରଦେଶ ହୋଇଥିବାରୁ ଓଡିଶା ତା ସହ ସଂଲଗ୍ନିକୃତ ହୋଇ ରହିଲେ ଓଡିଶାର ବିକାଶ ପାଇଁ ଶୁଭଙ୍କର ହେବ ବୋଲି ଆଶା କରାଯାଉଥିଲା । ବିହାର ସହିତ ସଂଲଗ୍ନିକୃତ ନ କରି ବରଂ ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ କରାଯାଉ ବୋଲି ଉତ୍କଳ ଦୀପିକା କକ୍ଷରୁ ୧୯୧୨ ସେପ୍ଟେମ୍ବର ମାସରେ ପ୍ରସ୍ତାବ ମଧ୍ୟ ରଖାଯାଇଥିଲା

୧୯୧୯ରେ ମେଣ୍ଟଗୁ – ଚେମସ୍‌ଫୋର୍ଡ ଶାସନ ସଂସ୍କାର ଅନୁଯାୟୀ ଭାରତ ସରକାର ଆଇନ୍ (Government of India Act-1919) ଲାଗୁ ହେଲା । ଏଥିରେ ଓଡିଆ ଭାଷାଭାଷୀ କ୍ଷେତ୍ରଗୁଡିକର ଏକତ୍ରୀକରଣ ହେବ ବୋଲି ଓଡିଶାର ନେତୃବର୍ଗ ଆଶା କରିଥିଲେ । ୧୯୧୭ରେ ମେଣ୍ଟେଗୁଂକ ଆଗମନ ସମୟରେ 'ଦ ଓଡିଆ ମୁଭମେଣ୍ଟ' ନାମକ ପୁସ୍ତକରେ ଓଡିଶାର ଦାବିକୁ ସମ୍ମିଳିତ କରି ସ୍ମାରକପତ୍ର ରୂପେ ପେଶ କରାଯାଇଥିଲା । ପୁସ୍ତକର ସଙ୍କଳନ କରିଥିଲେ ଚକ୍ରପାଣି ପ୍ରଧାନ , ହରିହର ପଣ୍ଡା ଓ ନିରଞ୍ଜନ ପଟ୍ଟନାୟକ ଆଦି, ଯଦିଓ ସଂକଳକ ରୂପେ 'ଦୁଇଜଣ କଳା ସ୍ନାତକ' (Two Bachelor of Arts) ବୋଲି ଉଲ୍ଲେଖ ରହିଥିଲା । ମଣ୍ଟେଗୁଙ୍କ ବ୍ୟକ୍ତିଗତ ମତରେ ଓଡିଶାର ବିହାର ପ୍ରଦେଶ ସହିତ ମିଳିତ ହୋଇ ରହିଲେ ଓଡିଶାର ସ୍ଥିତି ବଦଳିବ ନାହିଁ । ମାତ୍ର ରିପୋର୍ଟରେ ସେନେଇ କୌଣସି ଠୋସ ନିର୍ଦ୍ଦେଶ ନ ଥିଲା । ଏହା ଓଡିଶାର ନେତୃବୃନ୍ଦଙ୍କୁ ନିରାଶ କରିଥିଲା । ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ନିମନ୍ତେ ସରକାରଙ୍କ ଉପରେ ଭରସା ଏଣିକି ହ୍ରାସ ପାଇଲା ଏବଂ ଏଥିପାଇଁ ଜନଆନ୍ଦୋଳନକୁ ଅଧିକ ମହତ୍ତ୍ୱ ଦେବାକୁ ଜନମତ ପ୍ରକାଶ ପାଇଥିଲା । ଫଳରେ ଜାତୀୟ କଂଗ୍ରେସ ସହ ଉତ୍କଳ ସମ୍ମିଳନୀକୁ ସମ୍ମିଶିତ କରିବାକୁ ନେତୃବର୍ଗ ଚିନ୍ତା କଲେ ।

୧୯୨୪ରେ ଗଞ୍ଜାମ ଓ ତତ୍‌ସଂଲଗ୍ନ କେତେକ ଓଡିଆ ଭାଷୀ ଅଞ୍ଚଳକୁ ଓଡିଶା ସହିତ ମିଶ୍ରଣ ପ୍ରଶ୍ନକୁ ବିଚାର କରିବା ନିମନ୍ତେ 'ଫିଲପ-ଡଫ୍' ଅନୁସନ୍ଧାନ କମିଟି ଗଠିତ ହେଲା । ସି.ଏଲ. ଫିଲିପ ଏବଂ ଏ.ସି.ଡଫ୍ ନାମକ ଦୁଇଜଣ ଅଭିଜ୍ଞ ସିଭିଲ ସର୍ଭିସ ଅଧିକାରୀ କମିଟିର ସଂଯୋଜନା କଲେ । ଉଭୟେ ପୂର୍ବରୁ ଓଡିଶାରେ କାମ କରିଥିଲେ ଓ ଓଡିଶା ସମସ୍ୟା ସହିତ ଭଲଭାବେ ପରିଚିତ ଥିଲେ । ୧୯୪୨ ଡିସେମ୍ବରରେ କମିଟି ରିପୋର୍ଟ ଦେଲେ । ତହିଁରେ ଗଞ୍ଜାମ ନିବାସୀ ଓଡିଆମାନେ ଓଡିଶାରେ ମିଶିବା ପାଇଁ ଆଗ୍ରହୀ ବୋଲି ଦର୍ଶାଯାଇଥିଲା । ମାତ୍ର ସରକାର ଚାହିଁଲେ ସେଠାକାର ତେଲୁଗୁଭାଷୀଙ୍କ ମତାମତ । ଯଦି ଓଡିଶା ସହିତ ଗଞ୍ଜାମକୁ ସମ୍ମିଶ୍ରିତ କରାଯାଏ, ସେମାନଙ୍କ ସମସ୍ୟା ବୃଦ୍ଧି ପାଇବ ବୋଲି ସରକାର ଚିନ୍ତା କଲେ । ଫଳରେ ଫିଲିପ-ଡଫ୍ କମିଟିର ରିପୋର୍ଟକୁ କାର୍ଯ୍ୟକାରୀ କରାଯାଇପାରିଲା ନାହିଁ ।

୧୯୨୮ ଫେବୃୟାରୀରେ ଶାସନ ସଂସ୍କାର ସମ୍ପର୍କୀୟ ନିଷ୍ପତ୍ତି ନେବା ଲାଗି ସାଇମନ୍ କମିଶନ ଭାରତକୁ ଆସିଲେ । ସାତଜଣ ସଦସ୍ୟ ବିଶିଷ୍ଟ ଏହି କମିଶନର ମୁଖ୍ୟ ଥିଲେ ଜନ ସାଇମନ । ଜାତୀୟତାବାଦୀମାନଙ୍କ ପକ୍ଷରୁ କମିଶନକୁ ବର୍ଜନ କରିବା ଲାଗି ନିଷ୍ପତ୍ତି ହେଲା, କାରଣ ଏଥିରେ କେହି ଭାରତୀୟ ସଭ୍ୟ ନ ଥିଲେ । ମାତ୍ର ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦିଗରେ କମିଶନର ସହଯୋଗ ମିଳିପାରେ ଆଶା କରି ଓଡିଶାର କେତେକ ନେତୃସ୍ଥାନୀୟ ବ୍ୟକ୍ତି କମିଶନଙ୍କୁ ପାଟନା ଯାଇ ସାକ୍ଷାତ କରିଥିଲେ । ଏଥିପାଇଁ ବରିଷ୍ଠ ନେତା ମଧୁସୂଦନ ଦାସଙ୍କ ସହମତି ରହିଥିଲା, ଯଦିଓ, ଅଧିକାଂଶ ପ୍ରାଦେଶିକ୍ ସ୍ତରୀୟ ନେତୃବୃନ୍ଦ କମିଶନର ବର୍ଜନକୁ ସ୍ୱାଗତ କରିଥିଲେ । ସାଇମନ କମିଶନ

ପ୍ରଦେଶ ଗଠନ ପାଇଁ ନିଷ୍ପତ୍ତି ନେଲେ ନାହିଁ । ତା ବଦଳରେ କ୍ଲିମେଣ୍ଟ ଅଟଲୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଲେ, ଯାହା ଓଡିଶା ପ୍ରସଙ୍ଗକୁ ବିଚାର କରିବ। ୧୯୩୦ ରେ ପ୍ରକାଶିତ ସାଇମନ କମିଶନ ରିପୋର୍ଟରେ ବିହାର ଓ ଓଡିଶା ପ୍ରଦେଶର ଗଠନକୁ କୃତ୍ରିମ ଓ ଜାତିଗତ ବୋଲି କୁହାଯାଇଥିଲା । ଭାଷାଗତ ଓ ସାଂସ୍କୃତିକ ଦୃଷ୍ଟିରୁ ପୃଥକ୍ ତିନୋଟି କ୍ଷେତ୍ରକୁ ଗୋଟାଏ ଶାସନ ଅଧୀନରେ ଯୋଡିଦିଆଯାଇଛି ବୋଲି କମିଶନ ଉଲ୍ଲେଖ କରିଥିଲେ । ଏଥିରୁ ସ୍ପଷ୍ଟ ହେଲା ଯେ ଓଡିଶା ଗଠନ ପାଇଁ ସରକାରଙ୍କ ମତ ଥିବା ସତ୍ତ୍ୱେ ସରକାର ଦାବି ସ୍ୱୀକାର କରିବେ ନାହିଁ । କେବଳ ଜାତୀୟତାବାଦୀ ଆନ୍ଦୋଳନକୁ ତୀବ୍ର କରାଗଲେ ସରକାର ଓଡିଶାର ଦାବିକୁ ମାନିନେବେ ବୋଲି ଧାରଣା ଦୃଢ ହେଲା ।

୧୯୨୮ରେ କଲିକତାଠାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେଲା । ମୋତିଲାଲ ନେହେରୁ ଥିଲେ ଅଧିବେଶନର ସଭାପତି । ତାଙ୍କ ବକ୍ତବ୍ୟରେ ଭାଷା ଭିତ୍ତିକ ପ୍ରଦେଶ ଗଠନକୁ ଆବଶ୍ୟକୀୟ ସମର୍ଥନ ନ ଥିଲା ବୋଲି ଅଭିଯୋଗ କରି ଓଡିଶାର ୩୦୦ କଂଗ୍ରେସ ପ୍ରତିନିଧି ଅଧିବେଶନ ବର୍ଜନ କଲେ ଏବଂ ସେଠାକାର ପ୍ରବାସୀ ଓଡିଆମାନଙ୍କୁ ନେଇ ସଭା ଓ ଶୋଭାଯାତ୍ରା କଲେ । ଓଡିଆ ଭାଷା ଆନ୍ଦୋଳନକୁ ଜାତୀୟ କଂଗ୍ରେସ ସହ ୧୯୨୦ ମସିହାରୁ ଯୋଡି ରଖିଥିବା ଗୋପବନ୍ଧୁ ଦାସଙ୍କ ସେହିବର୍ଷ (୧୯୨୮) ଦେହାନ୍ତ ହୋଇଯାଇଥାଏ । ଯୁବନେତା ଗୋପବନ୍ଧୁ ଚୌଧୁରୀଙ୍କୁ ପ୍ରାଦେଶିକ କଂଗ୍ରେସର ସଭାପତି ନିଯୁକ୍ତ କରାଯାଇ ଥାଏ । ଗୋପବନ୍ଧୁ ଚୌଧୁରୀ ମଧ୍ୟ ସ୍ପଷ୍ଟ କଲେ ଯେ ଓଡିଶା ପାଇଁ ଜାତୀୟତାର ପ୍ରଶ୍ନ ଓ ଭାଷା ଅସ୍ମିତାର ପ୍ରଶ୍ନ ଏକା ମାତ୍ରାରେ ମହତ୍ତ୍ୱପୂର୍ଣ୍ଣ । କାହାକୁ ତହିଁରେ ଗୌଣ କରାଯାଇ ନ ପାରେ । ଶେଷରେ ମୋତିଲାଲ ନେହେରୁ କ୍ଷମାପ୍ରାର୍ଥନା କଲାପରେ ପରିସ୍ଥିତି ଶାନ୍ତ ପଡିଲା । ଜାତୀୟ କଂଗ୍ରେସର ନେତୃବର୍ଗ ମଧ୍ୟ ଓଡିଶା ପ୍ରତିନିଧିଙ୍କ ପ୍ରତିକ୍ରିୟାରୁ ବୁଝିପାରିଲେ ଯେ ଭାରତର ଭବିଷ୍ୟତ ଏକ ସଂଘୀୟ ଢାଞ୍ଚାରେ ସୁରକ୍ଷିତ ରହିବ । ଅନ୍ୟଥା ସ୍ୱାଧିନତା ପରେ ଦେଶରେ ଏକତା ରହିବ ନାହିଁ ।

ସମୟକ୍ରମେ ପ୍ରଦେଶ ଗଠନର ଚାପ ସରକାରଙ୍କ ଉପରେ ବଢ଼ି ବଢ଼ି ଚାଲିଲା । ସମାଧାନ ନିମନ୍ତେ ୧୯୩୧ ଏକ ସୀମା କମିଶନର ଗଠନ ହେଲା ।ଏହାର ଚେୟରାମ୍ୟାନ ଥିଲେ ସାର ସାମୁଏଲ ଓ ଡୋନେଲ ଓ ଅନ୍ୟ ଦୁଇଜଣ ସଦସ୍ୟ ଥିଲେ ବମ୍ବେର ଏଚ୍ . ଏମ୍. ମହେଟ୍ଟା, ଆସାମର ତରୁଣ ରାମ ଫୁକନ । ପାରଳାଖେମୁଣ୍ଡିର ରାଜା କୃଷ୍ଣଚନ୍ଦ୍ର ଗଜପତି, ବିହାରର ସଚ୍ଚିଦାନନ୍ଦ ସିହ୍ନା ଓ ଆନ୍ଧ୍ରର ନରସିଂହ ରାଜୁଙ୍କୁ ଯଥାକ୍ରମେ ଓଡିଆ, ହିନ୍ଦୀ ଓ ତେଲୁଗୁ ଭାଷୀ ଲୋକଙ୍କର ପ୍ରତିନିଧିତ୍ୱ କରିବା ପାଇଁ କମିଶନରେ ସହଯୋଗୀ ସଦସ୍ୟ ନିଯୁକ୍ତ କରାଗଲା । ଓଡିଶା ପ୍ରଦେଶିକ କଂଗ୍ରେସ ପକ୍ଷରୁ ହରେକୃଷ୍ଣ ମହତାବ ସହଯୋଗ କେଲ ।

ସିମା କମିଶନ ବିହାର, ଓଡଶା ଓ ଆନ୍ଧ୍ରର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମସ୍ୟାର ଅନୁଧାନ କଲେ । କମିଶନର ସମ୍ମାନାର୍ଥେ ମଧୁସୁଦନ ଦାସ କଟକଠାରେ ଏକ ପାର୍ଟିର ଆୟୋଜନ କରିଥିଲେ । କମିଶନଙ୍କୁ ତଥ୍ୟ ଯୋଗାଣ ପାଇଁ ପାରଳା ରାଜା ବରହମପୁରଠାରେ ଏକ କାର୍ଯ୍ୟାଳୟ ସ୍ଥାପନ କରିଥିଲେ । ୧୯୩୨ ରେ ଓ ଡୋନ୍ନେଲଙ୍କ ରିପୋର୍ଟ ଦାଖଲ ହେଲା ତହିଁରେ ପାରଳାଖେମୁଣ୍ଡିର ଓଡିଶାରେ ମିଶ୍ରଣ ପ୍ରସଙ୍ଗକୁ ସ୍ୱୀକୃତି ନ ଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମଧ୍ୟ ସ୍ପଷ୍ଟ ନିର୍ଦ୍ଦେଶ ନ ଥିଲା । ଏହାର ପ୍ରତିବାଦରେ ଶତାଧିକ ସଂଖ୍ୟାରେ ସ୍ମାରକପତ୍ର

ମାନ ସରକାରଙ୍କ ପଠାଗଲା । ସରକାରୀ ନିର୍ଦ୍ଦେଶନାମାକୁ ଅମାନ୍ୟ କରି ୧୯୩୨ ଅକ୍ଟୋବର ୧୬ ତାରିକ ଦିନ ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଗଲା । ଏହା ଜାତୀୟ ଆନ୍ଦୋଳନର ଆଇନ୍ ଅମାନ୍ୟ ନିଷ୍ପତ୍ତି ସହିତ ତୁଳନୀୟ ଥିଲା ।ଏଥିରୁ ଉଭୟ ଓଡିଆ ଓ ଜାତୀୟତା ଆନ୍ଦୋଳନ ମଧ୍ୟରେ ଥିବା ପରିପୂରକତାକୁ ବୁଝିହୁଏ ।

ଶେଷରେ ୧୯୩୨ ଡିସେମ୍ବର ମାସରେ ଲଣ୍ଡନଠାରେ ଭାରତମନ୍ତ୍ରୀ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେବ ବୋଲି ଘୋଷଣା କଲେ । ଯେହେତୁ ପ୍ରଦେଶର ସୀମାକୁ ନେଇ ବିବାଦ ଉପୁଜିଥିଲା, ପରେ ଏକ ଶ୍ୱେତପତ୍ରରେ ତାହା ( ସୀମା ) ସୁସ୍ପଷ୍ଟ ହେବ ବୋଲି କୁହଗଲା । ଓଡିଶା ପ୍ରଦେଶରେ ସମସ୍ତ ଓଡିଆ ଭାଷାଭାଷୀ ଅଞ୍ଚଳ ଅନ୍ତର୍ଭୁକ୍ତ ହେବା କଥା । ଅନ୍ୟଥା ସ୍ୱତନ୍ତ୍ର ପ୍ରଦେଶର ଉଦେଶ୍ୟ ପୂରଣ ହେବ ନାହିଁ ବୋଲି କଟକଠାରେ ଅନୁଷ୍ଠିତ ବୌଦ୍ଧିକ ଗୋଷ୍ଠୀର ନେତୃସମ୍ମିଳନୀ ରେ ମତ ପ୍ରକାଶ ପାଇଲା । ସମ୍ମିଳନୀରେ ଅନେକ ଗଡଜାତ ରାଜାଙ୍କ ସହ ଓଡିଶା ଆନ୍ଦୋଳନର ପ୍ରମୁଖ ନାୟକ ମଧୁସୂଦନ ଦାସ ମଧ ବକ୍ତବ୍ୟ ରଖିଥିଲେ । ୧୯୩୪ ଫେବୃୟାରୀ ମାସରେ ଦେହତ୍ୟାଗ କରିବା ପୂର୍ବରୁ ମଧୁସୂଦନଙ୍କ ଏହା ଥିଲା ସମ୍ଭବତଃ ଅନ୍ତିମ ଜନ ସମ୍ବୋଧନ । ଏହି ସମୟରେ ଜାତୀୟ କଂଗ୍ରେସକୁ ଆଇନ୍ ଅମାନ୍ୟ ଆନ୍ଦୋଳନ ଯୋଗୁଁ ବେଆଇନ୍ ଘୋଷଣା କରାଯାଇଥିଲା ଏବଂ ତା ର ନେତୃବୃନ୍ଦଙ୍କୁ ଗିରଫ କରାଯାଇଥିଲା । ରାଜା- ଜମିଦାର ମାନେ ଓଡିଶା ଆନ୍ଦୋଳନକୁ ନେତୃତ୍ୱ ଦେଇଥିଲେ । ଅବଶୋଷର କଥା ଯେ ସେମାନଙ୍କ ମତକୁ ଭୃକ୍ଷେପ ନ କରି ଶ୍ୱେତପତ୍ରରେ ପ୍ରସ୍ତାବିତ ପ୍ରଦେଶର ସୀମାକୁ ଆଶାତୀତ ଭାବେ ସାନ କରିଦିଆଗଲା । ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ ଓ ଗୋଦାବରୀଶ ମିଶ୍ର ଆଦି କଂଗ୍ରେସ ନେତୃବୃନ୍ଦ ଏହାର ତୀବ୍ର ପ୍ରତିବାଦ କଲେ । ଜୟପୁର ଏବଂ ପାରଳ ରାଜା- ମଧ ସେମାନଙ୍କ ରାଜ୍ୟକୁ ନିଶ୍ଚିତ ରୂପେ ପ୍ରସ୍ତାବିତ ପ୍ରଦେଶରେ ସାମିଲ କରାଯାଉ ବୋଲି ଦାବିପତ୍ର ଦେଲେ । ପରିଶେଷରେ ୧୯୩୪ ନଭେମ୍ବର ମାସରେ ଯୁଗ୍ମ ସଂସଦୀୟ କମିଟି (Joint Parliamentary Committee) ବରହମପୁର, ଜୟପୁର, ପାରଳାଖେମୁଣ୍ଡି ଏବଂ ତତ୍ସଂଲଗ୍ନ କିଛି ଅଞ୍ଚଳକୁ ମଧ ପ୍ରସ୍ତାବିତ ପ୍ରଦେଶରେ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ରଖିଲେ । ହାଉସ୍ ଅଫ୍ କମନ୍ସ ରେ ତାହା ଗୃହିତ ହେବାପରେ ୧୯୩୬ ମାର୍ଚ୍ଚ ୩ ତାରିଖରେ ବ୍ରିଟିଶ ପାର୍ଲାମେଣ୍ଟରେ କନଷ୍ଟିଚ୍ୟୁସନ୍ ଅଫ୍ ଓଡିଶା ଅର୍ଡର ବିଲ୍ – ୧୯୩୬ (Constitution of Orissa Bill,1936) ପାସ ହେଲା ଏବଂ ତା ଅନୁଯାୟୀ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠିତ ହେଲା ।

## ସାରାଂଶ

ଉନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଓଡିଶାରେ ଜାତୀୟ ଚେତନାର ଉନ୍ମେଷ ଘଟିଲା । ଏହାର ଏକ ବୈଶିଷ୍ଟ୍ୟ ଥିଲା ଭାଷା- ଅସ୍ମିତାର ଆନ୍ଦୋଳନ । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ଏହାର ନେତୃତ୍ୱ ନେଇଥିଲେ । ଆନ୍ଦୋଳନ ପ୍ରଥମେ ସମସ୍ତ ଓଡିଶା ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରିବା ପାଇଁ ପ୍ରୟାସ କଲା , କାରଣ ଭୌଗୋଳିକ ଓ ପ୍ରାକୃତିକ ଦୃଷ୍ଟିରୁ ଏକତ୍ର ହେବା ସତ୍ତ୍ୱେ ତାହା ରାଜନୈତିକ ଦୃଷ୍ଟିରୁ ବହୁ ବିଭକ୍ତ ହୋଇ ରହିଥିଲା । ଭାଷା ଅସ୍ମିତାର ଆନ୍ଦୋଳନ ସମୟକ୍ରମେ ୧୯୦୩ର ଉତ୍କଳ ସମ୍ମିଳନୀ ରୂପରେ ସୁଦୃଢ ହେଲା । ଏହା ଜାତୀୟ କଂଗ୍ରେସଠାରୁ ପୃଥକ୍ ହେବା ସତ୍ତ୍ୱେ, ତାର ସ୍ୱାର୍ଥର ପରିପନ୍ଥୀ ନ ଥିଲା । ବରଂ ଓଡିଶାର ପୃଷ୍ଠଭୂମିରେ ଉଭୟ ଭାଷା ଭିତ୍ତିକ ଓଡିଆ ଆନ୍ଦୋଳନ ଏବଂ ଉପନିବେଶବାଦ ବିରୋଧୀ ସ୍ୱାଧୀନତା ଆନ୍ଦୋଳନ ପରସ୍ପରର ପରିପୂରକ ସିଦ୍ଧ ହୋଇଥିଲେ । ଏହି କାରଣରୁ ୧୯୨୦ ରେ ଉତ୍କଳ ସମ୍ମିଳନୀର ଚକ୍ରଧରପୁର ସମ୍ମିଳନୀରେ ଜାତୀୟ କଂଗ୍ରେସରେ ସମ୍ମିଶ୍ରିତ ହେଲା ଏବଂ ଭାଷା

ଭିତ୍ତିରେ ପ୍ରାଦେଶିକ ଶାଖା ଗଠନକୁ ଜାତୀୟ କଂଗ୍ରେସେ ସ୍ୱୀକୃତି ଦେଲେ । ୧୯୨୦ରୁ ୧୯୩୬ ମଧ୍ୟରେ ଓଡ଼ିଶା ଆନ୍ଦୋଳନ କଂଗ୍ରେସର ନେତୃବୃନ୍ଦଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ (୧୯୩୬) ମଧ୍ୟ ଏହି ସମୟାବଧିରେ ସଂଘଟିତ ହୋଇଥିଲା । ୧୯୩୨ରେ ଯେତେବେଳେ କଂଗ୍ରେସକୁ ସରକାର ବେଆଇନ୍ ଘୋଷଣା କଲେ ଓ ଦଳର ନେତୃବୃନ୍ଦଙ୍କୁ ଗିରଫ କରି ରଖିଲେ, ସେତେବେଳେ ଭାଷା ଆନ୍ଦୋଳନର ନେତୃତ୍ୱ ରାଜା-ଜମିଦାର ଏବଂ ଉଦାରବାଦୀମାନଙ୍କ ହାତରେ ରହିଲା । ଏହା ଆନ୍ଦୋଳନର ଉଗ୍ରତାକୁ ହ୍ରାସ କଲା ଏବଂ କେତେକ ଓଡ଼ିଆ ଭାଷୀ କ୍ଷେତ୍ରକୁ ବାଦଦେଇ ଓଡ଼ିଶା ପ୍ରଦେଶ ଗଠିତ ହେଲା ।ଭାଷା ଭିତ୍ତିରେ ୧୯୩୬ ରେ ଓଡ଼ିଶାର ଗଠନ ଦେଶକୁ ସ୍ୱାଧୀନତା ପରେ ଏକ ସଂଘୀୟ ରାଷ୍ଟ୍ର (Federal State) ରୂପେ ବିକଶିତ ହେବା ପାଇଁ ବାଟେ ଦେଖାଇଲା । ସଂଘୀୟ ଦୃଷ୍ଟି ଦେଲା ଅଧୁନିକ ଭାରତର ଏକ ପ୍ରମୁଖ ବୈଶିଷ୍ୟ ଏବଂ ପ୍ରଧାନ ଶକ୍ତି । ଏହା ଅଞ୍ଚଳିକତା ଓ ମହାଜାତୀୟତା ମଧ୍ୟରେ ପରିପୂରକତା ଦେଖେ । ଭାରତରେ 'ବିବିଧତାରେ ଏକତା' ବିଚାରକୁ ଦୃଢବଳ କରିଥାଏ । ସେହି କାରଣରୁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଇତିହାସ ସମକାଳୀନ ସମୟରେ ଖୁବ ପ୍ରାସଙ୍ଗିକ ସିଦ୍ଧ ହୋଇଥାଏ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛି ଲେଖ ।**

କ) ଓଡ଼ିଶା ସମ୍ବଲପୁର ଊନବିଂଶ ଶତାବ୍ଦୀରେ ନିମ୍ନୋକ୍ତ କୋଉଁ ପେସିଡେନ୍ସି ବା ପ୍ରଦେଶରେ ରହିଥିଲା ।

(i) ବେଙ୍ଗଲ (ii) ମାଡ୍ରାସ (iii) କେନ୍ଦ୍ରପ୍ରଦେଶ (iv) ଛତିଶଗଡ

(ଖ) ଓଡ଼ିଶାର ନିମ୍ନୋକ୍ତ କେଉଁ ଅଞ୍ଚଳ ମାଡ୍ରାସ ପ୍ରେସିଡେନ୍ସିରେ ୧୯୩୬ ପୂର୍ବରୁ ମିଶି ରହିଥିଲା ?

(i) ସମ୍ବଲପୁର (ii) ଗଞ୍ଜାମ

(iii) କଟକ (iv) ସିଂହଭୂମି

(ଗ) ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଓଡ଼ିଶା ଅଧିକାର କଲାବେଳକୁ ନିମ୍ନୋକ୍ତ କେଉଁ ଶାସକମାନେ ଓଡ଼ିଶାରେ ଶାସନ କରୁଥିଲେ ?

(i) ମୋଗଲ (ii) ସୂର୍ଯ୍ୟବଂଶୀ ଗଜପତି

(iii) ମରାଠା (iv) ଆଫଗାନ୍

(ଘ) ୧୮ରେ ଓଡ଼ିଶାର କେଉଁ ଅଞ୍ଚଳ ଇଂରେଜ କର୍ତ୍ତୃତ୍ୱଧୀନ ହେଲା ?

(i) ସମ୍ବଲପୁର (ii) ଗଞ୍ଜାମ

(iii) କଟକ (iv) ଉତ୍ତର ସରକାର

(ଙ) ଓଡ଼ିଶାରେ କେଉଁ ମସିହାରେ ପ୍ରଥମେ କଲେଜ ସ୍ଥାପିତ ହେଲା ?

(i) ୧୮୬୫ (ii) ୧୮୬୮

(iii) ୧୯୨୦ (iv) ୧୬୪୪

## 'ଖ' ବିଭାଗ

୨। ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

(କ) ଓଡିଶାରେ ନଅଙ୍କ ଦୁର୍ଭିକ୍ଷ ଓ ଜାତୀୟତାର ଉନ୍ମେଷ ମଧ୍ୟରେ ଥିବା ସମ୍ପର୍କକୁ ଉଲ୍ଲେଖ କର ।

(ଖ) ଊନବିଂଶ ଶତାବ୍ଦୀରେ ଓଡିଶାରେ ଆଧୁନିକ ଶିକ୍ଷାର ସ୍ଥିତି ସମ୍ବନ୍ଧରେ ଲେଖ ।

(ଗ) ଓଡିଶା ଆନ୍ଦୋଳନ ବୋଇଲେ କ'ଣ ବୁଝ ?

(ଘ) ଜାତୀୟତାର ଉନ୍ମେଷ ସହିତ ପତ୍ରପତ୍ରିକାରେ କ'ଣ ସମ୍ବନ୍ଧ ରହିଥିଲା ?

(ଙ) କେଉଁ ଆଧାରରେ ଗଙ୍ଗାଧର ମେହେର ରଚିତ 'ତପସ୍ୱିନୀ' କାବ୍ୟରେ ଆଧୁନିକ ବିଚାର ରହିଥିଲା ବୋଲି କୁହାଯାଏ ?

(ଚ) 'ଉତ୍କଳ ସମ୍ମିଳନୀ'ର ସ୍ଥାପନା ପଛରେ କ'ଣ ଉଦ୍ଦେଶ୍ୟ ରହିଥିଲା ?

(ଛ) ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଗଠନ ସହିତ ଓଡିଆ ଆନ୍ଦୋଳନ କେଉଁଭଳି ଭାବେ ସଂଯୋଜିତ ?

(ଜ) ବିହାର ଓ ଓଡିଶା ପ୍ରଦେଶ ଗଠନ ଓ ତହିଁରେ ଓଡିଶାର ମିଶ୍ରଣକୁ କେଉଁ ଆଧାରରେ ଓଡିଶାର ବୌଦ୍ଧିକ ବର୍ଗ ପସନ୍ଦ କରୁ ନଥିଲେ ?

(ଝ) 'ଫିଲିପ୍-ଡଫ୍' ଅନୁସନ୍ଧାନ କମିଟି ଗଠନ କେବେ ଓ କାହିଁକି ହୋଇଥିଲା ?

(ଞ) ୧୯୨୮ର କଲିକତା କଂଗ୍ରେସରେ ଓଡିଶାର ପ୍ରତିନିଧିମାନେ କାହିଁକି ଅସନ୍ତୁଷ୍ଟ ହୋଇଥିଲେ ?

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ ।
(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ନମ୍ବର)

(କ) ଓଡିଶାରେ ବଙ୍ଗଳା ଭାଷାର ପ୍ରାଧାନ୍ୟ କାହିଁକି ବଢ଼ିଲା ?

(ଖ) ସମ୍ବଲପୁରରେ ହୋଇଥିବା ଭାଷା ଆନ୍ଦୋଳନ ଉପରେ ଆଲୋକପାତ କର ।

(ଗ) ଗଞ୍ଜାମାରେ ହୋଇଥିବା ଭାଷା ଆନ୍ଦୋଳନ ସମ୍ପର୍କରେ ଉଲ୍ଲେଖ କର ।

(ଘ) ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ କୃଷ୍ଣଚନ୍ଦ୍ର ଗଜପତିଙ୍କର ଭୂମିକା କ'ଣ ଥିଲା ?

(ଙ) ବିହାର-ଓଡିଶା ପ୍ରଦେଶ ଗଠନ ସମ୍ପର୍କରେ ଆଲୋଚନା କର ।

## 'ଗ' ବିଭାଗ (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୪। ଓଡିଶାରେ ଜାତୀୟ ଚେତନାର ଉନ୍ମେଷର ପୃଷ୍ଠଭୂମିକୁ ବିଶ୍ଳେଷଣ କର ।

୫। ଓଡିଆ ଆନ୍ଦୋଳନ ଓ ଜାତୀୟ କଂଗ୍ରେସ ଆନ୍ଦୋଳନ ମଧ୍ୟରେ ଥିବା ସମ୍ବନ୍ଧକୁ ବିଶ୍ଳେଷଣ କର ।

## ଷୋଡ଼ଶ ଅଧ୍ୟାୟ

# ଆଧୁନିକ ଓଡିଶା:ବ୍ୟକ୍ତି ଓ ବିଚାର

# Modern Odisha: Individuals and Ideas

| | | |
|---|---|---|
| କ) ମଧୁସୁଦନ ଦାସ | ଖ) ଗୋପବନ୍ଧୁ ଦାସ | ଗ) କୃଷ୍ଣଚନ୍ଦ୍ର ଗଜପତି |
| ଘ) ସରଳା ଦେବୀ | ଙ) ରମାଦେବୀ | ଚ) ମାଳତୀ ଦେବୀ |

ଉନବିଂଶ ଓ ବିଂଶ ଶତାବ୍ଦୀରେ ଆଧୁନିକ ଓଡିଆଶିକ୍ଷିତ ବର୍ଗର ଉଦୟ ହେଲା । ସଂଖ୍ୟା ଦୃଷ୍ଟିରୁ ଏହି ବର୍ଗ ଖୁବ୍ ଛୋଟ ଥିଲା । କିନ୍ତୁ ବିଶ୍ୱସ୍ତରରେ ଉନ୍ମେଷଲାଭ କରୁଥିବା ମଧ୍ୟବର୍ଗ ସହ ବୌଦ୍ଧିକ ସ୍ତରରେ ସମ୍ପର୍କିତ ଥିବାରୁ ଏହା ଯଥେଷ୍ଟ ପ୍ରଭାବଶାଳୀ ଥିଲା । ସମୟକ୍ରମେ ସମାଜର ରାଜନୀତିକ ନେତୃତ୍ୱ ଏହି ଶିକ୍ଷିତ ବର୍ଗ ପାଖକୁ ଚାଲିଆସିଲା । ସାହିତ୍ୟ, ସଂସ୍କୃତି, ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ମଧ୍ୟ ମଧ୍ୟବର୍ଗର ଲୋକେ ମର୍ଯ୍ୟାଦା ହାସଲ କଲେ । ସେମାନଙ୍କୁ ମଧ୍ୟବର୍ଗ ବୋଲି କହିବା ପଛରେ କାରଣ ହେଲା ଯେ ସେମାନେ ପାରମ୍ପରିକ ଅଭିଜାତ ବର୍ଗ ଏବଂ ଅତି ସାଧାରଣ ଲୋକଙ୍କଠାରୁ ଭିନ୍ନ ଥିଲେ । ରାଜା- ରାଜୁଡା ପରି କୁଳବେଉଷା ରୂପେ ରଜନୀତି ଓ କ୍ଷମାତର ଅଧିକାରୀ ନ ଥିଲେ । । ପୁଣି, ସାଧାରଣ ପ୍ରଜାଙ୍କ ଭଳି ଅସମ୍ପନ୍ନ ନ ଥିଲେ । ୟୁରେପରେ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରୁ ନବଜାଗରଣର ଆରମ୍ଭ ହେଲା, ତତ୍‌ପରେ ପରେ ବୌଦ୍ଧିକ ଓ ସାମାଜିକ ବିପ୍ଳବ , ବିଜ୍ଞାନ କ୍ରାନ୍ତି, ବାଣିଜ୍ୟ କ୍ରାନ୍ତି ତଥା ଶିଳ୍ପବିପ୍ଳବ ଆଦି ସଂଘଟିତ ହେଲା ଏବଂ ତାର ଏକ ସମାଜିକ ଉପଜ ରୂପେ ଆଧୁନିକ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ବିକଶିତ ହେଲା ।ଭାରତ ଓ ବିଶେଷକରି ଓଡିଶା ସ୍ତରରେ ମଧ୍ୟ ସ୍ତରରେ ଶିଳ୍ପ ବିପ୍ଳବ ଆଦି ପ୍ରଭୃତ ରୂପେ ଅନୁଭୂତ ନ ହେବା ସତ୍ତ୍ୱେ ଏହି ବର୍ଗର ବିକାଶ ଦେଖିବାକୁ ମିଳିଲା । ଆଧୁନିକ ଓଡିଶାର ଜନକ ଭାବେ ଶିକ୍ଷିତ ବୁଦ୍ଧିଜୀବୀ ବର୍ଗ ରାଜ୍ୟର ରାଜନୀତି ଓ ଜନଜୀବନକୁ ଦିଶା ନିର୍ଦ୍ଦେଶ ପ୍ରଦାନ କଲେ । ସେମାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗଠନ ହେଲା, ଓଡିଶା ଜାତୀୟ ରାଜନୀତିରେ ସହବନ୍ଧିତ ହେଲା, ଓଡିଶାର ଭାଷା ଓ ସାହିତ୍ୟ ନୂଆ ଗତି ଓ ରୂପ ପାଇଲା ତଥା ସର୍ବୋପରି ନୂଆ ସାମାଜିକ ବିଚାରର ବିକାଶ ଘଟିଲା । ଶିକ୍ଷିତ ବୁଦ୍ଧିଜୀବୀ ବର୍ଗକୁ ବାଦଦେଇ ଆଧୁନିକ ଓଡିଶାର ଚିତ୍ରକୁ ପରିଭାଷିତ କରିହେବ ନାହିଁ । ଏହି ଅଧ୍ୟାୟରେ ଆଧୁନିକ ଓଡିଶାର କେତେଜଣ ଶିକ୍ଷିତ ବୁଦ୍ଧିଜୀବୀ ତଥା ପ୍ରମୁଖ ବ୍ୟକ୍ତିତ୍ୱଙ୍କ ବ୍ୟକ୍ତିତ୍ୱ, ବିଚାର ଓ ସାମାଜିକ ଯୋଗଦାନ ସମ୍ପର୍କରେ ଚର୍ଚ୍ଚା କରାଯାଇଛି । ସେମାନେ ହେଲେ ମଧୁସୂଦନ ଦାସ (୧୮୪୮-୧୯୩୪) ,ଗୋପବନ୍ଧୁ ଦାସ ୧୮୭୭-୧୯୨୮), କୃଷ୍ଣଚନ୍ଦ୍ର ଗଜପତି (୧୮୯୨-୧୯୭୪), ସାରଳାଦେବୀ (୧୯୦୪-୧୯୮୬), ରମାଦେବୀ (୧୮୯୯-୧୯୮୫) ଏବଂ ମାଳତୀ ଦେବୀ (୧୯୦୪-୧୯୯୮) ।

ୟୁରୋପରୁ ନେଇ ଓଡିଶା ଯାଏ ସବୁଠାରେ ଆଧୁନିକତାକୁ ନବଜାଗରଣ ଓ ହେତୁବାଦ ସହ ଯୋଡି ଦେଖାଯାଇଛି । ସବୁଠାରେ ବ୍ୟକ୍ତିବାଦକୁ ଆଧୁନିକତାର ପୃଷ୍ଠଭୂମିରେ ଚିହ୍ନିତ କରାଯାଇଛି । ବ୍ୟକ୍ତିବାଦର ଅର୍ଥ ବ୍ୟକ୍ତିକୁ ସମାଜ କେନ୍ଦ୍ରରେ ରଖି ବିଚାର ଗଢିବା, ବ୍ୟକ୍ତିର ସାମର୍ଥ୍ୟରେ ଆସ୍ଥା ରଖିବା ତଥା ସଭ୍ୟତା ଓ ସଂସ୍କୃତିର ବିକାଶରେ ବ୍ୟକ୍ତିର ଯୋଗଦାନକୁ ଯଥୋଚିତ ମହତ୍ତ୍ୱ ଦେବା । ଏହା ବ୍ୟକ୍ତିକେନ୍ଦ୍ରିକତା ନୁହେଁ । ବ୍ୟକ୍ତି କେନ୍ଦ୍ରିକତା ଜଣେ ନିର୍ଦ୍ଦିଷ୍ଟ

ବ୍ୟକ୍ତିଙ୍କୁ ବା ଅଳ୍ପ କେତେକ ବ୍ୟକ୍ତିଙ୍କୁ ଅବଶିଷ୍ଟ ବ୍ୟକ୍ତି ସମୂହ ତୁଳନାରେ ଅଧିକ ସାମର୍ଥ୍ୟବାନ ଓ ଅଧିକ ଶକ୍ତିସମ୍ପନ୍ନ ମନେକରେ । ଦ୍ୱିତିୟତଃ, ବ୍ୟକ୍ତି ହେଲା ଏକ ସମାଜିକ ପ୍ରକ୍ରିୟାର ଉପଜ ;ସମାଜ ଓ ସମୟଠାରୁ ବିଚ୍ୟୁତ କରି ତାଙ୍କୁ ବା ତାର ସାମାଜିକ ଯୋଗଦାନକୁ ଦେଖିବା ହେବ ଅଯୌକ୍ତିକତା । ଅର୍ଥାତ୍ କେତେଜଣ ବ୍ୟକ୍ତିଙ୍କ ସମାଜିକ ଯୋଗଦାନକୁ ନେଇ ଚର୍ଚ୍ଚା କରିବା ଅର୍ଥ ନୁହେଁ ଅନ୍ୟମାନଙ୍କର ଯୋଗଦାନକୁ ଗୌଣ ମନେକରିବା । ବରଂ ଏହାର ଅର୍ଥ ହେବ କେତେକ ଉଦାହରଣ ମାଧମରେ ବ୍ୟକ୍ତିବାଦ ପ୍ରଶ୍ନକୁ ବ୍ୟାଖ୍ୟା କରିବା । ଚର୍ଚ୍ଚିତ ବ୍ୟକ୍ତିମାନଙ୍କୁ ପ୍ରତିନିଧିସ୍ତରୀୟ ମନେକରି ସାମାଜିକ ଇତିହାସର ଅନୁଶୀଳନ କରିବା ।

**ମଧୁସୂଦନ ଦାସ (୧୮୪୮-୧୯୩୪)**

ମଧୁସୂଦନ ଦାସ ଥିଲେ ଆଧୁନିକ ଓଡିଶାର ଅନ୍ୟତମ ପ୍ରମୁଖ ଜନନାୟକ । ସେ 'ମଧୁବାବୁ', 'ମି.ଦାସ', 'ଉତ୍କଳ ଗୌରବ', 'ଦେଶପ୍ରାଣ' ତଥା 'କୁଳବୃଦ୍ଧ' ନାମରେ ପରିଚିତ । କେବଳ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ନୁହେଁ, ଆଧୁନିକ ଓଡିଶାର ସମାଜ ଓ ସଂସ୍କୃତିର ନିର୍ମାଣରେ ମଧୁବାବୁଙ୍କ ଭୂମିକା ଥିଲା ଖୁବ୍ ମହତ୍ତ୍ୱପୂର୍ଣ୍ଣ ।

ମଧୁବାବୁଙ୍କ ଜନ୍ମ କଟକ ଜିଲ୍ଲା ସାଲେପୁର ନିକଟସ୍ଥ ସତ୍ୟଭାମାପୁରରେ; ୧୮୪୮ ମସିହା ଏପ୍ରିଲ ୨୮ ତରିଖରେ । ପିତା ରଘୁନାଥ ଦାସ ଏବଂ ମାତା ପାର୍ବତୀ ଦେବୀ । ଜମିଦାର ପରିବାର ଖୁବ୍ ଧନାଢ୍ୟ ନ ହେଲେ ବି ସମ୍ପନ୍ନ ସ୍ତରୀୟ । ଗାଁରେ ପ୍ରାରମ୍ଭିକ ପାଠ ସାରି ସେ ହାଇସ୍କୁଲ ଶିକ୍ଷା ପାଇଁ କଟକରେ ଅବସ୍ଥାନ କଲେ । କଟକରେ ନିଜ ଗ୍ରାମୀଣ ପୋଷାକ ପରିଚ୍ଛଦ ପାଇଁ ସେ ବଙ୍ଗାଳୀ ସହାପାଠୀମାନଙ୍କ ଉପହାସର ପାତ୍ର ହେଉଥିଲେ, ଯାହା ତାଙ୍କୁ ପରବର୍ତ୍ତୀ ସମୟରେ ଓଡିଆ ଅସ୍ମିତା ପାଇଁ ଆନ୍ଦୋଳନ କରିବାକୁ ପ୍ରବର୍ତ୍ତାଇଥିଲା । ୧୮୬୪ରେ ସେ କଟକରୁ ଏନଟ୍ରାନ୍ସ ପାସ କଲାପରେ ଦୁଇବର୍ଷ ବାଲେଶ୍ୱରର ଶିକ୍ଷାକତା କରିଥିଲେ । ୧୮୬୬ରେ ସେ ଉଚ୍ଚଶିକ୍ଷା ପାଇଁ କଲିକତା ଗଲେ ଏବଂ ସେଠାରେ ବି.ଏ., ଏମ.ଏ ଓ ଅଇନ୍ ଡିଗ୍ରୀ ହାସଲ କରିଥିଲେ । ଓଡଆ ବୋଲି କଲିକତାରେ ମଧ ତାଙ୍କୁ ଅନେକ ବ୍ୟଙ୍ଗ ବିଦ୍ରୁପର ସମ୍ମୁଖୀନ ହେବାକୁ ପଡିଥିଲା । ସମସ୍ୟାଟିକୁ ସେ ବ୍ୟକ୍ତିଗତ ସ୍ତରରେ ସୀମିତ ନ ରଖି ଓଡିଆ ଜାତିର ପ୍ରଶ୍ନ ସହ ସଂଯୋଜିତ କରିବାକୁ ଆନ୍ଦୋଳନ କଲେ । ସେ ବୁଝିଥିଲେ ଯେ, ସାମାଜିକ ଅସ୍ମିତା ବା ପରିଚୟ ବିନା କଦାପି ବ୍ୟକ୍ତିଗତ ସମ୍ମାନ ମିଳି ନ ପାରେ । ଏହା ତାଙ୍କୁ ଓଡିଶାର ଅସ୍ମିତା ଆନ୍ଦୋଳନା ଆଡକୁ ଟାଣିନେଲା । ଦୀର୍ଘ ୧୫ ବର୍ଷର କଲିକତା ରହଣି ପରେ ୧୮୮୧ ରେ ଓଡିଶାକୁ ଫେରି ଆସି ସାମାଜିକ ଓ ରାଜନୈତିକ ଜୀବନରେ ପ୍ରତ୍ୟକ୍ଷ ଭାବରେ ସକ୍ରିୟ ହେଲେ ।

ମଧୁବାବୁ ବୁଝିଥିଲେ ଯେ ଓଡିଶା ହେଲା ଭରତର ଏକ ଅଭିନ୍ନଅଙ୍ଗ । ମାତ୍ର ଅନ୍ୟ ପ୍ରଦେଶ, ବିଶେଷକରି ପଡୋଶୀ ବଙ୍ଗ ତୁଳନାରେ ଏହା ଅନଗ୍ରସର । ତେଣୁ ଓଡିଶାର ବିକାଶକୁ ପ୍ରାଥମିକତା ଦେବାକୁ ପଡିବ । ଅନ୍ୟଥା ଓଡିଶାର ଅନଗ୍ରସରତା ଦେଶର ସାମଗ୍ରିକ ପ୍ରଗତି ଆଗରେ ଏକ ବଡ ପ୍ରତିବନ୍ଧକ ସାବ୍ୟସ୍ତ ହେବ । ସେ କଟକରେ 'ଉତ୍କଳ ସଭା' ପ୍ରତିଷ୍ଠା କରିଥିଲେ । ବିଭିନ୍ନ ସମାଜିକ ତଥା ରାଜନୈତିକ ପ୍ରସଙ୍ଗର ଆଲୋଚନା ନିମନ୍ତେ ଏହା ଏକ ସମାବେଷୀ ମଞ୍ଚ ହୋଇପାରିଥିଲା । ୧୯୦୩ରେ 'ଉତ୍କଳ ସମ୍ମିଳନୀ' ର ସ୍ଥାପନା ତାଙ୍କର ଅନ୍ୟ ଏକ ବିଶିଷ୍ଟ କାର୍ଯ୍ୟ, ଯାହା ଓଡିଶା ଭାଷା ଅସ୍ମିତାର ଅନ୍ଦୋଳନକୁ ଠୋସ ସ୍ୱରୁପ ପ୍ରଦାନ କଲା । ପ୍ରତିବର୍ଷ 'ଉତ୍କଳ ସମ୍ମିଳନୀ' ର ବାର୍ଷିକ ଅଧିବେଶନ ଆୟୋଜିତ କରି ତହିଁରେ ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ , କୃଷି, ଶିଳ୍ପ, ବିଜ୍ଞାନ ଓ କାରିଗରୀର

ବିକାଶ ପାଇଁ ଉଦ୍ୟମ କରାଗଲା । ୧୯୩୪ ରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମଧୁବାବୁ ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡିଶା ଗଠନ ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ । ସେ ଓଡିଶା ପ୍ରସଙ୍ଗକୁ ବ୍ୟବସ୍ଥାପକ ସଭାର ସଭ୍ୟ ଭାବରେ ଅନେକଥର ଉତ୍ଥାପନ କରିଥିଲେ ।

ମଧୁବାବୁଙ୍କ ସମାଜିକ କାର୍ଯ୍ୟ କେବଳ 'ଉତ୍କଳ ସମ୍ମିଳନୀ' ରେ ସୀମିତ ନ ଥିଲା । ୧୮୯୭ ଏବଂ ୧୯୦୭ ରେ ସେ ଦୁଇଥର ଇଂଲଣ୍ଡ ଯାଇଥିଲେ । ସେଠାରେ ଓଡିଶା ପ୍ରସଙ୍ଗରେ ଆଲୋଚନା କରିବା ନିମିତ୍ତ ଅନେକ ବୌଦ୍ଧିକ ଚର୍ଚ୍ଚାର ଆୟୋଜନ କରିଥିଲେ । ବିଦେଶରେ ଓଡିଶା ଜାତିକୁ ଗୌରବମଣ୍ଡିତ କରିଥିଲେ ବୋଲି ତାଙ୍କୁ 'ଉତ୍କଳ ଦୀପିକା' ପତ୍ରିକା ପକ୍ଷରୁ 'ଉତ୍କଳ ଗୌରବ' ଉପାଧି ପ୍ରଦାନ କରାଯାଇଥିଲା । କୁଟୀର ଶିଳ୍ପର ବିକାଶ ପାଇଁ ସେ ୧୮୮୭ ରେ 'ଓଡିଶା ଆର୍ଟୱେର ଏଣ୍ଡ ଆର୍ଟ ସ୍କୁଲ' ସ୍ଥାପନ କରିଥିଲେ । ୧୯୦୪ରେ ସେ ସ୍ୱଦେଶୀ ଚମଡା ଉଦ୍ୟୋଗର ବିକାଶ ଲାଗି ତଥା ଚମଡା କାରିଗରଙ୍କୁ ସମ୍ମାନ ଦେବା ଲାଗି 'ଉତ୍କଳ ଟ୍ୟାନେରୀ' ପ୍ରତିଷ୍ଠା କରିଥିଲେ । ୧୯୦୩-୦୪ରେ ତାଙ୍କରି ଉଦ୍ୟମରେ କଟକଠାରେ ଏକ ଅଧୁନିକ ଗଙ୍ଗମଞ୍ଚ ମଧ ଆରମ୍ଭ ହୋଇଥିଲା । ମଧୁସୂଦନ ନିଜେ ପତ୍ରିକା ପ୍ରକାଶନ କରି ନ ଥିଲେ, କିନ୍ତୁ 'ଦି ଓରିଆ', 'ଉତ୍କଳ ଦୀପିକା' ଏବଂ 'ଷ୍ଟାର ଅଫ ଉତ୍କଳ' ରେ ବିଭିନ୍ନ ସାମ୍ପ୍ରତିକ ପ୍ରସଙ୍ଗରେ ନିୟମିତ ଲେଖାମାନ ଲେଖୁଥିଲେ । ଅଧିକାଂଶ ଲେଖା ତାଙ୍କର ଇଂରାଜୀରେ; ଉଦ୍ଦେଶ୍ୟ ଥିଲା ବାହାର ପାଠକଙ୍କୁ ଓଡିଶାର ପ୍ରସଙ୍ଗଗୁଡିକ ସହିତ ପରିଚିତ କରିବା । ଓଡିଆରେ ମଧ ସେ ସ୍ୱଚ୍ଛନ୍ଦରେ କବିତା ଓ ପ୍ରବନ୍ଧମାନ ଲେଖୁଥିଲେ । ଜଣେ ଜାତୀୟବାଦୀ କବି ଭାବରେ ସେ ଲେଖିଥିବା ଅନେକ ଓଡିଆ କବିତା ଲୋକୋକ୍ତିରେ ଆଜିସୁଦ୍ଧା ରହିଆସିଛି । ଏହା ମଧୁବାବୁଙ୍କ ଲୋକସ୍ୱୀକୃତିକୁ ଦର୍ଶାଏ ।

ମଧୁସୂଦନ ଓଡିଶାର ପ୍ରାଦେଶିକ ବିକାଶକୁ ପ୍ରାଥମିକତା ଦେଉଥିଲେ । ସାଙ୍ଗରେ ମହାଭାରତୀୟତା ପ୍ରଶ୍ନକୁ ବି କେବେ ସେ ଉପପେକ୍ଷା କରି ନ ଥିଲେ । ରାଷ୍ଟ୍ରର ସ୍ୱାର୍ଥରକ୍ଷା ଲାଗି ଇଂରେଜ ସରକାରର ସହଯୋଗ ନେବା ବି ତାଙ୍କ ଦୃଷ୍ଟିରେ ଦୋଷାବହ ନ ଥିଲା । ଏହି ଦୃଷ୍ଟିରୁ ଦେଖିଲେ ତାଙ୍କ ଜଣେ ଉଦାରବାଦୀ ବିଚାରର ନେତା କହିହେବ । ପୁଣି, ସେ ଥିଲେ ଜଣେ ବିଶ୍ୱଦ୍ରଷ୍ଟା,ବିଶ୍ୱ ମାନବର ହିତ ଥିଲା ତାଙ୍କର ଧେୟ । ସଂସାରର ବିଶାଳତାକୁ ଦେଖିପାରିଲେ ହିଁ ବ୍ୟକ୍ତି ଜାତୀୟତା ଏବଂ ଆଞ୍ଚଳିକତା ମଧରେ ଥିବା ପରିପୂରକତାକୁ ବୁଝିପାରିବ ବୋଲି ସେ କହୁଥିଲେ । ନିଜ କଲିକତା ପ୍ରବାସ କାଳରେ ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ, କାରଣ ଯୀଶୁଖ୍ରୀଷ୍ଟଙ୍କର ତ୍ୟାଗ ଭାବନା ତାଙ୍କୁ ପ୍ରେରଣା ଦେଇଥିଲା । ଧର୍ମାନ୍ତରଣ ପରେ ସୁଦ୍ଧା ସେ ପୁରୀ ମନ୍ଦିର ଓ ଜଗନ୍ନାଥଙ୍କ ମହତ୍ତ୍ୱ ପ୍ରତିପାଦିତ କରିବାକୁ ତଥା ଇଂରେଜ ହାତରେ ପୁରୀ ମନ୍ଦିର ଅଧିକାର ନ ଦେବାକୁ କଚେରିର ଅଶ୍ରୟ ନେଇଥିଲେ । ଏହା ମଧୁବାବୁଙ୍କୁ ଓଡିଆ ଜାତି ଅସ୍ମିତା ପ୍ରତି ଅଙ୍ଗୀକାରବଦ୍ଧତାକୁ ଦର୍ଶାଏ ।

୧୯୨୦-୨୨ର ଅସହଯୋଗ ଆନ୍ଦୋଳନ ସମୟରେ ମଧୁସୂଦନ ବିହାର ଓ ଓଡିଶା ପ୍ରଦେଶର ମନ୍ତ୍ରୀପଦ ଗ୍ରହଣ କରିଥିବାରୁ ତାଙ୍କୁ ଓଡିଶାର ଯୁବଗୋଷ୍ଠୀ ସମାଲୋଚନା କରିଥିଲେ । ୧୯୨୩ ରେ ସେ ମନ୍ତ୍ରୀପଦରୁ ଇସ୍ତଫା ଦେଇ ସୁସ୍ପଷ୍ଟ କରିଦେଲେ ଯେ ଉଚ୍ଚ ବେତନର ଲୋଭରୁ ସେ ଖୁବ୍ ଉର୍ଦ୍ଧ୍ୱରେ । 'ଉତ୍କଳ ଟ୍ୟାନେରୀ' ଥିଲା ତାଙ୍କ ମାନସ ସନ୍ତାନ । ତାର ପୁନରୁଦ୍ଧାର ପାଇଁ ମାହତ୍ମାଗାନ୍ଧୀଙ୍କର ସହେଯୋଗ ଲୋଡିଥିଲେ । ୧୯୨୫ ରେ ଗାନ୍ଧି ଏଥିପାଇଁ କଟକ ଆସି ମଧୁବାବୁଙ୍କ ସହ ସାକ୍ଷାତ ମଧ କରିଥିଲେ ।

ଓକିଲାତିରୁ ଯଥେଷ୍ଟ ରୋଜଗାର କରୁଥିଲେ, ମାତ୍ର ନିଜର ଅର୍ଜିତ ଧନକୁ ସେ ଓଡିଶାର ସମୂହ ସ୍ୱାର୍ଥ ପାଇଁ ବ୍ୟୟ ମଧ୍ୟ କରୁଥିଲେ । 'ପରାର୍ଥେ ଜୀବନ' କୁ ବ୍ରତ କରି ସାମାଜିକ କାର୍ଯ୍ୟ କରୁଥିଲେ । ୧୯୩୪ ଫେବୃୟାରୀ ୪ ତାରିଖରେ ଏଭଳି ଜଣେ ସମାଜନିଷ୍ଠ ବ୍ୟକ୍ତିଙ୍କର ୮୬ ବର୍ଷ ବୟସରେ କଟକଠାରେ ଦେହାନ୍ତ ଘଟିଥିଲା ।

**ଗୋପବନ୍ଧୁ ଦାସ ( ୧୮୭୭-୧୯୨୮);**

ଆଧୁନିକ ଓଡିଶାର ଅନ୍ୟ ଜଣେ ପ୍ରମୁଖ ଯୁଗପୁରୁଷ ହେଲେ ଗୋପବନ୍ଧୁ ଦାସ । ମଧୁବାବୁ ଆରମ୍ଭ କରିଥିବା ସାମାଜିକ କାମକୁ ଗୋପବନ୍ଧୁ ଆଗକୁ ନେଇଥିଲେ । ମଧୁବାବୁଙ୍କ ରାଜନୀତିକ କାମରେ ସକ୍ରିୟ ହେବାର ପ୍ରାୟ ତିନି ଦଶନ୍ଧି ପରେ ସେ ସମାଜ କାମରେ ନିବିଷ୍ଟ ହୋଇଥିଲେ । ପ୍ରାରମ୍ଭିକ ସମୟରେ ଜାତୀୟତାର ରାଜନୀତି ଥିଲା ଖୁବ ଉଦାରବାଦୀ । ଶକ୍ତି ସୀମିତ ଥିବାରୁ ଏହା ଦାବି ହାସଲ ପାଇଁ ସରକାରଙ୍କ କଟୁ ସମାଲୋଚନା ମଧ୍ୟ କରିପାରୁ ନଥିଲେ । ଯେଉଁମାନଙ୍କ ଭରସାରେ ମଧୁବାବୁ ଜାତୀୟ କାମରେ ସକ୍ରିୟ ହୋଇଥିଲେ, ସେମାନେ ସରକାରଙ୍କ ଚକ୍ଷୁଶୂଳ ହେବାକୁ ସାହସ କରୁ ନ ଥିଲେ । ମାତ୍ର ଗୋପବନ୍ଧୁଙ୍କ ସମୟରେ ସ୍ଥିତିରେ ପରିବର୍ତ୍ତନ ହେଲା । ଜାତୀୟତାବାଦୀଙ୍କ ବଳ ବଢିଲା । ମହାତ୍ମା ଗାନ୍ଧି ଜାତୀୟତା ଆନ୍ଦୋଳନକୁ ଗଣାଭିମୁଖୀ କଲେ । ଏସବୁ ସାମାଜିକ ପରିବର୍ତ୍ତନର ପ୍ରଭାବ ଗୋପବନ୍ଧୁଙ୍କ ରାଜନୀତି, ବ୍ୟକ୍ତିତ୍ୱ ଓ ବିଚାରରେ ଦେଖିବାକୁ ମିଳିଥିଲା । ଓଡିଶାର ଆନ୍ଦୋଳନକୁ ସେ ମହାଭାରତୀୟ ଆନ୍ଦୋଳନରେ ସମନ୍ୱିତ କଲେ । ଏହା ଦ୍ୱାରା ଆନ୍ଦୋଳନର ସଫଳତାର ସମ୍ଭାବନା ବୃଦ୍ଧି ପାଇବ ବୋଲି ଗୋପବନ୍ଧୁ ଦୃଢ ନିଶ୍ଚିତ ଥିଲେ । ମଧୁସୂଦନଙ୍କ ସମୟରେ ଆରମ୍ଭ ହୋଇଥିବା ଭାଷା ଅସ୍ମିତାର ଆନ୍ଦୋଳନ ଗୋପବନ୍ଧୁଙ୍କ ନେତୃତ୍ୱରେ ପ୍ରଖର ହେଲା ତଥା କଂଗ୍ରେସ ଆନ୍ଦୋଳନର ଅଭିନ୍ନ ଅଙ୍ଗ ହେଲା । ଲକ୍ଷ୍ୟ ହାସଲର ମାର୍ଗକୁ ନେଇ ମଧୁସୂଦନ ଓ ଗୋପବନ୍ଧୁଙ୍କ ମଧ୍ୟରେ ବୈଚାରିକ ପାର୍ଥକ୍ୟ ଥିଲା । ମଧୁବାବୁ ସମାଜ ଗଠନ ପାଇଁ ସରକାରୀ ସାହଯ୍ୟ ଉପରେ ବଳ ଦେଉଥିବା ବେଳେ ଗୋପବନ୍ଧୁ ଗଣସମ୍ପୃକ୍ତିକୁ ପ୍ରମୁଖତା ଦେଲେ । କିନ୍ତୁ ଲକ୍ଷ୍ୟ ଏକ ଥିଲା ବୋଲି ଦୁହେଁ ପରସ୍ପର ପାଇଁ ପରିପୂରକ ହୋଇପାରିଥିଲେ ।

ଗୋପବନ୍ଧୁ ଦାସ ୧୮୭୭ ମସିହା ଅକ୍ଟୋବରରେ ୯ ତାରିଖ ଦିନ ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟସ୍ଥ ସୁଆଣ୍ଡୋ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦୈତାରୀ ଦାସ; ମାଙ୍କ ନାମ ସ୍ୱର୍ଣ୍ଣମୟୀ । ଶୈଶବାବସ୍ଥାରେ ସେ ମାତୃହରା ହୋଇଥିଲେ । ପିଉସୀ କମଳା ଦେବୀ ତାଙ୍କର ଲାଳନପାଳନ କରିଥିଲେ । କମଳା ଦେବୀ ଥିଲେ ବାଲ୍ୟବିଧବା । ନିଃସ୍ୱାର୍ଥପର ଭାବରେ ସେ ଶିଶୁ ଗୋପବନ୍ଧୁଙ୍କୁ ବଡ କରିଥିଲେ । ପିଉସିଙ୍କ ନିସ୍ୱାର୍ଥପର ସେବା ଗୋପବନ୍ଧୁଙ୍କୁ ପ୍ରେରଣା ଦେଇଥିଲା ଅନ୍ୟର ସେବା କରିବା ପାଇଁ । ମାତୃହରା ଗୋପବନ୍ଧୁ ମାଁ କୁ ଖୋଜି ପାଇଥିଲେ ମାତୃଭୂମିଠାରେ । ଗୋପବନ୍ଧୁଙ୍କ ପାଇଁ ମାତୃଭୂମି ଗାଁ , ପ୍ରଦେଶ ବା ଦେଶର ଏକ ସଂକୀର୍ଣ୍ଣ ସୀମା ଯାଏ ସୀମିତ ନ ଥିଲା । ବରଂ ବିଶ୍ୱ ଜନନୀ ପ୍ରତି ସେ ପ୍ରତିବଦ୍ଧତା ରଖୁଥିଲେ । ମାନବିକତାକୁ ସେ ଦେଶଭକ୍ତି ଏବଂ ଓଡିଶା ପ୍ରୀତିର ସମାର୍ଥବୋଧକ ବିଚାର ରୂପେ ଗ୍ରହଣ କରିଥିଲେ । ଏହାକୁ ବ୍ୟାଖ୍ୟା କରି ସେ ୧୯୨୫ରେ ସମାଜ ପତ୍ରିକା ୨୫ ନଭେମ୍ବର ସଂଖ୍ୟାରେ ଲେଖିଥିଲେ ।

"ଉତ୍କଳ ଭାରତର ଅଙ୍ଗ । ଭାରତର ଉତ୍‌ଥାନ ପତନରେ ଏହାର ଉନ୍ନତି ଓ ଅଧୋଗତି । ଅବଶ୍ୟ ପ୍ରତ୍ୟେକ ପ୍ରଦେଶର ସ୍ୱାତନ୍ତ୍ର୍ୟ ଅଛି, ସ୍ୱତନ୍ତ୍ର ଅଭିଯୋଗ ଅଛି । ସେ ସ୍ୱାତନ୍ତ୍ର୍ୟର ବିକାଶ ଓ ସେସବୁ ଅଭିଯୋଗର ସମାଧାନ ଦେବା ଆବଶ୍ୟକ । ତାହା ଭାରତୀୟ ଉନ୍ନତିର ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ଅନୁକୂଳ । ବ୍ୟକ୍ତିବିଶେଷର ଉନ୍ନତି ପରିବାର ଉନ୍ନତିର ବିରୋଧୀ ନୁହେଁ । ଗ୍ରାମର ଉନ୍ନତି ପ୍ରଦେଶ ଉନ୍ନତିର ପ୍ରତିଦ୍ୱନ୍ଦ୍ୱୀ ନୁହେଁ । ଏ ପ୍ରତ୍ୟେକର ପ୍ରତ୍ୟେକ ସଙ୍ଗେ ଅଙ୍ଗାଅଙ୍ଗୀ ସମ୍ବନ୍ଧ । ପ୍ରତ୍ୟେକ ପ୍ରତ୍ୟେକର ସହାୟ ଓ ପରିପୂରକ ।"

ବିଶ୍ୱଦୃଷ୍ଟି ପାଇଥିବା ଗୋପବନ୍ଧୁ ପ୍ରାଦେଶିକ ଅସ୍ମିତା ପ୍ରଶ୍ନକୁ ମଧ୍ୟ କଦାପି ଉପେକ୍ଷା କରିନଥିଲେ । ସେ ଓଡିଆରେ ଅନେକ ବାକ୍ୟ କବିତା ଲେଖିଥିଲେ । 'ଅବସର ବାସରେ', 'ଧର୍ମପଦ', 'କାରା କବିତା' ଓ 'ବନ୍ଦୀର ଆତ୍ମକଥା' ହେଲା ତାଙ୍କ ରଚନା । ଓଡିଅ ସାହିତ୍ୟ ପତ୍ରିକା 'ସତ୍ୟବାଦୀ' ଏବଂ ସମ୍ବାଦପତ୍ର 'ସମାଜ' ର ସେ ପ୍ରତିଷ୍ଠାତା ଥିଲେ । ୧୯୦୯ ରେ ତାଙ୍କ ଦ୍ୱାର ସ୍ଥାପିତ 'ସତ୍ୟବାଦୀ' ଶିକ୍ଷାନୁଷ୍ଠାନ ଓଡିଶାରେ ଜାତୀୟ ଶିକ୍ଷାର ଏକ ପ୍ରତୀକ ସାଜିଥିଲା । ତାଙ୍କ କର୍ମକ୍ଷେତ୍ର ଥିଲା ଓଡିଶାର ଭୌଗୋଳିକ କ୍ଷେତ୍ର । ଓଡିଶାରେ ବନ୍ୟା, ବାତ୍ୟା ବେଳେ ରିଲିଫ୍ ବଣ୍ଟନରେ ମଧ୍ୟ ସମୟ ଦେଉଥିଲେ । ୧୯୦୪ ମସିହାରୁ ସେ ଛାତ୍ର ଅବସ୍ଥାରୁ 'ଉତ୍କଳ ସମ୍ମିଳନୀ' ରେ ସକ୍ରିୟ ଥିଲେ ଓ ପ୍ରୟାସ କରିଥିଲେ ଓଡିଶା ଭାଷାଭାଷୀ କ୍ଷେତ୍ରର ଏକତ୍ରୀକରଣ ପାଇଁ । ୧୯୧୯ ରେ ସଭାପତିତ୍ୱ ମଧ୍ୟ କରିଥିଲେ । ତାଙ୍କରି ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ଜାତୀୟ କଂଗ୍ରେସରେ ମିଶିଥିଲା ଏବଂ ଓଡିଶାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୯୨୦ ସେ ଥିଲେ କଂଗ୍ରେସ କମିଟିର ପ୍ରତିଷ୍ଠାତା ଓ ସଭାପତି । ୧୯୨୮ ରେ ମୃତ୍ୟୁ ପର୍ଯ୍ୟନ୍ତ ସେ ଓଡିଶାରେ ଜାତୀୟ କଂଗ୍ରେସର ସର୍ବୋଚ୍ଚ ନେତା ରହିଥିଲେ ।

ଗୋପବନ୍ଧୁଙ୍କର ଉଦାର ଜାତୀୟ ଭାବ କୌଣସି ଜାତି ବିରୁଦ୍ଧରେ ଉଦ୍ଦିଷ୍ଟ ନ ଥିଲା; ସ୍ୱ-ଜାତିର ଉପେକ୍ଷା କରୁ ନଥିଲା । ସେ ସବଳର ଅତ୍ୟାଚାର ଓ ଅନାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ ଏହା ସାହସ ଦେଉଥିଲା । ସେ ଯେତେ ମାତ୍ରରେ ବ୍ୟଥିତ ଥିଲେ ଅନ୍ନସଂସ୍ଥାନ ନିମିତ୍ତ କଲିକତା ପଳାୟନ କରୁଥିବା ପ୍ରବାସୀ ଓଡିଆ ପାଇଁ, ତତୋଧିକ ମାତ୍ରାରେ ଚିନ୍ତା କରୁଥିଲେ ସତ୍ୟାଗ୍ରହ କରୁଥିବା ଗୁଜରାଟ ବର୍ଦ୍ଦୋଲିର କୃଷକ ପାଇଁ ତଥା ଆଫ୍ରିକାର ନିଗ୍ରୋମାନଙ୍କ ପାଇଁ ଏବଂ ରୁଷରେ ଅତ୍ୟାଚାରୀ ଜାର ବିରଦ୍ଧରେ ବିପ୍ଳବ କରୁଥିବା ସାଧାରଣ ବର୍ଗ ପାଇଁ । ଦୁନିଆର ସବୁ ଅତ୍ୟଚାରୀଙ୍କ ବିରୁଦ୍ଧରେ ମୁକ୍ତି ସଂଗ୍ରାମରେ ଅନ୍ତତଃ ଗୁଣ୍ଡୁଚି ମୁଷା ଭଳି ଧୂଳୀ ଝାଡିବା ସକାଶେ ନିଜ ଦେହକୁ ମାଟିରେ ମିଶାଇ ଦେବାର ସେ ଅଭିଳାଷ ରଖିଥିଲେ । ତାଙ୍କ ଦୃଷ୍ଟିରେ ଏହି ଆତ୍ମବଳିଦାନ କୌଣସି ତ୍ୟାଗ ନୁହେଁ, କେବଳ ଏକ ସାମାଜିକ କର୍ତ୍ତବ୍ୟ ମାତ୍ର । ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସେ ଉକ୍ତ ସାମାଜିକ କର୍ତ୍ତବ୍ୟରୁ କଦାଚିତ ଓହରି ନଥିଲେ । ବରଂ ଏହାକୁ ବ୍ୟକ୍ତିଗତ ସ୍ତରରେ ସୀମିତ ନ ରଖି ଏକ ସାମାଜିକ ପରମ୍ପରାରେ ପରିଣତ କରିବାକୁ ଉଦ୍ୟମ କରିଥିଲେ ।

୧୯୨୮ ମସିହାରେ ଗୋପବନ୍ଧୁଙ୍କର ମାତ୍ର ୫୦ ବର୍ଷ ବୟସରେ ସତ୍ୟବାଦୀ ଠାରେ ଦେହାନ୍ତ ହୋଇଥିଲା । ଦୀର୍ଘାୟୁ ନ ହେବା ସତ୍ତ୍ୱେ ସେ ଓଡିଶା ପାଇଁ ସାହିତ୍ୟ, ସମାଜସେବା, ରାଜନୀତି ଏବଂ ସାମ୍ବାଦିକତା ଆଦି କ୍ଷେତ୍ରରେ

ଅନେକ କାମ କରିଯାଇଛନ୍ତି । ତାଙ୍କୁ ବାଦଦେଇ ଆଧୁନିକ ଓଡିଶା ସମ୍ପର୍କରେ ବୋଧହୁଏ କୌଣସି ବୌଦ୍ଧିକ ଚର୍ଚ୍ଚା ସମ୍ପୂର୍ଣ୍ଣ ହୋଇ ନ ପାରେ । ଏହା ତାଙ୍କ ବ୍ୟକ୍ତିତ୍ୱ ଓ ବିଚାରର ସାମାଜିକ ମହତ୍ତ୍ୱକୁ ଦର୍ଶାଏ ।

**କୃଷ୍ଣଚନ୍ଦ୍ର ଗଜପତି ( ୧୮୯୨-୧୯୭୪);**

କୃଷ୍ଣଚନ୍ଦ୍ର ଗଜପତି ନାରୟଣ ଦେବ ଥିଲେ ପାରଳାଖେମୁଣ୍ଡିର ମହାରାଜା । ଓଡିଆ ଭାଷା- ଭାଷୀ କ୍ଷେତ୍ରର ରାଜନୈତିକ ଏକତ୍ରୀକରଣ ଏବଂ ସ୍ୱତନ୍ତ୍ର ପ୍ରଦେଶ ଗଠନରେ ତାଙ୍କ ଯୋଗଦାନ ବିସ୍ମୃତ ହେବାର ନାହିଁ । ଦକ୍ଷିଣ ଓଡିଶା ଇଂରେଜ ଶାସନର ଆରମ୍ଭରୁ ମାଡ୍ରାସ ପ୍ରେସିଡେନ୍ସିରେ ମିଶି ରହିଥିଲା ଏବଂ ଦକ୍ଷିଣ ଓଡିଶାର ଓଡିଆ ନେତୃବର୍ଗ ଏବଂ ବିଶେଷକରି 'ପାରଳା ରାଜା' ନାମରେ ଖ୍ୟାତ କୃଷ୍ଣଚନ୍ଦ୍ରଙ୍କ ସକ୍ରିୟ ସହଯୋଗ ରହି ନ ଥିଲେ , ହୁଏତ ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥାନ୍ତା, ମାତ୍ର ତହିଁରେ ପାରଳଖେମୁଣ୍ଡି ସଂଯୋଜିତ ହୋଇପାରି ନ ଥାନ୍ତା । ୧୯୩୨ ରେ ଓ'ଡୋନେଲଙ୍କ ଅଧକ୍ଷତାରେ ଗଠିତ 'ସୀମା କମିଶନ' ର ରିପୋର୍ଟରେ ଓଡିଶା ଗଠନ ପାଇଁ ପରୋକ୍ଷ ଭାବେ ସମ୍ମତି ଥିଲା । ମାତ୍ର ପାରଳାଖେମୁଣ୍ଡିର ତହିଁରେ ସମ୍ମିଶ୍ରଣ ପାଇଁ ସ୍ୱୀକୃତି ନ ଥିଲା । ଏହା ପଛରେ କାରଣ ହେଲା ଯେ ପାରଳାଖେମୁଣ୍ଡି ରାଜ୍ୟ ହେଲା ତେଲଗୁ ଅଧ୍ୟୁଷିତ । ସରକାରଙ୍କ ଯୁକ୍ତିକୁ ନାକଚ କରି ଗଜପତି ତର୍କ ଦେଲେ ଯେ ହୁଏତ ଗ୍ରାମାଞ୍ଚଳ କିଛି ମାତ୍ରାରେ ତେଲଗୁ ଅଧ୍ୟୁଷିତ, ମାତ୍ର ପାରଳଖେମୁଣ୍ଡି ସହର ନୁହେଁ । ଶେଷକୁ ୧୯୩୬ରେ ପ୍ରଦେଶ ଗଠନ ବେଳେ ସରକାରଙ୍କୁ ଗଜପତିଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ପଡିଲା ଏବଂ ରାଜ୍ୟର ଓଡିଆ ଭାଷୀ କ୍ଷେତ୍ର ସବୁକୁ ଓଡିଶାରେ ସମ୍ମିଶ୍ରୀତ କରାଗଲା । ଗଜପତିଙ୍କ ଯୁକ୍ତିକୁ ସରକାର ଗ୍ରହଣ କରିବା ପଛରେ ଏକ ବଡ କାରଣ ହେଲା ଯେ ସରକାର ମଧ ତାଙ୍କୁ ଜଣେ ନେତୃସ୍ଥାନୀୟ ବ୍ୟକ୍ତି ମନେକରୁଥିଲେ । ୧୯୩୧ର ପ୍ରଥମ ଗୋଲଟେବୁଲ ବୈଠକରେ ଲଣ୍ଡନ ଯିବା ପାଇଁ ଯେଉଁ କେତେଜଣ ରାଜା-ମହାରାଜଙ୍କୁ ନିମନ୍ତ୍ରଣ କରାଯାଇଥିଲା ତହିଁରେ ପାରଳାଗଜପତି ଅନ୍ୟତମ ଥିଲେ ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ଜନ୍ମ ୨୬ ଏପ୍ରିଲ ୧୮୯୨ ମସିହାରେ । ପିତା ଗୌରଚନ୍ଦ୍ର ଗଜପତି ଏବଂ ମାତା ରାଣୀ ରାଧାମଣୀ ଦେବୀ । କୃଷ୍ଣଚନ୍ଦ୍ର ଯେତେବେଳେ ମାଡ୍ରାସରେ ଶିକ୍ଷାରତ, ଗୌରଚନ୍ଦ୍ରଙ୍କ ଦେହାନ୍ତ ହେଲା ଏବଂ ୧୯୧୩ରୁ କୃଷ୍ଣଚନ୍ଦ୍ରଙ୍କୁ ପାରଳାର ରାଜ୍ୟଭାର ବହନ କରିବାକୁ ପଡିଲା । ଜଣେ ଆଧୁନିକ ଶିକ୍ଷିତ ଯୁବକ ଭାବରେ ସେ ରାଜ୍ୟରେ ଛାପାଖାନା ପ୍ରତିଷ୍ଠା କଲେ, ଏକ ବିଶାଳ ପୁସ୍ତକାଳୟ ସ୍ଥାପନ କରି ତହିଁରେ ବିଭିନ୍ନ ବିଷୟରେ ପୁସ୍ତକମାନ ରଖିଲେ ଏବଂ ପାରଳଖେମୁଣ୍ଡି ସହରରୁ ଗୁଣୁପୁର ମଧରେ ଏକ 'ନେରୋ ଗଜ' ରେଳପଥ ବିସ୍ତାର କଲେ । ତାଙ୍କର ବିଶେଷତ୍ୱ ହୋଲା ଯେ ସେ ରାଜପରିବାରରେ ଜନ୍ମ ଗ୍ରହଣ କରିଥିଲେ ମାତ୍ର ତା ସହିତ ଆଧୁନିକ ଶିକ୍ଷିତ ବର୍ଗର ବୌଦ୍ଧିକ ବିଚାରରେ ଓତଃପ୍ରୋତଃ ଥିଲେ ।

କୃଷ୍ଣଚନ୍ଦ୍ର ଥିଲେ ଖୁବ୍ ଅଧିକ ମାତ୍ରାରେ ଓଡିଆ ପ୍ରିୟ, କାରଣ ରାଜା ହେବା ସତ୍ତ୍ୱେ ରାଜ୍ୟରେ ଅଳ୍ପ ସଂଖ୍ୟକ ଭାଷାଭାଷୀ ହେବାର ଅନୁଭବକୁ ସେ ପ୍ରତ୍ୟକ୍ଷ କରିଥିଲେ । ସେ କେବେ କଂଗ୍ରେସ ଦଳରେ ମିଶି ନ ଥିଲେ । ଭାଷା ଆସ୍ମିତା ଆନ୍ଦୋଳନର ଜଣେ ପ୍ରମୁଖ ଭାବରେ ୧୯୧୪ ସେ ପାରଳାଖେମୁଣ୍ଡିରେ 'ଉତ୍କଳ ସମ୍ମିଳନୀ' ର ବାର୍ଷିକ ଅଧିବେଶନ ଆୟୋଜନ କରିଥିଲେ । ସେତେବେଳେ ତାଙ୍କର ବୟସ ମାତ୍ର ୨୪ବର୍ଷ ।

କୃଷ୍ଣଚନ୍ଦ୍ର ଗଜପତି ଥିଲେ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ । ସ୍ୱାଧୀନତା ପୂର୍ବରୁ ରାଜ୍ୟ ରାଜନୀତିକ ମୁଖ୍ୟଙ୍କୁ 'ପ୍ରଧାନମନ୍ତ୍ରୀ' କୁହାଯାଉଥିଲା । ପରେ ଏହି ପଦବୀକୁ 'ମୁଖ୍ୟମନ୍ତ୍ରୀ' କୁହାଗଲା । ୧୯୩୭ ଏପ୍ରିଲରୁ ଜୁଲାଇ ମଧ୍ୟରେ ମାତ୍ର ଚାରିମାସ ପାଇଁ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ, କାରଣ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ସତ୍ତ୍ୱେ କଂଗ୍ରେସ ଦଳ ରାଜ୍ୟଗୁଡିକରେ ମନ୍ତ୍ରୀମଣ୍ଡଳ ଗଠନ ନ କରିବା ଲାଗି ନିଷ୍ପତ୍ତି ନେଇଥିଲା । ଦ୍ୱିତୀୟଥର ସେ ପଧାନମନ୍ତ୍ରୀ ହେଲେ, ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କଂଗ୍ରେସ ଦଳ ମନ୍ତ୍ରୀମଣ୍ଡଳରୁ ଓହରି ଯିବାକୁ ନିଷ୍ପତ୍ତି ନେଲେ । ଏହି ସମୟରେ ସେ ପ୍ରାୟ ସାଢେ ଚାରିବର୍ଷ ( ୨୪ ନଭେମ୍ବର ୧୯୪୧ ରୁ ୩୦ ଜୁନ୍ ୧୯୪୪) ରାଜ୍ୟର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ରହିଥିଲେ । ଅର୍ଥାତ୍ ପାରଳା ମହାରାଜା ରାଜ୍ୟରେ ଦୁଇଥର ଅଣ-କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଗଢିଥିଲେ ଏବଂ ସେହି ଅବଧିରେ ଅନେକ ଗଠନମୂଳକ କାର୍ଯ୍ୟ ହାତକୁ ନେଇଥିଲେ ।

କୃଷ୍ଣଚନ୍ଦ୍ର ଗଜପତି ସ୍ୱାଧୀନତା ସଂଗ୍ରାମର ଜୁଆର ସମୟରେ, କଂଗ୍ରେସର ବିରୋଧ ସତ୍ତ୍ୱେ ମିଳିତ ମନ୍ତ୍ରୀମଣ୍ଡଳକୁ ନେତୃତ୍ୱ ଦେଇଥିଲେ । ମନ୍ତ୍ରୀମଣ୍ଡଳ ପ୍ରତି ବିଶେଷ ଜନସମର୍ଥନ ନ ଥିଲା । ବିଧାନସଭାରେ ମଧ୍ୟ ମୋଟ ୬୦ ଜଣରୁ ତାଙ୍କର ସମର୍ଥକଙ୍କ ସଂଖ୍ୟା ଥିଲା ୨୭; ତାସତ୍ତ୍ୱେ କୃଷ୍ଣଚନ୍ଦ୍ରଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରୀମଣ୍ଡଳ ରାଜ୍ୟ ପାଇଁ ସ୍ୱତନ୍ତ୍ର ହାଇକୋର୍ଟ, ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଏବଂ ମେଡିକାଲ କଲେଜ ସ୍ଥାପନ କରିବାକୁ ନିଷ୍ପତ୍ତି ନେଲା । ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ବିଲ ପାସ୍ ହେଲା , ଏବଂ ୧୯୪୪ରେ କଟକର ମେଡିକାଲ ସ୍କୁଲକୁ କଲେଜରେ ପରିଣତ କରାଗଲା । ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ପ୍ରାଥମିକ ପଦକ୍ଷେପମାନ ନିଆଗଲା । ୧୯୪୪ ରେ ଉଚ୍ଚଶିକ୍ଷାର ପ୍ରସାର ଲାଗି ପୁରୀ, ବାଲେଶ୍ୱର ଏବଂ ସମ୍ବଲପୁରଠାରେ କଲେଜ ସ୍ଥାପନ ପାଇଁ ନିଷ୍ପତ୍ତି ହେଲା ୧୮୬୮ରେ ପ୍ରଥମ କଲେଜ କଟକରେ ସ୍ଥାପିତ ପରଠାରୁ ବ୍ରିଟିଶ ଶାସିତ ( ମୋଗଲବନ୍ଦୀ ) ଓଡିଶାରେ ୧୯୪୪ ପର୍ଯ୍ୟନ୍ତ ଦ୍ୱିତୀୟ ଖୋଲି ନ ଥିଲା । ଶିକ୍ଷାମନ୍ତ୍ରୀ ଦାୟିତ୍ୱରେ ଥିବା ଗୋଦବରୀଶ ମିଶ୍ରଙ୍କ ଭୂମିକାକୁ ଅବଶ୍ୟ ଏଠାରେ ଉପେକ୍ଷା କରାଯାଇ ନ ପାରେ । ପ୍ରଧାନମନ୍ତ୍ରୀ ଭାବରେ ପାରଳା ମହାରାଜା ଉଚ୍ଚଶିକ୍ଷାର ବିକାଶ ପାଇଁ ଖୁବ ପ୍ରତିବଦ୍ଧ ଥିଲେ ।

୨୫ ମେ ୧୯୪୭ରେ ୮୨ ବର୍ଷ ବୟସରେ ଏହି ଆଧୁନିକ ବିଚାରର ମହାରାଜାଙ୍କ ଦେହାନ୍ତ ହୋଇଥିଲେ । ସ୍ୱାଧୀନତା ସଂଗ୍ରାମରେ ଯେତେବେଳେ ଛାତ୍ରଠାରୁ କୃଷକ ଯାଏଁ ସମସ୍ତେ ଓତଃପ୍ରୋତଃ, ସମସ୍ତେ ଜାତୀୟ କଂଗ୍ରେସ ନେତୃତ୍ୱରେ ଭାରତ ଛାଡ ଆନ୍ଦୋଳନରେ ସକ୍ରିୟ ଥିଲେ ସେତେବେଳେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଂଗ୍ରେସର ବିରୋଧ କରୁଥିଲେ । ଇଂରେଜ ସରକାରଙ୍କ ସହଯୋଗ ନେଇ ସେ ଆଧୁନିକ ଓଡିଶା ଗଢିବାର ସ୍ୱପ୍ନ ଦେଖୁଥିଲେ । ରାଜ ପରିବାରରେ ଜନ୍ମିତ ଏବଂ ପ୍ରତିପାଳିତ କୃଷ୍ଣଚନ୍ଦ୍ରଙ୍କ ପାଇଁ ଏହା ଥିଲା ଏକ ସ୍ୱାଭାବିକ ପ୍ରତିକ୍ରିୟା । ତେଣୁ ଆଧୁନିକ ଓଡିଶାରେ ତାଙ୍କ ବ୍ୟକ୍ତିତ୍ୱ ଓ ବିଚାରକୁ ନେଇ ଆଲୋଚନା ବେଳେ ତାଙ୍କ ସାମାଜିକ ପୃଷ୍ଠଭୂମି ଓ ସମୟକୁ କଦାପି ଉପେକ୍ଷା କରାଯିବା କଥା ନୁହେଁ । ଅନ୍ୟଥା ପାଇଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କର ବସ୍ତୁନିଷ୍ଠ ଐତିହାସିକ ମୂଲ୍ୟାଙ୍କନ କରିହେବ ନାହିଁ ।

**ରମାଦେବୀ (୧୮୯୯-୧୯୮୫)**

ଆଧୁନିକ ଓଡିଶାର ନିର୍ମାଣ ପଛରେ ରହିଥିବା ପୁରୁଷମାନଙ୍କ ପରି ଯଦି ମହିଳାଙ୍କର ଏକ ସୂଚୀ ପ୍ରସ୍ତୁତ କରାଯାଏ, ତା'ର ଆଦ୍ୟ ଭାଗରେ ରହିବେ ସାରଳା ଦେବୀ, ରମାଦେବୀ ଏବଂ ମାଳତୀ ଦେବୀ । ଏହି ତିନିଜଣ ମହିଳା ପାରିବାରିକ ସୂତ୍ରରେ ସମ୍ବନ୍ଧିତ ଥିଲେ । ରମାଦେବୀଙ୍କ ସମ୍ପର୍କୀୟ ଭଉଣୀ ସରଳା ଦେବୀ ଏବଂ ଦିଅରଙ୍କ ପତ୍ନୀ ମାଳତୀ ଦେବୀ । ପାରିବାରିବ ସମ୍ବନ୍ଧ ଯୋଗୁଁ ଜଣେ ଅନ୍ୟର ଅନୁପୂରକ ସାଜି ତିନିହେଁ ସମାଜ କାମ କରିଥିଲେ । ସେମାନଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଯୋଗୁଁ ଜାତୀୟତା ଆନ୍ଦୋଳନ ପୁରୁଷ ସର୍ବସ୍ୱ ହେବାରୁ ନିବୃତ୍ତି ପାଇଲା ଦ୍ୱିତୀୟତଃ, ସେମାନଙ୍କ କର୍ମନିଷ୍ଠା ଯୋଗୁଁ ଜାତୀୟତା ଆନ୍ଦୋଳନରେ ଅନେକ ସଂଖ୍ୟକ ସାଧାରଣ ବର୍ଗର ମହିଳା ସାମିଲ ହେଲେ । ସେହି ଦୃଷ୍ଟିରୁ ବିଚାର କଲେ ଓଡିଶାର ଜାତୀୟ ଚେତନାର ଅଭିବୃଦ୍ଧିରେ ଏହି ତିନିଜଣ ଯାକ ମହିଳାଙ୍କର ଭୂମିକା ମହତ୍ତ୍ୱପୂର୍ଣ୍ଣ ।

ଉଲ୍ଲିଖିତ ତିନିଜଣଙ୍କ ମଧ୍ୟରେ ରମାଦେବୀ ଥିଲେ ବୟୋଜ୍ୟେଷ୍ଠା । ଯଦିଓ ଔପଚାରିକ ଶିକ୍ଷା ଅତି ଅଳ୍ପ, ସେ ବଡଭଉଣୀ ଭାବରେ ଉଭୟଙ୍କ ପାଇଁ ପ୍ରେରଣା ହୋଇଥିଲେ । ପାରିବାରିକ ସମ୍ବନ୍ଧ ରହିଥିବା କାରଣରୁ ସାରଳା ଦେବୀ ଏବଂ ମାଳତୀ ଦେବୀଙ୍କୁ ସାମାଜିକ କାମରେ ସେ ଆଗଭର ହେବା ପାଇଁ ସାହସ ଯୋଗାଉଥିଲେ ତଥା ସର୍ବଦା ସେହି ଲକ୍ଷ୍ୟରେ ସହଯୋଗ କରୁଥିଲେ । ସେ ଆଇନ୍ ଅମାନ୍ୟ ଆନ୍ଦୋଳନ ଏବଂ ଭାରତଛାଡ ଆନ୍ଦୋଳନରେ ଭାଗ ନେଇ ୧୯୩୦,୧୯୩୨ ଏବଂ ୧୯୪୨ରେ ତିନିଥର ଜେଲ ବରଣ କରିଥିଲେ । ୧୯୩୪ ମେ' ମାସରେ ମହାତ୍ମା ଗାନ୍ଧି ପ୍ରାୟ ଦୁଇ ସପ୍ତାହ ଧରି ଓଡିଶାରେ ପଦଯାତ୍ରା କରିଥିଲେ । ଆଇନ୍ ଅମାନ୍ୟ ଆନ୍ଦୋଳନ ପରେ ସ୍ୱାଧୀନତା ଆନ୍ଦୋଳନ ଧିମେଇ ଯାଇଥିଲା, ତାକୁ ରଚନାତ୍ମକ କାର୍ଯ୍ୟକ୍ରମ ଦ୍ୱାରା ଭରଣା କରିବାକୁ ଗାନ୍ଧିଜୀ ଦେଶର ଚାରିଆଡେ ଗସ୍ତ କରୁଥିଲେ । ରମାଦେବୀ ଥିଲେ ପଦଯାତ୍ରାର ଜଣେ ପ୍ରମୁଖ ପରିଚାଳିକା । ୧୯୪୭ର ସ୍ୱାଧୀନତା ପରେ ରମାଦେବୀ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ ଏବଂ ସାମାଜିକ ନ୍ୟାୟ ପାଇଁ ଭୂଦାନ, ସର୍ବୋଦୟ ଆଦି ଗତିବିଧିରେ ସକ୍ରିୟ ରହିଥିଲେ । ଏହା ତାଙ୍କ ସମାଜନିଷ୍ଠାର ପରିଚୟ ଦେଲା

ରମାଦେବୀ ଥିଲେ ଉତ୍କଳ ଗୌରମ ମଧୁସୂଦନ ଦାସଙ୍କ ସାନଭାଇ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା । ଗୋପାଳ ବଲ୍ଲଭ ଏମ୍.ଏ.ପାସ, ଔପନ୍ୟାସିକ, ପୁଣି ଉଚ୍ଚ ସରକାରୀ ଚାକିରିଆ । ତା' ସତ୍ତ୍ୱେ ରମାଦେବୀଙ୍କୁ ଔପଚାରିକ ଶିକ୍ଷା ମିଳି ନଥିଲା । କେବଳ ସେତିକି ନୁହେଁ ମାତ୍ର ୧୫ବର୍ଷ ବୟସରେ ତାଙ୍କୁ ବିବାହ କରି ଦିଆଯାଇଥିଲା । ଏହା ତତ୍‌କାଳୀନ ସମାଜର ରୁଢ଼ିବାଦିତାକୁ ଦର୍ଶାଏ । ସେହି ଏକା ପରିବାରରେ ପୁରୁଷ ଉଚ୍ଚ ଶିକ୍ଷିତ ହେବା ସତ୍ତ୍ୱେ, ମହିଳା ନିରକ୍ଷର ପ୍ରାୟ ସ୍ଥିତିରେ ରହିବାକୁ ବାଧ୍ୟ ହେଉଥିଲେ । ରମାଦେବୀଙ୍କ ଉଦାହରଣରୁ ଏକଥା ସୁସ୍ପଷ୍ଟ ହୁଏ ।

୧୯୨୧ରେ ମହାତ୍ମାଗାନ୍ଧୀ ପ୍ରଥମ ଥର ଲାଗି ଓଡିଶା ଆସିଲେ । କଟକଠାରେ ତାଙ୍କର ଜନସଭା ହେଲା । ଅନ୍ୟ ସାଧାରଣ ଲୋକଙ୍କ ଭଳି, ରମାଦେବୀ ମଧ୍ୟ ଗାନ୍ଧିଙ୍କ ଦର୍ଶନ ପାଇଁ ସଭାକୁ ଯାଇଥିଲେ ଏବଂ ସଭାରୁ ଫେରି ଜାତୀୟ କାମ ଆଡକୁ ନିରନ୍ତର ଆକୃଷ୍ଟ ହେବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ଏହା ତାଙ୍କୁ ଜାତୀୟ କଂଗ୍ରେସର ଜଣେ ସମ୍ମାନନୀୟ କର୍ମୀ ରୂପେ ସ୍ଥାପିତ କଲା ।

୧୯୨୧ରେ ରମାଦେବୀଙ୍କ ବୟସ ମାତ୍ର ୨୨ବର୍ଷ; ରାଜନୀତିରେ ସକ୍ରିୟ ହେବା ଲାଗି ପ୍ରକୃଷ୍ଟ ସମୟ । ମାତ୍ର ଜଣେ ବିବାହିତା ମହିଳା ଭାବରେ ସେତେବେଳକୁ ସେ ତିନୋଟି ଛୁଆର ମା । ଶ୍ୱଶୁର ପ୍ରତିଷ୍ଠିତ ଓକିଲ ଓ ଓଡିଶା ଆନ୍ଦୋଳନର ନେତା ଗୋକୁଳାନନ୍ଦ ଚୌଧୁରୀଙ୍କ ମୃତ୍ୟୁ ଉତ୍ତାରୁ ନିରକ୍ଷର ଓ ରକ୍ଷଣଶୀଳ ଶାଶୁ ତାଙ୍କ ଆଶ୍ରୟରେ । ପୁଣି ପତି ଗୋପବନ୍ଧୁ ଚୌଧୁରୀ ଏବଂ ଦିଅର ନବକୃଷ୍ଣ ଚୌଧୁରୀ ଅସହଯୋଗ ଆନ୍ଦୋଳନରେ ପୂର୍ଣ୍ଣତଃ ସମ୍ପୃକ୍ତ ଓ ସମର୍ଥନ ସୁସ୍ପଷ୍ଟ ଥିଲା । ପରିବାର କାମରେ ଜଡିତ ରହିଲେ ସାମାଜିକ କାମରୁ ଦୂରରେ ରହିବାକୁ ହେବ ଏବଂ ସମାଜ କାମର ସମ୍ପୃକ୍ତି ରହିଲେ ପରିବାରର ଦାୟିତ୍ୱ ନିର୍ବାହ କରିହେବ ନାହିଁ ବୋଲି ମନେକରାଯାଏ । ପୁରୁଷ ତୁଳନାରେ ମହିଳାପାଇଁ ଯେ ଏହି ସମସ୍ୟା ଅଧିକ ଗୁରୁତର, ତାହା ରମାଦେବୀ ବୁଝିପାରିଥିଲେ ଏବଂ ଉଭୟ ପରିବାର ଓ ସମାଜ କାମକୁ ସମାନ ମର୍ଯ୍ୟାଦା ଦେବାକୁ ନିଷ୍ପତ୍ତି ନେଇଥିଲେ । ଏହାର ଫଳସ୍ୱରୂପ,ଏକ ଯୌଥ ପରିବାରର ସେ ଶେଷ ଜୀବନ ଯାଏଁ ମେରୁଦଣ୍ଡ ହୋଇ ରହିଲେ ଏବଂ ସାମାଜିକ ଓ ରାଜନୈତିକ କାମରେ ମଧ୍ୟ ତାଙ୍କର ନିଷ୍ଠା ଅବ୍ୟାହତ ରହିଲା । ରମାଦେବୀଙ୍କ ବ୍ୟକ୍ତିତ୍ୱ ଓ ବିଚାର ସାମ୍ପ୍ରତିକ ସମୟରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ, କାରଣ ସେ ଘର ଓ ପରିବାର କାମକୁ ଆଦୌ ଗୌଣ ନକରି ବାହାର ବା ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ । ଏହି ଦୃଷ୍ଟିରୁ ଦେଖିଲେ, ଘର କାମ ସର୍ବଦା ବାହାର କାମ ପାଇଁ ପ୍ରତିବନ୍ଧକ ବୋଲି ଥିବା ଧାରଣାକୁ ରମାଦେବୀ ଭ୍ରମାତ୍ମକ ପ୍ରମାଣ କରିଥିଲେ ।

ଓଡିଶାର କଂଗ୍ରେସ କର୍ମୀଙ୍କ ଗହଣରେ ରମାଦେବୀ 'ମା' ନାମରେ ପରିଚିତ ଥିଲେ, କାରଣ ସାଧାରଣରୁ ସାଧାରଣ କର୍ମୀ ତାଙ୍କ ପାଖରେ ନିଡର ହୋଇ କଥାବାର୍ତ୍ତା କରିପାରୁଥିଲେ ଏବଂ ସମସ୍ତ କର୍ମୀଙ୍କୁ ରମାଦେବୀ ସ୍ନେହ ଓ ଆଦର ଦେଉଥିଲେ । ଏମିତିରେ ତାଙ୍କର ସମସ୍ତ ପରିବାରଜନ ସ୍ୱାଧୀନତା ଆନ୍ଦୋଳନରେ ଏବଂ ଘର ଜାତୀୟ କଂଗ୍ରେସର ଅଫିସ ଗୃହ । ତେଣୁ, କଂଗ୍ରେସ ତାଙ୍କ ପାଇଁ ଏକ ଯୌଥ ପରିବାର ଭଳି ଥିଲା ।ତା' ସତ୍ତ୍ୱେ, ସେ କେବେ ସ୍ୱାଧୀନତା ସଂଗ୍ରାମ ବା ଜାତୀୟ କଂଗ୍ରେସକୁ ନିଜ ବ୍ୟକ୍ତିଗତ ମହାତ୍ତ୍ୱାକାଂକ୍ଷା ପୂରଣ ପାଇଁ ବ୍ୟବହାର କରି ନଥିଲେ ।

ରମାଦେବୀଙ୍କ ଏହି ଆଧୁନିକ ବିଚାରବୋଧ ପଛର ଏକ ପ୍ରମୁଖ କାରଣ ଥିଲା, ତାଙ୍କ ପାରିବାରିକ ପୃଷ୍ଠଭୂମି । ବାପା ଡେପୁଟି ମାଜିଷ୍ଟ୍ରେଟ ଚାକିରିରେ ଅବସ୍ଥାପିତ ଥିଲେ ବୋଲି ବାଳିକା ରମାଦେବୀ ଗୟା, ମୁଜାଫରପୁର ଓ ପୁରୀ ଆଦି ବିଭିନ୍ନ ସହରରେ ବାଲ୍ୟକାଳ କାଟିଥିଲେ । ଏହା ତାଙ୍କୁ ବିବିଧ ସମାଜ ଓ ସଂସ୍କୃତି ସହ ପରିଚିତ ହେବାକୁ ସୁଯୋଗ ସୃଷ୍ଟି କରିଥିଲା । ଔପଚାରିକ ଶିକ୍ଷା ନଥିବା ସତ୍ତ୍ୱେ ସେ ଓଡିଆ ସହିତ ହିନ୍ଦୀ ଓ ବଙ୍ଗଳା ଭାଷା ସ୍ୱଚ୍ଛନ୍ଦରେ କହିପାରୁଥିଲେ, ଯାହା ଫଳରେ ଓଡିଶା ବାହାରର ଜାତୀୟ କର୍ମୀଙ୍କ ସହ ତାଙ୍କର ଅବାଧ ବନ୍ଧୁତା ରହିଥିଲା । ବାଲ୍ୟକାଳରେ ସେ ଅନେକ ଦିନଧରି ଖ୍ରୀଷ୍ଟଧର୍ମାବଲମ୍ବୀ ବଡବାପା ମଧୁବାବୁଙ୍କ କଟକ କୋଠିରେ ରହୁଥିଲେ, ଯେଉଁଠି ଅସ୍ପୃଶ୍ୟତା ଓ ପର୍ଦ୍ଦାପ୍ରଥାର ରକ୍ଷଣଶୀଳତା ନଥିଲା । ମା' ବସନ୍ତ କୁମାରୀ ଦେବୀ ବାପ ବୟସର ଦେଢଶୁର ମଧୁସୂଦନଙ୍କ ସହ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା କରୁଥିଲେ । ଏହାର ଉଲ୍ଲେଖ ଅତ୍ୟାବଶ୍ୟକ, କାରଣ ଆଜି ମଧ୍ୟ ଦେଢଶୁର ଓ ଭାଇବୋହୂ ମଧ୍ୟରେ କଥାବାର୍ତ୍ତାକୁ ରୀତିସମ୍ମତ ମନେ କରାଯାଉନାହିଁ । ଏହି ଧରଣର ସାମାଜିକ ପୃଷ୍ଠଭୂମି ରମାଦେବୀଙ୍କୁ ରକ୍ଷଣଶୀଳତା ଓ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠିବାରେ ସାହାଯ୍ୟ କରିଥିଲା ।

ସ୍ୱାଧୀନତା ପରେ ରମାଦେବୀ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ । ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ସକ୍ରିୟଭାବେ କାମ କରିଥିଲେ । ତାଙ୍କର କୌଣସି ପୁରସ୍କାରରେ ଲୋଭ ନଥିଲା । ୧୯୮୫ରେ ଏହି ମହିୟସୀ ମହିଳାଙ୍କର ଦେହାନ୍ତ ହୋଇଥିଲା ।

**ସାରଳା ଦେବୀ (୧୯୦୪-୧୯୮୬)**

ଓଡିଶାର ଜାତୀୟ ଚେତନାର ଉନ୍ମେଷ ହେଲା ୧୮୬୦-୧୮୭୦ ଦଶକରୁ । ମାତ୍ର ଦୀର୍ଘ ୭୦ ବର୍ଷ ଯାଏଁ,ତହିଁରେ ଜଣେ ବି ମହିଳାଙ୍କର ପ୍ରତ୍ୟକ୍ଷ ସଂମୃକ୍ତି ନଥିଲା । ପତ୍ରପତ୍ରିକାରେ ପ୍ରକାଶନ ତଥା ସମ୍ପାଦନା ହେଉ କିମ୍ବା ଜାତୀୟ ସଙ୍ଗଠନର ପ୍ରତିଷ୍ଠା ହେଉ, କୌଣସି ସାମୁଦାୟିକ ଓ ସାମାଜିକ କାର୍ଯ୍ୟରେ ମହିଳାଙ୍କର ସକ୍ରିୟ ଭୂମିକା ଦୃଷ୍ଟିଗୋଚର ହୋଇନଥିଲା । ଯଦିଓ ଓଡିଶାର ଉପାନ୍ତ ଅଞ୍ଚଳରେ ଖଡିଆଳ ରାଣୀ ନାରୀ ସ୍ୱତନ୍ତ୍ର ନାଟକ ଲେଖିଥିଲେ ୧୯୦୫ ମସିହାରେ । ବୌଦ୍ଧିକ ଆନ୍ଦୋଳନ ପୂର୍ଣ୍ଣତଃ ପୁରୁଷ ସର୍ବସ୍ୱ ଥିଲା । ଏଭଳି ଏକ ସ୍ଥିତିରେ ୧୯୨୦ ଦଶକର ଆରମ୍ଭରେ ଅସହଯୋଗ ଆନ୍ଦୋଳନ ସମୟରେ ସାରଳା ଦେବୀ ଏବଂ ରମାଦେବୀଙ୍କର ଆବିର୍ଭାବ ହେଲା । ୧୯୨୭ରେ ବୋହୂ ହୋଇ ମାଳତୀଦେବୀ ଓଡିଶାକୁ ଆସି ମହିଳା ନେତୃତ୍ୱକୁ ବଳ ଦେଲେ । ଏ ସଭିଙ୍କ ମଧ୍ୟରେ ସରଳା ଦେବୀଙ୍କ ଭୂମିକା ସ୍ୱତନ୍ତ୍ର । କାରଣ ସେ ଓଡିଶାରେ 'ନାରୀ ବିମର୍ଶ'-- ପ୍ରଶ୍ନକୁ ଆରମ୍ଭ କରିଥିବା ପ୍ରଥମ ନାରୀବାଦୀ—ନେତ୍ରୀ । ସମାଜରେ ନାରୀ ପ୍ରତି ପକ୍ଷପାତିତା ବିରୁଦ୍ଧରେ ସେ ଦୃଢ ଭାବେ ସ୍ୱର ଉତ୍ତୋଳନ କରିଥିଲେ । ସେ ବୁଝିଥିଲେ ଯେ କୌଣସି ଏକ ସାମାଜିକ ବର୍ଗ ଦୈନିନ୍ଦିନ ଜୀବନରେ ପକ୍ଷପାତିତାର ଶିକାର ହେଲେ ତାହା ଆଧୁନିକତାର ଗତିରୋଧ କରିଥାଏ । ସେହି ଦୃଷ୍ଟିରୁ ଦେଖିଲେ ଆଧୁନିକ ଓଡିଶାରେ ସାମାଜିକ ଗଠନରେ ତାଙ୍କର ଯୋଗଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ ।

ସରଳା ଦେବୀଙ୍କର ଜନ୍ମ ନରିଲୋ ଗ୍ରାମରେ; ୯ ଅଗଷ୍ଟ ୧୯୦୪ରେ । ତାଙ୍କର ପିତା ବାସୁଦେବ କାନୁନ୍‌ଗୋ ଏବଂ ମାତା ପଦ୍ମାବତୀ ଦେବୀ । ବାସୁଦେବଙ୍କ ସାନଭାଇ ବାଳମୁକୁନ୍ଦ କାନୁନଗୋଙ୍କର ସେ ଥିଲେ ପାଳିତା କନ୍ୟା । ବାଳମୁକୁନ୍ଦ କାନୁନ୍‌ଗୋ ଡେପୁଟି ମାଜିଷ୍ଟ୍ରେଟ ଥିଲେ ଏବଂ ସେହି ସୂତ୍ରରେ ସରଳାଙ୍କର ବାଲ୍ୟକାଳ ବେଶ୍ ଆଭିଜାତ୍ୟରେ କଟିଥିଲା ।ବିଭିନ୍ନ କାର୍ଯ୍ୟସ୍ଥଳୀରେ ପିତାଙ୍କ ସହ ପ୍ରବାସ କାଳରେ ସେ ସୁଖ ସ୍ୱଚ୍ଛନ୍ଦରେ ଦିନ କାଟିଥିଲେ । ତାଙ୍କର ଔପଚାରିକ ଶିକ୍ଷା ନଥିଲା, କାରଣ କନ୍ୟା ସନ୍ତାନ ପାଇଁ ଶିକ୍ଷାର ଆବଶ୍ୟତାକୁ ସମାଜ ସେତେବେଳେ ଅନୁମାନ କରିପାରୁନଥିଲା । ତା'ସତ୍ତ୍ୱେ ସରଳା ସ୍ୱାଭାବିକ ଭାବରେ ଓଡିଆ ବାହାରେ ହିନ୍ଦି,ବଙ୍ଗଳା,ତେଲଗୁ,ମରାଠି ଓ କନଡ ସଂସ୍କୃତି ଓ ଭାଷାରେ ବ୍ୟବହାରିକ ଜ୍ଞାନ ପାଇପାରିଥିଲେ । ଏହା ତାଙ୍କୁ ପରବର୍ତ୍ତୀ ସମୟରେ ଏକ ଉଦାର ଦୃଷ୍ଟି ଲାଭ କରିବାରେ ଖୁବ୍ ସହାୟକ ହୋଇଥିଲା । ଖୁବ୍ ପିଲା ଦିନରୁ ତାଙ୍କ ମନରେ ଅସ୍ପୃଶ୍ୟତା ଓ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ଏକ ବିଦ୍ରୋହୀ ଭାବ ଜାଗ୍ରତ ହୋଇଥିଲା, ଯାହା ଜାତୀୟତା ଆନ୍ଦୋଳନ ଏବଂ ଗାନ୍ଧି ବିଚାରର ସଂସର୍ଗରେ ଆସିଲା ପରେ ବିଶେଷ ଅଭିବ୍ୟକ୍ତି ଲାଭ କରିଥିଲା ।

ମାତ୍ର ୧୪ବର୍ଷର କିଶୋର ବୟସରଙ୍କ ସରଳା ଦେବୀଙ୍କର ବିବାହ ସମ୍ପନ୍ନ ହୋଇଥିଲା । ଔପଚାରିକ ଶିକ୍ଷା ଅଭାବ ସାଙ୍ଗକୁ କମ ବୟସରଙ୍କ ବିବାହ ହୁଏତ ଏହି ବିରଳ ନାରୀ ପ୍ରତିଭାଙ୍କ ବ୍ୟକ୍ତିତ୍ୱ ନିର୍ମାଣରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥାନ୍ତା । ମାତ୍ର ତାଙ୍କର ପତି ଭାଗୀରଥି ମହାପାତ୍ର ଥିଲେ ଜଣେ ପ୍ରଖର ଜାତୀୟତାବାଦୀ । ନିଜସ୍ୱ

ବୃତ୍ତି ଓକିଲାତିକୁ ସେ ଗୌଣ କରି ଜାତୀୟ କଂଗ୍ରେସରରେ ସକ୍ରିୟ ଭାବେ କାର୍ଯ୍ୟ କରୁଥିଲେ ଏବଂ ଏଥିପାଇଁ ତାଙ୍କୁ ବାରମ୍ବାର କାରାବରଣ କରିବାକୁ ପଡୁଥିଲା । ୧୯୨୦ରେ ଗଠିତ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଗୋପବନ୍ଧୁ ଦାସ ଥିଲେ ସଭାପତି ଏବଂ ଭାଗୀରଥି ମହାପାତ୍ର ଥିଲେ ସାଧାରଣ ସମ୍ପାଦକ । ସେ କେବେ ପତ୍ନୀ ସରଳା ଦେବୀଙ୍କ ସାମାଜିକ ଓ ରାଜନୀତିକ କାର୍ଯ୍ୟ ପାଇଁ ବାଧକ ହୋଇନଥିଲେ, ବରଂ ସହାୟକ ହୋଇଥିଲେ । ଏହା ସରଳା ଦେବୀଙ୍କ ବ୍ୟକ୍ତିତ୍ୱର ବିକାଶରେ ବିଶେଷ ସାହାଯ୍ୟ କରିଥିଲା ।

୧୯୨୦ ଡିସେମ୍ବରରେ ସରଳାଦେବୀ ନାଗପୁରଠାରେ ଜାତୀୟ କଂଗ୍ରେସର ଅଧିବେଶନରେ ଯୋଗ ଦେଇଥିଲେ । ଏହା ପୂର୍ବରୁ ସମ୍ଭବତଃ ଓଡିଶାରୁ ଜଣେ ବି ମହିଳା ପ୍ରତିନିଧି କଂଗ୍ରେସ କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିଲେ । ସେହିଭଳି ୧୯୩୧ରେ କରାଚି କଂଗ୍ରେସର ବକ୍ତୃତା ଦେବାରେ ସରଳା ଦେବୀ ଥିଲେ ପ୍ରଥମ ଓଡିଆ ମହିଳା । ୧୯୨୧ରେ ମହାତ୍ମାଗାନ୍ଧୀ ପ୍ରଥମଥର ପାଇଁ ଓଡିଶା ଆସିଲେ ଏବଂ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ଲୋକଙ୍କୁ ଉତ୍ପ୍ରେରିତ କଲେ । ସେହି ସମୟରେ ଗାନ୍ଧିଙ୍କର କଟକଠାରେ ସ୍ୱତନ୍ତ୍ରଭାବେ ମହିଳାମାନଙ୍କର ଏକ ସଭାର ଆୟୋଜନ ହୋଇଥିଲା ଏବଂ ସଭାର ଆୟୋଜନ କରିଥିଲେ ସରଳା ଦେବୀ । ସେହିଭଳି ୧୯୨୪ରେ ଏକ ନାରୀ ସମ୍ମିଳନୀର ସରଳା ଆୟୋଜନ କରିଥିଲେ ଏବଂ ତହିଁରେ ଗୋପବନ୍ଧୁ ଦାସଙ୍କୁ ଉଦ୍‌ବୋଧନ୍ ଦେବାପାଇଁ ନିମନ୍ତ୍ରଣ କରିଥିଲେ । ୧୯୨୦ ଦଶକରେ ଓଡିଶାର ରକ୍ଷଣଶୀଳ ସାମାଜିକ ପରିବେଶରେ ଘରକୋଣରେ ଆବଦ୍ଧ ମହିଳାମାନଙ୍କୁ ସଭାସମିତି ପ୍ରତି ଆକୃଷ୍ଟ କରିବା ଥିଲା ଏକ ଖୁବ୍ କାଠିକର କାମ । ତା'ସତ୍ତ୍ୱେ ଅନେକ ସଂଖ୍ୟାରେ ମହିଳା ଉକ୍ତ ସମ୍ମିଳନୀରେ ଭାଗ ନେଇଥିଲେ । ଏହା ପଛରେ ଥିବା ସରଳା ଦେବୀଙ୍କ ଉଭୟ ଧୈର୍ଯ୍ୟ ଓ ସାହସକୁ ସହଜରେ ଅନୁମାନ କରିହୁଏ । ଏହା ପୂର୍ବରୁ ସମ୍ଭବତଃ ମହିଳାମାନଙ୍କୁ ନେଇ ରାଜନୀତିକ ଏବଂ ସାମାଜିକ ସଭା ଓଡିଶାରେ ଆୟୋଜିତ ହୋଇନଥିଲା ।

ସରଳା ଦେବୀ ନିଜର ଧୈର୍ଯ୍ୟ ଓ ସାହସକୁ କଦାପି ବ୍ୟକ୍ତିଗତ ସ୍ତରରେ ସୀମିତ ରଖୁ ନଥିଲେ । ବରଂ ତାକୁ ଏକ ସାମୂହିକ ପ୍ରକ୍ରିୟାରେ ପରିଣତ କରିବାକୁ ପ୍ରୟାସ କରୁଥିଲେ । ୧୯୩୦ରେ ବାଲେଶ୍ୱରର ଇଂଚୁଡିଠାରେ ସେ ଓ ତାଙ୍କ ସମ୍ପର୍କୀୟ ଭଉଣୀ ରମାଦେବୀ ଶତାଧିକ ସଂଖ୍ୟାରେ ମହିଳାମାନଙ୍କ ସାଙ୍ଗରେ 'ଲବଣ ସତ୍ୟାଗ୍ରାହ'ରେ ଭାଗ ନେଇଥିଲେ । ଫଳସ୍ୱରୂପ, ଆଗରୁ ଜଣେ ବି ମହିଳା ନଥିବା ଜାତୀୟତା ଆନ୍ଦୋଳନ ୧୯୩୦ ଦଶକରେ ମହିଳା ବହୁଳ ହେବାକୁ ବସିଲା । ୧୯୩୭ରେ ଗଠିତ ଓଡିଶାର ପ୍ରଥମ ବିଧାନସଭାରେ ସରଳା ଦେବୀ ଥିଲେ ଏକମାତ୍ର ମହିଳା । ବିଧାନସଭାରେ ସେ ନିଡର ହୋଇ ନାରୀ ଶିକ୍ଷା ଓ ବିଧବାମାନଙ୍କର ସମ୍ପତ୍ତି ଅଧିକାର ପାଇଁ ତଥା ଶିଶୁ ମୃତ୍ୟୁ, ବାଲ୍ୟ ବିବାହ ଏବଂ ଯୌତୁକ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ଯୁକ୍ତି ଯେ, ମହିଳା କଦାପି ପୁରୁଷ ହାତର ସମ୍ପତ୍ତି ନୁହେଁ । ଏଭଳି କି ପତ୍ନୀର ଶରୀର ଉପରେ ପତିର କୌଣସି ବ୍ୟକ୍ତିଗତ ଅଧିକାର ରହିଛି ବୋଲି ମନେ କରିବା ଅଯୌକ୍ତିକ । ଯେମିତି ପୁରୁଷର ଅଧିକାର ରହିଛି ନିଜ ଶରୀର ଉପରେ, ସେମିତି ନାରୀ ମଧ୍ୟ ସମ ପରିମାଣରେ ନିଜ ଶରୀର ଉପରେ ଅଧିକାର ଜାହିର କରିବା କଥା । ଯେତେଦିନଯାଏଁ ନାରୀ ଏହି ସ୍ୱାତନ୍ତ୍ର୍ୟରୁ ବଂଚିତ, ନାରୀ ପାଇଁ ଇଶ୍ୱର ନାହାନ୍ତି ବୋଲି କୁହାଯିବ । ସରଳା ଦେବୀ ଥିଲେ ଜଣେ ଅସାଧାରଣ ଲେଖିକା । ସେ ମୁଖ୍ୟତଃ ନାରୀ ସମସ୍ୟା ଉପରେ ବିଭିନ୍ନ ପତ୍ରପତ୍ରିକା ଏବଂ ପୁସ୍ତକରେ ଅନେକ ନିବନ୍ଧ ଲେଖିଛନ୍ତି । ତାଙ୍କ ରଚିତ

ପୁସ୍ତକ ଗୁଡିକ ମଧ୍ୟରେ 'ଉତ୍କଳର ନାରୀ ସମସ୍ୟା'(୧୯୩୪), 'ନାରୀର ଦାବି(୧୯୩୪), 'ଭାରତୀୟ ମହିଳା ପ୍ରସଙ୍ଗ'(୧୯୩୫), 'ବୀର ରମଣୀ' (୧୯୪୯) ଏବଂ 'ବିଶ୍ୱ ବିପ୍ଳବିନୀ' (୧୯୩୦) ଅନ୍ୟତମ । 'ବିଶ୍ୱ ବିପ୍ଳବିନୀ' ପୁସ୍ତକରେ ସେ ବଙ୍ଗର କ୍ରାନ୍ତିକାରୀ ମହିଳା କଳ୍ପନା ଦତ୍ତ, ରୁଷର ଜାର ଅତ୍ୟାଚାରର ବିରୁଦ୍ଧରେ ସଂଗ୍ରାମ କରିଥିବା ସୋଫିଆ ବରଡିନା, ବାଙ୍କିର ରାଣି ଶୁକଦେବୀ, ଝାନ୍ସିର ଲକ୍ଷ୍ମୀବାଈ ଏବଂ ଇନ୍ଦୋରର ରାଣି ଅହଲ୍ୟା ବାଈଙ୍କ ବୈପ୍ଳବିକ କ୍ରିୟାକଳାପ କଥା ବିସ୍ତାରରେ ଚର୍ଚ୍ଚା କରିଛନ୍ତି ଏବଂ ସେହି ପ୍ରକ୍ରିୟାରେ ମହିଳାମାନଙ୍କୁ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ପ୍ରେରଣା ଦେଇଛନ୍ତି । ଆଧୁନିକ ଓଡିଶା ଗଠନରେ 'ନାରୀ ଜାଗୃତି'ର ବିଶେଷ ଆବଶ୍ୟକତା ରହିଥିଲା ଏବଂ ସରଳା ଦେବୀ ହେଲେ ସେ ଦିଗରେ ଜଣେ ବିଶିଷ୍ଟ ବିଂଧାଣୀ । ସେ ସାହିତ୍ୟିକା ଥିଲେ, ବିପ୍ଳବିନୀ ଥିଲେ ଏବଂ ସାମାଜିକ ସାମାଜିକ ନ୍ୟାୟ ପାଇଁ ସର୍ବଦା ସ୍ୱର ଉତ୍ତୋଳନ କରୁଥିଲେ । ନାରୀ ସଶକ୍ତିକରଣ ପାଇଁ ସେ ଆଜୀବନ ବୌଦ୍ଧିକ ସଂଘର୍ଷ କରିଥିଲେ । ୧୯୮୬ ଅକ୍ଟୋବର ୪ ତାରିଖରେ ଏହି ମହାନ୍ ମହିଳାଙ୍କର ୮୨ ବର୍ଷ ବୟସରଙ୍କ ଦେହାନ୍ତ ହୋଇଥିଲା ।

**ମାଳତୀ ଦେବୀ (୧୯୦୪-୧୯୯୮)**

୧୯୨୦ ଦଶକରେ ଓଡିଶାର ସାମାଜିକ ଜୀବନରେ ରମାଦେବୀ ଏବଂ ସରଳା ଦେବୀଙ୍କ ସହିତ ଯେଉଁ ତୃତୀୟ ମହିଳା ଜଣଙ୍କର ବିଶେଷ ଯୋଗଦାନ ରହିଥିଲା, ସେ ଜନ୍ମଜାତ ଓଡିଆ ନଥିଲେ । ମାଳତୀ ସେନ ଥିଲା ତାଙ୍କର ମୂଳ ନାମ ।ଓଡିଶାର ନବକୃଷ୍ଣ ଚୌଧୁରୀଙ୍କ ସହ ୧୯୨୭ରେ ବିବାହ କଲାପରେ ମାଳତୀ ଚୌଧୁରୀ ବା ମାଳତୀ ଦେବୀ ହେଲେ; ଓଡିଶାକୁ କର୍ମକ୍ଷେତ୍ର କଲେ । ଏହାପରେ ସ୍ୱାଧୀନତା ସଂଗ୍ରାମ,ନାରୀ ଆନ୍ଦୋଳନ,ପ୍ରଜାମଣ୍ଡଳ ଆନ୍ଦୋଳନ, କୃଷକ ଆନ୍ଦୋଳନ, ସମାଜବାଦୀ ଆନ୍ଦୋଳନ ଏବଂ ଏସବୁ ସହିତ ଦେଶର ସ୍ୱାଧୀନତା ପରେ ଗଢି ଉଠିଥିବା ଭୂଦାନ ଓ ସର୍ବୋଦୟ ଆନ୍ଦୋଳନରେ ମାଳତୀ ଦେବୀଙ୍କର ଯେତେ ଅଧିକ ମାତ୍ରାରେ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଛି, ସେତିକି ସମ୍ପୃକ୍ତି ବୋଧହୁଏ ଆଉ କାହାରିଠାରେ ଦେଖିବାକୁ ମିଳି ନାହିଁ । ଯେ କୌଣସି ସାମାଜିକ ଆନ୍ଦୋଳନରେ ପୁରୁଷ ତୁଳନାରେ ମହିଳା ନେତୃତ୍ୱର ଭୂମିକା କମ ହୋଇନପାରେ । ମାଳତୀ ଦେବୀ ଏହାକୁ ନିଜ କାର୍ଯ୍ୟ ମାଧ୍ୟମରେ ପ୍ରମାଣ କରିଛନ୍ତି ।

ମାଳତୀ ଦେବୀଙ୍କର ଜନ୍ମ ୨୬ ଜୁଲାଇ ୧୯୦୪ ମସିହାରେ; ପୂର୍ବ ବଙ୍ଗ(ବର୍ତ୍ତମାନର ବାଂଲାଦେଶ)ର ଏକ ପ୍ରତିଷ୍ଠିତ ବ୍ରାହ୍ମ ପରିବାରେ । ତାଙ୍କର ପିତା ଥିଲେ ବାରିଷ୍ଟର କୁମୁଦ ନାଥ ସେନ ଏବଂ ମାତା ସ୍ନେହଲତା ସେନ । ମାଳତୀ ଯେତେବେଳେ ମାତ୍ର ଦୁଇ ବର୍ଷ 'ଛ'ମାସର ଏକ ଶିଶୁ, ତାଙ୍କ ବାପାଙ୍କ ଦେହାନ୍ତ ହେଲା । ସ୍ନେହଲତା ଥିଲେ ଜଣେ ବଙ୍ଗାଳି ଭାଷାରେ ଲେଖିକା । କନ୍ୟା ମାଳତୀଙ୍କୁ ସେ କଳା,ସାହିତ୍ୟ,ସଂସ୍କୃତି ଆଦି ବିଭିନ୍ନ ଦିଗ ସହ ପିଲାଟି ଦିନରୁ ପରିଚୟ କରାଇଥିଲେ ଏବଂ ସେହି ମାଧ୍ୟମରେ ଏକ ସଂସ୍କାରପୂର୍ଣ୍ଣ ଜୀବନ ନିର୍ବାହ କରିବାର ମାର୍ଗ ଦେଖାଇଥିଲେ । ସ୍ନେହଲତାଙ୍କ ପିତା ବିହାରୀଲାଲ ଗୁପ୍ତା ଥିଲେ ଜଣେ ଆଇସିଏସ୍; ଅନେକ ବର୍ଷ ଧରି ସେ ବରୋଦା ରାଜ୍ୟର ଦେୱାନ ପଦରେ ମଧ୍ୟ ରହିଥିଲେ । ଉଭୟ ମାତାଙ୍କ ଆଡୁ ତଥା ପିତାଙ୍କ ଆଡୁ ମାଳତୀ ଉତ୍ତରାଧିକାର ସୂତ୍ରରେ ଶିକ୍ଷା,ସଂସ୍କୃତି ଓ ଆଭିଜାତ୍ୟ ଆଦି ଲାଭ କରିଥିଲେ । ଦୀର୍ଘ ଛଅ ବର୍ଷ ଧରି (୧୯୨୧ରୁ୧୯୨୭) ସେ ଶାନ୍ତିନିକେତନରେ ଅଧ୍ୟୟନ କରିବା ପ୍ରକ୍ରିୟାରେ 'ଗୁରୁଦେବ' ରବୀନ୍ଦ୍ର ନାଥ ଟାଗୋରଙ୍କ ଆଶୀର୍ବାଦ ପ୍ରାପ୍ତ

ହୋଇଥିଲା । ଏସବୁ ମାଳତୀ ଦେବୀଙ୍କ ବ୍ୟକ୍ତିତ୍ୱ ଗଠନ ଏବଂ ସମାଜ କାମ ଲାଗି ଦୃଢ଼ ଆଧାର ଯୋଗାଇଥିଲା । ଅସହଯୋଗ ଆନ୍ଦୋଳନରେ ସକ୍ରିୟ ସଂଶ୍ଳିଷ୍ଟି ପରେ ଯୁବକ ନବକୃଷ୍ଣ ଚୌଧୁରୀ ଅଧ୍ୟୟନ ପାଇଁ ସାବରମତି ଆଶ୍ରମ ଗଲେ । ସେଠାରୁ ଜାତୀୟତାବାଦୀ ଶିକ୍ଷାର ନାଭିକେନ୍ଦ୍ର ମନେ କରାଯାଉଥିବା ବିଶ୍ୱଭାରତୀରେ ଅଧ୍ୟୟନ ପାଇଁ ପହଞ୍ଚିଲେ । ବିଶ୍ୱଭାରତୀରେ ମାଳତୀ ଏବଂ ନବକୃଷ୍ଣଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେଲା, ଯାହା ଶେଷକୁ ବିବାହର ରୂପ ନେଲା । ସେବେଠାରୁ ମାଳତୀ ଓଡ଼ିଶାର କେବଳ ବୋହୂ ହୋଇନଥିଲେ, ଓଡ଼ିଶାର ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ୍ୟ ସକ୍ରିୟ ହେଲେ ଏବଂ ଜାତୀୟତା ଆନ୍ଦୋଳନକୁ ନୂଆ ଗତି ଓ ରୂପ ପ୍ରଦାନ କଲେ ।

୧୯୨୭ରେ ବିବାହ ପରେ ମାଳତୀ ଦେବୀ ପତି ନବକୃଷ୍ଣଙ୍କ ସହିତ ଜଗତସିଂହପୁର ଜିଲ୍ଲାର ଅଣଖିଆ ଗ୍ରାମରେ ସମ୍ପୂର୍ଣ୍ଣ ଗ୍ରାମୀଣ ଜୀବନ ବ୍ୟତୀତ କଲେ । ଶାରୀରିକ ପରିଶ୍ରମ କରି କୃଷି କାର୍ଯ୍ୟରେ ନିଯୁକ୍ତ ହେବା ସାଙ୍ଗକୁ ଗ୍ରାମ ସଙ୍ଗଠନ ଓ ଗାନ୍ଧିଙ୍କର ରଚନାତ୍ମକ କାର୍ଯ୍ୟକୁ ସେଠାରେ ମହତ୍ତ୍ୱ ଦେଲେ । ୧୯୩୦ରେ ଲବଣ ସତ୍ୟାଗ୍ରହରେ ମାଳତୀ ଦେବୀ ଏବଂ ଅନେକ ମହିଳା ଯୋଗଦାନ କଲେ । ଏହା ଫଳରେ କଂଗ୍ରେସ କାର୍ଯ୍ୟ ଗାଁ ଗଣ୍ଡାକୁ ବ୍ୟାପିଲା । କିନ୍ତୁ ତା' ପାଇଁ ନିଅଁ ସାବ୍ୟସ୍ତ ହେଲା ୧୯୨୦ଦଶକରେ ଆରମ୍ଭ ହୋଇଥିବା ରଚନାତ୍ମକ କାର୍ଯ୍ୟ, ବିଶେଷକରି ମାଳତୀ ଦେବୀ ଓ ରମାଦେବୀ ଆଦିଙ୍କ ଗ୍ରାମ୍ୟ ସମ୍ପୃକ୍ତି । ୧୯୩୩ ମସିହା ଫେବୃୟାରୀ ମାସରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀ ସମେତ ଆଉ ଅନେକ ଯୁବ କଂଗ୍ରେସ କର୍ମୀ 'ଉତ୍କଳ କଂଗ୍ରେସ ସାମ୍ୟବାଦୀ କର୍ମୀସଂଘ'ର ଗଠନ କଲେ । ଏହାର ଉଦ୍ଦେଶ୍ୟ ଥିଲା ଜାତୀୟବାଦୀ ଆନ୍ଦୋଳନକୁ ଏକ ପ୍ରଗତିଶୀଳ ଓ ସାମ୍ୟବାଦୀ ଦିଗ ଦେବା । ୧୯୩୪ରେ ପାଟନାଠାରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ଏବଂ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱରେ ଯେତେବେଳେ 'କଂଗ୍ରେସ ସୋସିଆଲିଷ୍ଟ ପାର୍ଟି'ର ସଂଘଟନ ହେଲା, ତହିଁରେ ଉତ୍କଳ ସାମ୍ୟବାଦୀ ସଂଘର ବିଲୟ ଘଟିଲା । ୧୯୩୦ ଏବଂ ୧୯୪୦ ଦଶକରେ ଭାରତଛାଡ ଆନ୍ଦୋଳନଠାରୁ ଆରମ୍ଭ କରି ପ୍ରଜା ଆନ୍ଦୋଳନ ଏବଂ ଗଡଜାତ ଆନ୍ଦୋଳନ ଆଦି ଓଡ଼ିଶାରେ ଯାହାସବୁ କଂଗ୍ରେସ କାର୍ଯ୍ୟକ୍ରମ ହୋଇଛି, ତା'ର ମୂଳରେ ରହିଛି ସେହି ସମାଜବାଦୀ ଯୁବବର୍ଗର, ବିଶେଷକରି ନବକୃଷ୍ଣ ଏବଂ ମାଳତୀ ଦେବୀଙ୍କର ସକ୍ରିୟ ସମ୍ପୃକ୍ତି । ବିବାହ ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଉଭୟ ପତି-ପତ୍ନୀ ପରସ୍ପର ପାଇଁ ରାଜନୈତିକ କାର୍ଯ୍ୟରେ ଶତପ୍ରତିଶତ ପରିପୂରକ ହୋଇ କରିଥିଲେ । ୧୯୪୬ରେ ଅନୁଗୁଳଠାରେ 'ବାଜି ରାଉତ ଛାତ୍ରାବାସ' ଓ ୧୯୪୮ରେ 'ଉତ୍କଳ ଜନଜୀବନ ମଣ୍ଡଳ' ଗଢ଼ି ସେମାନେ ପଛୁଆ ବର୍ଗର ପିଲାଙ୍କ ଶିକ୍ଷା ଏବଂ ସାମାଜିକ କାମକୁ ପ୍ରକ୍ରିୟାଭିତ୍ତିକ କଲେ, ଯାହା ଆଧୁନିକ ଓଡ଼ିଶା ପାଇଁ ଥିଲା ଏକ ବଡ ଉପଲବ୍ଧି ।

୧୯୪୬ରୁ ୧୯୪୯ମଧ୍ୟରେ ମାଳତୀ ଦେବୀ ସାମ୍ବିଧାନିକ ସଭାର ସଭ୍ୟ ଥିଲେ । ଉତ୍କଳ ପ୍ରଦେଶ କଂଗ୍ରେସର ସଭାପତି ଦାୟିତ୍ୱରେ ମଧ୍ୟ ସେ ରହିଥିଲେ । ସ୍ୱାଧୀନତା ପରେ ନବକୃଷ୍ଣ ଚୌଧୁରୀ କିଛି ସମୟ ପାଇଁ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଥିଲେ । କ୍ଷମତା ରାଜନୀତିରେ ରହି ସୁଦ୍ଧା ସରଳ ଓ ସହଜ ଜୀବନ ବ୍ୟତୀତ କରିବାର ଉଦାହରଣ ସେ ସୃଷ୍ଟି କରିଯାଇଥିଲେ । ମାତ୍ର ମାଳତୀ ଦେବୀ ସମ୍ପୂର୍ଣ୍ଣ ରୂପେ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ ଏବଂ ମୁଖ୍ୟମନ୍ତ୍ରୀ ନବକୃଷ୍ଣଙ୍କୁ ସଭାସମିତିରେ ଖୋଲାଖୋଲି ଯୁକ୍ତିପୂର୍ଣ୍ଣ ସମାଲୋଚନା ମଧ୍ୟ କରୁଥିଲେ । ପୂରା ପରିବାର ସ୍ୱାଧୀନତା ସଂଗ୍ରାମରେ ଓତଃପ୍ରୋତଃ ରହି ସୁଦ୍ଧା କ୍ଷମତା ରାଜନୀତିକୁ ତାଙ୍କ ପରିବାର ସ୍ୱୀକାର କରି

ନଥିଲା । ସମଗ୍ର ଭାରତବର୍ଷରେ ଏଭଳି ପାରିବାରିକ ତ୍ୟାଗର ଉଦାହରଣ ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଏଥିପାଇଁ ମାଳତୀ ଦେବୀ ଅଧିକ ଶ୍ରେୟର ହକ୍‌ଦାର ହେବେ- କାରଣ ଏକ ଆଭିଜାତ୍ୟ ପୂର୍ଣ୍ଣ ପରିବାରରେ ଜନ୍ମ ଗ୍ରହଣ କରି ସୁଦ୍ଧା ପରିବାରକୁ କ୍ଷମତା ଦୌଡରେ ସାମିଲ ହେବାକୁ ସେ ସୁଯୋଗ ଦେଇ ନଥିଲେ ।

ମାଳତୀ ଦେବୀ ସମାଜ କାମ ପାଇଁ ଅନେକ ସମ୍ମାନ ଲାଭ କରିଥିଲେ । 'ଯମୁନାଲାଲ ବଜାଜ ସମ୍ମାନ' 'ଉତ୍କଳ ସେବା ସମ୍ମାନ', 'ଟୋଗୋର ସାହିତ୍ୟ ସମ୍ମାନ' ଓ ବିଶ୍ୱଭାରତୀରୁ 'ଦେଶିକୋତ୍ତମ ସମ୍ମାନ' ତନ୍ମଧ୍ୟରେ ଅନ୍ୟତମ । ମାତ୍ର ସମ୍ମାନ ଓ ପୁରସ୍କାରର ଲୋଭ କେବେ ତାଙ୍କର ନଥିଲା । ସେଥିପାଇଁ ବଡ ବଡ ସମ୍ମାନକୁ ମଧ୍ୟ ସେ ଫେରାଇ ଦେବାର ସାହସ ରଖୁଥିଲେ । ୧୯୯୮ ମାର୍ଚ୍ଚ ୧୫ତାରିଖରେ ୯୪ବର୍ଷ ବୟସରଙ୍କ ମାଳତୀ ଦେବୀଙ୍କର ଦେହାନ୍ତ ହୋଇଥିଲା ।

<u>ସାରାଂଶ</u>

ସମାଜ ଗଠନ ଏକ ଦୀର୍ଘ ପ୍ରକ୍ରିୟା ।ବ୍ୟକ୍ତିର ବିଚାର ଏବଂ କାର୍ଯ୍ୟ ବିନା କୌଣସି ସମାଜର ଗଠନ ସମ୍ଭବ ନୁହେଁ । ଦ୍ୱିତୀୟତଃ ସର୍ବଦା ସ୍ୱତନ୍ତ୍ରତା ପାଇଁ ଉଦ୍ୟମ କରୁଥିବା ବ୍ୟକ୍ତି ପୂର୍ଣ୍ଣତଃ ସ୍ୱତନ୍ତ୍ର ନୁହେଁ । ତା' ନିଜ ସମୟ ଓ ପୃଷ୍ଠଭୂମିର ପ୍ରଭାବରୁ ମଧ୍ୟ ସେ ମୁକ୍ତି ପାଇପାରେ ନା । ସେହି ଆଧାରରେ ସମାଜ ଗଠନରେ ବ୍ୟକ୍ତିର ଭୂମିକାକୁ ମହତ୍ତ୍ୱ ମିଳିବା କଥା । ତାକୁ ସାମାଜିକ ପରିବର୍ତ୍ତନର ଏକମାତ୍ର କାରକ ମନେ କରାଯିବା କଥା ନୁହେଁ । ଆଧୁନିକ ଓଡିଶା ପରିପ୍ରେକ୍ଷୀରେ ଦେଖିଲେ,ଊନବିଂଶ ଓ ବିଂଶ ଶତାବ୍ଦୀର ଓଡିଶାକୁ ଆଧୁନିକ ଓଡିଶା ବୋଲି ନାମିତ କରାଯିବ । ଏହି ସମୟରେ ବିଶେଷକରି ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ଆରମ୍ଭର ଓଡିଶାର ଆଧୁନିକ ଶିକ୍ଷିତ ବର୍ଗ ଓଡିଶା ଗଢିବାର ଦାୟିତ୍ୱ ନେଲେ । ସେମାନଙ୍କ ମଧ୍ୟରୁ ପ୍ରମୁଖ କେତେଜଣ,ଯେମିତି ମଧୁସୂଦନ ଦାସ, ଗୋପବନ୍ଧୁ ଦାସ, କୃଷ୍ଣଚନ୍ଦ୍ର ଗଜପତି,ରମାଦେବୀ,ସରଳାଦେବୀ ଏବଂ ମାଳତୀ ଦେବୀ, ଏଠାରେ ଚର୍ଚ୍ଚାର ପ୍ରସଙ୍ଗ । ସେମାନଙ୍କ ସମାଜ ଗଠନରେ ଭୂମିକା ଓ ବିଚାର ଯେ ଖୁବ୍ ମହତ୍ତ୍ୱପୂର୍ଣ୍ଣ- ଏକଥା ଅନସ୍ୱୀକାର୍ଯ୍ୟ । ସେମାନଙ୍କ ବିଚାର ଏବଂ କାର୍ଯ୍ୟଶୈଳୀ ଏକ ନଥିଲା, ଯଦିଓ ଲକ୍ଷ୍ୟକୁ ନେଇ ସେମାନଙ୍କ ମଧ୍ୟରେ ଭିନ୍ନତା ନଥିଲା। ପ୍ରତ୍ୟେକଙ୍କର ସାମାଜିକ ଓ ପାରିବାରିକ ପୃଷ୍ଠଭୂମିରେ ମଧ୍ୟ ପ୍ରଭେଦ ଥିଲା । ଏହାର ପ୍ରଭାବ ସେମାନଙ୍କ ବିଚାର ବ୍ୟକ୍ତିତ୍ୱରେ ଦେଖିବାକୁ ମିଳିଥିଲା । ମଧୁସୂଦନ ଜାତି ଗଠନ ପାଇଁ ରାଜ୍ୟ-ରାଷ୍ଟ୍ରର ସହଯୋଗର ଆବଶ୍ୟକତା ରହିଛି ବୋଲି ବୁଝିଥିଲେ । କୃଷ୍ଣଚନ୍ଦ୍ର ଗଜପତି ଥିଲେ ପାରଳାଖେମୁଣ୍ଡିର ମହାରାଜା । ରାଜ୍ୟର ରାଜା ହେବା ସତ୍ତ୍ୱ ଭାଷାଭିତ୍ତିକ ଆନ୍ଦୋଳନ ଯୋଗୁଁ ସେ ତେଲଗୁ ଅଧ୍ୟୁଷିତ ପ୍ରାଦେଶିକ ଶାସନରୁ ଆସି ଓଡିଶା ସହ ରାଜ୍ୟକୁ ସଂଲଗ୍ନିକୃତ କରିବାକୁ ପ୍ରୟାସ କଲେ ଏବଂ ସେହି ପ୍ରକ୍ରିୟାରେ ଭାଷା ଅସ୍ମିତା ଆନ୍ଦୋଳନର ଜଣେ ପ୍ରମୁଖ କର୍ଣ୍ଣଧାର ହେଲେ । ଗୋପବନ୍ଧୁ ଦାସଙ୍କ ପ୍ରମୁଖ ଲକ୍ଷ୍ୟ ଥିଲା ଆଞ୍ଚଳିକତା ଓ ରାଷ୍ଟ୍ରୀୟତା ମଧ୍ୟର ପରିପୂରକତାକୁ ଅନାବରଣ କରିବା । ସେଥିପାଇଁ ସେ ସମାନ ଆଗ୍ରହରେ ଓଡିଶାରେ ଅସହଯୋଗ ଆନ୍ଦୋଳନର ନେତୃତ୍ୱ ନେଲେ ଏବଂ ଓଡିଶା ଆନ୍ଦୋଳନର ସ୍ୱରକୁ ପ୍ରବଳ ଓ ପ୍ରଖର କଲେ । ତାଙ୍କ ଉଦ୍ୟମରେ 'ଉତ୍କଳ ସମ୍ମିଳନୀ' ୧୯୨୦ରେ ଜାତୀୟ କଂଗ୍ରେସର ସମ୍ମିଶ୍ରିତ ହେଲା । ଓଡିଶାର ବୌଦ୍ଧିକ ଆନ୍ଦୋଳନର ତିନିଜଣ ପ୍ରମୁଖ ନେତ୍ରୀ ରମାଦେବୀ,ସରଳା ଦେବୀ ଓ ମାଳତୀ ଦେବୀ ଥିଲେ ପାରିବାରିକ ସୂତ୍ରରେ ସମ୍ବନ୍ଧୀୟ ଓ ରାଜନୀତିକ କାର୍ଯ୍ୟରେ ପରସ୍ପରର ପରିପୂରକ । ସାଙ୍ଗରେ ଏକଥା ବି ସତ ଯେ,

ତିନିଜଣଙ୍କ ମଧ୍ୟରେ ରମାଦେବୀ ବୟସର ଜ୍ୟେଷ୍ଠ ଥିଲେ ଓ ବିଚାରରେ ସମାବେଷ୍ଟୀ ସ୍ୱଭାବର ଥିଲେ । ସମସ୍ତଙ୍କୁ ସାଙ୍ଗରେ ନେଇ ଚଳିବାର ମାନସିକ ପରିପକ୍ୱତା ସେ ଲାଭ କରିଥିଲେ । ଏହି କାରଣରୁ ସରଳା ଦେବୀଙ୍କ ପରି ସେ 'ନାରିବାଦୀ' ନଥିଲେ କିମ୍ବା ମାଳତୀ ଦେବିଙ୍କ ପରି ଉଗ୍ରଜାତୀୟତାବାଦୀ ନଥିଲେ । ତା'ସତ୍ତ୍ୱେ ସେ ଉଭୟ ସରଳା ଦେବୀ ଓ ମାଳତୀ ଦେବୀ ଏବଂ ଅନ୍ୟ ସମାଜକର୍ମୀଙ୍କ ପାଇଁ ମା'ଭଳି ସ୍ନେହ-ଆଦରର ପ୍ରତିମୂର୍ତ୍ତି ହୋଇ ରହିଥିଲେ । ସେମାନଙ୍କୁ ସମସ୍ତଙ୍କୁ ନେଇ ଆଧୁନିକ ଓଡଶା ଓ ତା'ର ସାମାଜିକ ବିଚାର । ସେ ମଧ୍ୟରୁ କାହାରି ମହତ୍ତ୍ୱ ସମାଜ ଗଠନ ପାଇଁ କମ ବୋଲି କୁହାଯାଇ ନ ପାରେ ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛି ଲେଖ ।**

(କ) ଆଧୁନିକ ଓଡିଶାର ନେତୃତ୍ୱ କାହା ହାତରେ ରହିଲା ?

(i) ବଣିକ ବର୍ଗ (ii) ରାଜନ୍ୟ ବର୍ଗ

(iii) ବୁଦ୍ଧିଜୀବୀ ବର୍ଗ (iv) କୃଷକ ବର୍ଗ

(ଖ) ନିମ୍ନୋକ୍ତ ଇତିହାସ ପୁରୁଷଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କିଏ ?

(i) ମଧୁସୂଦନ ଦାସ (ii) ଗୋପବନ୍ଧୁ ଦାସ

(iii) କୃଷ୍ଣଚନ୍ଦ୍ର ଗଜପତି (iv) ରମାଦେବୀ

(ଗ) କେଉଁ ମସିହାରେ ଉଚ୍ଚଶିକ୍ଷା ପାଇଁ ମଧୁସୂଦନ ଦାସ ଓଡିଶା ଛାଡି କଲିକତା ଗଲେ ?

(i) ୧୮୪୭ (ii) ୧୮୬୫

(iii) ୧୮୬୬ (iv) ୧୯୦୩

(ଘ) ନିମ୍ନୋକ୍ତ କେଉଁଟି ଥିଲା 'ଉତ୍କଳ ଟ୍ୟାନେରୀ' ର କଞ୍ଚାମାଲ ?

(i) ଚମଡା (ii) ତୁଳା

(iii) ଧାନ (iv) ଆଖୁ

(ଙ) 'ଧର୍ମପଦ' କାବ୍ୟର ଲେଖକ କିଏ ?

(i) ଫକୀର ମୋହନ ସେନାପତି (ii) ଗୋପାଳ ଚନ୍ଦ୍ର ପ୍ରହରାଜ

(iii) ଗୋପବନ୍ଧୁ ଦାସ (iv) ସରଳା ଦେବୀ

## 'ଖ' ବିଭାଗ(ସଂକ୍ଷିପ୍ତ ଉତ୍ତର)

୨। ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)

(କ) କେଉଁ ବ୍ୟକ୍ତିଗତ କାରଣରୁ ମଧୁସୂଦନ ଦାସ 'ଅସ୍ମିତାର ଆନ୍ଦୋଳନ' ଉପରେ ଗୁରୁତ୍ୱ ଦେଲେ ?

(ଖ) ମଧୁସୂଦନନ ଦାସ ଓଡିଶା ଆନ୍ଦୋଳନର ସୂତ୍ରପାତ କରି କୌଣସି ସଂକୀର୍ଣ୍ଣ ଆଞ୍ଚଳିକତାକୁ ପ୍ରୋତ୍ସାହିତ କରୁନଥିଲେ । ଏହି ଉକ୍ତିଟିର ବ୍ୟାଖ୍ୟା କର ।

(ଗ) ମଧୁସୂଦନଙ୍କ ପତ୍ରପତ୍ରିକା ସହିତ ଥିବା ସମ୍ବନ୍ଧକୁ ବ୍ୟାଖ୍ୟା କର ।

(ଘ) ଗୋପବନ୍ଧୁ ଦାସ ଜୀବନର କେଉଁ ବ୍ୟକ୍ତିଗତ ଅନୁଭୂତି ଯୋଗୁଁ 'ପରାର୍ଥେ ଜୀବନ'କୁ ବ୍ରତ କରିଥିଲେ ?

(ଙ) 'ପାରଳା ରାଜା'ଙ୍କ ଓଡିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ କ'ଣ ପାଇଁ ଯୋଗଦାନ ରହିଥିଲା ?

(ଚ) ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ଶାସନ କାଳରେ ଘଟିଥିବା କେତୋଟି ମହତ୍ତ୍ୱପୂର୍ଣ୍ଣ ଘଟଣାର ଉଲ୍ଲେଖ କର ?

(ଛ) ରମାଦେବୀଙ୍କ ପାରିବାରିକ ପୃଷ୍ଠଭୂମି ସମ୍ବନ୍ଧରେ ଲେଖ ।

(ଜ) ଜାତୀୟତା ଆନ୍ଦୋଳନରେ ଓଡିଶାରେ ମହିଳାମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କର ।

(ଝ) ମାଳତୀ ଦେବୀଙ୍କ ସ୍ୱାଧୀନତା ସଂଗ୍ରାମରେ ଭୂମିକା ସମ୍ବନ୍ଧରେ ଆଲୋଚନା କର ।

(ଞ) ସରଳା ଦେବୀଙ୍କ ସାହିତ୍ୟିକ ପ୍ରତିଭା ସମ୍ବନ୍ଧରେ ଆଲୋଚନା କର ।

୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ ।
(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ନମ୍ବର)

(କ) ଓଡିଶାରେ କୁଟୀର ଶିଳ୍ପର ବିକାଶ ପାଇଁ ମଧୁବାବୁଙ୍କର ଅବଦାନ ଉଲ୍ଲେଖ କର ।

(ଖ) ଗୋପବନ୍ଧୁ ଦାସଙ୍କର ସାହିତ୍ୟିକ କୃତି ଉପରେ ଆଲୋକପାତ କର ।

(ଗ) କୃଷ୍ଣଚନ୍ଦ୍ର ଗଜପତି ଓଡିଶାରେ ଶିକ୍ଷାର ବିକାଶ ପାଇଁ କ'ଣ ପଦକ୍ଷେପ ନେଇଥିଲେ ?

(ଘ) ଓଡିଶା ନାରୀଜାତିର ଜାଗୃତି ପାଇଁ ସରଳାଦେବୀଙ୍କ ଅବଦାନ ବର୍ଣ୍ଣନା କର ।

(ଙ) ମାଳତୀ ଦେବୀ ଓଡିଶାରେ କେଉଁ କେଉଁ ଆନ୍ଦୋଳନ ସହିତ ସମ୍ପୃକ୍ତ ଥିଲେ ସଂକ୍ଷେପରେ ଆଲୋଚନା କର ।

## 'ଗ' ବିଭାଗ (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୪। ଗୋପବନ୍ଧୁ ଦାସଙ୍କ ବ୍ୟକ୍ତିତ୍ୱ ଓ ରାଜନୀତିକୁ ନେଇ ଏକ ବିଶଦ ଆଲୋଚନା କର ।

୫। ସରଳା ଦେବୀ ଜଣେ ବିପ୍ଳବିନୀ ଥିଲେ । ଏହି ଉକ୍ତି ସମ୍ବନ୍ଧରେ ତଥ୍ୟ ଆଧାରିତ ଏକ ଆଲୋଚନା କର ।

## ସପ୍ତଦଶ ଅଧ୍ୟାୟ

# ଭାରତୀୟ ସମ୍ବିଧାନର ପ୍ରଣୟନ
# Framing of the Indian Constitution

**(କ) ସମ୍ବିଧାନ ସଭାର ଗଠନ (Making of the Constituent Assembly)**

**(ଖ) ସମ୍ବିଧାନର ଦୃଷ୍ଟି (Vision of the Constitution)**

**(ଗ) ସମ୍ବିଧାନର ବୈଶିଷ୍ଟ୍ୟ (Salient features)**

ସ୍ୱାଧୀଣତା ସଂଗ୍ରାମ ଯୋଗୁଁ ଯେତେବେଳେ ଇଂରେଜ ସରକାର ଭାରତ ଛାଡିବେ ବୋଲି ନିଷ୍ପତ୍ତି ନେଲେ, ଦେଶରେ ଏକ ନୂଆ ସମ୍ବିଧାନ ପ୍ରଣୟନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ଏଥିପାଇଁ ଏକ ସମ୍ବିଧାସଭା ବା ସାମ୍ବିଧାନିକ ସଭା (Constituent Assembly)ର ଗଠନ ହେଲା ।୧୯୪୬ରେ ସମ୍ବିଧାନ ସଭାକୁ ସଭ୍ୟମାନେ ନିର୍ବାଚିତ ହୋଇଆସିଲେ । ୧୯୪୬ ମସିହା ଡିସେମ୍ବରରେ ସଭାର ପ୍ରଥମ ବୈଠକ ବସିଲା ଏବଂ ସେହି ଦିନ ଠାରୁ ୧୯୪୯ ଡିସେମ୍ବର ମାସ ମଧ୍ୟରେ ସମ୍ବିଧାନ ପ୍ରସ୍ତୁତ ହେଲା । ୨୬ ଜାନୁୟାରୀ ୧୯୫୦ ତାରିଖ ଦିନ ନୂତନ ସମ୍ବଧାନକୁ ଦେଶରେ ଲାଗୁ କରାଗଲା । ନୂଆ ସମ୍ବିଧାନ ଅନୁସାରେ ଭାରତ ଏକ ସାଧାରଣତନ୍ତ୍ର ଘୋଷିତ ହେଲା ।

ଭାରତର ସମ୍ବିଧାନ ହେଲା ବିଶ୍ୱର ସବୁଠାରୁ ଦୀର୍ଘତମ ସମ୍ବିଧାନ । ଏଥିରେ ୩୯୫ ଟି ଆର୍ଟିକିଲ(Article) ଓ ୧୨ଟି ସିଡ୍ୟୁଲ (Schedule) ରହିଛି । ଯଦିଓ ଭାରତ ପ୍ରାୟ ୨୦୦ ବର୍ଷ ଧରି ବିଦେଶୀ ଶାସନାଧୀନ ଥିଲା, ସ୍ୱାଧୀନ ଭାରତର ସମ୍ବିଧାନ ସମ୍ପୂର୍ଣ୍ଣ ରୂପେ ଭାରତୀୟମାନଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ଏହାର ପ୍ରଣୟନରେ ସ୍ୱଦେଶୀ ବୁଦ୍ଧି ବିବେକର ପରାକାଷ୍ଠା ରହିଛି । ସ୍ୱାଧୀନ ଭାରତ କେଉଁ ଧାରାରେ ପରିଚାଳିତ ହେବ, କ'ଣ ତା'ର ଶାସନ ବ୍ୟବସ୍ଥା ରହିବ, କେଉଁଭଳି ଭାବେ ରୀତିନୀତରେ ଓ ଆବଶ୍ୟକୀୟ ପରିବର୍ତ୍ତନ ଅଣାଯିବ ଏବଂ ସର୍ବୋପରି କେଉଁ ଉପାୟରେ ଆବଶ୍ୟକ ସ୍ଥଳେ ସମ୍ବିଧାନରେ ପରିବର୍ତ୍ତନ ଅଣାଯାଇ ପାରିବ- ସବୁ ପ୍ରସଙ୍ଗର ବିସ୍ତାରରେ ସମ୍ବିଧାନରେ ଉଲ୍ଲେଖ ରହିଛି । ଏହାର ପ୍ରଣେତା ଜନଗଣଙ୍କ ପ୍ରତିନିଧିମାନେ ଏବଂ ଏହାର ପ୍ରଣୟନରେ ଏକ ସ୍ୱାଧୀନତାକାମୀ ଜନଗଣଙ୍କ ଦୃଷ୍ଟି ସମ୍ମିଳିତ ହୋଇରହିଛି । ଏମିତିରେ ଦେଖିଲେ,ପ୍ରତ୍ୟେକ ଆଧୁନିକ ରାଷ୍ଟ୍ରର ଗୋଟାଏ ଗୋଟାଏ ସମ୍ବିଧାନ ରହିଛି ଏବଂ ଭାରତର ସମ୍ବିଧାନ ମଧ୍ୟ ସେହି ଧରଣର ଏକ ସମ୍ବିଧାନ ମାତ୍ର ଭାରତୀୟ ସମ୍ବିଧାନର ଅନେକ ବୈଶିଷ୍ଟ୍ୟ ରହିଛି, ଯାହା ତାକୁ ଅନ୍ୟ ସମ୍ବିଧାନଠାରୁ ପୃଥକ କରେ । ଜାତି,ଧର୍ମ,ଭାଷା,ରୀତିନୀତି ଏବଂ ଅଞ୍ଚଳ ଆଦି ଆଧାରରେ ଭାରତରେ ବିବିଧତା ରହିଛି । କାହାରି ପ୍ରତି ପକ୍ଷପାତ ନକରିବାକୁ ସମ୍ବିଧାନରେ ପ୍ରୟାସ କରାଯାଇଛି । ସମ୍ବିଧାନର ପ୍ରଣୟନ ପାଇଁ ସାମ୍ବିଧାନିକ ସଭାର ୧୧ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ମୋଟ ୧୬୫ ଦିନ ଧରି ତର୍କ ବିତର୍କ ଚାଲିଥିଲା । ବିଭିନ୍ନ ପ୍ରସଙ୍ଗରେ ପ୍ରସ୍ତାବ ଦେବାପାଇଁ ୧୩ଟି କମିଟି ଗଠିତ ହୋଇଥିଲା । ସବୁ ପ୍ରସ୍ତାବକୁ ଏକତ୍ରିତ କରିବା ଲାଗି ଏକ ଡ୍ରାଫ୍ଟିଂ କମିଟିର ବ୍ୟବସ୍ଥା ଥିଲା । ଡକ୍ଟର ଭୀମରାୟ ଆମ୍ବେଦକର ଥିଲେ ଡ୍ରାଫ୍ଟିଂ କମିଟିର ସଭାପତି । ୧୯୪୮ରେ ସମ୍ବିଧାନର ଚିଠାକୁ

ପ୍ରକାଶ କରି ତା' ଉପରେ ମତ ଦେବାକୁ ଜନସାଧାରଣଙ୍କୁ ଆହ୍ୱାନ କରାଗଲା । ଶେଷରେ ୨୬ ନଭେମ୍ବର ୧୯୪୯ରେ ତାକୁ ଗୃହୀତ କରାଗଲା ଏବଂ ୨୬ ଜାନୁୟାରୀ ୧୯୫୦ରୁ ଲାଗୁ କରାଯିବା ଲାଗି ଦିନ ଧାର୍ଯ୍ୟ କରାଗଲା । ସମ୍ବିଧାନର ଏହି ଦୀର୍ଘ ଗଠନ ପ୍ରକ୍ରିୟା ଆଜି ଇତିହାସ । ତା'ର ଅଧ୍ୟୟନ ପ୍ରତ୍ୟେକ ଭାରତୀୟ ପାଇଁ ଉପାଦେୟ, କାରଣ ତହିଁରେ ଆଧୁନିକ ଭାରତକୁ ଜାଣିବା ଲାଗି ତଥ୍ୟ ଓ ବିଚାର ରହିଛି । ଏହି ଅଧ୍ୟାୟରେ ସମ୍ବିଧାନର ପ୍ରଣୟନ ପ୍ରକ୍ରିୟା ସମ୍ବନ୍ଧରେ ଚର୍ଚ୍ଚା କରାଯାଇଛି ।

**(କ) ସମ୍ବିଧାନ ସଭାର ଗଠନ:-**

୧୫ଅଗଷ୍ଟ ୧୯୪୭ରେ ଦେଶ ସ୍ୱାଧୀନ ହେଲା । ଏଥିପାଇଁ ଦୀର୍ଘ ସମୟ ଧରି ସଂଗ୍ରାମ ଚାଲିଥିଲା । ସେହି ଆଧାରରେ ଦେଶର ସ୍ୱାଧୀନତା ଯେତେବେଳେ ଆସନ୍ନ ଏବଂ ସ୍ୱାଧୀନତା ପ୍ରାପ୍ତି ନୂଆ, ତାହା ସର୍ବତ୍ର ଖୁସିର ପରିବେଶ ସୃଷ୍ଟି କରିବା କଥା । ମାତ୍ର ସେହି ପରିବେଶରେ ଦେଶର ବିଭାଜନ ଏବଂ ସାମ୍ପ୍ରଦାୟିକ ଦଙ୍ଗା ଭାରତର ଭିତ୍ତିକୁ ଦୋହଲାଇ ଦେଇଥିଲା । ଅସ୍ଥିରତା ଏବଂ ଅନିଶ୍ଚିତତାର ବାତାବରଣ ମଧ୍ୟରେ ସମ୍ବିଧାନ ପ୍ରଣୟନର କାର୍ଯ୍ୟ ମଧ୍ୟ ଚାଲିଥିଲା । ଅର୍ଥାତ୍ ସେହି ସମୟରେ ନୂଆ ରାଷ୍ଟ୍ରର ନିର୍ମାଣ ଓ ରୂପରେଖର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଥିଲା ।

୧୯୪୬ରେ ପ୍ରାଦେଶିକ ବିଧାନସଭା ଗୁଡିକ ପାଇଁ ନିର୍ବାଚନ ହେଲା ଏବଂ ସମ୍ବିଧାନ ସଭାର ସଭ୍ୟମାନେ ମଧ୍ୟ ନିର୍ବାଚିତ ହୋଇ ଆସିଲେ । ଦେଶୀୟ ରାଜ୍ୟଗୁଡିକ ଭାରତରେ ସମ୍ମିଶ୍ରିତ ହେଲା ପରେ, କିଛି ସଭ୍ୟ ଦେଶୀୟ ରାଜ୍ୟରୁ ଆସିଲେ । ଆରମ୍ଭରେ ମୁସଲିମ୍ ଲିଗ ସମ୍ବିଧାନ ସଭାରେ ଯୋଗଦେବା ପାଇଁ ସ୍ୱୀକୃତି ଦେଇଥିଲା । ପରେ ପାକିସ୍ତାନ ଗଠନକୁ ନେଇ ନିଷ୍ପତ୍ତି ହେବାରୁ ଲିଗ ସମ୍ବିଧାନ ସଭାରେ ଯୋଗ ଦେଲା ନାହିଁ । ଫଳରେ, ଆରମ୍ଭରେ ସମ୍ବିଧାନସଭାର ମୋଟ ସଭ୍ୟ ସଂଖ୍ୟା ୩୮୯ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର, ମୁସିଲମ ଲିଗ୍ ଓହରିଯିବା ଉତାରୁ ମୋଟ ସଭ୍ୟ ସଂଖ୍ୟା ୨୯୯କୁ ହ୍ରାସ ପାଇଲା । ତନ୍ମଧ୍ୟରୁ ୨୨୯ଜଣ ଥିଲେ ପ୍ରାଦେଶିକ ସଭ୍ୟ ଏବଂ ୭୦ଜଣ ଥିଲେ ଦେଶୀୟ ରାଜ୍ୟର ସଭ୍ୟ ।

ଜାତୀୟ କଂଗ୍ରେସ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ଦଳ । ସମ୍ବିଧାନ ସଭାରେ ମଧ୍ୟ କଂଗ୍ରେସର ସଭ୍ୟ ଥିଲେ ବହୁ ସଂଖ୍ୟକ । ମାତ୍ର କଂଗ୍ରେସ ଏକ ରାଜନୈତିକ ଦଳ ହେବା ସତ୍ତ୍ୱେ ତହିଁରେ ବିବିଧ ବିଚାରଧାରାର ଲୋକ ରହିଥିଲେ । ଧର୍ମ ନିରପେକ୍ଷ, ସାମ୍ପ୍ରଦାୟିକ, ସମାଜସେବୀ,ରକ୍ଷଣଶୀଳ ଏବଂ ଆହୁରି ଅନେକ । ତେଣୁ, ଏକଦଳୀୟ ବହୁଳତା ସତ୍ତ୍ୱେ ସମ୍ବିଧାନ ସଭା ଥିଲା ଭାରତ ଭଳି ବିବିଧତା ଭରା, ଅନେକ ବିଚାରଧାରାର ତେଣୁ, ଏହା ସମ୍ବିଧାନ ସଭାର ବିଚାର ଆଲୋଚନାଗୁଡିକୁ ତର୍କପୂର୍ଣ୍ଣ ଓ ଉପାଦେୟ କଲା । ଆଲୋଚନା, ପ୍ରତ୍ୟାଲୋଚନା, ପକ୍ଷ,ବିପକ୍ଷରେ ପ୍ରତ୍ୟେକ ଅଧିବେଶନ ଶୋଭାୟିତ ହେଉଥିଲା । ଏହା ଗଣତାନ୍ତ୍ରିକ ଭାରତର ବୈଶିଷ୍ଟ୍ୟ ହେଲା; ଭିନ୍ନ ମତକୁ ସମସ୍ୟା ରୂପେ ଏଡାଇ ଦିଆଗଲା ନାହିଁ । ବରଂ ତହିଁରେ ଯୁକ୍ତିକୁ ମହତ୍ତ୍ୱ ଦିଆଗଲା । ସମ୍ଭବତଃ ଏହା ହେଲା ଆଧୁନିକ ଭାରତର ଏକ ବଡ ଶକ୍ତି, ଯାହା ଗଣତାନ୍ତ୍ରିକତାର ଭିତ୍ତକୁ ସୁଦୃଢ କଲା ।

ସମ୍ବିଧାନ ସଭାରେ ୨୯୯ସଭ୍ୟ ଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ କଂଗ୍ରେସ ଦଳର ହେବା ସତ୍ତ୍ୱେ ସେମାନେ ବିଭିନ୍ନ ବିଚାରଧାରାକୁ ପ୍ରତିନିଧିତ୍ୱ କରୁଥିଲେ । ମାତ୍ର ସଭାର ବିଚାର ଆଲୋଚନାରେ କେତେଜଣ ନିର୍ଦ୍ଦିଷ୍ଟ ସଭ୍ୟଙ୍କର ଅଧିକ ସକ୍ରିୟତା ରହିଥିଲା । ଏଭଳି ଜଣେ ବହୁ ସକ୍ରିୟ ବ୍ୟକ୍ତି ଥିଲେ ଜବାହାରଲାଲ ନେହେରୁ । ସେ

ଅନ୍ତାରୀଣ ମନ୍ତ୍ରୀମଣ୍ଡଳରେ ପ୍ରଧାନମନ୍ତ୍ରୀ ଦାୟୀତ୍ୱ ତୁଲାଇଥିଲେ ଏବଂ ମହାତ୍ମାଗାନ୍ଧୀଙ୍କ ଉତ୍ତାରୁ ତାଙ୍କୁ କଂଗ୍ରେସ ଦଳର ସର୍ବୋଚ୍ଚ ନେତା ମନେ କରାଯାଉଥିଲା । ସମ୍ବିଧାନର ମହତ୍ତ୍ୱପୂର୍ଣ୍ଣ 'ଉଦ୍ଦେଶ୍ୟ ପ୍ରସ୍ତାବ'କୁ ସେ ଆଗତ କରିଥିଲେ । ରାଷ୍ଟ୍ରର ଜାତୀୟପତାକାର ରଙ୍ଗ, ଜାତୀୟ ସଙ୍ଗୀତ ଆଦି ବିଭିନ୍ନ ପ୍ରସଙ୍ଗରେ ନେହେରୁଙ୍କ ନିଷ୍ପତ୍ତିକୁ ନିର୍ଣ୍ଣାୟକ ମନେ କରାଯାଇଥଲା । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ମଧ୍ୟ ସମ୍ବିଧାନ ପ୍ରଣୟନରେ ଖୁବ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେ ଅତ୍ୟନ୍ତ ବ୍ୟବହାରିକ ସ୍ୱଭାବର ବ୍ୟକ୍ତି ଥିଲେ । ଯୁକ୍ତିତର୍କ ବେଳେ ସେ ସମାଧାନର ବାଟ କାଢି ପାରୁଥିଲେ । ରାଜେନ୍ଦ୍ର ପ୍ରସାଦ ଥିଲେ ସମ୍ବିଧାନ ସଭାର ସଭାପତି । ସଭାର ଗତିବିଧିକୁ ସୁଚାରୁରୂପେ ପରିଚାଳନା କରିବା ଥିଲା ତାଙ୍କ ପ୍ରମୁଖ ଦାୟିତ୍ୱ । ସଭ୍ୟମାନେ ନିଜର ମତ ରଖିବା ପାଇଁ ସୁଯୋଗ ପାଇବା କଥା । ପୁଣି, ମତବିମତ ବେଳେ ସଭାପତି ସର୍ବଦା ବସ୍ତୁନିଷ୍ଠ ମତ ରଖିବା କଥା । ଅନ୍ୟଥା, ଅଧିବେଶନର କାର୍ଯ୍ୟକଳାପରେ ଅଯଥା ଗତିରୋଧ ସୃଷ୍ଟି ହୁଏ । ରାଜେନ୍ଦ୍ର ପ୍ରସାଦ ସବୁ ଦାୟିତ୍ୱକୁ ଖୁବ୍ ପରିପକ୍ୱତାର ସହିତ ସମ୍ପାଦନ କରିଥିଲେ । ଡକ୍ଟର ଭୀମ ରାଓ ଆମ୍ବେଦକର ଥିଲେ ଆଉ ଜଣେ ପ୍ରମୁଖ ସଦସ୍ୟ । ଯଦିଓ ସ୍ୱାଧୀନତା ସଂଗ୍ରାମ ସମୟରେ ସେ କଂଗ୍ରେସର ବିରୋଧ କରୁଥିଲେ, ତାଙ୍କର ରାଜନୀତି ଓ ଅର୍ଥନୀତିରେ ଗଭୀର ଜ୍ଞାନ ଥିଲା ବୋଲି ମହାତ୍ମାଗାନ୍ଧୀଙ୍କ ପରାମର୍ଶରେ ଆମ୍ବେଦକରଙ୍କୁ ନେହେରୁଙ୍କ ଅନ୍ତରୀଣ ମନ୍ତ୍ରୀମଣ୍ଡଳରେ ଆଇନ୍ ମନ୍ତ୍ରୀର ଦାୟୀତ୍ୱ ଦିଆଯାଇଥିଲା । ଗୁଜରାଟର ଓକିଲ କେ.ଏମ୍.ମୁନ୍‌ସି ଏବଂ ମାଡ୍ରାସର ବିଷ୍ଣୁସ୍ୱାମୀ ଆୟାର ମଧ୍ୟ ସମ୍ବିଧାନର ଚିଠା ପ୍ରସ୍ତୁତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ । ଚିଠା ପ୍ରସ୍ତୁତି ବେଳେ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିଲେ ପ୍ରଶାସନିକ ଅଧିକାରୀ ବି.ଏନ୍.ରାଓ । ଏସ୍.ଏନ୍.ମୁଖାର୍ଜୀ ଥିଲେ ଅନ୍ୟ ଜଣେ ପ୍ରମୁଖ ପ୍ରଶାସନିକ ଅଧିକାରୀ, ଯିଏ ସହଜ, ସରଳ ଭାଷାରେ ଚିଠାମାନ ପ୍ରସ୍ତୁତ କରିବାର ସାହାଯ୍ୟ କରିଥିଲେ ।

୧୩ ଡିସେମ୍ବର ୧୯୪୬ ଦିନ ସମ୍ବିଧାନ ସଭାରେ ନେହେରୁ ବହୁ ପ୍ରତୀକ୍ଷିତ 'ଉଦ୍ଦେଶ୍ୟ ପ୍ରସ୍ତାବ' କୁ ଆଗତ କରିଥିଲେ । ନିଜ ବକ୍ତବ୍ୟରେ ସେ ଭାରତ ଏକ 'ସ୍ୱାଧୀନ ସାର୍ବଭୌମ ସାଧାରଣତନ୍ତ୍ର' ହେବ ବୋଲି ସ୍ପଷ୍ଟ କରିଥିଲେ । ପ୍ରତ୍ୟେକ ନଗରିକ, ସାମାଜିକ, ଆର୍ଥିକ ଏବଂ ରାଜନୀତିକ ନ୍ୟାୟ ଲାଭ କରିବ; ସମାନ ସମ୍ମାନ ଓ ସୁଯୋଗ ଲାଭ କରିବ; ଆଇନ୍ ସମ୍ମୁଖରେ ସମାନତା ପାଇବ; ତଥା ଅଭିବ୍ୟକ୍ତି, ବିଶ୍ୱାସ, ଆସ୍ଥା, ପୂଜାର୍ଚ୍ଚନା,ବୃତ୍ତି, ସଂଘ ଗଠନ ଏବଂ କ୍ରିୟାକଳାପରେ ତାଙ୍କୁ ସ୍ୱାତନ୍ତ୍ର୍ୟ ପ୍ରାପ୍ତ ହେବ । ସମସ୍ତଙ୍କୁ ସମାନ ଅଧିକାର ଦେବା ସମ୍ବିଧାନର ଉଦ୍ଦେଶ୍ୟ ବୋଲି ନେହେରୁ ସୁସ୍ପଷ୍ଟ କରିଥିଲେ । ଏହା ଫଳରେ ସ୍ୱାଧୀନ ଭାରତର ଏକ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ ହେବାର ବାଟ ସୁଗମ ହେଲା । ଦେଶ ବିଭାଜନ ଓ ସାମ୍ପ୍ରଦାୟିକ ଦଙ୍ଗା ସତ୍ତ୍ୱେ ରାଷ୍ଟ୍ରର ଧର୍ମନିରପେକ୍ଷ ହେବା ଥିଲା ଏକ ପ୍ରମୁଖ ଉପଲବ୍ଧି । ଅନ୍ୟଥା,ଦେଶ ବିଭାଜନ ପରେ କ୍ଷୟକ୍ଷତିର ପରିମାଣ ଯେ ବହୁଗୁଣିତ ହୋଇଥାନ୍ତା- ତାହା କହିବା ବାହୁଲ୍ୟ ।

ଆମ୍ବେଦକର ଥିଲେ ନେହେରୁ ମନ୍ତ୍ରୀମଣ୍ଡଳରେ ଆଇନ୍ ମନ୍ତ୍ରୀ ଏବଂ 'ଡ୍ରାଫ୍ଟି କମିଟି'ର ସଭାପତି । ସେ ନିଜେ ଅନେକ ଚିଠା ପ୍ରସ୍ତୁତ କରୁଥିଲେ । ପୁଣି ଚିଠା ପ୍ରସ୍ତୁତି ପାଇଁ ପରାମର୍ଶ ଦେବାରେ ସେ ଥିଲେ ଖୁବ୍ ପୋଖତ । ସଭ୍ୟମାନେ ନିଜ ମତକୁ ବିସ୍ତାରରେ ରଖନ୍ତି । ସେ ସବୁକୁ ସମ୍ପାଦନା କରିବାକୁ ପଡେ । ସମ୍ବିଧାନରେ ମୋଟ ଚିଠା ଏଗାରଟି ଖଣ୍ଡରେ ମୁଦ୍ରିତ ହେଲା । ଗୋଟାଏ ଦୃଷ୍ଟିରୁ ଦେଖିଲେ ସମ୍ବିଧାନର ପ୍ରଣୟନ ପାଇଁ ଦୀର୍ଘ ତିନିବର୍ଷ ପ୍ରାୟ

ସମୟ ଲାଗିଗଲା । ପୁଣି, ଏତେସବୁ ପ୍ରସ୍ତାବ, ମତ,ବିମତକୁ ସମ୍ବିଧାନର ଚିଠାରେ ଅନ୍ତର୍ଭୁକ୍ତ କରିବା ସହଜ କାମ ନଥିଲା । ସେଥିପାଇଁ ପ୍ରଣୟନ ପାଇଁ ଲାଗିଥିବା ତିନିବର୍ଷ ସମୟ ବେଶି ନଥିଲା ବୋଲି ମନେହୁଏ । ସେ ଯାହହେଉ,ଭାରତର ସମ୍ବିଧାନ ଭଳି ଏକ ଦସ୍ତାବିଜ୍‌ର ଦୀର୍ଘ ଚିଠା ମଧ୍ୟ ଖୁବ୍ ପଠନଯୋଗ୍ୟ । ଏହା ଭାରତୀୟ ସମାଜରେ ବିଭିନ୍ନ ପ୍ରସଙ୍ଗକୁ ନେଇ ରହିଥିବା ବିଭିନ୍ନ ମତ ବିମତକୁ ଜାଣିବା ପାଇଁ ଅବସର ପ୍ରଦାନ କରେ ।

**(ଖ) ସମ୍ବିଧାନର ଦୃଷ୍ଟି:**

ବିଂଶ ଶତାବ୍ଦୀର ମଧ୍ୟଭାଗରେ ଭାରତ ଯେତେବେଳେ ଏକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା, ସେତେବେଳକୁ 'ବିଶ୍ୱଗ୍ରାମ'(Global Village) ର ବିଚାର ପ୍ରସିଦ୍ଧି ପାଇ ସାରିଥିଲା । ବିଶ୍ୱଗ୍ରାମ ଅର୍ଥାତ୍ ସମଗ୍ର ବିଶ୍ୱ ଏକ କ୍ଷୁଦ୍ର ଗ୍ରାମ ଭଳି, କେହି କାହାକୁ ଉପେକ୍ଷା କରି ରହିପାରିବେନି । ଯୋଗାଯୋଗର ବିକାଶ ଏବଂ ଅର୍ଥନୀତିର ପ୍ରସାର ଯୋଗୁଁ ପ୍ରତ୍ୟେକ ପ୍ରତ୍ୟେକ ସଙ୍ଗେ, ପ୍ରାକୃତିକ ଦୂରତା ସତ୍ତ୍ୱେ,ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେ ରାଷ୍ଟ୍ର ହେଉ ବା ବ୍ୟକ୍ତି, ବିଶ୍ୱଦୃଷ୍ଟି ବିନା ତା'ର ସମୂହ ସ୍ୱାର୍ଥ ନିରନ୍ତର ବାଧାପ୍ରାପ୍ତ ହେବ । ତେଣୁ, ଦେଶ ମଧ୍ୟରେ ରହିଥିବା ବିଭିନ୍ନ ଆଞ୍ଚଳିକ ସମାଜ ଓ ବ୍ୟକ୍ତି ମଧ୍ୟରେ ଯେମିତି ସମନ୍ୱୟର ଆବଶ୍ୟକତା ରହିଛି, ସେମିତି ରାଷ୍ଟ୍ରଗୁଡ଼ିକ ମଧ୍ୟରେ ତଦ୍ରୂପ ସମନ୍ୱୟର ଆବଶ୍ୟକତା ଅଛି । ଏହି ଦୃଷ୍ଟି ସମ୍ବିଧାନ ପ୍ରଣେତାମାନଙ୍କ ବିଚାର ଏବଂ ଅଭିବ୍ୟକ୍ତିରେ ମଧ୍ୟ ପ୍ରତିଫଳିତ ହୋଇଥିଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ଗଣତନ୍ତ୍ର ଏବଂ ସ୍ୱାଧୀନତା ଉପରେ ଗୁରୁତ୍ୱ ଦେଇଥିଲା, କାରଣ ଇଂରଜ ଶାସନରେ ଲୋକଙ୍କୁ ତହିଁରୁ ବଂଚିତ କରାଯାଇଥିଲା । ମହାତ୍ମାଗାନ୍ଧି ଏବଂ ତାଙ୍କ ବିଚାରରେ ସମର୍ଥକମାନେ ସାମାଜିକ ନ୍ୟାୟ ଏବଂ ଲିଙ୍ଗଗତ ସମାନତା ପାଇଁ ମଧ୍ୟ ଆନ୍ଦୋଳନ କରିଥିଲେ । ଇଂରେଜ ଶାସନର ପୂର୍ବରୁ ମଧ୍ୟ ପ୍ରାଚୀନ ଓ ମଧ୍ୟକାଳୀନ ଭାରତୀୟ ସମାଜରେ ଲୋକଙ୍କୁ ସାମାଜିକ ନ୍ୟାୟ ଦିଆଯାଉ ନଥିଲା । ତଥାକଥିତ 'ନିମ୍ନ ଜାତି'ଏବଂ ମହିଳାମାନେ ପ୍ରତ୍ୟେକ କ୍ଷେତ୍ରରେ ପକ୍ଷପାତିତାର ଶିକାର ହେଉଥିଲେ । ଗାନ୍ଧୀଙ୍କ ବିଚାର ଭାରତକୁ ପକ୍ଷପାତିତାର ବିମୁକ୍ତ କରିବାକୁ ଯୋର ଦେଉଥିଲା । ସମ୍ବିଧାନର ପ୍ରଣୟନ ବେଳେ ଏହି ବିଶ୍ୱ ଦୃଷ୍ଟିକୁ ସାକାର କରିବାକୁ ପ୍ରୟାସ କରାଗଲା । ଯଦିଓ ଆମ୍ବେଦକର ଓ ଗାନ୍ଧୀଙ୍କ ମଧ୍ୟରେ ବୈଚାରିକ ପାର୍ଥକ୍ୟ ରହିଥିଲା, ସାମାଜିକ ନ୍ୟାୟ ପରିପ୍ରେକ୍ଷୀରେ ଆମ୍ବେଦକର ସର୍ବଦା ଗାନ୍ଧିଙ୍କ ଉତ୍ତରାଧିକାରୀ ପ୍ରତିପାଦିତ ହେଲେ ଏବଂ ସମ୍ବିଧାନ ସଭାରେ ଅନେକ ବିରୋଧର ସମ୍ମୁଖୀନ ହେଲେ । ସେ ଯେତେବେଳେ ପାରମ୍ପରିକ ଗାମ୍ୟ ସମାଜକୁ ସାମାଜିକ ନ୍ୟାୟ ଆଗରେ ବାଧକ ବୋଲି ମନ୍ତବ୍ୟ ଦେଲେ, ସମାଜବାଦୀ ଏଚ୍.ବି.କାମାଥ ଏବଂ ଆନ୍ଧ୍ରର କୃଷକ ନେତା ଏନ.ଜି.ରଙ୍ଗା ମଧ୍ୟ ତାଙ୍କର କଟୁ ସମାଲୋଚନା କଲେ ।

ନେହେରୁ ତାଙ୍କ ବକ୍ତବ୍ୟରେ ଆମେରିକୀୟ କ୍ରାନ୍ତି (୧୭୭୬) ଏବଂ ଫରାସୀ ବିପ୍ଳବ (୧୭୮୯)ର ଉଦାହରଣ ଦେଇ କହିଥିଲେ ଯେ ସାଧାରଣ ଲୋକଙ୍କୁ କେବେ ଉପେକ୍ଷା କରାଯାଇପାରେ । ତା'ର ଆବଶ୍ୟକତାକୁ ଆଧାର କରି ଆଧୁନିକ ରାଷ୍ଟ୍ର ନିର୍ମାଣ ହେବ । ନେହେରୁ ଏବଂ ଆମ୍ବେଦକର ଆଦି ନେତୃବର୍ଗଙ୍କର ଏହି ଦୃଷ୍ଟି ଯୋଗୁଁ ସାର୍ବଭୌମ ଭାରତର ସାଧାରଣତନ୍ତ୍ର ହେବା ସହଜ ହେଲା ।

ଭାରତର ସମ୍ବିଧାନ ବିଶ୍ୱର ଅନ୍ୟାନ୍ୟ ସମ୍ବିଧାନରୁ ଭାରତ ଉପଯୋଗୀ ବିଚାରଗୁଡିକୁ ଗ୍ରହଣ କରିଥିଲା । ଇଂଲଣ୍ଡର ଉପନିବେଶବାଦ ବିରୁଦ୍ଧରେ ଭାରତ ଅନେକ ବର୍ଷ ଧରି ସଂଗ୍ରାମରତ ଥିଲା । ମାତ୍ର ସମ୍ବିଧାନ ପ୍ରଣୟନ ବେଳେ,ସଂସଦୀୟ ଗଣତନ୍ତ୍ର, ଆଇନ୍‌ର ଶାସନ (Rule of Law) ଏବଂ ଐକିକ ନାଗରିକତ୍ୱ (Single Citizenship) ଆଦି ବିଚାର ଇଂଲଣ୍ଡର ସମ୍ବିଧାନରୁ ଆନୀତ ହୋଇଥିଲା । ସଂଘୀୟ ବ୍ୟବସ୍ଥା (Federal System) ର ବିଚାର ଅଣାହେଲା କାନାଡାର ସମ୍ବିଧାନରୁ । ଭାରତୀୟ ସମ୍ବିଧାନରେ ଏକ ଯୁଗ୍ମ ତାଲିକାର ବ୍ୟବସ୍ଥା ରହିଛି । ଏଥିରେ କେନ୍ଦ୍ରତାଲିକା ଏବଂ ରାଜ୍ୟ ତାଲିକା ବର୍ହିଭୂତ କେତେକ ବିଷୟକୁ ଉଭୟ କେନ୍ଦ୍ର ଓ ରାଜ୍ୟର ମିଳିତ ତତ୍ତ୍ୱାବଧାନରେ ରଖାଯାଇଛି । ଏହା ଏକ ଅନନ୍ୟ ବ୍ୟବସ୍ଥା ଓ ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ତାଳମେଳ ରଖିବା ପାଇଁ ଉଦ୍ଦିଷ୍ଟ । ଅଷ୍ଟ୍ରେଲିଆର ସମ୍ବିଧାନରୁ ଏହି ବିଚାର ଆନୀତ ହୋଇଛି । ୧୯୩୫ରେ ସରକାର 'ଭାରତ ଆଇନ୍' ର ପ୍ରଣୟନ କରିଥିଲେ । ତହିଁରେ ରାଜ୍ୟ ବିଧାନସଭା ଆଦି ଅନେକ କଥା ରହିଥିଲା । ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ବେଳେ ତାହା ଆଧାରରେ କାମ କଲା । ମୋଟ କଥା ରହିଥିଲା । ସ୍ୱାଧୀନ ଭାରତର ସମ୍ବିଧାନ ପ୍ରଣୟନ ବେଳେ ତାହା ଆଧାରରେ କାମ କଲା । ମୋଟ କଥା ହେଲା ଯେ ଭାରତୀୟ ସମ୍ବିଧାନ ପୂର୍ଣ୍ଣତଃ ବିଶ୍ୱଦୃଷ୍ଟିଶକ୍ତି ଏହା ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଆଧୁନିକ ଦେଶଗୁଡିକ ଶାସନ ବ୍ୟବସ୍ଥାରୁ ଆବଶ୍ୟକମତେ ବିଭିନ୍ନ ବିଚାରକୁ ଗ୍ରହଣ କରିଥିଲା । ମାତ୍ର ସାଙ୍ଗରେ ଏକଥା ମଧ୍ୟ ସତ ଯେ ଏହା ଅନ୍ୟ କୌଣସି ସମ୍ବିଧାନର ଅନ୍ଧ ଅନୁକରଣ କରିନଥିଲା ।

ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ, ପ୍ରଧାନମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀମଣ୍ଡଳର ପ୍ରମୁଖ ହେବେ, କିନ୍ତୁ ରାଷ୍ଟ୍ରର ମୁଖ୍ୟ ହେବେ ରାଷ୍ଟ୍ରପତି । ଲୋକସଭା,ରାଜ୍ୟସଭା ଏବଂ ବିଧାନସଭାର ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ବିଧାନସଭାର ସଭ୍ୟମାନଙ୍କୁ ନେଇ ଗଠିତ ହୋଇଥିବା ଏକ ନିର୍ବାଚନ କ୍ଷେତ୍ର (Electoral College) ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବ । ରାଷ୍ଟ୍ରପତିଙ୍କୁ ସାଧାରଣ ନାଗରିକ ପ୍ରତ୍ୟକ୍ଷ ଭାବରେ ଭୋଟ ଦେଇ ନିର୍ବାଚିତ କରନ୍ତି ନାହିଁ । ନାଗରିକର ପ୍ରତିନିଧି ନିର୍ବାଚିତ କରନ୍ତି । ଅନ୍ୟପକ୍ଷରେ, ରାଷ୍ଟ୍ରପତି ପାର୍ଲ୍ୟାମେଣ୍ଟର ମୁଖ୍ୟ, ସାମରିକ ବାହିନୀର ମୁଖ୍ୟ ସେନାପତି ଏବଂ ସମସ୍ତ ଜରୁରୀ କ୍ଷମତାର ସର୍ବୋଚ୍ଚ ଅଧିକାରୀ । ଏହା ଅପ୍ରତ୍ୟକ୍ଷ ନିର୍ବାଚନ ମାଧ୍ୟମରେ ପଦ ଲାଭ କରିଥିବା ସତ୍ତ୍ୱେ ରାଷ୍ଟ୍ରପତିଙ୍କର ଅଧିକାର ଓ ମର୍ଯ୍ୟାଦାକୁ ବୃଦ୍ଧି କରେ ।

ଭାରତର ସମ୍ବିଧାନକୁ ପ୍ରଣୟନ ସମୟରେ ହିଁ କେତେକ ସଭ୍ୟ ପାଶ୍ଚାତ୍ୟର ଅନୁକରଣ ବୋଲି ଅଭିଯୋଗ କରିଥିଲେ । ସେମାନଙ୍କ ମତରେ, ଭାରତରେ ପ୍ରାଚୀନ କାଳର ଗଣତାନ୍ତ୍ରିକ ପରମ୍ପରା ରହିଛି ଏବଂ ଭାରତୀୟ ମୂଲ୍ୟବୋଧକୁ ଗ୍ରହଣ କରାଗଲେ ଭାରତୀୟ ସମ୍ବିଧାନ ଅଧିକ ଉପଯୋଗୀ ସିଦ୍ଧ ହେବ । ମାତ୍ର ସମ୍ବିଧାନର ପ୍ରଣେତାମାନେ ଭଲଭାବେ ଜାଣିଥିଲେ ଯେ ବିଂଶ ଶତାବ୍ଦୀର ମଧ୍ୟଭାଗରେ ପ୍ରଣୀତ ଭାରତର ସମ୍ବିଧାନ ଆଧୁନିକତାକୁ ବର୍ଜନ କରି ନ ପାରେ, ଭାରତୀୟତା ବା ସାମାଜିକ ପରିବେଶକୁ ବି ପରିହାର କରି ନ ପାରେ । ତେଣୁ, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ତଥା ପ୍ରାଚୀନ ଓ ଆଧୁନିକ କାଳର ଉପଯୋଗୀ ତତ୍ତ୍ୱଗୁଡିକ ଏଥିରେ ସନ୍ନିବେଶିତ କରିବାକୁ ପ୍ରୟାସ ହୋଇଛି । ନେହେରୁ କହିଥିଲେ ଯେ ସମ୍ବିଧାନର ମୂଳଶକ୍ତି ହେଲେ ସାଧାରଣ ଲୋକ । ଲୋକଙ୍କର ସ୍ୱାର୍ଥ ରକ୍ଷା ଏହାର ପ୍ରମୁଖ ଉଦ୍ଦେଶ୍ୟ । ସେମାନେ କୌଣସି ପକ୍ଷପାତର ଶିକାର ହେବେ ନାହିଁ । ଏହି ଉଦ୍ଦେଶ୍ୟ ଯେହେତୁ ସମ୍ବିଧାନର ମୂଳ,ବାକୀ ସମସ୍ତ ଉଦ୍ଦେଶ୍ୟ ତା'ର ପୂର୍ତ୍ତି ପାଇଁ ବୋଲି ବୁଝିବା ଉଚିତ ହେବ ।

(ଗ) ସମ୍ବିଧାନର କେତୋଟି ପ୍ରମୁଖ ଚରିତ:

ଭାରତର ସମ୍ବିଧାନକୁ ଭାରତର ଲୋକେ ହିଁ ପ୍ରଣୟନ କରିଥିଲେ । ପ୍ରତ୍ୟକ୍ଷଭାବେ ସମସ୍ତ ନାଗରିକ ସମ୍ବିଧାନର ପ୍ରଣୟନରେ ଅବଶ୍ୟ ସାମିଲ ନଥିଲେ । ସେମାନେ ନିର୍ବାଚିତ କରିଥିବା ପ୍ରତିନିଧି ସଭ୍ୟମାନେ ଏହାର ପ୍ରଣୟନ କରିଥିଲେ । ଦ୍ୱିତୀୟତଃ, ଚିଠା ପ୍ରସ୍ତୁତି ପରେ ତାକୁ ପ୍ରକାଶିତ କରି ଲୋକଙ୍କ ସମକ୍ଷରେ ରଖାଯାଇଥିଲା ଏବଂ ଲୋକଙ୍କୁ ସେ ନେଇ ପରାମର୍ଶ ଦେବାକୁ ଅନୁରୋଧ କରାଯାଇଥିଲା । ଏସବୁ କହିବା ପଛରେ ଉଦ୍ଦେଶ୍ୟ ହେଲା ଯେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜିତ ଜାପାନର ସମ୍ବିଧାନ ଏହି ସମୟରେ ପ୍ରଣୀତ ହୋଇଥିଲା ଏବଂ ତାକୁ ଜାପାନ ପରିବର୍ତ୍ତେ ଆମେରିକାର ଶାସକ ବର୍ଗ ପ୍ରଣୟନ କରିଥିଲେ ଏବଂ ଶେଷଯାଏଁ ତାକୁ ଜାପାନୀ ଜନସାଧାରଣଙ୍କଠାରୁ ଗୋପନୀୟ କରି ରଖିଥିଲେ । ଭାରତୀୟଙ୍କ ସମ୍ପୃକ୍ତି ଯୋଗୁଁ ସମ୍ବିଧାନ ଦେଶର ସାମାଜିକ ପରିସ୍ଥିତି, ରୀତିନୀତ ଏବଂ ପରମ୍ପରାକୁ ଉପେକ୍ଷା କରିନଥିଲା । ସାଙ୍ଗରେ ଏକ ଆଧୁନିକ ରାଷ୍ଟ୍ର ଗଠନ ମଧ୍ୟ ଏହାର ମୂଳ ଉଦ୍ଦେଶ୍ୟ ହୋଇ ରହିଥିଲା । ଏହା ହେଲା ଭାରତୀୟ ସମ୍ବିଧାନର ଏକ ପ୍ରମୁଖ ଚରିତ୍ର ।

ସମ୍ବିଧାନର ପ୍ରଣୟନ ସମୟରେ ଅନେକ ନୂଆ ପ୍ରଶ୍ନ ଆଲୋଚନାର ପରିସରକୁ ଆସିଥିଲା । ନାଗରିକର ଅଧିକାରକୁ କେମିତି ପରିଭାଷିତ କରାଯିବ ? କେଉଁ ନିର୍ଦ୍ଦିଷ୍ଟ ନିଷ୍ପେସିତ ବର୍ଗକୁ ସ୍ୱତନ୍ତ୍ର ଅଧିକାର ପ୍ରଦାନ କରାଯିବ ? ସଂଖ୍ୟାଲଘୁ ବର୍ଗକୁ କେଉଁ ସ୍ୱତନ୍ତ୍ର ଅଧିକାର ଦିଆଯିବ ? କାହାକୁ ସଂଖ୍ୟାଲଘୁ କୁହାଯିବ ? ଏସବୁ ପ୍ରଶ୍ନକୁ ନେଇ ବିଶଦ ଚର୍ଚ୍ଚାରୁ ଯେଉଁ ଉତ୍ତର ମିଳିଲା, ତହିଁରେ ସମସ୍ତ ସଦସ୍ୟଙ୍କର ପ୍ରଥମେ ସର୍ବସମ୍ମତି ନଥିଲା । ବିଚାର ଓ ତର୍କ ମାଧ୍ୟମରେ ସହମତି ହାସଲ ହେଲା । ନିଷ୍ପତ୍ତି ନେଲାବେଳେ ଜନଗଣଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇଥିଲା । ବର୍ତ୍ତମାନ ଯୁଗରେ ବିଚାର ବିମର୍ଶକୁ ସର୍ବଦା ଅଗ୍ରାଧିକାର ଦିଆଯାଇଥାଏ । ଫଳରେ ସମସ୍ୟାର ସମାଧାନ ମିଳେ ତଥା ଅଯଥା କଳହରୁ ଲୋକଙ୍କୁ ନିବୃତ୍ତି ମିଳେ । ଭାରତୀୟ ସମ୍ବିଧାନର ପ୍ରଣୟନ ପ୍ରକ୍ରିୟା ଏହି ସତ୍ୟକୁ ପ୍ରମାଣସିଦ୍ଧ କରେ ।

ଇଂରେଜ ଶାସନ ସମୟରେ ବିଭିନ୍ନ ବର୍ଗ ପାଇଁ ପୃଥକ ନିର୍ବାଚନର ବ୍ୟବସ୍ଥା ହୋଇଥିଲା । ତାକୁ ପୃଥକ୍ ନିର୍ବାଚନ ବା Separate Electorate ବୋଲି କୁହାଯାଏ । ମହାତ୍ମାଗାନ୍ଧି ଏବଂ କଂଗ୍ରେସ ଏହାର ଦୃଢ ବିରୋଧ କରିଥିଲେ । ବ୍ୟବସ୍ଥା ଅନୁଯାୟୀ,ମୁସଲିମ୍ ସମାଜ ଯଦି ମୁସଲିମ୍ ପ୍ରାର୍ଥୀକୁ ଚୟନ କରିବ କିମ୍ବା ମହିଳା ସମାଜ କେବଳ ମହିଳା ପ୍ରାର୍ଥୀଙ୍କୁ ନିର୍ବାଚିତ କରିବେ,ଜନତା ଦେଶର ସାଧାରଣ ନାଗରିକ ହେବାରୁ ବଞ୍ଚିତ ହେବେ ଏବଂ ବିଭିନ୍ନ ସମ୍ପ୍ରଦାୟରେ ସର୍ବଦା ବାଣ୍ଟି ହୋଇ ରହିବେ । ମାତ୍ର 'ସମ୍ବିଧାନ ସଭା' ରେ ମଧ୍ୟ ମାଡ୍ରାସର ସଭ୍ୟ ବି.ପୋକର ବାହାଦୂର ଏହି ବ୍ୟବସ୍ଥାକୁ ଅବ୍ୟାହତ ରଖାଯାଉ ବୋଲି ଯୁକ୍ତି କଲେ । ଅନ୍ୟଥା ସଂଖ୍ୟାଲଘୁମାନେ ନିର୍ବାଚନ ଜିଣି ପ୍ରତିନିଧିତ୍ୱ କରିବାର ଅବସର ପାଇବେ ନାହିଁ ବୋଲି ସେ ମତ ଦେଲେ । ମାତ୍ର 'ପୃଥକ ନିର୍ବାଚନ'ର ଦାବିକୁ ଅଧିକାଂଶ ଜାତୀୟବାଦୀ ଅଗ୍ରାହ୍ୟ କଲେ । ଭାରତବାସୀଙ୍କୁ ଭାଗକରି ଶାସନକୁ ଭୋଗ କରିବା ଉଦ୍ଦେଶ୍ୟରେ **(Divide and Rule: ଭାଗ କରି ଭୋଗକର)** ଇଂରେଜମାନେ ଏହି ବ୍ୟବସ୍ଥା ଲାଗୁ କରିଥିଲେ । ଏବେ ତାକୁ ପରିହାର ନକରିବା ପର୍ଯ୍ୟନ୍ତ ସଂଖ୍ୟାଲଘୁ ସମାଜ ଦିଗଭ୍ରଷ୍ଟ ହେଉଥିବ ବୋଲି କଂଗ୍ରେସ ସଭ୍ୟ ଆର୍.ଭି.ଧୂଲେକର ଯୁକ୍ତି କଲେ । ଦେଶର ବିଭାଜନ ଯୋଗୁଁ ଜାତୀୟତାବାଦୀ ଗୋଷ୍ଠୀ 'ପୃଥକ ନିର୍ବାଚନ' ପ୍ରତି

ପୂର୍ଣ୍ଣତଃ ନିରାଗ୍ରହୀ ହୋଇ ପଡିଥିଲେ । ସ୍ୱାଧୀନ ଭାରତରେ ପୃଥକ ନିର୍ବାଚନର ପୁନରାବୃତ୍ତି ହେଲେ ଦେଶ ପୁଣି ଦଙ୍ଗା, ଗୃହଯୁଦ୍ଧ ଓ ହିଂସାର ଶିକାର ହେବ ବୋଲି ସେମାନେ ଆଶଙ୍କା କରୁଥିଲେ । ସର୍ଦ୍ଦାର ପଟେଲ ହିଂସା,ଘୃଣା ଓ ଦଙ୍ଗାକୁ ବିଷ ସହ ଏବଂ ପୃଥକ ନିର୍ବାଚନ ବ୍ୟବସ୍ଥାକୁ ବିଷମଞ୍ଜି ସହ ତୁଳନା କରିଥିଲେ । ଏହାପରେ ପୃଥକ୍ ନିର୍ବାଚନ ପ୍ରସ୍ତାବ ସମ୍ବିଧାନ ସଭାରେ କାଟ ଖାଇଥିଲା ।

'ପୃଥକ ନିର୍ବାଚନ' ପାଇଁ ଦାବି କରିବା ପଛରେ ସଂଖ୍ୟାଲଘୁ ବର୍ଗର ଅସୁରକ୍ଷା ଭାବ ପ୍ରଦର୍ଶିତ ହେଉଥିଲା । ତାକୁ ଦୂର କରିବା ଲାଗି ପ୍ରତ୍ୟେକ ନାଗରିକକୁ ଆତ୍ମସମ୍ମାନ ମିଳିବା କଥା ତଥା ନାଗରିକର ଭୌତିକ ଏବଂ ସାମାଜିକ ସୁରକ୍ଷା ପ୍ରତି କୌଣସି ପ୍ରତିବନ୍ଧକ ନ ରହିବା କଥା । ସମ୍ବିଧାନ ସେଥିପ୍ରତି ଦୃଷ୍ଟି 'ପୃଥକ ନିର୍ବାଚନ' ବ୍ୟବସ୍ଥାର ଦାବି ରହିବ ବୋଲି ସଭ୍ୟମାନେ ମତଦେଲେ ।

ଏକ ଏକତାବଦ୍ଧ ରାଷ୍ଟ୍ର ହେବା ହେଉଛି ଭାରତର ଲକ୍ଷ୍ୟ । କୌଣସି ସମ୍ପ୍ରଦାୟ ଯଦି ଦେଶରେ ଅସୁରକ୍ଷା ଭାବର ବଶବର୍ତ୍ତୀ ହୁଅନ୍ତି, ଭାରତର ପ୍ରଗତି ଆଗରେ ତାହା ବଡ ପ୍ରତିବନ୍ଧକ ସାବ୍ୟସ୍ତ ହେବ । ପ୍ରତ୍ୟେକ ବୟସ୍କ ବ୍ୟକ୍ତି ଦାୟିତ୍ୱବାନ୍ ନାଗରିକରେ ପରିଣତ ନହେଲେ ଏବଂ ପ୍ରତ୍ୟେକ ନାଗରିକ ରାଷ୍ଟ୍ରୀୟତାରେ ଓତଃପ୍ରୋତଃ ନ ହେଲେ ରାଷ୍ଟ୍ରଗଠନ ହୋଇପାରିବ ନାହିଁ । ଏଠାରେ ରାଷ୍ଟ୍ରୀୟତାର ବିଶେଷ ଅର୍ଥ ହେଲା ଦେଶର ପ୍ରତ୍ୟେକ ସାମାଜିକ ବର୍ଗ ପ୍ରତି ସ୍ନେହ ଓ ଆଦର ଭାବର ଏବଂ ପ୍ରାକୃତିକ ପରିବେଶ ପ୍ରତି ସୁରକ୍ଷା ଓ ସଂରକ୍ଷଣ ଭାବ । ସେଥିପାଇଁ ସମ୍ବିଧାନ ପ୍ରତ୍ୟେକ ନାଗରିକକୁ ସମାନ ଅଧିକାର ଦେବ ଏବଂ ନାଗରିକଠାରୁ ଦେଶଭକ୍ତି ଆଶା କରିବ ବୋଲି ମତପ୍ରକାସ ପାଇଲା । ବିଭିନ୍ନ ସମୁଦାୟକୁ ସାଂସ୍କୃତିକ ଅଧିକାର ପ୍ରାପ୍ତ ହେବ ଏବଂ ରାଜନୀତିକ ଦୃଷ୍ଟିରୁ ସେମାନେ ସମାନ ଅଧିକାର ଲାଭ କରିବେ । ଲୋକ ସାଧାରଣଙ୍କୁ ସମ୍ପ୍ରଦାୟ ଭିତ୍ତିରେ ନରଖି ଐକିକ ବ୍ୟକ୍ତି ସ୍ତରରେ ସମ୍ମାନ ଦିଆଗଲେ, ରାଷ୍ଟ୍ର ମଜବୁତ ହୋଇପାରିବ ବୋଲି ଅନେକ ସଭ୍ୟ ମନେକଲେ ।

'ପୃଥକ ନିର୍ବାଚନ' ବ୍ୟବସ୍ଥାର ଦୃଢ ବିରୋଧ କରି ବେଗମ ଏଇଜାଜ ରସୁଲ ନାମରେ ଜଣେ ମୁସଲିମ୍ ମହିଳା ସଦସ୍ୟ ଯୁକ୍ତି ଦର୍ଶାଇ କହିଥିଲେ ଯେ ଏହା ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଏକଘରିଆ କରିଦେବ ଏବଂ ସେମାନଙ୍କ ଧ୍ୱଂସର କାରଣ ସାବ୍ୟସ୍ତ ହେବ । ତର୍କ ଚାଲିଲା । ଶେଷରେ ୧୯୪୯ରେ ଯାଇ ଅଧିକାଂଶ ମୁସଲିମ୍ ସଦସ୍ୟ ମଧ୍ୟ ପୃଥକ୍ ନିର୍ବାଚନର ଅନାବଶ୍ୟକତାକୁ ବୁଝିପାରିଲେ ଏବଂ ପ୍ରସ୍ତାବକୁ ତ୍ୟାଗ କଲେ ।

ସଂଖ୍ୟାଲଘୁ ତତ୍ତ୍ୱକୁ ପରିଭାଷିତ କରିବାକୁ ଯାଇ ଆନ୍ଧ୍ରର ଜଣେ ପ୍ରମୁଖ ସମାଜବାଦୀ ଏବଂ କୃଷକ ନେତା ଏନ୍.ଜି.ରଙ୍ଗା ଦାବି କଲେ ଯେ ତାକୁ ଆର୍ଥିକ ଆଧାରରେ ଦେଖାଯିବା କଥା । ଦରିଦ୍ର ଏବଂ ନିଷ୍ପେସିତମାନେ ହିଁ ସମାଜର ପ୍ରକୃତ ସଂଖ୍ୟାଲଘୁ । ତେଣୁ ପ୍ରତ୍ୟେକ ନାଗରିକକୁ ବିଧି ଅଧିକାର (Legal Rights) ଦେବାର ପ୍ରସ୍ତାବକୁ ସେ ସ୍ୱାଗତ କଲେ । ତାଙ୍କ ମତରେ ଏସବୁ ଅଧିକାର ଦିଆଗଲା ବୋଲି କହିଦେଲେ କେବଳ ସାଧାରଣ ଦରିଦ୍ର ଜନତାର ଲାଭ ନେଇପାରିବେ ନାହିଁ । ତାକୁ ହାସଲ କରିବା ଲାଗି ଦରିଦ୍ରଜନ ପାଖରେ ଆର୍ଥିକ ସାମର୍ଥ ରହିବା ଦରକାର । ସମ୍ବିଧାନ ସେନେଇ ନିଜ କର୍ତ୍ତବ୍ୟ ନିରୂପଣ କରିବା କଥା । ରଙ୍ଗା ଏକଥା ମଧ୍ୟ ସୁସ୍ପଷ୍ଟ କଲେ ଯେ ଦରିଦ୍ର ଜନ ଏବଂ ସେମାନଙ୍କୁ ସମ୍ବିଧାନ ସଭାରେ ପ୍ରତିନିଧିତ୍ୱ କରୁଥିବା ସଭ୍ୟ ମଧ୍ୟରେ ଅନେକ ପାର୍ଥକ୍ୟ ଦରିଦ୍ରଜନର ଆର୍ଥିକ ସ୍ଥିତି ନ ସୁଧରିବା ଯାଏ ପାର୍ଥକ୍ୟ ଊଣା ହୋଇନପାରେ ।

ଯେଉଁ ବର୍ଗଗୁଡ଼ିକୁ ଆର୍ଥିକ ଆଧାରରେ ସଂଖ୍ୟାଲଘୁ ପରିଭାଷିତ କରାଯିବା କଥା ବୋଲି ଏନ୍.ଜି.ରଙ୍ଗା ଦାବି କରୁଥିଲେ, ତନ୍ମଧ୍ୟରେ ଅନ୍ୟତମ ଥିଲେ ଆଦିବାସୀ ସମାଜ । ଜୟପାଲ ସିଂହ ଥିଲେ ଆଦିବାସୀ ସମାଜର ଜଣେ ପ୍ରମୁଖ ପ୍ରତିନିଧି ତାଙ୍କ ବକ୍ତବ୍ୟରେ ସେ ଆଦିବାସୀ ସମାଜ ଦୀର୍ଘ ୬୦୦୦ବର୍ଷ ଧରି ଶୋଷଣ ଏବଂ ଅତ୍ୟାଚାର ଭୋଗୁଛି ବୋଲି ଅଭିଯୋଗ କରିଥିଲେ । ଅଣ-ଆଦିବାସୀମାନେ ଆଦିବାସୀକୁ ଜମିହୀନରେ ପରିଣତ କରି ଚାଲିଛନ୍ତି । ଅତିଷ୍ଠ ହୋଇ ଆଦିବାସୀମାନେ ବେଳେ ବେଳେ ବିଦ୍ରୋହ କରନ୍ତି, କିନ୍ତୁ ଶୋଷଣରୁ ନିସ୍ତାର ମିଳେ ନାହିଁ । ନୂଆ ସମ୍ବିଧାନ ଯଦି ଏହି ସଦା ପ୍ରପୀଡ଼ିତ ଆଦିବାସୀ ସମାଜ ପାଇଁ ସୌଭାଗ୍ୟ ଆଣିଦିଏ, ସ୍ୱାଧୀନ ଭାରତରେ ସ୍ୱର୍ଣ୍ଣଯୁଗର ଅୟଆରମ୍ଭ ହେବ । ସମସ୍ତେ ପକ୍ଷପାତିତାକୁ ବି ମୁକ୍ତି ପାଇବେ ତଥା ସମାନ ଅଧିକାର ଲାଭ କରିପାରିବେ । ସମ୍ବିଧାନ ସଭାରେ ଜୟପାଲ ସିଂହଙ୍କ ଯୁକ୍ତି ଅକାଟ୍ୟ ପ୍ରତୀତ ହେଉଥିଲା ।

ଜୟପାଲ ସିଂହ ଆଦିବାସୀ ସମାଜ ପାଇଁ ସଂରକ୍ଷଣ ଦାବି କଲେ । ଅନ୍ୟଥା ସେମାନେ ସାଧାରଣ ବର୍ଗର ସମକକ୍ଷ ହୋଇପାରିବେ ନାହିଁ ବୋଲି ଯୁକ୍ତି କଲେ । ସେ କହିଥିଲେ, ଆଦିବାସୀ ସଂଖ୍ୟା ଦୃଷ୍ଟିରୁ ସଂଖ୍ୟାଲଘୁ ନ ହେଲେ ବି ଜମିହୀନ; ଜଙ୍ଗଲରୁ ମଧ୍ୟ ତିରୋହିତ; ସର୍ବଦା ନୂଆ ବାସସ୍ଥାନର ଅନ୍ୱେଷଣରେ ପଳାୟନରତ । ସେମାନଙ୍କୁ ଆଦିମ ଏବଂ ପଛୁଆ ମନେକରି ଅବଶିଷ୍ଟ ସମାଜ ଅଲୋଡ଼ା କରିଦିଏ । ଆଦିବାସୀ ସମାଜ ଆଜି ସହଯୋଗର ହାତ ବଢ଼ାଏ, ତାକୁ ମଧ୍ୟ ଅନ୍ୟମାନେ ସହଯୋଗ କରନ୍ତୁ । ଜୟପାଲ ସିଂହ ଥିଲେ ଜଣେ ସୁବକ୍ତା । ମିସନାରୀ ମାନଙ୍କ ସହଯୋଗରେ ସେ ଛୋଟନାଗପୁରର ସାଧାରଣ ଏକ ମୁଣ୍ଡା ଆଦିବାସୀ ଘରେ ଜନ୍ମ ହୋଇ ସୁଦ୍ଧା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ିଥିଲେ । ତାଙ୍କର ତର୍କପୂର୍ଣ୍ଣ ବକ୍ତବ୍ୟ ଯୋଗୁଁ ସମ୍ବିଧାନ ସଭା ଆଦିବାସୀ ଦାବିକୁ ମର୍ଯ୍ୟାଦା ଦେବାକୁ ବାଧ ହେଲା । ଆଦିବାସୀମାନଙ୍କୁ ସମ୍ବିଧାନରେ ମିଳିଥିବା ସଂରକ୍ଷଣକୁ ଜୟପାଲଙ୍କ ଯୋଗଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ । ସବୁଠାରୁ ବଡ଼ କଥା, ସମ୍ବିଧାନ ସଭାରେ ଆଦିବାସୀ ସମାଜର କଥା ଅକୁହା ରହିଥିଲେ ରାଷ୍ଟ୍ରୀୟ ସଂହତି ଯେ ବାଧାପ୍ରାପ୍ତ ହୋଇଥାନ୍ତା- ଏକଥା ଅନୁମାନ କରିହୁଏ ।

ଭାରତୀୟ ସମାଜର ଅନ୍ୟ ଏକ ନିପୀଡ଼ିତ ବର୍ଗ ହେଲେ ଦଳିତ ବର୍ଗ । ସବର୍ଣ୍ଣ ସମାଜ ହଜାର ହଜାର ବର୍ଷ ଧରି ଏହି ବର୍ଗର ସେବା ନିଏ; ଶ୍ରମ ନିଏ, ମାତ୍ର ତାକୁ ନିଜର ପାଖ ପୂରାଇ ଦିଏ ନାହିଁ ; ଅସ୍ପୃଶ୍ୟ ଘୋଷଣା କରେ । ଭୋଜନ ଏବଂ ପୂଜାପାର୍ବଣ ପାଇଁ ଏହି ବର୍ଗକୁ ସାଧାରଣ ଭୋଜନାଳୟ କିମ୍ବା ମନ୍ଦିରକୁ ପ୍ରବେଶରୁ ବାରଣ କରାଯାଏ । ଏହା ଏକ ସାମାଜିକ କୁରୀତି, ଯାହା ଇଂରେଜ ଶାସନ ପୂର୍ବରୁ ରହିଆସିଛି । ଏହି ସାମାଜିକ ଅନ୍ୟାୟ ଓ କୁରୀତ ବିରୁଦ୍ଧରେ ସନ୍ଥ ଓ ଭକ୍ତ କବିମାନେ ନିଜ ବକ୍ତବ୍ୟ ଓ ରଚନା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ । ସ୍ୱାଧୀନତା ସଂଗ୍ରାମ ବେଳେ ମହାତ୍ମାଗାନ୍ଧୀ ମଧ୍ୟ ଆନ୍ଦୋଳନ କରିଥିଲେ । ତଥାପି ଆଜିଯାଏଁ ଏହି କୁରୀତ ଦୂରୀକରଣ ହୋଇପାରିନାହିଁ ।

ସମ୍ବିଧାନ ପ୍ରଣୟନ ସମୟରେ ଦଳିତ ବର୍ଗ ଉପରେ ହେଉଥିବା ସାମାଜିକ ଅନ୍ୟାୟକୁ ଲୋପ କରିବା ପାଇଁ ଯୋଜନା ହେଲା । ଡ୍ରାଫ୍ଟିଂ କମିଟିର ସଭାପତି ଭୀମରାୟ ଆମ୍ବେଦକର ଓ ଅନ୍ୟମାନେ ଏଥିପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଆମ୍ବେଦକର ଉଚ୍ଚ ଶିକ୍ଷିତ ଥିଲେ । ସେ ଯୁକ୍ତରାଷ୍ଟ୍ର ଆମେରିକା ସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ଏବଂ ଲଣ୍ଡନ ସ୍କୁଲ ଅଫ୍ ଇକନୋମିକ୍ସରେ ଅଧ୍ୟୟନ କରିଥିଲେ । ଏକାଧାରରେ ସେ ଜଣେ ଆଇନ୍ ବିଶେଷଜ୍ଞ,

ଅର୍ଥନୀତିଜ୍ଞ,ରାଜନେତା ଏବଂ ସଂସ୍କାରକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ଦଳିତ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ସେ ସାମାଜିକ ଅନ୍ୟାୟକୁ ବ୍ୟକ୍ତିଗତ ଭାବେ ଅନୁଭବ କରିଥିଲେ । ଦେଶ ବିଭାଜନ ପୂର୍ବରୁ ଆମ୍ବେଦକର 'ପୃଥକ ନିର୍ବାଚନ' (Separate Electorate) ବ୍ୟବସ୍ଥାର ପକ୍ଷଧର ଥିଲେ । ମାତ୍ର ସାମ୍ପ୍ରଦାୟିକ ଆଧାରରେ ଦେଶର ବିଭାଜନ ହେଲାପରେ ସେ ମଧ୍ୟ ଏହାର ବିରୋଧ କଲେ । ଆମ୍ବେଦକର ଏବଂ ଅନ୍ୟ ନେତୃବୃନ୍ଦଙ୍କ ଦୃଢ଼ ଯୁକ୍ତିଯୋଗୁଁ ସମ୍ବିଧାନ ସଭା ଆଇନ୍ ମାଧ୍ୟମରେ ଅସ୍ପୃଶ୍ୟତା ନିବାରଣ କରିବାକୁ, ମନ୍ଦିରରେ ଜାତି ନିର୍ବିଶେଷରେ ପ୍ରବେଶ ଅଧିକାର ଦେବାକୁ ତଥା ତଥାକଥିତ 'ନିମ୍ନ' ଜାତି ପାଇଁ ପାର୍ଲ୍ୟାମେଣ୍ଟ ଓ ବିଧାନସଭାରେ ଏବଂ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ କରିବାକି ନିଷ୍ପତ୍ତି ହେଲା । ଅବଶ୍ୟ ଏକଥା ସତ ଯେ କେବଳ ସାମ୍ବିଧାନିକ ପ୍ରାବଧାନ ବଳରେ ସାମାଜିକ ପକ୍ଷପାତିତାକୁ ଦୂର କରାଯାଇପାରିବ ନାହିଁ । ଏକଥା ସମ୍ବିଧାନ ସଭାର ଅନେକ ସଭ୍ୟ ମଧ୍ୟ କହିଥିଲେ । ମାତ୍ର ଉପସ୍ଥିତ ସ୍ଥିତିରେ ଏହା ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ସାମାଜିକ ପାର୍ଥକ୍ୟକୁ ହ୍ରାସ କରିବା ଦିଗରେ ଏକ ସକରାତ୍ମକ ଦୃଷ୍ଟି ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ହାତରେ କ'ଣ ସବୁ କ୍ଷମତା ରହିବ ? ଏହାକୁ ନେଇ ସମ୍ବିଧାନ ସଭାରେ ଖୁବ୍ ଚର୍ଚ୍ଚା ହେଲା । ନେହେରୁଙ୍କ ବିଚାରରେ କେନ୍ଦ୍ର ସରକାର ହାତରେ ଯଦି ପର୍ଯ୍ୟାପ୍ତ ମାତ୍ରାରେ କ୍ଷମତା ନ ରହେ, ଆଗକୁ ପୁଣି ଦେଶ ବିଭାଜିତ ହେବାର ଆଶଙ୍କା ବୃଦ୍ଧି ପାଇବ । ଅନ୍ୟପକ୍ଷରେ କେବଳ ସଂଘୀୟ ବ୍ୟବସ୍ଥା (Federal Structure) ହିଁ ଦେଶର ବିବିଧତାକୁ ସୁରକ୍ଷା ଦେଇପାରିବ । ତେଣୁ ରାଜ୍ୟଗୁଡ଼ିକ କଦାପି କ୍ଷମତା ଶୂନ୍ୟ କରାଯିବା କଥା ନୁହେଁ । ଉଭୟ ଦିଗକୁ ଦୃଷ୍ଟିରେ ରଖି ସମ୍ବିଧାନରେ କ୍ଷମତା ଓ ବିଭାଗଗୁଡ଼ିକୁ ତିନୋଟି ତାଲିକାରେ ରଖାଗଲା; କେନ୍ଦ୍ର ତାଲିକା, ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକା । କେନ୍ଦ୍ର ତାଲିକାଭୁକ୍ତ ବିଷୟ ଉପରେ କେନ୍ଦ୍ର ସକରାରର ଏବଂ ରାଜ୍ୟ ତାଲିକାଭୁକ୍ତ ବିଷୟ ଉପରେ ରାଜ୍ୟ ସରକାରର କର୍ତ୍ତୃତ୍ୱ ରହିଲା । ଅନ୍ୟପକ୍ଷରେ, ଯାହା ପୂର୍ବରୁ ଉଲ୍ଲିଖିତ, ଯୁଗ୍ମ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟର ଭାଗିଦାରୀ ରହିବ ବୋଲି ପ୍ରସ୍ତାବ ରହିଲା । ପ୍ରତିରକ୍ଷା, ମୁଦ୍ରା, ବୈଦେଶିକ ବ୍ୟାପାର, ଜାତୀୟ ସୁରକ୍ଷା,ଯୁଦ୍ଧ ଓ ଶାନ୍ତିଚୁକ୍ତି ଆଦିକୁ କେନ୍ଦ୍ର ତାଲିକା ଅନ୍ତର୍ଭୁକ୍ତ କରାଗଲା । ରାଜ୍ୟ ତାଲିକାଭୁକ୍ତ ହେଲା ପୋଲିସ, ଆଇନ୍‌ଶୃଙ୍ଖଳା,ଅବକାରୀ,ଜେଲ୍,ଜନସ୍ୱାସ୍ଥ୍ୟ, ଜମିଜମା,ରାସ୍ତାଘାଟ ଏବଂ କେନାଲ ଆଦି ବିଷୟ । ଯୁଗ୍ମ ତାଲିକାରେ ଟ୍ରେଡ୍ ୟୁନିୟନ୍,ଜନସଂଖ୍ୟା ଓ ପରିବାର କଲ୍ୟାଣ, ଶିକ୍ଷା,ଆର୍ଥିକ ଓ ସାମାଜିକ ଯୋଜନା ଏବଂ ପୁରାତତ୍ତ୍ୱସ୍ଥଳୀ ସଂରକ୍ଷଣ ଆଦିର ବିଷୟକୁ ରଖାଗଲା ।

ଏସବୁ ସତ୍ତ୍ୱେ କେତେକ ସଭ୍ୟ ଯୁକ୍ତି କଲେ ଯେ ସମ୍ବିଧାନ ସଭା କେନ୍ଦ୍ର ସରକାର ପାଖରେ ଅଧିକ କ୍ଷମତା ନ୍ୟସ୍ତ କରୁଛି, ଯାହା ରାଜ୍ୟଗୁଡ଼ିକୁ ଦୁର୍ବଳ କରିଦେବ । ମହିଶୂରର ସଭ୍ୟ ଏ.ରାମସ୍ୱାମୀ ମୁଦାଲିଅର ଯୁକ୍ତି କଲେ, କେନ୍ଦ୍ରଠାରେ ଅଧିକ କ୍ଷମତା ଠୁଳ କରିବା ଅର୍ଥ ସଚ୍ଚା ଦେଶଭକ୍ତି ନୁହେଁ । ଦେଶର ଭୌତିକ ସଂସାଧନ ସୁଚାରୁରୂପେ ବିତରିତ ହେଉ । ଗୋଟାଏ ସ୍ଥାନରେ ଠୁଳ ନହେଉ । ତାହା ହିଁ ହେବ ପ୍ରକୃତ ଜାତୀୟତା ଭାବ । ଓଡ଼ିଶାର ସଭ୍ୟ ଲୋକନାଥ ମିଶ୍ରଙ୍କ ମତରେ କେନ୍ଦ୍ରଠାରେ ଅଧିକ କ୍ଷମତା ନ୍ୟସ୍ତ ହେଲେ,ତାହା କେନ୍ଦ୍ରୀୟ ସରକାରକୁ ବି ଭାଙ୍ଗି ପକେଇବ । ଅନ୍ୟପକ୍ଷରେ କେନ୍ଦ୍ରଠାରେ ଅଧିକ କ୍ଷମତା ଦେବା ପାଇଁ ସମ୍ବିଧାନ ସଭାର ବହୁସଂଖ୍ୟକ ମତ ରହିଥିଲା । ଏହାର ପୃଷ୍ଠଭୂମିରେ ଥିଲା ଦେଶର ବିଭାଜନ, ଯାହା ଲକ୍ଷ ଲକ୍ଷ ଲୋକଙ୍କ ଧନଜୀବନ ନେଲା ଏବଂ ବହୁ ଅଧିକ

ଲୋକଙ୍କୁ ବାସଚ୍ୟୁତ ହେବାକୁ ବାଧ କଲା । କେନ୍ଦ୍ର ସରକାର ଦୁର୍ବଳ ହେଲେ ଏଭଳି କୃତ୍ରିମ ଦୁର୍ଦ୍ଦିନର ପୁନରାବୃତ୍ତି ହୋଇପାରେ ବୋଲି ଅନେକ ଆଶଙ୍କା ପ୍ରକାଶ କରୁଥିଲେ । ଆମ୍ବେଦକର ନିଜ ବକ୍ତବ୍ୟରେ ସୁସ୍ପଷ୍ଟ କରିଥିଲେ ଯେ ୧୯୩୫ର ଭାରତ ଆଇନ (Government of India Act) କାଳୀନ ସରକାର ତୁଳନାରେ ଏବର କେନ୍ଦ୍ର ସରକାର ପାଖରେ ଯଥେଷ୍ଟ ଅଧିକ କ୍ଷମତା ରହିବା କଥା । କେନ୍ଦ୍ର ପାଖରେ କ୍ଷମତା ନ ରହିଲେ ସାମ୍ପ୍ରଦାୟିକ ଦଙ୍ଗାକୁ ପ୍ରତିହତ କରାଯାଇପାରିବ ନାହିଁ । ଯୁକ୍ତ ପ୍ରଦେଶର ବାଳକୃଷ୍ଣ ଶର୍ମା ଯୁକ୍ତି ଦେଲେ ଯେ କେବଳ ମଜବୁତ କେନ୍ଦ୍ର ହିଁ ରାଷ୍ଟ୍ରର ସାମୂହିକ ହିତ ପାଇଁ କାର୍ଯ୍ୟ କରିପାରିବ, ଆର୍ଥିକ ସଂସାଧନର ଉପଯୁକ୍ତ ଉପଯୋଗ କରି ପାରିବ ତଥା ବୈଦେଶିକ ଆକ୍ରମଣରୁ ରାଷ୍ଟ୍ରକୁ ପ୍ରତିରକ୍ଷା ଦେଇପାରିବ ।

ପ୍ରକୃତରେ ଦେଖିଲେ, ଉପନିବେଶବାଦୀମାନେ ଦେଶକୁ ବସ୍ତୁତଃ ଏକ କେନ୍ଦ୍ରୀୟ ସରକାର କରି ଗଢିଥିଲେ । ବିଭାଜନକାଳୀନ ସମସ୍ୟା ଯୋଗୁଁ ସମ୍ବିଧାନ ସଭା କେନ୍ଦ୍ର ସରକାରକୁ ଆହୁରି ମଜବୁତ କରିବାକୁ ନିଷ୍ପତ୍ତି ନେଲା । ଏସବୁ ସତ୍ତ୍ୱେ ସମ୍ବିଧାନରେ ରାଜ୍ୟ ତାଲିକା ଏବଂ ଯୁଗ୍ମ ତାଲିକାକୁ ସ୍ଥାନିତ କରି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ତାଳମେଳ ରକ୍ଷା ପାଇଁ ସମ୍ବିଧାନ ସଭା ପ୍ରୟାସ କରିଥିଲା ।

ସ୍ୱାଧୀନ ରାଷ୍ଟ୍ରର ଭାଷା କ'ଣ ହେବ ? ଲୋକ ଯଦି ବିଭିନ୍ନ ଭାଷାର ପ୍ରୟୋଗ କରିବେ, ଜାତୀୟ ସଂହତି କେମିତି ସୁରକ୍ଷିତ ରହିବ ? ସେ କ୍ଷେତ୍ରରେ, ଲୋକ ପରସ୍ପରକୁ ବୁଝିପାରିବେ କେମିତି ? ଏସବୁ ପ୍ରଶ୍ନକୁ ନେଇ ସମ୍ବିଧାନ ସଭାରେ ମାସ ମାସ ଧରି ବିଚାର ଆଲୋଚନା ଚାଲିଲା, ତର୍କ ବିତର୍କ ହେଲା ।

୧୯୧୯ରେ ଅମୃତସର ଅଧିବେଶନରେ ଜାତୀୟ କଂଗ୍ରେସ ଆଞ୍ଚଳିକ ଭାଷା ଆଧାରରେ ଦଳର ପ୍ରାଦେଶିକ ଶାଖା ଗଠନ ପାଇଁ ନିଷ୍ପତ୍ତି ନେଇଥିଲା । ଏହା ଦଳର ଜନାଧାରକୁ ବ୍ୟାପକ କରିଥିଲା । ଆଞ୍ଚଳିକ ଭାଷାର ମହତ୍ତ୍ୱକୁ ମଧ ସ୍ୱୀକୃତି ମିଳିଲା । ଏହି ସମୟରେ ହିନ୍ଦୁସ୍ତାନୀକୁ ମାଧ୍ୟମ ଭାଷା ରୂପେ ପ୍ରୋତ୍ସାହିତ କରିବାକୁ ମହାତ୍ମାଗାନ୍ଧି ଆହ୍ୱାନ ଦେଲେ । ହିନ୍ଦୁସ୍ତାନୀର ଅର୍ଥ ହିନ୍ଦୀ ଏବଂ ଉର୍ଦ୍ଦୁର ମିଶ୍ରିତ ରୂପେ । ତହିଁରେ ଅନ୍ୟ ଆଞ୍ଚଳିକ ଭାଷା ଓ ସଂସ୍କୃତିର ଶବ୍ଦ, ଉପମା,ଅଳଙ୍କାର ଓ ପ୍ରତିମାନ ଆଦି ଅବାଧରେ ଯୋଡିହେଲେ, ଯାହା ହିନ୍ଦୁସ୍ତାନୀକୁ ଏକ ସହଜ,ସୁଗମ ଓ ବ୍ୟବହାରିକ ଭାଷାରେ ପରିଣତ ହେଲା । ହିନ୍ଦୁସ୍ତାନୀରେ ଉଭୟ ଉଚ୍ଚାରଣଗତ ଓ ବ୍ୟାକରଣଗତ ଶୁଦ୍ଧତା ତୁଳନାରେ ଭାଷାର ବୋଧଗମ୍ୟତା ଉପରେ ଅଧିକ ମହତ୍ତ୍ୱ ଦିଆଗଲା । ଏମିତିରେ ଜାତୀୟ ଆନ୍ଦୋଳନ ବେଳେ ଲୋକ ପରସ୍ପର ମଧ୍ୟରେ ଭେଦଭାବ ଊଣା କରିବାକୁ ପ୍ରୟାସ କରୁଥିଲେ । ହିନ୍ଦୁସ୍ତାନୀର ପ୍ରୟୋଗ ଜାତୀୟ ସଂହତିର ମାର୍ଗକୁ ଉନ୍ମୁକ୍ତ କଲା । ହିନ୍ଦୁସ୍ତାନୀ ଦେଶରେ ହିନ୍ଦୀ ଓ ଉର୍ଦ୍ଦୁ ବ୍ୟବଧାନକୁ ତଥା ଉତ୍ତର ଭାରତ ଏବଂ ଦକ୍ଷିଣ ଭାରତ ମଧ୍ୟରେ ସୃଷ୍ଟି ହୋଇଥିବା ଭାଷାଗତ ପ୍ରତିବନ୍ଧକକୁ ଊଣା କରିବ ବୋଲି ମହାତ୍ମାଗାନ୍ଧୀ କହୁଥିଲେ ।

ମାତ୍ର ଅବଶୋଷର କଥା ଯେ ଦେଶରେ ସାମ୍ପ୍ରଦାୟିକ ବିଦ୍ୱେଷ ବୃଦ୍ଧି ପାଇବାରୁ ଭାଷାକୁ ବି ତହିଁରେ ସାମିଲ କରିବାକୁ ଉଦ୍ୟମ ହେଲା । ହିନ୍ଦୀକୁ ହିନ୍ଦୁର ଭାଷା ଏବଂ ଉର୍ଦ୍ଦୁକୁ ମୁସଲମାନର ଭାଷା ରୂପେ ସାମ୍ପ୍ରଦାୟିକ ଶକ୍ତିମାନେ ଚିହ୍ନିତ କଲେ । ହିନ୍ଦିରେ ସଂସ୍କୃତର ବହୁଳତା ଏବଂ ଉର୍ଦ୍ଦୁରେ ପାର୍ସୀ ଓ ଆରବିକ ଭାଷାର ବହୁଳତା ଉପରେ ସେମାନେ ପ୍ରାଧାନ୍ୟ ଦେଲେ । ଏହି ସ୍ଥିତିର ବିକଳ୍ପ ଥିଲା ହିନ୍ଦୁସ୍ତାନୀ,ଯାହା ଏକ ସମନ୍ୱିତ ସଂସ୍କୃତିର ପରିଚାୟକ ହେବାକୁ ପ୍ରୟାସ କରିଥିଲା ।

ସମ୍ବିଧାନ ସଭାରେ ମଧ୍ୟ ଭାଷା ବିଷୟକ ବିଭିନ୍ନ ଯୁକ୍ତି-ପ୍ରତିଯୁକ୍ତିର ଗୁଞ୍ଜରଣ ଶୁଣାଗଲା । କଂଗ୍ରେସ ଦଳର କେତେକ ସଭ୍ୟ ସମ୍ବିଧାନର ଭାଷା ହିନ୍ଦୀ ଏବଂ ହିନ୍ଦୁସ୍ତାନୀ ହେବା କଥା ବୋଲି ଯୁକ୍ତି କଲେ । ଯୁକ୍ତ ପ୍ରଦେଶର ଆର.ଭି.ଧୁଲେକର ନିଜ ବକ୍ତବ୍ୟରେ କହିଲେ, ଯେଉଁମାନେ ହିନ୍ଦୁସ୍ତାନୀ ଜାଣି ନାହାନ୍ତି, ସେମାନେ ସମ୍ବିଧାନ ସଭାରେ ଭାଗନେବା ପାଇଁ ଅଯୋଗ୍ୟ । ଏହା ଅନେକ ଅଣ-ହିନ୍ଦୀ ଭାଷୀ ସଭ୍ୟଙ୍କୁ ଖୁବ୍ ବାଧିଲା । ଭାଷା ସମସ୍ୟାକୁ ଦୂର କରିବା ନିମିତ୍ତ ସମ୍ବିଧାନ ସଭା ଏକ 'ଭାଷା କମିଟି' ଗଠନ କଲା । କମିଟିର ପ୍ରସ୍ତାବ ଅନୁଯାୟୀ, ଦେବନାଗରୀ ଲିପିରେ ହିନ୍ଦିକୁ ଦେଶର ସରକାରୀ ଭାଷା ରୂପେ ଗ୍ରହଣ କରାଯିବ । ମାତ୍ର ଏଥିପାଇଁ ସମୟାନ୍ତର ରହିବ । ପନ୍ଦର ବର୍ଷ ପର୍ଯ୍ୟନ୍ତ ଇଂରାଜୀକୁ ସରକାରୀ ଭାଷାର ମାନ୍ୟତା ଦିଆଯିବ ଏବଂ ସେହି ସମୟ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ଏକ ଆଞ୍ଚଳିକ ଭାଷାକୁ ସରକାରୀ ମାନ୍ୟତା ଦେବା ନିମନ୍ତେ ଆବଶ୍ୟକ ସୁବିଧା ସୁଯୋଗ ସୃଷ୍ଟି କରିବେ । ୧୯୬୫ ପର୍ଯ୍ୟନ୍ତ କଚେରି ଏବଂ ସରକାରୀ କାର୍ଯ୍ୟାଳୟର ନଥିପତ୍ରକୁ ଇଂରାଜୀରେ ପ୍ରସ୍ତୁତ କରାଯିବ ।

ହିନ୍ଦୀକୁ ଯଦି ସମସ୍ତଙ୍କ ଉପରେ ଚାପି ଦିଆଯାଏ, ଦକ୍ଷିଣ ଭାରତରେ ତାହା ସ୍ୱୀକାର୍ଯ୍ୟ ହେବ ନାହିଁ ବୋଲି ମାଡ୍ରାସର ଜି.ଦୁର୍ଗାବତୀ ଯୁକ୍ତି ଦର୍ଶାଇଲେ । ଗାନ୍ଧିଜୀଙ୍କ ପ୍ରେରଣାରେ ସ୍ୱାଭାବିକ ଭାବରେ ଦକ୍ଷିଣ ଭାରତର କଂଗ୍ରେସ କର୍ମୀମାନେ ହିନ୍ଦୁସ୍ତାନୀର ପ୍ରସାର ଲାଗି ସ୍କୁଲ ମାନ ସ୍ଥାପନ କରିଥିଲେ । ମାତ୍ର ଗାନ୍ଧିଜୀଙ୍କ କଳ୍ପିତ ହିନ୍ଦୁସ୍ତାନୀରୁ ଉର୍ଦ୍ଦୁ ଓ ଅନ୍ୟାନ୍ୟ ଶବ୍ଦକୁ ଯଦି ବାଦ ଦିଆଯାଏ ଏବଂ ଶୁଦ୍ଧ ହିନ୍ଦୀ ରୂପରେ ତାକୁ ସମସ୍ତଙ୍କ ଉପରେ ଲଦି ଦିଆଯାଏ, ଲୋକଙ୍କ ମଧ୍ୟରେ ହିନ୍ଦି ପ୍ରତି ଭୟ ସୃଷ୍ଟି ହେବ । ଆଞ୍ଚଳିକ ଭାଷାଗୁଡିକ ଭୟରେ ପ୍ରମୋଦ ଗଣିବେ । ଜାତୀୟ ସଂହତିରେ ହିନ୍ଦୀ ବାଧକ ମନେହେବ ବୋଲି ଅନେକ ସଭ୍ୟ ମତ ଦେଲେ ।

ଭାଷା ପ୍ରସଙ୍ଗକୁ ନେଇ ସଭ୍ୟମାନଙ୍କ ମଧ୍ୟରେ ଯେତେବେଳେ ବିବାଦ ତେଜିଲା, ବମ୍ବେର ଶଙ୍କର ରାଓ ଦେଓ କହିଲେ, ମହାତ୍ମାଗାନ୍ଧୀଙ୍କର ଜଣେ ସମର୍ଥକ ଏବଂ କଂଗ୍ରେସ କର୍ମୀ ଭାବରେ ମୁଁ ଆଜୀବନ ହିନ୍ଦୁସ୍ତାନୀକୁ ରାଷ୍ଟ୍ରଭାଷା ଭାବରେ ମର୍ଯ୍ୟାଦା ଦେଇ ଆସିଛି । ଭାଷା ପ୍ରସଙ୍ଗରେ ଯଦି ମୋର ପୂର୍ଣ୍ଣ ସମର୍ଥନ ଲୋଡା ଏଭଳି କିଛି କରନ୍ତୁ ନାହିଁ, ଯଦ୍ୱାରା ମୋ ମନରେ ହିନ୍ଦୀ ପ୍ରତି ଭୟ ବଢିଯିବ । ମାଡ୍ରାସର ଟି.ଏ.ରାମଲିଙ୍ଗମ୍ ଚେଟ୍ଟିଆର ମଧ୍ୟ ଯୁକ୍ତି କଲେ ଯେ ହିନ୍ଦୀକୁ ବଳପୂର୍ବକ ସରକାରୀ ଭାଷା ରୂପେ ଲଦି ଦେଲେ, ତାହା ହିନ୍ଦୀର ହିତକାରୀ ସିଦ୍ଧ ହେବ ନାହିଁ । ଲୋକଙ୍କ ମନରେ ଭୟ ସୃଷ୍ଟି ହେଲେ,ହୁଏତ ଭୟ ଅମୂଳକ ହୋଇପାରେ, ତାକୁ ଦୂର କରିବା ପାଇଁ ପ୍ରୟାସ ହେବା କଥା । ଅନ୍ୟଥା ତିକ୍ତତା ବୃଦ୍ଧି ପାଇବ । ଲୋକ ଯେତେବେଳେ ମିଳିମିଶି ରହିବା ପାଇଁ ତଥା ଏକ ସଂଯୁକ୍ତ ରାଷ୍ଟ୍ର ଗଠନ ପାଇଁ ବ୍ରତ କରିଛନ୍ତି , ଲୋକଙ୍କ ଭିତରେ ଆପୋସ ତାଳମେଳ ଲୋଡା । ତହିଁରେ ବଳ ପ୍ରୟୋଗର ପ୍ରଶ୍ନ ଉଠିବା କଥା ନୁହେଁ ।

**ସାରାଂଶ**

ଭାରତର ସମ୍ବିଧାନ ଏକ ଦୀର୍ଘ ପ୍ରକ୍ରିୟାରେ ପ୍ରଣୀତ ହୋଇଛି । ତର୍କ-ବିତର୍କ, ବିଚାର-ଆଲୋଚନାର ଅନ୍ତିମ ଫଳାଫଳ ରୂପେ ତାକୁ ଦେଖିହେବ । ଏଥିରେ ସନ୍ନିବେଶିତ ପ୍ରତିଟି ବିଷୟ ପାଇଁ ଆପୋସ ତାଳମେଳ କରିବାକୁ ପଡ଼ିଛି । ଏହା ହେଲା ଭାରତୀୟ ସମ୍ବିଧାନର ଅନ୍ତଃଶକ୍ତି । ପ୍ରତ୍ୟେକ ପ୍ରାପ୍ତ ବୟସ୍କ ଭାରତୀୟକୁ ନାଗରିକର ମାନ୍ୟତା ଦେଇଛି ସମ୍ବିଧାନ । ଏହା ସମ୍ବିଧାନର ଲୋକଙ୍କ ଉପରେ ଥିବା ଆସ୍ଥାକୁ ଦର୍ଶାଉଛି । ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର

ଆମେରିକା ଭଳି ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଏକା ଥରକେ ସବୁ ବୟସ୍କଙ୍କୁ ନାଗରିକର ମାନ୍ୟତା ଓ ମତଦାନର ଅଧିକାର ପ୍ରାପ୍ତ ହୋଇ ନଥିଲା । ପ୍ରଥମେ ସମ୍ପତ୍ତିଧାରୀଙ୍କୁ ଏହି ଅଧିକାର ମିଳିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାକୁ ମଧ୍ୟ ଆଧାର କରାଗଲା । ଶେଷକୁ ତୃତୀୟ ପର୍ଯ୍ୟାୟରେ ଯାଇ ଶ୍ରମିକ, କୃଷକ ଏବଂ ମହିଳାମାନଙ୍କୁ ମତାଧିକାର ଦିଆଯାଇଥିଲା । ଇଂରେଜ ଶାସନରେ ମଧ୍ୟ ୧୯୧୯ରୁ ଭାରତରେ ସୀମିତ ମତଦାନ ବ୍ୟବସ୍ଥା ଲାଗୁ ହୋଇଥିଲା । ଏହାର ବିପରୀତ ଭାରତୀୟ ସମ୍ବିଧାନ ସମସ୍ତ ବୟସ୍କଙ୍କୁ ନାଗରିକତ୍ୱ ପ୍ରଦାନ କଲା, ଯାହାକୁ ଏକ ଐତିହାସିକ ନିଷ୍ପତ୍ତି କୁହାଯିବ ।

ଧର୍ମନିରପେକ୍ଷତା ହେଲା ଭାରତୀୟ ସମ୍ବିଧାନର ଆଉ ଏକ ବିଶିଷ୍ଟ ଚରିତ୍ର । ସାମ୍ପ୍ରଦାୟିକ ଆଧାରରେ ଦେଶ ବିଭାଜନ ହେଲା । ତା'ସତ୍ତ୍ୱେ, ଧର୍ମନିରପେକ୍ଷତାକୁ ସମ୍ବିଧାନ ମହତ୍ତ୍ୱ ଦେଲା । ଧର୍ମନିରପେକ୍ଷତାର ଅର୍ଥ ହେଲା, ରାଷ୍ଟ୍ରର କୌଣସି ନିଜସ୍ୱ ଧର୍ମ ନାହିଁ ଏବଂ ଧାର୍ମିକ ପରିପ୍ରେକ୍ଷୀରେ ରାଷ୍ଟ୍ର କୌଣସି ଧର୍ମ ପ୍ରତି ପକ୍ଷପାତ କରିବ ନାହିଁ । ଧର୍ମ ନିର୍ବିଶେଷରେ ପ୍ରତ୍ୟେକଙ୍କୁ ସମାନ ଅଧିକାର ଏବଂ ସୁବିଧା ସୁଯୋଗ ପ୍ରାପ୍ତ ହେବ । ଧର୍ମନିରପେକ୍ଷତାର ପ୍ରଣିଧାନ ବିବିଧତାଭରା ଭାରତର ଏକ ବଡ ଶକ୍ତି ।

ଦେଶର ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସର ମୁଖ୍ୟ ଭୂମିକା ରହିଥିଲା । ସମ୍ବିଧାନ ସଭାରେ ମଧ୍ୟ ଅଧିକାଂଶ ସଭ୍ୟ ଥିଲେ କଂଗ୍ରେସ ଦଳର । ତା'ସତ୍ତ୍ୱେ, କଂଗ୍ରେସରୁ ଭିନ୍ନମତ ରଖୁଥିବା ବ୍ୟକ୍ତିଙ୍କୁ ମଧ୍ୟ ସମ୍ବିଧାନ ସଭାରେ ଯଥେଷ୍ଟ ମହତ୍ତ୍ୱ ଦିଆଯାଇଥିଲା । ଡକ୍ଟର ଭୀମରାଓ ଆମ୍ବେଦକର କଂଗ୍ରେସର ସଭ୍ୟ ନଥିବା ସତ୍ତ୍ୱେ, ତାଙ୍କୁ ଗୁରୁତ୍ୱପୂର୍ଣ୍ଣ 'ଡ୍ରାଫ୍ଟିଂ-କମିଟୀ'ର ସଭାପତି ପଦରେ ନିଯୁକ୍ତ କରାଯାଇଥିଲା । ଏହି କାରଣରୁ ସମ୍ବିଧାନର ପ୍ରଣୟନରେ ଭିନ୍ନ ମତକୁ ଅଲୋଡା ମନେ କରାଯାଉ ନଥିଲା, ଯାହା ସମ୍ବିଧାନକୁ ଦୃଢବଳ ଏବଂ ଦୃଢମୂଳ କଲା ।

ସମ୍ବିଧାନ ସଭାର ତର୍କ-ବିତର୍କ ଅଧ୍ୟୟନ କଲେ ଭାରତର ବୌଦ୍ଧିକ ସଂସ୍କୃତି ସମ୍ବନ୍ଧରେ ଜ୍ଞାନ ବଢେ ଏବଂ ସମ୍ବିଧାନକୁ ବୁଝିବା ସହଜ ହୁଏ । କୌଣସି ଏକ ସାର୍ବଜନୀନ ପ୍ରସଙ୍ଗରେ ନିଷ୍ପତ୍ତି ନେଲାବେଳେ ସମସ୍ତଙ୍କ ମତକୁ ମହତ୍ତ୍ୱ ଦିଆଯିବା କଥା; ଅଳ୍ପ ମତକୁ ମଧ୍ୟ ଉପେକ୍ଷା କରାଯିବା କଥା ନୁହେଁ । ସମ୍ବିଧାନ ପ୍ରଣୟନକୁ ନେଇ ଆଲୋଚନା କଲାବେଳେ ଆମେ ଏହି କଥାକୁ ହୃଦୟଙ୍ଗମ କରିପାରିବା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

### (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର)

**୧। ପ୍ରତ୍ୟେକ ପ୍ରଶ୍ନ ସହ ଚାରିଟି ପ୍ରସ୍ତାବିତ ଉତ୍ତର ଦିଆଯାଇଛି ସଠିକ୍ ଉତ୍ତରଟିକୁ ବାଛି ଲେଖ ।**

(କ) ନିମ୍ନୋକ୍ତ କେଉଁ ମସିହାରେ ନୂତନ ସମ୍ବିଧାନକୁ ଦେଶରେ ଲାଗୁ କରାଗଲା ?

(i) ୧୯୪୭ (ii) ୧୯୪୬

(iii) ୧୯୪୯ (iv) ୧୯୫୦

(ଖ) କିଏ ସମ୍ବିଧାନ 'ଡ୍ରାଫ୍ଟି' କମିଟୀ ର ସଭାପତି ଥିଲେ ?

(i) ଜବାହାରଲାଲ ନେହେରୁ (ii) ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ

(iii) ଡ.ଭୀମରାଓ ଆମ୍ବେଦକର (iv) ବି.ଏନ୍.ରାଓ

(ଗ) କିଏ ସମ୍ବିଧାନ ସଭାରେ ଚିଠା ପ୍ରସ୍ତୁତିରେ ବିଶେଷ ସହଯୋଗ କରୁଥିଲେ ?

(i) ଏସ୍.ଏନ.ମୁଖାର୍ଜୀ (ii) ଜବାହାରଲାଲ ନେହେରୁ

(iii) ରାଜେନ୍ଦ୍ର ପ୍ରସାଦ (iv) ସର୍ଦ୍ଦାର ପଟେଲ

(ଘ) ନିମ୍ନୋକ୍ତ କେଉଁ ନେତା ଥିଲେ ସମ୍ବିଧାନ ସଭାରେ ଆଦିବାସି ସମାଜର ପ୍ରମୁଖ ପ୍ରତିନିଧି ?

(i) ଏନ୍.ଜି.ରଙ୍ଗା (ii) ଜୟପାଲ ସିଂହ

(iii) ଆର୍.ଭି.ଧୂଲେକର (iv) ବି.ପୋକର

(ଙ) ନିମ୍ନୋକ୍ତ କେଉଁ ସଭ୍ୟ ସମ୍ବିଧାନ ସଭାରେ ପୃଥକ୍ ନିର୍ବାଚନ (Separate Electorate) ର ସପକ୍ଷରେ ଯୁକ୍ତି କରୁଥିଲେ ?

(i) ବି.ପୋକର (ii) ଏନ୍.ଜି.ରଙ୍ଗା

(iii) ଏଇଜାଦ ରସୁଲ (iv) ଲୋକନାଥ ମିଶ୍ର

## 'ଖ' ବିଭାଗ

**୨। ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ । (ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର)**

(କ) ପୃଥକ ନିର୍ବାଚନ (Separate Electorate) କୁ କାହିଁକି ସମ୍ବିଧାନ ସଭାରେ ଗ୍ରହଣ କରାଗଲା ନାହିଁ ?

(ଖ) ଇଂରେଜମାନଙ୍କର 'ଭାଗ କରି ଭୋଗକର' (Devide and Rule) ନୀତି ପଛରେ ଉଦ୍ଦେଶ୍ୟ ଲେଖ ।

(ଗ) କେନ୍ଦ୍ର ତାଲିକାଭୁକ୍ତ ବିଷୟ ଅର୍ଥ କ'ଣ ?

(ଘ) ହିନ୍ଦୁସ୍ତାନୀର ପ୍ରଚଳନ ସପକ୍ଷରେ ଦୁଇଟି ଯୁକ୍ତି ଦିଅ ।

(ଙ) ସଂଘୀୟ ବ୍ୟବସ୍ଥା (Federal System) ମାନେ କ'ଣ

(ଚ) ରାଷ୍ଟ୍ରପତିଙ୍କ ନିର୍ବାଚନ ସମ୍ବନ୍ଧରେ ବୁଝାଅ ।

(ଛ) ସମ୍ବିଧାନର 'ଉଦ୍ଦେଶ୍ୟ ପ୍ରସ୍ତାବ'(Objcetive Resolution) କୁ କିଏ ଓ କେବେ ଆଗତ କରିଥିଲେ ?

(ଜ) 'ସ୍ୱାଧୀନ ସାର୍ବଭୌମ ସାଧାରଣତନ୍ତ୍ର' ର ଅର୍ଥ କ'ଣ ବୁଝ ?

(ଝ) ବିଶ୍ୱଗ୍ରାମ (Global Village) ମାନେ କ'ଣ ବୁଝ ?

(ଞ)ଇଂରେଜ ଶାସନ ପୂର୍ବରୁ ଭାରତର ସମାଜରେ ରହିଥିବା ପକ୍ଷପାତିତା ସମ୍ବନ୍ଧରେ ସଂକ୍ଷେପରେ ବ୍ୟାଖ୍ୟା କର ।

**୩। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଞ୍ଚ ବା ଛଅଟି ବାକ୍ୟରେ ଲେଖ ।**

**(ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ନମ୍ବର)**

(କ) ସମ୍ବିଧାନ ପ୍ରଣୟନ ସଭାର ଗଠନ କିପରି ହେଲା ?

(ଖ) ସମ୍ବିଧାନ ପ୍ରଣୟନରେ ବି.ଆର.ଆମ୍ବେଦକରଙ୍କର ଭୂମିକା ଉଲ୍ଲେଖ କର ।

(ଗ) ଧର୍ମନିରପେକ୍ଷତା କହିଲେ କ'ଣ ବୁଝ ? ଭାରତୀୟ ସମ୍ବିଧାନରେ ଏହାର ବିଶେଷତ୍ୱ କ'ଣ ?

(ଘ) ସମ୍ବିଧାନ ସଭାରେ ଭାଷା ବିଷୟକ ବିଭିନ୍ନ ଯୁକ୍ତି ଉପରେ ଅଲୋକପାତ କର ।

(ଙ) ଜୟପାଲ ସିଂହ କିଏ ? ସମ୍ବିଧାନ ପ୍ରଣୟନରେ ତାଙ୍କର କ'ଣ ଅବଦାନ ରହିଥିଲା ?

## 'ଗ' ବିଭାଗ (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ)

୪। ଭାରତୀୟ ସମ୍ବିଧାନରେ ଧର୍ମନିରପେକ୍ଷତାକୁ କାହିଁକି ମହତ୍ତ୍ୱ ଦିଆଯାଇଛି ?

୫। ସମ୍ବିଧାନ ପ୍ରଣୟନରେ ଭିନ୍ନ ମତକୁ ମହତ୍ତ୍ୱ ଦିଆଯାଇଥିଲା । ଏହି ଉକ୍ତିର ବିଶ୍ଳେଷଣ କର ।

COPY RIGHT RESERVED BY
COUNCIL OF HIGHER SECONDARY EDUCATION
ODISHA, BHUBANESWAR

Printed by : Odisha State Bureau of Text Book Preparation and Production, Bhubaneswar